
AHSC EXAM
2024-25

# ମାଧ୍ୟମିକ ପରୀକ୍ଷା ପ୍ରଦୀପ




ଅଶୋକ ଦାସ ଫାଉଣ୍ଡେସନ୍



# ମାଧ୍ୟମିକ ପରୀକ୍ଷା ପ୍ରଦୀପ

(୨୦୨୪-୨୫ ଶିକ୍ଷା ବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ)

**AHSC EXAM -2024-25**

ସମୀକ୍ଷକ
ପଣ୍ଡିତ ଭୂପତି ଭୂଷଣ ମିଶ୍ର

ପ୍ରକାଶକ
ଅଶୋକ ଦାସ ଫାଉଣ୍ଡେସନ, ଯାଜପୁର

ଅଟ୍ଟାଳିକାଟିଏ ........

ଗଢିତୋଳିବାପାଇଁ ଯେଉଁପରି ସୁଦୃଢ ମୂଳଭିତିଭୂମିର ଆବଶ୍ୟକତା ରହିଛି, ସେହିପରି ଉଜ୍ଜ୍ୱଳମଣିଷ ଆଉସୁନ୍ଦର ଭବିଷ୍ୟତଟିଏ ତିଆରିକରିବାପାଇଁ, ବିଦ୍ୟାର୍ଥୀ ମାନଙ୍କର ଶୈକ୍ଷିକ ଜୀବନ ଅଧିକ ପ୍ରଭାବଶାଳୀ ଓ ରୁଚି ସଂପନ୍ନ କରିବା ଅତ୍ୟନ୍ତ ଆବଶ୍ୟକ ।

ଅଶୋକ ଦାସ ଫାଉଣ୍ଡେସନ ଶୈକ୍ଷିକ ବିକାଶପାଇଁ ଏକ ଛୋଟିଆ ପ୍ରୟାସଟିଏ କରିଛି । ଅଶୋକ ଦାସ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ, ଯାଜପୁରର ପ୍ରବାଦ ପୁରୁଷ ସ୍ୱର୍ଗତ ଅଶୋକ ଦାସଙ୍କ ପୁଣ୍ୟ ସ୍ମୃତିରେ ଜନସାଧାରଣଙ୍କ ସେବା ଓ ସହଯୋଗ ପାଇଁ ଏହି ସ୍ୱେଚ୍ଛାସେବୀ ସଙ୍ଗଠନ ସଦାସର୍ବଦା ଅଙ୍ଗୀକାରବଦ୍ଧ । ରକ୍ତଦାନ, ବୃକ୍ଷରୋପଣ, ସ୍ୱାସ୍ଥ୍ୟଶିବିର ସହିତ ଶୈକ୍ଷିକ ବିକାଶପାଇଁ ସଙ୍ଗଠନ ପ୍ରୟାସ ଜାରିରଖିଛି।

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ । ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ହାତକୁ ନବାପାଇଁ ପ୍ରୟାସ ଜାରିରଖିଛି । ଏଥିପାଇଁ ସମ୍ମାନନୀୟ ପୂଜ୍ୟଶିକ୍ଷକ, ଅଭିବାବକ ଓ ଶ୍ରଦ୍ଧେୟ ବିଦ୍ୟାର୍ଥୀ ମାନଙ୍କର ସହଯୋଗ କାମନା କରୁଛୁ ।

ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଛାତ୍ର ଛାତ୍ରୀଙ୍କ ଇଚ୍ଛାକୁ ସାକାରରୂପ ଦେବାପାଇଁ ଚଳିତବର୍ଷ ୨୪ – ୨୫ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ **"ପରୀକ୍ଷା ପ୍ରଦୀପ"** ପୁସ୍ତକଟିକୁ ଉପହାର ଦବାକୁ ସଂକଳ୍ପ ଗ୍ରହଣ କରାଯାଇଛି ।

ସଂପାଦକ ମଣ୍ଡଳୀଙ୍କର ସହଯୋଗ ଓ ଆନ୍ତରିକ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିବା ସହିତ ଭବିଷ୍ୟତରେ ସେମାଙ୍କର ଶୁଭେଚ୍ଛା କାମନା କରୁଛୁ ।

ପ୍ରିୟ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା କାମନା କରି ମା' ବିରଜାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।

ଅଶୋକ ଦାସ ଫାଉଣ୍ଡେସନ , ଜହ୍ନବଗିଚା, ଯାଜପୁର

ମୋ – **8249185453**

# ମାଧ୍ୟମିକ ପରୀକ୍ଷା ପ୍ରଦୀପ

# ODIA
# (FLO)

**ASHOK DAS FOUNDATION, JAJPUR**

# ସୂଚୀପତ୍ର


| ଗଦ୍ୟ | ପୃଷ୍ଠା ସଂଖ୍ୟା |
|---|---|
| ୧- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର | ୦୬ |
| ୨- ଜନ୍ମଭୂମି | ୧୩ |
| ୩- ସଭ୍ୟତା ଓ ବିଜ୍ଞାନ | ୨୩ |
| ୪- ମାତୃଭାଷା ଓ ଲୋକଶିକ୍ଷା | ୨୬ |
| ୫- ନରେନ୍‌ରୁ ବିବେକାନନ୍ଦ | ୨୯ |
| ୬- ଓଡିଆ ସାହିତ୍ୟ କଥା | ୩୫ |

| ଗଳ୍ପ- ଏକାଙ୍କିକା | ପୃଷ୍ଠା ସଂଖ୍ୟା |
|---|---|
| ୧୧୪- କାଠ | ୭୭ |
| ୧୧୫- କାଳର କପୋଳ ତଳେ | ୮୧ |
| ୧୧୬-ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ | ୮୫ |
| ୧୧୭- କୋଣାର୍କ | ୮୭ |
| ୧୧୮- ଫଲଗୁ | ୮୯ |

| ପଦ୍ୟ | ପୃଷ୍ଠା ସଂଖ୍ୟା |
|---|---|
| ୭- ବନ୍ଦେ ଉତ୍କଳ ଜନନୀ | ୩୭ |
| ୮- ଭୀମଙ୍କ ସିଂହନାଦ ରଢି | ୪୪ |
| ୯- ରାଘବଙ୍କ ଲଙ୍କା ଯାତ୍ରାନୁଭୂତି | ୫୪ |
| ୧୦- ଚିଲିକାରେ ସାୟନ୍ତନ ଦୃଶ୍ୟ | ୬୧ |
| ୧୧- ମଙ୍ଗଳେ ଅଇଲା ଉଷା | ୬୯ |
| ୧୨- ଜାଗ ବନ୍ଧନ ହରା | ୭୩ |
| ୧୩- ସର୍ବଂସହା ମାଟି | ୭୬ |

| ବ୍ୟାକରଣ | ପୃଷ୍ଠା ସଂଖ୍ୟା |
|---|---|
| ୧୯- ବାକ୍ୟ ବିଚାର | ୯୨ |
| ୨୦- ଣତ୍ୱ' ବିଧି ଓ 'ଷତ୍ୱ' ବିଧି | ୯୪ |
| ୨୧- ଛନ୍ଦ ଓ ଅଳଙ୍କାର | ୯୬ |
| ୨୨- ରୂଢ଼ି ଓ ଲୋକବାଣୀ | ୧୦୧ |
| ୨୩- ରଚନା | ୧୦୪ |
| ୨୪- ଦରଖାସ୍ତ ଓ ପତ୍ରଲିଖନ | ୧୧୨ |
| ୨୫- ଅନୁଚ୍ଛେଦ ଲିଖନ | ୧୨୦ |
| ୨୬- ଅଭ୍ୟାସ ପ୍ରଶ୍ନ | ୧୨୨ |
| ୨୭- ବୋଧ ଜ୍ଞାନ ପରିମାପକ ପଶ୍ନାବଳୀ | ୧୪୦ |
| ୨୮- ନମୁନା ପ୍ରଶ୍ନାବଳୀ (AHSC EXAM=-2025) | ୧୫୭୪ |

## ପ୍ରବନ୍ଧର ନାମ : କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (ଜୀବନୀ ଓ ସାହିତ୍ୟକୃତି)

### ପ୍ରସ୍ତୁତି : ପରିମାର୍ଜିତ ସମ୍ପାଦନା ମଣ୍ଡଳୀ

୧. କାନ୍ତକବି କିଏ ଅଟନ୍ତି ?

(କ) ଗଙ୍ଗାଧର ମେହେର

(ଖ) ରାଧାନାଥ ରାୟ

(ଗ) ନନ୍ଦକିଶୋର ବଳ

(ଘ) ଲକ୍ଷ୍ମୀକାନ୍ତ ମହାପାତ୍ର

୨. କାନ୍ତକବିଙ୍କ ନାମ ଲକ୍ଷ୍ମୀକାନ୍ତ ରଖାଯାଇଥିଲା କାହିଁକି ?

(କ) ମା'ଙ୍କ ନାମ ଲକ୍ଷ୍ମୀଥିବାରୁ

(ଖ) ଲକ୍ଷ୍ମୀ ଇଷ୍ଟଦେବୀ ହୋଇଥିବାରୁ

(ଗ) ମାଣବସା ଗୁରୁବାରରେ ଜନ୍ମ ହୋଇଥିବାରୁ

(ଘ) ଜେଜେମା'ଙ୍କ ଇଚ୍ଛା ଥିବାରୁ

୩. କାନ୍ତକବିଙ୍କ ଜନ୍ମଭୂମି କେଉଁଠି ଥିଲା ?

(କ) ଭଦ୍ରକ (ଖ) କଟକ

(ଗ) ବାଲେଶ୍ୱର (ଘ) ଯାଜପୁର

୪. ଲକ୍ଷ୍ମୀକାନ୍ତଙ୍କ ପୈତୃକଗ୍ରାମର ନାମ କ'ଣ ଥିଲା ?

(କ) ତାଳପଦା (ଖ) ବାରିପଦା

(ଗ) ହାଟପଦା (ଘ) କାଳୀପଦା

୫. କାନ୍ତକବିଙ୍କ ପିତାଙ୍କ ନାମ କ'ଣ ଥିଲା ?

(କ) ଚୌଧୁରୀ ସୋମନାଥ ପ୍ରସାଦ ମହାପାତ୍ର

(ଖ) ଚୌଧୁରୀ ରଘୁନାଥ ପ୍ରସାଦ ମହାପାତ୍ର

(ଗ) ଚୌଧୁରୀ ଭାଗବତ ପ୍ରସାଦ ମହାପାତ୍ର

(ଘ) ଚୌଧୁରୀ ଶ୍ରୀକାନ୍ତ ପ୍ରସାଦ ମହାପାତ୍ର

୬. କାନ୍ତକବିଙ୍କ ମାତାଙ୍କ ନାମ କ'ଣ ଥିଲା ?

(କ) ହୀରାମଣି (ଖ) ରାଧାମଣି

(ଗ) ସୀତାମଣି (ଘ) ଗୀତାମଣି

୭. ଲକ୍ଷ୍ମୀକାନ୍ତଙ୍କ ପିତା ପ୍ରଥମେ ଓକିଲାତି କାର୍ଯ୍ୟ କେଉଁଠାରେ ଆରମ୍ଭ କରିଥିଲେ ?

(କ) ଭଦ୍ରକ (ଖ) ବାଲେଶ୍ୱର

(ଗ) କଟକ (ଘ) ବାରିପଦା

୮. ଛାତ୍ରାବସ୍ଥାରେ ଲକ୍ଷ୍ମୀକାନ୍ତ କାହା ତତ୍ତ୍ୱାବଧାନରେ ପାଠ ପଢ଼ିଥିଲେ ?

(କ) କାଳୀଚରଣ (ଖ) ରଘୁଚରଣ

(ଗ) ରାଧାରମଣ (ଘ) ଉମାଚରଣ

୯. ଲକ୍ଷ୍ମୀକାନ୍ତ କେଉଁ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କଲେ ?

(କ) ଭଦ୍ରକ ହାଇସ୍କୁଲ

(ଖ) ପ୍ୟାରୀମୋହନ ଏକାଡେମୀ

(ଗ) ବାଲେଶ୍ୱର ଜିଲ୍ଲାସ୍କୁଲ

(ଘ) କଟକ କଲିଜିଏଟ୍ ସ୍କୁଲ

୧୦. ଲକ୍ଷ୍ମୀକାନ୍ତ କେଉଁ ମହାବିଦ୍ୟାଳୟରୁ ଆଇ.ଏ. ପାସ୍ କରିଥିଲେ ?

(କ) ରେଭେନ୍ସା କଲେଜ

(ଖ) ଫକୀର ମୋହନ କଲେଜ

(ଗ) ଭଦ୍ରକ କଲେଜ

(ଘ) ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ

୧୧. କାନ୍ତକବି ଆଇ.ଏ ପାସ୍ ପରେ ବି.ଏ ପଢ଼ିବାକୁ ସେ କେଉଁଠାରେ ପ୍ରଥମେ ନାମ ଲେଖାଇଥିଲେ ?

(କ) ପ୍ରେସିଡେନ୍ସି କଲେଜ

(ଖ) କଲିକତାର ରିପନ୍ କଲେଜ

(ଗ) ରେଭେନ୍ସା କଲେଜ

(ଘ) ଭଦ୍ରକ କଲେଜ

୧୨. କଲେଜରେ ପାଠପଢ଼ା ବେଳେ ସେ କ୍ରୀଡ଼ା ସହିତ କେଉଁ ବାଦ୍ୟଯନ୍ତ୍ର ବନାଇ ସଙ୍ଗୀତ ପରିବେଷଣରେ ଅଧିକ ସମୟ ବ୍ୟୟ କରୁଥିଲେ ?

(କ) ତାନପୁରା (ଖ) ତବଲା

(ଗ) କେନ୍ଦରା (ଘ) ଗୋପୀଯନ୍ତ୍ର

୧୩. ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନକାଳରେ ସେ କେଉଁ ନାଟକରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ ?

(କ) ଅଭିଯାନ (ଖ) ଜୀବନ୍ତ ମରଣ

(ଗ) ରୋଗଶଯ୍ୟା (ଘ) କାଞ୍ଚିକାବେରୀ

୧୪. ସେତେବେଳେ 'ମୁକୁର' ପତ୍ରିକାର ସମ୍ପାଦକ କିଏ ଥିଲେ ?

(କ) ଉମାଚରଣ ଦାସ (ଖ) ବିଶ୍ୱନାଥ କର

(ଗ) ବ୍ରଜ ସୁନ୍ଦର ଦାସ (ଘ) ଗୋପବନ୍ଧୁ ଦାସ

୧୫. ବାଗ୍ମୀ ବିଶ୍ୱନାଥ କର କେଉଁ ପତ୍ରିକାର ସମ୍ପାଦକ ଥିଲେ ?

(କ) ମୁକୁର (ଖ) ଉତ୍କଳ ସାହିତ୍ୟ

(ଗ) ସତ୍ୟବାଦୀ (ଘ) ସମାଜ

୧୬. ଏଣ୍ଟ୍ରାନ୍ସ ପଢୁଥିଲାବେଳେ କବିତା ଲେଖା ପାଇଁ ରେଭେନ୍ସା ଛାତ୍ରାବାସରେ କାହାର ଶ୍ରଦ୍ଧାଭାଜନ ହୋଇଥିଲେ ?

(କ) ଗୋପବନ୍ଧୁ ଦାସ (ଖ) ବ୍ରଜସୁନ୍ଦର ଦାସ

(ଗ) କରୁଣାକର ଦାସ (ଘ) ବିଶ୍ୱନାଥ କର

୧୭. ଆଇ.ଏ ପଢୁଥିଲା ବେଳେ କବିତା ରଚନା ପାଇଁ ସେ କାହାର ପ୍ରଶଂସା ଲାଭ କରିଥିଲେ ?

(କ) ଫକୀର ମୋହନ ସେନାପତି

(ଖ) ଗୋପବନ୍ଧୁ ଦାସ

(ଗ) ଚନ୍ଦ୍ରମୋହନ ମହାରଣା

(ଘ) ମଧୁସୂଦନ ଦାସ

୧୮. କେଉଁ ବ୍ୟକ୍ତିଙ୍କର ସେବା ସଂସ୍ଥା ଦ୍ୱାରା କାନ୍ତକବି ଦୀନଦୁଃଖୀଙ୍କ ସେବା କରିବାର ପ୍ରେରଣା ପାଇଥିଲେ ?

(କ) ସୁରେଶ ଚନ୍ଦ୍ର ସରକାର

(ଖ) ଦିବ୍ୟଚନ୍ଦ୍ର ସରକାର

(ଗ) ହେମଚନ୍ଦ୍ର ସରକାର

(ଘ) ପ୍ରେମଚନ୍ଦ୍ର ସରକାର

୧୯. ଲକ୍ଷ୍ମୀକାନ୍ତ କେଉଁ କବି ଭାବରେ ଓଡ଼ିଆ ସାହିତ୍ୟରେ ପରିଚିତ ?

(କ) କବିବର (ଖ) ପଲ୍ଲୀକବି

(ଗ) କାନ୍ତକବି (ଘ) ରମ୍ୟ କବି

୧୯. କାନ୍ତକବି କେଉଁସ୍ଥାନରେ ଏଭଳି ସ୍ୱତନ୍ତ୍ର ସୁନାମଧନ୍ୟ ଉପାଧି ପାଇଥିଲା ?

(କ) ଭଦ୍ରକ ହାଇସ୍କୁଲ

(ଖ) ବାଲେଶ୍ୱର ଜିଲ୍ଲା ସ୍କୁଲ

(ଗ) କଟକ କଲିଜିଏଟ୍ ସ୍କୁଲ

(ଘ) ଭଦ୍ରକ ଜିଲ୍ଲା ସ୍କୁଲ

୨୦. ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ କେବେ 'କାନ୍ତକବି' ସମ୍ମାନ ଦିଆଯାଇଥିଲା ?

(କ) ୧୯୪୩ (ଖ) ୧୯୩୪

(ଗ) ୧୯୨୪ (ଘ) ୧୯୧୪

୨୧. କାନ୍ତକବି କାହାଠାରୁ ଦୀକ୍ଷା ଗ୍ରହଣ କରିଥିଲେ ?

(କ) କୁଳଗୁରୁ ବିପ୍ର ଦାସ

(ଖ) କୁଳଗୁରୁ ବାବାଜୀ ରାମଦାସ

(ଗ) କୁଳଗୁରୁ ଆଚାର୍ଯ୍ୟ ହରିହର

(ଘ) କୁଳଗୁରୁ ଯଶୋବନ୍ତ ଦାସ

୨୨. କାନ୍ତକବିଙ୍କ ପରିବାରର କୁଳଦେବତା କିଏ ଥିଲେ ?

(କ) ଜଗନ୍ନାଥ (ଖ) ମହାଦେବ

(ଗ) ଗୋପୀନାଥ (ଘ) କେଉଁଟି ନୁହେଁ

୨୩. ୧୯୧୨ ମସିହାରେ କବିଙ୍କ ରଚିତ କେଉଁ କବିତା "ଉତ୍କଳ ସମ୍ମିଳନୀ" ରେ ଗାନ କରାଯାଇ ପ୍ରସିଦ୍ଧି ଲାଭ କରିଥିଲା ?

(କ) ସବୁଥିରୁ ବଞ୍ଚିତ କରି

(ଖ) ବନ୍ଦେ ଉତ୍କଳ ଜନନୀ

(ଗ) ମହାପ୍ରୟାଣ

(ଘ) ମୋ ସଙ୍ଗୀତ

୨୪. ଲକ୍ଷ୍ମୀକାନ୍ତଙ୍କ ପିତା କେଉଁ କାଉନସିଲ୍‌ର ସଭ୍ୟ ଥିଲେ ?

(କ) ବଙ୍ଗ ଓଡ଼ିଶା (ଖ) ବଙ୍ଗ ବିହାର

(ଗ) ବିହାର ଓଡ଼ିଶା (ଘ) କୌଣସିଟି ନୁହେଁ

୨୫. "ଗୋପୀନାଥ ସଙ୍ଗୀତ ସମାଜ" କେଉଁ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ଥିଲା ?

(କ) ରାସଲୀଳା (ଖ) ନାଟକ ଅଭିନୟ

(ଗ) ସଂକୀର୍ତ୍ତନ ପରିବେଷଣ (ଘ)ପାଲା ପରିବେଷଣ

୨୬. ଗୋପୀନାଥ ସଙ୍ଗୀତ ସମାଜ କେତେ ବର୍ଷ ଧରି ତିଷ୍ଠି ରହିଯାଇଥିଲା ?

(କ) ଛଅ (ଖ) ପାଞ୍ଚ

(ଗ) ଦଶ (ଘ) ଆଠ

୨୭. ୧୯୨୯ ମସିହାରେ "ଗୋପୀନାଥ ସଙ୍ଗୀତ ସମାଜ" ଭାଙ୍ଗିଯିବା ପରେ କ'ଣ ସ୍ଥାପନା କରିଥିଲେ ?

(କ) ଜଗନ୍ନାଥ ପ୍ରେସ (ଖ) ରାଧାମଣି ପ୍ରେସ

(ଗ) ଗୋପୀନାଥ ପ୍ରେସ (ଘ) ଭାଗବତ ପ୍ରେସ

୨୮. କାନ୍ତକବିଙ୍କ ଦ୍ୱାରା ସମ୍ପାଦିତ ପତ୍ରିକାର ନାମ କ'ଣ ଥିଲା ?

(କ) ଡଗର (ଖ) ମୁକୁର

(ଗ) ସତ୍ୟବାଦୀ (ଘ) ଉତ୍କଳ ସାହିତ୍ୟ

୨୯. କାନ୍ତକବିଙ୍କ ରଚିତ 'ଚଟକ ଚନ୍ଦ୍ରହାସ ଚମ୍ପୂ" କେଉଁ କବିଙ୍କ ରଚନାର ଏକ ବ୍ୟଙ୍ଗାତ୍ମକ ଅନୁକରଣ

(କ) କବିବର ରାଧାନାଥ ରାୟ

(ଖ) ବିଦଗ୍ଧ ଅଭିମନ୍ୟୁ ସାମନ୍ତ ସିଂହାର

(ଗ) କବି ସୂର୍ଯ୍ୟ ବଳଦେବ ରଥ

(ଘ) ସଦାନନ୍ଦ ବ୍ରହ୍ମା

୩୦. କାନ୍ତକବିଙ୍କର କେଉଁ ଲାଳିକା "କଳାମାଣିକରେ" ଛାନ୍ଦରେ ଅନୁକରଣ ରୂପ ଅଟେ ?

(କ) ମଣିକଣିକା (ଖ) ଧଳା ମାଣିକ

(ଗ) ରତ୍ନ ମାଣିକା (ଘ) କାଞ୍ଚମଣିକା

୩୧. ଫକୀର ମୋହନ ସେନାପତିଙ୍କ କେଉଁ ସୃଷ୍ଟିର ଅନୁକରଣରେ କବି "ନାଟକ ସଫର" ଲାଳିକା ରଚନା କରିଛନ୍ତି ?

(କ) ସହର ଭ୍ରମଣ (ଖ) ଦେଶ ଭ୍ରମଣ

(ଗ) ଉତ୍କଳ ଭ୍ରମଣ (ଘ) ରାଜ୍ୟ ଭ୍ରମଣ

୩୨. ନିମ୍ନୋକ୍ତ ମଧ୍ୟରୁ କବିଙ୍କର କେଉଁଟି ପ୍ରହସନ ରଚନା ନୁହେଁ ?

(କ) ହନୁମନ୍ତର ବସ୍ତ୍ରହରଣ (ଖ)ଡିମ୍ବ ଓ କ୍ରସୀ ସଭା

(ଗ) ଜର୍ମାନ ଭୂତ (ଘ) କଟକ ସଫର

୩୩. ଲକ୍ଷ୍ମୀକାନ୍ତଙ୍କର କେଉଁ କୃତି ଯାହା ଜୀବ ଜନ୍ତୁ ସମ୍ବନ୍ଧୀୟ ସାହିତ୍ୟ ଯାହା ଶିଶୁମାନଙ୍କ ପାଇଁ ଉପାଦେୟ ଅଟେ ।

(କ) ପିଲାଙ୍କ କଥା (ଖ) ଚିଡ଼ିଆଖାନା

(ଗ) ବାଲ୍ୟସ୍ମୃତି (ଘ) ଶୈଶବ ସ୍ମୃତି

୩୪. କିଶୋରମାନଙ୍କ ପାଇଁ ଉଦ୍ଦିଷ୍ଟ 'ପାଠଶାଳା' ଓ 'ସାହିତ୍ୟସୁଧାକର' ପୁସ୍ତକ ଦୁଇଟି କେଉଁ ପ୍ରକାର କୃତି ?

(କ) କାହାଣୀ ଭିତ୍ତିକ (ଖ) ଜୀବନୀ ଭିତ୍ତିକ

(ଗ) ଶିକ୍ଷା ସମ୍ବନ୍ଧୀୟ (ଘ) ସଙ୍ଗୀତ ସମ୍ବନ୍ଧୀୟ

୩୫. କାନ୍ତକବିଙ୍କ ରଚିତ "ପିଲାଙ୍କ କଥା" କେଉଁ ପ୍ରକାର କାହାଣୀ ସଙ୍କଳନ ?

(କ) ଐତିହାସିକ (ଖ) ପୌରାଣିକ କାହାଣୀ

(ଗ) ବିଜ୍ଞାନ ସମ୍ବନ୍ଧୀୟ (ଘ) ସମାଜ ସମ୍ବନ୍ଧୀୟ

୩୬. କାନ୍ତକବିଙ୍କ ରଚିତ କରୁଣର ସଯୁକ୍ତ ଶ୍ରେଷ୍ଠଗଳ୍ପଟିର ନାମ କ'ଣ ?

(କ) ବୁଢ଼ା ଶଙ୍ଖାରି (ଖ) ନିଭୃତ ନିଶୀଥ

(ଗ) ରୋଗଶଯ୍ୟା (ଘ) ଶୈଶବସ୍ମୃତି

୩୭. କବିଙ୍କ ରଚିତ ହାସ୍ୟ ବ୍ୟଙ୍ଗ ଓ ବିଦ୍ରୂପଧର୍ମୀ ଗଦ୍ୟରଚନାର ନାମ କ'ଣ ?

(କ) ଅସହଯୋଗୀର ଆତ୍ମକଥା

(ଖ) ଜର୍ମାନଭୂତ

(ଗ) ବ୍ରିଟିଶଦୂତ

(ଘ) କଣା ମାମୁଁ

୩୮. କବିଙ୍କ ଲେଖନୀର ମହନୀୟ ସାହିତ୍ୟକୃତି, ଯାହା ଏକ ଅସମ୍ପୂର୍ଣ୍ଣ ଉପନ୍ୟାସ

(କ) ଜୀବନ୍ତ ମରଣ (ଖ) କଣାମାମୁଁ

(ଗ) ରୋଗଶଯ୍ୟା (ଘ) ଜୀବନ ସଙ୍ଗୀତ

୩୯. ନିମ୍ନୋକ୍ତ କେଉଁଟି ତାଙ୍କ ରଚିତ ପ୍ରବନ୍ଧ ନୁହେଁ ?

(କ) ଓଡ଼ିଆ ସଙ୍ଗୀତ

(ଖ) ସାହିତ୍ୟ ସୃଷ୍ଟିରେ ହାସ୍ୟ ରସ

(ଗ) ଜୀବନ୍ତ ମରଣ

(ଘ) ଓଡ଼ିଆ କେବେ

୪୦. ନିମ୍ନୋକ୍ତ କେଉଁଟି କବିଙ୍କର ଜୀବନୀ ସ୍ମୃତି ମୂଳକ ପ୍ରବନ୍ଧ ଅଟେ ?

(କ) କୈଶୋରର ସ୍ୱପ୍ନ (ଖ) ବର୍ଷା ସଙ୍ଗୀତ

(ଗ) ଖଣ୍ଡିଏ ଚିଠି (ଘ) ଅଲଣା ପୁରାଣ

୪୧. ନିମ୍ନୋକ୍ତ କେଉଁ ରଚନାଟି କାନ୍ତକବିଙ୍କ ହାସ୍ୟ ଉଦ୍ଦୀପକ କବିତା ନୁହେଁ ?

(କ) ଯୁଗର ମଞ୍ଜା (ଖ) ଗାନ୍ଧୀଗୋଳ

(ଗ) ଅଲଣା ପୁରାଣ (ଘ) ମହାପ୍ରୟାଣ

୪୨. କାନ୍ତକବି କେଉଁ ରଚନାଟି, କବିବର ରାଧାନାଥ ରାୟଙ୍କ ଚିଲିକା ରୀତିରେ ଲେଖିଥିଲେ ?

(କ) ବୈତରଣୀ (ଖ) କାଠଯୋଡ଼ି

(ଗ) ବ୍ରାହ୍ମଣୀ (ଘ) ମହାନଦୀ

୪୩. କବିଙ୍କ 'ଯୁଗାବତାର' କବିତାରେ କିଏ ମହାନପୁରୁଷ ଭାବେ ବର୍ଣ୍ଣିତ ହୋଇଛନ୍ତି ?

(କ) ସନ୍ଥ କବି ଭୀମଭୋଇ

(ଖ) ଉତ୍କଳମଣି ଗୋପବନ୍ଧୁ ଦାସ

(ଗ) ମହାତ୍ମାଗାନ୍ଧୀ

(ଘ) ହାଡ଼ିଦାସ

୪୪. 'ଜୀବନ ସଙ୍ଗୀତ' କବିତାଗୁଚ୍ଛ କେଉଁ ମହାନ୍‌କବିଙ୍କ କୃତି ସହ ତୁଳନୀୟ ?

(କ) ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳି

(ଖ) ବଙ୍କିମଚନ୍ଦ୍ରଙ୍କ ବନ୍ଦେମାତରମ୍

(ଗ) ଜୀବନାନନ୍ଦ ଦାସଙ୍କ କୁସୁମାଞ୍ଜଳି

(ଘ) କୌଣସିଟି ନୁହେଁ

୪୫. କବିଙ୍କର 'ଜୀବନ ସଙ୍ଗୀତ' କେଉଁ ପ୍ରକାର କବିତା ସଙ୍କଳନ ?

(କ) ଦେଶାତ୍ମବୋଧକ (ଖ) ଆଧ୍ୟାତ୍ମବାଦୀ

(ଗ) ଜୀବନ ସ୍ମୃତିମୂଳକ (ଘ) ହାସ୍ୟ ଉଦ୍ଦୀପକ

୪୬. ନିମ୍ନୋକ୍ତ କବିତା ମଧ୍ୟରୁ କେଉଁଟି କବିଙ୍କର ଲାଳିକା ନୁହେଁ ?

(କ) ଧଳାମାଣିକରେ (ଖ) କଟକ ସଫର

(ଗ) କଟକ ଚନ୍ଦ୍ରହାସ ଚମ୍ପୂ (ଘ) ଯୁଗାବତାର

୪୭. କାନ୍ତକବିଙ୍କ 'ଅଲଣାପୁରାଣ' କେଉଁ ପ୍ରକାର କବିତା ?

(କ) ହାସ୍ୟ ଉଦ୍ଦୀପକ (ଖ) ଲାଳିକା

(ଗ) ଦେଶପ୍ରୀତିମୂଳକ (ଘ) ଜାତିବନ୍ଦନାମୂଳକ

୪୮. 'ଜାତୀୟ ସଙ୍ଗୀତ' ସଙ୍କଳନରେ କେଉଁ କବିତା ସ୍ଥାନିତ ?

(କ) ସାଜରେ ସଜାରେ

(ଖ) ଉଡ଼ାଇ ନିଶାଣ ବଜାଇ ଭେରୀ

(ଗ) କୋଟି କୋଟି କଣ୍ଠେ ଆଜି

(ଘ) ସମସ୍ତ କବିତା

୪୯. ଓଡ଼ିଶା ସରକାର ସମ୍ପ୍ରତି 'ବନ୍ଦେ ଉତ୍କଳ ଜନନୀ' କବିତାକୁ ସଙ୍ଗୀତ ରୂପେ ମାନ୍ୟତା ଦେଇଛନ୍ତି ?

(କ) କେନ୍ଦ୍ର ସଙ୍ଗୀତ (ଖ) ଲୋକ ସଙ୍ଗୀତ

(ଗ) ରାଜ୍ୟ ସଙ୍ଗୀତ (ଘ) ଆଞ୍ଚଳିକ ସଙ୍ଗୀତ

୫୦. କାନ୍ତକବିଙ୍କ ବିରଚିତ ଦେଶ ଓ ଜାତିର ବନ୍ଦନାମୂଳକ କବିତାବଳୀରେ ସଙ୍କଳନ ସମୃଦ୍ଧ ଅଟେ ।

(କ) ଦୁନ୍ଦୁଭି (ଖ) ଜାତୀୟ ସଙ୍ଗୀତ

(ଗ) ଜୀବନ ସଙ୍ଗୀତ (ଘ) ବୈତରଣୀ

## ଉତ୍ତରମାଳା

୧. (ଘ) ୨. (ଗ) ୩. (ଖ) ୪. (କ) ୫. (କ) ୬. (ଖ) ୭. (ଖ) ୮. (ଘ) ୯. (ଗ) ୧୦. (କ) ୧୧. (କ) ୧୨. (ଘ) ୧୩. (ଘ) ୧୪. (କ) ୧୫. (କ) ୧୬. (ଖ) ୧୭. (ଗ) ୧୮. (ଗ) ୧୯. (କ) ୨୦. (ଖ) ୨୧. (ଖ) ୨୨. (ଗ) ୨୩. (ଖ) ୨୪. (ଗ) ୨୫ (ଖ) ୨୬. (ଖ) ୨୭. (ଗ) ୨୮. (କ) ୨୯. (ଗ) ୩୦. (ଖ) ୩୧. (ଗ) ୩୨. (ଘ) ୩୩. (ଖ) ୩୪. (ଗ) ୩୫. (ଖ) ୩୬. (କ) ୩୭. (କ) ୩୮. (ଖ) ୩୯. (ଘ) ୪୦. (ଗ) ୪୧. (ଘ) ୪୨. (କ) ୪୩. (ଗ) ୪୪. (କ) ୪୫. (କ) ୪୬. (ଘ) ୪୭. (କ) ୪୮. (ଘ) ୪୯. (ଗ) ୫୦. (ଖ)

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର (ଜୀବନୀ ଓ ସାହିତ୍ୟକୃତି)

**ପ୍ର.୧.**

**କାନ୍ତକବିଙ୍କ ଜୀବନୀର ପରିଚୟ ଦିଅ କିମ୍ବା କାନ୍ତକବିଙ୍କର ବାଲ୍ୟଜୀବନ ତଥା ଛାତ୍ରାବସ୍ଥାରେ ଶିକ୍ଷା ଓ ସାହିତ୍ୟ ପ୍ରତି ଶ୍ରଦ୍ଧା କିପରି ଥିଲା, ତାହା ପଠିତ ପ୍ରବନ୍ଧକୁ ଅନୁସରଣ କରି ଏକ ବିବରଣୀ ପ୍ରସ୍ତୁତ କର ।**

ଉ. ଓଡ଼ିଆ ସାହିତ୍ୟର ବିବିଧ ବିଭାଗରେ ଲେଖନୀ ଚାଳନା କରିଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ନିଜ ରଚନାବଳୀର ଭିନ୍ନ ଭିନ୍ନ ରୋଚକଭାବ ଓ ମନୋରମ ଶୈଳୀ ପାଇଁ ପାଠକ ମହଲରେ ସୁପରିଚିତ । ସେ ୧୮୮୮ ମସିହା, ଡିସେମ୍ବର ମାସ ୯ ତାରିଖ, ମାଣବସା ଗୁରୁବାର ଦିନ କଟକ ସହର ଧୂଆଁପତ୍ରିଆ ଗଳି, ବାଖରାବାଦର ଏକ ଗୃହରେ ଜନ୍ମଗ୍ରହଣ କରିଥିଲେ । ମାଣବା ଗୁରୁବାରରେ ଜନ୍ମ ହୋଇଥିବାରୁ ତାଙ୍କର ନାମକରଣ କରାଯାଇଥିଲା ଲକ୍ଷ୍ମୀକାନ୍ତ । ତାଙ୍କ ପିତା, ବାସିନ୍ଦା ଓ ଜମିଦାର ଥିଲେ । ତାଙ୍କ ମାତା ରାଧାମଣି ଥିଲେ କ□ପଡ଼ା ଜମିଦାରଙ୍କ କନ୍ୟା ।

ଲକ୍ଷ୍ମୀକାନ୍ତଙ୍କ ଜନ୍ମବେଳକୁ ଭାଗବତ ପ୍ରସାଦ କଟକର ପ୍ୟାରୀମୋହନ ଏକାଡେମୀରେ ଶିକ୍ଷକତା କରୁଥିଲେ । ପରେ ଆଇନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବାଲେଶ୍ୱର କୋର୍ଟରେ ଓକିଲାତି କଲେ । ତେଣୁ ଲକ୍ଷ୍ମୀକାନ୍ତ ବାଲେଶ୍ୱର ଜିଲ୍ଲାସ୍କୁଲରେ ପଢ଼ିଲେ । ସେଠାରେ ପଢ଼ିଲାବେଳେ ଲକ୍ଷ୍ମୀକାନ୍ତ ଜଣେ ବୁଦ୍ଧିମାନ ଛାତ୍ର ଓ ଉତ୍ତମ ଖେଳାଳୀ ଭାବରେ ସୁନାମ ଅର୍ଜନ କରିଥିଲେ । ପରେ ଦ୍ରକରେ କୋର୍ଟ ଖୋଲିବାରୁ ଭାଗବତ ପ୍ରସାଦ ଗ୍ରାମର ସମ୍ପତ୍ତିବାଡ଼ି ବୁଝିବା ସହିତ ଭଦ୍ରକରେ ଓକିଲାତି କଲେ । ତେଣୁ ଲକ୍ଷ୍ମୀକାନ୍ତ ପୁଣି ଭଦ୍ରକରେ ପାଠପଢ଼ିଲେ । ମାତ୍ର ଭଦ୍ରକରେ ଅନେକ ପିଲାଙ୍କ ସହିତ ନାଟକ ଅଭିନୟରେ ମାତିବାରୁ ଲକ୍ଷ୍ମୀକାନ୍ତଙ୍କୁ କଟକ ଅଧ୍ୟୟନ ପାଇଁ ପଠାଯାଇଥିଲା । କଟକରେ ଭାଗବତ ପ୍ରସାଦଙ୍କ ଦୂର ସମ୍ପର୍କୀୟ ରମାଚରଣ ଦାସ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ । ତେଣୁ ଭାଗବତବାବୁ ଲକ୍ଷ୍ମୀକାନ୍ତଙ୍କୁ ପୁନଶ୍ଚ ବାଲେଶ୍ୱର ଜିଲ୍ଲାସ୍କୁଲରେ ଭର୍ତ୍ତି କରାଇଲେ । ଏହି ସ୍କୁଲରୁ ଲକ୍ଷ୍ମୀକାନ୍ତ ୧୯୦୭ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ।

ତାପରେ ଲକ୍ଷ୍ମୀକାନ୍ତ କଟକ ରେଭେନ୍ସା କଲେଜରେ ଆଇ.ଏ. ପଢ଼ିଲେ । ଆଇ.ଏ. ପାସ୍ କରିବାପରେ ବି.ଏ ପଢ଼ିବାପାଇଁ ସେ କଲିକତାର ରିପନ୍ କଲେଜରେ ପ୍ରଥମେ ନାମ ଲେଖାଇଥିଲେ । ମାତ୍ର ସେଠାରେ ଅସୁବିଧାର ସମ୍ମୁଖୀନ ହୋଇ ପୁନଶ୍ଚ ରେଭେନ୍ସାରେ ବି.ଏ ପଢ଼ିଲେ । ପାଠପମା ବ୍ୟତୀତ ସେ ବ୍ୟାଡ଼ମି‌ନ୍‌ଟନ୍, ଟେନିସ୍, କ୍ରିକେଟ ପ୍ରଭୃତି ଖେଳ ଓ ବାଦ୍ୟଯନ୍ତ୍ର ବାଦନରେ ଅଧିକ ସମୟ ବ୍ୟୟ କରୁଥିଲେ । ରେଭେନ୍ସାରେ ଛାତ୍ର ଥିବାବେଳେ "କାଞ୍ଚି କାବେରୀ" ନାଟକରେ ଅଭିନୟ କରି ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ । ବି.ଏ ପଢୁଥିଲାବେଳେ ସେ କ୍ରୀଡ଼ା ରସିକ, ସଙ୍ଗୀତପ୍ରିୟ ଓ ଅଭିନୟରେ ପାରଦର୍ଶିତା ହାସଲ କରିଥିଲେ । ତତ୍‌କାଳୀନ "ମୁକୁର" ଓ "ଉତ୍କଳ ସାହିତ୍ୟ" ପତ୍ରିକାରେ ଲେଖାଲେଖି କରି ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଛାତ୍ରାବସ୍ଥାରେ କବିତା ରଚନା ପାଇଁ ସେ ଉତ୍କଳମଣି ଗୋପବନ୍ଧୁ ଓ ବ୍ୟାସକବି ଫକୀରମୋହନଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ । ରେଭେନ୍ସାରେ ପଢୁଥିଲାବେଳେ ଜଣେ ଅଗ୍ରଗାମୀ ସ୍ୱେଚ୍ଛାସେବୀ ଭାବରେ ଅଧ୍ୟାପକ ହେମଚନ୍ଦ୍ର ସରକାରଙ୍କ ଦିଗ୍‌ଦର୍ଶନରେ ଦୀନ, ଦୁଃଖୀ ଓ ବ୍ୟାଧି ପୀଡ଼ିତ ଜନତାଙ୍କ ସେବା କରିଥିଲେ । ୧୯୧୩ ମସିହାରେ ସେ ରେଭେନ୍‌ସାରୁ ବି.ଏ ପାସ୍ କଲେ । ନିଜର ପାଠପଢ଼ା ବ୍ୟତୀତ ଓଡ଼ିଆଭାଷା ସହିତ ଅନ୍ୟ ଭାଷାରେ ସାହିତ୍ୟକୃତି ଅଧ୍ୟୟନ କରିଥିଲେ ।

**ପ୍ର.୨. କାନ୍ତକବିଙ୍କ ସାହିତ୍ୟକୃତିଗୁଡ଼ିକ ସମ୍ବନ୍ଧରେ ଯାହା କି ବିପୁଳଭାବରେ ଜନାଦୃତ, ସେ ବିଷୟରେ ଆଲୋଚନା କର ।**

ଉ. ଓଡ଼ିଆ ସାହିତ୍ୟର ତଥା ଉତ୍କଳମାତାର ଯୋଗ୍ୟତମ କବି ସୁତ ଭାବେ ପରିଚିତ କାନ୍ତକବି ଲକ୍ଷ୍ମୀକାନ୍ତ ଓଡ଼ିଆ ଜାତି ପାଇଁ ଚିରସ୍ମରଣୀୟ ହୋଇ ରହିଛନ୍ତି । ଯେଉଁଭଳି ତାଙ୍କ ମରଶରୀର ମାଟିକୁ ଗ୍ରାସକରିଥିଲେ ମଧ୍ୟ ଉତ୍କଳବାସୀଙ୍କ ପାଇଁ ସେ ଅମର ଗାଥାଗାନ କରିଯାଇଛନ୍ତି । ମନେପଡ଼େ ରାଧାନାଥ ରାୟଙ୍କର "ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।" ତାଙ୍କର ସାହିତ୍ୟକୃତି ଓଡ଼ିଶାବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଓ ପ୍ରେରଣା ଦେଇ ଆସୁଛି । ମାତ୍ର ତାଙ୍କର କେତେକ କୃତି ଚିରକାଳ ପାଠକମାନଙ୍କ ନିକଟରେ ଆଦରଣୀୟ ଓ ଗ୍ରହଣୀୟ ହୋଇ ରହିଛି ।

କାନ୍ତକବିଙ୍କ ରଚିତ ଶ୍ରେଷ୍ଠ ଗଳ୍ପ "ବୁଢ଼ା ଶଙ୍ଖାରି" ଗଳ୍ପରେ ପରିବେଷିତ ପ୍ରେମ ଓ କରୁଣଭାବ ହୃଦୟକୁ ସ୍ପର୍ଶ କରୁଥିବାରୁ ତାହା ଚିରକାଳ ପାଠକମାନଙ୍କ ନିକଟରେ ଅବିସ୍ମରଣୀୟ ହୋଇ ରହିଛି । ଯେଉଁ ବୋହୂକୁ ଶଙ୍ଖାରିବୁଢ଼ା ନିଜ ଝିଅ ରୂପରେ ଦେଖିଥିଲା ଓ ତାର ଅପରୂପ ସୌନ୍ଦର୍ଯ୍ୟକୁ ଦେବୀ ମାଙ୍କ ସଦୃଶ ଭାବି ଖୁବ୍ ସ୍ନେହ କରିଥିଲା, କିନ୍ତୁ ପରେ ସେହି ରୂପ ବୋହୂର ରୂପକୁ ବିଧବା ରୂପରେ ଶୂନ୍ୟ କରି ଦେଇଥିଲା । ଗଳ୍ପଟିର ପରିଣତି ବେଶ୍ କରୁଣ ରସରେ ମାର୍ମିକ ।

ଜାତୀୟଭାବ, ଦେଶ ପ୍ରୀତି ଓ ଜାତୀୟବୀରମାନଙ୍କ ବନ୍ଦନାଭିତ୍ତିକ କବିତାଗୁଡ଼ିକ କାନ୍ତକବିଙ୍କ "ଜାତୀୟ ସଙ୍ଗୀତ" କବିତା ସଙ୍କଳନରେ ସ୍ଥାନ ପାଇଛି । ଏହି ସଙ୍କଳନରେ ସ୍ଥାନିତ "କୋଟି କୋଟି କଣ୍ଠେ ଆଜି", "ଉଡ଼ି ନିଶାଣ ବଜାଇଭେରୀ", "ସାଜରେ ସାଜରେ", "ଭାଇମାନେ ହୋ" ଆଦି ଜାତୀୟ ଆହ୍ୱାନମୂଳକ କବିତା ପାଠକମାନଙ୍କ ନିକଟରେ ବେଶ୍ ଲୋକପ୍ରିୟ । ବିଶେଷ ଉଲ୍ଲେଖଯୋଗ୍ୟ ଯେ- "ବନ୍ଦେ ଉତ୍କଳ ଜନନୀ" ଗୀତିକାଟି ୨୦୨୦ ମସିହାରେ ରାଜସରକାରଙ୍କ ଦ୍ୱାରା "ରାଜ୍ୟ ସଙ୍ଗୀତ"ର ମର୍ଯ୍ୟାଦା ଲାଭ କରିଛି । ତାଙ୍କ ରଚିତ ଅଧ୍ୟାତ୍ମ୍ୟବାଦୀ ସଙ୍ଗୀତଗୁଡ଼ିକର ସଙ୍କଳନ "ଜୀବନ ସଙ୍ଗୀତ" । ଏହା କବିଙ୍କର ଅନନ୍ୟ କୃତିର ପରିଣାମ ଅଟେ । ଏହାକୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ

"ଗୀତାଞ୍ଜଳି" ତୁଲ୍ୟ ମହାନ୍ କୀର୍ତ୍ତିଭାବରେ ବିଚାର କରିଥାନ୍ତି । ତାଙ୍କର ରଚିତ ଅସମ୍ପୂର୍ଣ୍ଣ ଉପନ୍ୟାସ ଏକ ମହନୀୟ ସାହିତ୍ୟକୃତି ଅଟେ । କାନ୍ତକବିଙ୍କ ଲେଖନୀରୁ ଝରିପଡ଼ିଥିବା ରଚନାବଳୀଗୁଡ଼ିକରେ ସ୍ୱଦେଶପ୍ରୀତି ଓ ଜାତୀୟ ଚେତନାବୋଧ ମହାନ ଭାବନାରାଜି ସର୍ବତ୍ର ପ୍ରକାଶ ପାଇଛି । ବେଳେବେଳେ ଅଧ୍ୟାତ୍ମିକଭାବ ତାଙ୍କ ସୃଷ୍ଟିକୁ ଅନନ୍ୟ କରି ଗଢ଼ିତୋଳିଛି । କାନ୍ତକବି ଲକ୍ଷ୍ମୀକାନ୍ତ ମହାତ୍ର ଜଣେ ଅମ୍ଳାନ ପ୍ରତିଭା ସଦୃଶ ଓଡ଼ିଆ ସାହିତ୍ୟପୃଷ୍ଠାରେ ଚିରସ୍ମରଣୀୟ ହୋଇ ରହିବେ ।

## ସପ୍ରସଙ୍ଗ ସରଳାର୍ଥ

**ପ୍ର.୧. ଏଭଳି ସମୟରେ ସାହିତ୍ୟ, ସଙ୍ଗୀତ, ସଂକୀର୍ତ୍ତନ, ଚର୍ଚ୍ଚା, ଇଷ୍ଟପୂଜା, ଗୁରୁବାଣୀ ପାଳନ ଥିଲା, ତାଙ୍କ ପାଇଁ ସାନ୍ତ୍ୱନାର ଔଷଧି ।**

ଉ."ଏଭଳି ......... ଔଷଧି ।"

ଶଂସିତ ଗଦ୍ୟାଂଶଟି "କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର" 'ଜୀବନୀ ଓ ସାହିତ୍ୟକୃତି' ଶୀର୍ଷକ ପ୍ରବନ୍ଧରୁ ଆନୀତ । ଆଲୋଚ୍ୟ ପ୍ରସଙ୍ଗରେ କାନ୍ତକବି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଲାପରେ କୁଳଦେବତା ଗୋପୀନାଥଙ୍କୁ ସମର୍ପିତ ହୋଇ କିପରି ସମୟ ଅତିବାହିତ କରୁଥିଲେ ତାହା ବର୍ଣ୍ଣିତ ।

ପିତାଙ୍କର ସମସ୍ତ ପ୍ରଯତ୍ନ ସତ୍ତ୍ୱେ କାନ୍ତକବି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ଶାରୀରିକ ବିକଳାଙ୍ଗ ହୋଇଗଲେ । ଏଭଳି ଦୁର୍ଦ୍ଦଶାଗ୍ରସ୍ତ ସମୟରେ ସେ କୁଳଗୁରୁ ରାମଦାସଙ୍କ ଠାରୁ ଦୀକ୍ଷାଗ୍ରହଣ କରି କୁଳଦେବତା, ଗୋପୀନାଥଙ୍କ ନିକଟରେ ସମର୍ପିତ ହେଲେ । ତାଙ୍କ ଜୀବନର ମାର୍ଗ ପରିବର୍ତ୍ତିତ ହୋଇଗଲା । ପିତା ଭାଗବତବାବୁ ସାମାଜିକ ଓ ରାଜନୈତିକ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ଏହିପରି ଦୁଃସମୟରେ ସେ ବିଭିନ୍ନ ସ୍ତରରୁ ଈର୍ଷା ଓ ମାଲିମୋକଦ୍ଦମାର ସମ୍ମୁଖୀନ ହେଉଥାନ୍ତି । କେବଳ ସାହିତ୍ୟ, ସଙ୍ଗୀତ, ସଂକୀର୍ତ୍ତନ, ପୂଜା ଓ ଗୁରୁବାଣୀରେ ମନୋନିବେଶ କରି ନିଜ ଭିତରେ ସାନ୍ତ୍ୱନା ଖୋଜୁଥିଲେ । ପ୍ରସଙ୍ଗଟି ପ୍ରାଣସ୍ପର୍ଶୀ ଓ ହୃଦୟଗ୍ରାହୀ ।

**ପ୍ର.୨ ଗଳ୍ପଟିର ପରିଣତି ବେଶ୍ କରୁଣ ରସରେ ମାର୍ମିକ ।**

ଉ. "ଗଳ୍ପଟିର ............... ମାର୍ମିକ ।"

ଶଂସିତ ଗଦ୍ୟାଂଶଟି "କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର" 'ଜୀବନୀ ଓ ସାହିତ୍ୟକୃତି' ଶୀର୍ଷକ ପ୍ରବନ୍ଧରୁ ଆନୀତ । ଆଲୋଚ୍ୟ ପ୍ରସଙ୍ଗଟି କାନ୍ତକବିଙ୍କ ସାରସ୍ୱତ ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ । ଗଳ୍ପ "ବୁଢ଼ା ଶଙ୍କାରି"କୁଦୃଷ୍ଟିରେ ରଖି କୁହାଯାଇଛି ।

ଗଳ୍ପ, ପ୍ରବନ୍ଧ, ଉପନ୍ୟାସାଦି ରଚନାଦ୍ୱାରା କାନ୍ତକବି ଲକ୍ଷ୍ମୀକାନ୍ତ ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସେ ଅନେକ ଗଳ୍ପ ରଚନା କରିଥିଲେ ମଧ୍ୟ ବଢ଼ାଶଙ୍ଖାରି ଗଳ୍ପରେ ପରିବେଷିତ ପ୍ରେମ ଓ କରୁଣଭାବ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରୁଥିବାରୁ, ଏହା କବିଙ୍କର ଏକ କାଳଜୟୀ ସୃଷ୍ଟି ଅଟେ । ଯେଉଁ ବୋହୂର ହାତରେ ଶଙ୍ଖା ପିନ୍ଧାଇବା ପାଇଁ ଶଙ୍ଖାରିବୁଢ଼ା ଶାରୀରିକ କ୍ଳେଶ ସହି ଧାଇଁ ଆସିଥିଲା, ସ୍ନେହରେ ସେହି ବୋହୂକୁ ଶଙ୍ଖା ପିନ୍ଧାଇବା ପାଇଁ, କିନ୍ତୁ ସେ ବୋହୂର ସୌନ୍ଦର୍ଯ୍ୟ ବିଧବାରୂପୀ ଶୂନ୍ୟତାକୁ ବରଣ କରିଥିଲା । ଗଳ୍ପର ଶେଷ କଥାବସ୍ତୁ ପାଠକମାନଙ୍କ ହୃଦୟକୁ ବିଦାରିତ କରିଥିଲା । କିନ୍ତୁ ଏହି ଗଳ୍ପର କରୁଣ ମାର୍ମିକ ସ୍ପର୍ଶାତ୍ମକ ବିଷୟ ଥିଲା ଯେ – "ରକ୍ତ ସମ୍ପର୍କ ନଥାଇ ମଧ୍ୟ ବୁଢ଼ାର ବୋହୂଟି ପ୍ରତି ଅନାବିଳ ସ୍ନେହ ମାନବୀୟ ପ୍ରକୃତିର ଉତ୍କୃଷ୍ଟ ନିଦର୍ଶନ ଅଟେ ।

## ଜନ୍ମଭୂମି

୧) ଜନ୍ମଭୂମି ପ୍ରବନ୍ଧର ପ୍ରାବନ୍ଧିକଙ୍କ ନାମ କ'ଣ ?

(କ) ମନୋରଂଜନ ଦାସ

(ଖ) ବଂଶୀଧର ସାମନ୍ତରାୟ

(ଗ) ଗୋଲକ ବିହାରୀ ଧଳ

(ଘ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

୨) ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କେଉଁ ମସିହାରେ ଜନ୍ମ ଗ୍ରହଣ କରିଥିଲେ ?

(କ) ୧୯୦୯ ମସିହା

(ଖ) ୧୯୧୦ ମସିହା

(ଗ) ୧୯୧୧ ମସିହା

(ଘ) ୧୯୧୨ ମସିହା

୩) ପ୍ରାବନ୍ଧିକଙ୍କ ମୃତ୍ୟୁ କେବେ ହୋଇଥିଲା ?

(କ) ୧୯୮୦ ମସିହା

(ଖ) ୧୯୮୨ ମସିହା

(ଗ) ୧୯୮୭ ମସିହା

(ଘ) ୧୯୮୫ ମସିହା

୪) ପ୍ରାବନ୍ଧିକ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

(କ) ଖିଚିଙ୍ଗ (ଖ) ପୁରୀ

(ଗ) ବାଲେଶ୍ୱର (ଘ) ଭଦ୍ରକ

୫) ଜନ୍ମଭୂମି ପ୍ରବନ୍ଧଟି କେଉଁ ପ୍ରବନ୍ଧ ସଂକଳନରୁ ଉଦ୍ଧୃତ ?

(କ) ଇତିହାସ ଓ କିମ୍ବଦନ୍ତୀ

(ଖ) ମୋ ସମୟର ଓଡ଼ିଶା

(ଗ) ପ୍ରବନ୍ଧ ମାନସ

(ଘ) ସାରଳା ସାହିତ୍ୟର ଐତିହାସିକ ଚିତ୍ର

୬) ଜନ୍ମଭୂମି ପ୍ରବନ୍ଧଟିରେ ଲେଖକ କାହାର ଲ୍ଭ ପ୍ରକୃତ ଅର୍ଥ ସନ୍ଧାନ କରିଛନ୍ତି ?

(କ) ଜନ୍ମଭୂମି (ଖ) ସହର

(ଗ) ଗ୍ରାମ (ଘ) ପାଶ୍ଚାତ୍ୟ ନଗର

୭) ଲେଖକଙ୍କର ଶିଶୁ ପ୍ରାଣକୁ କିଏ ପରିପୁଷ୍ଟ କଲା ?

(କ) ସହର (ଖ) ଗ୍ରାମ୍ୟ ପରିବେଶ

(ଗ) ପ୍ରକୃତି (ଘ) ପଲ୍ଲୀଭୂମି

୮) ଲେଖକ କାହାକୁ ନିଜର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ବୋଲି କହିଛନ୍ତି ?

(କ) ଓଡ଼ିଶା (ଖ) ପଲ୍ଲୀଗ୍ରାମ

(ଗ) ଭାରତ (ଘ) ପୃଥିବୀ

୯) ଲେଖକଙ୍କର ସମ୍ବନ୍ଧ କାହା ସହିତ କ୍ଷୀଣ ହେବାକୁ ଲାଗିଛି ?

(କ) ପଲ୍ଲୀ (ଖ) ସହର

(ଗ) ମାତୃଭୂମି (ଘ) ଜନନୀ

୧୦) କେଉଁ ରାଜବଂଶର କୀର୍ତ୍ତିରେ ଲେଖକଙ୍କ ଜନ୍ମସ୍ଥାନ ବିମଣ୍ଡିତ ?

(କ) ଭଂଜ କୀର୍ତ୍ତି କିରିଟିବି

(ଖ) ପଳାଶ ଫୁଲ

(ଗ) ଗ୍ରାମ୍ୟ ଯୁବକ

(ଘ) କାଶତଣ୍ଡୀ ଫୁଲ

୧୧) ପ୍ରାବନ୍ଧିକ ଆୟକୁ କାହା ସହିତ ତୁଳନା କରିଛନ୍ତି ?

(କ) ସୂର୍ଯ୍ୟଙ୍କ ସହ

(ଖ) ଚନ୍ଦ୍ରଙ୍କ ସହ

(ଗ) ଶିବଙ୍କ ସହ

(ଘ) ବୃହସ୍ପତିଙ୍କ ସହ

୧୨) ଲେଖକଙ୍କର ପଲ୍ଲୀ ପ୍ରତି ଏକମାତ୍ର କର୍ତ୍ତବ୍ୟ କ'ଣ ?

(କ) ଗ୍ରାମକୁ ଅର୍ଥଦାନ

(ଖ) ଗ୍ରାମରେ ରହିବା

(ଗ) ଜନ୍ମସ୍ଥାନ ପଲ୍ଲିଭୂମିର ସେବା କରିବା

(ଘ) ଗ୍ରାମଠୁ ଦୂରେଇ ଯିବା

୧୩) ଶିକ୍ଷା ସମାପନ ସଂଗେ ସଂଗେ ଶିକ୍ଷିତମାନଙ୍କର ଏକ ପ୍ରକାର କ'ଣ ଘଟିଥାଏ ବୋଲି ପ୍ରାବନ୍ଧିକ କହିଛନ୍ତି ?

(କ) ପୁନର୍ଜନ୍ମ (ଖ) ଜୀବିକାର୍ଜନ

(ଗ) ଜାତିସ୍ମର (ଘ) ଧର୍ମାନ୍ତର

୧୪) ପଲ୍ଲୀର ନରନାରୀଙ୍କ ମଧ୍ୟରେ କେଉଁ ପରମ୍ପରା ଗଢ଼ି ଉଠିଥାଏ ?

(କ) ସ୍ୱାର୍ଥପରତା (ଖ) ସହରୀ ପରମ୍ପରା

(ଗ) ଏକ ପରିବାରତ୍ୱ

(ଘ) ଯୌଥ ପରିବାରତ୍ୱ

୧୫) ସାର ମାଉସୀ ଗ୍ରାମ ମୁଣ୍ଡରେ କେଉଁଠାରେ ବହୁ ବର୍ଷ ଧରି ପ୍ରସ୍ତର ମୂର୍ତ୍ତିଟି ପରି ବସି ଆସିଛି ?

(କ) ବରଗଛ ମୂଳେ (ଖ) ଦାଣ୍ଡରେ

(ଗ) ଛୋଟ ପିଣ୍ଡାରେ (ଘ) ଆସନରେ

୧୬) ଗ୍ରାମର ମଝିରେ କାହାର ଘର ?

(କ) ହରି (ଖ) ଗୋପାଳ

(ଗ) ଗୋବିନ୍ଦା (ଘ) ମାଧମ

୧୭) ଗୋବିନ୍ଦା ଭାଇ ଲେଖକଙ୍କ ପାଖରେ କ'ଣ ବାଖ୍ୟା କରୁଥିଲା ?

(କ) ଭାଗବତ (ଖ)ମନବୋଧ ଚଉତିଶା

(ଗ) ଗୀତା (ଘ) ପୁରାଣ

୧୮) ଗୋବିନ୍ଦା ଭାଇ ଥିଲା .. .. .. .. .. .. .. .. ..

(କ) ବିପତ୍ନିକ (ଖ) ସପତ୍ନିକ

(ଗ) ପତ୍ନୀ ପରିତ୍ୟକ୍ତ(ଘ) ଅବିବାହିତ

୧୯) ଗୋବିନ୍ଦା ଭାଇ କାହାକୁ ଦୁର୍ଗ କରି ସମଗ୍ର ବିଶ୍ୱ ବିରୋଧରେ ବିଦ୍ରୋହ ଘୋଷଣା କରୁଥିଲା ?

(କ) ତା'ର କ୍ଷୁଦ୍ର କୁଟୀରକୁ

(ଖ) ପଲ୍ଲୀ ଗ୍ରାମକୁ

(ଗ) ଭାଗବତ ଟୁଙ୍ଗୀକୁ

(ଘ) ଗାଁ ଦାଣ୍ଡକୁ

୨୦) ଗ୍ରାମଟି ଯାକ କେଉଁଥିରେ ପରିପୂର୍ଣ୍ଣ ହୋଇଗଲାଣି ବୋଲି ପ୍ରାବନ୍ଧିକ କହିଛନ୍ତି ?

(କ) ସ୍ୱର୍ଣ୍ଣଶୀର୍ଷ ଧାନ୍ୟରେ

(ଖ) ନବାଗତ ଅତିଥିରେ

(ଗ)ବୃକ୍ଷରାଜିରେ (ଘ) ଟିଉବ୍‌ରେ

୨୧) ବେକାର ଯୁବଗୋଷ୍ଠୀ ପୁଷ୍ପିତ ପଳାଶବନରେ କ'ଣ ଦେଖନ୍ତି ?

(କ) ଆହବର ରକ୍ତ

(ଖ) ରକ୍ତକେତନ

(ଗ) ବିଦ୍ରୋହର ବହ୍ନି

(ଘ) ଲାଲଝଣ୍ଡା

୨୨) ବେକାର ଯୁବଗୋଷ୍ଠୀ କେଉଁଠାରେ ଦେଖନ୍ତି ଆହବର ରକ୍ତ ?

(କ) ପଳାଶ ବନରେ

(ଖ) କୃଷ୍ଣଚୂଡ଼ାରେ

(ଗ) ଗୋଲାପ ବନରେ

(ଘ) ସ୍ଥଳପଦ୍ମରେ

୨୩) ପଲ୍ଲୀର କର୍ମ ଯୋଜନାରେ ଅଂଶଗ୍ରହଣ କରିବା ପାଇଁ ପ୍ରାବନ୍ଧିକଙ୍କ ନିକଟରେ କେଉଁ ଶକ୍ତିର ଅଭାବ ନ ଥିଲା ?

(କ) ଭୌତିକ ଶକ୍ତି

(ଖ) ମାନସିକ ଶକ୍ତି

(ଗ) ନୈତିକ ଶକ୍ତି

(ଘ) ଦୈବୀ ଶକ୍ତି

୨୪) ପ୍ରାବନ୍ଧିକ ଜନ୍ମଭୂମିର ଖାଲି ମନରୁ ନୁହେଁ, .. .. .. .. .. .. . .. .. ରୁ ମଧ୍ୟ ବିଚ୍ୟୁତ ହୋଇ ପଡ଼ିଛନ୍ତି ?

(କ) କର୍ମ (ଖ) ସଂପର୍କ

(ଗ) ପର୍ବ (ଘ) ସ୍ନେହ

୨୫) ନୂଆ ମେଘକୁ କେଉଁମାନେ ଚାହିଁ ରୁହନ୍ତି ?

(କ) ଗ୍ରାମବାସୀ (ଖ) ପଲ୍ଲୀଜନ

(ଗ) ଚାଷୀକୂଳ (ଘ) ଉପରୋକ୍ତ ସମସ୍ତ

୨୬) ରଜପର୍ବର ଆରମ୍ଭ କେଉଁଥିରୁ ହୋଇଥାଏ ?

(କ) ନିଦାଘର ଝାଞ୍ଜି (ଖ) ବାରିପାତ

(ଗ) ସିକ୍ତଭୂମି

(ଘ)ବନ୍ୟଯୂଥିର ପରିମଳ

୨୭) ରଜ ପର୍ବରେ ଗ୍ରାମବାସୀମାନେ କ'ଣ ଖେଳନ୍ତି ?

(କ) ଦୋଳି (ଖ) ପଶା

(ଗ) ଯୁଆ (ଘ) କବାଡ଼ି

୨୮) ଗ୍ରାମ ମଧ୍ୟରେ ଏକ ପରିବାରତ୍ୱର ପରମ୍ପରା ସ୍ୱରୂପ ନିମ୍ନଲିଖିତ ମଧ୍ୟରୁ କେଉଁଟି ଗ୍ରହଣୀୟ ଲେଖ ?

(କ) ଲୋକଙ୍କୁ ଡାକି ଆଣି ମନବୋଧ ଚଉତିଶା ଆଦିର ବାଖ୍ୟା ଶୁଣାଇବା

(ଖ) ଗ୍ରାମରେ ଜାତି ବର୍ଣ୍ଣ ନିର୍ବିଶେଷରେ ଭାଇ, ଭଉଣୀ, କକା, ଖୁଡ଼ୀ ଆଦି ଭାବରେ ସଂପର୍କ ରଖିବା ଓ ରଜପର୍ବ ପାଳନ କରିବା

(ଗ) ପିଣ୍ଡାରେ ବସି ଗ୍ରାମକୁ ଆସୁଥିବା ଅତିଥିମାନଙ୍କୁ କୁଶଳ ଜିଜ୍ଞାସା କରିବା

(ଘ) ପର୍ବ ପର୍ବାଣୀରେ ପରସ୍ପରକୁ ଭୁଲିଯିବା

୨୯) ଧରଣୀ ଶସ୍ୟଶ୍ୟାମଳା ହେବାରେ କାହାର ଶ୍ରମ ନିହିତ ?

(କ) ଶ୍ରମଜୀବିମାନଙ୍କ ଯତ୍ନ

(ଖ) ନବଯୁବକଙ୍କ ଯତ୍ନ

(ଗ) ପଲ୍ଲୀର ନବାଗତମାନଙ୍କର ଆଗବନ

(ଘ) ବୃଦ୍ଧମାନଙ୍କର ପୁରାଣ ଆଲୋଚନା

୩୦) ଗ୍ରାମର ଶୃଙ୍ଖଳିତ କର୍ମଯୋଜନାରେ କାହାର ସ୍ଥାନ ନାହିଁ ?

(କ) ନବଯୁବକ

(ଖ) ଗୋବିନ୍ଦା ଭାଇ

(ଗ) ଲେଖକ

(ଘ) ସାର ମାଉସୀ

୩୧) ଗ୍ରାମ ଭୂମିର ପୂର୍ଣ୍ଣ ହେବାରେ କାହାର ପ୍ରାଧାନ୍ୟତା ପରିଲକ୍ଷିତ ହୋଇଥାଏ ?

(କ) ଗ୍ରୀଷ୍ମ ଝାଞ୍ଜି ଖରା

(ଖ) ଜ୍ୟେଷ୍ଠ ଅନ୍ତର ବର୍ଷା

(ଗ) ହେମନ୍ତର ସ୍ୱର୍ଣ୍ଣ ଶୀର୍ଷ ଧାନ

(ଘ) ଶୀତର କାକର ବିନ୍ଦୁ

୩୨) କୃଷ୍ଣ କେଉଁଠିକୁ ତିନି ଦିନ କ□ କରି ଯାଇଥିଲେ ?

(କ) ବୃନ୍ଦାବନ (ଖ) ମଥୁରା

(ଗ) ଗୋପପୁର (ଘ) ଦ୍ୱାରକା

୩୩) ଜନ୍ମଭୂମି ପ୍ରତି ଅନୈତିକତା ବା ବିଶ୍ୱାସଘାତକତାରୁ କେଉଁ ମହାପୁରୁଷ ପାର ପାଇନଥିଲେ ?

(କ) ରାମ (ଖ) କୃଷ୍ଣ

(ଗ) ବୁଦ୍ଧ (ଘ) ଯୀଶୁ

୩୪) କିଏ ଶଶିକଳା ପରି ଦୀନା କ୍ଷୀଣା ହୋଇଗଲେ ?

(କ) ରାଧା (ଖ) ଗୋପନାରୀ

(ଗ) ଯଶୋଦା (ଘ) ନନ୍ଦରାଜା

୩୫) କୃଷ୍ଣ କେଉଁଠାରେ ନିଜର ସାମ୍ରାଜ୍ୟ ସ୍ଥାପନ କରିଥିଲେ ?

(କ) ଗୋପପୁର (ଖ) ଦ୍ୱାରକା

(ଗ) ବୃନ୍ଦାବନ (ଘ) ମଥୁରା

୩୬) କୃଷ୍ଣଙ୍କର ଅଭ୍ରଂକଷ ପ୍ରାସାଦ କେଉଁଥିରେ ନିମଗ୍ନ ହେଲା ?

(କ) ସମୁଦ୍ର (ଖ) ନଦୀ

(ଗ) ଅତଳ ଜଳଧି (ଘ) ପୁଷ୍କରିଣୀ

୩୭) ଦ୍ୱାରକାର ମଦ୍ୟପ ଯଦୁବଂଶ ଗୋଷ୍ଠୀ କେଉଁଠାରେ ପରସ୍ପରକୁ ହାଣି ଧ୍ୱଂସ ହୋଇଗଲେ ?

(କ) ପ୍ରଭାସ ତୀର୍ଥ (ଖ) ପୁଷ୍କର ତୀର୍ଥ

(ଗ) ଦ୍ୱାରକା (ଘ) ଓଡ଼େପାତୀର୍ଥ

୩୮) ଦ୍ୱାରକାର ରାଜଭୋଗରେ କୃଷ୍ଣଙ୍କ ପାଦୁକା କିପରି ବର୍ଣ୍ଣ ଧାରଣ କରିଥିଲା ?

(କ) ଅଗ୍ନି ପରି

(ଖ) ନବ ପୁଷ୍ପିତ ପଲ୍ଲବ

(ଗ) ଆକାଶର ମେଘ

(ଘ) ନବପଲ୍ଲବ ପରି ରକ୍ତାର

୩୯) ବୃନ୍ଦାବନର ପୁଷ୍ପିତ କଦମ୍ବରେ ଆଜି ମଧ୍ୟ କିଏ ନୃତ୍ୟ କରିଥାଏ ?

(କ) ମୟୂର (ଖ) ହରିଣୀ

(ଗ) ହଂସ (ଘ) ବନ୍ୟପକ୍ଷୀ

୪୦) କାହାର ଲୌହଶର ଶ୍ରୀକୃଷ୍ଣଙ୍କର ପଦବିଦ୍ଧ କରିଥିଲା ?

(କ) ବ୍ୟାଧର

(ଖ) ଶତ୍ରୁର

(ଗ) ମଦ୍ୟପ ବଂଶଧରଙ୍କର

(ଘ) ଅର୍ଜ୍ଜୁନଙ୍କର

୪୧) ଏଟ୍‌ଲାସ . . . . . . . . . . . . . . ଦେବତା ଅଟନ୍ତି ?

(କ) ଭାରତୀୟ (ଖ) ମିଶରୀୟ

(ଗ) ଗ୍ରୀସୀୟ (ଘ) ଇଉରୋପୀୟ

୪୨) ଗୋପପୁର ଓ ମଥୁରା ମଧ୍ୟରେ କେଉଁ ନଦୀ ବହି ଚାଲିଛି ?

(କ) ଗଂଗା (ଖ) ସରଜୁ

(ଗ) ସରସ୍ୱତୀ (ଘ) ଯମୁନା

୪୩) ପ୍ରାବନ୍ଧିକ ତାଙ୍କ ଜନ୍ମଭୂମିକୁ କାହା ସହ ତୁଳନା କରିଛନ୍ତି ?

(କ) ପୃଥିବୀ ସହିତ

(ଖ) ଆକାଶ ସହିତ

(ଗ) ସୂର୍ଯ୍ୟଙ୍କ ସହିତ

(ଘ) ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ

୪୪) ବଂଶୀ ସ୍ୱନରେ କାହାର ମନ ଅହେତୁକ ଓ ଅନାହୂତ ବ୍ୟଥାରେ ଭାରାକ୍ରାନ୍ତ ହୋଇଉଠେ ?

(କ) ଦ୍ୱାରକାର ଅଷ୍ଟ ପାଟବଂଶୀ

(ଖ) ଅନୁଢ଼ା ଗୋପକନ୍ୟା

(ଗ) ମଧୁରା କିଶୋରୀ

(ଘ) ଦ୍ୱାରକା ନାରୀ

୪୫) କେଉଁ ଦେବତା ବିଶ୍ୱର ସମସ୍ତ ଭାର ବହନ କରି କୁବ୍‌ଜା ହୋଇଛନ୍ତି ?

(କ) ଯୀଶୁ

(ଖ)ଏଟ୍‌ଲାସ

(ଗ) କୃଷ୍ଣ

(ଘ) ନାନକ

ଉତ୍ତର

| | | | | | | | | | |
|---|---|---|---|---|---|---|---|---|---|
| ୧. | ଘ | ୧୦ | କ | ୧୯ | କ | ୨୮ | ଗ | ୩୭ | କ |
| ୨. | କ | ୧୧ | କ | ୨୦ | ଖ | ୨୯ | [illegible] | [illegible] | [illegible] |
| ୩. | ଗ | ୧୨ | ଗ | ୨୧ | ଗ | ୩୦ | ଗ | ୩୯ | କ |
| ୪. | କ | ୧୩ | କ | ୨୨ | ଘ | ୩୧ | ଗ | ୪୦ | କ |
| ୫. | ଗ | ୧୪ | ଗ | ୨୩ | ଗ | ୩୨ | ଖ | ୪୧ | ଗ |
| ୬. | କ | ୧୫ | ଗ | ୨୪ | କ | ୩୩ | ଗ | [illegible] | ଖ |
| ୭. | ଘ | ୧୬ | ଗ | ୨୫ | ଘ | ୩୪ | କ | ୪୩ | ଖ |
| ୮. | ଖ | ୧୭ | ଖ | ୨୬ | ଘ | ୩୫ | ଖ | ୪୪ | ଖ |
| ୯. | କ | ୧୮ | ଘ | ୨୭ | କ | ୩୬ | ଗ | ୪୫ | ଖ |

## ଜନ୍ମଭୂମି

## ସରଳାର୍ଥ

୧) ସମୟ – ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

ଉ : ସମୟ ସ୍ରୋତରେ .. .. . . . . . . . . . . . . . . . . . . . . . . . ମୁଁ ଭାସି ଚାଲିଛି ।

ପ୍ରଦ□ ଗଦ୍ୟାଂଶଟି କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚିତ 'ଜନ୍ମଭୂମି' ଶୀର୍ଷକ ପ୍ରବନ୍ଧରୁ ଆନୀତ ।

ଏଠାରେ ଲେଖକ ନିଜ ଜନ୍ମଭୂମି ସେବାରେ ନିଜକୁ ଉତ୍ସର୍ଗ କରିବାରେ ଅସାମର୍ଥ ପ୍ରକାଶ କରି ନିଜକୁ ସମୟ ସ୍ରୋତରେ ଏକ ଭାସମାନ ତୃଣଖଣ୍ଡ ସହ ତୁଳନା କରିଛନ୍ତି ।

ପଲ୍ଲୀ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଓ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ ହୋଇଥିବା ଯୁବ ସମାଜର ପ୍ରତିନିଧି ଭାବେ ପ୍ରାବନ୍ଧିକ ନିଜକୁ ପରିଚିତ କରାଇଛନ୍ତି । ସଂପ୍ରତି ଜନନୀ, ଧାତ୍ରୀ ଓ ଶିକ୍ଷୟିତ୍ରୀ ଭୂମିକା ଗ୍ରହଣ କରିଥିବା ଯେଉଁ ସ୍ୱର୍ଗାଦପି ଗରୀୟସୀ ଜନ୍ମଭୂମି ବ୍ୟକ୍ତିକୁ ରୂପ, ରଙ୍ଗ, ଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ଦେଇ ତା ବାଲ୍ୟ ଓ କୈଶୋର ଜୀବନରେ ଇନ୍ଦ୍ରଧନୁକୁ ବର୍ଣ୍ଣାଳୀ ସୃଷ୍ଟି କରିଥିଲା, ସେହି ଜନ୍ମଭୂମି ସହ ତାର ସଂପର୍କ ନିବିଡ଼ରୁ ନିବିଡତର ହେବା ପରିବର୍ତ୍ତେ ବ୍ୟବଧାନ ବୃଦ୍ଧି ପାଇବାରେ ଲାଗିଛି । ଲେଖକ କାଳର ଅପ୍ରତିହତ ଗତିର ପ୍ରଭାବକୁ ଦାୟୀ କରିଛନ୍ତି । କାଳ ହସ୍ତରେ କ୍ରୀଡ଼ନକ ସାଜିଛି ଆଧୁନିକ ଶିକ୍ଷିତ ସମ୍ପ୍ରଦାୟ । ଫଳରେ ସେ ତାର ନିଜସ୍ୱ ସ୍ଥିତି ହରାଇ ବସିଛି । କାଳର ଅବାରିତ ସ୍ରୋତରେ ନିଃସହାୟ ଶୁଷ୍କ ତୃଣଖଣ୍ଡ ଭାସି ଚାଲିଲା ପରି ବିଳାସ ବ୍ୟସନ ତଥା ସହରୀ ଜୀବନର ରଂଗୀନ ନିଶାରେ ମସଗୁଲ ରହିବା ପାଇଁ ଆୟର ବହୁବିଧ ପନ୍ଥା ନିର୍ଦ୍ଧାରଣ କରିବାକୁ ସେ ସହରା□ଳକୁ ନିଜ କର୍ମଭୂମି ଭାବେ ବାଛି ନେଇଛି । ଫଳତଃ ଇଚ୍ଛା ଥିଲେ ମଧ୍ୟ ଜନ୍ମଭୂମି ସହ ସଂପର୍କ ରକ୍ଷା କରିପାରୁନାହିଁ । ପ୍ରାବନ୍ଧିକ ଜନ୍ମଭୂମିକୁ ଫେରିଯିବାର ନୈତିକ ସାହାସ ହରାଇଛନ୍ତି ବୋଲି ସ୍ୱୀକାର କରିଛନ୍ତି । ପରୋକ୍ଷରେ ଜନ୍ମଭୂମି ବିମୁଖତା ଦେଶ ଓ ଦେଶ ପାଇଁ କଦାପି ଶୁଭଙ୍କର ନୁହେଁ ବୋଲି ସତର୍କ କରାଇଛନ୍ତି ।

୨. ଏମାନେ ପୁଷ୍ପିତ ପଳାଶ ବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳ ପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଅନତ କୃଷ୍ଣଚୂଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ ।

ଉ : ସେମାନେ ପୁଷ୍ପିତ ପଳାଶ . . . . . . . . . .
. . . . . . . . . ରକ୍ତକେତନ ।

ପ୍ରଦ□ ପଦ୍ୟାଂଶଟି ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ 'ପ୍ରବନ୍ଧମାନସ' ପୁସ୍ତକରୁ ସଂଗୃହୀତ 'ଜନ୍ମଭୂମି' ଶୀର୍ଷକ ପ୍ରବନ୍ଧରୁ ଆନୀତ ।

ଏଠାରେ ଲେଖକ ଗ୍ରାମର ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କଠାରେ ପରିଦୃଷ୍ଟ ସଂକୀର୍ଣ୍ଣ ରାଜନୀତି ତଥା ରାଜନୀତି ପ୍ରଭାବରେ ସେମାନଙ୍କ କଳୁଷିତ ମାନସିକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ସଂପ୍ରତି ପଲ୍ଲୀର ଶାନ୍ତ, ସୁସ୍ଥ, ସାଂସ୍କୃତିକ ତଥା ସାମାଜିକ ପରିବେଶ ରାଜନୈତିକ ନେତୃବୃନ୍ଦଙ୍କ ହାତବାରିସି ସାଜିଥିବା ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକମାନଙ୍କ ସଂକୀର୍ଣ୍ଣ ସ୍ୱାର୍ଥ କୈନ୍ଦ୍ରିକ ଚିନ୍ତାଧାରାରେ କଳୁଷିତ ହେବାରେ ଲାଗିଛି । ସେହି ଯୁବକମାନଙ୍କ ମଧ୍ୟରୁ କେହି କଂଗ୍ରେସ, କେହି ଗଣତନ୍ତ୍ରୀ, କେହି ସୋମାଲିଷ୍ଟ ବା କେହି କମ୍ୟୁନିଷ୍ଟ ଆଦି ଦଳର ମତବାଦ ଦ୍ୱାରା ପ୍ରଭାବିତ ହୋଇ ଦଳୀୟ ନେତାମାନଙ୍କର ଅନ୍ଧ ସମର୍ଥକ ସାଜିଛନ୍ତି । ପଲ୍ଲୀର ଅନୁପମ ପ୍ରାକୃତିକ ଶୋଭା ସେମାନଙ୍କୁ ବିପ୍ଳବ, ରକ୍ତପାତ, ଯୁଦ୍ଧ ଓ ସଂଗ୍ରାମର ବିଭୀଷିକା ପ୍ରାୟ ପ୍ରତୀୟମାନ ହେଉଛି । ସଂକୀର୍ଣ୍ଣ ରାଜନୀତିର ବିଷ ପ୍ରଭାବରେ ସେମାନଙ୍କର ମାନସିକତା ଏପରି କଳୁଷିତ ହୋଇଉଠିଛି ଯେ ସେମାନଙ୍କ ସହ ପଲ୍ଲୀର ମନୋରମ ରୂପ ମାଧୁରୀ ଉପଭୋଗ କରିବା ସମ୍ଭବ ହୋଇପାରୁ ନାହିଁ । ପୁଷ୍ପିତ ପଳାଶ ବନର ଲାଲିମା ସେମାନଙ୍କୁ ବିଦ୍ରୋହର ଅଗ୍ନିଶିଖା, ସ୍ଥଳପଦ୍ମର ସୁଷମା ଯୁଦ୍ଧଭୂମିର ରକ୍ତାକ୍ତ ଦୃଶ୍ୟ ଓ କୃଷ୍ଣଚୂଡ଼ାର ମାଧୁରିମା ଅନାଗତ ଯୁଗର ରକ୍ତବର୍ଣ୍ଣୀ ପତାକା ପ୍ରାୟ ପରିଦୃଷ୍ଟ ହେଉଛି । ତେଣୁ ସେମାନଙ୍କ ମନୋଭାବ ସହ ଖାପ ଖୁଆଇ ଚଳିବାକୁ କୌଣସି ଶିକ୍ଷିତ ବ୍ୟକ୍ତି ସକ୍ଷମ ହୋଇପାରନ୍ତି ନାହିଁ ।

# ଜନ୍ମଭୂମି

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧) ପଲ୍ଲୀକୋଳକୁ ଫେରିଯିବାର ତାଙ୍କର ନୈତିକ ସାହାସ ନାହିଁ ବୋଲି ଲେଖକ କାହିଁକି କହିଛନ୍ତି ?

କିମ୍ବା

ନିଜର ଜନ୍ମମାଟି ପଲ୍ଲୀକୁ ଯିବା ନିମନ୍ତେ ପ୍ରାବନ୍ଧିକ କାହିଁକି ଅସହାୟତା ପ୍ରକାଶ କରିଛନ୍ତି ତାହା ପଠିତ ପ୍ରବନ୍ଧ ଅବଲମ୍ବନରେ ଆଲୋଚନା କର ।

ଉ : ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ ପ୍ରାବନ୍ଧିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଆଧୁନିକ ପ୍ରବନ୍ଧ ସାହିତ୍ୟରେ ଜଣେ ସୁପରିଚିତ ତଥା ସୁପ୍ରତିଷ୍ଠିତ ପ୍ରତିଭା । ଜୀବନର ଅନ୍ତରଙ୍ଗ ସ୍ପର୍ଶ ଦେଇ ସେ ଓଡ଼ିଶାର ଚିତ୍ର-ଚରିତ୍ର ଘଟଣାକୁ ରୂପ ପ୍ରଦାନ କରିଛନ୍ତି । ତାଙ୍କ ସାରସ୍ୱତ କୃତିଗୁଡ଼ିକ ମଧ୍ୟରେ 'ଇତିହାସ ଓ କିମ୍ବଦନ୍ତୀ', 'ପ୍ରବନ୍ଧମାନସ', 'ସାରଳା ମହାଭାରତର ଐତିହାସିକ ଚିତ୍ର' ଓ 'ମୋ ସମୟର ଓଡ଼ିଶା' ଇତ୍ୟାଦି ପ୍ରାବନ୍ଧିକଙ୍କ ଅନନ୍ୟ ସାଧାରଣ ପ୍ରତିଭାର ପରିଚାୟକ । ପ୍ରବନ୍ଧ 'ଜନ୍ମଭୂମି' ଲେଖକଙ୍କ 'ପ୍ରବନ୍ଧ ମାନସ' ପୁସ୍ତକରୁ ସଂଗୃହୀତ ।

ବାଲ୍ମିକୀ ରାମାୟଣରେ ଶ୍ରୀରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପ୍ରସଂଗରେ ଲକ୍ଷ୍ମଣଙ୍କୁ କହିଥିଲେ-

'ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ଲକ୍ଷ୍ମଣ ରୋଚତେ,

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।'

ଯୁଗେ ଯୁଗେ ଜନ୍ମଭୂମିର ମହତ୍ତ୍ୱ ପରର୍କୀତ ହୋଇଆସିଛି । କିନ୍ତୁ ପରିତାପର ବିଷୟ, ଆଜିର ଶିକ୍ଷିତ ସମାଜ ସେହି ଜନ୍ମଭୂମି ପଲ୍ଲୀଗ୍ରାମ ପ୍ରତି ବିତୃସ୍ପୃହ ।

ପ୍ରାବନ୍ଧିକ ଡଃ ପାଣିଗ୍ରାହୀ 'ଜନ୍ମଭୂମି' ପ୍ରବନ୍ଧରେ ସଂପ୍ରତି ଶିକ୍ଷିତ ସମାଜ ମଧ୍ୟରେ ପରିଦୃଷ୍ଟ ପଲ୍ଲୀ ବିମୁଖତା ତଥା ସହରାଭିମୁଖୀ ମାନସିକତାକୁ ସ୍ୱଅଭିଜ୍ଞତା ସହ ସମ୍ପର୍କୀକୃତ କରାଇଛନ୍ତି । ନିଜକୁ ଶିକ୍ଷିତ ତଥା ଅଭିଜାତ ଗୋଷ୍ଠୀର ପ୍ରତିନିଧି ଭାବେ ବିବେଚନା କରି ଜନ୍ମଭୂମି ପ୍ରତି ନିଜ ନୈତିକ କର୍ତ୍ତବ୍ୟରୁ ସେ ବିଚ୍ୟୁତ ହେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ।

ନିଜ ଜନ୍ମସ୍ଥାନ ପଲ୍ଲୀଭୂମି କୋଳକୁ ଫେରି ଆସିବା ପାଇଁ ନୈତିକ ସାହସ ସଂଚୟ କରିପାରୁ ନାହାନ୍ତି ବୋଲି ଗଭୀର ଅନୁତାପ ଓ ଅନୁଶୋଚନା ମଧ୍ୟରେ ତାଙ୍କ ମନ ବିଷାଦିତ ହୋଇଉଠିଛି । ଏହା ଲେଖକଙ୍କ ବ୍ୟକ୍ତିଗତ ସମସ୍ୟା ନୁହେଁ, ଲେଖକଙ୍କ ମୁଗ୍ଧ ଅନୁଭବରେ ପ୍ରତିଫଳିତ ହୁଏ ସମାଜର ବାସ୍ତବ ଚିତ୍ର ଓ ସମସ୍ୟା ସମଗ୍ର ଶିକ୍ଷିତ ସମାଜର ସମସ୍ୟା । ପ୍ରଚଳିତ ପାଶ୍ଚାତ୍ୟମୁଖୀ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଆଧୁନିକ ଶିକ୍ଷିତ ଗୋଷ୍ଠୀ ନିଜର ସମସ୍ତ

ମାନବିକତାକୁ ଉତ୍ସର୍ଗ କରି ନିଜ ଜନ୍ମଭୂମିକୁ ବିସ୍ମୃତ ହେଉଛନ୍ତି । ଶିକ୍ଷା ସମାପ୍ତି ପରେ ସତେ ଯେପରି ସେମାନେ ପୁନର୍ଜନ୍ମ ଲାଭ କରୁଛନ୍ତି । ଆବଶ୍ୟକ ବେଳେ କିଛି ଅର୍ଥଦାନ କରି ଜନ୍ମଭୂମି ପ୍ରତି ନିଜ କର୍ତ୍ତବ୍ୟ ଶେଷ ହୋଇଛି ବୋଲି ସେମାନେ ତୃପ୍ତି ଲାଭ କରୁଛନ୍ତି । ଅଥଚ ଜନ୍ମଭୂମି ସହ ନିଜକୁ ବିଜଡିତ କରି ପଲ୍ଲୀର ସୁଖ ଦୁଃଖରେ ଅଂଶୀଦାର ହେବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି । ପ୍ରାବନ୍ଧିକ ଜନ୍ମଭୂମି ପ୍ରତି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ଅସହାୟତା ପ୍ରକାଶ କରି କହିଛନ୍ତି –

"ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।"

ମାତୃଗର୍ଭରୁ ପଡ଼ି ଯେଉଁଠାରେ ସେ ପ୍ରଥମେ ଭୂମି ସ୍ପର୍ଶ କରିଥିଲେ, ଯେଉଁଠାରେ ପାଇଥିଲେ ରୂପ, ରସଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ସେହି ପଲ୍ଲୀ ଗ୍ରାମ ପ୍ରତି ବୟଃପ୍ରାପ୍ତି ପରେ ସଂପର୍କରେ ନିବିଡତା ଘନିଷ୍ଠତାରେ ହେବା ପରିବର୍ତ୍ତେ ସମ୍ବନ୍ଧ କ୍ରମଶଃ ଛିନ୍ନ ହେବାରେ ଲାଗିଛି । ମହାନୁଭବତାର ପରିଧିକୁ ପଲ୍ଲୀ ଗ୍ରାମରୁ ଆରମ୍ଭ କରି ସମଗ୍ର ବିଶ୍ୱ ପର୍ଯ୍ୟନ୍ତ ପରିବ୍ୟାପ୍ତ କରାଇଥିବା ଶିକ୍ଷିତ ବ୍ୟକ୍ତିଙ୍କୁ ନମସ୍ୟ ଭାବେ ବର୍ଣ୍ଣନା କରିଛନ୍ତି ସେ ।

ପଲ୍ଲୀ ଜନନୀ ଆଜି ତାର ଶିକ୍ଷିତ ସନ୍ତାନମାନଙ୍କୁ ହରାଇ ବସିଛି । ପରୋକ୍ଷରେ ପ୍ରାବନ୍ଧିକ ସ୍ୱର୍ଗାଦପି ଗରୀୟସୀ ଜନ୍ମଭୂମି ପ୍ରତି ଆଜିର ଶିକ୍ଷିତ ସମାଜର ବିମୁଖତାର ଦୃଢ଼ ନିନ୍ଦା କରିଛନ୍ତି ।

୨. ଗ୍ରାମରେ ଦେଖା ଯାଉଥିବା ଏକ ପରିବାରତ୍ୱ ପରମ୍ପରା ସମ୍ପର୍କରେ ପଠିତ ପ୍ରବନ୍ଧକୁ ଭିତ୍ତିକରି ବର୍ଣ୍ଣନା କର ।

"ଆତ୍ମୀୟତା ଥିଲା ଗ୍ରାମ୍ୟ ସଭ୍ୟତାରେ" – 'ଜନ୍ମଭୂମି' ପ୍ରବନ୍ଧ ଆଧାରରେ ଏହି ଉକ୍ତିଟି ଯଥାର୍ଥ ପ୍ରତିପାଦନ କର ।

ଉ : ପ୍ରଖ୍ୟାତ ପ୍ରାବନ୍ଧିକ, ବିଜ୍ଞ ପ୍ରତ୍ନତାତ୍ତ୍ୱିକ, ଗବେଷକ ତଥା ପ୍ରସିଦ୍ଧ ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ତାଙ୍କ ପ୍ରବନ୍ଧଗୁଡ଼ିକରେ ସତ୍ୟ ଓ ତଥ୍ୟର ସୁମଧୁର ସମନ୍ୱୟ । ଅକାଟ୍ୟ ଯୁକ୍ତି ତଥା ମନ୍ଦ୍ରଗମ୍ଭୀର ଭାଷା ତାଙ୍କ ରଚନାକୁ ଅନୁପମ ମର୍ଯ୍ୟାଦା ପ୍ରଦାନ କରିଛି । ତାଙ୍କ ସାରସ୍ୱତ କୃତିଗୁଡ଼ିକ ମଧ୍ୟରେ 'ପ୍ରବନ୍ଧମାନସ', 'ଇତିହାସ ଓ କିମ୍ବଦନ୍ତୀ', 'ସାରଳା ମହାଭାରତରେ ଐତିହାସିକ ଚିତ୍ର ଓ ଆତ୍ମଜୀବନୀ', ମୋ ସମୟର ଓଡ଼ିଶା' ଲେଖକଙ୍କ ଅସାଧାରଣ ପ୍ରତିଭାର ପରିଚାୟକ ।

ପ୍ରାବନ୍ଧିକ 'ଜନ୍ମଭୂମି' ଶୀର୍ଷକ ପ୍ରବନ୍ଧ ସ୍ୱରଚିତ 'ପ୍ରବନ୍ଧମାନସ'ରୁ ସଂଗୃହୀତ ଯେଉଁଥିରେ ସେ ଜନ୍ମଭୂମିର ପ୍ରକୃତ ଅର୍ଥ ସନ୍ଧାନ ପୂର୍ବକ ନିଜ ପଲ୍ଲୀ ଜନ୍ମମାଟିର ଅନନ୍ୟ ମହତ୍ତ୍ୱ ଦର୍ଶାଇଛନ୍ତି ।

'ବସୁଧେବ କୁଟୁମ୍ବକମ୍' ମହାନବାଣୀ ଉପରେ ଆଧାରିତ ପ୍ରବନ୍ଧଟି ଲେଖକଙ୍କ ଜନ୍ମଭୂମି ପ୍ରତି ଅନ୍ତରର ଗଭୀର ଅନୁରାଗର ନିବିଡ଼ ପରିପ୍ରକାଶ ।

ପଲ୍ଲୀଗ୍ରାମର ଲୋକମାନଙ୍କ ମଧ୍ୟରେ ଏକ ନିଆରା ସାମାଜିକ ସଂପର୍କ ଗଢ଼ି ଉଠିଥାଏ । ସମସ୍ତ ନରନାରୀଙ୍କ ମଧ୍ୟରେ ଗଢ଼ି ଉଠିଥାଏ ଏକ ପରିବାରତ୍ୱର ପରମ୍ପରା, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେମାନେ ଗୋଟିଏ ପରିବାରର ସଦସ୍ୟ ପରି ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ, ସଂପର୍କ ଓ ସହଯୋଗ ମଧ୍ୟରେ ବସବାସ କରନ୍ତି । ସମ୍ପତ୍ତିବାଡ଼ି ସମ୍ପର୍କିତ ଅଥବା ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ର କରି ସୃଷ୍ଟ ବାଦ ବିସମ୍ବାଦ ସତ୍ତ୍ୱେ ସେମାନେ ଶାନ୍ତିପୂର୍ଣ୍ଣ ସହବସ୍ଥାନ ଓ ପାରସ୍ପରିକ ବୁଝାମଣା ନୀତିରେ ବିଶ୍ୱାସ କରିଥାନ୍ତି । ରକ୍ତଗତ ସଂପର୍କ ନଥିଲେ ମଧ୍ୟ କେହି ଭାଇ, କେହି ଭଉଣୀ, କେହି କକା ବା ଖୁଡୀ ଆଦି ଭାବେ ସମସ୍ତ ଗ୍ରାମବାସୀ ପରସ୍ପର ମଧ୍ୟରେ ପରିଚିତ ହୋଇଥାନ୍ତି । ପ୍ରାବନ୍ଧିକ ଅନୁଭବ କରିଛନ୍ତିଯେ ଗ୍ରାମଟି ଯାକର ଭାଇ-ଭଉଣୀ, କକା-ଖୁଡ଼ି, ମାମୁ-ମାଇଁ, ମଉସା-ମାଉସୀ, ଇତ୍ୟାଦି ସବୁ ପର ହୋଇଗଲେଣି । ପ୍ରାବନ୍ଧିକଙ୍କ ଭାଷାରେ-

'ଆଜି ମୁଁ ଶତଚେଷ୍ଟା କଲେ ମଧ୍ୟ ତା'ର ପୂର୍ବ ପ୍ରତ୍ୟହ ଫେରିପାଏ ନାହିଁ ।'

ଗ୍ରାମବାସୀମାନେ ମୁଖ୍ୟତଃ କୃଷିଜୀବୀ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଶ୍ରମ କେନ୍ଦ୍ରିକ ପାରସ୍ପରିକ ସହଯୋଗ ଓ କୃଷିଭିତ୍ତିକ ସାହାର୍ଯ୍ୟ ସେମାନଙ୍କୁ ଏକ ପରିବାରତ୍ୱ ପରମ୍ପରା ମଧ୍ୟରେ ବାନ୍ଧି ରଖିଥାଏ । ନିଦାଘର ନିରାଟ ଝାଞ୍ଜିରେ ଆଷାଢ଼ର ବାରିପାତରେ, ହେମନ୍ତର କାକରରେ ବା ଶୀତର କାଲୁଆ ପବନରେ କ୍ଷେତ ବାଡ଼ିରେ କର୍ମରତ ରହି ସେମାନଙ୍କ ପରସ୍ପର ସହ ଏକ ପରିବାର ଭଳି ଘନିଷ୍ଠ ହୋଇଥାନ୍ତି । ପଲ୍ଲୀବାସୀଙ୍କ ନିତ୍ୟ ନୈମି□କ କର୍ମଯୋଜନାରେ ନିଜକୁ ସାମିଲ କରିବାରେ ଅକ୍ଷମ ପ୍ରାବନ୍ଧିକ ନିଜେ ମଧ୍ୟ ନୈତିକ ଶକ୍ତିର ଅଭାବ ଅନୁଭବ କରିଛନ୍ତି- ସୁଦୂର ସହରରେ ରହି ଗ୍ରାମବାସୀମାନଙ୍କର ସେହି ଆତ୍ମୀୟତାର ନିବିଡ଼ ବନ୍ଧନକୁ ମାନସ ପଟରେ ଅଙ୍କନ କରିଛନ୍ତି ।

# ସଭ୍ୟତା ଓ ବିଜ୍ଞାନ

୧. ଗ୍ରୀସୀୟ ସଭ୍ୟତାର ଆଦର୍ଶ ଥିଲା ।

(କ) ତ୍ୟାଗ (ଖ) ଭୋଗ

(ଗ) ବିଳାସ(ଘ) ମର୍ଯ୍ୟାଦା

୨. ଭାରତୀୟ ସଭ୍ୟତାର ଆଦର୍ଶ ଥିଲା ।

(କ) ଆତ୍ମସଂଯମ (ଖ) ଭୋଗବିଳାସ

(ଗ) ଧର୍ମ ପ୍ରଚାର (ଘ) ଅହଂକାର

୩. ଭାରତର ବୈଶିଷ୍ଟ୍ୟ

(କ) ଇଚ୍ଛାକୃତ (ଖ) ବୈଷୟିକ

(ଗ) ଆଧ୍ୟାତ୍ମିକତା (ଘ) ଆତ୍ମସଂଯମ

୪. ବର୍ତ୍ତମାନ ପୃଥିବୀ ସଭ୍ୟତାର ଆଦର୍ଶ

(କ) ଶାରୀରିକ ଉନ୍ନତି (ଖ)ସର୍ବାଙ୍ଗୀନ ଉନ୍ନତି

(ଗ) ବୈଷୟିକ ଉନ୍ନତି(ଗ) ମାନସିକ ଉନ୍ନତି

୫. ସଭ୍ୟତାର ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଅବଲମ୍ବନ

(କ) ବିଜ୍ଞାନ (ଖ) ଦର୍ଶନ

(ଗ) ସାହିତ୍ୟ (ଘ) ସଂଗୀତ

୬. ଗଣିତ ଶାସ୍ତ୍ର ବିଜ୍ଞାନର କେଉଁ ବିଭାଗର ଅନ୍ତର୍ଗତ ?

(କ) ଜୀବବିଜ୍ଞାନ (ଖ) ଉଦ୍ଭିଦ ବିଜ୍ଞାନ

(ଗ) ଜଡ---- (ଘ) କଳା ବିଜ୍ଞାନ

୭. ଶବ୍ଦ ବିଜ୍ଞାନ କାହାର ଉପବିଭାଗ ଅଟେ ?

(କ) ଜୀବବିଜ୍ଞାନ (ଖ) ରସାୟନ ବିଜ୍ଞାନ

(ଗ) ସମାଜ ବିଜ୍ଞାନ (ଘ) ପଦାର୍ଥ ବିଜ୍ଞାନ

୮. ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧର ପ୍ରାବନ୍ଧିକ

(କ) କୃଷ୍ଣଚନ୍ଦ୍ର (ଖ) ଗଙ୍ଗାଧର

(ଗ) ବଂଶୀଧର (ଘ) ନଟବର

୯. ଜଡ ବିଜ୍ଞାନ କେତେ ଭାଗରେ ବିଭକ୍ତ

(କ) ଦୁଇ (ଖ) ତିନି

(ଗ) ଚାରି (ଘ) ପାଞ୍ଚ

୧୦. କେଉଁ ବିଜ୍ଞାନ ବଳରେ ଆମେ ପଦାର୍ଥର ଶକ୍ତି ବିଷୟରେ ଜାଣିଥାଉଁ ?

(କ) ଜଡ ବିଜ୍ଞାନ (ଖ) ଜୀବବିଜ୍ଞାନ

(ଗ) କୃଷି ବିଜ୍ଞାନ (ଘ) ଶରୀର ବିଜ୍ଞାନ

୧୨. ସାଧାରଣ ଲୋକେ କାହାକୁ ବିଜ୍ଞାନବୋଲି ଭାବି ନଥାନ୍ତି ?

(କ) ଗଣିତକୁ (ଖ) କଳାବିଦ୍ୟାକୁ

(ଗ) ପଦାର୍ଥ ବିଜ୍ଞାନକୁ (ଘ) ଶରୀରଜ୍ଞାନକୁ

୧୩. ହିନ୍ଦୁମାନେ ଶାରୀରିକ ଓ ମାନସିକ ଉନ୍ନତି କିପରି ସମ୍ଭବ ବୋଲି ଭାବିଥାନ୍ତି ?

(କ) ଶିକ୍ଷା, ସଂଯମ ଓ ବ୍ରହ୍ମଚର୍ଯ୍ୟ ଦ୍ୱାରା

(ଖ) ଯୋଗାସନ ଦ୍ୱାରା

(ଗ) ଆହାର ବିଭାରଦ୍ୱାରା

(ଘ) କ୍ରୀଡାଦ୍ୱାରା

୧୪. ଆଜି ପର୍ଯ୍ୟନ୍ତ ଆମ୍ଭେମାନେ ସଭ୍ୟତାର କେଉଁସ୍ଥାନରେ ପହଞ୍ଚି ପାରିନାହୁଁ ?

(କ) ମୂଳବିନ୍ଦୁରେ (ଖ) ଅର୍ଦ୍ଧ ପଥରେ

(ଗ) ଉଚ୍ଚତମ ସୋପାନରେ (ଘ) ମଧ୍ୟଭାଗରେ

୧୫. ନିମ୍ନୋକ୍ତ କେଉଁ ପଦାର୍ଥଟି ପଞ୍ଚଭୂତରେ ନାହିଁ ?

(କ) କ୍ଷିତି (ଖ) ବ୍ୟୋମ

(ଗ) ଉଦ୍ଭିଦ (ଘ) ତେଜ

୧୬. ବୈଷୟିକ ସୁଖ ସମୃଦ୍ଧିରେ କେଉଁ ବିଜ୍ଞାନ ଆମର ସହାୟକ ଅଟେ ?

(କ) ପ୍ରାଣୀ ବିଜ୍ଞାନ (ଖ) ଜଡବିଜ୍ଞାନ

(ଗ) ଜୀବ ବିଜ୍ଞାନ (ଘ) ଉଦ୍ଭିଦ ବିଜ୍ଞାନ

୧୭. ବିଜ୍ଞାନ ଓ ଶିକ୍ଷାର ପ୍ରସାର ସବୁସ୍ଥାନରେ ହୋଇପାରୁନାହିଁ, କାରଣ-

(କ) ବିଶ୍ୱମାନବିକତାର ବିକାଶ ହୋଇନଥିବାରୁ

(ଖ) ସରକାର ଉଦାସୀନତାରୁ

(ଗ) ଲୋକ ଚାହୁଁ ନଥିବାରୁ

(ଘ) ରାଜନୀତି ବିରୋଧରୁ

୧୮. ଉତ୍ତାପ କେଉଁ ଶକ୍ତିର ଏକ ଅବସ୍ଥା ଅଟେ ?

(କ) ବିରାଟ ଶକ୍ତିର (ଖ) ପ୍ରଚ୍ଛନ୍ନ ଶକ୍ତିର

(ଗ) ପ୍ରବହମାନ ଶକ୍ତିର (ଘ) ନୂତନ ଶକ୍ତିର

୧୯. ଆଧୁନିକ ସଭ୍ୟତାର ଆଦର୍ଶକୁ ସମସ୍ତଙ୍କୁ ଜଣାଇବାପାଇଁ କେଉଁ ସଂଘ କାର୍ଯ୍ୟ କରୁଛି ?

(କ) ଜ୍ଞାନର (ଖ) ବିଜ୍ଞାନର

(ଗ) ଶିକ୍ଷାର (ଘ) ସଂଯମର

୨୦. ଆଧୁନିକ ସଭ୍ୟତାର ଆଦର୍ଶକୁ ସମସ୍ତଙ୍କୁ ଜଣାଇବାପାଇଁ କେଉଁ ସଂଘ କାର୍ଯ୍ୟ କରୁଛି ?

(କ) ରାଜ୍ୟସଂଘ (ଖ) ଜାତିସଂଘ

(ଗ) ରାଷ୍ଟ୍ରସଂଘ (ଘ) ବିଜ୍ଞାନସଂଘ

୨୧. ଈଶ୍ୱର ସର୍ବତ୍ର ବିଦ୍ୟମାନ ଓ ବିଶ୍ୱସନୀୟ - ଏହା କେଉଁମାନେ କହିଥାନ୍ତି ?

(କ) ବିପକ୍ଷବାଦୀ (ଖ) ସପକ୍ଷବାଦୀ

(ଗ) ବୈଜ୍ଞାନିକ (ଘ) ଭାରତୀୟ

୨୨. ସୃଷ୍ଟି ରହସ୍ୟ ଭେଦ କରିବା କାହାର ପଦବାଦ୍ୟ ?

(କ) ବିଜ୍ଞାନ (ଖ) ଧର୍ମ

(ଗ) ଜ୍ଞାନ (ଘ) ବୁଦ୍ଧି

୨୩. ପଥ ପ୍ରଦର୍ଶକର ଦୋଷଗୁଡ଼ିକ କେଉଁଥିରୁ ଜାତ ?

(କ) ନିଜଦୋଷରୁ (ଖ) ବିଜ୍ଞାନ ଯୋଗୁଁ

(ଗ) ପାରିପାର୍ଶ୍ୱିକ ପଦାର୍ଥରୁ (ଘ) ଜ୍ଞାନାଭାବରୁ

୨୪. ଯାହାକୁ ଲଂଘନ କରିବା କଷ୍ଟକର।

(କ) ଅଲଂଘ୍ୟ (ଖ) ସୁଲଂଘ୍ୟ

(ଗ) ଦୁର୍ଲଭ (ଘ) ଦୁର୍ଲଂଘ୍ୟ

୨୫. ଗେଙ୍ଗୁଟି ପଥରରେ ପାଣି ଢାଳିଲେ କେଉଁ ବାଷ୍ପ ବାହାରେ ?

(କ) ଅଙ୍ଗାରକାମ୍ଳ (ଖ) ଅମ୍ଳଜାନ

(ଗ) ଉଦ୍‌ଜାନ (ଘ) ଜଳୀୟ ବାଷ୍ପ

୨୬. ଯାହା ବହି ଯାଉଥିବା ଅବସ୍ଥାରେ ଅଛି ତାହା-

(କ) ପ୍ରବାହମାନ (ଖ) ପ୍ରବହମାନ

(ଗ) ପ୍ରାବାହିତ (ଘ) ପ୍ରବହିତ

୨୭. କାହା ବଳରେ ଆମେ ଦୂରଦେଶକୁ ଉଡିଯାଇ ପାରୁଛୁ ?

(କ) ଶକ୍ତିବଳରେ (ଖ) ବଡବିଜ୍ଞାନ ବଳରେ

(ଗ) ଉଡାଜାହାଜ ବଳରେ (ଘ) ଇନ୍ଧନ ବଳରେ

୨୮. ବୃକ୍ଷର ବିଶ୍ଳେଷଣ ପାଇଁ ଆମେ କେଉଁ ବିଜ୍ଞାନର ସାହାଯ୍ୟ ନେବା ?

(କ) ଜୀବବିଜ୍ଞାନ (ଖ) ପ୍ରାଣୀ ବିଜ୍ଞାନ

(ଗ) ଉଦ୍ଭିଦ ବିଜ୍ଞାନ (ଘ) ଜଡବିଜ୍ଞାନ

୨୯. କୌଣସି ଏକ ସଭ୍ୟତା ଉଚ୍ଚତର ବା ନ୍ୟୁନତର ବୋଲି କିପରି ନିର୍ଣ୍ଣୟ କରାଯାଏ ?

(କ) ଆର୍ଥିକ ଉନ୍ନତିଦ୍ୱାରା

(ଖ) ସାଂସ୍କୃତିକ ଉନ୍ନତିଦ୍ୱାରା

(ଗ) ବୈଷୟିକ ଉନ୍ନତିଦ୍ୱାରା

(ଘ) ବିଭାଗୀୟ ଉନ୍ନତିଦ୍ୱାରା

୩୦. କେଉଁ ବିଜ୍ଞାନ ମୂଳରେ ଗଣିତ ଶାସ୍ତ୍ର ନିହିତ ?

(କ) ଉଦ୍ଭିଦ ବିଜ୍ଞାନ (ଖ) କୃଷିବିଜ୍ଞାନ

(ଗ) ଜଡ ବିଜ୍ଞାନ (ଘ) ମହାକାଶ ବିଜ୍ଞାନ

୩୧. କେଉଁଟି ବିଜ୍ଞାନ ଅନ୍ତର୍ଗତ ନୁହେଁ ?

(କ) ଦର୍ଶନତତ୍ତ୍ୱ (ଖ) କଳାବିଦ୍ୟା

(ଗ) ମନସ୍ତତ୍ତ୍ୱ (ଘ) ଅନ୍ଧବିଶ୍ୱାସ

୩୨. ପଦାର୍ଥ ବିଜ୍ଞାନ କେଉଁ ବିଜ୍ଞାନର ଅନ୍ତର୍ଗତ ?

(କ) ଜୀବବିଜ୍ଞାନ (ଖ) ପ୍ରାଣୀବିଜ୍ଞାନ

(ଗ) ଜଡ ବିଜ୍ଞାନ (ଘ) ରସାୟନ ବିଜ୍ଞାନ

୩୩. କେଉଁ ବିଜ୍ଞାନ ବଳରେ ଜଡ ପଦାର୍ଥର ଘାତ ପ୍ରତିଘାତ ବିଷୟରେ ଆଲୋଚନା ହୁଏ ?

(କ) ରସାୟନ ବିଜ୍ଞାନ (ଖ) ଜଡବିଜ୍ଞାନ

(ଗ) ଜୀବବିଜ୍ଞାନ (ଘ) ରସାୟନ ବିଜ୍ଞାନ

୩୪. ଜୀବ ବିଜ୍ଞାନ କେଉଁ ଦୁଇଭାଗରେ ବିଭକ୍ତ ଅଟେ ?

(କ) ଜଡ ଓ ଜୀବ (ଖ) ଜୀବ ଓ ପ୍ରାଣୀ

(ଗ) ପ୍ରାଣୀ ଓ ଉଦ୍ଭିଦ (ଘ) ପଦାର୍ଥ ଓ ରସାୟନ

୩୫. ବିଜ୍ଞାନ ଅନୁଶୀଳନରେ ଆମେ କାହାର ଅବସ୍ଥିତି ବିଭିନ୍ନ ଅବସ୍ଥାରେ ଦେଖିପାରୁ ?

(କ) ଈଶ୍ୱରଙ୍କର (ଖ) ଜ୍ଞାନର

(ଗ) ଶକ୍ତିର (ଘ) ପଞ୍ଚଭୂତଙ୍କର

୩୬. ଭାରତୀୟ ସଭ୍ୟତା କାହାକୁ ବିପଦର ହେତୁ ମନେ କରୁଥିଲେ ?

(କ) ବୈଷୟିକ ଜଂଜଳାକୁ (ଖ)ପାର୍ଥିବ ଜଂଜାଳକୁ

(ଗ) ଆଧାତ୍ମିକ ଜଂଜାଳକୁ

(ଘ) ସାଂସାରିକ ଜଂଜାଳକୁ

୩୭. ଭୋଗ କେଉଁ ସଭ୍ୟତାର ଆଦର୍ଶ ନଥିଲା ?

(କ) ମିଶରୀୟ ସଭ୍ୟତାର

(ଖ) ରୋମୀୟ ସଭ୍ୟତାର

(ଗ) ଭାରତୀୟ ସଭ୍ୟତାର

(ଘ) ଗ୍ରୀସୀୟ ସଭ୍ୟତାର

**ସରଳାର୍ଥ ଲିଖନ**

ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।

ଶଂସିତ ଗଦ୍ୟାଂଟି 'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧରୁ ସଂଗୃହୀତ ଅଟେ । ଏଠାରେ ପ୍ରାବନ୍ଧିକ ବଂଶୀଧର ସାମନ୍ତରାୟ ଭାରତୀୟ ସଭ୍ୟତାର ନିର୍ଯ୍ୟାସ ଉପରେ ଆଲୋକପାତ କରିଛନ୍ତି ।

ଏହାର ବୈଶିଷ୍ଟ୍ୟ ହେଉଛି ସର୍ବୋପରି ଆଧ୍ୟାତ୍ମିକତା । ଏହା କେବଳ ଧର୍ମ-ନୀତି ଓ ଆଦର୍ଶବାଦ ନୁହେଁ, ଏହାର ମୂଳଭିତ ହେଉଛି ତ୍ୟାଗ ଓ ଆତ୍ମସଂଯମ । ଏହି ଆଦର୍ଶବାଦ ଉପରେ ନିର୍ଭର କରି ଭାରତୀୟ ମାନେ ଯୁଗେ ଯୁଗେ ବୈଷୟିକ ଉନ୍ନତିର ଅଧିକାରୀ ହୋଇଥିଲେ ଯାହା, ପାଶ୍ଚାତ୍ୟ ସଭ୍ୟତା ପରି ଇଚ୍ଛାକୃତ, ଭୋଗ ଲାଳସାପୂର୍ଣ୍ଣ ବୈଷୟିକ ଜଞ୍ଜାଳ ନଥିଲା । ତେଣୁ ଭାରତୀୟ ମାନେ ବୈଷୟିକ ଜଞ୍ଜାଳକୁ ବିପଦର ହେତୁ ବୋଲି ମନେ କରୁଥିଲେ । ତ୍ୟାଗ ମାର୍ଗରେ ଗତି କରି ଆତ୍ମସଂଯମତାକୁ ଦୃଢ଼ କରି, ସେମାନେ ଏକ ଆଦର୍ଶ ସମାଜ ଗଠନ ପୂର୍ବରୁ ବିଶ୍ୱଭାତୃତ୍ୱ ଭାବ ବିସ୍ତାର କରିଥିଲେ । ଜୀବନକୁ ପ୍ରକୃତି ସହ ଜଡ଼ିତ କରି ବିଶ୍ୱବାସୀଙ୍କୁ ପ୍ରେରଣା ପ୍ରଦାନ କରିଥିଲେ ।

ପରୋପକାରାୟ ସ୍ୱର୍ଗୀୟ ଥିଲା ଭାରତୀୟ ତ୍ୟାଗ ଧର୍ମର ଫଳଶ୍ରୁତି, ଯାହା ଭାରତୀୟ ସଭ୍ୟତାର ବୈଶିଷ୍ଟ୍ୟ ତଥା ଆଧ୍ୟାତ୍ମିକତାର ପ୍ରତିଫଳନ ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

ପ୍ରଶ୍ନ : ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ ଗଠିତ ପ୍ରକଳ୍ପ ଅନୁସାରେ ଆଲୋଚ଼ନା କର ।

କିମ୍ବା

ବିଜ୍ଞାନ କିପରି ମାନବ ସଭ୍ୟତାର ଉନ୍ନତିରେ ସହାୟକ ବର୍ଣ୍ଣନା କର ।

ଶିକ୍ଷାବିତ୍ ଉଦ୍ଭିଦ ବିଜ୍ଞାନୀ ଶ୍ରୀଯୁକ୍ତ ବଂଶୀଧର ସାମନ୍ତରାୟ ଉଚ୍ଚକୋଟୀର ବିଜ୍ଞାନ ପ୍ରବନ୍ଧ ତଥା ଶିଶୁ ସାହିତ୍ୟ ରଚ଼ନା କରି ଓଡ଼ିଶା ସାହିତ୍ୟକୁ ରୁଦ୍ଧିମନ୍ତ କରିଛନ୍ତି । 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି "ଉତ୍କଳ ସାହିତ୍ୟ' ପତ୍ରିକାରେ ୧୯୯୨ ସାଲ ଜ୍ୟେଷ୍ଠ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଉକ୍ତ ପ୍ରବନ୍ଧରେ ସେ ସଭ୍ୟତାର ବିକାଶରେ କିପରି ବିଜ୍ଞାନ ସହାୟକ ତାହା ପ୍ରତିପାଦନ କରିଛନ୍ତି ।

ବର୍ତ୍ତମାନ ପୃଥିବୀରେ ମାନବ ସଭ୍ୟତାର ଏକମାତ୍ର ଲକ୍ଷ୍ୟ ହେଉଛି, ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ । ମାନବର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବିଜ୍ଞାନ ହିଁ ଏକମାତ୍ର ଅବଲମ୍ବନ । ବୈଷୟିକ, ଶାରୀରିକ, ମାନସିକ, ନୈତିକ ଉନ୍ନତି ସହ ବିଶ୍ୱ ମାନବିକତାର ପ୍ରତିଷ୍ଠା ଓ ବିରାଟ ସୃଷ୍ଟି ରହସ୍ୟର ଉଦ୍‌ଘାଟନ ଓ ସେମାନଙ୍କ ମୂଳରେ କେଉଁ ମହାଶକ୍ତି ନିହିତ ଅଛି ତା'ର ନିରୂପଣ ହିଁ ବର୍ତ୍ତମାନ ସଭ୍ୟତାର ଆଦର୍ଶ । ଏହି ଆଧୁନିକ ସଭ୍ୟତାର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ବିଜ୍ଞାନ ସାହାଯ୍ୟରେ ସଭ୍ୟତାର ଉଚ୍ଚତମ ଶିଖରକୁ ଛୁଇଁବାକୁ ପ୍ରୟାସ କରୁଛି । ଜଡ଼ ବିଜ୍ଞାନ ବଳରେ ସମ୍ୟକ ଜ୍ଞାନ ଲାଭ କରି ପ୍ରକୃତିର ରହସ୍ୟ ଉଦ୍‌ଘାଟନ କରିପାରୁଛି । ଗଣିତ ଶାସ୍ତ୍ର ବଳରେ ଜଟିଳ ସମସ୍ୟା ସବୁ ଅନାୟାସରେ ସମାଧାନ କରି ଗ୍ରହ, ଉପଗ୍ରହ ତଥା ମହାକାଶକୁ ଜୟ କରିପାରିଛି । ବିଭିନ୍ନ ଧାତବ ଉପାଦାନ, ଯନ୍ତ୍ରପାତି, ଗାଡ଼ି ମଟର ଆଦି ଉପକରଣ ନିର୍ମାଣ କରି ସେଗୁଡ଼ିକ ଦ୍ୱାରା ବୈଷୟିକ ସୁଖ ସମୃଦ୍ଧି ପ୍ରାପ୍ତ କରିପାରୁଛି । ତେଣୁ ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ କିମ୍ବା ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।

ଜୀବ ବିଜ୍ଞାନ ବଳରେ କ୍ଷୁଦ୍ର ଏକକୋଷୀ ପ୍ରାଣୀ ଠାରୁ ବିଶାଳକାୟ ହସ୍ତୀ ତିମି, ବଟବୃକ୍ଷ ପର୍ଯ୍ୟନ୍ତ ସମସ୍ତ ବିଶ୍ଳେଷଣ କରି ସେମାନଙ୍କର ଗଠନ । କ୍ରିୟା ପ୍ରକ୍ରିୟା ମାଧ୍ୟମରେ ସମସ୍ୟାର ସମାଧାନ କରିପାରୁଛି । ଜଡ଼ ଓ ଜୀବ ବିଜ୍ଞାନର ସହଯୋଗିତାରେ ବୈଷୟିକ, ମାନସିକ ଓ ଶାରୀରିକ ଉନ୍ନତି

ସହିତ ବିଭିନ୍ନ ରୋଗର ନିରାକରଣ କରିପାରୁଛି । ପଞ୍ଚ ମହାଭୂତର ସମଷ୍ଟି ନିରୂପିତ କରିବା ସହ ଆଲୋକ ଓ ଉତାପ ପରି ଜୀବନ ଯେ ଶକ୍ତିର ଏକ ଅବସ୍ଥା ବିଶେଷ ବୋଲି ଜାଣିବାରେ କ୍ଷମ ହୋଇଅଛି ।

# ମାତୃଭାଷା ଓ ଲୋକଶିକ୍ଷା

**୧ । ମାତୃଭାଷା ଓ ଲୋକଶିକ୍ଷା ପ୍ରବନ୍ଧଟି କେଉଁ ଲେଖକଙ୍କ କୃତି ଅଟେ ?**

(କ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (ଖ) ଶରତ କୁମାର ମହାନ୍ତି
(ଗ) ଗଙ୍ଗାଧର ମେହେର (ଘ) ଗୋଲକ ବିହାରୀ ଧଳ

**୨ । ମାତୃଭାଷା ଓ ଲୋକଶିକ୍ଷା ପ୍ରବନ୍ଧଟି ଲେଖକଙ୍କ କେଉଁ ବହିରୁ ସଂଗୃହୀତ ?**

(କ) ମଣିଷର ଭାଷା (ଖ) ଧ୍ୱନି ବିଜ୍ଞାନ
(ଗ) ଓଡ଼ିଆ କେବେ (ଘ) ଗୋଦାନ

**୩ । ଆମ ଦେଶରେ ଭାଷା ସମସ୍ୟା କହିଲାମାତ୍ରେ ଲୋକେ କେଉଁ ଦୁଇ ଭାଷାର ବିବାଦ କଥା ବୁଝନ୍ତି ?**

(କ) ହିନ୍ଦୀ ତାମିଲ (ଖ) ହିନ୍ଦୀ ଇଂରାଜୀ
(ଗ) ମରାଠୀ-ହିନ୍ଦୀ (ଘ) ତେଲୁଗୁ-ତାମିଲ

**୪ । କେଉଁ ଭାଷା ଜନତାର ପ୍ରଥମ ପ୍ରୟୋଜନ ?**

(କ) ଇଂରାଜୀ (ଖ) ହିନ୍ଦୀ
(ଗ) ଆଂଚଳିକ (ଘ) ଜାତୀୟ

**୫ । ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ କ'ଣ ବର୍ଜନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ ?**

(କ) ବିଦେଶୀ (ଖ) ସ୍ୱଦେଶୀ
(ଗ) ଲୁଣ (ଘ) ବସ୍ତ୍ର

**୬ । ଗାନ୍ଧିଜୀଙ୍କ ମତରେ କେନ୍ଦ୍ର ଭାଷା କ'ଣ ହେବା ଦରକାର ?**

(କ) ଇଂରାଜୀ ଭାଷା (ଖ) ଆଂଚଳିକ ଭାଷା
(ଗ) ମରାଠୀ ଭାଷା (ଘ) ହିନ୍ଦୀ

**୭ । ମାତୃଭାଷା ପ୍ରତି ମମତା ଥିବା ଲୋକଙ୍କୁ କ'ଣ କୁହାଯିବ ?**

(କ) ଦେଶଦ୍ରୋହୀ (ଖ) ଦେଶର ଶାସକ
(ଗ) ଦେଶଭକ୍ତ (ଘ) ଦେଶ ରକ୍ଷକ

**୮ । ମାତୃଭାଷାକୁ ଗାନ୍ଧିଜୀ କାହା ସହିତ ତୁଳନା କରିଛନ୍ତି ?**

(କ) ମାତୃସ୍ତନ୍ୟ (ଖ) ମାତୃସ୍ନେହ
(ଗ) ପିତୃପୁରୁଷ (ଘ) ପିତୃସ୍ନେହ

**୯ । କେଉଁ ଭାଷା ଶାସନର ମାଧ୍ୟମ ହୋଇ ରହିଲେ, ଆଂଚଳିକ ଭାଷାଗୁଡ଼ିକର ଗୁରୁତ୍ୱ ରହିବ ନାହିଁ ?**

(କ) ହିନ୍ଦୀ (ଖ) ଇଂରାଜୀ
(ଗ) ଭୋଜପୁରି (ଘ) ତାମିଲ

**୧୦ । କେଉଁ ଶିଳ୍ପକୁ ବଂଚାଇ ରଖିବାକୁ ହେଲେ, ବିଦେଶୀ ଆମଦାନିକୁ ବାରଣ କରିବାକୁ ହେବ ?**

କ) ଭାରୀ ଶିଳ୍ପ (ଖ) ମଧ୍ୟମ ଶିଳ୍ପ
(ଗ) କ୍ଷୁଦ୍ର ଶିଳ୍ପ (ଘ) କୁଟୀର ଶିଳ୍ପ

**୧୧ । ଇଜରାଇଲ୍ ଦେଶର ଲୋକମାନଙ୍କର ମାତୃଭାଷା କ'ଣ ଅଟେ ?**

(କ) ଫରାସୀ (ଖ) ଜର୍ମାନ
(ଗ) ହିବ୍ରୁ (ଘ) ଇଂରାଜୀ

**୧୨ । ଗଣତନ୍ତ୍ରର ମୂଳମନ୍ତ୍ର କ'ଣ ?**

(କ) ଶିକ୍ଷା (ଖ) ସ୍ୱାସ୍ଥ୍ୟ
(ଗ) ଭୋଟଦେବା (ଘ) ନିର୍ବାଚିତ ହେବ

**୧୩ । ସମୂହ ଜନତାଙ୍କୁ ଅଳ୍ପ ସମୟ ମଧ୍ୟରେ ଶିକ୍ଷିତ କରିବାକୁ ହେଲେ, କେଉଁ ଭାଷା ସର୍ବୋତ୍କୃଷ୍ଟ ମାଧ୍ୟମ ଅଟେ ?**

(କ) ଇଂରାଜୀ (ଖ) ହିନ୍ଦୀ
(ଗ) ଫରାସୀ (ଘ) ମାତୃଭାଷା

**୧୪ । ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ଓଡ଼ିଶାର କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?**

(କ) କଟକ (ଖ) ପୁରୀ
(ଗ) ଢେଙ୍କାନାଳ (ଘ) ବାଲେଶ୍ୱର

**୧୫ । ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ଅନ୍ନଦା ଶଙ୍କର ରାୟଙ୍କ ମାତୃଭାଷା କ'ଣ ଥିଲା ?**

(କ) ହିନ୍ଦୀ (ଖ) ଓଡ଼ିଆ
(ଗ) ବଙ୍ଗଳା (ଘ) ଆସମୀୟା

**୧୬ । କେଉଁ ଭାଷାରେ ଆମ ଜ୍ଞାନ ଭଣ୍ଡାର ଥିବାରୁ ଲୋକେ ଆଖି ଥାଉଁ ଥାଉଁ ଅନ୍ଧ ?**

(କ) ହିନ୍ଦୀ (ଖ) ଇଂରାଜୀ
(ଗ) ମାତୃଭାଷା (ଘ) ଆଂଚଳିକ

**୧୭ । କୃଷକଙ୍କ ଠାରୁ ଦୂରରେ ଯେଉଁ କୃଷି ସେଥିରେ କାହାର ଶ୍ରାଦ୍ଧ ହୋଇ ପାରିବ ନାହିଁ ?**

(କ) ଋଷିଙ୍କ (ଖ) ସାଧାରଣ ଜନତାଙ୍କ (ଗ) ଚାଷି (ଘ) ଦିନ ମଜୁରିଆ

**୧୮ । କେଉଁ ଦୁଇ ଦେଶର କୃଷକମାନଙ୍କ ଅଭିଜ୍ଞତା ଆମ ଦେଶର କୃଷକମାନଙ୍କ ପାଇଁ ଅମୂଲ୍ୟ ସମ୍ପଦ ଅଟେ ?**

(କ) ଇଂଲଣ୍ଡ ଓ ଆମେରିକା

(ଖ) ଇଜରାଇଲ ଓ ଋଷ

(ଗ) ଜାପାନୀ ଓ ଆମେରିକାନ୍

(ଘ) ଚୀନ ଓ ବାଙ୍ଗଲାଦେଶ

**୧୯ । N.M.E.P. ର ପୁରାନାମକୁ ଓଡ଼ିଆରେ କ'ଣ କୁହାଯାଏ ?**

(କ) ଜାତୀୟ ମେଲେରିଆ ନିରାକରଣ ପୋଗ୍ରାମ

(ଖ) ଭାରତୀୟ ମେଲେରିଆ ନିରାକରଣ ପୋଗ୍ରାମ

(ଗ) ଜାତୀୟ ମେଲେରିଆ ମିଶନ

(ଘ) ଆଂଚଳିକ ମେଲେରିଆ ନିରାକରଣ ଅଭିଜ୍ଞାନ ଅଭିଯାନ ।

**୨୦ । କେଉଁ ମସିହାରେ ପୁରୀଠାରେ ନୂତନ ରେଳଷ୍ଟେସନ ତିଆରି ହୋଇଥିଲା ?**

(କ) ୧୯୬୪ (ଖ) ୧୯୬୨ (ଗ) ୧୯୬୫ (ଘ) ୧୯୬୩

**୨୧ । ଇଂଲଣ୍ଡର Conduit Street କୁ ବି.ବି.ସି. ସମ୍ବାଦ ପ୍ରସାର ବେଳରେ ଯେଉଁଭଳି ଭାବରେ ଉଚ୍ଚାରଣ କରାଗଲା, ତାହାକୁ କେଉଁମାନେ ବିରୋଧ କରି ଆନ୍ଦୋଳନ କରିଥିଲେ ?**

(କ) ନେଦରଲ୍ୟାଣ୍ଡର ଲୋକମାନେ

(ଖ) ଫିନ୍‌ଲ୍ୟାଣ୍ଡର ଲୋକମାନେ

(ଗ) ସ୍କଟଲ୍ୟାଣ୍ଡର ଲୋକମାନେ

(ଘ) ଗୋର୍ଖାଲ୍ୟାଣ୍ଡର ଲୋକମାନେ

**୨୨ । ଓଡ଼ିଶାର ସଂସ୍କୃତି କେନ୍ଦ୍ର କାହାକୁ କୁହାଯାଏ ?**

(କ) ପୁରୀ (ଖ) କଟକ

(ଗ) ଭୁବନେଶ୍ୱର (ଘ) ବ୍ରହ୍ମପୁର

**୨୩ । ଓଡ଼ିଶା ବାହାରେ ଦିନେ ଓଡ଼ିଶାର ପରିଚୟ କ'ଣ ଥିଲା ?**

(କ) ବିହାର-ଓଡ଼ିଶା (ଖ) ବେଙ୍ଗଲ-ଓଡ଼ିଶା (ଗ) ଆନ୍ଧ୍ର-ଓଡ଼ିଶା

(ଘ) ଝାଡ଼ଖଣ୍ଡ-ଓଡ଼ିଶା

**୨୪ । କେଉଁ ଭାଷା କହିବା ଓ ଲେଖିବା ପାଇଁ ମଣିଷର ସ୍ଫୂର୍ତି ଥାଏ ?**

(କ) ଇଂରାଜୀ (ଖ) ହିନ୍ଦୀ

(ଗ) ମାତୃଭାଷା (ଘ) ବଙ୍ଗଳା

**୨୫ । ସେ ସମୟରେ ଓଡ଼ିଶାରେ ବାବୁ କହିଲେ କେଉଁମାନଙ୍କୁ ବୁଝାଉଥିଲା ?**

(କ) ବିହାରି (ଖ) ବଙ୍ଗୀୟ

(ଗ) ତେଲୁଗୁ (ଘ) ଇଂରେଜ

**୨୬ । ଓଡ଼ିଶାରେ କେତୋଟି ଗଡ଼ଜାତ ଥିଲା ?**

(କ) ୨୨ (ଖ) ୨୩ (ଗ) ୨୪ (ଘ) ୨୬

**୨୭ । ଆମେ ଆମ ରାଜ୍ୟ ଓ ତା'ର ଭାଷା ସାହିତ୍ୟକୁ କିପରି ବିଶେଷ ପ୍ରଗତିଶୀଳ କରିପାରିବା ?**

(କ) ଅନ୍ୟ ଉପରେ ଦୋଷ ଦେଇ

(ଖ) ଅନ୍ୟ ରାଜ୍ୟର ଭାଷାକୁ ଅନୁକରଣ କରି

(ଗ) ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟ ଦ୍ୱାରା

(ଘ) ନିରଳସ ନିରବଚ୍ଛିନ୍ନ ସାଧନା ଦ୍ୱାରା

**୨୮ । ନିଜ ମାତୃଭାଷା ନଜାଣି ଲୋକେ ଜ୍ଞାନୀ ହେବା ମୂଳରେ କେଉଁ ଭାଷାର ପ୍ରଭାବ ରହିଛି ?**

(କ) ହିନ୍ଦୀ (ଖ) ଇଂରାଜୀ (ଗ) ବଙ୍ଗଳା (ଘ) ଋଷ

**୨୯ । ଫକୀରମୋହନ ସେନାପତିଙ୍କ ପରି ଯେଉଁମାନେ ଓଡ଼ିଆ ଭାଷା ବିଷୟରେ ଚିନ୍ତା କରୁଥିଲେ, ସେମାନଙ୍କୁ କ'ଣ କୁହାଯାଉଥିଲା ?**

(କ) ରିଙ୍ଗଲିଡ଼ର (ଖ) ରିଙ୍ଗ ମାଷ୍ଟର (ଗ) ସାହିତ୍ୟ ସ୍ରଷ୍ଟା (ଘ) ସାହିତ୍ୟକାର

**୩୦ । ଋଷ ସରକାର ପ୍ରତ୍ୟେକ ସୋଭିଏତରେ ଲୋକମାନଙ୍କୁ କେଉଁ ଅଧିକାର ଦେଇଛନ୍ତି ?**

(କ) ନିର୍ବାଚିତ ହେବାର (ଖ) ଭୋଟ ଦେବାର (ଗ) ଶିକ୍ଷା ଓ ଶାସନର (ଘ) ଆଇନ ଓ କ୍ଷମତାର

## ଉତ୍ତରମାଳା

୧.(ଘ) ୨. (ଗ) ୩. (ଖ) ୪. (ଗ) ୫.(କ) ୬.(ଘ)୭. (ଗ)

୮. (କ) ୯. (ଖ) ୧୦. (ଗ) ୧୧.(ଗ) ୧୨. (ଗ)

୧୩. (ଘ) ୧୪.(ଗ) ୧୫.(ଗ) ୧୬.(ଖ) ୧୭.(ଖ) ୧୮.(ଗ) ୧୯.(କ) ୨୦.(ଘ) ୨୧.(ଗ)

୨୨.(କ) ୨୩.(କ) ୨୪. (ଗ) ୨୫.(ଖ) ୨୬.(ଘ) ୨୭.(ଘ) ୨୮.(ଖ)

୨୯.(କ) ୩୦.(ଗ)

(ସପ୍ରସଙ୍ଗ ସରଳାର୍ଥ ଓ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର)

# ମାତୃଭାଷା ଓ ଲୋକଶିକ୍ଷା

**ସପ୍ରସଙ୍ଗ ସରଳାର୍ଥ ଲେଖ :**

**୧ । "ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।"**

**ଉତ୍ତର –** ଶଂସିତ ପଦ୍ୟାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର "ମାତୃଭାଷା ଓ ଲୋକଶିକ୍ଷା" ପ୍ରବନ୍ଧରୁ ଆନୀତ । ଏଠାରେ ପ୍ରାବନ୍ଧିକ ଗୋଲକବିହାରୀ ଧଳ ମାତୃଭାଷାର ଉନ୍ନତି ପାଇଁ ଆମେ ପ୍ରଯତ୍ନଶୀଳ ହେବା ଉଚିତ୍ ବୋଲି ବୋଧ କରାଇଛନ୍ତି ।

ବଥର ସମ୍ପର୍କ ଥାଏ ଶରୀରର ରକ୍ତ ସହିତ । ଶରୀରର ଏହା ଏକ ବିକାର ସୃଷ୍ଟି କରି ଯନ୍ତ୍ରଣାଦାୟକ ହୋଇଥାଏ ଏବଂ ସେହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ମଣିଷ ଔଷଧ ସେବନାଦି କରିଥାଏ । କିନ୍ତୁ ଶରୀରରେ ଆବୁଟିଏ ହେଲେ, ତାହା ରକ୍ତ ସହିତ କିଛି ସମ୍ପର୍କ ନଥିବାରୁ ତାହା ଯନ୍ତ୍ରଣାଦାୟକ ହୁଏ ନାହିଁ । ଆମ ମାତୃଭାଷାକୁ ଲୁପ୍ତ ଅବସ୍ଥାରେ ରଖିବା ଅର୍ଥାତ୍ ଏହାର ପ୍ରଚାର ଓ ପ୍ରସାର ଅଭାବ ପରିଲକ୍ଷିତ ହେବା ମଧ୍ୟ ଯନ୍ତ୍ରଣାଦାୟକ ଅଟେ । ଏହା ଆମର ଭାଷା ପ୍ରତି ବୀତସ୍ପୃହ ଭାବ ସୃଷ୍ଟି କରୁଥିବାର ପ୍ରମାଣ କରୁଛି ଯାହାଫଳରେ ଆମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାଦିକୁ ରାଜ୍ୟ ବାହାରେ କେହି ଜାଣିପାରୁନାହାନ୍ତି । ତେଣୁ ସେହି ଯନ୍ତ୍ରଣାରୁ ମୁକ୍ତି ନିମନ୍ତେ ଆମକୁ ଅନବରତ ଓ ନିରବଚ୍ଛିନ୍ନ ସାଧନା କରିବାକୁ ପଡ଼ିବ । ନିଜ ମାତୃଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଗତି ପାଇଁ ନିଜେ ସଚେତନ ଓ ଉଦ୍ୟମ ନ କଲେ ଅନ୍ୟ ଭାଷାଭାଷୀ ଲୋକ ଆମକୁ ଉପହାସ କରିବାଟା କଷ୍ଟ ସାଧ୍ୟ ନୁହେଁ । ସେମାନେ ବଥର ଯନ୍ତ୍ରଣା ନେଇନାହାଁନ୍ତି । ତାଙ୍କୁ ଆମ ମାତୃଭାଷାର ଅବହେଳା ନୀତିଟି ଆବୁପରି ଲାଗିଥାଏ । ଯାହାକି କେବେ ତାଙ୍କୁ ଯନ୍ତ୍ରଣା ଦେବ ନାହିଁ ।

ଏଣୁ ଆମ ଭାଷାର ଉନ୍ନତି ପାଇଁ ଆମକୁ ଚେଷ୍ଟା କରିବାକୁ ପଡ଼ିବ । ଆମ ମାତୃଭାଷା ଆମର ସ୍ୱାଭିମାନ ଅଟେ । ଏଥିପାଇଁ ପ୍ରଯତ୍ନ କରିବା ଉଚିତ୍ । ଭାଷାବିତ୍ ମାତୃଭୂମି ମାତୃଭାଷା ପ୍ରିୟ ପ୍ରାବନ୍ଧିକ ଗୋଲକବିହାରୀ ଧଳଙ୍କ ଏଭଳି ଭାବାର୍ଥ ହୃଦୟସ୍ପର୍ଶୀ ଅଟେ । ତେଣୁ କୁହାଯାଇଛି ଯଥା :

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗ ନିଜ ମାତୃଭାଷା ।"

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ –**

**୧ । ମାତୃଭାଷା ହିଁ ଦେଶ ଓ ଜାତିର ମଣିଷର ପ୍ରଗତିର ପରିଚାୟକ ଆଲୋଚନା କର ।**

**କିମ୍ବା, ମାତୃଭାଷା ପ୍ରତି ଓଡ଼ିଆମାନାଙ୍କର ଯେଉଁ ଉଦାସୀନତା ପରିଲକ୍ଷିତ ହୁଏ, ତାହାର ଦୂରୀକରଣ କିପରି କରାଯାଇପାରିବ ଲେଖ ।**

**କିମ୍ବା, ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧମ ଉକ୍ତିଟିର ସତ୍ୟତା ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।**

**ଉତ୍ତର –** ଆଧୁନିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଜଗତର ସାରସ୍ୱତ ସାଧକ ଗୋଲକ ବିହାରୀ ଧଳ ଜଣେ ବିଶିଷ୍ଟ ପ୍ରାବନ୍ଧିକ, ସଫଳ, ଅନୁବାଦକ, ଭାଷାତତ୍ତ୍ୱବିତ୍ ତଥା ଶିଶୁ ସାହିତ୍ୟିକ ଭାବେ ପରିଚିତ । 'ଓଡ଼ିଆ କେବେ' ପ୍ରବନ୍ଧରୁ ସଂଗୃହୀତ "ମାତୃଭାଷା ଓ ଲୋକଶିକ୍ଷା" ନାମକ ପ୍ରବନ୍ଧରେ ପ୍ରାବନ୍ଧିକ ମାତୃଭାଷା ମାଧ୍ୟମରେ ହିଁ ଦେଶ ତଥା ଜାତିର ପ୍ରଗତି ହୋଇପାରିବ ବୋଲି ବର୍ଣ୍ଣନା କରିଛନ୍ତି ।

ଗୋଟିଏ ଶିଶୁ ମାତୃଗର୍ଭରୁ ବାହାରି ଭୂମିକୁ ସ୍ପର୍ଶ କଲା ମାତ୍ରେ ମାତୃଭୂମିର ପରିବେଶକୁ ନେଇ ମାତୃଶିକ୍ଷା ଅନୁସାରେ ତାର କଥିତ ଭାଷାକୁ ଶ୍ରବଣ କରି କରି ବଡ଼ ହୋଇଥାଏ । ଏଣୁ ବାସ୍ତବରେ କହିବାକୁ ଗଲେ ଆଂଚଳିକ ଭାଷା ହେଉଛି ଜନତାର ୧ମ ପ୍ରୟୋଜନ । ଅନ୍ନବସ୍ତ୍ର ପରି ଗୋଟିଏ ବ୍ୟକ୍ତିର ମୌଳିକ ଆବଶ୍ୟକତା ହିଁ ନିଜର ଭାଷା ।

ମାତୃଭାଷା ହିଁ ମଣିଷ ପାଇଁ ଶ୍ରେଷ୍ଠ ଭାଷା । ଏଣୁ ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ୍ । ଏହି ଭାଷା ପ୍ରତି ସର୍ବଦା ମମତ୍ୱଭାବ ରହିବା ଉଚିତ୍ । ଯେଉଁମାନଙ୍କର ମାତୃଭାଷା ପ୍ରୀତି ନାହିଁ ସେମାନଙ୍କୁ କେବେହେଲେ ଦେଶଭକ୍ତ କୁହାଯାଇପାରିବ ନାହିଁ ବୋଲି ସ୍ୱଭାବକବି ଗଙ୍ଗାଧର ଗାଇଛନ୍ତି –

"ମାତୃଭୂମି ମାତୃଭାଷାରେ ମମତା
ଯା'ହୃଦେ ଜନମି ନାହିଁ,
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ।"

କିନ୍ତୁ ଆଜି ଏକବିଂଶତମ ଶତାବ୍ଦୀରେ ମଧ୍ୟ ଆମେ ମାତୃଭାଷା ପ୍ରତି ସଚେତନ ନ ହୋଇ ଇଂରେଜୀ ଭାଷା

ଉପରେ ଗୁରୁତ୍ୱ ଦେଉଛୁ । ମାତୃଭାଷା ପ୍ରତି ଏ ଉଦାସୀନତା ଜାତି ପାଇଁ ଦୁର୍ଭାଗ୍ୟର କାରଣ ।

ଇଂରେଜୀ ଭାଷା ପ୍ରଭାବରେ ମାତୃଭାଷାର ପ୍ରାଧାନ୍ୟ କମିଯିବା ଫଳରେ, ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନେ ଅବହେଳିତ ହେଉଛନ୍ତି । ଯାହାକି ଆମ ରାଜ୍ୟର ଆଂଚଳିକ ଭାଷାର ଉl ାନ, ଦୁର୍ଭାଗ୍ୟଜନକ ବିଷୟ ହୋଇଯାଉଛି । ଜନତାକୁ ଅଳ୍ପ ସମୟ ମଧ୍ୟରେ ଶିକ୍ଷିତ କରାଇବାକୁ ସର୍ବୋତ୍କୃଷ୍ଟ ମାଧ୍ୟମ ହେଲା ମାତୃଭାଷା । ଦେଶର ପ୍ରତ୍ୟେକ ନାଗରିକ ଉପଯୁକ୍ତ ଶିକ୍ଷା ନ ପାଇଲେ ଗଣତାନ୍ତ୍ରିକ ବିକାଶ ଅସମ୍ଭବ ହେବ । ଜନତାର ଯେଉଁ ଶିକ୍ଷାରେ ପ୍ରୟୋଜନ, ସେହି ଶିକ୍ଷା ନ ମିଳିଲେ, ସେ ଯେଉଁ କ୍ଷେତ୍ରରେ ଦେଶ / ରାଜ୍ୟକୁ ସେବା ଦେଇପାରନ୍ତା, ତାହା ସଫଳ ହୋଇପାରିବ ନାହିଁ । କାରଣ ମାତୃଭାଷାରେ ଯେତେ ଶୀଘ୍ର କାମ ହୋଇପାରିବ, ବିଦେଶୀ ଭାଷାରେ ତାହା ସମ୍ଭବ ହେବ ନାହିଁ । ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ତାହା ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ହୁଏ ନାହିଁ ବୋଲି ବିଶିଷ୍ଟ କବି ଅନ୍ନଦାଶଙ୍କର ରାୟ ସ୍ୱୀକାର କରିଛନ୍ତି ।

ଆମ ଭାଷା ଭଣ୍ଡାର ଇଂରେଜୀରେ ଥିବାରୁ ଲୋକେ ଅକ୍ଷପରି କିଛି ଜାଣିପାରୁ ନାହାନ୍ତି । ଶିକ୍ଷାର ମାଧ୍ୟମ ମାତୃଭାଷା ହେଲେ କୃଷକଙ୍କ ଠାରୁ ଆରମ୍ଭ କରି ସମସ୍ତେ କିଛି କିଛି ଜ୍ଞାନ ଲାଭ କରିପାରିବେ । ମାତୃଭାଷା ହିଁ ଶାସକଙ୍କୁ ସାଧାରଣ ଲୋକଙ୍କ ସହ ସଂଯୋଗ ରଖିବାରେ ସହାୟକ ହେବ । ମାତୃଭାଷାକୁ କାର୍ଯ୍ୟାଳୟରେ ଭାଷା କରିବା ସହ ବିଭିନ୍ନ ଫଳକ ତଥା ପ୍ରଚାର ପତ୍ରକୁ ମାତୃଭାଷାରେ ଲେଖିବାକୁ ହେବ । ବିବାହ, ବ୍ରତାଦି, ନିମନ୍ତ୍ରଣପତ୍ରକୁ ମାତୃଭାଷାରେ ଲେଖିବା ହେବ । ଆମ ମାତୃଭାଷାର ସମ୍ମାନ ତଥା ଅଭିମାନ ନିମନ୍ତେ ଆମକୁ ହିଁ ବ୍ୟଗ୍ରତାର ସହ କାର୍ଯ୍ୟ କରିବାକୁ ହେବ ।

ଦେଶ ଓ ଜାତିର ପ୍ରଗତି ନିମନ୍ତେ ମାତୃଭାଷା ଶିକ୍ଷା ଅପରିହାର୍ଯ୍ୟ ।

# ନରେନ୍‌ରୁ ବିବେକାନନ୍ଦ

**୧ । ଛତ୍ରପତି ବିବେକାନନ୍ଦ ପୁସ୍ତକଟି କେଉଁ ଲେଖକଙ୍କ କୃତି ?**

(କ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (ଖ) ଶରତ କୁମାର ମହାନ୍ତି

(ଗ) ରବି ପଟ୍ଟନାୟକ (ଘ) ଗୋଲକ ବିହାରୀ ଧଳ

**୨ । ନରେନ୍‌ରୁ ବିବେକାନନ୍ଦ ପ୍ରବନ୍ଧର ଲେଖକ କିଏ ?**

(କ) ବିଦ୍ୟୁତ୍ ପ୍ରଭାଦେବୀ (ଖ) ନନ୍ଦିନୀ ଶତପଥୀ

(ଗ) ଶରତ କୁମାର ମହାନ୍ତି (ଘ) ଗୋପିନାଥ ମହାନ୍ତି

**୩ । ନରେନ୍‌ରୁ ବିବେକାନନ୍ଦ ପ୍ରବନ୍ଧଟି ଲେଖକଙ୍କର କେଉଁ ପୁସ୍ତକର ଅଂଶବିଶେଷ ଅଟେ ?**

(କ) ଗାନ୍ଧୀ ପରିବାର (ଖ) ଗାନ୍ଧୀ ମଣିଷ

(ଗ) ଛତ୍ରପତି ବିବେକାନନ୍ଦ (ଘ) ଅସ୍ତିତ୍ୱବାଦର ମର୍ମକଥା

**୪ । ଶ୍ରୀ ରାମକୃଷ୍ଣ ପୃଥିବୀରୁ ବିଦାୟ ନେବାବେଳକୁ ନରେନ୍‌ଙ୍କୁ କେତେ ବର୍ଷ ହୋଇଥିଲା ?**

(କ) ୧୮ (ଖ) ୨୧ (ଗ) ୨୪ (ଘ) ୨୨

**୫ । ଶ୍ରୀରାମକୃଷ୍ଣଙ୍କ ଇହ ଧାମ ତ୍ୟାଗ କରିବାର କେତେ ବର୍ଷ ପୂର୍ବରୁ ନରେନ୍ ତାଙ୍କ ପିତାଙ୍କୁ ହରାଇଥିଲେ ?**

(କ) ଏକବର୍ଷ (ଖ) ଦୁଇବର୍ଷ

(ଗ) ଚାରିବର୍ଷ (ଘ) ଛଅବର୍ଷ

**୬ । ନରେନ୍‌ଙ୍କ ପିତାଙ୍କ ନାମ କ'ଣ ?**

(କ) ବନମାଳୀ ଦତ୍ତ (ଖ) ଗିରିଧାରୀ ଦତ୍ତ

(ଗ) ବିଶ୍ୱନାଥ ଦତ୍ତ (ଘ) ରାମକୃଷ୍ଣ ବୋଷ

**୭ । ଜଗତର ସବୁ ମହାନ୍ କର୍ମ କେଉଁ ମଣିଷଙ୍କ ଦ୍ୱାରା ସମ୍ପୂର୍ଣ୍ଣ ହୋଇଛି ?**

(କ) ପରୋପକାରୀ (ଖ) ଦୟାଳୁ

(ଗ) ଭାଗ୍ୟବାନ (ଘ) ଏକୁଟିଆ

**୮ । ନରେନ୍‌ରୁ ବିବେକାନନ୍ଦଙ୍କୁ ଜନ୍ମ ଦେବା ପାଇଁ ............ ହୋଇଥିଲା ଏକ୍ତୁଡ଼ିଶାଳ ।**

(କ) ନବଦ୍ୱୀପ (ଖ) ବେଲୁର (ଗ)

ଦକ୍ଷିଣେଶ୍ୱର (ଘ) ବରାହନଗର

**୯ । ନରେନ୍‌ରୁ ବିବେକାନନ୍ଦଙ୍କୁ ଜନ୍ମ ଦେବା ପାଇଁ ଶ୍ରୀ ରାମକୃଷ୍ଣ କେଉଁ ଭୂମିକା ନିର୍ବାହ କରିଥିଲେ ?**

(କ) ପିତା (ଖ) ପୁତ୍ର

(ଗ) ବିଦ୍ୟାର୍ଥୀ (ଘ) ଧାତ୍ରୀ

**୧୦ । ଶ୍ରୀ ରାମକୃଷ୍ଣଙ୍କ ସହ ନରେନ୍‌ଙ୍କର କେତେ ବର୍ଷର ନିବିଡ଼ ସମ୍ପର୍କ ?**

(କ) ପାଞ୍ଚ ଛଅ (ଖ) ଦୁଇ ତିନି

(ଗ) ଚାରି ପାଞ୍ଚ (ଘ) ତିନି ଚାରି

୧୧ । 'ନରେନ୍ ବିବେକାନନ୍ଦ' ପ୍ରବନ୍ଧରେ ନରେନ୍ ଶ୍ରୀ ରାମକୃଷ୍ଣଙ୍କୁ କ'ଣ ସମ୍ବୋଧନ କରିଛନ୍ତି ?

(କ) ଦିବ୍ୟଦ୍ରଷ୍ଟା (ଖ) ମହାପୁରୁଷ

(ଗ) ଠାକୁର (ଘ) ଭାଇ

୧୨ । ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ପାଇବାକୁ କାହାର ବ୍ୟାକୁଳତା ଶ୍ରୀରାମକୃଷ୍ଣଙ୍କୁ ଜଣାଥାଏ ?

(କ) ନରେନ୍ (ଖ) ବିଶ୍ୱନାଥ

(ଗ) ଯୋଗେନ୍ଦ୍ରନାଥ (ଘ) ବାବୁରାମ

୧୩ । ଦିନେ ସନ୍ଧ୍ୟାବେଳେ ନରେନ୍ କ'ଣ ହୋଇ ସମାଧିରେ ବୁଡ଼ିଗଲେ ?

(କ) ଜ୍ଞାନୀ ଗୁଣି (ଖ) ଭକ୍ତ

(ଗ) ଜ୍ଞାନପ୍ରାପ୍ତି (ଘ) ଜ୍ଞାନ ଶୂନ୍ୟ

୧୪ । ନରେନ୍ଙ୍କର ସମାଧି କେତେବେଳକୁ ଭଙ୍ଗ ହେଲା ?

(କ) ରାତ୍ରି ଆଠଟା (ଖ) ରାତ୍ର ନଅଟା

(ଗ) ରାତ୍ର ଦଶଟା (ଘ) ରାତ୍ର ଏଗାରଟା

୧୫ । ମାଆ ତୋତେ ସବୁ ଦେଖାଇଦେଲେ, ଏହା କାହାର ଉକ୍ତି ଥିଲା ?

(କ) ନରେନ୍ (ଖ) ଠାକୁର

(ଗ) ବାବୁରାମ (ଘ) ଯୋଗେନ୍ଦ୍ରନାଥ

୧୬ । କିଏ ଏକାଦିକ୍ରମେ ପା* ଛଅ ଦିନ ସମାଧିରେ ଲୀନ ହୋଇ ଯାଉଥିଲେ ?

(କ) ଶୁକଦେବ (ଖ) ଶ୍ରୀରାମକୃଷ୍ଣ

(ଗ) ନରେନ୍ (ଘ) ଠାକୁର

୧୭ । ନରେନ୍ କେଉଁ ବୃକ୍ଷ ପରି ହୁଅନ୍ତୁ ବୋଲି ଶ୍ରୀ ରାମକୃଷ୍ଣଙ୍କ ଇଚ୍ଛା ଥିଲା ?

(କ) ଅଶ୍ୱତ୍ଥ (ଖ) ନିମ୍ବ (ଗ) ବଟ (ଘ) ବେଲ

୧୮ । ଭାରତୀୟ ଦର୍ଶନର ମୂଳମନ୍ତ୍ର କ'ଣ ?

(କ) ଭୋଗ ବିଳାସ (ଖ) ତ୍ୟାଗ ଭୋଗ

(ଗ) ଈଶ୍ୱରଙ୍କ ସେବା ହିଁ ମନୁଷ୍ୟର ସେବା

(ଘ) ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

୧୯ । ଜନତା ଜନାର୍ଦ୍ଦନ କେଉଁ ଛଳନାର ଶିକାର ହେବା ଫଳରେ ଏହି ଶବ୍ଦ ଯୁଗଳରେ ମଇଳା ଜମିଯାଏ ?

(କ) କୂଟନୈତିକ (ଖ) ଅବନୈତିକ

(ଗ) ମିଥ୍ୟା ପ୍ରତିଶ୍ରୁତି (ଘ) ରାଜନୈତିକ

୨୦ । ନରେନ୍ଙ୍କୁ କ'ଣ ନିର୍ଦ୍ଦେଶ ଦେଇ ଶ୍ରୀରାମକୃଷ୍ଣ ଇହଧାମ ତ୍ୟାଗ କରିଥିଲେ ?

(କ) ସନ୍ନ୍ୟାସୀ ଜୀବନ ବିତାଇବାକୁ (ଖ) ସମାଧିସ୍ଥ ହେବାକୁ

(ଗ) ଜଗତର କଲ୍ୟାଣ ସାଧନ କରିବାକୁ (ଘ) ଭାରତ ଭ୍ରମଣ କରିବାକୁ

୨୧ । ଇହଧାମ ତ୍ୟାଗ କରିବା ପୂର୍ବରୁ ଠାକୁର ତାଙ୍କର କେଉଁ ଶିଷ୍ୟମାନଙ୍କୁ ନରେନ୍ଙ୍କ ହାତରେ ସମର୍ପି ଦେଇଥିଲେ ?

(କ) ନରେନଙ୍କର (ଖ) ଅନାଥ ଶିଷ୍ୟମାନଙ୍କର

(ଗ) ତରୁଣ ଶିଷ୍ୟମାନଙ୍କର (ଘ) ଗରିମ ଶିଷ୍ୟମାନଙ୍କର

୨୩ । ଶ୍ରୀ ରାମକୃଷ୍ଣ କାହାର କଲ୍ୟାଣ ସାଧନ କରିବାକୁ ନରେନ୍ଙ୍କୁ ନିର୍ଦ୍ଦେଶ ଦେଇ ଇହଧାମ ତ୍ୟାଗ କରିଥିଲେ ?

(କ) ଜନତାଙ୍କର (ଖ) ଶିଷ୍ୟମାନଙ୍କର

(ଗ) ଜଗତର (ଘ) ଦେଶର

୨୪ । ଶ୍ରୀ ରାମକୃଷ୍ଣଙ୍କର ଗୃହସ୍ଥ ଭକ୍ତ କିଏ ଥିଲେ ?

(କ) ନରେନ୍ଦ୍ରନାଥ (ଖ) ବିଶ୍ୱନାଥ

(ଗ) ହରିନାଥ (ଘ) ସୁରେଶ ଚନ୍ଦ୍ର

୨୫ । ସୁରେଶ ଚନ୍ଦ୍ର ମିତ୍ର କେଉଁଠାରେ ତାଙ୍କର ପୁରୁଣା କୋଠା ତରୁଣ ଶିଷ୍ୟମାନଙ୍କୁ ଆଶ୍ରୟ ନିମନ୍ତେ ଛାଡ଼ିଥିଲେ ?

(କ) ବରାହନଗର (ଖ) ଦକ୍ଷିଣେଶ୍ୱର

(ଗ) ଅ[ପୁର (ଘ) କଲିକତା

୨୬ । ଠାକୁରଙ୍କର ପବିତ୍ର ଦେହାବଶେଷ ଓ ତାଙ୍କର ବ୍ୟବହୃତ ଜିନିଷ ପତ୍ର ଧରି କିଏ ସଦଳବଳେ ବରାହନଗର ଆସିଥିଲେ ?

(କ) ବାବୁରାମ (ଖ) ନରେନ୍

(ଗ) ସୁରେଶ ଚନ୍ଦ୍ର (ଘ) ଶରତ ଚନ୍ଦ୍ର

୨୭ । ଅଳ୍ପ ଦିନ ମଧ୍ୟରେ ପରିତ୍ୟକ୍ତ ଭୂତ କୋଠିଟି ଗୋଟିଏ ସ୍ଥାନରେ ପରିଣତ ହେଲା ?

(କ) ଆଦର୍ଶ (ଖ) ସୁନ୍ଦର (ଗ) ପବିତ୍ର (ଘ) ଧାର୍ମିକ

୨୮ । ବରାହନଗରକୁ ଆସିଥିବା ଶ୍ରୀ ରାମକୃଷ୍ଣଙ୍କର ଯୁବକ ଶିଷ୍ୟମାନେ କେଉଁ ପରିବାରରୁ ଆସିଥିଲେ ?

(କ) ମଧ୍ୟବିତ୍ତ ଓ ଗରିବ (ଖ) ସମ୍ଭ୍ରାନ୍ତ

(ଗ) ଉଚ୍ଚଶିକ୍ଷିତ ଓ ସ୍ୱଚ୍ଛଳ (ଘ) ଗରିବ ଓ ଅଶିକ୍ଷିତ

୨୯ । ବରାହ ନଗରରେ ରହୁଥିବା ଉଚ୍ଚଶିକ୍ଷିତ ଓ ସ୍ୱଚ୍ଛଳ ପରିବାରର ପିଲାମାନେ ଭାତ ସହିତ କ'ଣ ଲଗାଇ ଖାଉଥିଲେ ?

(କ) କଇଁଚି କାକୁଡ଼ି ପତ୍ର ପୋଡ଼ା ଓ ଲୁଣ
(ଖ) କଇଁଚି କାକୁଡ଼ି ପତ୍ର ଓ ଚନୀ ଓ ଲୁଣ
(ଗ) କଇଁଚି କାକୁଡ଼ି ପତ୍ର ଓ ଚନୀ ଓ ଲୁଣ
(ଘ) କଇଁଚି କାକୁଡ଼ି ପତ୍ର ସିଝା ଓ ଲୁଣ

**୩୦ । ବାହାରକୁ ଯିବା ପାଇଁ ତରୁଣ ଶିଷ୍ୟମାନେ କ'ଣ ପାଇ ନାହାଁନ୍ତି ?**
(କ) ଖଣ୍ଡିଏ ଜାମା (ଖ) ଖଣ୍ଡିଏ ଲୁଗା
(ଗ) ଖଣ୍ଡିଏ କପଡ଼ା (ଘ) ଖଣ୍ଡିଏ କଉପୁନି

**୩୧ । ତରୁଣ ଶିଷ୍ୟମାନଙ୍କୁ କ'ଣ ଏକାଠି କରି ବାନ୍ଧି ରଖିଥିଲା ?**
(କ) ସ୍ନେହ ଓ ଶ୍ରଦ୍ଧା (ଖ) ଆଦର୍ଶ ଓ ପ୍ରେମ
(ଗ) ତ୍ୟାଗ ଓ ପ୍ରେମ (ଘ) ତ୍ୟାଗ ଓ ଭକ୍ତି

**୩୨ । ଦୁଃଖ କଷ୍ଟରେ ପଡ଼ି ତରୁଣ ଶିଷ୍ୟମାନଙ୍କର ଭାଙ୍ଗି ନଥିଲା ।**
(କ) ମନୋବଳ (ଖ) ଜ୍ଞାନବଳ
(ଗ) ଅର୍ଥବଳ (ଘ) ବାହୁବଳ

**୩୩ । ବାବୁରାମଙ୍କ ମାଆଙ୍କର ନିମନ୍ତ୍ରଣ ରକ୍ଷା କରି ନରେନ୍ଦ୍ରନାଥ ଗୁରୁଭାଇଙ୍କ ସହିତ ପାଖରେ ଥିବା କେଉଁ ଗ୍ରାମକୁ ଗଲେ ?**
(କ) ବେଣ୍ଟିପୁର (ଖ) କଣ୍ଟିପୁର
(ଗ) ଆଣ୍ଟିପୁର (ଘ) ଅଲ୍ଲିପୁର

**୩୪ । ଆଣ୍ଟପୁର ଆସିବା ପାଇଁ ନରେନ୍ଦ୍ର ନାଥ ଓ ଗୁରୁ ଭାଇମାନଙ୍କୁ କିଏ ନିମନ୍ତ୍ରଣ କରିଥିଲେ ?**
(କ) ବାବୁରାମଙ୍କ ମାଆ (ଖ) ଶଶୀଭୂଷଣଙ୍କ ମାଆ
(ଗ) ଗଙ୍ଗାଧରଙ୍କ ମାଆ (ଘ) ରାଖାଲ ଚନ୍ଦ୍ରଙ୍କ ମାଆ

**୩୫ । ସ୍ୱାମୀ ପ୍ରେମାନନ୍ଦଙ୍କ ପିଲାଦିନର ନାମ କ'ଣ ଥିଲା ?**
(କ) ଶଶିଭୂଷଣ (ଖ) ଗଙ୍ଗାଧର
(ଗ) ବାବୁରାମ (ଘ) ତାରକନାଥ

**୩୬ । ଶୀତ ରାତିରେ କ'ଣ ଲଗାଇ ସମସ୍ତ ଶିଷ୍ୟମାନେ (ଶ୍ରୀ ରାମକୃଷ୍ଣଙ୍କର) ଘଣ୍ଟା ଘଣ୍ଟା ଧରି ଧର୍ମ ଆଲୋଚନା କରୁଥିଲେ ?**
(କ) ନିଆଁ (ଖ) କାଠ (ଗ) ଘସି (ଘ) ଧୁନି

**୩୭ । ସମସ୍ତ ଶିଷ୍ୟ କାହା ଭାବରେ ଉଦ୍‌ବୁଦ୍ଧ ହୋଇ ଅଗ୍ନିକୁ ସାକ୍ଷୀ ରଖି ସନ୍ନ୍ୟାସ ବ୍ରତ ଗ୍ରହଣ କରିବାକୁ ସଂକଳ୍ପ ନେଲେ ?**
(କ) ହିନ୍ଦୁ (ଖ) ସାଧୁ (ଗ) ଖ୍ରୀଷ୍ଟ (ଘ) ବୁଦ୍ଧ

**୩୮ । ନରେନ ଓ ଅନ୍ୟଶିଷ୍ୟମାନେ ବରାହନଗରରୁ ଫେରି କେବେ ପାରମ୍ପାରିକ ଶାସ୍ତ୍ରୀୟ ବିଧି ଅନୁଯାୟୀ ସନ୍ନ୍ୟାସ ବ୍ରତ ଗ୍ରହଣ କଲେ ?**
(କ) ୧୮୮୭ ଜାନୁଆରୀ (ଖ) ୧୮୮୬ ଡିସେମ୍ବର
(ଗ) ୧୮୮୭ ଫେବୃଆରୀ (ଘ) ୧୮୮୭ ମାର୍ଚ୍ଚ

**୩୯ । ଶ୍ରୀ ରାମକୃଷ୍ଣଙ୍କର କେତେ ଜଣ ତରୁଣ ଶିଷ୍ୟ ଥିଲେ ?**
(କ) ୧୬ (ଖ) ୧୫ (ଗ) ୧୪ (ଘ) ୧୭

**୪୦ । ବୁଲା ବାବାଜୀ ଦିନେ ମଠକୁ ଫେରିବା ନିଶ୍ଚିତ । ଏକଥା କାହାକୁ ଲକ୍ଷ୍ୟ କରି କୁହାଯାଇଛି ?**
(କ) ସନ୍ନ୍ୟାସୀମାନଙ୍କୁ (ଖ) ନରେନ୍‌ଙ୍କୁ
(ଗ) ଶ୍ରୀ ରାମକୃଷ୍ଣଙ୍କ ଶିଷ୍ୟମାନଙ୍କୁ (ଘ) ବାବୁରାମଙ୍କୁ

**୪୧ । ମଠର ସଂଗଠନ କାର୍ଯ୍ୟରେ ନରେନ୍‌ଙ୍କୁ କିଏ ସାହାଯ୍ୟ କରୁଥିଲେ ?**
(କ) ସ୍ୱାମୀ ପ୍ରେମାନନ୍ଦ (ଖ) ସ୍ୱାମୀ ଅଦୈତ୍ୟନାଥ
(ଗ) ସ୍ୱାମୀ ଅଭେଦାନନ୍ଦ (ଘ) ସ୍ୱାମୀ ରାମକୃଷ୍ଣ ନନ୍ଦ

**୪୨ । ଶ୍ରୀ ରାମକୃଷ୍ଣଙ୍କର କେଉଁ ଶିଷ୍ୟ ଏକୁଟିଆ ମଠକୁ ଜଗି ରହିଥିଲା ?**
(କ) ସ୍ୱାମୀ ସ୍ୱରୂପାନନ୍ଦ (ଖ) ସ୍ୱାମୀ ରାମକୃଷ୍ଣ ନନ୍ଦ
(ଗ) ସ୍ୱାମୀ ଅଭେଦାନନ୍ଦ (ଘ) ସ୍ୱାମୀ ନିରଞ୍ଜନା ନନ୍ଦ

**୪୩ । କେବେ ବିବେକାନନ୍ଦ ପ୍ରଥମ କରି ପରିଭ୍ରମଣରେ ବାହାରିଥିଲେ ?**
(କ) ୧୮୮୭ (ଖ) ୧୮୮୮
(ଗ) ୧୮୮୬ (ଘ) ୧୮୮୯

**୪୪ । ପ୍ରଥମ ଥର ବିବେକାନନ୍ଦ କେଉଁ ସ୍ଥାନକୁ ପରିଭ୍ରମଣରେ ବାହାରିଥିଲେ ?**
(କ) କନ୍ୟାକୁମାରୀ (ଖ) ହିମାଳୟ
(ଗ) ବନାରସ (ଘ) ମହୀଶୂର

**୪୫ । ବିବେକାନନ୍ଦଙ୍କ ପ୍ରଥମ ଶିଷ୍ୟଙ୍କ ନାମ କ'ଣ ?**
(କ) ଶ୍ରୀ ଶରତ ଚନ୍ଦ୍ର ଗୁପ୍ତ (ଖ) ଶ୍ରୀ ହରି ପ୍ରସନ୍ନ
(ଗ) ଶ୍ରୀ ରାମକୃଷ୍ଣାନନ୍ଦ (ଘ) ଶ୍ରୀ ସୁବୋଧାନନ୍ଦ

**୪୬ । ଶ୍ରୀ ଶରତ ଚନ୍ଦ୍ର ଗୁପ୍ତଙ୍କ ସନ୍ନ୍ୟାସୀ ନାମ କ'ଣ ଥିଲା ?**
(କ) ସ୍ୱାମୀ ସର୍ବାନନ୍ଦ (ଖ) ସ୍ୱାମୀ ସଦାନନ୍ଦ
(ଗ) ସ୍ୱାମୀ ସର୍ବାନନ୍ଦ (ଘ) ସ୍ୱାମୀ ପ୍ରେମାନନ୍ଦ

**୪୭ । ଦ୍ୱିତୀୟଥର ପରିଭ୍ରମଣରେ ବିବେକାନନ୍ଦ କେଉଁଠିକୁ ଯାଇଥିଲେ ?**
(କ) ମାଦ୍ରାଜ (ଖ) କନ୍ୟାକୁମାରୀ
(ଗ) ଦ୍ୱାରକା (ଘ) ହରିଦ୍ୱାର

**୪୮ । କେଉଁ ସ୍ଥାନରେ ସିଦ୍ଧଯୋଗୀ ପାଓହାରୀ ବାବାଙ୍କ ସହ ବିବେକାନନ୍ଦଙ୍କର ସାକ୍ଷାତ ହୋଇଥିଲା ?**

(କ) ହରିଦ୍ୱାର (ଖ) ଗାଜୀପୁର

(ଗ) ଆହ୍ଲାବାଦ (ଘ) ବନାରସ

**୪୯ । କେଉଁ ପଥ ନ ପାଇ ବିବେକାନନ୍ଦ ଭିତରେ ଥିବା ପ୍ରଚଣ୍ଡ ଶକ୍ତି ସର୍ବଦା ଅସ୍ଥିର ଥିଲା ?**

(କ) ନିଗମନ (ଖ) ଆଲୋକିତ

(ଗ) କଣ୍ଟକିତ (ଘ) ସନ୍ୟାସ

**୫୦ । ଯୁଦ୍ଧ କ୍ଷେତ୍ରକୁ କିଏ ପରଖି ଥାଏ ?**

(କ) ରାଜା (ଖ) ମନ୍ତ୍ରୀ

(ଗ) ସେନାପତି (ଘ) ସୈନିକ

**୫୧ । ଭୋକିଲା ଲୋକଙ୍କ ଦୁଃଖ ନିଜ ଆଖିରେ ଦେଖି ବିବେକାନନ୍ଦଙ୍କ ହୃଦୟ କ'ଣ ହେଉଥିଲା ?**

(କ) ଅଥୟ (ଖ) ଅନ୍ୟମନସ୍କ (ଗ) ବିଚଳିତ (ଘ) ବିଗଳିତ

**୫୨ । ଆଦିବାସୀ ବସ୍ତିରେ ବିବେକାନନ୍ଦ କେଉଁମାନଙ୍କ ଅତିଥି ହୋଇଥିଲେ ?**

(କ) ସାନ୍ତାଳ (ଖ) କୋହ୍ଲ

(ଗ) ମୁଣ୍ଡା (ଘ) କନ୍ଧ

**୫୩ । ସରଳ ଆଦିବାସୀ ଲୋକଗୁଡ଼ାକ ପାଇଁ କିଛି ନ କରିବାର ଅକ୍ଷମତାରେ ଭାଙ୍ଗିପଡ଼ି ବିବେକାନନ୍ଦ କାହାର ଆହାର ହେବା ପାଇଁ ଚାହିଁଥିଲେ ?**

(କ) ସିଂହ (ଖ) ଭାଲୁ

(ଗ) ବାଘ (ଘ) ସର୍ପ

**୫୪ । ରାଜପୁତନାରେ ବିବେକାନନ୍ଦ କାହାର ଆତିଥ୍ୟ ଗ୍ରହଣ କରିଥିଲେ ?**

(କ) ମେୱାର ମହାରାଜା (ଖ) ଜୟପୁର ମହାରାଜା (ଗ) ରାଜପୁତନା ମହାରାଜା (ଘ) କ୍ଷେତରି ମହାରାଜା

**୫୫ । କ୍ଷେତରି ମହାରାଜାଙ୍କ ସମ୍ବର୍ଦ୍ଧନା ଉତ୍ସବରେ ବାଈଜୀ କେଉଁ ଭଜନ ପରିବେଷଣ କରିଥିଲେ ?**

(କ) ସନ୍ଧ୍ୟା ଭଜନ (ଖ) ପ୍ରଭାତ ଭଜନ (ଗ) ମୀରା ଭଜନ (ଘ) ଶିବ ଭଜନ

**୫୬ । ନୈନିତାଲରେ ବିବେକାନନ୍ଦ କାହା କଥା ଭଗିନୀ ନିବେଦିତାଙ୍କୁ କହିଥିଲେ ?**

(କ) ମୀରାବାଈ (ଖ) କ୍ଷେତରିର ବାଈଜୀ (ଗ) ମହୀଶୂର ମହାରାଜା (ଘ) କ୍ଷେତରି ମହାରାଜା

**୫୭ । ନୈନିତାଲରେ ଥିବା ସରୋବରର ନାମ କ'ଣ ?**

(କ) ବ୍ୟାସ ସରୋବର (ଖ) ପଦ୍ମ ସରୋବର (ଗ) ନୈନୀ ସରୋବର (ଘ) ଦେବ ସରୋବର

**୫୮ । ବିଶ୍ୱ ସର୍ବ ଧର୍ମ ସଭାରେ ଯୋଗ ଦେବା ପାଇଁ ସ୍ୱାମିଜୀ କେଉଁ ସହରକୁ ଯାଇଥିଲେ ?**

(କ) ଲଣ୍ଡନ (ଖ) ନିଉୟର୍କ

(ଗ) ମସ୍କୋ (ଘ) ଚିକାଗୋ

**୫୯ । "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ" ଏହି ଉକ୍ତିଟି ନରେନ୍ କାହାଠାରୁ ଶୁଣିଥିଲେ ?**

(କ) ଶ୍ରୀରାମକୃଷ୍ଣ (ଖ) କ୍ଷେତରି ମହାରାଜା (ଗ) ମୀରା ବାଈ (ଘ) ଭଗିନୀ ନିବେଦିତା

**୬ । ଦି ଓଳି ଦି ମୁଠା ଖାଇବାକୁ ପାଉନଥିବା ଅଗଣିତ ମଣିଷଙ୍କୁ ଦେଖି ବିବେକାନନ୍ଦ ଯେଉଁ ନୂତନ ଜ୍ଞାନ ପାଇଥିଲେ, ତାହା କ'ଣ ଥିଲା ?**

(କ) ପୂର୍ଣ୍ଣ ପେଟରେ ଧର୍ମ ଅନାବଶ୍ୟକ

(ଖ) ବେମାର ପେଟରେ ଧର୍ମ ଅନାବଶ୍ୟକ

(ଗ) ଜଳପୂର୍ଣ୍ଣ ପେଟରେ ଧର୍ମ ଅନାବଶ୍ୟକ

(ଘ) ଭୋକିଲା ପେଟରେ ଧର୍ମ ଅନାବଶ୍ୟକ

**୬୧ । ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ଏହା କାହାର ଉକ୍ତି ?**

(କ) ଶ୍ରୀ ରାମକୃଷ୍ଣ (ଖ) ବିବେକାନନ୍ଦ (ଗ) ବାଈଜୀ (ଘ) ଭଗିନୀ ନିବେଦିତ

**୬୨ । ସ୍ୱାମିଜୀଙ୍କର ସଂସ୍କୃତରେ ବ୍ୟାକରଣ ଗତ ଭୁଲ ପାଇଁ କେଉଁମାନେ ଖୁସି ମନାଇଥିଲେ ?**

(କ) ସାଧୁସନ୍ଥ (ଖ) ଗୁଜୁରାଟି ପଣ୍ଡିତ (ଗ) ରାଜା ମହାରାଜା (ଘ) ଆଦିବାସୀ

**୬୩ । ଚିଲ, ଶାଗୁଣା ଖୁବ୍ ଉଚ୍ଚରେ ଉଡ଼ନ୍ତି କିନ୍ତୁ ସେମାନଙ୍କର ଦୃଷ୍ଟି କାହା ଉପରେ ଥାଏ ?**

(କ) ମୃତଜୀବ (ଖ) ଗୋରୁ ମଢ଼ (ଗ) ମଣିଷର ଶବ (ଘ) କୀଟ ପତଙ୍ଗ

**୬୪ । ପଣ୍ଡିତମାନଙ୍କ ମତରେ ସ୍ୱାମୀଜିଙ୍କ ଚକ୍ଷୁରେ କେଉଁ ଶକ୍ତି ଅଛି ?**

(କ) ମୋହିନୀ (ଖ) ଚକ୍ଷୁବନ୍ଧନ (ଗ) ଆଧାତ୍ମିକ (ଘ) ନାକାରାତ୍ମକ

୬୫ । ଚୁମ୍ବକ ଲୁହାକୁ ଟାଣିଲା ପରି ବିବେକାନନ୍ଦ ଲୋକମାନଙ୍କୁ କେଉଁ ଦିଗରେ ମୁହାଁଇ ଦେବା ଥିଲା ତାଙ୍କର ଅସଲ ଶକ୍ତି ?

(କ) ଜ୍ଞାନ ଓ ସତ୍ (ଖ) ଜ୍ଞାନ ଓ ସାଧନା (ଗ) ଅନୁଭୂତି (ଘ) ଅନୁସରଣ

୬୬ । କୁକୁରର ଆଦର୍ଶ କ'ଣ ଅଟେ ?

(କ) ଅନୁକରଣ (ଖ) ଅନୁକମ୍ପା

(ଗ) ଅନୁଭୂତି (ଘ) ଅନୁସରଣ

୬୭ । ଭାରତର ଦକ୍ଷିଣ ସୀମାନ୍ତର ପୁଣ୍ୟ ଭୂମିର ନାମ କ'ଣ ?

(କ) ମଦୁରାଇ(ଖ) ଚେନ୍ନାଇ (ଗ) କନ୍ୟାକୁମାରୀ (ଘ) ମହୀଶୂର

୬୮ । ବିବେକାନନ୍ଦ କ୍ଲାନ୍ତ ହୋଇ ଶେଷରେ କେଉଁଠି ଧ୍ୟାନସ୍ଥ ହୋଇଥିଲେ ?

(କ) ସମୁଦ୍ର କୂଳରେ (ଖ) ନଦୀ କୂଳରେ

(ଗ) ଘଂ ଜଙ୍ଗଲରେ (ଘ) ସମୁଦ୍ର ଭିତରେ ଅଳ୍ପ ଦୂରରେ ଥିବା ପାହାଡ଼ ଉପରେ

## ଉତ୍ତରମାଳା

୧. (ଖ) ୨. (ଗ) ୩. (ଗ) ୪. (ଘ) ୫. (କ) ୬. (ଗ) ୭. (ଘ) ୮. (ଗ) ୯. (ଘ) ୧୦. (କ) ୧୧. (ଗ) ୧୨. (କ) ୧୩. (ଘ) ୧୪. (ଖ) ୧୫. (ଖ) ୧୬. (କ) ୧୭.(ଗ) ୧୮.(ଘ) ୧୯. (ଘ) ୨୦. (ଗ) ୨୧. (ଖ)୨୨. (ଗ) ୨୩.(ଗ) ୨୪. (ଘ) ୨୫. (କ) ୨୬. (ଖ) ୨୭. (ଗ) ୨୮. (ଗ) ୨୯. (ଘ) ୩୦. (ଖ) ୩୧. (ଖ) ୩୨. (କ) ୩୩. (ଗ) ୩୪. (ଗ) ୩୫. (ଗ) ୩୬. (ଘ) ୩୭. (ଗ) ୩୮. (କ) ୩୯. (କ) ୪୦. (ଗ) ୪୧. (ଘ) ୪୨. (ଖ) ୪୩. (ଗ) ୪୪. (ଖ) ୪୫. (କ) ୪୬. (ଖ) ୪୭. (ଘ) ୪୮. (ଖ) ୪୯. (କ) ୫୦. (ଗ) ୫୧. (ଘ) ୫୨. (କ) ୫୩. (ଗ) ୫୪. (ଘ) ୫୫. (ଗ) ୫୬. (ଖ) ୫୭. (ଗ) ୫୮. (ଘ) ୫୯. (କ) ୬୦. (ଘ) ୬୧. (ଖ) ୬୨. (ଖ) ୬୩. (ଖ) ୬୪. (କ) ୬୫. (ଗ) ୬୬. (ଘ) ୬୭. (ଗ) ୬୮. (ଘ)

# ନରେନ୍‌ରୁ ବିବେକାନନ୍ଦ

**୧ । ସପ୍ରସଙ୍ଗ ସରଳାର୍ଥ ଲେଖ ।**

**ଭାରତୀୟ ଦର୍ଶନରେ ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।**

**ଉତ୍ତର –** ଭାରତୀୟ .................. ଈଶ୍ୱର ସେବା ।

ଉକ୍ତ ପ୍ରବନ୍ଧାଂଶଟି ପଠିତ "ସାହିତ୍ୟ ସିନ୍ଧୁ" ପୁସ୍ତକରୁ "ନରେନ୍‌ରୁ ବିବେକାନନ୍ଦ" ଶୀର୍ଷକ ପ୍ରବନ୍ଧରୁ ଆସିଅଛି । ଏଠାରେ ପ୍ରାବନ୍ଧିକ ଶ୍ରୀଯୁକ୍ତ ଶରତ କୁମାର ମହାନ୍ତି ଭାରତୀୟ ଦର୍ଶନର ମହିମା ବିଷୟରେ ପ୍ରତିପାଦନ କରିଛନ୍ତି ।

ଭାରତୀୟ ଦର୍ଶନ ଏବଂ ଅନ୍ୟ ପୁରାଣ ଶାସ୍ତ୍ର କହେ ଯଥାକ୍ରମେ – "ଅହଂ ବ୍ରହ୍ମୋସ୍ମି" ଏବଂ 'ସକଳ ଘଟେ ନାରାୟଣ', ଏହି ନୀତିରେ ଭାରତୀୟ ଦର୍ଶନ ମନୁଷ୍ୟକୁ ଈଶ୍ୱରଙ୍କ ସହ ତୁଳନା କରିଛି । ତେଣୁ ମାନବର ସେବା କରିବା ଈଶ୍ୱରଙ୍କ ସେବା କରିବା ସହ ସମାନ । ଶ୍ରୀରାମକୃଷ୍ଣ ପରମହଂସ ସ୍ୱାମୀ ବିବେକାନନ୍ଦଙ୍କୁ ନିର୍ବିକଳ୍ପ ସମାଧିରେ ବୁଡ଼ି ନ ରହି ବିଶାଳ ବଟବୃକ୍ଷ ହୋଇ ମଣିଷଙ୍କୁ ଆଶ୍ରୟ ଦେବା ପାଇଁ କହିଥିଲେ । ତେଣୁ ବିବେକାନନ୍ଦ ଇହଲୋକ ବିମୁଖ ସନ୍ନ୍ୟାସୀର ଆଦର୍ଶ ତ୍ୟାଗ କରି ବିଶାଳ ବୁଭୁକ୍ଷୁ ଜନତାର ସେବାବ୍ରତ ଆଚରଣରେ ସଂକଳ୍ପବଦ୍ଧ ହୋଇଥିଲେ । ଧ୍ୟାନ ଧାରଣା ସମାଧି ରୂପକ ଅଭ୍ୟାସ ବଳରେ ସିଦ୍ଧଯୋଗୀ ହୋଇ ଆତ୍ମାର ସଦ୍‌ଗତି ରୂପକ ସ୍ୱାର୍ଥପରତାକୁ ତ୍ୟାଗ କରି ଜନତାକୁ ଜନାର୍ଦ୍ଦନ ରୂପେ ପୂଜା କରିବାକୁ ଆଗେଇ ଆସିଥିଲେ । ଏକ ଆଜ୍ଞାଧୀନ ଶିଷ୍ୟ ରୂପେ 'ଗୁରୁଆଜ୍ଞା ପାଳନୀୟା' ରୀତିରେ ସେ ଏହି ପରମଦିବ୍ୟ ସେବାରେ ନିୟୋଗ ରହିବା ଉଦ୍ଦେଶ୍ୟରେ ଭାରତଭ୍ରମଣ ଆରମ୍ଭ କରିଥିଲେ ।

ଭାରତୀୟ ଦର୍ଶନର ଏହି ମହାନ୍ ବାଣୀର ମର୍ମକୁ ଉପଲବ୍ଧି କରି ବିବେକାନନ୍ଦ ସେଦିନ ନିଜ ଜୀବନର ବ୍ରତ ଓ ପଥ ପ୍ରସ୍ତୁତ କରିଥିଲେ ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ -**

**୧ । ବିବେକାନନ୍ଦଙ୍କର ଭାରତ ପରିଭ୍ରମଣରେ ଉଦ୍ଦେଶ୍ୟ ଓ ପରିଣତି ଆଲୋଚନା କର ।**

**କିମ୍ବା, କେଉଁ ଉଦ୍ଦେଶ୍ୟ ନେଇ ବିବେକାନନ୍ଦ ସମଗ୍ର ଭାରତ ପରିଭ୍ରମଣ କରିଥିଲେ ଏବଂ ଏହାର ଫଳାଫଳ କ'ଣ ହେଲା ।**

**ଉତ୍ତର -** ଦର୍ଶନମୁଗ୍ଧ ମନନଶୀଳ ପ୍ରାବନ୍ଧିକ ଶରତ କୁମାର ମହାନ୍ତି, ବିଜ୍ଞାନ, ଦର୍ଶନ, ସମାଜ, ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତା ସମ୍ବନ୍ଧରେ ପ୍ରବନ୍ଧ ରଚନା କରି ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । 'ଛତ୍ରପତି ବିବେକାନନ୍ଦ' ଶୀର୍ଷକ ପ୍ରବନ୍ଧରୁ ସଂଗୃହୀତ 'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧରେ ପ୍ରାବନ୍ଧିକ ବିବେକାନନ୍ଦଙ୍କ ଭାରତ ଭ୍ରମଣ ସଂପର୍କରେ ବର୍ଣ୍ଣନା କରିଛନ୍ତି ।

ବିବେକାନନ୍ଦ ନିର୍ବିକଳ୍ପ ସମାଧିର ଦିବ୍ୟାନନ୍ଦ ପ୍ରାପ୍ତି ପରେ ଗୁରୁଙ୍କ ନିର୍ଦ୍ଦେଶରେ ସନ୍ନ୍ୟାସୀର ଆଦର୍ଶ ତ୍ୟାଗ କରି "ମନୁଷ୍ୟର ସେବା ହିଁ ଈଶ୍ୱରଙ୍କ ସେବା" ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ଜନତାକୁ ଜନାର୍ଦ୍ଦନ ରୂପେ ପୂଜା କରିବାକୁ ଆଗେଇ ଆସିଲେ । ଗୁରୁଙ୍କ ନିର୍ଦ୍ଦେଶକୁ ସଫଳ କରିବା ନିମନ୍ତେ ବିଶାଳ ଭାରତବର୍ଷ ଓ ତା'ର ଦରିଦ୍ର ଜନତା ସହ ଘନିଷ୍ଠ ଭାବେ ପରିଚିତ ହେବା ଉଦ୍ଦେଶ୍ୟରେ ବିବେକାନନ୍ଦ ଭାରତ ଭ୍ରମଣରେ ବାହାରିଥିଲେ । ଦରିଦ୍ରଲୋକଙ୍କ ଦୁଃଖକୁ ଅଙ୍ଗେ ନିଭାଇବା ପାଇଁ ସେ ତାଙ୍କ ପ୍ରଥମ ଶିଷ୍ୟ ସ୍ୱାମୀ ସଦାନନ୍ଦଙ୍କ ସହ ଭୋକ ଉପାସରେ ରହି ରୋଗରେ ଆକ୍ରାନ୍ତ ହୋଇଥିଲେ । ଭାରତ ଭ୍ରମଣ ସମୟରେ ଜାତି, ଧର୍ମ, ନିର୍ବିଶେଷରେ ରାଜା, ମହାରାଜା, ଧନୀ ଓ ଗରିବ ସବୁ ଶ୍ରେଣୀର ଲୋକମାନଙ୍କ ଘନିଷ୍ଠ ସଂପର୍କରେ ଆସି ମଣିଷ ପ୍ରତି ତାଙ୍କ ହୃଦୟରେ ଶ୍ରଦ୍ଧା ଓ କରୁଣା ଗଭୀରତର ହେଲା । ନିଜ ଆଖିରେ ଭୋକିଲା ଲୋକଙ୍କର ଦୁଃଖ ଦେଖି ତାଙ୍କ ହୃଦୟ ଭାଙ୍ଗି ଯାଇଥିଲା । ଯେଉଁମାନେ ମୁଠାଏ ଖାଇବାକୁ ପାଉନଥିଲେ ଅର୍ଥାତ୍ ସାନ୍ତାଳମାନେ ତାଙ୍କୁ ଅତିଥି ଚର୍ଚ୍ଚା କରିଥିଲେ ।

ଏଭଳି ଅପୂର୍ବ ଆତିଥ୍ୟ ପାଇବାପରେ ବିବେକାନନ୍ଦଙ୍କ ହୃଦୟ କାନ୍ଦି ଉଠିଥିଲା ।

ଉଚ୍ଚାଦର୍ଶ ଓ ଶୁଦ୍ଧପୂତ ଜୀବନରୁ ସ୍ଖଳନକୁ କରିପାରୁନଥିବା ବିବେକାନନ୍ଦଙ୍କ ହୃଦୟରେ ରାଜପୁତନାର ବାଈ ସଙ୍ଗୀତ ଗଭୀର ରେଖାପାତ କରିଥିଲା । ମଣିଷକୁ ଦେଖିବା ପରେ ସେ ହେଲେ ଉଦାର ଓ ସମ୍ବେଦନଶୀଳ ।

ସାରା ଦେଶରେ ଖାଇବାକୁ ପାଉନଥିବା ଅଗଣିତ ମଣିଷଙ୍କୁ ଦେଖି ସେ ଏକ ନୂତନ ଜ୍ଞାନ ଲାଭ କଲେ - "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ ।" ଏବଂ ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ । ତେଣୁ ସେ ଦରିଦ୍ର ନାରାୟଣଙ୍କ ସେବା ନିମନ୍ତେ ପ୍ରବଳ ପ୍ରତାପୀ ଦାରିଦ୍ର୍ୟ ରୂପ ଦାନବ ବିରୋଧରେ ଯୁଦ୍ଧ ଘୋଷଣା କଲେ ।

ପୁରୁଣା ସମାଜକୁ ଭାଙ୍ଗି ନୂତନ ସମାଜ ଗଠନ କରିବା ପାଇଁ ପ୍ରଥମେ ନିଜେ ମଣିଷକୁ ବଦଳିବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ । ତେଣୁ ସେ ଧନୀ, ଦରିଦ୍ର, ରାଜା, ମହାରାଜାଙ୍କ ହୃଦୟରେ ସେବା ତ୍ୟାଗ ଏଭଳିକି ଦାନର ମହିମା ଜାଗ୍ରତ କରାଇବାକୁ ଚେଷ୍ଟା କରିଥିଲେ । ସେହି ନିଃସ୍ୱ ନିଷ୍ଠାବାନ୍ ଦରିଦ୍ର ହୃଦୟ ସମ୍ପନ୍ନ ବିବେକୀ ପୁରୁଷ ବିବେକାନନ୍ଦଙ୍କ ସଂସ୍ପର୍ଶରେ ଆସିବା ପରେ ସମାଜରେ ବହୁ ଉଚ୍ଚଶ୍ରେଣୀର ଜନତାଙ୍କ ମନ ପରିବର୍ତ୍ତନ ହୋଇଥିଲା । କିଛି ପାଇବାର ଆଶା ନେଇ ଦାନ ନ କରାଯାଇ ସତ୍ ପାତ୍ରରେ ଅର୍ଥାତ୍ ଯାହାପାଇଁ ଦାନ ଲୋଡ଼ା, ସେଠାରେ ଦାନ କଲେ ଯଥାର୍ଥ ହେବ ବୋଲି କହିଥିଲେ । ସମଗ୍ର ଭାରତ ବର୍ଷରେ ଏଭଳି ଯୋଗୀପୁରୁଷ ସାଧୁସନ୍ଥ ସନ୍ନ୍ୟାସୀଙ୍କ ବତ୍ରରେ ଅନୁରକ୍ତ ହୋଇ ଅନେକ ତାଙ୍କ ଶିଷତ୍ୱ ଗ୍ରହଣ କରିଥିଲେ । ଏଭଳି ଭାବେ ଦାରିଦ୍ର୍ୟ ଦୁଃଖ ଭଞ୍ଜନ କରିବାର ସଂକଳ୍ପ ନେଇ ଏକ ନୂତନ ସମାଜ ପ୍ରତିଷ୍ଠା ନିମନ୍ତେ ପ୍ରତିଜ୍ଞାବଦ୍ଧ ହୋଇ ଭାରତୀୟ ସମାଜ ସଂସ୍କୃତିକୁ ପରିଚୟ ଦେବା ପାଇଁ ବିଦେଶ ଗସ୍ତ ଆରମ୍ଭ କରିଥିଲେ ।

ଲେଖକଙ୍କର ଉକ୍ତ ପ୍ରବନ୍ଧଟି ଭାବଗର୍ଭିକ ଅଟେ ।

**୨ । କେଉଁ କେଉଁ ଘଟଣାବଳୀ ବିବେକାନନ୍ଦଙ୍କୁ ଗୃହତ୍ୟାଗୀ ସନ୍ନ୍ୟାସୀ ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସାହାଯ୍ୟ କରିଥିଲା ଆଲୋଚନା କର ।**

**ଉତ୍ତର -** ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଶରତ କୁମାର ମହାନ୍ତି ଜଣେ ମନନଶୀଳ ପ୍ରାବନ୍ଧିକ ରୂପେ ସୁବିଦିତ । ତାଙ୍କ ରଚିତ 'ବିଜ୍ଞାନ ଦିଗନ୍ତ' 'ଆକାଶର ଆହ୍ୱାନ', 'ସଂସ୍କୃତି ଅପସଂସ୍କୃତି' ପ୍ରଭୃତି କୃତିରାଜି ତାଙ୍କ ଅମ୍ଳାନ ପ୍ରତିଭାର ସ୍ୱାକ୍ଷର ନେଇ ଉଦ୍‌ଭାସିତ । 'ଛତ୍ରପତି ବିବେକାନନ୍ଦ' ଶୀର୍ଷକ ପୁସ୍ତକରୁ ସଂଗୃହୀତ 'ନରେନ୍‌ରୁ ବିବେକାନନ୍ଦ' ପ୍ରବନ୍ଧରେ ପ୍ରାବନ୍ଧିକ ବିବେକାନନ୍ଦ ସନ୍ନ୍ୟାସୀ ହେବା ପରିବର୍ତ୍ତେ କିପରି ସମାଜ ସଂସ୍କାରକ ହୋଇଥିଲେ, ତାହା ପ୍ରତିପାଦନ କରିଛନ୍ତି ।

ଶ୍ରୀରାମକୃଷ୍ଣ ନିଜେ ଧାତ୍ରୀ ହୋଇ ଦକ୍ଷିଣେଶ୍ୱରରେ ନରେନ୍‌ଙ୍କୁ ବିବେକାନନ୍ଦ ରୂପେ ଗଢ଼ି ତୋଳିଥିଲେ । ଏବଂ ତାଙ୍କୁ ତାଙ୍କ ଜୀବନର କର୍ମ ଓ ଲକ୍ଷ୍ୟ ଭଲ ଭାବେ ଦେଖାଇ ଦେଇଥିଲେ । ତେଣୁ ନିର୍ବିକଳ୍ପ ସମାଧିରେ ଦିବ୍ୟାନନ୍ଦ ଅନୁଭୂତି ପରେ ମଧ୍ୟ ଗୁରୁଙ୍କ ନିର୍ଦ୍ଦେଶନରେ ଧ୍ୟାନ, ଧାରଣା ସମାଧି ରୂପକ ସନ୍ନ୍ୟାସୀର ଆଦର୍ଶ ତ୍ୟାଗ କରିଥିଲେ । ଗୁରୁଙ୍କ ଆଦେଶରେ ବିଶାଳ ବଟବୃକ୍ଷ ହୋଇ ହଜାର ହଜାର ମଣିଷଙ୍କୁ ଆଶ୍ରୟ ଦେବା ନିମନ୍ତେ ସେ "ମନୁଷ୍ୟର ସେବା ହିଁ ଈଶ୍ୱରଙ୍କ ସେବା" କୁ ଗ୍ରହଣ କରି ଜନତାକୁ ଜନାର୍ଦ୍ଦନ ରୂପେ ପୂଜା କରିବାକୁ ଆଗେଇ ଆସିଥିଲେ । ଜଗତର କଲ୍ୟାଣ କରିବାକୁ ଉପଦେଶ ଦେଇ ରାମକୃଷ୍ଣ ଗୃହ ତ୍ୟାଗ କରିବା ପରେ ବିବେକାନନ୍ଦ ଭାରତବର୍ଷ ଓ ତା'ର ଜନତାଙ୍କ ସହ ଘନିଷ୍ଠ ହେବାପାଇଁ ଭାରତ ଭ୍ରମଣରେ ବାହାରେ ଜାତି, ଧର୍ମ, ନିର୍ବିଶେଷରେ ସମାଜର ସବୁ ଶ୍ରେଣୀର ଲୋକମାନଙ୍କ ସହ ମିଶି ତାଙ୍କ ହୃଦୟରେ ମଣିଷ ପ୍ରତି ଶ୍ରଦ୍ଧା ଓ କରୁଣା ଅତି ନିବିଡ଼ ହେଲା । ଭୋକିଲା ଲୋକଙ୍କ ଦୁଃଖ ଦେଖି ତାଙ୍କ ହୃଦୟରେ ବିଦୀର୍ଣ୍ଣ ହେଲା । ରାଜପୁତନାରେ ବାଇଜୀଙ୍କ ସଙ୍ଗୀତ ତାଙ୍କ ହୃଦୟରେ ଗଭୀର ରେଖାପାତ କଲା । ସେ ମଣିଷ ପ୍ରତି ହେଲେ ସମ୍ବେଦନଶୀଳ ଓ ଉଦାର ।

ସାରା ଦେଶରେ ଅଗଣିତ ଭୋକିଲା ଲୋକଙ୍କୁ ଦେଖି ଭୋକିଲା ପେଟରେ ଧର୍ମ ଅନାବଶ୍ୟକ ବୋଲି ନୂତନ ଜ୍ଞାନ ଲାଭ କଲେ । 'ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ବୋଲି ବିବେଚନା କରି ଦାରିଦ୍ର୍ୟ ଦାନବ ବିରୋଧରେ ଯୁଦ୍ଧ ଘୋଷଣା କଲେ । ପୁରୁଣା ସମାଜକୁ ଭାଙ୍ଗି ନୂତନ ସମାଜ ଗଠନ ନିମନ୍ତେ ମଣିଷଙ୍କୁ ବଦଳାଇବା ଏକାନ୍ତ ଆବଶ୍ୟକ ମନେ କରି ରାଜା, ମହାରାଜା, ଧନୀ, ଗରିବ ସମସ୍ତଙ୍କ ହୃଦୟରେ ସେବାର ମହିମା ଜାଗ୍ରତ କଲେ । ତାଙ୍କ ଠାରୁ ତାଙ୍କୁ ଦେବାପାଇଁ ଆଗେଇ ଆସିବା ସହ ଅନୁରକ୍ତ ସୈନିକଗଣ ତାଙ୍କ ରହସ୍ୟମୟ ଇସାରାକୁ ଅପେକ୍ଷା କରି ରହିଲେ । ସମାଜରେ ସଂସ୍କାର ଆଣିବା ନିମନ୍ତେ ଭାରତ ଭ୍ରମଣ ପରେ ବାର୍ତ୍ତା ପ୍ରଚାର ପାଇଁ ବିଦେଶ ଭ୍ରମଣରେ ଯାଇଥିଲେ । ଏହି ଘଟଣାବଳୀ ବିବେକାନନ୍ଦଙ୍କୁ ସନ୍ନ୍ୟାସୀ ହେବା ପରିବର୍ତ୍ତେ ସମାଜ ସଂସ୍କାରକ ହେବାରେ ସହାୟକ ହୋଇଥିଲା ।

# ଓଡ଼ିଆ ସାହିତ୍ୟ କଥା

**୧ । ଓଡ଼ିଶାରେ କେଉଁ ମସିହାରୁ ମିଶନସ୍କୁଲ ମାନ ପ୍ରତିଷ୍ଠା ହେଲା ?**

(କ) ୧୮୧୮ (ଖ) ୧୮୨୨ (ଗ) ୧୮୨୪ (ଘ) ୧୮୨୫

**୨ । ନ'ଅଙ୍କ ଦୁର୍ଭିକ୍ଷ କେଉଁ ମସିହାରେ ହୋଇଥିଲା ?**

(କ) ୧୮୬୪ (ଖ) ୧୮୬୫ (ଗ) ୧୮୬୬ (ଘ) ୧୮୬୮

**୩ । କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ପ୍ରଥମ ସମ୍ବାଦ ପତ୍ରିକାର ନାମ କ'ଣ ?**

(କ) ଉତ୍କଳ ଦୀପିକା (ଖ) ଓଡ଼ିଆ ଓ ନବ ସମ୍ବାଦ

(ଗ) ଉତ୍କଳ ଦର୍ପଣ (ଘ) ଉତ୍କଳ ପ୍ରଭା

**୪ । ବ୍ରାହ୍ମଧର୍ମ କାହା ଦ୍ୱାରା ପ୍ରତିଷ୍ଠା ହୋଇଥିଲା ?**

(କ) ଦୟାନନ୍ଦ ସରସ୍ୱତୀ (ଖ) ଫକୀର ମୋହନ ସେନାପତି

(ଗ) ରାଜା ରାମମୋହନ ରାୟ (ଘ) ରବିନ୍ଦ୍ର ନାଥ ଠାକୁର

**୫ । ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ କ'ଣ ?**

(କ) ଚନ୍ଦ୍ରଭାଗା (ଖ) ସତ୍ୟବାଦୀ

(ଗ) ଉତ୍କଳସାହିତ୍ୟ (ଘ) ବିବେକି

**୬ । ଚତୁର୍ଦ୍ଦଶପାଦୀ କବିତା 'ବସନ୍ତ ଗାଥା' କେଉଁ କବିଙ୍କର କୃତ୍ତି ଅଟେ ?**

(କ) ଭକ୍ତ କବି ମଧୁସୁଦନ ରାଓ

(ଖ) ବ୍ୟାସକବି ଫକୀର ମୋହନ ସେନାପତି

(ଗ) କୁଳବୃଦ୍ଧ ମଧୁସୂଦନ ଦାସ

(ଘ) ସ୍ୱଭାବ କବି ଗଙ୍ଗାଧର ମେହେର

**୭ । ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପର ନାମ କ'ଣ ?**

(କ) ବିବେକି (ଖ) ରେବତି

(ଗ) ଚନ୍ଦ୍ରଭାଗା (ଘ) ଉତ୍କଳ ଭ୍ରମଣ

**୮ । ଫକୀର ମୋହନଙ୍କୁ ବାମଣ୍ଡାର ରାଜସଭା କେଉଁ ସମ୍ମାନରେ ସମ୍ମାନିତ କରିଥିଲା ?**

(କ) ବ୍ୟାସକବି (ଖ) ପ୍ରବାଦ ପୁରୁଷ

(ଗ) ଶ୍ରେଷ୍ଠ କବି (ଘ) ସରସ୍ୱତୀ

**୯ । ଫକୀର ମୋହନଙ୍କର ପ୍ରଥମ ସାହିତ୍ୟ ପତ୍ରିକାର ନାମ କଣଣ ?**

(କ) ପୁଷ୍ପମାଳା (ଖ) ପୂଜାଫୁଲ

(ଗ) ବୋଧଦାୟିନୀ (ଘ) ଉତ୍କଳ ଭ୍ରମଣ

୧୦ । ରମ୍ୟ ରଚନା ଆଧାରିତ ପୁସ୍ତକ 'ନନାଙ୍କ ପାଞ୍ଜି' କେଉଁ ଲେଖକଙ୍କର ବୃତି ?

(କ) ଫକୀରମୋହନ ସେନାପତି

(ଖ) ଗୌରୀଶଙ୍କର ରାୟ (ଗ) ମଧୁସୂଦନ ରାଓ

(ଘ) ମଧୁସୂଦନ ଦାସ

୧୧ । ତପସ୍ୱିନୀ କାବ୍ୟଟି କେଉଁ କବିଙ୍କ ବୃତ୍ତି ?

(କ) ଗୌରୀଶଙ୍କର ରାୟ (ଖ) ଅନ୍ନଦାଶଙ୍କର ରାୟ

(ଗ) ଗଙ୍ଗାଧର ମେହେର (ଘ) ଗୋପାଳ ଚନ୍ଦ୍ର ପ୍ରହରାଜ

୧୨ । ପଲ୍ଲୀ କବି ନନ୍ଦକିଶୋର ବଳଙ୍କ 'କୃଷ୍ଣ କୁମାରୀ' ଏକ ଅଟେ ?

(କ) ଉପନ୍ୟାସ (ଖ) ଗଳ୍ପ (ଗ) କାବ୍ୟ (ଘ) ନାଟକ

୧୩ । ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାରଙ୍କ ନାମ କ'ଣ ?

(କ) ଜଗନ୍ମୋହନ ଲାଲ୍ (ଖ) ରାମଶଙ୍କର ରାୟ

(ଗ) ନନ୍ଦକିଶୋର ବଳ (ଘ)ଫକୀରମୋହନ ସେନାପତି

୧୪ । ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକର ନାମ କ'ଣ ?

(କ) କାଞ୍ଚି କାବେରୀ (ଖ) ବାବାଜୀ (ଗ) ସତୀ (ଘ) ପ୍ରୀତି

୧୫ । ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାମ କ'ଣ ?

(କ) ପଦ୍ମମାଳୀ (ଖ) ବିବାସିନୀ (ଗ) ବାବାଜୀ (ଘ) କନକଲତା

୧୬ । ଉକ୍ରଳ ସାହିତ୍ୟ ପତ୍ରିକା କେବେ ପ୍ରକାଶ ପାଇଥିଲା ?

(କ) ୧୮୮୮ (ଖ) ୧୮୯୧ (ଗ) ୧୮୯୭ (ଘ) ୧୮୯୮

୧୭ । ଆମ ଘରର ହାଲଚାଲ ପୁସ୍ତକର ରଚୟିତା କିଏ ?

(କ) ବିଶ୍ୱନାଥ କର (ଖ) ରାମଶଙ୍କର ରାୟ

(ଗ) ରମେଶ ଚନ୍ଦ୍ର ସରକାର (ଘ)ଗୋପାଳଚନ୍ଦ୍ର ପ୍ରହରାଜ

୧୮ । କେଉଁ ପୁସ୍ତକଟି ଓଡ଼ିଆ ଭାଷାର କଳା କୋଣାର୍କ ?

(କ) ବିବେକ (ଖ) ବିବାସିନୀ

(ଗ) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (ଘ) ଉତ୍କଳସାହିତ୍ୟ

୧୯ । ସତ୍ୟବାଦୀ ଯୁଗର କର୍ଣ୍ଣଧାର କିଏ ?

(କ) ଗୋପାଳ ଚନ୍ଦ୍ର ପ୍ରହରାଜ (ଖ) ଗୋପବନ୍ଧୁ ଦାସ

(ଗ) ବିଶ୍ୱନାଥ କର (ଘ) ମୃତ୍ୟୁଞ୍ଜୟ ରଥ

୨୦ । କେଉଁ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ?

(କ) ୧୯୦୮ (ଖ) ୧୯୦୯ (ଗ) ୧୯୧୭ (ଘ) ୧୯୨୫

୨୧ । ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା କିଏ ?

(କ) ମଧୁସୂଦନ ଦାସ (ଖ) ମଧୁସୂଦନ ରାଓ

(ଗ) ଗୋପବନ୍ଧୁ ଦାସ (ଘ) ନୀଳକଣ୍ଠ ଦାସ

୨୨ । ଉକ୍ରଳ ସମ୍ମିଳନୀ କେବେ ପ୍ରତିଷ୍ଠା ହୋଇଥିଲା ?

(କ) ୧୯୦୧ (ଖ) ୧୯୦୨ (ଗ) ୧୯୦୩ (ଘ) ୧୯୦୪

୨୩ । ଗୋପବନ୍ଧୁ ଦାସଙ୍କ ଆଲୋଚନାଧର୍ମୀ ସାହିତ୍ୟ ପତ୍ରିକାର ନାମ କ'ଣ ?

(କ) ଉକ୍ରଳ ସାହିତ୍ୟ (ଖ) ଧର୍ମପଦ

(ଗ) ସତ୍ୟବାଦୀ (ଘ) ବନ୍ଦୀର ଆତ୍ମକଥା

୨୪ । ଦୈନିକ ସମ୍ବାଦପତ୍ର 'ସମାଜ'ର ପ୍ରତିଷ୍ଠାତା ନାମ କ'ଣ ?

(କ) ଗୋପବନ୍ଧୁ ଦାସ (ଖ) ମଧୁସୂଦନ ଦାସ

(ଗ) ନୀଳକଣ୍ଠ ଦାସ (ଘ) ଗୋଦାବରୀଶ ମହାପାତ୍ର

୨୫ । କଣା ମାମୁଁ ଉପନ୍ୟାସର ରଚୟିତା କିଏ ?

(କ) ଗୋଦାବରୀଶ ମିଶ୍ର (ଖ) କୃପାସିନ୍ଧୁ ମିଶ୍ର

(ଗ) ବାସୁଦେବ ମହାପାତ୍ର (ଘ) ଲକ୍ଷ୍ମୀକାନ୍ତ ମହାପାତ୍ର

୨୬ । ଓଡ଼ିଆଙ୍କ କାନ୍ଦଣା କବିତା ପୁସ୍ତକଟି କେଉଁ କବିଙ୍କର ବୃତ୍ତି ?

(କ) ଲକ୍ଷ୍ମୀକାନ୍ତ ମହାପାତ୍ର (ଖ) ଗୋଦାବରୀଶ ମହାପାତ୍ର (ଗ) କୁନ୍ତଳାକୁମାରୀ ସାବତ

(ଘ) ଗଙ୍ଗାଧର ମେହେର

୨୭ । ଗୋଦାବରୀଶ ମହାପାତ୍ରଙ୍କ ସମାଲୋଚନାଧର୍ମୀ ପତ୍ରିକାର ନାମ କ'ଣ ?

(କ) ମୁଁ ଦିନେ ମନ୍ତ୍ରୀ ଥିଲି (ଖ) ନୀଳ ମାଷ୍ଟ୍ରାଣୀ

(ଗ) ନିଆଁ ଖୁଣ୍ଟି (ଘ) ବଙ୍କା ଓ ସିଧା

୨୮ । ଓଡ଼ିଆ ସାହିତ୍ୟରେ କାହାର ଲେଖନୀ ମୁନରୁ ଓଡ଼ିଆ ଗୀତି ନାଟ୍ୟର ସୃଷ୍ଟି ?

(କ) ଜଗନ୍ନାଥ ପାଣି (ଖ) ବୈଷ୍ଣବ ପାଣି

(ଗ) ରତ୍ନାକର ପତି (ଘ) ବାଳକୃଷ୍ଣ ମହାନ୍ତି

୨୯ । 'ନବଯୁଗ ସାହିତ୍ୟ ସଂସଦ' କେବେ ପ୍ରତିଷ୍ଠା ହୋଇଥିଲା ?

(କ) ୧୯୩୦ ଡିସେମ୍ବର (ଖ) ୧୯୩୫ ଡିସେମ୍ବର

(ଗ) ୧୯୩୬ ଏପ୍ରିଲ୍ ୧ (ଘ) ୧୯୩୯ ମାର୍ଚ୍ଚ

୩୦ । 'ବାଜି ରାଉତ' କବିତା ପୁସ୍ତକର ରଚୟିତା କିଏ ?

(କ) କାଳନ୍ଦୀଚରଣ ପାଣିଗ୍ରାହୀ (ଖ) ଭଗବତୀ ଚରଣ ପାଣିଗ୍ରାହୀ (ଗ) ସଚ୍ଚିଦାନନ୍ଦ ରାଉତରାୟ

(ଘ) ଅନନ୍ତ ପଟ୍ଟନାୟକ

**୩୧ । 'ପଳାତକ' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?**

(କ) କାହ୍ନୁଚରଣ ମହାନ୍ତି

(ଖ) ସଚ୍ଚିଦାନନ୍ଦ ରାଉତରାୟ

(ଗ) କୁନ୍ତଳା କୁମାରୀ ସାବତ(ଘ) ବିଦ୍ୟୁତ ପ୍ରଭାଦେବୀ

**୩୨ । ଓଡ଼ିଆ ସାହିତ୍ୟରେ ଆଦିବାସୀ ଜୀବନଧାରାକୁ ନେଇ ରଚିତ ପ୍ରଥମ ଉପନ୍ୟାସର ନାମ କ'ଣ ?**

(କ) ପରଜା (ଖ) ଭୂଖା (ଗ) ଭୀମା ଭୂୟାଁ (ଘ) ବୁଆ

**୩୩ । ଭୀମା ଭୂୟାଁ ଉପନ୍ୟାସର ରଚୟିତାଙ୍କ ନାମ କ'ଣ ?**

(କ) ଗୋପୀନାଥ ମହାନ୍ତି (ଖ) ଫକୀର ମୋହନ ସେନାପତି (ଗ) ସଚ୍ଚି ରାଉତରାୟ(ଘ) ଗୋଦାବରୀଶ ମିଶ୍ର

**୩୪ । 'ନୀଳ ଶୈଳ' ଗଳ୍ପ ପୁସ୍ତକଟି କେଉଁ ଗାଳ୍ପିକଙ୍କ କୃତି ?**

(କ) ରାମଚନ୍ଦ୍ର ମିଶ୍ର (ଖ) ରଘୁନାଥ

(ଗ) ସୁରେନ୍ଦ୍ର ମହାନ୍ତି (ଘ) ଗୋପୀନାଥ ମହାନ୍ତି

**୩୫ । 'ହରେକୃଷ୍ଣ ମହତାବଙ୍କ ଚିନ୍ତାମୂଳକ ରମ୍ୟ ରଚନା ଓ ପ୍ରବନ୍ଧର ନାମ କ'ଣ ?**

(କ) ଟାଉଟର (ଖ) ଗାଁ ମଜଲିସ୍

(ଗ) ତୃତୀୟ ପର୍ବ (ଘ) ନୂତନ ଧର୍ମ

**୩୬ । 'ଝଙ୍କାର' ପତ୍ରିକାର ରଚୟିତା କିଏ ?**

(କ) ହରେକୃଷ୍ଣ ମହତାବ (ଖ) ମଧୁସୂଦନ ଦାସ

(ଗ) ଗୋପାଳ ଛୋଟରାୟ (ଘ) ପ୍ରତିଭା ରାୟ

**୩୭ । ଏକଦା ଓଡ଼ିଆ ରଙ୍ଗମଂଚରେ ଚହଳ ପକାଇଥିବା ନାଟକ 'ଭାତ'ର ନାଟ୍ୟକାର କିଏ ?**

(କ) କାଳନ୍ଦୀଚରଣ ପାଣିଗ୍ରାହୀ (ଖ) ହରେକୃଷ୍ଣ ମହତାବ

(ଗ) କାଳୀଚରଣ ପଟ୍ଟନାୟକ (ଘ) ଗୋପାଳ ଛୋଟରାୟ

**୩୮ । ମଧୁସୂଦନ ରାଓଙ୍କର ସାହିତ୍ୟର ଅନ୍ତଃସ୍ୱର କ'ଣ ଥିଲା ?**

(କ) ନୀତିବାଦ (ଖ) ଉଦାରଧର୍ମ ଭାବ

(ଗ) ଆଦର୍ଶବାଦ (ଘ) ନୈତିକତା ବୋଧ

**୩୯ । 'ଅରଣ୍ୟ ଫସଲ' ନାଟକର ନାଟ୍ୟକାରଙ୍କ ନାମ କ'ଣ ?**

(କ) ମନୋରଞ୍ଜନ ଦାସ (ଖ) କମଳଲୋଚନ ମହାନ୍ତି

(ଗ) କାହ୍ନୁଚରଣ ମହାନ୍ତି (ଘ) ରଘୁନାଥ ଦାସ

**୪୦ । ଆଧୁନିକ ଓଡ଼ିଆ ସାହିତ୍ୟରେ ପ୍ରେମପଣୟର କବି ବୋଲି କାହାକୁ କୁହାଯାଇଅଛି ?**

କ) ମନମୋହନ ମିଶ୍ର (ଖ) ଭଞ୍ଜ କିଶୋର ପଟ୍ଟନାୟକ (ଗ) ଉପେନ୍ଦ୍ର ଭଞ୍ଜ

(ଘ) କୁନ୍ତଳାକୁମାରୀ ସାବତ

## ଉତ୍ତରମାଳା

୧. (ଖ) ୨. (ଗ) ୩. (କ) ୪. (ଗ) ୫. (ଘ) ୬. (କ) ୭. (ଖ) ୮. (ଘ) ୯. (ଗ)୧୦. (କ) ୧୧. (ଗ) ୧୨. (ଗ) ୧୩. (କ) ୧୪. (ଖ) ୧୫. (କ) ୧୬. (ଗ) ୧୭. (ଘ) ୧୮. (ଗ) ୧୯. (ଖ) ୨୦. (ଖ) ୨୧. (କ) ୨୨. (ଗ) ୨୩. (ଗ) ୨୪. (କ) ୨୫. (ଘ) ୨୬. (ଗ) ୨୭. (ଗ) ୨୮. (କ) ୨୯. (ଖ) ୩୦. (ଗ) ୩୧. (କ) ୩୨. (ଗ) ୩୩. (କ) ୩୪. (ଗ) ୩୫. (ଖ) ୩୬. (କ) ୩୭. (କ) ୩୮. (ଖ) ୩୯. (କ) ୪୦. (କ)

# (ବନ୍ଦେ ଉତ୍କଳ ଜନନୀ) (ପ୍ରଥମ ଅଧ୍ୟାୟ)

# ପଦ୍ୟ

# ବିଷୟ : (ଓଡ଼ିଆ) ବହୁ ବିକଳ୍ପ ପ୍ରଶ୍ନ

୧. ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ କବି ଭାବରେ ଓଡ଼ିଆ ସାହିତ୍ୟରେ ପରିଚିତ ?

(କ) କାନ୍ତ କବି (ଖ) ସ୍ୱଭାବ କବି

(ଗ) ବ୍ୟାସ କବି (ଘ) ଶାନ୍ତ କବି

୨. ବନ୍ଦେ ଉତ୍କଳ ଜନନୀ କେଉଁ ସଙ୍ଗୀତର ମାନ୍ୟତା ପ୍ରାପ୍ତ ହୋଇଛି ?

(କ) ଦେଶ ସଙ୍ଗୀତ (ଖ) ପଲ୍ଲୀ ସଙ୍ଗୀତ

(ଗ) ଗ୍ରାମ୍ୟ ସଙ୍ଗୀତ (ଘ) ରାଜ୍ୟ ସଙ୍ଗୀତ

୩. ପରିଣତ ବୟସରେ କବି କେଉଁ କବିତାଟି ରଚନା କରିଥିଲେ ?

(କ) ବନ୍ଦେ ଉତ୍କଳ ଜନନୀ

(ଖ) ସବୁଥିରୁ ବଞ୍ଚିତ କରି

(ଗ) ଜୀବନ ସଙ୍ଗୀତ

(ଘ) ଚଟକ ଚନ୍ଦ୍ର ହାସ

୪. 'ବନ୍ଦେ ଉତ୍କଳ ଜନନୀ' ପଦ୍ୟରେ କବି ଉତ୍କଳକୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?

(କ) ଭଗିନୀ (ଖ) ଜାୟା

(ଗ) ଜନନୀ (ଘ) ଗୃହିଣୀ

୫. କବି ଉତ୍କଳଜନନୀଙ୍କୁ ଏଠାରେ କେଉଁ ଭାବରେ ସମ୍ମାନ ଜଣାଇଛନ୍ତି ?

(କ) ବର୍ଣ୍ଣନା କରି (ଖ) ନମନ କରି

(ଗ) ଅର୍ଚ୍ଚନା କରି (ଘ) ବନ୍ଦନା କରି

୬. ପଦ୍ୟଟିରେ ପ୍ରଥମ ପଦରେ ହାସମୟୀ ଓ ଭାଷମୟୀ ପଦ ପୂର୍ବରୁ କେଉଁ ପଦଟି ଉତ୍କଳଜନନୀଙ୍କ ସୌନ୍ଦର୍ଯ୍ୟକୁ ପ୍ରକାଶ କରୁଅଛି ?

(କ) ଋରୁ (ଖ) କାରୁ (ଗ) ଦାରୁ (ଘ)

୭. କବିତାରେ ''ପୟୋଧି'' କାହାକୁ କୁହାଯାଇଛି ?

(କ) ନଦୀ (ଖ) ସମୁଦ୍ର

(ଗ) ବୃକ୍ଷ (ଘ) ପର୍ବତ

୮. ଉତ୍କଳଜନନୀଙ୍କ ଶରୀରକୁ କିଏ ଧୋଇ ଦେଉଛି ?

(କ) ସମୁଦ୍ର (ଖ) ଝରଣା

(ଗ) ତଟିନୀ (ଘ) ହ୍ରଦ

୯. ସମୁଦ୍ରତଟରେ କେଉଁ ବୃକ୍ଷମାନ ଉତ୍କଳମାତାକୁ ସୁଶୋଭିତ କରିଛନ୍ତି ?

(କ) ନାରିକେଳ (ଖ) ଝାଉଁ

(ଗ) ତାଳତମାଳ (ଘ) ବରମାଳ

୧୦. ଉତ୍କଳମାତାର ପାଦଦେଶରେ କେଉଁ ଭଳି ନଦୀ ବହିଯାଉଛି ?

(କ) ଶ୍ୱେତ ତଟିନୀ (ଖ) ନୀଳତଟିନୀ

(ଗ) ଶୁଭ୍ର ତଟିନୀ (ଘ) କୃଷ୍ଣ ତଟିନୀ

୧୧. ଉତ୍କଳ ମାତାଙ୍କ ଅଙ୍ଗରେ କ'ଣ ଶୋଭାପାଉଛି ?

(କ) ଋରଣଭୂମି (ଖ) ବନଭୂମି

(ଗ) ରଣଭୂମି (ଘ) କର୍ମଭୂମି

୧୨. ''ଶୁଭ୍ର ତଟିନୀ କୂଳ ଶୀକର ସମୀରା''

ଉପରୋକ୍ତ ପଦାଂଶର ଅର୍ଥ ସ୍ୱଚ୍ଛ ଜଳଧାରଣ କରିଥିବା ନଦୀ ତଟରେ ଶୀତଳ ଜଳକଣାଯୁକ୍ତ ପବନ ବହୁଅଛି''। ଏଥିରେ ବ୍ୟବହୃତ କେଉଁ ପଦର ଅର୍ଥ ଜଳକଣା ଅଟେ ?

(କ) ସମୀର (ଖ) ଭୂଧର

(ଖ) ଶୀକର (ଘ) ପୁଷ୍କର

୧୩. ଉତ୍କଳମାତା ଅଙ୍ଗରେ ନୀଳଭୂଧରମାଳା କେଉଁ ରୂପରେ ସାଜିଛି ?

(କ) ତରଙ୍ଗ (ଖ) ଢେଉ

(ଗ) ବିହଙ୍ଗ (ଘ) ଭୁଜଙ୍ଗ

୧୪. ଉତ୍କଳଜନନୀଙ୍କ ଆକାଶ କାହାର କଳ କଳ ରାବରେ ମୁଖରିତ ହେଉଥାଏ ?

(କ) ପକ୍ଷୀମାନଙ୍କର (ଖ) ସମୁଦ୍ର ଢେଉମାନଙ୍କର

(ଗ) ନିର୍ଝରିଣୀର (ଘ) ପ୍ରସ୍ରବଣର

୧୫. ''ସୁନ୍ଦରଶାଳି - ସୁଶୋଭିତ - କ୍ଷେତ୍ରା''

ଉକ୍ତ ରେଖାଙ୍କିତ ପଦଟି କେଉଁ ପ୍ରକାର ଶସ୍ୟ ଅଟେ ?

(କ) ଗହମ (ଖ) ଧାନ

(ଗ) ବାଜରା (ଘ) ମକା

୧୬. ଉତ୍କଳର ଶସ୍ୟକ୍ଷେତ୍ର କେଉଁଥିରେ ସୁଶୋଭିତା ?

(କ) ସୁନ୍ଦର ଗହମକ୍ଷେତ (ଖ) ସୁନ୍ଦର ଗହମ କ୍ଷେତ

(ଗ) ସୁନ୍ଦର ସୋରିଷ କ୍ଷେତ (ଘ) ସୁନ୍ଦର ଧାନ କ୍ଷେତ

୧୭. ଉତ୍କଳମାତାଙ୍କ ଚକ୍ଷୁ କେଉଁ ଆଲୋକରେ ଉଜ୍ଜ୍ୱଳ ଅଟେ ?

(କ) ଚନ୍ଦ୍ରାଲୋକ (ଖ) ସୂର୍ଯ୍ୟାଲୋକ

(ଗ) ଜ୍ଞାନ ବିଜ୍ଞାନ (ଘ) ଦିବ୍ୟାଲୋକ

୧୮. କେଉଁମାନଙ୍କ କୁଟୀର ଯୋଗୁଁ ଉତ୍କଳଜନନୀ ପବିତ୍ର ?

(କ) ଯୋଗୀ ଋଷି (ଖ) ଯୋଦ୍ଧା

(ଗ) ଶାସକ (ଘ) ମହାନକବି

୧୯. ମୁନିଋଷିମାନଙ୍କର ବାସସ୍ଥାନଟି କ'ଣ ଅଟେ ?

(କ) ପ୍ରାସାଦ (ଖ) ଉଟଜ

(ଗ) ମନ୍ଦିର (ଘ) ମଠ

୨୦. ଉତ୍କଳ ପ୍ରଦେଶକୁ କିଏ ମଣ୍ଡନ କରିଛନ୍ତି ?

(କ) ସୁନ୍ଦର ଉଟଜ (ଖ) ସୁନ୍ଦର ମନ୍ଦିର

(ଗ) ଶୂରବୀର (ଘ) କୃତବର

୨୧. ଉତ୍କଳମାତାଙ୍କ ବେଶ କେଉଁଥିରେ ଶୋଭା ପାଉଛି ?

(କ) ଶସ୍ୟକ୍ଷେତ୍ର (ଖ) ସମୁଦ୍ର ତରଙ୍ଗ

(ଗ) ପର୍ବତ ମାଳା (ଘ) ଚାରୁକଳା

୨୨. ଉତ୍କଳ ପ୍ରଦେଶ କେଉଁଥିରେ ପୂର୍ଣ୍ଣ ବୋଲି କୁହାଯାଇଛି ?

(କ) ଦୁର୍ଗ (ଖ) ପୂଣ୍ୟତୀର୍ଥ

(ଗ) ନଦନଦୀ (ଘ) କୁଟୀର

୨୩. ଉତ୍କଳମାତାଙ୍କ ଶରୀର କାହା ରକ୍ତରେ ଅନୁରଞ୍ଜିତ ?

(କ) ଶତ୍ରୁ (ଖ) ମୁନିରଷି

(ଗ) ପଶୁପକ୍ଷୀ (ଘ) ସୈନ୍ୟସାମନ୍ତ

୨୪. ଉତ୍କଳଭୂମିର ''ଶୂରବର'' ବୋଲି କାହାକୁ ଆଖ୍ୟା ଦିଆଯାଇଛି ?

(କ) ବିଦ୍ୱାନ (ଖ) ଶ୍ରେଷ୍ଠକବି

(ଗ) ଶ୍ରେଷ୍ଠ ଯୋଦ୍ଧା (ଘ) ବିଜ୍ଞାନୀ

୨୫. କେଉଁ ଶୂରବୀରଙ୍କର ବୀରତ୍ୱ, ଉତ୍କଳଜନନୀଙ୍କ ଦର୍ପକୁ ବୃଦ୍ଧି କରିଥିଲା ?

(କ) ଜୟୀ ରାଜଗୁରୁ (ଖ) ସାରଳା ଦାସ

(ଗ) ଭୀମଭୋଇ (ଘ) ଜଗନ୍ନାଥ ଦାସ

୨୬. ନିମ୍ନଲିଖିତ ମଧ୍ୟରୁ କେଉଁ ଜ୍ଞାନୀଗୁଣୀବ୍ୟକ୍ତି ବିଶେଷ ସମଗ୍ର ବିଶ୍ୱରେ ସ୍ନେହଭାଜନ ହୋଇଛନ୍ତି ?

(କ) ବୀର ସୁରେନ୍ଦ୍ର ସାଏ

(ଖ) ବକ୍ସି ଜଗବନ୍ଧୁ

(ଗ) ପଠାଣି ସାମନ୍ତ ଚନ୍ଦ୍ରଶେଖର

(ଘ) ଜୟ ରାଜଗୁରୁ

୨୭. 'କୃତବର' ଶବ୍ଦର ଅର୍ଥ ଉକ୍ତ କବିତାରେ କ'ଣ ଅଟେ ?

(କ) ଅରି (ଖ) ଯୋଗୀ

(ଗ) ଶ୍ରେଷ୍ଠ ଯୋଦ୍ଧା (ଘ) ବିଦ୍ୱାନ

୨୮. କେଉଁମାନେ ଉତ୍କଳଜନନୀଙ୍କ ମୁକୁଟ ଅଟନ୍ତି ?

(କ) କବିକୁଳ (ଖ) ବୀରଯୋଦ୍ଧା

(ଗ) ବିଦ୍ୱାନଗଣ (ଘ) ଯୋଗୀଗଣ

୨୯. ଉତ୍କଳଜନନୀ ଆଜି କେଉଁମାନଙ୍କ ପାଇଁ ବନ୍ଦନୀୟା ?

(କ) ମହାନ୍ ପୁରୁଷ (ଖ) ମହାନ୍ ଜ୍ଞାନୀ

(ଗ) ମହାନ୍ କବି (ଘ) ମହାନ୍ ଜନତା

୩୦. ଉତ୍କଳମାତାଙ୍କ କୀର୍ତ୍ତି ଆଜି ସାରା ________________ ରେ ପରିଚିତ ।

(କ) ଗୃହରେ (ଖ) ଦେଶରେ

(ଗ) ରାଜ୍ୟରେ (ଘ) ଭୁବନରେ

୩୧. ବନ୍ଦେ ଉତ୍କଳଜନନୀ ଏକ କେଉଁ ପ୍ରକାର କବିତା ?

(କ) ଜାତୀୟତାବାଦୀ (ଖ) ମାତୃଭୂମି ପ୍ରଶଂସକ

(ଗ) ଦେଶାତ୍ମବୋଧକ (ଘ) ସବୁଗୁଡ଼ିକ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକରେ କବିତାରେ ଥିବା ପଦଗୁଡ଼ିକର ଅଂଶର ଖାଲିଥିବା ସ୍ଥାନଗୁଡ଼ିକ ଉପଯୁକ୍ତ ପଦଦ୍ୱାରା ପୂର୍ଣ୍ଣ କର ।

୩୨. ଚାରୁ ହାସମୟୀ ________________ ଭାଷମୟୀ

(କ) ଦାରୁ (ଖ) ଚାରୁ

(ଗ) ଭୀରୁ (ଘ) କାରୁ

୩୩. ତାଳ ________________ ସୁଶୋଭିତ ତୀର ।

(କ) ଘନ (ଖ) ବନ

(ଗ) ତମଲା (ଘ) ଭୂମି

୩୪. ନୀଳ ଭୂଧରମାଳା ସାଜେ ________________

(କ) ମୁଖରିତ (ଖ) ମୌଳି

(ଗ) ତରଙ୍ଗେ (ଘ) ଘନଘନ

୩୫. ସୁନ୍ଦର ________________ ସୁଶୋଭିତ କ୍ଷେତ୍ରା ।

(କ) ନୀଳ (ଖ) ଶାଳି

(ଗ) ମନ୍ଦିର (ଘ) ପୁଣ୍ୟ

୩୬. ________________ ପ୍ରଦର୍ଶିତ ନେତ୍ରା ।

(କ) ଶାଳି (ଖ) ସୁଶୋଭିତ

(ଗ) ଜ୍ଞାନବିଜ୍ଞାନ (ଘ) ଶାସ୍ତ୍ରଜ୍ଞାନ

୩୭. ଯୋଗୀଋଷିଗଣ ________________ ପବିତ୍ରା ।

(କ) ଉଟଜ (ଖ) ଭୂଧର

(ଗ) ଶୂରବର (ଘ) ତୀର୍ଥଚୟ

୩୮. ପୁଣ୍ୟ ତୀର୍ଥଚୟପୂର୍ଣ୍ଣ _______________

(କ) ବେଶା (ଖ) ପ୍ରଦେଶା

(ଗ) କ୍ଷେତ୍ରା (ଘ) ଗେହା

୩୯. ଉତ୍କଳ ଶୂରବର _______________

(କ) କୃତବର ସ୍ନେହା (ଖ) ଚର୍ଚ୍ଚିତ ଦେହା

(ଗ) ଉଟଜ ପବିତ୍ରା (ଘ) ଦର୍ପିତ ଗେହା

୪୦. ଅରିକୁଳ = ଶୋଣିତ _______________ ଦେହା,

(କ) ଚର୍ଚ୍ଚିତ (ଖ) ଦର୍ପିତ

(ଗ) ଶୋଭିତ (ଘ) କୃତବର

୪୧. _______________ କୃତବର - ସ୍ନେହା

(କ) ସୁନ୍ଦର ଶାଳି (ଖ) ପୂର୍ଣ୍ଣ ତୀର୍ଥଚୟ

(ଗ) ବିଶ୍ୱଭୂମଣ୍ଡଳ (ଘ) ସୁନ୍ଦର ମଣ୍ଡିତ

୪୨. କବିକୁଳ ମୌଳି _______________ ବାଦ୍ୟା

(କ) ବିଘୋଷିତ (ଖ) ସୁନନ୍ଦନ

(ଗ) ପୁଣ୍ୟେ (ଘ) କୃତବର

୪୩. ଭୁବନ _______________ କୀର୍ତ୍ତି ଅନିନ୍ଦ୍ୟା

(କ) ଘୋଷିତ (ଖ) ଶୂରବୀର

(ଗ) କଳାବଳି (ଘ) ବିଘୋଷିତ

୪୪. ଧନ୍ୟେ, _______________ ଚିରଶରଣ୍ୟେ

(କ) ପୁଣ୍ୟେ (ଖ) ତୀର୍ଥଚୟ

(ଗ) ଜନନୀ (ଘ) ମୌଳି

## ଉତ୍ତରମାଳା

| | | | | | | |
|---|---|---|---|---|---|---|
| ୧. (କ) | ୨. (ଘ) | ୩. (ଖ) | ୪. (ଗ) | ୫. (ଘ) | ୬. (କ) | ୭. (ଖ) |
| ୮. (କ) | ୯. (ଗ) | ୧୦. (ଗ) | ୧୧. (ଖ) | ୧୨.(ଗ) | ୧୩. (କ) | ୧୪. (କ) |
| ୧୫. (ଖ) | ୧୬.(ଘ) | ୧୭.(ଗ) | ୧୮. (କ) | ୧୯. (ଖ) | ୨୦. (ଖ) | ୨୧. (ଘ) |
| ୨୨. (ଖ) | ୨୩. (କ) | ୨୪.(ଗ) | ୨୫ (କ) | ୨୬. (ଗ) | ୨୭. (ଘ) | ୨୮. (କ) |
| ୨୯. (ଗ) | ୩୦. (ଘ) | ୩୧. (ଗ) | ୩୨. (ଖ) | ୩୩. (ଗ) | ୩୪. (ଗ) | ୩୫. (ଖ) |
| ୩୬. (ଗ) | ୩୭. (କ) | ୩୮. (ଖ) | ୩୯. (ଘ) | ୪୦. (କ) | ୪୧. ( ) | ୪୨. ( ) |
| ୪୩. (ଘ) | ୪୪. (କ) | | | | | |

# ପଦ୍ୟବିଭାଗ

# ବନ୍ଦେ ଉତ୍କଳ ଜନନୀ, କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

## ସମ୍ଭାବିତ ପ୍ରଶ୍ନ (ଦୀର୍ଘ ଉତ୍ତର ମୂଳକ)

**୧.ପ୍ର) "ବନ୍ଦେ ଉତ୍କଳ ଜନନୀ"ଙ୍କ ସ୍ୱରୂପ ଓ ବୈଶିଷ୍ଟ୍ୟ ପଠିତ କବିତା ଅନୁସରଣରେ ବର୍ଣ୍ଣନା କର। (ପ୍ରାୟ ୧୦୦ଟି ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତରଦିଅ) ।**

ଉ. "ବନ୍ଦେ ଉତ୍କଳ ଜନନୀ" ପଦ୍ୟଟି ରାଜ୍ୟଗୀତିକା ରୂପେ ମାନ୍ୟତା ପାଇଛି। ଏହି ଗୀତିକାକୁ ପାଠ୍ୟକ୍ରମରେ ଅନ୍ତର୍ଗତ କରାଯାଇଥିବାରୁ, ସେହି ଦିଗ୍‌ଗଜ ସ୍ରଷ୍ଟା ଅର୍ଥାତ୍ ଏହି କବିତାର ଗୀତିକାର କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର ଅମର କୀର୍ତ୍ତି ବହନ କରିଛନ୍ତି ।

କଥାରେ ଅଛି – "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ" ଜନ୍ମଦାତ୍ରୀ ଓ ଜନ୍ମଭୂମି ସ୍ୱର୍ଗଠାରୁ ମଧ୍ୟ ବଡ଼। ଆଦିକବି ବାଲ୍ମୀକି ରାମାୟଣରେ ବର୍ଣ୍ଣନା କରିଛନ୍ତି - ଯେଉଁଠାରେ ନାରୀଙ୍କୁ ପୂଜା କରାଯାଏ, ସେଠାରେ ଦେବତା ବାସ କରନ୍ତି। ଏଣୁ ଏହି କବିତାରେ ଉତ୍କଳଜନନୀଙ୍କୁ ମାତୃସମ ନାରୀରୂପ ଦେଇ ତାଙ୍କର ସ୍ୱରୂପ ବର୍ଣ୍ଣନା କରି ସ୍ୱତନ୍ତ୍ର ସାହିତ୍ୟ ପ୍ରତିଭାର ପରିଚୟ ସୃଷ୍ଟି କରିଯାଇଛନ୍ତି କାନ୍ତକବି। କେତେ ଜାତୀୟତାବାଦୀ ଚେତନାମୂଳକ କବିତା ରଚନା କରି କବିଗଣ ସ୍ମୃତିପଟରେ ଥିଲାବେଳେ, ଉକ୍ତ କବିତାର କାନ୍ତ, କୋମଳ, ସୁଲଳିତ, ସରଳ ସାବଲୀଳ ପଦାବଳୀ ସମୂହରେ କାନ୍ତକବି ଆମ ଉତ୍କଳମାତାଙ୍କ ଚାରୁତା, କଳାବଳୀ, ବୀରତ୍ୱ, ସ୍ୱାଭିମାନ ଆଦି ବର୍ଣ୍ଣନା କରି ମାତାଙ୍କ ଯଶକୀର୍ତ୍ତିର ବନ୍ଦନା କରିଛନ୍ତି ।

ଅପରୂପ ଶୋଭାସମ୍ଭାରରେ ପରିପୂର୍ଣ୍ଣ ଆମ ଉତ୍କଳଜନନୀଙ୍କ ହସ ଓ ଭାଷା ଅତି ସୁନ୍ଦର ଅଟେ। ବାସ୍ତବରେ ମାତୃସ୍ୱରୂପା ମମତାମୟୀ ଉତ୍କଳଜନନୀଙ୍କ ରୂପର ଚାରୁତା ମନମୁଗ୍ଧକର ଅଟେ। ପ୍ରକୃତିସ୍ୱରୂପା ପୂର୍ବ କଳିଙ୍ଗରାଣୀଙ୍କ ଶରୀରକୁ ସମୁଦ୍ରର ପବିତ୍ର ଜଳଧାରା ଧୋଇ ଦେଉଛି। ତାଳ ତମାଳ ଆଦି ବିଶାଳ ବୃକ୍ଷ ଦ୍ୱାରା ସମୁଦ୍ର ତଟଦେଶ ପରିଶୋଭିତ ଏବଂସ୍ୱଚ୍ଛନିର୍ମଳ ଜଳରାଶି ପରିପୂର୍ଣ୍ଣ ନଦୀ ତଟରେ ଶୀତଳ ସମୀର ପ୍ରବାହିତ ହେଉଛି।

କାନ୍ତକବିଙ୍କ ଉଦ୍ଧୃତାଂଶ ପଦ୍ୟରେ "ଶୁଭ୍ର ତଟିନୀ କୂଳ ଶୀକର ସମୀର।

\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-\-

ଘନଘନ ବନଭୂମି ସାଜିତ ଅଙ୍ଗେ<br>
ନୀଳଭୂଧରମାଳା ସାଜେ ତରଙ୍ଗେ ।

\-\-\- \-\-\- \-\-\- \-\-\- \-\-\- \-\-\-

ଜନନୀ ଜନନୀ ଜନନୀ ॥

କଳକଳ ରାବଯୁକ୍ତ ପକ୍ଷୀମାନଙ୍କର କାକଳି, ଘ□ ଅରଣ୍ୟ, ତରଙ୍ଗ ସଦୃଶ ନୀଳ ପର୍ବତମାଳା, ଦିଗନ୍ତ ବିସ୍ତାରୀ ସୁନ୍ଦର ଶ୍ୟାମଳ ଶସ୍ୟକ୍ଷେତ୍ର ପ୍ରଭୃତି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସମ୍ମୋହିତ କବି, ନାରୀସ୍ୱରୂପା ଉତ୍କଳ ଜନନୀଙ୍କ ପ୍ରଶଂସାରେ ବିଭୋର ହୋଇପଡ଼ିଛନ୍ତି ।

ଉତ୍କଳମାତାଙ୍କର ଚକ୍ଷୁ ଜ୍ଞାନବିଜ୍ଞାନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରି ସୁନାମିତ ଏବଂ ଦୃଷ୍ଟାନ୍ତମୂଳକ ତଥ୍ୟ ପ୍ରଦ□ ଅଟେ। ଆଧ୍ୟାତ୍ମିକରୀତିକୁ ବହନ କରୁଥିବା ଚତୁର୍ଦ୍ଧାମ ଅବଶିଷ୍ଟ। ଉତ୍କଳମାତାଙ୍କ ମାଟି ବହୁ ଯୋଗୀ ମୁନିଋଷିଙ୍କ କୁଡ଼ିଆରେ ପବିତ୍ର। ବହୁ ମନ୍ଦିର ପରିବେଷ୍ଟିତା ଉତ୍କଳଭୂମିର ଦେଶ ଚାରୁକଳାରେ ପରିପୂର୍ଣ୍ଣା। ଉତ୍କଳ ଜନନୀ ବହୁ ପୁଣ୍ୟତୀର୍ଥଭୂମି ଯୁକ୍ତା ଓ ବହୁ ବୀର ଯୋଦ୍ଧାମାନଙ୍କ ବୀରଭୂମିରେ ମଣ୍ଡିତା ଅଟନ୍ତି। ଉତ୍କଳମାତାର ବୈଶିଷ୍ଟ୍ୟକୁ ସାରା

ଭୁବନରେ ଦ୍ୱିଗୁଣିତ କରି ଶୋଭାବର୍ଦ୍ଧିତ କରିଛନ୍ତି ।

ବାସ୍ତବରେ ଉତ୍କଳମାତାଙ୍କର ସୌନ୍ଦର୍ଯ୍ୟମୟୀ ଶୋଭା ଅପୂର୍ବ ବିଭାଯୁକ୍ତ ଏବଂ ବୈଶିଷ୍ଟ୍ୟଗୁଡ଼ିକ ଅମରକୀର୍ତ୍ତି ବହନ କରିଥିବାରୁ ଆମ ଜନ୍ମଭୂମି ଧନ୍ୟ ଓ ଚିରବନ୍ଦନୀୟା ଅଟନ୍ତି । କବିଙ୍କର ରଚନା ଅତ୍ୟନ୍ତ ମର୍ମସ୍ପର୍ଶୀ ଅଟେ । କବିଙ୍କ ଉକ୍ତିରେ :ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ

ଜନନୀ, ଜନନୀ, ଜନନୀ ॥

**ପ୍ର.୨. "ବନ୍ଦେ ଉତ୍କଳ ଜନନୀ" କବିତା ଏକ ଜାତୀୟତାବାଦୀ ଚେତନାମୂଳକ ଓ ଦେଶପ୍ରୀତି ଭାବୋଦ୍ଦୀପକ କବିତା ଭାବରେ କବିଙ୍କ ଲେଖନୀରେ କିଭଳି ପରିସ୍ଫୁଟ ହୋଇଛି ବର୍ଣ୍ଣନା କର ?**

ଉ. ଦେଶାତ୍ମବୋଧ ଚିନ୍ତାଧାରା ଥିବାହେତୁ ଉତ୍କଳୀୟ ଚେତନାର ଜାଗରଣ, ଜାତୀୟ ଚରିତ୍ରଗଠନ ପାଇଁ ପ୍ରେରଣା ସୃଷ୍ଟି, ଉତ୍କଳ ସମ୍ମିଳନୀ ପ୍ରାଣପ୍ରତିଷ୍ଠାତାଙ୍କ ଅନୁରକ୍ତ ଅର୍ଥାତ୍ ଜାତୀୟ ଚେତନା ଜାଗ୍ରତ କରିବାରେ ଅଗ୍ରଗଣ୍ୟ କାନ୍ତକବି ଏକାଗ୍ରଜି□ ହୋଇ ମାତୃଭୂମି ବନ୍ଦନାମୂଳକ କବିତା ରଚନା କରିଥିଲେ । ସେଥିମଧ୍ୟରୁ "ବନ୍ଦେ ଉତ୍କଳ ଜନନୀ" କବିତାଟି ବହୁ ବିଳମ୍ବରେ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଥିଲେ ମଧ୍ୟ ଏହା ଏକ ଉତ୍କଳବାସୀଙ୍କ ପାଇଁ ଜନ୍ମଭୂମି ପ୍ରୀତି ଚେତନାମୂଳକ କବିତା ଅଟେ । ଉତ୍କଳ ଜନନୀଙ୍କ ହସ ଓ ଭାଷାର ସୌନ୍ଦର୍ଯ୍ୟ ସହ ତାର ଜଳ, ସ୍ଥଳ, ନଭସ୍ଥଳ, ପର୍ବତ, ଆକାଶ ଓ ବନବନାନୀର ନୈସର୍ଗିକ ସୁଷମାକୁ ପ୍ରଶଂସା କରି ମୁଖରିତ ହୋଇଛନ୍ତି

ଉତ୍କଳ ଜନନୀର ସ୍ୱର୍ଣ୍ଣଧାନବିଭାପୂର୍ଣ୍ଣ ଶସ୍ୟଶ୍ୟାମଳା କ୍ଷେତକୁ ଦେଖି ଆତ୍ମବିଭୋର ହୋଇପଡ଼ିଥିବା କବି, ଏଇ ବୀରଭୂମିର ମହାନ ଯୋଦ୍ଧାମାନଙ୍କର ବୀରଗାଥାକୁ ବିସ୍ମରଣ କରିନାହାନ୍ତି । ସେହି ଶୂରବୀରମାନଙ୍କର ଆତ୍ମବଳିଦାନ ଏହି ଜନ୍ମଭୂମିର ଗୌରବଗାରିମାକୁ ବୃଦ୍ଧି କରିଛି । ଶତ୍ରୁମାନଙ୍କର ରକ୍ତରଞ୍ଜିତ ହି ଉତ୍କଳମାତା ସମଗ୍ର ବିଶ୍ୱରେ କୀର୍ତ୍ତିରାଜି ବହନ କରିଛନ୍ତି । ଏହି ଉତ୍କଳର ଚାରୁକଳା, ଜ୍ଞାନବିଜ୍ଞାନ ଓ ଆଧ୍ୟାତ୍ମିକତା ଗାଥା ଚତୁର୍ଦ୍ଦିଗରେ ଅର୍ଥାତ୍ ସାରାଭୁବନରେ ପ୍ରଚାରିତ ଓ ପ୍ରସାରିତ ।

ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନ ଦାସ ୧୯୦୩ ମସିହାରେ ଉତ୍କଳସମ୍ମିଳନୀ ପ୍ରତିଷ୍ଠା କରି, ଉତ୍କଳପ୍ରଦେଶର ସ୍ୱତନ୍ତ୍ରତା ଦାବି କରିଥିଲେ । ଯଥା –

"ଜାତି ପ୍ରେମ ବହ୍ନି ପ୍ରଜ୍ଜ୍ୱଳିତ କର

ସ୍ୱାର୍ଥକୁ ଦିଅ ଆହୁତି ॥"

ତାଙ୍କ ଆହ୍ୱାନରେ ଅନୁପ୍ରାଣିତ ହୋଇ କାନ୍ତକବି ପ୍ରତ୍ୟେକ ଉତ୍କଳୀୟଙ୍କ ହୃଦୟରେ ସ୍ୱଦେଶ ପ୍ରୀତି ଜାଗ୍ରତ କରିବା ପାଇଁ ଏଭଳି ଅମ୍ଳାନଗୀତିକା "ବନ୍ଦେ ଉତ୍କଳ ଜନନୀ" ସୃଷ୍ଟି କରିପାରିଥିଲେ, ଯାହାକି ଉତ୍କଳ ସମ୍ମିଳନୀରେ ସ୍ୱାଗତ ସଙ୍ଗୀତ ରୂପେ ଗାନ କରାଯାଇଥିଲା । ଏହା ଏକ ଦେଶାତ୍ମବୋଧକ ଗୀତିକାର ଶ୍ରେଷ୍ଠ ତାଲିକାରେ ସର୍ବଦା ସ୍ଥାନ ପାଇଛି, ଏହା ନିଃସନ୍ଦେହ । ଏଭଳି ଜାତିପ୍ରେମ ସୃଷ୍ଟି କରୁଥିବା ଗୀତିକା ପ୍ରତ୍ୟେକଙ୍କ ସ୍ମୃତିପଟରେ ସାଇତା ହୋଇ ରହିବ । କାନ୍ତକୋମଳ ସୁଲଳିତ ପଦାବଳୀରେ ଲିଖିତ ଏହି କବିତା ପାଠକ-ପାଠିକାଙ୍କ ମନକୁ ରସାପ୍ଲୁତ କରି ଉଲ୍ଲସିତ କରିଦେଉଛି । ଜୀବନଯନ୍ତ୍ରଣାରେ ଚରମ ଦୁର୍ଦ୍ଦଶାଗ୍ରସ୍ତ ହୋଇ ବ୍ୟକ୍ତିଗତ ଜୀବନ ଅଭାବାପନ୍ନ ଥିଲେ ମଧ୍ୟ ସୁସଜ୍ଜିତ ଶବ୍ଦାଭାବରେ ପରିପୂର୍ଣ୍ଣତା ଆଣି ଉତ୍କଳବାସୀଙ୍କୁ ଏକ ଅପୂର୍ବ ଓ ଚିରସ୍ମୃତି ଭେଟିଟିଏ ଉପହାର ଦେଇଛନ୍ତି । କବିଙ୍କର ବର୍ଣ୍ଣନାଶୈଳୀ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ

ଅଟେ । ଯଥା –"ଉତ୍କଳ ...... ଶୂରବର - ଦର୍ପିତ ଗେହା,
ଅରିକୁଳ -ଶୋଣିତ - ଚର୍ଚ୍ଚିତ ଦେହା ॥"

**ସପ୍ରସଙ୍ଗ ସରଳାର୍ଥ ଲିଖନ(ବନ୍ଦେ ଉତ୍କଳ ଜନନୀ) ପଦ୍ୟବିଭାଗରୁ ଦୁଇଟି ସରଳାର୍ଥ ଆସିବ । ପ୍ରାୟ ୧୦୦ଟି ଶବ୍ଦରେ ଯେକୌଣସି ଗୋଟିଏ ସରଳାର୍ଥ ଲେଖିବାକୁ ହେବ । (ପ୍ରତ୍ୟେକର ମୂଲ୍ୟ ୫ ନମ୍ବର)**

ସୂଚନା : କବିତାର ନାମ, କବିଙ୍କର ନାମ ଏବଂ କେନ୍ଦ୍ରୀୟ ଭାବଧାରା ନିମି□ ନମ୍ବର, ଏବଂ ପ୍ରାସଙ୍ଗିକ ନିର୍ଭୁଲ ବ୍ୟାଖ୍ୟା ପାଇଁ –

**ପ୍ର.୧. ଚାରୁ ହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ (ଘୋଷା)"**

ଉ. "ଚାରୁ........................... ଜନନୀ"

ଉଦ୍ଧୃତ ପଦ୍ୟାଂଶଟି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ "ବନ୍ଦେ ଉତ୍କଳ ଜନନୀ" କବିତାରୁ ଆନୀତ । ଆଲୋଚ୍ୟ ପ୍ରସଙ୍ଗରେ କବି ଉତ୍କଳମାତାଙ୍କୁ ମମତାମୟୀ ଅମୃତମୟୀ ଜନନୀ ରୂପେ ସମ୍ବୋଧନ କରି ତାଙ୍କ ଗୁଣଗାରିମାର ବନ୍ଦନା ଗାନ କରିଛନ୍ତି ।

କାନ୍ତକବି ଆମ ଜନ୍ମଭୂମି ପାଇଁ ଏଭଳି ରାଜ୍ୟଗୀତିକା ରଚନା କରି ଉତ୍କଳବାସୀଙ୍କୁ ଋଣୀ କରିଦେଇଛନ୍ତି । ଉକ୍ତ କବିତାରେ ପ୍ରକୃତି ପରିବେଷ୍ଟିତା ଓ ଅପରୂପ ଶୋଭା ସମ୍ଭାରରେ ପରିପୂର୍ଣ୍ଣା ଓଡ଼ିଶା ମାଆର ହସ ଯେମିତି ସୁନ୍ଦର, ଭାଷା ମଧ୍ୟ ସେହିପରି ସୁନ୍ଦର । ସମଗ୍ର ଉତ୍କଳ ପ୍ରଦେଶ ଚାରୁତାରେ ପରିପୂର୍ଣ୍ଣ । ସ୍ନେହମୟୀ ଜନ୍ମଭୂମିକୁ କାନ୍ତକୋମଳପଦାବଳୀ ସଂଯୋଗରେ କାନ୍ତକବି ସୌନ୍ଦର୍ଯ୍ୟମୟୀ ଶୋଭାମୟୀ ରୂପମୟୀ ବୋଲି ବର୍ଣ୍ଣନାକରି ଉତ୍କଳମାତାର ବନ୍ଦନା କରିଛନ୍ତି ।

ଉକ୍ତ ପ୍ରସଙ୍ଗରେ ଓଡ଼ିଶାର ରୂପସମ୍ଭାରର ପୂର୍ଣ୍ଣ ଚିତ୍ର ପ୍ରତିଫଳିତ ।

**ପ୍ର.୨. "ସୁନ୍ଦର ମନ୍ଦିର ମଣ୍ଡିତ - ଦେଶା, ଚାରୁ କଳାବଳି - ଶୋଭିତ - ବେଶା"**

ଉ. ଶଂସିତ ପଦ୍ୟାଂଶଟି "ବନ୍ଦେ ଉତ୍କଳ ଜନନୀ" ଶୀର୍ଷକ ପଦ୍ୟରୁ ଆନୀତ । ଆଲୋଚ୍ୟ ପ୍ରସଙ୍ଗରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଉତ୍କଳଜନନୀ ସୁନ୍ଦର ମନ୍ଦିରମାନଙ୍କରେ ବିମଣ୍ଡିତା ଓ ସୁନ୍ଦର କାରୁକାର୍ଯ୍ୟ, ଚିତ୍ରକଳା, ସାହିତ୍ୟରେ ପରିପୂର୍ଣ୍ଣା ବୋଲି ଏଠାରେ ପ୍ରକାଶ କରିଛନ୍ତି ।

ପୁଣ୍ୟଭୂମି ଓଡ଼ିଶା ଆଧ୍ୟାତ୍ମିକ ଓ ଧାର୍ମିକ ପରମ୍ପରାର ଉତ୍କୃଷ୍ଟ ଦୃଷ୍ଟାନ୍ତ ଅଟନ୍ତି । ଉତ୍କଳମାତାଙ୍କ ଭୂମି ଦେବଦେବୀମାନଙ୍କର ଆଳୟରେ ପରିପୂର୍ଣ୍ଣ ଅଟେ । ଏହାର ମନ୍ଦିର ଗାତ୍ର ବହୁ କାରୁକାର୍ଯ୍ୟ ଓ ଶିଳ୍ପମାଧୁର୍ଯ୍ୟରେ ପରିପୂର୍ଣ୍ଣ ହୋଇଛି । ଉତ୍କୃଷ୍ଟକଳାର ଦେଶ ଓଡ଼ିଶା ରାଜ୍ୟର ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ଲଳିତକଳା ସମଗ୍ର ବିଶ୍ୱରେ ବିଦିତ ଅଟେ । କବି ତାଙ୍କ ବର୍ଣ୍ଣନା ଚାତୁରୀରେ ଉତ୍କଳମାତାଙ୍କ କଳାକୃତିର ମହିମା ଗାନ କରି ଉତ୍କଳ ଜନନୀଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି ।

କବି ଉକ୍ତ ପ୍ରସଙ୍ଗରେ କଳାକ୍ଷେତ୍ରରେ ଉତ୍କଳର ବୈଶିଷ୍ଟ୍ୟ ପ୍ରତିପାଦିତ କରିଛନ୍ତି

**ପ୍ର.୩. "କବି କୁଳମୌଳି - ସୁନନ୍ଦନ ବନ୍ଦ୍ୟା, ଭୁବନ - ବିଘୋଷିତ କୀର୍ତ୍ତି ଅନିନ୍ଦ୍ୟା ।"**

ଉ. "କବିକୁଳ ମୌଳି .......... ଅନିନ୍ଦ୍ୟା ।"

ଶଂସିତ ପଦ୍ୟାଂଶଟି "ବନ୍ଦେ ଉତ୍କଳଜନନୀ" ଶୀର୍ଷକ ଗୀତିକାରୁ ଆନୀତ । ପ୍ରସଙ୍ଗରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଉତ୍କଳମାତାଙ୍କୁ ସ୍ୱତନ୍ତ୍ରତା ପ୍ରଦାନ କରିବା ପାଇଁ ପୂର୍ବରୁ ଓ ସ୍ୱତନ୍ତ୍ର

ହେବାପରେ ଯେଉଁ ସୁଯୋଗ୍ୟ ବରପୁତ୍ରଗଣ କିପରି ଜନ୍ମଭୂମିକୁ ସୁବର୍ଣ୍ଣଯୁଗର ପ୍ରତିଷ୍ଠା କରାଇବାରେ ସହାୟକ ହୋଇଛନ୍ତି, ସେମାନଙ୍କ କୀର୍ତ୍ତି ବା ଗୁଣଗାନ କରିଛନ୍ତି ।

ଉତ୍କଳମାତାଙ୍କୁ ପ୍ରତିଷ୍ଠା ଦେବାପାଇଁ ବହୁ ଯୋଗ୍ୟତମ ସୁତଗଣ ଏହି ଜନ୍ମଭୂମିରେ ନିଜର ଜ୍ଞାନକର୍ମମାନ ବଳରେ ଯଶସ୍ୱୀ ହୋଇପାରିଛନ୍ତି । ଇତିହାସର ପୁରୁଣାପୃଷ୍ଠାକୁ ଉନ୍ମୋଚନ କଲେ । ଆମ ଉତ୍କଳ ଭୁବନରେ କେତେ ଶ୍ରେଷ୍ଠକବି ଓ କୃତବର ଅର୍ଥାତ୍ ବିଦ୍ୱାନଗଣ ଜନ୍ମନେଇ ଏହି ମାଟି ମା'ର ମହନୀୟତା ବୃଦ୍ଧି କରିଛନ୍ତି । ଉତ୍କଳ ଜନନୀଙ୍କ ଗାରିମାମୟ ପ୍ରଶଂସନୀୟ କୀର୍ତ୍ତିକୁ ସାରା ବିଶ୍ୱରେ ପ୍ରଚାରପ୍ରସାର କରିଛନ୍ତି । ଏଭଳି ଶ୍ରେଷ୍ଠ କୁଳନନ୍ଦନ ଯିଏକି ମା'ର ମୁକୁଟ ସଦୃଶ ସୁଶୋଭିତ ହେଉଛନ୍ତି, ସେଥିପାଇଁ ଉତ୍କଳମାତା ଧନ୍ୟା ଓ ଚିର ନମସ୍ୟା ଅଟନ୍ତି ।

ବାସ୍ତବରେ ଏଭଳି ଜନ୍ମଭୂମି ଚିର ବନ୍ଦନୀୟା ଅଟନ୍ତି ।

**ପ୍ର.୪. ଉତ୍କଳ ଶୂରବର - ଦର୍ପିତ ଗେହା, ଅରିକୁଳ - ଶୋଣିତ - ଚର୍ଚ୍ଚିତ - ଦେହା ।**

ଉ. ଶଂସିତ ପଦ୍ୟାଂଶଟି "ବନ୍ଦେ ଉତ୍କଳ ଜନନୀ" ଶୀର୍ଷକ କବିତାରୁ ଆନୀତ । ଆଲୋଚ୍ୟ ପ୍ରସଙ୍ଗରେ କାନ୍ତକବି ଉତ୍କଳଭୂମିର ଗର୍ବଗୌରବ ଓ ଶୂରବୀରମାନଙ୍କ ଶୌର୍ଯ୍ୟବୀର୍ଯ୍ୟର ପରିଚୟକୁ ଜଣାଇଛନ୍ତି ।

ପ୍ରାଚୀନ ଉତ୍କଳର ସାହସୀଶାସକ ଓ ବୀରଯୋଦ୍ଧା ଯଥା- ଜୟୀରାଜଗୁରୁ, ବାଘାଯତୀନ, ବକ୍ସି ଜଗବନ୍ଧୁ ଆଦି ଯଶସ୍ୱୀ ବରପୁତ୍ରଗଣ ଦର୍ପ ଓ ସ୍ୱାଭିମାନର ସ୍ୱାକ୍ଷର ସ୍ୱରୂପ ଶତ୍ରୁମାନଙ୍କୁ ନିପାତ କରିଛନ୍ତି । ବୀରଯୋଦ୍ଧାମାନେ ନିଜର ତ୍ୟାଗ ଓ ବଳିଦାନ ଦ୍ୱାରା ଉତ୍କଳଜନନୀଙ୍କ ଶରୀରକୁ ଶତ୍ରୁ ଶୋଣିତରେ ଅନୁରଞ୍ଜିତ କରିଛନ୍ତି । କଳିଙ୍ଗଯୁଦ୍ଧ, କାରବେଳ, ଗଙ୍ଗଦେବ, କପିଳେନ୍ଦ୍ରଦେବ ଭଳି ମହାନ୍ ଶାସକମାନଙ୍କର ବୀରତ୍ୱ ଗାଥା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି । ଉକ୍ତ ପ୍ରସଙ୍ଗଟି କବିଙ୍କର ସ୍ୱଦେଶ ପ୍ରୀତି ଓ ଜାତୀୟତାବୋଧର ପରିଚୟ ପ୍ରଦାନ କରେ ।

### ପଦ୍ୟ

## ଭୀମଙ୍କ ସିଂହନାଦ ରଡ଼ି

**୧) ଭୀମଙ୍କ ସିଂହନାଦ ରଡ଼ି କବିତା କବିଙ୍କ ନାମ କଣ ?**

(a) ସାରଳା ଦାସ (b) ଉପେନ୍ଦ୍ର ଭଂଜ
(c) ଗଂଗାଧର ମେହେର (d) ଅନନ୍ତ ପଟ୍ଟନାୟକ

**୨) ସାରଳା ଦାସ କେଉଁ ଦେବୀଙ୍କୁ ପୂଜା କରି କାବ୍ୟ ରଚନା କରିବାର ଅପୂର୍ବ ଶକ୍ତି ଲାଭ କରିଥିଲେ ?**

(a) ମଂଗଳା (b) ସାରଳା (c) ବିମଳା
(d) ଲକ୍ଷ୍ମୀ

**୩) ସାରଳା ଦାସଙ୍କ ପିତୃଦତ୍ତ ନାମ କ'ଣ ଥିଲା ?**

(a) ଗଂଗାଧର ନାୟକ (b) ସିଦ୍ଧେଶ୍ୱର ପରିଡ଼ା (c) ଗୋପାଳ ବଲ୍ଲଭ (d) ମହେଶ୍ୱର ଦାସ

**୪) ଭୀମଙ୍କ ସିଂଘନାଦ ରଡ଼ି ବିଷୟଟି କେଉଁ ପର୍ବରୁ ଆସିଅଛି ?**

(a) ଗଦାପର୍ବ (b) କାଇଁ ସିକା ପର୍ବ
(c) ବନବାସ ପର୍ବ (d) ଆଦ୍ୟ ପର୍ବ

୫) ଦୁର୍ଯ୍ୟୋଧନ କାହାର ଉପଦେଶରେ ବ୍ୟାସ ସରୋବରରେ ଆତ୍ମଗୋପନ କରିଥିଲେ ?

(a) ବିଶ୍ୱାମିତ୍ର (b) ଦୁର୍ବାସା (c) ବଶିଷ୍ଠ
(d) ବ୍ୟାସଦେବ

୬) କବିତାରେ ଜଗନ୍ନାଥ କାହା ଉଦ୍ଦେଶ୍ୟରେ ବର୍ଣ୍ଣନା କରାଯାଇଛି ?

(a) କୃଷ୍ଣ (b) ସହଦେବ (c) ଭୀମ
(d) ଅର୍ଜ୍ଜୁନ

୭) ପବନର ସ୍ତୁତି କାହାଠାରୁ ସିଂଘନାଦ ମାଗିବାର ଉପଦେଶ ପ୍ରାପ୍ତ ହୋଇଥିଲେ ?

(a) ସହଦେବ (b) ଅର୍ଜ୍ଜୁନ (c) କୃଷ୍ଣ
(d) ନକୁଳ

୮) କବିତାରେ "ମାନଗୋବିନ୍ଦ' ପଦ କାହା ଉଦ୍ଦ୍ୟେରେ ବର୍ଣ୍ଣିତ ?

(a) ସହଦେବ (b) କୃଷ୍ଣ (c) ଭୀମ
(d) ଦୁର୍ଯ୍ୟୋଧନ

୯) କବିତାରେ 'ପାଣ୍ଡବ ସୁନ୍ଦର' କାହା ଉଦ୍ଦେଶ୍ୟରେ କବି ଉଲ୍ଲେଖିତ କରିଛନ୍ତି ?

(a) ସହଦେବ (b) ଭୀମ (c) କୃଷ୍ଣ
(d) ଦୁର୍ଯ୍ୟୋଧନ

୧୦) ଆସନ କମ୍ପିଲା ଯେ ଦେବ ଶୂଳଧର – ଏହାର ଅର୍ଥ କଣ ?

(a) ଦୁର୍ଯ୍ୟୋଧନଙ୍କ ସରୋବରରେ ଆତ୍ମଗୋପନ

(b) ଭୀମଙ୍କର ଶିବଙ୍କୁ ପ୍ରସନ୍ନ କରିବା ପାଇଁ ଧ୍ୟାନ

(c) ଭୀମଙ୍କର ଧ୍ୟାନରେ ଶିବଙ୍କର ଆସନ ପ୍ରକମ୍ପିତ

(d) କୃଷ୍ଣଙ୍କର ପରାମର୍ଶରେ ଭୀମଙ୍କର ଈଶ୍ୱରଙ୍କୁ ଧ୍ୟାନ

୧୧) କୃଷ୍ଣ ବିଶ୍ୱନାଥଙ୍କୁ ସିଂଘନାଦ ମାଗିବା ପାଇଁ କାହାକୁ ପରାମର୍ଶ ଦେଇଛନ୍ତି ?

(a) ସହଦେବ (b) ଦୁର୍ଯ୍ୟୋଧନ
(c) ଭୀମ (d) ଅଶ୍ୱତଥାମା

୧୨) ଭୀମଙ୍କୁ ବର ଦେବା ପାଇଁ ଈଶ୍ୱର କାହାର ପରାମର୍ଶ ଲୋଡ଼ିଥିଲେ ?

(a) କାଳୀ (b) ଲକ୍ଷ୍ମୀ (c) ପାର୍ବତୀ (d) ସରସ୍ୱତୀ

୧୩) ବିପଦ ସମୟରେ ଶିବଙ୍କ କୈଳାସ ପର୍ବତକୁ କିଏ ଉଦ୍ଧାର କରିଥିଲେ ?

(a) ଭୀମ (b) ଦୁର୍ଯ୍ୟୋଧନ
(c) ଅର୍ଜ୍ଜୁନ (d) ଯୁଧିଷ୍ଠିର

୧୪) ତ୍ରିପୁରାରି କିଏ ?

(a) ବ୍ରହ୍ମା (b) ଶିବ (c) ବିଷ୍ଣୁ
(d) ମହେଶ୍ୱର

୧୫) କବିତାରେ 'ଉମା' ପଦଟି କେଉଁ ଦେବୀଙ୍କ ପାଇଁ ବର୍ଣ୍ଣିତ ?

(a) ପାର୍ବତୀ (b) ଲକ୍ଷ୍ମୀ (c) ସରସ୍ୱତୀ (d) ଦୁର୍ଗା

୧୬) ପାର୍ବତୀ ବୋଇଲେ ଭୀମସେନ ଆମ୍ଭ ଉପୁଗାରି- ଏହି ପଦରେ ଉପୁଗାରି ଶବ୍ଦର ଅର୍ଥ କଣ ?

(a) ଉଦ୍ଧାର (b) ଉପକାର (c) ଧାରନେବା (d) ଉଦ୍ଧାର ଦେବା

୧୭) କପିଳାସକୁ କିଏ ଉଦ୍ଧାର କରିଥିଲେ ?

(a) ଶିବ (b) ପାର୍ବତୀ (c) ପାଣ୍ଡବ
(d) କୃଷ୍ଣ

୧୮) ପାର୍ବତୀ କାହାକୁ ସିଂଘନାଦ ଦେବା ପାଇଁ ତ୍ରିଲୋଚନଙ୍କୁ ପରାମର୍ଶ ଦେଇଥିଲେ ?

(a) କୃଷ୍ଣ (b) ଦୁର୍ଯ୍ୟୋଧନ
(c) ଲକ୍ଷ୍ମୀ (d) ପାଣ୍ଡବ

୧୯) କବିତାରେ ଶିବଙ୍କ ଅର୍ଥରେ କେଉଁ ନାମଗୁଡ଼ିକ ଉଲ୍ଲେଖିତ ?

(a) କୃଷ୍ଣ, ଗୋବିନ୍ଦ, ଜଗନ୍ନାଥ, ଈଶ୍ୱର, ସହଦେବ

(b) ଉମା, ପାର୍ବତୀ, ଲକ୍ଷ୍ମୀ, ସରସ୍ୱତୀ, କାଳୀ

(c) ପାଣ୍ଡବ, ଭୀମସେନ, ପଶୁପତି, ଶୂଳପତି, ପବନସୁତ

(d) ଈଶ୍ୱର, ବିଶ୍ୱନାଥ, ଶୂଳଧର, ପଶୁପତି, ତ୍ରିପୁରାରି

୨୦) 'ଘନ ଘନ ଆସନ କମ୍ପଇ ସଦାନନ୍ଦ' – କବିତାର ଏହି ପଦଟିର ଅର୍ଥ କଣ ସୁଚାଉଛି ?

(a) ଈଶ୍ୱରଙ୍କ ଆସନ ପ୍ରକମ୍ପିତ (b) ସିଂଘନାଦର ଗର୍ଜନ (c) ସିଂଘନାଦର ପ୍ରଖର ବେଗରେ ଆଗମନ (d) ଶିବଙ୍କର ଧ୍ୟାନଭଗ୍ନ

୨୧) ଶିବ ସିଂଘନାଦଙ୍କୁ କେତେଥର ଭୀମଙ୍କୁ ସହ୍ୟ ହେବାକୁ ଆଦେଶ ଦେଇଥିଲେ ?

(a) ୧ଥର (b) ୨ଥର (c) ୩ଥର
(d) ୪ଥର

୨୨) "ସିଂଘନାଦ ଆସନ୍ତେ ପ୍ରସର ପବନ ଶବଦେ କମ୍ପୁଅଛି ମୃତ୍ୟୁ ଯେ ଭୁବନ'- କବିତାର ଏହି ପଦର ଅର୍ଥ କ'ଣ ?

(a) ସିଂଘନାଦର ଚିରିକୁଟିରୁ ବାହାର
(b) ସିଂଘନାଦର ପ୍ରସର ଆଗମନ
(c) ସିଂଘନାଦର ପ୍ରସର ଆଗମନରେ ଭୁବନ ପ୍ରକମ୍ପିତ (d) ସିଂଘନାଦର ଆଗମନରେ ଅଗ୍ନିପ୍ରବାହ

୨୩) ସିଂଘନାଦର ଜ୍ୟୋତି କିପରି ଥିଲା ?

(a) କାଳନଳ (b) ହୁତାସନ (c) ଅଗ୍ନି
(d) ବାୟୁ

୨୪)  କବିତାରେ 'ଆଦିତ୍ୟ' ପଦ କାହା ଉଦ୍ଦେଶ୍ୟରେ ବର୍ଣ୍ଣିତ ?

(a) ସୂର୍ଯ୍ୟ    (b) ଚନ୍ଦ୍ର (c) ବିଷ୍ଣୁ
(d) ଶିବ

୨୫)  କିଏ ଆଦିତ୍ୟଙ୍କଠାରୁ ଶତଗୁଣ ତେଜ ବିକଶିତ କରି ଆଗମନ କରିଥିଲେ ?

(a) ଗଦା    (b) ଶଙ୍ଖ (c) ସିଂଘନାଦ
(d) ଚକ୍ର

୨୬)  ପାଣ୍ଡବ ସୁନ୍ଦର ଭୀମ କାହାକୁ କରରେ ଧାରଣ କରିଲେ ?

(a) ସିଂଘନାଦ (b) ଗଦା (c) ଶଙ୍ଖ
(d) ଚକ୍ର

୨୭)  ଭୀମଙ୍କର ପ୍ରଥମ ସିଂଘନାଦ ରଡ଼ିରେ କ'ଣ କମ୍ପିତ ହୋଇଥିଲା ?

(a) ଆକାଶ   (b) ମହୀମଣ୍ଡଳ (c) ବାୟୁ
(d) ଜଳ

୨୮)  ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି ଦଲଦଳିତ କମ୍ପଇ – ?ଉଲ୍ଲିଖିତ ପଦରେ ଖାଲିସ୍ଥାନ ପୂରଣ କର ?

(a) ମେଦିନୀ, ଧରିତ୍ରୀ (b) ପୃଥିବୀ, ମେଦିନୀ (c) ସାଗର, ପୃଥିବୀ  (d) ପୃଥିବୀ, ଧରଣୀ

୨୯)  ସିଂଘନାଦର ଶବ୍ଦ ଶୁଣି କାହାର ନିଦ୍ରାଭଗ୍ନ ହେଲା ?

(a) ମାନଗୋବିନ୍ଦ    (b) ଇନ୍ଦ୍ର
(c) ଯୁଧିଷ୍ଠିର  (d) ଅର୍ଜ୍ଜୁନ

୩୦)  ଭୀମଙ୍କର ଦ୍ୱିତୀୟ ସିଂଘନାଦ ରଡ଼ିରେ କେତେ ଯୋଜନ ପର୍ଯ୍ୟନ୍ତ ଆକାଶ କମ୍ପି ଉଠିଲା ?

(a) ଚାରି ଲକ୍ଷ (b) ଛଅ ଲକ୍ଷ  (c) ପା□ ଲକ୍ଷ   (d) ସାତ ଲକ୍ଷ

୩୧)  ଭୀମଙ୍କର ଦ୍ୱିତୀୟ ସିଂଘନାଦ ରଡ଼ିରେ କ'ଣ ପ୍ରକମ୍ପିତ ହେଲା ?

(a) ଅନନ୍ତ ନାଗ, ନବଦ୍ୱୀପ, ସପତିସାଗର
(b) ପୃଥିବୀ, ଆଦିତ୍ୟ   (c) ଧ୍ରୁବମଣ୍ଡଳ, ଅମର ମଣ୍ଡଳ, ଅନନ୍ତ ନାଗ, ନବଦ୍ୱୀପ, ସପତି ସାଗର
(d) ନବଦ୍ୱୀପ, ଧ୍ରୁବମଣ୍ଡଳ

୩୨)  ରାଜା 'ଧୃତିରାଷ୍ଟ' କିଏ ?

(a) କୃଷ୍ଣ    (b) ଯୁଧିଷ୍ଠିର  (c) ମାନଗୋବିନ୍ଦ  (d) ଅର୍ଜ୍ଜୁନ

୩୩)  ମାନଗୋବିନ୍ଦ ନାମରେ କିଏ ପରିଚିତ ?

(a) ଯୁଧିଷ୍ଠିର (b) କୃଷ୍ଣ    (c) ଦୁର୍ଯ୍ୟୋଧନ   (d) ଅର୍ଜ୍ଜୁନ

୩୪)  ଭୀମଙ୍କର ସିଂଘନାତ ରଡ଼ି ଶୁଣି କିଏ ଗର୍ଜନ କରି ଉଠିଲେ ?

(a) ଦୁର୍ଯ୍ୟୋଧନ    (b) କୃଷ୍ଣ
(c) ଲକ୍ଷ୍ମୀ    (d) ସହଦେବ

୩୫)  'ବେନି ଭୁଜେ ଆକ୍ରୋଷି ଧଇଲେ କମଳା' – ଏହାର ଅର୍ଥ କ'ଣ ?

(a) ଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ ସୁରକ୍ଷା ଦେବା ପାଇଁ ଜାବୁଡ଼ି ଧରିଲେ (b) ଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ ଯିବାକୁ ଦେଲେ (c) ଲକ୍ଷ୍ମୀଙ୍କୁ ଦୁର୍ଯ୍ୟୋଧନ ତ୍ୟାଗ କଲେ (d) ଦୁର୍ଯ୍ୟୋଧନ ଗର୍ଜନ କଲେ

୩୬) ଭୀମର କେତେ ରଡ଼ି ସହିବାକୁ ଦୁର୍ଯ୍ୟୋଧନ ଲକ୍ଷ୍ମୀଙ୍କ ଆଗରେ ପ୍ରତିଜ୍ଞା କରିଥିଲା ?

(a) ଛଅଟି (b) ଚାରିଟି (c) ସାତଟି (d) ଆଠଟି

୩୭) ମାନଗୋବିନ୍ଦ କାହାର ଭୁଜଦଣ୍ଡକୁ ପେଲି ଦେଇଥିଲେ ?

(a) ଲକ୍ଷ୍ମୀ (b) ଉମା (c) ପାର୍ବତୀ (d) ସରସ୍ୱତୀ

୩୮) ରାଜା ମାନଗୋବିନ୍ଦଙ୍କ ଭର୍ତ୍ସନା ଶୁଣିବା ପାଇଁ କିଏ ଅପେକ୍ଷା କରିଥିଲେ ?

(a) ପାର୍ବତୀ (b) ଉମା (c) ସରସ୍ୱତୀ (d) ଲକ୍ଷ୍ମୀ

୩୯) ମହାଲକ୍ଷ୍ମୀ ବୋଇଲେ ଯେ ପଳାଉ ଅଛିବି ମୁହିଂ ତୋହର ଭ୍ରଂଛନା ବୋଲିବାକୁ ଥିଲି ତ ବାଟି ଚାହିଁ – କବିତା ଏହା କିଏ କାହାକୁ କହିଛନ୍ତି ?

(a) ଲକ୍ଷ୍ମୀ – ମାନଗୋବିନ୍ଦଙ୍କୁ (b) ଲକ୍ଷ୍ମୀ- କୃଷ୍ଣଙ୍କୁ (c) ଲକ୍ଷ୍ମୀ- ପାର୍ବତୀଙ୍କୁ (d) ଲକ୍ଷ୍ମୀ- ଭୀମଙ୍କୁ

୪୦) କବିତାରେ "ଲଛୀ" ପଦ କାହା ଉଦ୍ଦେଶ୍ୟରେ ବର୍ଣ୍ଣିତ ?

(a) ସରସ୍ୱତୀ (b) ପାର୍ବତୀ (c) ଉମା (d) ଲକ୍ଷ୍ମୀ

୪୧) ଲଛୀ ଦୁର୍ଯ୍ୟୋଧନଙ୍କୁ କ'ଣ ସମ୍ବୋଧନ କରିଥିଲେ ?

(a) ପାମର (b) ଦୁଷ୍ଟ (c) ନରାଧମ (d) ଅଧମ

୪୨) ଭୀମଙ୍କର ତୃତୀୟ ରଡ଼ି ସହିଲେ ମାନଗୋବିନ୍ଦ କ'ଣ ହେବ ବୋଲି ଲଛୀ ମାନଗୋବିନ୍ଦଙ୍କୁ କହିଛନ୍ତି ?

(a) ପାମର (b) ଅମର (c) ନରାଧମ (d) ଅଧମ

୪୩) ମହାଲକ୍ଷ୍ମୀ କାହାକୁ ପରିତ୍ୟାଗ କରିଥିଲେ ?

(a) କୃଷ୍ଣ (b) ଅର୍ଜ୍ଜୁନ (c) ଭୀମ (d) ମାନଗୋବିନ୍ଦ

୪୪) ଭୀମଙ୍କ ଦ୍ୱିତୀୟ ରଡ଼ିରେ କଦଳୀ ପତ୍ର ପରି କିଏ କମ୍ପିଥିଲା ?

(a) ଭୀମ (b) ଅର୍ଜ୍ଜୁନ (c) ଦୁର୍ଯ୍ୟୋଧନ (d) ଯୁଧିଷ୍ଠିର

୪୫) ଦୁର୍ଯ୍ୟୋଧନ କାହାକୁ 'ପଳାଯା' ବୋଲି କହିଥିଲା ?

(a) ପାର୍ବତୀଙ୍କୁ (b) ଲକ୍ଷ୍ମୀଙ୍କୁ (c) ଉମାଙ୍କୁ (d) ଗାନ୍ଧାରୀଙ୍କୁ

୪୬) କାହାର ଓଜନ ସତୁରି ଭାର ଲେଖାଏଁ ଥିଲା ?

(a) ଭୀମର ଗଦା(b) ଜରାସନ୍ଧର ଗଦା

(c) ବଳରାମଙ୍କ ଗଦା (d) ଦୁର୍ଯ୍ୟୋଧନଙ୍କ ଗଦା

୪୭) ମାନଗୋବିନ୍ଦ ସତୁରି ଭାର ଗଦାଧରି କେଉଁଠାକୁ ଗମନ କଲା ?

(a) ଭୀମଙ୍କ ପାଖକୁ (b) ବ୍ୟାସସରୋବରକୁ (c) ହସ୍ତିନାପୁରକୁ

(d) କୁରୁକ୍ଷେତ୍ରକୁ

୪୮) ଭୀମର ସିଂଘନାଦ ରଡ଼ି ଶୁଣି ମାନଗୋବିନ୍ଦ କେଉଁଠାରୁ ବାହାରିଲା ?

(a) ବ୍ୟାସସରୋବରରୁ(b) କୁରୁକ୍ଷେତ୍ରରୁ

(c) ହସ୍ତିନାପୁରରୁ (d) ରାଜସଭାରୁ

୪୯) ସିଂଘନାଦ ବାଦ୍ୟ କେଉଁଥିରେ ନିର୍ମିତ ?

(a) ଘୋଡ଼ା ଦାନ୍ତ (b) ଗଣ୍ଡା ସିଂଘ

(c) ମଇଁଷି ସିଂଘ (d) ଗାଈ ସିଂଘ

୫୦) ବ୍ୟାସସରୋବରକୁ କେଉଁ ତୀର୍ଥ ବୋଲି କୁହାଯାଏ ?

(a) ପୁଷ୍କର ତୀର୍ଥ (b) ପ୍ରଭାସ ତୀର୍ଥ

(c) ଓଡ଼ିପା ତୀର୍ଥ (d) ଦ୍ୱାରକା ତୀର୍ଥ

## Answer

| | | | | | | | | | |
|---|---|---|---|---|---|---|---|---|---|
| 1 | B | 11. | C | 21. | C | 31. | C | 41. | A |
| 2. | B | 12. | C | 22. | C | 32. | C | 42. | B |
| 3. | B | 13. | A | 23. | A | 33. | C | 43. | D |
| 4. | A | 14. | D | 24. | A | 34. | A | 44. | C |
| 5. | B | 15. | A | 25. | C | 35. | A | 45. | B |
| 6. | A | 16. | B | 26. | A | 36. | C | 46. | D |
| 7. | C | 17. | C | 27. | B | 37. | A | 47. | A |
| 8. | X | 18. | D | 28. | B | 38. | D | 48. | A |
| 9. | B | 19. | X | 29. | A | 39. | A | 49. | C |
| 10. | C | 20. | A | 30. | B | 40. | D | 50. | C |

## ଭୀମଙ୍କ ସିଂହନାଦ ରଡ଼ି

## ସପ୍ରସଙ୍ଗ ସରଳାର୍ଥ

୧) "ସଂକଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ

ଦିଅନ୍ତି ସିଂଘନାଦ ପ୍ରସନ୍ନ ବଦନେତା ।"

ଉ: "ସଂକଟ କାଳେ . . . . . . . . . . .. . . . . . . . . . .. . . ପ୍ରସନ୍ନ ବଦନେତା ।"

ଉକ୍ତ ପଦ୍ୟାଂଶଟି ସାରଳା ଦାସଙ୍କ ବିଚରିତ ମହାଭାରତ ଗଦାପର୍ବସ୍ଥ ଭୀମଙ୍କ ସିଂଘନାଦ ରଡ଼ିର ଅଂଶବିଶେଷ । ଶିବ ଓ ପାର୍ବତୀଙ୍କ ମାନବୀୟ ଭାବର ଆଦାନ ପ୍ରଦାନ ବର୍ଣ୍ଣିତ । ଏଠାରେ ପାର୍ବତୀ ଶିବଙ୍କୁ ପାଣ୍ଡବମାନଙ୍କ ଉପକାର ସ୍ମରଣ କରାଇ ସିଂଘନାଦ ଦେବା ପାଇଁ ପରାମର୍ଶ ଦେଇଛନ୍ତି ।

ସାରଳା ଦାସଙ୍କ ମହାଭାରତରେ ଅତ୍ୟନ୍ତ ସୁନ୍ଦର ଭାବରେ ସମଗ୍ର ତଥ୍ୟ ପ୍ରଦାନ କରିଛନ୍ତି । ମହାଭାରତର ସମସ୍ତ ପର୍ବ ମଧ୍ୟରେ ଗଦାପର୍ବ

ଅନ୍ୟତମ । ଏହି ପର୍ବରେ ଦୁର୍ଯ୍ୟୋଧନ ବ୍ୟାସ ସରୋବରର ଉପନିତ ହୋଇ ଆତ୍ମଗୋପନ କରିଛନ୍ତି । ଲକ୍ଷ୍ମୀଙ୍କ କୋଳରେ ବସି ମା'ଙ୍କର ସୁରକ୍ଷା ପ୍ରାପ୍ତ ହୋଇଛନ୍ତି । ସର୍ବକନିଷ୍ଠ ପାଣ୍ଡବ ସହଦେବ ଜଣେ ତ୍ରିକାଳଦର୍ଶୀ ଦିବ୍ୟପୁରୁଷ । ସେ କୃଷ୍ଣଙ୍କୁ ଜଣାଇଛନ୍ତି ଯେ ପବନର ସ୍ତୁତି ଶିବ ସଂଘନାଦ ବାଦ୍ୟ ମାଗନ୍ତୁ । ତେଣୁ କୃଷ୍ଣଙ୍କର ପରାମର୍ଶରେ ଭୀମ ମହାଦେବଙ୍କୁ ଧ୍ୟାନ କରିଛନ୍ତି । ବୀର ଭୀମର ଆରାଧନାରେ ଶୂଳଧରଙ୍କ ଆସନ ପ୍ରକମ୍ପିତ ହୋଇଛି ଏବଂ ଉମାଙ୍କୁ ଶିବ ସିଂଘନାଦ ଦେବା ପ୍ରସଂଗ ଉପରେ ପରାମର୍ଶ ଲୋଡ଼ିଛନ୍ତି । ପାର୍ବତୀ ସଂଗେ ସଂଗେ ଶଙ୍କରଙ୍କୁ କହିଛନ୍ତି ଯେ ପାଣ୍ଡବ ଅତ୍ୟନ୍ତ ଦୟାବନ୍ତ ଯେତେବେଳେ ଅଶ୍ଳେଷା ଦୈତ କୈଳାସପର୍ବକ ଉପରେ ଆକ୍ରମଣ କରିଥିଲା । ସେତେବେଳେ ଭୀମ ହି କୈଳାସ ପର୍ବତକୁ ଉଦ୍ଧାର କରିଥିଲେ ଏବଂ ଭୀମ ଜଣେ ଧାର୍ମିକ ଦିବ୍ୟପୁରୁଷ । ତେଣୁ ସିଂଘନାଦକୁ ଧାରଣ କରିବାର ଶକ୍ତି ଭୀମଙ୍କ ପାଖରେ ଅଛି । ତେଣୁ ସହାସ୍ୟ ବଦନରେ ଶିବ ଭୀମଙ୍କୁ ସିଂଘନାଦ ପ୍ରଦାନ କରିଛନ୍ତି ।

କବି ସାରଳା ଦାସ ଏଠାରେ ଶିବ ଓ ପାର୍ବତୀଙ୍କର ମାନବୀୟ ଭାବକୁ ଅତିସୁନ୍ଦର ଭାବରେ ପ୍ରକାଶ କରିବା ସହିତ ପାର୍ବତୀଙ୍କର ମହନୀୟ ଭାବକୁ ସୂଚିତ କରିଛନ୍ତି ।

୨. "ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି

ପୃଥିବୀ ଦଲଦଲିତ କମ୍ପଇ ମେଦିନୀ ।"

ଉ: "ନଳିନୀ ପତ୍ରରେ . . . . . . . . . . . . .
କମ୍ପଇ ମେଦିନୀ ।"

ଉକ୍ତ ପ୍ରଦ୍ୟାଂଶଟି ମାଟିର ମହାକବି ସାରଳା ଦାସଙ୍କ ସର୍ବଶ୍ରେଷ୍ଠ ଗ୍ରନ୍ଥ । 'ମହାଭାରତ'ର ଗଦାପର୍ବସ୍ଥ ଭୀମଙ୍କ ସିଂଘନାଦ ରଢ଼ି କବିତାରୁ ଆସିଅଛି । ମହାଦେବଙ୍କଠାରୁ ସିଂଘନାଦ ପ୍ରାପ୍ତ ହେଲା ପରେ ଭୀମଙ୍କ ସିଂଘନାଦ ବାଦନ ଦ୍ୱାରା ପୃଥିବୀ ମଧ୍ୟରେ କି ପ୍ରତିକ୍ରିୟା ସୃଷ୍ଟି ହୋଇଛି ତାହା କବିତାରେ ବର୍ଣ୍ଣିତ ।

ମହାଭାରତ ମହାସମର ଶେଷ ପ୍ରାୟ । ଭୀମ ଦୁର୍ଯ୍ୟୋଧନଙ୍କୁ ହତ୍ୟା କରିବା ପାଇଁ ଉଦ୍ୟତ ହେବା ସମୟରେ ଦୁର୍ଯ୍ୟୋଧନ ଆସି ବ୍ୟାସ ସରୋବରରେ ଲକ୍ଷ୍ମୀଙ୍କ କୋଳରେ ଆଶ୍ରୟ ନେଇଛନ୍ତି । ବ୍ୟାସ ସରୋବରରୁ ତାଙ୍କୁ ଆଣିବା ପାଇଁ ଭୀମ ଈଶ୍ୱରଙ୍କୁ ପ୍ରାର୍ଥନା କରି ସିଂଘନାଦ ପ୍ରାପ୍ତ ହୋଇଛନ୍ତି । ଏହି ସିଂଘନାଦ ବାଦ୍ୟକୁ ପ୍ରଥମ ଥର ପାଇଁ ଆକ୍ରୋଷ କରି ଭୀମ ବାଦନ କରିବାରୁ ମେଦିନୀ ପ୍ରକମ୍ପିତ ହୋଇଉଠିଛି । ପଦ୍ମ ପତ୍ରରେ ଜଳବିନ୍ଦୁ ଯେମିତି ସାମାନ୍ୟ ପବନରେ ଦୋହଲି ଉଠିଥାଏ । ସେହିଭଳି ପୃଥିବୀ ସିଂଘନାଦ ବାଦ୍ୟର ଶବ୍ଦରେ ଦୋହଲି ଉଠିଛି । ପଦ୍ମପତ୍ରର ଜଳ ଯେମିତି ଅସ୍ଥିର ସେମିତି ପୃଥିବୀ ଅସ୍ଥିର ହୋଇଉଠିଛି । ମନ୍ଦର ପର୍ବତ ମଧ୍ୟ ତାର ସ୍ଥାନ ତ୍ୟାଗ କରିଛି ।

କବିଙ୍କର ଏପରି ତୁଳନାତ୍ମକ ରଚନା ତାଙ୍କ କୃଷିର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି ।

## □ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର

୧) ଭୀମସେନ ଦୁଇବାର ସିଂଘନାତ ରଡ଼ି କରିବା ବେଳେ କ'ଣ କ'ଣ ଘଟିଥିଲା ?

ଉ: ଓଡ଼ିଆ କାବ୍ୟ ଜଗତର ସାରସ୍ୱତ ପ୍ରତିଭା ଶୁଦ୍ରମୁନି ସାରଳା ଦାସ, ଯାହାଙ୍କର ରଚନାରେ ସମଗ୍ର ଓଡ଼ିଆ ଜାତି ପାଇଛି ନୂତନ କାବ୍ୟ ସମ୍ଭାର, ତନ୍ମଧ୍ୟରୁ ତାଙ୍କର ବିରଚିତ "ଚଣ୍ଡୀପୁରାଣ", "ବିଚିତ୍ର ରାମାୟଣ" ଓ "ମହାଭାରତ" କାବ୍ୟତ୍ରୟ ତାଙ୍କର ଅନନ୍ୟ ପ୍ରତିଭାର ଅନବଦ୍ୟ ସ୍ୱାକ୍ଷର । ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ । ବାଗଦେବୀ ମା' ସାରଳାଙ୍କର ଅସାମାନ୍ୟ କୃପାର ଜୟଗାନ ମଧ୍ୟରେ ସ୍ୱୟଂ ମହାକାବ୍ୟ ଗୁଡ଼ିକର ସଫଳ ରୂପାୟନ କରି ସେ ଉତ୍କଳ କାବ୍ୟ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ତାର ପଟାନ୍ତର ନାହିଁ ।

ଆଲୋଚ୍ୟ କବିତା 'ଭୀମଙ୍କ ସିଂଘନାଦ ରଡ଼ି' କବିଙ୍କ ଶ୍ରେଷ୍ଠ ରଚନା 'ମହାଭାରତ'ର ଗଦାପର୍ବର ଅଂଶବିଶେଷ । କବିତାରେ କବି ସାରଳା ଦାସ ଭୀମସେନ ସିଂଘନାଦ କରି ବ୍ୟାସ ସରୋବରରେ ଆତ୍ମଗୋପନ କରିଥିବା ଦୁର୍ଯ୍ୟୋଧନ ରଣ ପାଇଁ ଆହ୍ୱାନ କରିବା ଏବଂ ଦୁର୍ଯ୍ୟୋଧନ ବୀର ଭାବରେ ଲକ୍ଷ୍ମୀଙ୍କ ବାରଣ ନମାନି 'ଯୁଦ୍ଧଂଦେହି' ଡାକରାରେ ବାହାରି ଆସିବା ବିଷୟ ଅତ୍ୟନ୍ତ ବୀରୋଚିତ ଭାବକୁ ସ୍ମରଣ କରାଇଦିଏ ।

ମହାଭାରତର ମହାସମର ଓ ଶେଷ ପ୍ରାୟ । ଦୁର୍ଯ୍ୟୋଧନ ନିଜର ସମସ୍ତ ଭାଇମାନଙ୍କୁ ସମରରେ ହରାଇ ସାରିଲା । ପରେ ଭୀମଙ୍କର ଯୁଦ୍ଧର ଆହ୍ୱାନ ଶୁଣିଛି । ଶୁଣିଛି ଭୀମଙ୍କର ବିକଟାଳ ଗର୍ଜନ । ଭୟରେ ପଳାୟନ କରିଛି ମାନଗୋବିନ୍ଦ । ଦୁର୍ବାସା ଋଷିଙ୍କର ପରାମର୍ଶରେ ବ୍ୟାସସରୋବରରେ ଆତ୍ମଗୋପନ କରିଛି । ଲକ୍ଷ୍ମୀଙ୍କ କୋଳରେ ଆଶ୍ରିତ ଦୁର୍ଯ୍ୟୋଧନ ନିଜକୁ ସୁରକ୍ଷିତ ମଣିଛି । ସେହି ସମୟରେ ଭୀମ, ସହଦେବ ଓ କୃଷ୍ଣ ବ୍ୟାସସରୋବର କୂଳରେ ପହଞ୍ଚିଛନ୍ତି । ସହଦେବଙ୍କ ପରାମର୍ଶରେ ଜଗନ୍ନାଥ ଭୀମଙ୍କୁ କହିଛନ୍ତି ଯେ ପାଣ୍ଡବ ସୁନ୍ଦର ତୁମେ ମହାଦେବଙ୍କୁ ସିଂଘନାଦ ବାଦ୍ୟ ମାଗ । ଭୀମ ସଦାଶିବଙ୍କୁ ସ୍ମରଣ କରିବା ମାତ୍ରେ ମହାଦେବଙ୍କ ଆସନ ପ୍ରକମ୍ପିତ ହୋଇଛି । ଏବଂ ପାର୍ବତୀଙ୍କ ସହ ବିଚାର କରି ମହାଦେବ ଭୀମଙ୍କୁ ସିଂଘନାଦ ପ୍ରଦାନ କରିଛନ୍ତି । ସିଂଘନାଦ ଶୂନ୍ୟମାର୍ଗରେ ଆସି ବ୍ୟାସସରୋବର କୂଳରେ ଭୀମଙ୍କ ହସ୍ତରେ ରହିଛି । ତିନିଘ୍ରାନ୍ତି ମାତ୍ରକ ପ୍ରମାଣ ତୁ ଭୀମକୁ

ବାଦନ କରିବାରେ ସହ୍ୟ ହେବୁ ବୋଲି ମହାଦେବ ସିଂଘନାଦକୁ ଆଦେଶ ଦେଇଛନ୍ତି ।

ଭୀମସେନ ସିଂଘନାଦ ପ୍ରାପ୍ତ କରିବା ପରେ ପ୍ରଥମ ରଡ଼ି କରି ରଣ ଆହ୍ୱାନ ଦେଇଛନ୍ତି । ଯାହାର ପରିଣାମ ସ୍ୱରୂପ ଦୁର୍ଯ୍ୟୋଧନ ଜାଗ୍ରତ ହୋଇଉଠିଛି । ମହୀମଣ୍ଡଳ ପ୍ରକମ୍ପିତ ହେବା ସହ ମନ୍ଦର ପର୍ବତ ମଧ୍ୟ ନିଜ ସ୍ଥାନରୁ ଘୁ଼ି଼ଯାଇଛି । ତତ୍‌ପରେ ଭୀମସେନ ଦ୍ୱିତୀୟ ରଡ଼ି ଦେଇ ରଣହୁଙ୍କାର କରିଛନ୍ତି । ସେହି ଦ୍ୱିତୀୟ ରଡ଼ିର ପ୍ରଭାବରେ ଛଅ ଲକ୍ଷ ଯୋଜନ ପର୍ଯ୍ୟନ୍ତ ଆକାଶ ପ୍ରକମ୍ପିତ ହୋଇଛି । ଏପରିକି ମୃତ୍ୟୁଲୋକ ଯମପୁର ମଧ୍ୟ କମ୍ପିଯାଇଛି । ଯେହେତୁ ସେହି ସିଂଘନାଦ ଥିଲା, ଦିବ୍ୟବାଦ୍ୟ ଏବଂ ଶିବଙ୍କ ବାଦ୍ୟ ତେଣୁ ତାହାର ପ୍ରଭାବରେ ସମସ୍ତ ପରିବେଶ ଦୋଳାୟମାନ ହୋଇଯାଇଛି । ପାତାଳପୁରରେ ଥିବା ଅନନ୍ତନାଗର ଫଣା କମ୍ପମାନ ହୋଇଛି । ନବଦ୍ୱୀପ, ସାତସାଗର ଓ ମେରୁ ପର୍ବତ ଟଳମଳ ହୋଇଉଠିଛି । ସିଂଘନାଦର ପ୍ରକମ୍ପନରେ ସୂର୍ଯ୍ୟମଣ୍ଡଳଠାରୁ ଆରମ୍ଭ କରି ଭୂମଣ୍ଡଳ, ଧ୍ରୁବମଣ୍ଡଳ ଏମିତିକି ଦେବଲୋକ ଅମରମଣ୍ଡଳ ଦୋହଲିଯାଇଛି । ମେରୁ ପର୍ବତ ଥରି ଉଠିଛି । ସିନ୍ଧୁ ଜଳ ବଡ଼ ବଡ଼ ଢେଉ କରି ଉଛୁଳି ଉଠିଛି । ସେହି ଚଢ଼ଉର ଉଚ୍ଚତା ଏତେ ଥିଲା ଯେ ତାହା ସତେ ଯେପରି ଆକାଶକୁ ଛୁଇଁଲା ଭଳି ମନେ ହୋଇଛି । କବି ଦ୍ୱିତୀୟ ସିଂଘନାଦର ପ୍ରଭାବକୁ ବର୍ଣ୍ଣନା କରି ଲେଖିଛନ୍ତି-

"ପୁଣିଣ ଆରେକ ରଡ଼ିୟେ ଦିଲାବୀର ଭୀମ..., ଛଡ଼ ଲକ୍ଷ ଯୋଜନେ ଆକାଶ କମ୍ପିଲା ବୀର ଯମ ପାତାଳେ ଅନନ୍ତ ନାଗର କମ୍ପିଲାକ ଫେରୁ ନବଦ୍ୱୀପ ସପତ ସାଗର କମ୍ପିଲା ଟଳମଳ ହୋଇଲାକି ମେରୁ"

ଏଠାରେ କବି ସିଂଘନାଦର ଅସାଧାରଣତା ଓ ତାହାର ପ୍ରଭାବରେ ସମଗ୍ର ଜଳ, ସ୍ଥଳ ଓ ଆକାଶରେ ଯେଭଳି ପ୍ରତିକ୍ରିୟା ସୃଷ୍ଟି ହୋଇଛି ତାହାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସେହି ନାଦ ଶୁଣି ଦୁର୍ଯ୍ୟୋଧନ ବ୍ୟାସ ସରୋବରରୁ ନିଜର ସତୁରି ଭାର ଗଦାଧରି ବାହାରି ଆସିଛି ।

କବିଙ୍କର ଏହି ସୃଷ୍ଟି ତାଙ୍କର ଅପାର ପାଣ୍ଡିତ୍ୱ ଓ ଦିବ୍ୟ କବିତ୍ୱର ପ୍ରଦାନ କରେ ।

୨. ଲକ୍ଷ୍ମୀ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ନିଜ ଭାଷାରେ ପ୍ରକାଶ କର ।

ଉ : ଆଲୋଚ୍ୟ ପ୍ରସଂଗଟି ଆଦି କବି ସାରଳା ଦାସଙ୍କ 'ମହାଭାରତ' ମହାକାବ୍ୟର ଗଦାପର୍ବରୁ ଆନିତ । ଶୁଦ୍ରମୁନି ସାରଳା ଦାସ ଥିଲେ ପଞ୍ଚଦଶ ଶତାବ୍ଦୀର ଓ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କର ସମସାମୟିକ କବି । ଯେତେବେଳେ ସଂସ୍କୃତ ସାହିତ୍ୟର ଓ ସଂସ୍କୃତ ପଣ୍ଡିତମାନଙ୍କର ପୁରାଣ କ୍ଷେତ୍ରରେ ଅସମ୍ଭବ ଆଧିପତ୍ୟ ଥିଲା, ଏବଂ ସେହି ସମୟରେ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଆଶାର ଆଲୋକ ରୂପରେ ଜନ୍ମ

ନେଇଥିଲେ ସାରଳା ଦାସ । ମା' ସାରଳାଙ୍କର କୃପା ଲାଭ କରି ସିଦ୍ଧେଶ୍ୱର ପରିକ୍ଷା ପାଲଟିଥିଲେ ସାରଳା ଦାସ ଏବଂ ଜଗତକୁ ପରିଚୟ ଦେଇଥିଲେ ଯେ ସେ ହେଉଛନ୍ତି ସାରଳାଙ୍କ ଦାସ । ସେହି ଆଦ୍ୟ ସାରସ୍ୱତ ସ୍ରଷ୍ଟାଙ୍କ ଲେଖନୀ ନିସୃତ ଅମର କୃତିଗୁଡ଼ିକ ହେଉଛି, 'ଚଣ୍ଡୀପୁରାଣ', 'ମହାଭାରତ' ଓ 'ବିଚିତ୍ର ରାମାୟଣ' ।

ମହାଭାରତ ମହାସମର ଅନ୍ତିମ ପର୍ଯ୍ୟାୟ । ସବୁ ଭାଇମାନଙ୍କୁ ହରାଇ ଦୁର୍ଯ୍ୟୋଧନ ହତାଶ । ଭୀମଙ୍କର ରଣ ହୁଙ୍କାର ମନରେ ସୃଷ୍ଟି କରିଛି ଅଦ୍ୟମ ଭୟ । ଦୁର୍ବାସାଙ୍କର ପରାମର୍ଶକ୍ରମେ ମାନଗୋବିନ୍ଦ ଯାଇ ଲୁଚିଛି ବ୍ୟାସସରୋବରରେ ଲକ୍ଷ୍ମୀଙ୍କ କୋଳରେ । ପ୍ରବୃ□ ଆସୁରିକ ହେଲେ ମଧ୍ୟ ମାନଗୋବିନ୍ଦ ଲକ୍ଷ୍ମୀଙ୍କ ଭକ୍ତ । ତାଙ୍କ ଉପରେ ଲକ୍ଷ୍ମୀ ସନ୍ତୁଷ୍ଟ ଥିଲେ । ଚାଲିଲେ ସୁନାର ପଦ୍ମଫୁଲ ଫୁଟୁଥିଲା । ତେଣୁ ଲକ୍ଷ୍ମୀଙ୍କର ପୁତ୍ର ଉପରେ ଲକ୍ଷ୍ମୀଙ୍କ କୋଳରେ ଆଶ୍ରୟ ନେଇଛି ମାନଗୋବିନ୍ଦ ।

ଈଶ୍ୱରଙ୍କଠାରୁ ଭୀମ ସିଂଘନାଦ ପ୍ରାପ୍ତ କରିବା ପରେ ରଡ଼ିରେ ରଣହୁଙ୍କାର ଦେବା ଦ୍ୱାରା ରାଜା ଧୃତିରାଷ୍ଟ୍ର ବିଚଳିତ ହୋଇଛି । ପ୍ରଥମ ରଡ଼ିରେ ଜାଗ୍ରତ ହୋଇଉଠିଛି । ସେ ସମୟରେ ମା କମଳା ବୁଝାଇଛନ୍ତି ହେ ଦୁର୍ଯ୍ୟୋଧନ ଭୀମର ଯଦି ସାତ ରଡ଼ି ସହ୍ୟ କରିପାରିବୁ ତା ହେଲେ ତୁ ଅଜ୍ରାମର ହେବୁ । ତେଣୁ ମୋ କୋଳରେ ବସି ଭୀମର ଆହ୍ୱାନକୁ ତୁ ପ୍ରତ୍ୟାଖାନ କର । ଭୀମଙ୍କର ଦ୍ୱିତୀୟ ରଡ଼ିକୁ ସହ୍ୟ କରିପାରି ନାହିଁ । ସେ ଯୁଦ୍ଧକୁ ଯିବାକୁ ବାହାରି ପଡ଼ିଛି । ରେ ରେ କାର କରି ଗର୍ଜି ଉଠିଛି । ବକ୍ଷସ୍ଥଳରେ ବାହାସ୍ଫୋଟ ମାରି କ୍ରୋଧିତ ନେତ୍ର ବୁଲାଇଛି । ଦୁର୍ଯ୍ୟୋଧନର ଏଭଳି ଅସମ୍ଭାଳ ଅବସ୍ଥା ଦେଖି ମହାଲକ୍ଷ୍ମୀ ତାକୁ ଭିଡି ଧରିଛନ୍ତି । ଦୁର୍ଯ୍ୟୋଧନକୁ ମହାଲକ୍ଷ୍ମୀ ବୁଝାଇ କହିଛନ୍ତି । ଭୀମର ସାତ ରଡ଼ି ପର୍ଯ୍ୟନ୍ତ ସହ୍ୟ କରିବୁ ବୋଲି ପ୍ରତିଜ୍ଞା କରିଥିଲୁ । ଏବେ ଭୀମର ଦ୍ୱିତୀୟ ରଡ଼ି ତୋ ପାଇଁ କାହିଁକି ଅସହ୍ୟ ହେଉଛି । ମାତ୍ର ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ ଉପେକ୍ଷା କରିଛି । ବରଂ ଅହଂକାରୀ ମାନଗୋବିନ୍ଦ ଲକ୍ଷ୍ମୀଙ୍କୁ ଅବଜ୍ଞା କରି ତାଙ୍କୁ ଠେଲି ଦେଇଛି । ଅଧର ପୁଷ୍ଟ କରି ହିତାହିତ ଜ୍ଞାନଶୂନ୍ୟ ହୋଇ ମୋ ନିକଟରୁ ପଳା ବୋଲି କହିଛି । ଦୁର୍ଯ୍ୟୋଧନ ଏତାଦୃଶ ବ୍ୟବହାରରେ ମହାଲକ୍ଷ୍ମୀ ରୁଷ୍ଟ ହୋଇଛନ୍ତି । କହିଛନ୍ତି ମୁଁ କେବଳ ତୋର ଭର୍ତ୍ସନା ପର୍ଯ୍ୟନ୍ତ ଅପେକ୍ଷା କରିଥିଲି । ମାତ୍ର ତୁ ଯଦି ଭୀମର ଆଉ ଏକ ରଡ଼ି ସହ୍ୟ କରିପାରିବୁ ତା ହେଲେ ତୁ ଅମର ହେବୁ । ଲକ୍ଷ୍ମୀଙ୍କର ଏଭଳି ଉପଦେଶକୁ ଦୁର୍ଯ୍ୟୋଧନ ଶୁଣି ନାହିଁ । ଲକ୍ଷ୍ମୀ ଛାଡ଼ି ଦେବାରୁ ମାନଗୋବିନ୍ଦ ତାର ସତୁରୀ ଭାର ଗଦା ଘେନି ଯୁଦ୍ଧକୁ ବାହାରି ପଡ଼ିଛି ।

ଏହି ପର୍ଯ୍ୟାୟରେ କବି ଦୁର୍ଯ୍ୟୋଧନକୁ ଅହଂକାରୀ, ମଦମ□, ଅପରିଣାମଦର୍ଶୀ

ଯୋଦ୍ଧା ଭାବରେ ବର୍ଣ୍ଣନା କରିଛନ୍ତି । ପ୍ରଥମେ ସେ ବୀର ହେଲେ ବି, ପରିଣତିକୁ ବିଚାର ନ କରି ଯେଉଁଭଳି ପଦକ୍ଷେପ ନେଇଛି ତାହା ତାର ମୃତ୍ୟୁର କାରଣ ହୋଇଛି । ତେଣୁ ମାନଗୋବିନ୍ଦର ଅହଂକାର ଭାଙ୍ଗିବା ଏବଂ ଧର୍ମର ଜୟ ହୋଇଛି ।

ତେଣୁ କବିଙ୍କର ଏହି ସୃଷ୍ଟି ଏକ କାଳଜୟୀ ସୃଷ୍ଟି ଭାବରେ ଓଡ଼ିଆ ସାହିତ୍ୟ ଜଗତରେ ପ୍ରତିଭାତ ହୋଇଛି ।

## ରାଘବଙ୍କ ଲଙ୍କାଯାତ୍ରାନୁକୂଳ

୧) ରାଘବଙ୍କ ଲଙ୍କା ଯାତ୍ରାନୁକୂଳ କବିତାଟି କେଉଁ କବିଙ୍କ ସୃଷ୍ଟି ?

(କ) ରାଧାନାଥ ରାୟ (ଖ) ମଧୁସୂଦନ ଦାସ (ଗ) ଉପେନ୍ଦ୍ର ଭଂଜ (ଘ) ନିଳକଣ୍ଠ ଦାସ

୨) ଉପେନ୍ଦ୍ର ଭଂଜ କେଉଁ ରାଜବଂଶର ଦାୟାଦ ଥିଲେ ?

(କ) ଖଲ୍ଲିକୋଟ (ଖ) ଘୁମୁସୁର
(ଗ) ପାରଳାଖେମୁଣ୍ଡି (ଘ) ମଧୁପୁରଗଡ଼

୩) ବେଦେହିଶ ବିଳାସ କାବ୍ୟଟି କେଉଁ ଛନ୍ଦ ନିୟମରେ ରଚିତ ?

(କ) 'କ' ଆଦ୍ୟବର୍ଣ୍ଣ (ଖ) 'ଖ' ଆଦ୍ୟବର୍ଣ୍ଣ
(ଗ) 'ବ' ଆଦ୍ୟବର୍ଣ୍ଣ(ଘ) 'ର'ଆଦ୍ୟବର୍ଣ୍ଣ

୪) ଉପେନ୍ଦ୍ରଭଂଜଙ୍କୁ କେଉଁ ଉପାଧିରେ ଭୂଷିତ କରାଯାଇଥିଲା ?

(କ) ଉତ୍କଳମଣି(ଖ) କବି ସମ୍ରାଟ
(ଗ) ଉତ୍କଳ ଘ□ (ଘ) କାନ୍ତ କବି

୫) କବିଙ୍କର ଜନ୍ମ କେଉଁ ଶତାବ୍ଦୀରେ ହୋଇଥିଲା ?

(କ) ପ□ଦଶ ଶତାବ୍ଦୀ (ଖ) ଷୋଡ଼ଶ ଶତାବ୍ଦୀ (ଗ) ସପ୍ତଦଶ - ଅଷ୍ଟାଦଶ ଶତାବ୍ଦୀ
(ଘ) ଚର୍ତୁଦଶ ଶତାବ୍ଦୀ

୬) ଉପେନ୍ଦ୍ର ଭଂଜ କେଉଁ ମନ୍ତ୍ର ଜପ କରି କବିତ୍ୱ ଲାଭ କରିଥିଲେ ?

(କ) ଦୁର୍ଗା ସ୍ତୋତ୍ର (ଖ) ଗଣେଶ ମନ୍ତ୍ର
(ଗ) ସରସ୍ୱତୀ ସ୍ତୋତ୍ର (ଘ) ରାମତାରକା ମନ୍ତ୍ର

୭) ରାଘବଙ୍କ ଲଙ୍କା ଯାତ୍ରାନୁକୂଳ କାବ୍ୟଟି କେଉଁ ରାଗରେ ବର୍ଣ୍ଣିତ ?

(କ) ଆଶାବରୀ(ଖ) ବାହୁଡ଼ା ଯାତ୍ରା
(ଗ)ବରାଡ଼ି (ଘ) ଭୈରବ

୮) କବିତାଟି କେଉଁ କାବ୍ୟର ଅଂଶବିଶେଷ ?

(କ) କଳାକଉତୁକ (ଖ) ବୈଦେହିଶ ବିଳାସ (ଗ) ସୁଭଦ୍ରା ପରିଣୟ (ଘ) ରସିକ ହାରାବଳୀ

୯) ରାଘବଙ୍କ ଲଙ୍କା ଯାତ୍ରାନୁକୂଳ କାବ୍ୟରେ ରାଘବ ଶବ୍ଦ କାହା ପାଇଁ ବ୍ୟବହାର କରାଯାଇଛି ?

(କ) ରାମ (ଖ) ଅଂଗଦ (ଗ) ଲକ୍ଷ୍ମଣ (ଘ) ସୁଗ୍ରୀମ

୧୦) ରାମ ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ କ'ଣ କରିଥିଲେ ?

(କ) ତପସ୍ୟା (ଖ) ଯଜ୍ଞ (ଗ) ଅନଶନ(ଘ) କୁଶ ଶଯ୍ୟାରେ ଶୟନ ଏବଂ ଅନଶନ

୧୧) କବିତାରେ ଦଶଶିର କାହା ଉଦ୍ଦେଶ୍ୟରେ ବର୍ଣ୍ଣନା କରାଯାଇଛି ?

(କ) ରାମ (ଖ) ରାବଣ (ଗ) ସୁଗ୍ରୀବ (ଘ) ଶୁକ ଓ ସାରଣ

୧୨) ଅପହୃତ ସୀତାଙ୍କୁ ପ୍ରାପ୍ତ କରିବା ପାଇଁ ରାମଚନ୍ଦ୍ର କେଉଁ ଉପାୟ ଅବଲମ୍ବନ କରିଥିଲେ ?

(କ) ସିନ୍ଧୁ ଶୁଖାଇ (ଖ) ସିନ୍ଧୁକୁ ପୋତି
(ଗ) ସିନ୍ଧୁକୁ ଅତିକ୍ରମ କରି (ଘ) ଯୁଦ୍ଧ କରି

୧୩) ଶୁକ ଓ ସାରଣଙ୍କୁ କିଏ ଚାର ରୂପରେ ପ୍ରେରଣ କରିଥିଲେ ?

(କ) ରାମ (ଖ) ଲକ୍ଷ୍ମଣ (ଗ) ବିଭୀଷଣ (ଘ) ରାବଣ

୧୪) ଗିରିମାନ ଜଳରେ ବୁଡ଼ିଲା ବେଳେ କେଉଁ ଶବ୍ଦ ଶୁଣାଯାଉଥିଲା ?

(କ) ଝଣ ଝଣ (ଖ) ଫସ୍ ଫସ୍
(ଗ) ଖଳ ଖଳ (ଘ) ଫି ଫି

୧୫) 'ବୁଧେ' ଶବ୍ଦଟି କବିତାରେ କେଉଁ ଅର୍ଥରେ ପ୍ରଯୁଜ୍ୟ ?

(କ) ପଣ୍ଡିତମାନେ (ଖ) ବୁଧବାର
(ଗ)ଅଶିକ୍ଷିତମାନେ (ଘ) ଶିକ୍ଷିତମାନେ

୧୬) 'ବିଭୂତିଦୂଷଣ' ଏହି ବିଶେଷଣ ପଦଟି କବିତାରେ କାହା ଉଦ୍ଦେଶ୍ୟରେ ବର୍ଣ୍ଣିତ ?

(କ) ରାମ (ଖ) ରାବଣ (ଗ) ବିଭୀଷଣ (ଘ) ଅଂଗଦ

୧୭) ରାବଣଙ୍କ ପାଇଁ କେଉଁ ପଦଟି କବିତାରେ କବି ବ୍ୟବହାର କରିନାହାନ୍ତି ?

(କ) ଦଶଶିର (ଖ) ବିଂଶତିକର
(ଗ) ଦଶାନନ (ଘ) ଦେବରିପୁ

୧୮) 'ବିତରଣେ ସାଗର କି ପାଞ୍ଚ ପଚାରିଲା' – ଏଠାରେ କବିତାରେ ପା□ଶବ୍ଦଟି କେଉଁ ଅର୍ଥରେ ବ୍ୟବହୃତ ?

(କ) ପା□ଜଣ ସୈନ୍ୟ (ଖ) ଉପାୟ
(ଗ)ଦେବତା (ଘ) ପ□ସଂଖ୍ୟକ

୧୯) ଜଳାଧିପତି ଦେବତା କିଏ ?

(କ) କୁବେର (ଖ) ବରୁଣ (ଗ) ଇନ୍ଦ୍ର
(ଘ) ଚନ୍ଦ୍ର

୨୦) ବୁଡ଼ିଗଲା ପକାଇଲେ - - - - - - ଯେତେ ଗିରି ?

(କ) ବାନର (ଖ) ମାଙ୍କଡ଼ (ଗ) କପି
(ଘ) ସୈନ୍ୟ

୨୧) କବିତାରେ 'ଦେବରିପୁ' ବୋଲି କାହାକୁ କୁହାଯାଇଛି ?

(କ)ରାବଣ (ଖ) ବିଭୀଷଣ (ଗ) ଶୁକ
(ଘ) ସାରଣ

୨୨) ବିଭୀଷଣ କାହାର ଅନୁଜ ଥିଲେ ?

(କ) ସୁଗ୍ରୀବ (ଖ) ଲକ୍ଷ୍ମଣ (ଗ) ଅଂଗଦ (ଘ) ରାବଣ

୨୩) କବିତାରେ 'ପିତା' ପଦଟି କେଉଁ ଅର୍ଥରେ ବ୍ୟବହୃତ ?

(କ) ଭାଇ ଓ ଭଉଣୀ (ଖ) ତିକ୍ତତା ବାପା
(ଗ) ବାପା, ମା (ଘ) ରାଗ ଏବଂ ଘୃଣା

୨୪) 'ବିଭୂତି ଭୂଷଣ' ଏହି ବିଶେଷଣ ପଦଟି କାହା ଉଦ୍ଦେଶ୍ୟରେ ବ୍ୟବହୃତ ?

(କ) ମହାଦେବ (ଖ) ଯୋଗୀରାଜ
(ଗ) ରାମଚନ୍ଦ୍ର (ଘ) ବିଭୀଷଣ

୨୫) ବଡ଼କୁଳରେ କିଏ ଜନ୍ମଲାଭ କରିଛନ୍ତି ?

(କ) ବିଭୀଷଣ (ଖ) ରାବଣ (ଗ) ଶୁକ ଓ ସାରଣ (ଘ) ଅଂଗଦ

୨୬) କବିତାରେ 'ବିଭୂତିକି ଭୁଞ୍ଜୁଥିଲୁ ବିଭୂତି ଭୂଷଣେ' – କାହା ଉଦ୍ଦେଶ୍ୟରେ ବର୍ଣ୍ଣିତ ?

(କ) ଅଂଗଦ (ଖ) ରାବଣ (ଗ) ରାମ
(ଘ) ବିଭୀଷଣ

୨୭) ଅଂଗଦଙ୍କର ପିତା କିଏ ଥିଲେ ?

(କ) ବାଳୀ (ଖ) ସୁଗ୍ରୀବ

(ଗ) ଜାମ୍ବବାନ (ଘ) ରାମ

୨୮) ଶୁକ ଓ ସାରଣ ବିଭୀଷଣଙ୍କୁ କାହାର ସମ୍ବାଦ ଜଣାଇଥିଲେ ?

(କ) ରାମ (ଖ) ରାବଣ

(ଗ) କୁମ୍ଭକର୍ଣ୍ଣ (ଘ) ଲକ୍ଷ୍ମଣ

୨୯) କବିତାରେ 'ପିତୃବ୍ୟ' ପଦଟି କେଉଁ ଅର୍ଥରେ ବ୍ୟବହୃତ ?

(କ) ବାପା (ଖ) ବଡ଼ବାପା (ଗ)ଦାଦା
(ଘ) ଜେଜେ ବାପା

୩୦) ଶୁକ ଓ ସାରଣ କିପରି ସାଗର ଅତିକ୍ରମ କରିଥିଲେ ?

(କ) ଦ୍ରୁତ ଗତିରେ (ଖ) ଉଡ଼ି ଉଡ଼ି
(ଗ) ଆକାଶମାର୍ଗରେ ବିହରଣ କରି
(ଘ) ଚାଲିଚାଲି

୩୧) ଶୁକ ଓ ସାରଣ କେଉଁ ରୂପରେ ସାଗର ଅତିକ୍ରମ କରିଥିଲେ ?

(କ) ବତକ (ଖ) ହଂସ (ଗ) କାଉ
(ଘ) ଟେଁ ଟେଁ ଚଢ଼େଇ

୩୨) ରାବଣର ବାର୍ତ୍ତା ନେଇ ଅଂଗଦଙ୍କ ନିକଟକୁ କିଏ ଆସିଥିଲେ ?

(କ) ନଳ ଓ ନୀଳ (ଖ) ଶୁକ ଓ ସାରଣ (ଗ) ସୁଗ୍ରୀମ (ଘ) ବିଭୀଷଣ

୩୩) ବିବାୟସ – ଏହି ଶବ୍ଦର ଅର୍ଥଟିକୁ ବାଛ ?

(କ) ପରିତ୍ୟାଗ (ଖ) ଆକାଶ
(ଗ) ସାଗର (ଘ) ପୃଥିବୀ

୩୪) କବିତାରେ "ଦେବରିପୁ" ବୋଲି କାହାକୁ କୁହାଯାଇଛି ?

(କ) ରାବଣଙ୍କୁ (ଖ) ରାମଙ୍କୁ (ଗ) ବିଭୀଷଣଙ୍କୁ (ଘ) ଅଙ୍ଗଦଙ୍କୁ

୩୫) ଶୁକ ଓ ସାରଣ କେଉଁମାନଙ୍କର ବାଣୀ ରାବଣଙ୍କୁ ଜଣାଇଥିଲେ ?

(କ) ଅଙ୍ଗଦ ଓ ବିଭୀଷଣ(ଖ) ବାଳୀ ଓ ସୁଗ୍ରୀମ (ଗ) ରାମ ଓ ଲକ୍ଷ୍ମଣ (ଘ) ଅଙ୍ଗଦ ଓ ରାମ

୩୬) କବିତାରେ 'ଅନୁଜ' ପଦଟି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

(କ) ବଡ଼ ଭାଇ (ଖ) ମଝିଆ ଭାଇ
(ଗ) ସାନଭାଇ (ଘ) ବଡ଼ ମଝିଆ ଭାଇ

୩୭) ରାବଣ ଶୁକ ଓ ସାରଣଙ୍କୁ କାହାର ବଳ ବିଷୟରେ ପଚାରିଛନ୍ତି ?

(କ) ଅଂଗଦ (ଖ) ସୁଗ୍ରୀବ (ଗ) ବାଳୀ
(ଘ) ବିଭୀଷଣ

୩୮) ରାଘବଙ୍କୁ ସୀତା ସମର୍ପିବା ପ୍ରସଂଗ କିଏ ଶୁକ ସାରଣଙ୍କୁ କହିଛନ୍ତି ?

(କ) ଅଙ୍ଗଦ (ଖ) ସୁଗ୍ରୀବ (ଗ) ବାଳୀ
(ଘ) ବିଭୀଷଣ

୩୯) ଅଙ୍ଗଦ କାହାକୁ ପ୍ରହାର କରିବାକୁ ଚାହିଁଥିଲେ ?

(କ) ରାବଣ (ଖ) ବିଭୀଷଣ (ଗ) ଶୁକ ଓ ସାରଣ (ଘ) କୁମ୍ଭକର୍ଣ୍ଣ

୪୦) ରାବଣ କେଉଁ ପ୍ରବୃ□ର ଥିଲା ?

(କ) ଦେବ (ଖ) ଅସୁର (ଗ) କିନ୍ନର
(ଘ) ଯକ୍ଷ

୪୧) ବିରମକୁ ମନ୍ଦ କରି କିଏ – ମନ୍ଦ ହାସ୍ୟ ହସିଛନ୍ତି ?

(କ) ବିଭୀଷଣ (ଖ) ଅଙ୍ଗଦ (ଗ) ରାବଣ (ଘ) ଶୁକ ସାରଣ

୪୨) ରାବଣ କାହାକୁ ହୀନ ପରାକ୍ରମ ବୋଲି କହିଛନ୍ତି ?

(କ) ସୀତା (ଖ) ବିଭୀଷଣ (ଗ) ଅଙ୍ଗଦ (ଘ) ରାମ

୪୩) କବିତାରେ 'ବାରିରାଶି'ରେ ଅର୍ଥ କ'ଣ ବୋଲି ବର୍ଣ୍ଣନା କରାଯାଇଛି ?

(କ) ନଦୀ (ଖ) ପର୍ବତ (ଗ) ଜଳାଶୟ (ଘ) ସମୁଦ୍ର

ଉତ୍ତର

| | | | | | | | | | |
|---|---|---|---|---|---|---|---|---|---|
| ୧. | ଗ | ୧୦ | ଘ | ୧୯ | ଖ | ୨୮ | ଖ | ୩୭ | ଗ |
| ୨. | ଖ | ୧୧ | ଖ | ୨୦ | ଗ | ୨୯ | ଗ | ୩୮ | ଘ |
| ୩. | ଗ | ୧୨ | ଗ | ୨୧ | କ | ୩୦ | ଗ | ୩୯ | ଗ |
| ୪. | ଖ | ୧୩ | ଘ | ୨୨ | ଘ | ୩୧ | ଘ | ୪୦ | ଖ |
| ୫. | କ | ୧୪ | ଘ | ୨୩ | ଖ | ୩୨ | ଖ | ୪୧ | ଗ |
| ୬. | ଘ | ୧୫ | କ | ୨୪ | ଗ | ୩୩ | ଖ | ୪୨ | ଘ |
| ୭. | କ | ୧୬ | କ | ୨୫ | କ | ୩୪ | କ | ୪୩ | ଘ |
| ୮. | ଖ | ୧୭ | ଖ | ୨୬ | ଘ | ୩୫ | କ | | |
| ୯. | କ | ୧୮ | ଖ | ୨୭ | କ | ୩୬ | ଗ | | |

## ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

୧) ବିସ୍ମଇ ବିଶ୍ୱାସ ତେଜି ବରୁଣ ପ୍ରସନ୍ନେ

ବିନାଶନରେ ଶୟନ ସେ ଦର୍ଭଶୟନ ଯେ,

ଉ : ବିସ୍ମଇ ନିଶ୍ୱାସ .. .. .. .. . . . . ଦର୍ଭଶୟନ ଯେ,

ପ୍ରଦ□ ପଦ୍ୟାଂଶଟି କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ କାଳଜୟୀ କାବ୍ୟ 'ବୈଦେହୀଶ ବିଳାସ' କାବ୍ୟର ଚତ୍ୱାରିକାତମ ଛାନ୍ଦର ପ୍ରଥମାଂଶ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କାବ୍ୟର ଅଂଶବିଶେଷ ।

ଏଠାରେ କବି ଶ୍ରୀରାମଙ୍କ ଲାଙ୍କାଭିଯାନର ଆୟୋଜନ ନିମନ୍ତେ ସାଗରକୁ ଅତିକ୍ରମ କରିବାର ଉପାୟ ଜାଣିବା ପାଇଁ ସା□କ ସମ୍ବନ୍ଧରେ ଆଲୋକପାତ କରିଛନ୍ତି ।

ରାମଚନ୍ଦ୍ର ସମୁଦ୍ର କୂଳରେ ଉପନିତ ଏବଂ ସୁଗ୍ରୀବଙ୍କ ବାନର ସେନା ସହ ସମୁଦ୍ରକୁ ପୋତି ସେତୁ ନିର୍ମାଣ କରିବା ପାଇଁ ଚେଷ୍ଟା କରିଲେ । ମାତ୍ର ବିଡମ୍ବନା ଏହା କି ଯେଉଁ ପଥରଗୁଡ଼ିକୁ ପାଣିକୁ ନିକ୍ଷେପ କରାଯାଉଥିଲା, ତାହା ଅତଳ ଜଳଧି ମଧ୍ୟରେ ବିଲୀନ ହେବାକୁ ଲାଗିଲା । କେବଳ ଫିଁ ଫିଁ କାର ଶବ୍ଦ ବ୍ୟତୀତ ସାମାନ୍ୟ ବୁଦ ବୁଦ୍ ମଧ୍ୟ ପରିଦୃଷ୍ଟ ହେଲା ନାହିଁ । ସାଗର ଜଳର ଏତାଦୃଶ ଆଚରଣ ଶ୍ରୀରାମଙ୍କୁ ବିସ୍ମିତ କଲା । କାର୍ଯ୍ୟାରମ୍ଭରେ କୌଣସି ବିଘ୍ନ ରହିଛି ଭାବି ସେ ବରୁଣ ଦେବତାଙ୍କୁ ପ୍ରସନ୍ନ କରିବାକୁ ଚାହିଁଲେ ଏବଂ ଅନ୍ନ ଜଳ ତ୍ୟାଗ ପୂର୍ବକ ଅନଶନରେ ରହିଲେ । କୋମଳ ଶଯ୍ୟା ପରିବ□ କର୍କଶ କୁଶଶଯ୍ୟାରେ ଶୟନ କରି ବରୁଣ ଦେବତାଙ୍କ ଅନୁଗ୍ରହ କାମନା କଲେ । କୌଣସି ଗୁରୁତ୍ୱପୂର୍ଣ୍ଣ ଶୁଭକର୍ମ ଆରମ୍ଭ କରିବା ପୂର୍ବରୁ ଦେବୀକୃପା କାମନା ନିତାନ୍ତ ଆବଶ୍ୟକ ଏବଂ ତାଙ୍କର ପୀତ୍ୟାର୍ଥେ ତାଙ୍କୁ ସ୍ମରଣ କରି ସେ ଉପବାସ ତଥା କୁଶଶଯ୍ୟାରେ ଶୟନ ପାଇଁ ନିଷ୍ପ□ ନେଲେ ।

୨. ବିଭୂତିକି ଭୁଂଜୁଥିଲୁ ବିଭୂତିଭୂଷଣେ

ବଡ଼କୁଳେ ଜନମ ଶରଣ କି କାରଣ ଯେ,

ଉ : ବିଭୁତିକି ଭୁଞ୍ଜୁଥିଲୁ . . . . . . . . . . . . . . . . . . . . . . . . . . କି କାରଣ ଯେ,

ଉକ୍ତ ପଦ୍ୟାଂଶଟି କବି ସମ୍ରାଟ ଉପନ୍ଦ୍ରେ ଭଂଜଙ୍କ 'ବୈଦେହିଶ ବିଳାସ' କାବ୍ୟ ଚତ୍ୱାରିଂଶତମ ଛାନ୍ଦାନ୍ତର୍ଗତ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' ଶୀର୍ଷକ କବିତାରୁ ଆନୀତ ।

ଏଠାରେ କବି ଅଗ୍ରଜ ରାବଣର ଅନୁଜ ବିଭୀଷଣ ପାଖକୁ ସମ୍ବାଦ ପ୍ରେରଣର ତଥ୍ୟ ପ୍ରଦାନ କରିଛନ୍ତି ।

ବିଭୀଷଣ ଜୈଷ୍ଟଭ୍ରାତା ରାବଣର ଭର୍ତ୍ସନାର ଆହତ ହୋଇ ଲଙ୍କାପୁରୀ ତ୍ୟାଗ କରି ରାମଙ୍କ ନିକଟରେ ଶରଣାପନ୍ନ । ରାମଙ୍କଠାରେ ବିଭୀଷଣ

ସମସ୍ତ ତଥ୍ୟ ପ୍ରଦାନ କରିଦେବ ଏହା ସନ୍ଦେହ କରି ରାବଣ ନିଜର ପ୍ରମୁଖ ମନ୍ତ୍ରୀ ଶୁକ ଓ ସାରଣଙ୍କୁ ବିଭୀଷଣଙ୍କ ନିକଟକୁ ଚାର ରୂପରେ ପ୍ରେରଣ କରିଥିଲେ । ରାବଣ ଶୁକ ସାରଣଙ୍କୁ କହିଲେ ହେ ଦାନବ ଶ୍ରେଷ୍ଠ ଯାଇ ମୋ ଅନୁଜ ବିଭୀଷଣଙ୍କୁ ଜଣାଅ ଯେ ଜୈଷ୍ଠ ଭ୍ରାତା ପିତା ତୁଲ୍ୟ । ଯଦି କ୍ରୋଧ, ବଶତଃ ସେ କିଛି କଟୁ କଥା ପ୍ରୟୋଗ କରିଛନ୍ତି ତାହା ଧ□ବ୍ୟ ଅପରାଧ ନୁହେଁ, ଗୁରୁଜନତୁଲ୍ୟ ବ୍ୟକ୍ତିଙ୍କ ଏହି ସାମାନ୍ୟ କଥାରେ ପ୍ରତିକ୍ରିୟା ପ୍ରକାଶ କରି ତାଙ୍କ ପରି ରାଜକୁଳରେ ଜାତ ବ୍ୟକ୍ତି, ଜଣେ ସାମାନ୍ୟ ତପସ୍ୱୀ ନିକଟରେ ଶରଣାପନ୍ନ ହେବା ଆଦୌ ସମୀଚୀନ ନୁହେଁ । ସ୍ୱର୍ଣ୍ଣ ଲଙ୍କାପୁରୀର ସୁରମ୍ୟ ରାଜନବରରେ ଉପଲବ୍ଧ ଐଶ୍ୱର୍ଯ୍ୟରେ ପ୍ରାଚୁର୍ଯ୍ୟ ମଧ୍ୟରେ ଜୀବନକୁ ଉପଭୋଗ କରିବା ପରିବ□ େଜଣେ ସାମାନ୍ୟ ତପଚାରୀଠାରେ ନିଜକୁ ସମର୍ପଣ କରି ତା'ର ଶରଣାର୍ଥୀ ହେବା ଅପମାନଜନକ । ଏଣୁ ଲଙ୍କା ନଗରୀକୁ ପ୍ରତ୍ୟାବ□ନ କରିବା ତାଙ୍କ ପକ୍ଷେ ଶ୍ରେୟସ୍କର ହେବ ବୋଲି ଦଶାନନ କନିଷ୍ଠ ଭ୍ରାତାଙ୍କ ବାର୍ତ୍ତା ପ୍ରେରଣ କରିଛନ୍ତି ଏବଂ ଶତ୍ରୁ ଶିବିରକୁ ପୃଥକ କରିବା ପାଇଁ ପ୍ରୟାସ କରିଛନ୍ତି ।

## ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧) ଲଙ୍କା ଯାତ୍ରା ନିମନ୍ତେ ରାଘବଙ୍କ ପ୍ରୟାସ ବର୍ଣ୍ଣନା କର ।

କିମ୍ବା

ପଠିତ କବିତା ଆଧାରରେ ସୀତା ଉଦ୍ଧାର ନିମନ୍ତେ ରାମଚନ୍ଦ୍ର ନେଇଥିବା ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କର ।

କିମ୍ବା

ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ପ୍ରାପ୍ତ କରିବା ପାଇଁ ରାଘବଙ୍କର ପ୍ରୟାସ ବର୍ଣ୍ଣନା କର ।

ଉ : ଉତ୍କଳ ସାହିତ୍ୟର ରୀତିଯୁଗ, ମଧ୍ୟଯୁଗ ବା କାବ୍ୟଯୁଗକୁ ଋଦ୍ଧିମନ୍ତ କରିଥିବା ସାରସ୍ୱତ ସାଧକ କବି ସମ୍ରାଟ ଉପେନ୍ଦ୍ର ଭଂଜ ଜଣେ ପ୍ରଜ୍ଞାପୁରୁଷ । ତାଙ୍କ ରଚନାରେ ଶାବ୍ଦିକ ବୈଶିଷ୍ଟ୍ୟ, ଆଳଙ୍କାରିକ ମାଧୁର୍ଯ୍ୟ, ଛନ୍ଦୋବଦ୍ଧ, ଶୈଳୀର ନୈପୁଣ୍ୟ ତଥା ବୌଦ୍ଧିକ ଚେତନାର ଗାମ୍ଭୀର୍ଯ୍ୟପୂର୍ଣ୍ଣ ସୃଷ୍ଟି ନିଚୟ ସେହି ପ୍ରଚଣ୍ଡ ପ୍ରତିଭାଦୀପ୍ତ ସାଧକ ଶ୍ରେଷ୍ଠଙ୍କର ଅନନ୍ୟ ବିଦଭ□ର ପରିଚୟ ହେଉଛି ତାଙ୍କର ସୃଷ୍ଟି ସମୂହ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, 'ରସିକ ହାରାବଳୀ', 'ପ୍ରେମ ସୁଧାନିଧି', 'ଲାବଣ୍ୟବତୀ', ବୈଦେହୀଶ ବିଳାସ' ଭଳି କାବ୍ୟ ସମୂହ ଏହି କାଳଜୟୀ ଗୁରୁଙ୍କର ଚମତ୍କାର ପ୍ରତିଭାର ପ୍ରମାଣ । କବିଙ୍କର ଶ୍ରେଷ୍ଠ କୃତି କାବ୍ୟ 'ବୈଦେହୀଶ ବିଳାସ'ର ଚତ୍ୱାରିଂଶତମ ଛାନ୍ଦର ପ୍ରଥମାଂଶ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' ଶୀର୍ଷକ କବିତାଟିରେ କବି ସମ୍ରାଟ ଶ୍ରୀରାମଚନ୍ଦ୍ରଙ୍କ ଲଙ୍କା ଅଭିଯାନ ନିମନ୍ତେ ସମୁଦ୍ରରେ ସେତୁ ନିର୍ମାଣର ଶୁଭାରମ୍ଭ ପ୍ରସଂଗ ଉପସ୍ଥାପନ କରିଛନ୍ତି ।

ମାତା ଜାନକୀ ଲଙ୍କାରେ ଅବସ୍ଥାନ କରିଛନ୍ତି ବୋଲି ଜାଣିଲା ପରେ ସୁଗ୍ରୀବଙ୍କ ବାନର ସେନା ସହ ରାଘବ ସମୁଦ୍ର ତଟରେ ପହ□ଛନ୍ତି ।

ସାଗରରେ ସେତୁ ନିର୍ମାଣ ପାଇଁ ରାଘବ, ଅଭିଯାନର ପ୍ରଥମ ପ୍ରତିବନ୍ଧକ ସମୁଦ୍ର ଲଂଘନ ପାଇଁ ସେ ହନୁମାନ, ସୁଗ୍ରୀବ, ଅଂଗଦ, ଜାମ୍ବବାନ ଓ ବିଭୀଷଣଙ୍କ ସହ ମନ୍ତ୍ରଣା କରି ସେତୁବନ୍ଧ ନିର୍ମାଣ ପାଇଁ ଯୋଜନା କରିଛନ୍ତି । ଯେତେଥର ବାନର ସେନା ପଥର ସମୁଦ୍ର ମଧ୍ୟକୁ ନିକ୍ଷେପ କରିଛନ୍ତି ତାହା ଅତଳ ଜଳଧି ମଧ୍ୟରେ ବିଲୀନ ହୋଇଛି । ଫିଁ ଫିଁ ଶବ୍ଦ ଛଡ଼ା ଅନ୍ୟ କୌଣସି ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହୋଇ ନାହିଁ । ତେଣୁ କବି ସମ୍ରାଟଙ୍କ ଭାଷାରେ –

"ବୁଡ଼ିଗଲା ପକାଇଲେ କପି ଯେତେ ଗିରି

ବୁଦ୍ ବୁଦ୍ ନ ଦିଶେ ଜଳ ଫିଁ ଫିଁ କୃତ କରି ଯେ ।"

ସମୁଦ୍ର ଦେବତାଙ୍କର ଏପରି ଆଚରଣ ରାଘବଙ୍କୁ ବିସ୍ମିତ କରିଛି । ତେଣୁ ଜଳ

**ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଅନଶନ ପୂର୍ବକ କୁଶ ଶଯ୍ୟାରେ ଶୟନ କରିଛନ୍ତି । ବରୁଣ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର ମହାପ୍ରଭୁ ଖାଦ୍ୟ ଆହରଣ ବନ୍ଦ କରିଛନ୍ତି । କବିଙ୍କ ଭାଷାରେ –**

**"ବିସ୍ମଇ ନିଶ୍ୱାସ ତେଜି ବରୁଣ ପ୍ରସନ୍ନେ**

**ବିନାଶନରେ ଶୟନ ସେ ଦର୍ଭଗୟନ ଯେ ।"**

**ମର୍ଯ୍ୟାଦା ପୁରୁଷୋ□ମ ନରଦେହୀ ନାରାୟଣଙ୍କ ମନରେ ପ୍ରତ୍ୟୟ ସୃଷ୍ଟ ହୋଇଛି ଯେ ସେତୁ ନିର୍ମାଣ ପରି ଏକ ମହାନ କାର୍ଯ୍ୟର ଶୁଭାରମ୍ଭ ପୂର୍ବରୁ ଯାହା କିଛି ପ୍ରାଥମିକ ଭଗବନ କ୍ରିୟା ସମ୍ପାଦାନ କରାଯିବା ବିଧେୟ ସେଥିରେ ସେ ଅବଶ୍ୟ ତ୍ରୁଟି କରିଛନ୍ତି । ସେଥିପାଇଁ ସେ ସାଗର ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ଚେଷ୍ଟା କରିଛନ୍ତି ।**

## ଚତୁର୍ଥ ପଦ୍ୟ

## ଚିଲିକାରେ ସାୟନ୍ତନ ଦୃଶ୍ୟ

୧. ''ଚିଲିକାରେ ସାୟନ୍ତନ ଦୃଶ୍ୟ'' କବିତାର କବି କିଏ ?
(କ) ରାଧାନାଥ ରାୟ (ଖ) ନନ୍ଦକିଶୋର ବଳ
(ଖ) ଗଙ୍ଗାଧର ମେହେର (ଘ) ମଧୁସୂଦନ ରାଓ

୨. ରାଧାନାଥ ରାୟ କେଉଁ କବିରୂପେ ପରିଚିତ ?
(କ) କବିସୂର୍ଯ୍ୟ (ଖ) କବିମୌଳି
(ଗ) କବିବର (ଘ) କବିରୂପ

୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି କବିଙ୍କର ଅନୂଦିତ କୃତି ?
(କ) ମେଘଦୂତ (ଖ) ଚିଲିକା
(ଗ) ଉଷା (ଘ) କେଦାର ଗୌରୀ

୪. 'ଚିଲିକା' ପୁସ୍ତକ କବିଙ୍କର କେଉଁ ପ୍ରକାର କାବ୍ୟ ଅଟେ ?
(କ) କାବ୍ୟ (ଖ) ଚଉପଦୀ
(ଗ) ଚଉତିଶା (ଘ) ଖଣ୍ଡକାବ୍ୟ

୫. ଉକ୍ତ ପଦ୍ୟଟି କବିଙ୍କର କେଉଁ କାବ୍ୟରୁ
(କ) ପାର୍ବତୀ (ଖ) ଚିଲିକା
(ଗ) ଉଷା (ଘ) ଉର୍ବଶୀ

୬. କବିତାରେ ଚିଲିକାର କେଉଁ ଦୃଶ୍ୟର ବର୍ଣ୍ଣନା କରାଯାଇଛି ?
(କ) ସନ୍ଧ୍ୟାକାଳୀନ (ଖ) ରାତ୍ରିକାଳୀନ
(ଗ) ପ୍ରାତଃକାଳୀନ (ଘ) କେନ୍ଦ୍ରଶକ୍ତି

୭. ପ୍ରାଚୀମୂଳ ଏବେ ମୀନଜୀବୀ ନାବେ –
'ଏବେ' ଶବ୍ଦଟି କେଉଁ ସମୟକୁ ସୂଚଉଛି ।
(କ) ରାତ୍ରିକାଳ (ଖ) ମଧ୍ୟାହ୍ନ
(ଗ) ଅପରାହ୍ନ (ଘ) ସାୟଂକାଳ

୮. ମୀନଜୀବୀମାନଙ୍କର ନାବ କେଉଁ ଆକାରେ ଦେଖାଯାଉଛି ?
(କ) ଛାୟାକାରେ (ଖ) ସ୍ୱଷ୍ଟାକାରେ
(ଗ) ଅନ୍ଧକାରେ (ଘ) ଦିବାକରେ

୯. ଭାଲେରି ଶିଖରେ ସନ୍ଧ୍ୟାତାରା ଦେଖି କେଉଁମାନେ ଘଟିକା ଟେକିଦେଇ ଉଲ୍ଲସିତ ହୋଇଛନ୍ତି ?
(କ) ବାଟୋଇ (ଖ) ପର୍ଯ୍ୟଟକ
(ଗ) ମତ୍ସ୍ୟଜୀବୀ (ଘ) ଗ୍ରାମବାସୀ

୧୦. ଚିଲିକାର ପୂର୍ବ ଦିଗରେ କ'ଣ ଦୃଶ୍ୟମାନ ହେଉଥିଲା ?
(କ) ନୌକାମାନ (ଖ) ଜାହାଜମାନ
(ଗ) ସୂର୍ଯ୍ୟାସ୍ତ (ଘ) ପଟିକାମାନ

୧୧. ଭାଲେରୀ ଶିଖରେ କ'ଣ ଦେଖି ମୀନଜୀବୀ ମାନେ ପାଲ ଟେକି ମହାଆନନ୍ଦରେ ଆସନ୍ତି ?
(କ) ସବୁଜ ବନ (ଖ) ସନ୍ଧ୍ୟାତାରା
(ଗ) ପ୍ରସିଦ୍ଧ ଦେବୀ ମନ୍ଦିର (ଘ) ଧ୍ରୁବ ତାରା

୧୨. କେଉଁମାନଙ୍କ କଣ୍ଠରୁ କବିସୂର୍ଯ୍ୟ ଗୀତାମୃତ ଶୁଣାଯାଉଥିଲା ?
(କ) ଗ୍ରାମବାସୀ (ଖ) ପର୍ଯ୍ୟଟକ
(ଗ) ମତ୍ସ୍ୟଜୀବୀ (ଘ) କର୍ମଜୀବୀ

୧୩. ବଳଦେବ ରଥ କେଉଁ କବି ରୂପେ ପରିଚିତ ?
(କ) କବି ମୌଳି (ଖ) କବି ସୂର୍ଯ୍ୟ
(ଗ) କବିବର (ଘ) କବି ରତ୍ନ

୧୪. ବଳଦେବରଥଙ୍କ କେଉଁ କବିତାପୁସ୍ତକ ଅମୃତ ସହ ସମାନ ବୋଲି କବି ବର୍ଣ୍ଣନା କରିଛନ୍ତି ?

(କ) ବୈଦେହୀଶ ବିଳାସ

(ଖ) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ

(ଗ) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ

(ଘ) ଲାବଣ୍ୟବତୀ

୧୫. କବିସୂର୍ଯ୍ୟଙ୍କ ଗୀତତାନକୁ କାହାସହ ତୁଳନା କରିଛନ୍ତି ?

(କ) ଉଲ୍ଲାସର ଆତ୍ମା (ଖ) ଦୁଃଖର ଆତ୍ମା

(ଗ) ଆନନ୍ଦର ଆତ୍ମା (ଘ) ବିଷାଦର ଆତ୍ମା

୧୬. ଚିଲିକାର ନୀଳବକ୍ଷରେ କିଏ ଅଧିଷ୍ଠାନ କରିଛି ବୋଲି କବି କହିଛନ୍ତି ?

(କ) ଗୀତତାନ (ଖ) ନାବରାଜି

(ଗ) ଚିଲିକାମାରୁତ (ଘ) ଦିଗଙ୍ଗନା

୧୭. କେଉଁମାନଙ୍କୁ କବିତାରେ କବି ମଧୁରହାସିନୀ ବୋଲି କହିଛନ୍ତି

(କ) ପୁରଙ୍ଗନା (ଖ) ସୁରାଙ୍ଗନା

(ଗ) ଦିଗଙ୍ଗନା (ଘ) ବୀରାଙ୍ଗନା

୧୮. କବିତାରେ ଦୁକୂଳବାସିନୀ କାହାପାଇଁ କବି ପ୍ରୟୋଗ କରିଛନ୍ତି ?

(କ) ଉଲ୍ଲାସର ଆତ୍ମା (ଖ) ଦିଗଙ୍ଗନା

(ଗ) ଜ୍ୟୋସ୍ନା (ଘ) ନୀଳହ୍ରଦ

୧୯. ''ଗଲାଣିତ ଗଲା କଥାରେ ସଙ୍ଗୀତ ଶୁଣିଲା ପରେ ମନରେ କ'ଣ ସୃଷ୍ଟି ହୁଏ ?

(କ) ଭାବାନ୍ତର (ଖ) କଥାନ୍ତର

(ଗ) ଅନ୍ୟାନ୍ତର (ଘ) ଦିବ୍ୟାନ୍ତର

୨୦. ସଙ୍ଗୀତ ଆବେଗରେ ମନ କେଉଁଠାକୁ ଗତି କରେ ?

(କ) ଜ୍ଞାନେନ୍ଦ୍ରିୟଦେଶେ (ଖ) କର୍ମେନ୍ଦ୍ରିୟ ଦେଶେ

(ଗ) ଅତୀନ୍ଦ୍ରିୟ ଦେଶେ(ଘ)

୨୧. 'ଗଲାଣିତ ଗଲା କଥାରେ ସଙ୍ଗୀତ' ଏହା କବିଙ୍କର କେଉଁ କାବ୍ୟର ଅଂଶବିଶେଷ ?

(କ) କିଶୋର ଚନ୍ଦ୍ରାନନ ଚମ୍ପୂ (ଖ) ଚନ୍ଦ୍ରକଳା

(ଗ) ଭଜନ (ଘ) ଜଣାଣ

୨୨. ଉକ୍ତ କବିତାରେ କିଏ ଲୀଳା ରଚନା କରିଛନ୍ତି ବୋଲି କୁହାଯାଇଛି ।

(କ) ଦିଗଙ୍ଗନା (ଖ) ସନ୍ଧ୍ୟାଦେବୀ

(ଗ) ବାଗୀଶ୍ୱରୀ (ଘ) ରାତ୍ରିଦେବୀ

୨୩. ଧନ୍ୟ ରଥେ ! ଏଠାରେ 'ରଥେ' ବୋଲି କବି କାହାକୁ ସମ୍ବୋଧନ କରିଛନ୍ତି ?

(କ) କବିବର ରାଧାନାଥଙ୍କୁ

(ଖ) ବଳଦେବ ରଥଙ୍କୁ

(ଗ) ମଧୁସୂଦନ ରାଓଙ୍କୁ

(ଘ) ସୂର୍ଯ୍ୟମଣି ରଥଙ୍କୁ

୨୪. ଉତ୍କଳଭୁବନରେ କିଏ ମୃତ୍ୟୁଞ୍ଜୟ ବୋଲି ଉକ୍ତ କବିତାରେ କୁହାଯାଇଛି ?

(କ) ମୀନଜୀବୀଙ୍କ (ଖ) କବିବରଙ୍କୁ

(ଗ) ଚିଲିକାବାସୀଙ୍କୁ (ଘ) କବିସୂର୍ଯ୍ୟଙ୍କୁ

୨୫. ଯଶ ଯାହାର ଥାଏ, ତାର ଶରୀର ଶ୍ମଶାନରେ ମାଟି ହୋଇଗଲେ ମଧ ସେ ______________ ହୋଇଥାଏ ।

(କ) ଅଂଶୁମାନ (ଖ) କୀର୍ତ୍ତିମାନ

(ଗ) ଆୟୁଷ୍ମାନ (ଘ) ଦୀପ୍ତିମାନ

୨୬. ପୋତପାଳ ତରଣୀରେ କ'ଣ ଜାଳି ଦେଲାଣି ?

(କ) ମଶାଲ (ଖ) ଲଣ୍ଠନ

(ଗ) ଦୀପ (ଘ) ଆଲୋକ

୨୭. ତରଣୀରେ ପୋତପାଳ ମଶାଲ ଜାଳିବାର କାରଣ କ'ଣ ?

(କ) ଅନ୍ଧକାର ଦୂର କରିବାକୁ

(ଖ) ଦିଗ ବାରିବାକୁ

(ଗ) ମୀନଙ୍କୁ ଆକୃଷ୍ଟ କରିବାକୁ

(ଘ) ଗୃହକୁ ଫେରିବାକୁ

୨୮. ମୀନମାନେ କେଉଁଠାକୁ ଡେଇଁ ପ୍ରାଣଦେବେ ବୋଲି କବି କହିଛନ୍ତି ?

(କ) ତରୀଗର୍ଭକୁ (ଖ) ପାପଗର୍ଭକୁ

(ଗ) ଚିଲିକା ଗର୍ଭକୁ (ଘ) ଜାଲକୁ

୨୯. ଡଙ୍ଗାକୁ ଡେଇଁ ପ୍ରାଣ ହାରୁଥିବା ମୀନ ସହିତ କବି କାହାକୁ ତୁଳନା କରିଅଛନ୍ତି ?

(କ) ଅହଙ୍କାରୀ ମାନଙ୍କୁ (ଖ) ଅଜ୍ଞାନମାନଙ୍କୁ

(ଗ) ମୂର୍ଖମାନଙ୍କୁ (ଘ) ଅକର୍ମାମାନଙ୍କୁ

୩୦. ଅଜ୍ଞାନର ବିପରୀତ ଶବ୍ଦ କ'ଣ ଅଟେ ?

(କ) ଜ୍ଞାନୀ (ଖ) ଗ୍ୟାନ

(ଗ) ଅଜ୍ଞାନୀ (ଘ) ଜ୍ଞାନ

୩୧. ପାପ କେଉଁ ରୂପ ଧାରଣ କରି ଅଜ୍ଞାନ ମନୁଷ୍ୟକୁ ଆକର୍ଷଣ କରେ ?

(କ) ସୌମ୍ୟ (ଖ) କମ୍ୟ

(ଖ) ରମ୍ୟ (ଘ) ଭୌମ୍ୟ

୩୨. ତରଙ୍ଗେ ଦୋହଲି ଦୋହଲି ଆସେ ______________

ଉପରୋକ୍ତ ଶୂନ୍ୟସ୍ଥାନକୁ ଉପଯୁକ୍ତ ପଦରେ ପୂରଣ କର।

(କ) ଜାହାଜ (ଖ) ପୋତ

(ଗ) ତରଣୀ (ଘ) ବୋଇତ

୩୩. ଦୁଃଖୀ ମନରେ କାହାର ଉତ୍ଥାନ ପତନ ଘଟିଥାଏ ?

(କ) ନିରାଶା (ଖ) ଆନନ୍ଦ

(ଗ) ଆଶା (ଘ) ଉଲ୍ଲାସ

୩୪. ଦୀପଶିଖାର ଉଠିବା ପଡ଼ିବାକୁ କାହା ସହିତ ତୁଳନା କରାଯାଇଛି ?

(କ) ମଣିଷର ଯିବା ଆସିବା

(ଖ) ଜନ୍ମମୃତ୍ୟୁ ସହିତ (ଗ) ଦୁଃଖୀ ମନର ଆଶା

(ଘ) ସୁଖୀ ଜୀବନର ନିଶା ସହିତ

୩୫. ନିଶାଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

(କ) ନିଶ୍ଚଳ (ଖ) ଗମ୍ଭୀର

(ଗ) କୋଳାହଳ (ଘ) ସ୍ତବ୍ଧ

୩୬. ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ – ରେଖାଙ୍କିତ ପଦର ଅର୍ଥ କ'ଣ ?

(କ) ଆକାଶ (ଖ) ଅଗ୍ନି

(ଗ) ପୃଥିବୀ (ଘ) ଜଳ

୩୭. ଜ୍ୟୋତ୍ସ୍ନା ଲୋକରେ ଜଳସ୍ଥଳ ଓ ଆକାଶମଣ୍ଡଳ ଅର୍ଥାତ୍ ସୃଷ୍ଟି କିପରି ଦେଖାଯାଉଛି ବୋଲି କବି ବର୍ଣ୍ଣନା କରିଛନ୍ତି ?

(କ) ପାରଦ ଧୌତ ପରି

(ଖ) ଜ୍ୟୋତ୍ସ୍ନା ବିଧୌତ ପରି

(ଗ) ଅତ୍ୟନ୍ତ ବିଶଦ

(ଘ) ଛାୟା ଆକାରରେ ଅତ୍ୟନ୍ତ ସ୍ୱଚ୍ଛ

୩୮. ହ୍ରଦର ମଧ୍ୟଭାଗରେ କାହାର ପ୍ରତିବିମ୍ବ ଦେଖାଯାଉଛି ?

(କ) ମନ୍ଦିର (ଖ) ଦ୍ୱୀପ

(ଗ) ସମୁଦ୍ରର (ଘ) ପ୍ରସ୍ତରର

୩୯. କ୍ଷୀରୋଦ ସୋଦର କିଏ ବୋଲି କବିତାରେ କୁହାଯାଇଛି ?

(କ) ଶିବ (ଖ) ଇନ୍ଦ୍ର

(ଗ) ରତ୍ନାକର (ଘ) ଚନ୍ଦ୍ର

୪୦. ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଳେ – ରେଖାଙ୍କିତ ପଦର ଅର୍ଥ କ'ଣ ?

(କ) ପ୍ରସ୍ତରଖଣ୍ଡ (ଖ) ବାଲିଗରଡ଼ା

(ଗ) ବୃକ୍ଷଲତା (ଘ) ବାଲୁକାରାଶି

୪୧. ସ୍ନିଗ୍ଧ ତରୁପତ୍ରରେ କାହାର ପ୍ରତିବିମ୍ବ ପ୍ରତିଫଳିତ ହୁଏ ?

(କ) ଚନ୍ଦ୍ର (ଖ) ଇନ୍ଦ୍ର

(ଗ) ଶିବ (ଘ) ଧ୍ରୁବତାରା

୪୨. 'ଚନ୍ଦ୍ରଚୂଡ' କବିତାରେ କାହାକୁ କୁହାଯାଇଛି ?

(କ) ବ୍ରହ୍ମା (ଖ) ବିଷ୍ଣୁ

(ଗ) ଶିବ (ଘ) ଇନ୍ଦ୍ର

୪୩. ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

(କ) ଝରଣାର ଝରନାଦ

(ଖ) ଜ୍ୟୋତ୍ସ୍ନାପୂର୍ଣ୍ଣ ରାତ୍ରି

(ଗ) ମତ୍ସ୍ୟଜୀବୀଙ୍କ କୋଳାହଳ

(ଘ) ପର୍ଯ୍ୟଟକଙ୍କ କୋଳାହଳ

୪୪. ନିମ୍ନଲିଖିତ ଶବ୍ଦଗୁଡିକ ମଧ୍ୟରୁ କେଉଁ ଶବ୍ଦଟି ରାତ୍ରିକୁ ବୁଝାଉଛି ?

(କ) ପ୍ରତ୍ୟୁଷ (ଖ) ନିଶୀଥିନୀ

(ଗ) ଉଷା (ଘ) ପ୍ରଦୋଷ

୪୫. ସର୍ପଭୂଷିତ ଚନ୍ଦ୍ରଚୂଡଙ୍କ ତନୁ ଭଳି କ'ଣ ଶୋଭାପାଉଛି ବୋଲି କବି କହିଛନ୍ତି ?

(କ) ତରୁପତ୍ର (ଖ) ବୃକ୍ଷରାଜି

(ଗ) ଛାୟ ମିଶ୍ରିତ ବନସ୍ଥଳୀ (ଘ) ନାବଗୁଡିକ

୪୬. କଳିର ଉପଦ୍ରବରେ ଲୋକାଳୟ କିଏ ତ୍ୟାଗ କରିଛନ୍ତି ?

(କ) ଶାନ୍ତି (ଖ) ଶୂନ୍ୟତା

(ଗ) ନୀରବତା (ଘ) ଅଜ୍ଞାନତା

୪୭. ଚିଲିକା ! ତୋହର ଏହି ଶୋଭାବନ

................ ଦୃଶ୍ୟ ସାୟନ୍ତନ।

ଉକ୍ତ ପଦଟିର ଶୂନ୍ୟଥିବା ପଦଟି ପୂରଣ କର ।

(କ) ଜ୍ୟୋସ୍ନାମୟ (ଖ) ଦ୍ୱୀପଶୈଳମୟ

(ଗ) ଗିରିବନୋତ୍ସବ (ଘ) ବର୍ଣ୍ଣୋତ୍ସବମୟ

୪୮. ଜୀବନ ପ୍ରତି କେଉଁ ବାର୍ତ୍ତା ଉକ୍ତ କବିତାକୁ ଅତି ସୁନ୍ଦର କରିଛି ?

(କ)ସତ୍ୟବାର୍ତ୍ତା (ଖ) ଐତିହ୍ୟବାର୍ତ୍ତା

(ଗ) ଶାଶ୍ୱତବାର୍ତ୍ତା (ଗ) ସୌନ୍ଦର୍ଯ୍ୟବାର୍ତ୍ତା

୪୯. ମତ୍ସଜୀବୀମାନେ କାହା କଥା ଏକ ଧ୍ୟାନରେ ଭାବି ମତ୍ସ୍ୟଧରି ପ୍ରତ୍ୟାବର୍ତ୍ତନ କରୁଛନ୍ତି ?

(କ) ଗୃହ କଥା (ଖ) ଜୀବିକା କଥା

(ଗ) ଜୀବନ କଥା (ଘ) ଚିଲିକା ସୌନ୍ଦର୍ଯ୍ୟ କଥା

୫୦. କାହାର ଶିଖରରେ ସନ୍ଧ୍ୟାତାରା ଦେଖାଯିବା କଥା କବି ଏହି କବିତାରେ କହିଛନ୍ତି ?

(କ) ପାରିକୁଦ (ଖ) ନଳବଣ

(ଗ) ମାଲୁଦ(ଘ) ଭାଲେରି

## ଉତ୍ତରମାଳା

୧. (କ) ୨. (ଗ) ୩. (କ) ୪. (ଘ) ୫. (ଖ) ୬. (କ)୭. (ଘ)

୮. (କ) ୯. (ଗ) ୧୦. (କ) ୧୧. (ଖ) ୧୨.(ଗ) ୧୩.(ଖ)୧୪. (ଖ)

୧୫. (କ) ୧୬.(କ) ୧୭.(ଗ) ୧୮. (ଖ) ୧୯. (କ) ୨୦.(ଗ)୨୧. (କ)

୨୨. (ଗ) ୨୩. (ଖ) ୨୪.(ଘ) ୨୫ (ଗ) ୨୬. (କ) ୨୭.(ଗ)୨୮. (କ)

୨୯. (ଖ) ୩୦. (କ) ୩୧. (ଗ) ୩୨. (ଘ) ୩୩. (ଗ) ୩୪.(ଗ)୩୫. (କ)

୩୬. (ଗ) ୩୭. (କ) ୩୮. (ଖ) ୩୯. (ଘ) ୪୦. (ଖ) ୪୧.(କ)୪୨. (ଗ)

୪୩. (କ) ୪୪. (ଖ) ୪୫. (ଗ) ୪୬. (କ) ୪୭. (ଘ) ୪୮.(ଗ)୪୯.(କ)

୫୦. (ଘ)

## ଚିଲିକାର ସାୟନ୍ତନ ଦୃଶ୍ୟ

**ଦୀର୍ଘ ଉତ୍ତର ମୂଳକ –**

**ପ୍ର.୧. ପଠିତ କବିତା ଅନୁସରଣରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର ।**

ଉ. ଯୋଗଜନ୍ମା କୃତବର କବିବର ରାଧାନାଥ ରାୟ ଥିଲେ ଓଡ଼ିଆ ସାହିତ୍ୟର ଆବାହକ । ତାଙ୍କ ଲେଖନୀମୁନର ଧାର ରଚିଯାଇଥିଲା ଉତ୍କଳ ସାହିତ୍ୟର ଅନେକ ଅମର ଗାର । ଏହି ବରପୁତ୍ରଙ୍କ ରଚିତ 'ଉଷା, ମହାଯାତ୍ରା, ପାର୍ବତୀ, କେଦାରଗୌରୀ' ପ୍ରଭୃତି କୀର୍ତ୍ତିରାଜି ପାଠକଙ୍କ ହୃଦୟରେ ସୃଷ୍ଟି କରେ ଅପୂର୍ବ ସ୍ପନ୍ଦନ । କବିଙ୍କ ଚିଲିକା ନାମକ ଖଣ୍ଡକାବ୍ୟରୁ ଆନୀତ "ଚିଲିକାରେ ସାୟନ୍ତନ ଦୃଶ୍ୟ" କବିତାରେ କବି ରୂପସୀ ଚିଲିକାର ସାୟଂକାଳୀନ ଦୃଶ୍ୟକୁ ନିଜ କଳ୍ପନାନେତ୍ରରେ ଅବଲୋକନ କରି ତାର ଏକ ସୁନ୍ଦର ଚିତ୍ରପଟ ଅଙ୍କନ କରିଛନ୍ତି ।

କବି ଥିଲେ କଳ୍ପନାର ପୂଜାରୀ । ତାଙ୍କ କଳ୍ପନା ରାଜ୍ୟରେ ଭାସି ଉଠିଛି ଚିଲିକାର ସନ୍ଧ୍ୟାକାଳୀନ ଅତ୍ୟନ୍ତ ମନୋରମ ଦୃଶ୍ୟ । କବିଙ୍କ କଳ୍ପନା ଚାତୁରୀରେ ଚିଲିକାର ମନଲୋଭା ଦୃଶ୍ୟପଟ ଜୀବନ୍ତ ହୋଇ ଉଠିଛି, ଯଥା–

"ପ୍ରାଚୀମୂଳ ଏବେ ମୀନଜୀବୀ - ନାବେ,
ଛାହାକାରେ ଚିତ୍ର ଦିଶେ ଠାବେ ଠାବେ ।"

ସନ୍ଧ୍ୟାଗମନରେ ପୂର୍ବ ଦିଗ୍‌ବଳୟରେ ଚିଲିକା ମୁହାଣରେ ମାଛ ଧରୁଥିବା ମୀନଜୀବୀମାନଙ୍କର ନୌକାଗୁଡ଼ିକ ଛାୟାଚିତ୍ର ପରି ପ୍ରତୀୟମାନ ହୋଇଛି । ଏହି ସମୟରେ ଭାଲେରି ଶିଖରେ ଶୋଭା ପାଉଛି ସନ୍ଧ୍ୟାତାରା । ଏହା ଦେଖି ମୀନଜୀବୀମାନେ ନୌକାରେ ପାଲଟାଣି ଗୃହାଭିମୁଖେ ପ୍ରତ୍ୟାବ୍ରର୍ତ୍ତନର ମନୋରମ ଦୃଶ୍ୟ ଦେଖାଦେଇଛି କବିଙ୍କ ମାନସପଟ୍ଟରେ । ପ୍ରକୃତିରାଣୀ ସନ୍ଧ୍ୟାଦେବୀ ରୂପରେ ବିରାଜମାନକରି ଆକାଶରେ ଜ୍ୟୋତ୍ସ୍ନାସମ ଧବଳପରିବସ୍ତ୍ରା ଦଗଙ୍ଗନାମାନେ ଚଉଦିଗରେ ହସି ଉଠିଛନ୍ତି । ଚିଲିକାର ଧୀରବେଗଯୁକ୍ତ ମାରୁତରେ ଦୂରରୁ ବହି ଆସୁଥିବା ମୀନଜୀବୀମାନଙ୍କର କଣ୍ଠନିଃସୃତ କବିସୂର୍ଯ୍ୟଙ୍କ ଗୀତାମୃତର ସ୍ୱରଝଙ୍କାର ଚିଲିକା ବକ୍ଷରେ ବିରାଜମାନ କରିଥିବା ଅନୁଭବ କରି ଗାଇଛନ୍ତି –

"ଉଲ୍ଲାସର ଆତ୍ମା ପ୍ରାୟେ ଗୀତ ତାନ
ହ୍ରଦ ନୀଳ ବକ୍ଷେ କରେ ଅଧିଷ୍ଠାନ ।"

ସନ୍ଧ୍ୟା ଆଗମନରେ ପୋତପାଳମାନେ ନାବ ବକ୍ଷରେ ଜାଳିଥିବା ମଶାଲର ଶିଖା ଚିଲିକାର ଶୋଭାକୁ ଦ୍ୱିଗୁଣିତ କରିଛି । ସେହି ଶିଖା ପ୍ରତି ଆକୃଷ୍ଟ ହୋଇ ନାବଗର୍ଭକୁ ଲମ୍ଫ ଦେଉଥିବା ମୀନମାନଙ୍କର ଦୃଶ୍ୟ ପରିବେଶକୁ କରିଛି ଆକର୍ଷଣୀୟ । ରୂପସୀ ନାୟିକା ଚିଲିକାର ତରଙ୍ଗର ଉତ୍ଥାନପତନ ମଧ୍ୟରେ ଦୃଶ୍ୟମାନ ହୋଇ ପୁନର୍ବାର ଅନ୍ତର୍ହିତ ହୋଇଯାଉଥିବା ନାବଗୁଡ଼ିକର କମନୀୟ ଦୃଶ୍ୟ କବିଙ୍କୁ କରିଛି ଏକୀଭୂତ । ତେଣୁ କବି ଗାଇଛନ୍ତି –"ତରଙ୍ଗେ ଦୋହଲି ଦୋହଲି ବୋଇତ

ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ ।"

ରାତ୍ରିର ଆଗମନହେତୁ ଜନକୋଳାହଳ କ୍ରମଶଃ ଦୂରୀଭୂତ ହୋଇ ଚିଲିକାର ପରିବେଶ ହୋଇଛି ନୀରବ ନିଶ୍ଚଳ । ଛାୟାମିଶ୍ରିତ 'ଚନ୍ଦ୍ରାଲୋକରେ' ବନସ୍ଥଳୀ କବିଙ୍କ କଳ୍ପନା ନେତ୍ରରେ ସର୍ପଭୂଷିତ ଚନ୍ଦ୍ରଚୂଡ଼ଙ୍କ ପରି ପ୍ରତୀୟମାନ ହୋଇଛି ।

କବିଙ୍କ ଭାଷାରେ –"ସର୍ପେ ଚିତ୍ର ଚନ୍ଦ୍ରଚୂଡ଼ ତନୁ ଭଳି,
ଛାୟା – ମିଶ୍ର କର ଶୋଭେ ବନସ୍ଥଳୀ ।"

ଦୂର ଝରଣାର କୁଳୁକୁଳୁ ନାଦ, ଝିଙ୍କାରିର ଝଙ୍କାର ସହିତ ପ୍ରଶାନ୍ତନୀରବ ରୂପସୀ ଚିଲିକାର ଆକର୍ଷଣୀୟ ପରିବେଶରେ ମନ୍ତ୍ରମୁଗ୍ଧ ହୋଇ କବି ଚିଲିକାକୁ ଶାନ୍ତିଦେବୀଙ୍କ ଆଶ୍ରୟସ୍ଥଳ ରୂପେ ବିବେଚନା କରିଛନ୍ତି ।

"ଚିଲିକା ତୋହର ଏହି ଶୋଭାବନ
ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ ।"

# ଚିଲିକାରେ ସାୟନ୍ତନ ଦୃଶ୍ୟ (ଦୀର୍ଘ ଉତ୍ତର ମୂଳକ)

**୨. ଶଂସିତ କବିତା ଆଧାରରେ ମୀନଜୀବୀମାନଙ୍କର ଭାବାବେଗ ବର୍ଣ୍ଣନା କର ।**

ଉ. ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟାଭାବେ କବିବର ରାଧାନାଥ ରାୟ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା ଏ ଜାତିର ସୁପୁରୁଷ ଥିଲେ । ତାଙ୍କ ସାରସ୍ୱତ ଲେଖନୀ ନିଃସୃତ 'କେଦାରଗୌରୀ', 'ମହାଯାତ୍ରା', 'ନନ୍ଦିକେଶ୍ୱରୀ', 'ଉଷା' ପ୍ରଭୃତି ପ୍ରତିଭାସିକ୍ତ କାବ୍ୟରାଜି ତାଙ୍କୁ କାଳବକ୍ଷରେ ପ୍ରଦାନ କରିଛି ଅମରତ୍ୱ । 'ଚିଲିକା' ଖଣ୍ଡକାବ୍ୟରୁ ଆନୀତ "ଚିଲିକାରେ ସାୟନ୍ତନ ଦୃଶ୍ୟ" ଶୀର୍ଷକ କବିତାଟିରେ କବି ପ୍ରସଙ୍ଗକ୍ରମେ ମୀନଜୀବୀମାନଙ୍କ ଭାବାବେଗ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।

ପ୍ରକୃତି କବି ରାଧାନାଥ ରାୟଙ୍କ ନେତ୍ରରେ ଉଦ୍‌ଭାସିତ ହୋଇଉଠିଛି ରୂପସୀ ଚିଲିକାର ସାୟଂକାଳୀନ ଅପରୂପା ଛବି । ପୂର୍ବ ଦିଗ୍‌ବଳୟରେ ମୀନଜୀବୀମାନଙ୍କର ନାବଗୁଡ଼ିକ ଛାୟାଚିତ୍ର ପରି ପ୍ରତିଭାତ ହୋଇଛନ୍ତି । ଭାଲେରି ଶିଖରରେ ସନ୍ଧ୍ୟାତାରା ଦେଖି ନୌକାରେ ପାଲଟାଣି ଉଲ୍ଲସିତ ମନରେ ଗୃହାଭିମୁଖେ ପ୍ରତ୍ୟାବ□କ କରୁଥିବାବେଳେ ସେମାନଙ୍କକଣ୍ଠରୁ ଝରିଆସିଛି କବିସୂର୍ଯ୍ୟ ବଳଦେବ ରଥଙ୍କ ଗୀତାମୃତର ଅପୂର୍ବ ଝଙ୍କାର । "କିଶୋର ଚନ୍ଦ୍ରାନନ ଚମ୍ପୂ" ରଚନା କରି ଉତ୍କଳଭୁବନେ ଯିଏ ଅମର ଯଶକୀର୍ତ୍ତି ବହନ କରିଛନ୍ତି; ସେହି ବାଗ୍‌ଦେବୀଙ୍କ ବରପୁତ୍ରଙ୍କ ଗୀତମାଧୁରୀକୁ ମୀନଜୀବୀମାନେ ମନମତାଣିଆ ଭାବରେ ଗାନ କରିଛନ୍ତି । "ଗଲାଣିତ ଗଲା କଥାରେ ସଙ୍ଗାତ" ଗୀତଟି ଭାବୋଦ୍ଦୀପକ ଅଟେ । ଏହି ଗୀତଗାୟନବେଳେ ଚିଲିକାର ମନ୍ଦମାରୁତ ଦୂରରୁ ବହିଆଣି ସମସ୍ତଙ୍କ ହୃଦୟକୁ କରୁଛି ଉଲ୍ଲସିତ । ତେଣୁ ଭାବନାରେ ବିହ୍ୱଳ ହୋଇ କବିଙ୍କ ଭାଷାରେ –

"ଉଲ୍ଲାସର ଆତ୍ମା ପ୍ରାୟେ ଗୀତ ତାନ,
ହ୍ରଦ ନୀଳବକ୍ଷେ କରେ ଅଧିଷ୍ଠାନ ।"

"ଗଲାଣି ତ ଗଲା କଥାରେ ସଙ୍ଗାତ" ଏହି ସଙ୍ଗୀତର ଆବେଶ ଚିଲିକା ବକ୍ଷକୁ ଆନ୍ଦୋଳିତ କରିଛି । ଶ୍ରୋତା ପ୍ରାଣରେ ସୃଷ୍ଟି କରିଛି ଭାବାନ୍ତର । ରାତ୍ରିକାଳରେ ଗୃହ ପ୍ରତ୍ୟାବର୍ତ୍ତନ ସମୟରେ ମଧ୍ୟ ମୀନଜୀବୀମାନେ ମାଛ ଧରିବାର ଆବେଗକୁ ମଧ୍ୟ ତ୍ୟାଗ କରିପାରିନାହାନ୍ତି ।

ନୌକା ବକ୍ଷରେ ମଶାଲ ପ୍ରଜ୍ଜ୍ୱଳିତ କରି ମୀନମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ତେଣୁ କବିଙ୍କ ଭାଷାରେ – "ମୀନ - ଆକର୍ଷଣ - ଆଶେ ପୋତପାଳ, ତରଣୀରେ ଜାଳି ଦେଲେଣି ମଶାଲ ।"

ବାସ୍ତବରେ, କବିବର ସାରସ୍ୱତ ସାଧକ ରାଧାନାଥ ରାୟଙ୍କ ଲେଖନୀ ଚିଲିକା ବକ୍ଷରେ ମୀନଜୀବୀମାନଙ୍କର ଭାବାବେଗର ବର୍ଣ୍ଣନା ଅତ୍ୟନ୍ତ ଜୀବନ୍ତ ଓ ଭାବୋଦ୍ଦୀପକ ହୋଇଉଠିଛି ।

ବର୍ଣ୍ଣନା ସମୀକ୍ଷା – ମନେପଡ଼େ ଗୋପବନ୍ଧୁ ଦାସଙ୍କର ସେହି ସୁନ୍ଦର ପଦଟି ଯଥା –

"ରହ ରହ କ୍ଷଣେ ବାଷ୍ପୀୟ ସକଟ
ଦେଖିବି ଚିଲିକା ଚାରୁଚିତ୍ରପଟ ।"

* ଚାରୁଚିତ୍ରପଟଯୁକ୍ତା ଚିଲିକାରାଣୀ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣା ଅଟନ୍ତି ।
* ଚିଲିକାର ସୌନ୍ଦର୍ଯ୍ୟ ସହିତ ମୀନଜୀବୀମାନଙ୍କର ଭାବାବେଗ ଜଡ଼ିତ ।
* ସନ୍ଧ୍ୟାଗମରେ ମୀନଜୀବୀମାନେ ଏକଧ୍ୟାନରେ ଗୃହାଭିମୁଖୀ ହୋଇଛନ୍ତି ।
* କବିସୂର୍ଯ୍ୟଙ୍କ ଅମୃତ ଗୀତତାନ ମୀନଜୀବୀମାନଙ୍କ କଣ୍ଠରୁ ନିଃସୃତ ହୋଇଛି ।

## ସପ୍ରସଙ୍ଗ ସରଳାର୍ଥ

## ପଦ୍ୟ ନଂ.୪ (ଚିଲିକାରେ ସାୟନ୍ତନ)

ପ୍ର.୧. "ପ୍ରତିବିମ୍ବରାଜି ଦୀପ - ଶୈଳ - ତଳେ, ସ୍ୱଷ୍ଟାକାରେ ଶୋଭେ ହ୍ରଦ - ଅନ୍ତଃସ୍ଥଳେ ।"

ଉ. "ପ୍ରତିବିମ୍ବରାଜି ............... ଅନ୍ତଃସ୍ଥଳେ ।"

ଉକ୍ତ ପଦ୍ୟାଂଶଟି ପଠିତ "ସାହିତ୍ୟ ସିନ୍ଧୁ" ପୁସ୍ତକର "ଚିଲିକାରେ ସାୟନ୍ତନ" କବିତାରୁ ଆନୀତ 'ଚିଲିକା' କାବ୍ୟରୁ ସଂଗୃହୀତ ଏହି କ୍ଷୁଦ୍ର କବିତାରେ ଆଧୁନିକ କାବ୍ୟଜଗତର ଆବାହକ ରାଧାନାଥ ରାୟ ଚିଲିକାର ସାୟଂକାଳୀନ ଦୃଶ୍ୟ ହ୍ରଦ ଉପରେ କିଭଳି ପ୍ରତିଫଳିତ ହୋଇଛି ସେ ବିଷୟରେ ବର୍ଣ୍ଣନା କରିଛନ୍ତି ।

ବିଭାବରୀର ଆଗମନରେ ଜନ କୋଳାହଳ ଶୂନ୍ୟ ହୋଇଯାଇଛି ଅବନୀ । ପୃଥିବୀ ନିଶ୍ଚଳ ହୋଇପଡ଼ିଛି । ଆକାଶରେ ଜ୍ୟୋସ୍ନାପରିପ୍ଲୁତ ଦୃଶ୍ୟ ଅପୂର୍ବ ଶୋଭାଧାରଣ କରିଛି । ଜଳ, ସ୍ଥଳ ଓ ଆକାଶ ସ୍ୱଚ୍ଛ ଓ ନିର୍ମଳ ଶୋଭାରେ ସମଗ୍ର ସଂସାରସଂସାର ପାରଦଧୌତ ହେବାପରି ପ୍ରତୀୟମାନ ହୋଇଛି । ଚିଲିକାର ଅନ୍ତଃସ୍ଥଳରେ ସ୍ୱଷ୍ଟଭାବରେ ପ୍ରତିବିମ୍ବିତ ହୋଇ ଉଠୁଛି ଦୀପ ଓ ଗିରିରାଜିର ଶୋଭା । ସମଗ୍ର ସୃଷ୍ଟି ରଜତ ଜ୍ୟୋସ୍ନାଲୋକରେ ଭାସି ଉଠୁଥିବା ପରି ପ୍ରତୀୟମାନ ହୋଇଛି । ଏଥିରୁ କବିଙ୍କ ପ୍ରକୃତିପ୍ରାଣତାର ପରିଚୟ ସୁସ୍ପଷ୍ଟ ।

୨. "କଳି ଉପଦ୍ରବେ ତ୍ୟଜି ଲୋକାଳୟ, ଶାନ୍ତି କି ଏସ୍ଥଳେ ଭଜିଲେ ଆଶ୍ରୟ"

ଉ. କଳି ଉପଦ୍ରବେ .................. ଆଶ୍ରୟ ?

ଉକ୍ତ ପଦ୍ୟାଂଶଟି କବିବର ରାଧାନାଥଙ୍କ ରଚିତ "ଚିଲିକା" କାବ୍ୟରୁ ସଂଗୃହୀତ "ଚିଲିକାର ସାୟନ୍ତନ" କବିତାରୁ ଆନୀତ । ଏଠାରେ କବି ସାୟଂକାଳୀନ ଚିଲିକାର ଦୃଶ୍ୟ କିପରି ଶାନ୍ତିପ୍ରଦ, ତାହା ବର୍ଣ୍ଣନା କରିଛନ୍ତି ।

ରାତ୍ରିର ଆଗମନ ହେତୁ କ୍ରମଶଃ ଚିଲିକାର ପରିବେଶ ହେଉଛି ନୀରବ ନିଶ୍ଚଳ । ଜ୍ୟୋତ୍ସ୍ନାଲୋକରେ ସମଗ୍ର ଅଞ୍ଚଳ ପାରଦବିଧୌତ ପରି ପ୍ରତୀୟମାନ ହୋଇଛି । ଜ୍ୟୋତ୍ସ୍ନାପ୍ଳାବିତ କମନୀୟ ଶୋଭା ସହିତ ଅଖଣ୍ଡ ନୀରବତା ସତେ ଯେପରି ଶାନ୍ତିର ବା□ ପ୍ରଚାର କରୁଛି । ଦୂରରୁ ଭାସି ଆସୁଥିବା ଝରଣାର ଝରନାଦ ଓ ଝିଙ୍କାରିର ଝଙ୍କାର ସେହି ନୀରବତାକୁ ଭଙ୍ଗକରି ସତେ ଯେପରି ରାତ୍ରିର ପ୍ରଭାବକୁ ପ୍ରଚାର କରୁଛନ୍ତି । ଏପରି ଶାନ୍ତ କମନୀୟ ପରିବେଶରେ ଆନମନା ହୋଇ କବି ହୃଦୟ ଚିଲିକାକୁ ଶାନ୍ତିର ନିଳୟ ବୋଲି ଅନୁଭବ କରିଛି । ସତେ ଯେପରି ଶାନ୍ତିଦେବୀ କଳିଯୁଗରେ କଳି ଉପଦ୍ରବରୁ ରକ୍ଷାପାଇବା ନିମନ୍ତେ ଜନବସତିକୁ ତ୍ୟାଗକରି ଚିଲିକାର ପ୍ରଶାନ୍ତ ନିଳୟରେ ଆଶ୍ରୟ ନେଇଛନ୍ତି । ବାସ୍ତବିକ ପ୍ରକୃତିର ସୌନ୍ଦର୍ଯ୍ୟକୁ ମାନବକୁ ଶାନ୍ତି ଦେଇଥାଏ ।

**୩. "ପାପ ଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ, ତରୀ ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।"**

ଉ. "ପାପ ଗର୍ଭେ ............ ଦେବେ ପ୍ରାଣ ।"

ଉକ୍ତ ପଦ୍ୟାଂଶଟି "ଚିଲିକାରେ ସାୟନ୍ତନ" କବିତାରୁ ଆନୀତ । ଏହି କବିତାଟି କବିବର ରାଧାନାଥଙ୍କ "ଚିଲିକା" କାବ୍ୟରୁ ସଂଗୃହୀତ । ଏଠାରେ କବି ଜ୍ଞାନହୀନ ବ୍ୟକ୍ତିର ଜୀବନ କିପରି ବିପନ୍ନ ହୁଏ, ତାହା ପ୍ରତିପାଦନ କରିଛନ୍ତି ।

ସମୁଦ୍ର ମୁହାଣରେ ମାଛଧରି ସନ୍ଧ୍ୟାକାଳରେ ନୌକାରେ ପାଲ ଟାଣି ଘରକୁ ଫେରିବା ସମୟରେ କ୍ରମଶଃ ଚିଲିକା ବକ୍ଷରେ ଅନ୍ଧକାର ବିରାଜମାନ କରିଛି । ତେଣୁ ମୀନମାନଙ୍କୁ ଆକୃଷ୍ଟ କରାଇବାକୁ ପୋତିପାଳମାନେ ନୌକାବକ୍ଷରେ ମଶାଲ ପ୍ରଜ୍ଜ୍ୱଳିତ କରିଛନ୍ତି । ସେହି ମଶାଲକୁ ଦେଖି ଆକର୍ଷଣରେ ମୀନମାନେ ତରଣୀକୁ ଲମ୍ଫଦେଇ ମୃତ୍ୟୁବରଣ କରୁଛନ୍ତି । କବିଙ୍କ ସାରସ୍ୱତ ଦୃଷ୍ଟିରେ ସେହି ମଶାଲ ସଂସାରର ପାପମୂ□ ସଦୃଶ, ଯାର ରମ୍ୟରୂପରେ ବିମୋହିତ ହୋଇ ତାକୁ ସ୍ପର୍ଶ କରିବାକୁ ଆସି ମୀନଗଣ କାଳକବଳିତ ହୋଇଛନ୍ତି । ଯେପରି ବିଚାରହୀନ ଅଜ୍ଞାନ ବାହ୍ୟ ସୌନ୍ଦର୍ଯ୍ୟ ପ୍ରତି ଆଦୃଷ୍ଟ ହୋଇ ଅଜାଣତରେ ପାପାବ□ ମଧ୍ୟରେ ପଡ଼ି ଯନ୍ତ୍ରଣାଜର୍ଜରିତ ହୋଇ ପରିଶେଷରେ ଜୀବନାର୍ପଣ କରିଥାଏ ।

## (ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର)

# ମଙ୍ଗଳେ ଅଇଲା ଉଷା

**୧ । ମଙ୍ଗଳେ ଅଇଲା ଉଷା କବିତାର କେଉଁ କାବ୍ୟର ଅଂଶ ?**

(କ) ଇନ୍ଦୁମତୀ (ଖ) ତପସ୍ୱିନୀ

(ଗ) କେଦାର ଗୌରୀ (ଘ) କୀଚକବଧ

**୨ । "ମଙ୍ଗଳେ ଅଇଲା ଉଷା" କବିତାର କବି ପ୍ରକୃତିକୁ କେଉଁ ରୂପ ଦେଇଛନ୍ତି ?**

(କ) ମାନବ (ଖ) ଈଶ୍ୱର

(ଗ) ଦେବତା (ଘ) ଦାନବ

**୩ । କବି ଗଙ୍ଗାଧରଙ୍କ ରଚନାର ମୌଳିକତା କ'ଣ ?**

(କ) ପ୍ରାକୃତିକ ସୌନ୍ଦର୍ଯ୍ୟ (ଖ) ପ୍ରକୃତି ପ୍ରେମ

(ଗ) ପ୍ରକୃତିର ଜୀବନ୍ତ ରୂପାୟନ(ଘ) ପ୍ରାକୃତିକ ବିବିଧତା

**୪ । କବି ଗଙ୍ଗାଧର କବିତାରେ କେଉଁ ଗୁଣର ଅବତାରଣା କରିଛନ୍ତି ?**

(କ) ପ୍ରେମ ସୁଲଭ (ଖ) ଦାନ ସୁଲଭ

(ଗ) ସ୍ୱଭାବ ସୁଲଭ (ଘ) ଜନ ସୁଲଭ

**୫ । ଉଷାଙ୍କ ଚକ୍ଷୁକୁ କାହା ସହିତ ତୁଳନା କରାଯାଇଛି ?**

(କ) ପଦ୍ମକଢ଼ (ଖ) ନୀଳପଦ୍ମ

(ଗ) ମଉଳା ପଦ୍ମ (ଘ) ପ୍ରସ୍ଫୁଟିତ ପଦ୍ମ

**୬ । ନିମ୍ନଲିଖିତ କେଉଁ ପାଦଟି ଉଷାଙ୍କର ମାର୍ଜିତ ବ୍ୟବହାରର ସୂଚନା ଦିଏ ?**

(କ) ଦର୍ଶନ ତୃଷ୍ଣା ହୃଦୟରେ ବହି

(ଖ) ମୁକ୍ତାଧରି ଉପହାର (ଗ) କଳକଣ୍ଠ କଣ୍ଠେ କହିଲା (ଘ) ଦରଶନ ଦିଅ ସତୀ, ରାତି ପାହିଲା

**୭ । ଉଷାରାଣୀଙ୍କର ପ୍ରଶାନ୍ତ ରୂପ କ'ଣ ସୃଷ୍ଟି କରୁଅଛି ?**

(କ) ଭ୍ରମ (ଖ) ବିଶ୍ୱାସ

(ଗ) ଜୀବନ (ଘ) ଆଶ୍ୱାସନା

**୮ । କେଉଁ ସମୟରେ ଯୋଗ କରାଯାଏ ?**

(କ) ଉଷା (ଖ) ମଧ୍ୟାହ୍ନ

(ଗ) ସନ୍ଧ୍ୟା (ଘ) ରାତ୍ର

**୯ । ପ୍ରଭାତ ସମୟର ସୂର୍ଯ୍ୟଙ୍କୁ କ'ଣ କୁହାଯାଏ ?**

(କ) ମାର୍ତ୍ତଣ୍ଡ (ଖ) ଅରୁଣ

(ଗ) ବିବର୍ତ୍ତନ (ଘ) ରବି

**୧୦ । କେଉଁମାନଙ୍କୁ ନବଜୀବନ ଦେବାପାଇଁ ଉଷା ଆଗମନ କରିଛନ୍ତି ?**

(କ) ମର୍ତ୍ତ୍ୟବାସୀ (ଖ) ସ୍ୱର୍ଗବାସୀ

(ଗ) ପାତାଳବାସୀ (ଘ) ବିଶ୍ୱବାସୀ

**୧୧ । ପ୍ରକୃତି କି ପ୍ରକାର ଭାବରେ ସୀତାଙ୍କୁ ସ୍ୱାଗତ କରୁଛନ୍ତି ?**

(କ) ଅହମିକା (ଖ) ସ୍ୱଭାବ ସୁଲଭ

(ଗ) ତମଗୁଣ (ଘ) ଦୈବୀଗୁଣ

**୧୨ । ଯୋଗେଶ୍ୱରୀ କିଏ ?**

(କ) ଗୀତା (ଖ) ତପସ୍ୱିନୀ

(ଗ) ଉଷା (ଘ) ଅନୁକମ୍ପା

**୧୩ । ମାଗଧ କ'ଣ ?**

(କ) ଦୂତ (ଖ) ଭାଟ

(ଗ) ରାଜା (ଘ) ପ୍ରଜା

**୧୪ । ଲଳିତ ସ୍ୱର କାହାର ?**

(କ) କୁମ୍ଭାଟୁଆ (ଖ) ଭ୍ରମର

(ଗ) ସମୀର (ଘ) କଜଳପାତି

**୧୫ । ମୁନିମାନଙ୍କର ବେଦଧ୍ୱନି କେଉଁ କ୍ରମରେ ପ୍ରସାର ହେଲା ?**

(କ) ମର୍ତ୍ତ୍ୟ-ସ୍ୱର୍ଗ-ପାତାଳ (ଖ) ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ (ଗ) ପାତାଳ-ସ୍ୱର୍ଗ-ମର୍ତ୍ତ୍ୟ (ଘ) ସ୍ୱର୍ଗ-ପାତାଳ-ମର୍ତ୍ତ୍ୟ

**୧୬ । ସର୍ପ କେଉଁଥିରେ ଶୁଣେ ?**

(କ) କର୍ଣ୍ଣ (ଖ) ଚକ୍ଷୁ

(ଗ) ମୁଖ (ଘ) ନାକ

**୧୭ । ବେଦର ପ୍ରଥମ ଶବ୍ଦ କ'ଣ ?**

(କ) ନମଃ (ଖ) ତପ

(ଗ) ଓଁ (ଘ) ସ୍ୱାହା

**୧୮ । ବୀଣାର ଶବ୍ଦ କିପରି ?**

(କ) ଝଙ୍କାର (ଖ) ନାଦ
(ଗ) ସ୍ୱନ (ଘ) ସୁସୁରୀ

**୧୯ । କାହାର ପ୍ରଭାବରେ ଆଶ୍ରମ ବାସୀଙ୍କର ଶକ୍ତି ବର୍ଦ୍ଧିତ ହେଲା ?**
(କ) ବୀଣା ଝଙ୍କାର (ଖ) ମନ୍ତ୍ର
(ଗ) ବେଦଧ୍ୱନୀ (ଘ) ଓଁକାର

**୨୦ । ସୀତାଙ୍କୁ ମା'ଙ୍କ ପରି ଲାଳନପାଳନ କରୁଥିବା ତପସ୍ୱିନୀଙ୍କ ନାମ କ'ଣ ?**
(କ) ଉଷା (ଖ) ସରସ୍ୱତୀ
(ଗ) ଅନୁକମ୍ପା (ଘ) ବ୍ରହ୍ମଚାରିଣୀ

**୨୧ । ଅନୁକମ୍ପା କେଉଁ ବିଧିରେ ଉଷାଙ୍କୁ ଦର୍ଶନ ଦେବାପାଇଁ କହିଲେ ?**
(କ) ସ୍ୱାମୀ-ମାଆ-ଅତିଥି (ଖ) ଅତିଥି-ସ୍ୱାମୀ-ମାଆ (ଗ) ମାଆ-ସ୍ୱାମୀ-ଅତିଥି (ଘ) ସ୍ୱାମୀ-ଅତିଥି-ମାଆ

**୨୨ । ତମସା କିପରି ସୁଖଲାଭ କରିବେ ବୋଲି ଅନୁକମ୍ପା କହିଛନ୍ତି ?**
(କ) ପାଖରେ ପାଇ (ଖ) କମ ମର୍ଦ୍ଦନ କରି
(ଗ) କୋଳ କରି (ଘ) ଗେଲ କରି

**୨୩ । ଜନକ ନନ୍ଦିନୀ କିଏ ?**
(କ) ଉଷା (ଖ) ଜାନକୀ
(ଗ) ଅନୁକମ୍ପା (ଘ) ତପସ୍ୱିନୀ

**୨୪ । ପଦ୍ମିନୀଙ୍କୁ କାହାଙ୍କ ସହିତ ତୁଳନା କରାଯାଇଛି ?**
(କ) ଉଷା (ଖ) ସୀତା
(ଗ) ସୁନ୍ଦରୀ ସ୍ତ୍ରୀ (ଘ) ସୂର୍ଯ୍ୟ

**୨୫ । କାହାଙ୍କର ମଙ୍ଗଳ କାମନା ପାଇଁ ସୀତା ଉଷାଙ୍କୁ ଅନୁରୋଧ କରିଛନ୍ତି ?**
(କ) ରାମଚନ୍ଦ୍ର (ଖ) ବାଲ୍ମିକୀ
(ଗ) ଅନୁକମ୍ପା (ଘ) ତମସା

**୨୬ । କବିତାରେ ରଘୁବଂଶୀକ କାହାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?**
(କ) ରାମଚନ୍ଦ୍ର (ଖ) ଲକ୍ଷ୍ମଣ
(ଗ) ଅଯୋଧ ବାଣୀ (ଘ) କୌଶଲ୍ୟା

**୨୭ । ରବି ଆଗମନର ବାର୍ତ୍ତା କିଏ ପ୍ରଚାର କରନ୍ତି ?**
(କ) ସୂର୍ଯ୍ୟ (ଖ) ମୁନିଗଣ (ଗ) ଉଷା (ଘ) ସୀତା

**୨୮ । ସୂର୍ଯ୍ୟଙ୍କର ଜ୍ୟୋତି କିଏ ଆହରଣ କରେ ?**
(କ) ଉଷାରୁ କୋମଳ ଚରଣ (ଖ) ସୀତାଙ୍କର କୋମଳ ଚରଣ (ଗ) ତମସାଙ୍କର କୋମଳ ଚରଣ (ଘ) ଅନୁକମ୍ପାଙ୍କର କୋମଳ ଚରଣ

**୨୯ । ଆଶ୍ରମ ଧାତ୍ରୀ କାହାକୁ କୁହାଯାଇଛି ?**
(କ) ସୀତା (ଖ) ତପସ୍ୱିନୀ (ଗ) ତମସା
(ଘ) ମୁନିକନ୍ୟା

**୩୦ । ତମସା କେଉଁ ନୟନରେ ସୀତାଙ୍କ ଆଗମନକୁ ଅପେକ୍ଷା କରିଥିଲା ?**
(କ) ମୀନ (ଖ) ଶୁଭ (ଗ) କ୍ଷୀଣ (ଘ) ରାଜୀବ

**୩୧ । ସୀତାଙ୍କୁ ସ୍ୱାଗତ କରିବା ପାଇଁ ତମସା କ'ଣ ଜାଳି ଦେଇଥିଲା ?**
(କ) ମଙ୍ଗଳ ଦୀପାଳି (ଖ) ବହ୍ନି
(ଗ) ଆଲୋକ (ଘ) ଅଗ୍ନି

**୩୨ । ମଙ୍ଗଳ ପ୍ରଦୀପ କିଏ ?**
(କ) ମୀନ ନୟନ (ଖ) ପ୍ରଭାତୀ ତାରା
(ଗ) ତମସା (ଘ) ଉଷା

**୩୩ । ମୁନିକନ୍ୟାମାନଙ୍କର କେଉଁ ଆଚରଣରେ ସୀତା ପ୍ଲାବିତ ହେଲେ ?**
(କ) ଆଦର (ଖ) ଆଗ୍ରହ (ଗ) ଅନୁକମ୍ପା (ଘ) କ୍ରୁର

**୩୪ । ତମସା କେଉଁ କରରେ ସୀତାଙ୍କୁ ଆଲିଙ୍ଗନ କଲେ ?**
(କ) ପଲ୍ଲବ (ଖ) ତରଙ୍ଗ (ଗ) ପଦ୍ମ (ଘ) କୁସୁମ

## ଉତ୍ତରମାଳା

୧. (ଖ) ୨. (କ) ୩. (ଗ) ୪. (ଗ) ୫. (ଘ) ୬. (ଗ) ୭. (ଖ) ୮.(କ) ୯. (ଖ) ୧୦. (କ) ୧୧. (ଖ) ୧୨. (ଗ) ୧୩. (ଗ) ୧୪. (ଘ) ୧୫. (କ) ୧୬. (ଖ) ୧୭.(ଗ) ୧୮.(କ) ୧୯. (ଖ) ୨୦. (ଗ) ୨୧. (କ)୨୨.(ଗ) ୨୩.(ଖ) ୨୪. (ଖ) ୨୫. (କ) ୨୬. (କ) ୨୭. (ଗ) ୨୮. (କ) ୨୯. (ଗ) ୩୦. (କ) ୩୧. (କ) ୩୨. (ଖ) ୩୩. (କ) ୩୪. (ଖ)

## (ସପ୍ରସଙ୍ଗ ସରଳାର୍ଥ ଓ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନୋତ୍ତର)

# ମଙ୍ଗଳେ ଅଇଲା ଉଷା

**୧ ।  ସପ୍ରସଙ୍ଗ ସରଳାର୍ଥ :**

**"ତମସା ରହିଛି ଅନାଇ**
**କୋଳ କରିଥାରେ ସୁଖ ଲଭିବା ପାଇଁ ।"**
**କିମ୍ବା "ସତୀଙ୍କି ତମସା ଅଙ୍କରେ**
**ଘେନି ସ୍ନେହେ ଆଲିଙ୍ଗଲା ତରଙ୍ଗରେ ।"**

**ଉତ୍ତର –** ଉକ୍ତ ପଠିତାଂଶଟି ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗ 'ମଙ୍ଗଳେ ଅଇଲା ଉଷା' କବିତାରୁ ଆନୀତ । ସୀତାଙ୍କର ଆଗମନରେ ଆଶ୍ରମର ପ୍ରକୃତି ସ୍ୱଭାବ ସୁଲଭ ମାନବୀୟ ଗୁଣରେ ସୀତାଙ୍କ ସାନ୍ନିଧ୍ୟ ଲାଭ କରିବା ପାଇଁ କିପରି ଚଳଚଂଚଳ ତାହାକୁ ସୁନ୍ଦର ଭାବରେ ସ୍ୱଭାବ କବି ଗଙ୍ଗାଧର ମେହେର 'ତପସ୍ୱିନୀ' କାବ୍ୟକୁ କରିଛନ୍ତି ଓଡ଼ିଆ ଭାଷା ସାହିତ୍ୟର ଅନବଦ୍ୟ କାବ୍ୟ ।

ଆଶ୍ରମ ଧର୍ମ ପାଳନ ପୂର୍ବକ ସୀତା ଶଯ୍ୟା ତ୍ୟାଗ କରି ମା' ଅନୁକମ୍ପାଙ୍କର ନିର୍ଦ୍ଦେଶରେ ତମସାର ଜଳଧାରାକୁ ଆବଗାହନ ପାଇଁ ଯାଇଛନ୍ତି । ସହଚରୀ ଅନୁକମ୍ପାମାନଙ୍କର ସାନ୍ନିଧ୍ୟର ଗଙ୍ଗା ପ୍ଲାବନ ସୀତାଙ୍କୁ କରିଛି ଅଭିଭୂତ ।

ସୀତାଙ୍କୁ ସ୍ୱାଗତ କରିବା ପାଇଁ ତମସାଙ୍କର ଭବ୍ୟ ଆୟୋଜନ ସୀତାଙ୍କୁ ଦେଇଛି ନବଜୀବନ ।

ତମସା ଆଶ୍ରମ ପ୍ରାଙ୍ଗଣରେ ଫୁଲର ଗାଲିଚା ବିଛାଇ ଦେଇଛି । ସୁବାସିତ ଜଳ ଫୁଲଗୁଡ଼ିକରେ ସିଂଚନ କରିଛି । ଅତିଥି ଆଗମନ ପାଇଁ ପ୍ରଭାତୀ ତାରା ରୂପକ ମଙ୍ଗଳ ଦୀପାଳି ଜାଳି ଅପଲକ ମୀନ ନୟନରେ ଅପେକ୍ଷା କରିଛି । ସୀତାଙ୍କୁ ତରଙ୍ଗ ରୂପକ କରରେ ଆଲିଙ୍ଗନ କରି ତମସା ହୋଇଛି ଜଗତ ଧନ୍ୟା ।

- ଆଶ୍ରମ ପ୍ରାଙ୍ଗଣରେ ଫୁଲ – ଗାଲିଚା
- ଫୁଲର ସୁଗନ୍ଧ ଯୁକ୍ତ ଶିଶିରୁ ବିନ୍ଦୁ – ଅତର
- ମଙ୍ଗଳ ପ୍ରଦୀପ – ପ୍ରଭାତୀ ତାରା
- ମୀନ ନୟନ – ତମସାର ଚକ୍ଷୁ

ସୁତରାଂ କବି କବିତାର ପଂକ୍ତିଗୁଡ଼ିକର ସୁନ୍ଦର ବର୍ଣ୍ଣନା କରି କାବ୍ୟକୁ କରିଛନ୍ତି କାଳଜୟୀ ଏବଂ ବିଶ୍ୱଜନାଦୃତ

ପ୍ରସଙ୍ଗର ଭାବାର୍ଥ – ସତୀ ସୀତାଙ୍କ ସାନ୍ନିଧ ଲାଭ କରିବା ପାଇଁ ତମସାର ଭବ୍ୟ ଆୟୋଜନ ଏବଂ ମିଳନାନୁଭୂତି ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର –**

**୧ ।  ସୀତାଙ୍କୁ ସମବେଦନା ଜଣାଇବା ପାଇଁ ଆଶ୍ରମ ପ୍ରକୃତିର ଭବ୍ୟ ଆୟୋଜନ ବର୍ଣ୍ଣନା କର ।**

**କିମ୍ବା, ସ୍ୱାମୀ ପରିତ୍ୟକ୍ତା ରାଜରାଣୀ ସୀତାଙ୍କୁ ସ୍ୱାଗତ ଜଣାଇବା ପାଇଁ ପ୍ରକୃତିରାଣୀ ଉଷାଙ୍କର ରାଜକୀୟ ଆଗମନକୁ ବର୍ଣ୍ଣନା କର ।**

**କିମ୍ବା, ରାଜରାଣୀ ସୀତାଙ୍କର ଦୁଃଖ ଦୂର କରିବା ପାଇଁ ସ୍ୱଭାବ ସୁଲଭ ମାନବୀୟ ଗୁଣରେ ପ୍ରକୃତିର ସ୍ୱାଗତକୁ ବର୍ଣ୍ଣନା କର ।**

**ଉତ୍ତର –** କବି ରଙ୍ଗାଜୀବ ଗଙ୍ଗାଧରଙ୍କର ଚିନ୍ତା ଚେତନାର ଅଭିବ୍ୟକ୍ତ ତପସ୍ୱିନୀ କାବ୍ୟ । ଉତ୍ତର ରାମାୟଣର କଥାବସ୍ତୁ ଆଧାରରେ ସ୍ୱଭାବ କବିଙ୍କର ଲେଖନୀ ନିଃସୃତ ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗ ଆମର ପଠିତାଂଶ ।

ସ୍ୱାମୀ ପରିତ୍ୟକ୍ତା ସୀତାଙ୍କୁ ସ୍ୱାଗତ କରିବା ପାଇଁ ଆଶ୍ରମ ପ୍ରକୃତି କିପରି ନିଜର ସ୍ୱଭାବ ସୁଲଭ ମାନବୀୟ ଗୁଣରେ ଆଗମନ କରିଛି ତାହା କବିତାର ବୈଶିଷ୍ଟ୍ୟତା ।

ରାଜଧର୍ମ ପାଳନ ପୂର୍ବକ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ପତ୍ନୀ ସୀତାଙ୍କୁ ନିର୍ବାସନ ଦଣ୍ଡ ଦେଇଛନ୍ତି । ସ୍ୱାମୀ ପରିତ୍ୟକ୍ତା ହୋଇ ରାଜରାଣୀ ସୀତା ବାଲ୍ମୀକିଙ୍କ ଆଶ୍ରମରେ ପ୍ରଥମ ରାତ୍ରି ଯାପନ କରିଛନ୍ତି । ଆଶ୍ରମର କଠୋର ନୀତି ନିୟମକୁ ଆଦରି ନେଇ ରାଜରାଣୀ ସୀତା କୁଟୀରରେ ଅବସ୍ଥାନ କରି ତପସ୍ୱିନୀ ବେଶ ଧାରଣ କରିଛନ୍ତି । ରାତିଶେଷରେ ଉଷା ଆଗମନ କରିଛି ।

ଉଷା ଏକ ସମୟର ଅବଧି । ଅରୁଣ ଆଗମନର ପ୍ରାରମ୍ଭ ସମୟ ମଙ୍ଗଳ ମୁହୂର୍ତ୍ତ ।

କବି ଗଙ୍ଗାଧର ପ୍ରକୃତିକୁ ଜୀବନ୍ତ ରୂପ ଦେଇ କଳ୍ପନାର କୋଣାର୍କ ଗଢ଼ିଛନ୍ତି । ଉଷା ପ୍ରକୃତି ରାଣୀ ସ୍ୱାମୀ ପରିତ୍ୟକ୍ତା ରାଜରାଣୀଙ୍କୁ ସମବେଦନା ଜଣାଇବା ପାଇଁ ଉଷା ରାଣୀ ଆଶ୍ରମକୁ ଆଗମନ

କରିଛନ୍ତି । ରାଜରାଣୀ ସୀତାଙ୍କୁ ଦର୍ଶନ କରିବା ପାଇଁ ପ୍ରକୃତି ରାଣୀ ଉଷା ପ୍ରସ୍ଫୁଟିତ ପଦ୍ମ ନେତ୍ରରେ ଉତ୍ସୁକତାର ସହ ଚାହିଁ ରହିଛନ୍ତି । ସାଧାରଣତଃ ଉଷା ସମୟ ମଙ୍ଗଳ ସମୟ । କବିଙ୍କ କଳ୍ପନାରେ –

ବିକଚ – ରାଜୀବ ଦୃଶା

ବିକଚ – ବି ଉପସର୍ଗ – କଚ୍ ଧାତୁ ଅର୍ଥାତ୍ ବିଶେଷ ଭାବରେ ଖୋଲିଥିବା

ରାଜୀବ – ରା + ଜୀବ – 'ରା' ଅର୍ଥାତ୍ ସୂର୍ଯ୍ୟଙ୍କୁ ବୁଝାଏ

ସୂର୍ଯ୍ୟଙ୍କୁ ଜୀବନ ବୋଲି ଧରଛି ଯିଏ – ପଦ୍ମ

ଦୃଶା – ଦୃଶ୍ ଧାତୁ ଝାପ୍ ପ୍ରତ୍ୟୟ – ଯେଉଁଥିରେ ଦୃଶ୍ୟମାନ ହୁଏ – ଚକ୍ଷୁ

ସଦ୍ୟ ପ୍ରସ୍ଫୁଟିତ ଉଷାଙ୍କର ଚକ୍ଷୁ । ପ୍ରସ୍ଫୁଟିତ ପଦ୍ମ ନେତ୍ରରେ ସୀତାଙ୍କର ଦର୍ଶନ ନିମନ୍ତେ ଉଷା ଅପେକ୍ଷା କରିଛନ୍ତି ।

କୋମଳ ପତ୍ର ଉପରେ କାକରର ବିନ୍ଦୁଗୁଡ଼ିକ ମୁକ୍ତା ପରି ଦେଖାଯାଉଛି । ଉଷା କାକର ମୁକ୍ତାକୁ ଉପହାର ଆଣି ଆସିଛନ୍ତି ।

ସାଧାରଣ ସିଷ୍ଟାଚାର ସ୍ୱରୂପ ସୀତାଙ୍କ ବିଶ୍ରାମ କୁଟୀରର ପ୍ରାଙ୍ଗଣରେ ରହି କୋମଳ କୋକିଳ ସ୍ୱରରେ ସୀତାଙ୍କୁ ଡାକି କହୁଛନ୍ତି । ହେ ସତୀ ରାତ୍ରି ଶେଷ ହେଲାଣି । ମୁଁ ଉଷା ଆସିଛି । ଦର୍ଶନ କରି ତୃପ୍ତି ଲାଭ କରିନି ।

ସୀତାଙ୍କର ତପସ୍ୱନୀ ବେଶ ଅନୁରୂପ ଅରୁଣ ରଙ୍ଗର ବସ୍ତ୍ର ପରିଧାନ କରି ପୁଷ୍ପ ଅଳଙ୍କାର ମଣ୍ଡିତା ହୋଇ ଯୋଗେଶ୍ୱରୀ ଉଷା ଆଶ୍ରମକୁ ଆଗମନ କରିଛନ୍ତି । ସୀତାଙ୍କୁ ସ୍ୱାମୀ ସୁଖ ଭୁଲି ନବ ଜୀବନ ଦାନ କରି ଯୋଗେଶ୍ୱରୀ ହୋଇ ବଂ୍ଚିବାକୁ ଆହ୍ୱାନ ଦେଇଛନ୍ତି ।

"ଦେବା ପାଇଁ ନବଜୀବନ ସ୍ୱର୍ଗୁଳି ଓହ୍ଲାଇଛନ୍ତି
ମର୍ତ୍ତ୍ୟଭବନ ।"

ସୀତାଙ୍କୁ ସ୍ୱାଗତ କରିବା ପାଇଁ ପ୍ରକୃତିରାଣୀ ଭବ୍ୟ ଆୟୋଜନ କରିଛନ୍ତି । ଉଷାଙ୍କର ନିର୍ଦ୍ଦେଶରେ ମୃଦ୍ୟୁ ସମୀରଣ ସଙ୍ଗୀତ ଗାନ କରୁଛି । ଭ୍ରମର ବୀଣା ବାଦନ କରୁଛି । ଫୁଲ ଗୁଡ଼ିକର ସୁଗନ୍ଧି, ପବନର ତାଳେ ତାଳେ ନାଚି ଯାଉଛି । କୁମ୍ଭାଟୁଆ ଭାଟ ହୋଇ ସ୍ତବ ଗାନ କରୁଛି ।

କଜଳପାତି ମୁଖ୍ୟ ଭାଟ ହୋଇ ଲଳିତ ମଧୁରେ କହିଲା

"ଉଠ ସତୀ ରାଜ୍ୟରାଣୀ ରାତି ପାହିଲା ।"

ବାସ୍ତବରେ କବିଙ୍କର କଳ୍ପନାରେ ନିର୍ଜୀବ ପ୍ରକୃତି ଜୀବନ୍ତ ମାନବୀୟ ରୂପ ଗୁଣ ଧାରଣ କରି ବାଲ୍ମିକୀ ଆଶ୍ରମକୁ ଆଗମନ କରିଛି । ସୀତାଙ୍କୁ ଦର୍ଶନ କରି ସମବେଦନା ଜଣାଇବା ପାଇଁ ।

**୨ । ପତି ପରିତ୍ୟକ୍ତା ସୀତାଙ୍କର ପତି ଉକ୍ତିରେ ପଟ୍ଟାନ୍ତର ନାହିଁ । ବର୍ଣ୍ଣନା କର ।**

**କିମ୍ବା, "ପତି ଏକା ସତୀ ମତି ଚରଣ" କବିତା ଆଧାରରେ ବର୍ଣ୍ଣନା କର ।**

**ଉତ୍ତର –** କବି ହୃଦୟର ଚିନ୍ତା ଚେତନାର ଅଭିବ୍ୟକ୍ତ ସ୍ୱରୂପ ସ୍ୱଭାବକବି ଗଙ୍ଗାଧରଙ୍କର ଉତ୍ତର ରାମାୟଣ ଆଧାରିତ ତପସ୍ୱିନୀ କାବ୍ୟ । ଅଯୋଧ୍ୟାର ସୀତା ସ୍ୱାମୀ ଧର୍ମ ପାଳନ ପୂର୍ବକ ନିର୍ବାସିତା । ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗରେ ବାଲ୍ମିକୀ ଆଶ୍ରମରେ ତପସ୍ୱିନୀ ସୀତାଙ୍କର ପହିଲି ପ୍ରଭାତରେ ପତ୍ନୀ ହୃଦୟର ବେଦନା ଏବଂ ପତି ପତ୍ନୀର ମଧୁର ସମ୍ପର୍କର ନିଖୁଣ ଚିତ୍ରକୁ ଉପସ୍ଥାପନ କରି କବି ହୋଇଛନ୍ତି କାଳଜୟୀ ।

ସୀତାଙ୍କର ଆଗମନରେ ଆଶ୍ରମ ପ୍ରକୃତି ହୋଇଛି ଚଳଚଂ୍ଚଳ । ପ୍ରକୃତି ତା'ର ମାନବୀୟ ସ୍ୱଭାବ ସୁଲଭ ଢ଼ଙ୍ଗରେ ସ୍ୱାଗତ କରିଛି ସୀତାଙ୍କୁ । ଆଶ୍ରମର ଅନ୍ତେବାସିନୀ ବୃଦ୍ଧା ତପସ୍ୱିନୀ 'ଅନୁକମ୍ପା' ଯେ କି ସୀତାଙ୍କୁ ମାତୃସ୍ନେହ ଦେଇ ଲାଳନ ପାଳନ କରୁଥିଲେ, ସେ ପ୍ରଭାତ ସମୟରେ ସୀତାଙ୍କୁ ଆସନ ତ୍ୟାଗ କରି ପ୍ରକୃତିରାଣୀ ଉଷାଙ୍କୁ ବିଧିପୂର୍ବକ ଦର୍ଶନ ଦେବା ପାଇଁ ଉପଦେଶ ଦେଇଛନ୍ତି ।

କବି କାବ୍ୟର ତୃତୀୟ ସର୍ଗରେ ବର୍ଣ୍ଣନା କରିଛନ୍ତି ।

ଅନୁକମ୍ପା ନାମେ ବୃଦ୍ଧାଏ କରି
ସତୀଙ୍କି କୋଳ
ପୋଛି ଦେଲେ କର କମଳେ
ତାଙ୍କ ଭାଲ କପୋଳ ।
ଯେଉଁ ସୁଖ ପାଇ ନଥିଲେ
ସତୀ ବାଲ୍ୟ ଜୀବନେ
ସେହି ସୁଖ ସତୀ ଲଭିଲେ
ଆଜି ବାଲ୍ମୀକୀ ବନେ ॥"

ମା' ଅନୁକମ୍ପାଙ୍କର ଡାକରେ ସୀତା, ଶନ୍ଧ୍ୟା ତ୍ୟାଗ କରି ମା'ଙ୍କର ନିର୍ଦ୍ଦେଶ ପୂର୍ବକ ପ୍ରଥମେ ତାଙ୍କର ଶୋକ ଜର୍ଜରିତ ହୃଦୟ ଫଳକରେ ରାମଚନ୍ଦ୍ରଙ୍କର ପ୍ରତିମୂର୍ତ୍ତିକୁ ଧାରଣ କରିଛନ୍ତି ।

କବିତାରେ ରୂପକ ଅଳଙ୍କାରର ବହୁଳ ବ୍ୟବହାର କରି କବି କହିଛନ୍ତି -

"ପଦ୍ମିନୀ ହୃଦ ଶିଖିର ବିନ୍ଦୁରେ ଖର ରଶ୍ମିର
ପ୍ରତିବିମ୍ବ ପରି ବୀର ରାମ ମୂରତି ।"

କବିଙ୍କର ଚିନ୍ତାଧାରାରେ -

- ପଦ୍ମଫୁଲ ରୂପକ ସୀତାଙ୍କର ହୃଦୟ ଫଳକ
- ଶୋକ ରୂପକ ଶିଖିର ବିନ୍ଦୁ
- ପତି ରାମଚନ୍ଦ୍ରଙ୍କୁ ସୂର୍ଯ୍ୟ ରଶ୍ମି ସହିତ ତୁଳନା କରିଛନ୍ତି ।

ସତୀ ସୀତା ପ୍ରଥମେ ରାମଚନ୍ଦ୍ରଙ୍କୁ ହୃଦୟ ପଦ୍ମରେ ଧାରଣ କରି ବିଧିପୂର୍ବକ ମା'ଙ୍କର ପାଦରେ ପ୍ରଣାମ କରିବା ପରେ ଦର୍ଶନ ଅପେକ୍ଷାର୍ଥିନୀ ଉଷାଙ୍କୁ ଦର୍ଶନ ଦେଇ ପ୍ରଶଂସାର ତାଜମହଲ ଗଢ଼ି ରାମଚନ୍ଦ୍ରଙ୍କର ଶୁଭକାମନା କରି କହିଛନ୍ତି-

"ଶୁଭ ସମ୍ପାଦିନୀ ହୁଅ ରଘୁବଂଶୀ କେ ।"

ପତି ହେଉଛି ପତ୍ନୀର ଇହକାଳ ପରକାଳର ଦେବତା । ଏହାକୁ ବର୍ଣ୍ଣନା କରିବାକୁ ଯାଇ କବି ପ°ମ ସର୍ଗରେ ଉପସ୍ଥାପନ କରିଛନ୍ତି -

ସତୀ ହୃଦ ଶ୍ୟାମ ଶ୍ରୀରାମମୟ
ସେ ହୃଦୟ ହରିପାଦ ପଚୟ
କ୍ରମେ ହେଲେ ଘନଶ୍ୟାମ ବରନ
ସତୀ ଏକା ପତିମତି ଚରଣ
ଅବୟବ କାନ୍ତିମାନ
ଆକର୍ଷିତ ହୋଇ କୁସୁଖେ କୁସୁମେ
କ୍ରମେ ଯାଇକଲେ ସ୍ଥାନ ।"

'ସ୍ୱାମୀ ସ୍ତ୍ରୀର ପରମ ବାନ୍ଧବ, ଈଶ୍ୱର, ଗୁରୁ, ଇହକାଳ ପରକାଳର ଦେବତା ।' କବିଙ୍କ ଭାଷାରେ -

ସ୍ୱାମୀଗୁରୁ ସ୍ୱାମୀ ପରମବାନ୍ଧବ
ସ୍ୱାମୀ ସେବା ନାରୀ ଧର୍ମ
ସ୍ୱାମୀ ପଦେ ଭକ୍ତି ଅର୍ଚ୍ଚନାରେ ମତି
ରଖି ତୁ କରିବୁ କର୍ମ ।" (ପ୍ରଣୟ ବଲ୍ଲରୀ)

# ଜାଗ ବନ୍ଧନ ହରା

**୧ । କବି ଅନନ୍ତ ପଟ୍ଟନାୟକ କେଉଁ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ ?**

(କ) ଖୋର୍ଦ୍ଧା (ଖ) ପୁରୀ
(ଗ) ଗଞ୍ଜାମ (ଘ) ମୟୁରଭଞ୍ଜ

**୨ । ନବଯୁଗ ସାହିତ୍ୟ ସଂସଦର କେଉଁ ଅଧିବେଶନରେ ଏହି କବିତାଟିକୁ ପ୍ରାରମ୍ଭିକ ସଂଗୀତ ରୂପେ ଗାନ କରାଯାଇଥିଲା ?**

(କ) ୪ର୍ଥ (ଖ) ୫ମ (ଗ) ୧ମ (ଘ) ୩ୟ

**୩ । କେଉଁ କବିତା ପୁସ୍ତକ ପାଇଁ କବି ଅନନ୍ତ ପଟ୍ଟନାୟକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ ?**

(କ) ରକ୍ତଶିଖା (ଖ) ଅବାନ୍ତର
(ଗ)କି°ତ(ଘ)ଛାଇର ଛଟା

**୪ । କପିର ସମାଜ ଗଠନ କରାଯିବା କଥା କବିତାରେ କୁହାଯାଇଛି ?**

(କ) ସମ୍ଭ୍ରାନ୍ତଶାଳୀ (ଖ) ବିତ୍ତଶାଳୀ
(ଗ) ଶୋଷଣ ଯୁକ୍ତ
(ଘ) ଶୋଷଣମୁକ୍ତ ଓ ଶ୍ରେଣୀହୀନ

**୫ । 'ଜାଗ ବନ୍ଧନ ହରା' କବିତାରେ କାହାର ଜୟଗାନ କରାଯାଇଛି ?**

(କ) ସାମ୍ୟବାଦ (ଖ) ମାନବବାଦ
(ଗ) ଉଗ୍ରବାଦ (ଘ) ଜାତୀୟତା ବାଦ

**୬ । କବି ଅନନ୍ତ ପଟ୍ଟନାୟକ କେବେ ଜନ୍ମଗ୍ରହଣ କରିଥିଲେ ?**

(କ) ୧୯୧୨ (ଖ) ୧୯୧୩(ଗ) ୧୮୧୩ (ଘ) ୧୮୧୨

**୭ । ଅନନ୍ତ ପଟ୍ଟନାୟକ କେଉଁ ସମୟର କବିଥିଲେ ?**

(କ) ସ୍ୱାଧୀନତା ପରବର୍ତ୍ତୀ (ଖ) ସ୍ୱାଧୀନତା ପୂର୍ବବର୍ତ୍ତୀ (ଗ) ସ୍ୱାଧୀନତା ମଧ୍ୟବର୍ତ୍ତୀ (ଘ) ସ୍ୱାଧୀନତା ସମୟର

**୮ । 'ବନ୍ଧନ ହରା' ଏହା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?**

(କ) ବୃଦ୍ଧ (ଖ) ତରୁଣ (ଗ) ଶିଶୁ  (ଘ) କିଶୋର

**୯ । କ'ଣ ଲୋପ କରିବା ପାଇଁ କବିତାରେ କୁହାଯାଇଛି ?**

(କ) ସତୀଦାହ ପ୍ରଥା  (ଖ) ଜାତି ଉପଜାତି (ଗ) ବାଲ୍ୟବିବାହ (ଘ) ଧନୀ ଗରିବର ଭେଦଭାବ

**୧୦ । କେଉଁଠାରେ ମରଣ ସଂଗୀତ ଗାଇବା ପାଇଁ କବି କହିଛନ୍ତି ?**

କ) ଜନମ ଦୁଆରେ  (ଖ) ଶ୍ମଶାନରେ (ଗ) ମରଣ ଦୁଆରେ (ଘ) ଘରେ

**୧୧ । ଦୁଃଖ ଜ୍ୱାଳା କିପରି ପ୍ରଶମିତ ହେବ ?**

(କ) ହୁଳହୁଳି ଶବ୍ଦ (ଖ) ମହାମାନବର ଶଙ୍ଖଶବ୍ଦ

(ଗ) ମହାମାନବର ବାଣୀ (ଘ) ମାନମାନବର ସଂଗୀତ

**୧୨ । ମଣିଷ ମୁଣ୍ଡରୁ କ'ଣ ପୋଛିବା ପାଇଁ କବି କହିଛନ୍ତି ?**

(କ) ସ୍‌ତ ଅପମାନ  (ଖ) ସ୍‌ତ ଦୁଃଖ (ଗ) ସ୍‌ତ ଧନ  (ଘ) ସ୍‌ତ ପାପ

**୧୩ । କେଉଁଠାରେ ନିର୍ଝର ସୃଷ୍ଟି କରିବା ପାଇଁ କୁହାଯାଇଛି ?**

(କ) ନଦୀ (ଖ) ପାହାଡ଼ (ଗ) ଘର (ଘ) ମରୁପଥ

**୧୪ । 'ସନ୍ଧାନୀ' ଏହି ଶବ୍ଦଟି କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?**

(କ) ତରୁଣ ଗୋଷ୍ଠୀ  (ଖ) ବୃଦ୍ଧ ଗୋଷ୍ଠୀ (ଗ) ନାରୀ ଗୋଷ୍ଠୀ (ଘ) ଛାତ୍ର ଗୋଷ୍ଠୀ

**୧୫ । ସନ୍ଧାନ ପଥରେ କ'ଣ ମୁଣ୍ଡ ଟେକିବ ବୋଲି କବି କହିଛନ୍ତି ?**

(କ) ଫୁଲ  (ଖ) କ[। (ଗ) ଫୁଲହାର  (ଘ) ଗଛ

**୧୬ । ଲକ୍ଷ ଲକ୍ଷ ଲୋକଙ୍କ ଜୀବନରେ କେଉଁ ଧାରା ଖେଳାଇବାକୁ କବି ତରୁଣମାନଙ୍କୁ ଆହ୍ୱାନ କରିଛନ୍ତି ?**

(କ) ଅନ୍ଧାର (ଖ) ଆଲୋକ (ଗ) ହସ  (ଘ) ଦୁଃଖ

**୧୭ । କେଉଁ ପର୍ବତକୁ ତରୁଣମାନେ ଚୂର୍ଣ୍ଣ କରିପାରିବେ ?**

(କ) ପୀଡ଼ନ (ଖ) ଦୁଃଖର (ଗ) ଲୁହର  (ଘ) ହସର

**୧୮ । 'ତନ୍ଦ୍ରା ପରଶ' ଏହି ଶବ୍ଦର ଅର୍ଥ କ'ଣ ?**

(କ) କଷ୍ଟ  (ଖ) ଆଳସ୍ୟ (ଗ) ପରିଶ୍ରମ (ଘ) ନିଦ୍ରା

**୧୯ । ଭୟରେ କାହାର ପ୍ରାଣ କଂପିତ ହେବ ବୋଲି କବିତାରେ କୁହାଯାଇଛି ?**

(କ) ଗ୍ରହ ଉପଗ୍ରହ  (ଖ) ଚନ୍ଦ୍ର-ତପନ-ତାରା (ଗ) ସପ୍ତର୍ଷି ମଣ୍ଡଳ (ଘ) ଧୂମକେତୁ

**୨୦ । ମରୁପଥରେ କ'ଣ ସୃଷ୍ଟି କରିବା ପାଇଁ କହିଛନ୍ତି ?**

(କ) ନିର୍ଝର (ଖ) ନଦୀ (ଗ) ଗଛ (ଘ) ଘର

**୨୧ । ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?**

(କ) ବନ୍ଧନ ମୁକ୍ତ  (ଖ) ବନ୍ଧନ ଯୁକ୍ତ (ଗ) ସୁପ୍ତ  (ଘ) ଜାଗ୍ରତ

**୨୨ । ନବୀନ ଯୁଗର ତରୁଣ ଶୂନ୍ୟସ୍ଥାନ ପୂରଣ କର ।**

(କ) ଜାଗରେ  (ଖ) ଉଠରେ

(ଗ) ଖେଳରେ  (ଘ) କାନ୍ଦରେ

**୨୩ । 'ସ୍ୟନ୍ଦନ' କବିତାରେ ଏହାର ଅର୍ଥ କ'ଣ ?**

(କ) ଘର (ଖ) ରଥ (ଗ) ଦୁଃଖ  (ଘ) ଜାତି

**୨୪ । 'ସମ୍ମୁଖେ ତବ' - ଏଠାରେ 'ତବ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?**

(କ) ବୃଦ୍ଧ (ଖ) ଶିଶୁ (ଗ) ତରୁଣ  (ଘ) କିଶୋର

**୨୫ । ଭୁବନ ହସାଇବା ପାଇଁ କ'ଣ ଛିନ୍ନ କରିବା ପାଇଁ କୁହାଯାଇଛି ?**

(କ) ଦୁଃଖ (ଖ) ସୁଖ  (ଗ) ସ୍ୱପ୍ନ  (ଘ) ନିଦ୍ରା

**୨୬ । ବନ୍ଧନ ଛିଡ଼ିଲା ପରେ କେଉଁ ମାଳା ପିନ୍ଧିବା କଥା କୁହାଯାଇଛି ?**

(କ) ବିଜୟ (ଖ) ପରାଜୟ (ଗ) ଫୁଲ (ଘ) ତୁଳସୀ

**୨୭ । ତିମିର କାରା ଭାଙ୍ଗିବା ପାଇଁ କ'ଣ ଲଂଘିବା କଥା କୁହାଯାଇଛି ?**

(କ) ଘର (ଖ) ଶୈଳ ସାଗର (ଗ) ରାସ୍ତା  (ଘ) ବିପଦ

## ଉତ୍ତରମାଳା

୧. (କ) ୨. (ଗ) ୩. (ଖ) ୪. (ଘ) ୫. (ଖ) ୬. (କ) ୭. (କ) ୮.(ଖ) ୯. (ଖ) ୧୦. (ଗ) ୧୧. (ଖ) ୧୨. (କ) ୧୩. (ଘ) ୧୪. (କ) ୧୫. (ଖ) ୧୬. (ଖ) ୧୭.(କ) ୧୮.(ଖ) ୧୯. (ଖ) ୨୦. (କ) ୨୧.(ଘ)

୨୨.(କ) ୨୩.(ଖ) ୨୪.(ଗ) ୨୫.(ଘ) ୨୬.(କ) ୨୭.(ଖ)

# ଜାଗ ବନ୍ଧନ ହରା

**ସପ୍ରସଙ୍ଗ ସରଳାର୍ଥ ଲେଖ**

**୧ । ଭିନ୍ନ କରି ସେ ତନ୍ଦ୍ରାପରଶ**
**ହସାଅ ଭୁବନ ସାରା ।"**

**ଉତ୍ତର –** ଭିନ୍ନ କରି .................. ଭୁବନସାରା

ଉକ୍ତ ପଦ୍ୟାଂଶଟି "ଜାଗବନ୍ଧନ ହରା" ଶୀର୍ଷକ ପଦ୍ୟରୁ ଆନୀତ । ଏଠାରେ ପ୍ରଗତିବାଦୀ କବି ଅନନ୍ତ ପଟ୍ଟନାୟକ ମାନବ ସମାଜର ମଙ୍ଗଳସାଧନ ନିମିତ୍ତ ଅର୍ଥାତ୍ ଅତ୍ୟାଚାରର ତନ୍ଦ୍ରାକୁ ଦୂର କରି ସ୍ୱାଧୀନତାର ପ୍ରଭାତ ଆଣିଦେବା ପାଇଁ ତରୁଣମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

କବିଙ୍କ ମତରେ ଲକ୍ଷ୍ୟସ୍ଥଳରେ ପହଂଚିବାପାଇଁ ଚଲାପଥରେ ସନ୍ଧାନ କରୁ କରୁ, ସେହି ପଥରେ ଗତି କଲାବେଳେ ବାଧା, ବିଘ୍ନ, ବନ୍ଧୁରତା ଆଦି ତରୁଣ ସମାଜ ଆଗରେ ମଥାଟେକି ତାଙ୍କ ପଥରୋଧ କରିବାକୁ ଚେଷ୍ଟା କରିବେ । ଏହାସତ୍ତ୍ୱେ ସମାଜର ପ୍ରତିଷ୍ଠା ନିମନ୍ତେ ଶୋଷଣ, ପୀଡ଼ନ ଓ ଅନ୍ୟାୟ ବିରୋଧରେ ପ୍ରତିବାଦ କଲାବେଳେ ମାୟାମୋହର ବନ୍ଧନ ସମ୍ମୁଖରେ ଦ୍ୱନ୍ଦ୍ୱ ସୃଷ୍ଟି କରିବ । ମାୟାଜାଲରେ ସେ କୁହେଳିକା ତନ୍ଦ୍ରା ସ୍ପର୍ଶକୁ ଭେଦକରି ପ୍ରତିବନ୍ଧକକୁ ଅତିକ୍ରମ କରି ତରୁଣମାନଙ୍କୁ ଜଗତର ଉନ୍ନତି ସାଧନ ନିମିତ୍ତ ଚେଷ୍ଟା କରିବାକୁ ପଡ଼ିବ । ଏହାଦ୍ୱାରା ସମଗ୍ର ବିଶ୍ୱ ହସି ଉଠିବ ।

ନୂତନ ଯୁଗର ତରୁଣମାନଙ୍କ କବିଙ୍କର ଏଭଳି ଆହ୍ୱାନ ପ୍ରେରଣାଦାୟୀ ଅଟେ ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର –**

**୧ । ଏକ ସାର୍ଥକ ଉଦ୍‌ବୋଧନ କବିତା ଭାବରେ "ଜାଗ ବନ୍ଧନହରା" କବିତାର ମର୍ମ ଆଲୋଚନା କର ।**

**କିମ୍ବା, ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସମ୍ପର୍କରେ କବି କ'ଣ କହିଛନ୍ତି ବିଚାର କର ।**

**ଉତ୍ତର –** ଓଡ଼ିଆ ସାହିତ୍ୟ ଇତିହାସରେ ଅନନ୍ତ ପଟ୍ଟନାୟକ ଜଣେ ପ୍ରଗତିବାଦୀ କବି ରୂପେ ପରିଚିତ । 'ରକ୍ତଶିଖା', 'ଛାଇ ଛିଟା', 'ଅଲୋଡ଼ା ଲୋଡ଼ା' ପ୍ରଭୃତି କବିତା ସଙ୍କଳନ ତାଙ୍କ ସାରସ୍ୱତ ପ୍ରତିଭାର ଯଥାର୍ଥ ପରିଚୟ ସୃଷ୍ଟି କରିଥାଏ । ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନରେ ପ୍ରାରମ୍ଭିକ ସଙ୍ଗୀତ ରୂପେ ଗାନ କରାଯାଇଥିବା ଏହି କବିତାରେ ମାନବବାଦୀ କବି ଏକ ଶ୍ରେଣୀହୀନ, ଶୋଷଣମୁକ୍ତ ସମାଜ ଗଠନ କରିବା ପାଇଁ ନବଯୁଗର ତରୁଣମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ତରୁଣ ହିଁ ସମାଜର ମେରୁଦଣ୍ଡ ଓ ଭବିଷ୍ୟତ । ସେମାନେ ହିଁ ପୁରୁଣା ସମାଜକୁ ଭାଙ୍ଗି ଏକ ନୂତନ ସମାଜ ଗଢ଼ିବା ପାଇଁ ସମର୍ଥ । ତତ୍‌କାଳୀନ ସମାଜର ଲକ୍ଷ ଲକ୍ଷ ଉତ୍ପୀଡ଼ିତ ଜନତାର ଦୁଃଖ ଦେଖି କବିଙ୍କ ପ୍ରାଣ କାନ୍ଦି ଉଠିଛି । ତେଣୁ ସେମାନଙ୍କ ଦୁଃଖ ଦୂର କରି ତାଙ୍କ ହୃଦୟରେ ଆନନ୍ଦର ଧାରା ଖେଳାଇବା ନିମନ୍ତେ ଅସୀମ ତ୍ୟାଗ କରିବାକୁ କବି ତରୁଣମାନଙ୍କୁ ଆହ୍ୱାନ ଦେଇ ଗାଇଛନ୍ତି –

"ନବୀନ ଯୁଗରେ ତରୁଣ ଜାଗରେ
ଜାଗ ବନ୍ଧନହରା ।
ବକ୍ଷ ଶୋଣିତେ ଲକ୍ଷ ଜୀବନେ,
ଖେଳାଅ ଆଲୋକଧାରା ।"

ଆଧୁନିକ ସମାଜରେ ଗତିବିଧିକୁ ଲକ୍ଷ୍ୟ କରି କବି କହିଛନ୍ତି ଯେ, ଆମକୁ ଜାତି ଉପଜାତିରେ ଖଣ୍ଡ ବିଖଣ୍ଡିତ କରୁଥିବା ଭେଦଭାବକୁ ଦୂର କରିବା ସହ ମହାମାନବର ଶଙ୍ଖନାଦ କରି ଦୁଃଖର ଜ୍ୱାଳା ପ୍ରଶମିତ କରିବାକୁ କବି ତରୁଣମାନଙ୍କୁ ଆହ୍ୱାନ ଦେଇଛନ୍ତି । ମୃତ୍ୟୁ ଦ୍ୱାରରେ ଛିଡ଼ା ହୋଇ ଅମରସନ ଗାନ କରିବା ସହ ପ୍ରତିବାଦର ସ୍ୱର ଉତ୍ତୋଳନ କରି ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ମାନବ ଶରୀରରୁ ଅପମାନର ପର୍ବତକୁ ଦୂର କରିବା ପାଇଁ ଦୃଢ଼ବାଣୀ ଉପସ୍ଥାପନ କରିଛନ୍ତି ।

କବିତାରେ କବିଙ୍କ ଉକ୍ତିରେ ଯଥା :

"ପୋଛିଦିଅ ଆଜି ମାନବ ଶିରସୁଁ ସଂଚିତ ଅପମାନ ।
ଲଘି ବନାନୀ ଶୈଳୀ ସାଗର ଚୂରରେ ତିମିରକାରୀ ।"

ତରୁଣଗଣ ମରୁପଥରେ ନିର୍ଝରିଣୀ ସୃଷ୍ଟି କରି ଅନ୍ତରରେ ଚେତନାର ପ୍ରଦୀପ ପ୍ରଜ୍ୱଳିତ କରନ୍ତୁ ।

ସନ୍ଧାନପଥରେ ସମସ୍ତ ବାଧାବିଘ୍ନ ରୂପୀ କ[କକୁ ଅତିକ୍ରମ କରି ବିଶ୍ୱମାନବ ମୁଖରେ ହସ ଫୁଟାନ୍ତୁ । ଅତୀତର ଜୀର୍ଣ୍ଣ ଜୀବନକୁ ବିଦୀର୍ଣ୍ଣ କରିବା ସହ ପୀଡ଼ନର ପର୍ବତକୁ ଧ୍ୱଂସ କରି ବିଜୟର ମାଳା ପରିଧାନ କରିବାକୁ କବି ବିପ୍ଳବାତ୍ମକ ଭଙ୍ଗୀରେ ନବୀନ ଯୁଗର ତରୁଣମାନଙ୍କ ମାଧମରେ ସ୍ୱର ଉତ୍ତୋଳନ କରାଇଛନ୍ତି ।

କବିଙ୍କ ଭାଷାରେ ଯଥା –

"ଭାଜିପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।
ଜାଗ ବନ୍ଧନହରା ।"

**ଏକ ଶ୍ରେଣୀହୀନ ଶୋଷଣମୁକ୍ତ ସମାଜ ଗଠନ ନିମନ୍ତେ କବି ତରୁଣମାନଙ୍କୁ ସକଳ ବନ୍ଧନକୁ ଛିନ୍ନ କରିବା ପାଇଁ ମାନବବାଦୀ କବିଙ୍କ ଏହା ଏକ ବୈପ୍ଳବିକ ଆହ୍ୱାନ ଅଟେ ।**

ଏହି କବିତା ଏକ ଉଦ୍‌ବୋଧନ ଗୀତିକା ଅଟେ ।

# ସର୍ବସଂହା ମାଟି

**ସପ୍ରସଙ୍ଗ ସରଳାର୍ଥ ଲେଖ ।**

**୧ । ଅମାପ ଧରିଛୁଁ ଦେଏ ଟିକେ ମୋତେ**
**ନିଦା ହେଉ ମୋର ଛାତି ।**
**ନିଜେ ଦୁଃଖ ସହି ଏ ଜଗତ ପାଇଁ**
**ଲାଗିପଡ଼େ ଦିନରାତି ।**

**ଉତ୍ତର –** ଅମାପ ..................... ଦିନରାତି ।

ଉକ୍ତ ପଦ୍ୟାଂଶଟି ନାରୀକବି ବିଦ୍ୟୁତ୍ ପ୍ରଭାଦେବୀଙ୍କ ରଚିତ "ମାଟି ପାଣି ପବନ" କବିତା ସଂକଳନରୁ ସଂଗୃହୀତ 'ସର୍ବସଂହା ମାଟି' ଶୀର୍ଷକ କବିତାରୁ ଆନୀତ । ଏଠାରେ ନାରୀ କବି ବିଦ୍ୟୁତ୍ ପ୍ରଭାଦେବୀ ମାଟିମାଆକୁ ଧୈର୍ଯ୍ୟଶୀଳା ଓ ସହନଶୀଳା ବୋଲି ବ୍ୟାଖ୍ୟା କରିଛନ୍ତି ।

ନାରୀ କବିଙ୍କ ଦୃଷ୍ଟିରେ ଭାସି ଉଠିଛି ମାଟି ମାଆର ସର୍ବଂସହା ଓ ବାତ୍ସଲ୍ୟ ମମତାର ରୂପ । ସେ ସନ୍ତାନର ଜନ୍ମକାଳରୁ ସକଳ ଅଳି ଅର୍ଦ୍ଦଳି ଓ ଆଘାତ ସହି ସେ ସବୁକୁ କ୍ଷମା କରି ଦେଇଛି ଏବଂ ନିଜ ବକ୍ଷରେ ସାଇତି ରଖିଛି ସନ୍ତାନର ସମସ୍ତ ଆବଶ୍ୟକତାକୁ । ତା'ର ଶରୀର ପଥର ପରି କଠିନ ହେଲେ ମଧ୍ୟ ତା'ର ପ୍ରାଣ ଅତି କୋମଳ ଅଟେ । ତେଣୁ କବି ମାଟି ମାଆର ଧୈର୍ଯ୍ୟ ଓ ସର୍ବଂସହା ରୂପ ଦୃଷ୍ଟିରୁ ଜଗତର ସବୁ ଅଳି ଅର୍ଦ୍ଦଳି ସହି ଜଗତର କଲ୍ୟାଣ ନିମନ୍ତେ ଆତ୍ମ ନିୟୋଗ କରିପାରିବେ ।

ଏଠାରେ କବି "ଅନ୍ୟ ପାଇଁ କିଛି କରିବାକୁ ହେଲେ ନିଃସ୍ୱାର୍ଥପର ଭାବ ଶ୍ରେୟସ୍କର ବୋଲି" – ଏହି ମର୍ମବାଣୀ ପ୍ରକାଶ କରିଛନ୍ତି ।

ନିଜର ସନ୍ତାନ ପାଇଁ ମା'ର ଜୀବନ ଉତ୍ସର୍ଗୀକୃତ । ଚେତନଗର୍ଭା ଜନନୀର ଅନ୍ତରର କଥାକୁ ପ୍ରକାଶ କରି କବି କହିଛନ୍ତି ।

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର –**

**୧ । ପଠିତ କବିତା ଅବଲମ୍ବନରେ 'ମାଟି ମା' ପ୍ରତି କବିଙ୍କର ମନୋଭାବି ପରିଚୟ ପ୍ରଦାନ କର ।**

**କିମ୍ବା, ମାଟି ସର୍ବଂସହା – ଏହାର ଯଥାର୍ଥତା ପ୍ରତିପାଦନ କର ।**

**କିମ୍ବା, ଜନନୀ ପରି ମାଟି ମାଆ ଅମାପ ଧୈର୍ଯ୍ୟ ଓ ସହନଶୀଳା ବୋଲି ଉକ୍ତିଟିର ସତ୍ୟତା ପଠିତ କବିତା ଅବଲମ୍ବନରେ ଆଲୋଚନା କର ।**

**ଉତ୍ତର –** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଜଗତରେ ନାରୀ କବି ବିଦ୍ୟୁତ୍‌ପ୍ରଭା ଦେବୀ ଏକ ଜ୍ୱଳନ୍ତ ପ୍ରତିଭା । ତାଙ୍କ ରଚିତ କବିତା ପୁସ୍ତକ, ସର୍ବତା, ଉତ୍କଳ ସାରସ୍ୱତ ପ୍ରତିଭା, କନକାଞ୍ଜଳି, ଝରା ଶିଉଳି, ସ୍ୱପ୍ନଦୀପ ପ୍ରଭୃତି ତାଙ୍କ ସାହିତ୍ୟ ପ୍ରତିଭାକୁ କରିଛି ପରିଚିତ । ତାଙ୍କ ରଚିତ "ମାଟି ପାଣି ପବନ" କବିତା ପୁସ୍ତକରୁ ସଂଗୃହୀତ ସର୍ବସଂହା 'ମାଟି' ଶୀର୍ଷକ କବିତାର ନାରୀକବି ମାଟିକୁ ମାଆ ସହିତ ତୁଳନା କରି ତା'ର ଯଶୋଗାନ କରିଛନ୍ତି ।

ନାରୀ କବିଙ୍କ ଦୃଷ୍ଟି ଜନ୍ମଭୂମି ସର୍ବଂସହା ଅଟେ । ସେ ତା'ର ସନ୍ତାନ ପ୍ରତି ମମତ୍ୱ ଭାବ ଓ ସ୍ନେହ ଅବିରତ ଭାବରେ ଢ଼ାଳିଦିଏ । ସେ ତା'ର ସ୍ନେହ ମମତାକୁ ସମସ୍ତଙ୍କ ଉପରେ ସମାନ ଭାବେ ବା[ ଦେଇଛି । ତା ବକ୍ଷରେ ଫଳ, ମୂଳ, ପାଣିପବନ ସମସ୍ତଙ୍କୁ ଦେଇଛି ଶକ୍ତି ଓ ତୃପ୍ତି । ତା'ର ସନ୍ତାନମାନଙ୍କ ସୁଖ ଶାନ୍ତି ପାଇଁ ନିଜ ବକ୍ଷରେ ସବଳ ଘାସର କଅଁଳ ବିଛଣା ସଜାଇ ରଖିବା ସହ ରୋଗରୁ

ମୁକ୍ତି ପାଇଁ ରଖିଛି ଚେରମୂଳି ଔଷଧ । ଦେହ ସୁଖ ଲାଗି ପ୍ରକୃତି କୋଳରେ ନିଜକୁ ସବୁଜିମାମୟ କରି ପ୍ରକୃତିମାତା ରୂପରେ ନିଜ ସନ୍ତାନକୁ ସମସ୍ତ ପ୍ରକାର ମୌଳିକ ଚାହିଦା ଓଜାଡ଼ି ଦେଇଛି । ମନ ସୁଖ ଲାଗି ସମୁଦ୍ରରେ ହସ କଥା ଭରି ରଖିବା ସହ ତା ବଣ ପକ୍ଷୀର ଡାକରେ ଛାତି ଗର୍ବରେ ଫୁଲି ଉଠେ । ତେଣୁ ସ୍ୱର୍ଗ ଡାକିଲେ ମଧ୍ୟ ମାଟି ମାଆର କୋଳ ଛାଡ଼ି ଯିବାକୁ କବି ଅନିଚ୍ଛା ପ୍ରକାଶ କରିଛନ୍ତି ।

କବି କବିତାରେ ଗାଇଛନ୍ତି –

"ସରଗ ଡ଼ାକିଲେ ମନ
ବଳେ ନାହିଁ ଛାଡ଼ିବାକୁ ତୋର କାଖ ।"

ମାଟି ମାଆର ଶରୀର ପଥର ପରି କଠିନ ହେଲେ ମଧ୍ୟ ତା'ର ପ୍ରାଣ ଅତ୍ୟନ୍ତ କୋମଳ । ସେ ତା ସନ୍ତାନମାନଙ୍କର ସବୁ ଅଳି ଅର୍ଦ୍ଦଳି ସହି ସବୁ ରାଗରୋଷକୁ ଭୁଲିଯିବା ସହିତ ଯେତେ ଆଘାତ କଲେ ମଧ୍ୟ ବିସ୍ମୃତିମନା ବିଶାଳ ହୃଦୟା ଜନ୍ମଭୂମି କ୍ଷମା କରି ଦେଇଛନ୍ତି । ତେଣୁ ସେହି ଅମାପ ଧୈର୍ଯ୍ୟର ଅଧିକାରିଣୀ ମାଟି ମାଆ ଠାରୁ ଧୈର୍ଯ୍ୟ ଯାଚନା କରି କବି ଗାଇଛନ୍ତି –

"ଅମାପ ଧରିଛୁଁ ଦେଏ ଟିକେ ମୋତେ
ନିଦା ହେଉ ମୋର ଛାତି ।
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନରାତି ।"

ଦେବଭୂମି ବୀରଭୂମି ଭାରତ ଜନନୀ ହିଁ କବିଙ୍କର ମାଟିମାଆ, ସେହି ମାଟିମାଆର ମୁକ୍ତିରେ ହିଁ ସନ୍ତାନର ମୁକ୍ତି ଥାଏ । ମାଆ ଯଦି ଆନନ୍ଦମୟୀ ହୁଏ, ତାର ପିଲାର ଜୀବନ ହସ ଖୁସିରେ ଭରିଯାଏ । ତେଣୁ ଚେତନ ଗର୍ଭା ସେହି ମାଟିର ଅନ୍ତରର ଆଦେଶ ପାଳନ କରି ତାର ପଦଧୂଳିକୁ ମସ୍ତକରେ ବୋଳି ହୋଇ ମାଟି ମା'ର ଜୟଗାନ କରିବାକୁ କବି ଆଗ୍ରହ ପ୍ରକାଶ କରି ଗାଇଛନ୍ତି –

"ତୁହି ଦେବଭୂମି ତୁହି ବୀରଭୂମି
ତୁହି ମୋ ଭାରତ ମାଆ
ତୋର ପାଦଧୂଳି ମୁଣ୍ଡେ ହୋଇବୋଳି
ରଖିବି ତୋହର ନାଆଁ ।

ଜନନୀ ଓ ଜନ୍ମଭୂମିର ସେବା ପାଇଁ ପ୍ରତ୍ୟେକ ସନ୍ତାନ ଆଗେଇ ଆସିବା ଉଚିତ । ଏହା ହିଁ ମାତୃପ୍ରାଣା ନାରୀ କବି ବିଦ୍ୟୁତ୍ ପ୍ରଭାଦେବୀଙ୍କ ମନୋଭାବକୁ ପ୍ରତିଫଳିତ କରୁଛି ।

ବାସ୍ତବରେ "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।" ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କରି କବି କହିଛନ୍ତି–

ଚେତନ ଗରଭା ମାଟି, କେଉଁଠି ରଖିଛୁ
ଦେଖାଇଦେ ମୋର ଚେତନାର ଋବିକାଠି ।

# ଗଳ୍ପ ଓ ଏକାଙ୍କିକା ବିଭାଗ

# କାଠ

୧. କାଠ ଗଳ୍ପର ଗାଳ୍ପିକ କିଏ ?

(କ) ବଂଶୀଧର ସାମନ୍ତରାୟ
(ଖ) ବସନ୍ତ କୁମାର ଶତପଥୀ
(ଗ) ରବି ପଟ୍ଟନାୟକ
(ଘ) ଅନନ୍ତ ପଟ୍ଟନାୟକ

୨. ଗାଳ୍ପିକ କେଉଁ ଜିଲ୍ଲାର ବାସିନ୍ଦା ଅଟନ୍ତି ?

(କ) କେନ୍ଦୁଝର (ଖ) ସୁନ୍ଦରଗଡ
(ଗ) ଦେବଗଡ (ଘ) ମୟୂରଭଞ୍ଜ

୩. ଗାଳ୍ପିକ କ'ଣ କିଣିବା ପାଇଁ ଗୋଦାମରେ ପହଞ୍ଚିଥିଲେ ?

(କ) ପଟା (ଖ) ଲୁହା
(ଗ) ଚାଉଳ (ଘ) କାଠ

୪. କେଉଁ ଗୋଦାମରୁ ଲେଖକ କାଠ କିଣିଥିଲେ ?

(କ) ଭାରତ (ଖ) ଆକାଶ
(ଗ) ଶିବାନୀ (ଘ) ଆଦିବାସୀ

୫. ଲେଖକ ଗୋଦାମରୁ କିଣିଥିବା କାଠର ନାମ କ'ଣ ?

(କ) ପାଳଧୁଆ (ଖ) ପିଆଶାଳ
(ଗ) ଧଅ (ଘ) ଶାଳ

୬. ଲେଖକ ନିଜ ଘର ପାଇଁ କେତେ କୁଇଣ୍ଟାଲ କାଠ ଗୋଦାମରୁ କିଣିଥିଲେ ?

(କ) ତିନି (ଖ) ଦୁଇ

(ଗ) ଚାରି (ଘ) ଏକ

୭. ଗୋଦାମରୁ କିଣିଥିବା ଶୁଖିଲା ମୁଣ୍ଡା କାଠଟି କେତେ ବର୍ଷର ପୁରୁଣା ଥିଲା ?

(କ) ପାଞ୍ଚ ବର୍ଷ (ଖ) ଦୁଇ ବର୍ଷ

(ଗ) ଚାରି ବର୍ଷ (ଘ) ତିନି ବର୍ଷ

୮. ଜଙ୍ଗଲ ରାଜ୍ୟର ମୁଁ ଜାଣିଛି କେଉଁକାଠ କେମିତି ଜଳେ, ଏହା କାହାର ଉକ୍ତି ?

(କ) କାଠୁରିଆ (ଖ) ଗୋଦାମବାଲା

(ଗ) ଗାଞ୍ଜିକ (ଘ) ଠେଲାଗାଡି ବାଲା

୯. ଗୋଦାମରେ ଏକ କୁଇଣ୍ଟାଲ କାଠର ଦାମ୍ କେତେ ଟଙ୍କା ଥିଲା ?

(କ) ଦୁଇ ଟଙ୍କା (ଖ) ଆଠ ଟଙ୍କା

(ଗ) ଚାରି ଟଙ୍କା (ଘ) ବାର ଟଙ୍କା

୧୦. ଗାଞ୍ଜିକ ଖରାକୁ ପିଠି କରି ବସି ଖବର କାଗଜରୁ କ'ଣ ପଢୁଥିଲେ ?

(କ) ଆଜିର ମୁଖ୍ୟ ଖବର

(ଖ) କୃଷି ଓ କୃଷକ ବିଷୟର ଖବର

(ଗ) ଆଦିବାସୀମାନଙ୍କ ପ୍ରଗତି

(ଘ) ଖେଳସମ୍ବନ୍ଧୀୟ ଖବର

୧୧. କେଉଁମାନଙ୍କର ପର୍ବରେ ଧୂମ୍‌ସା ମାଦଳ ବଜାଯାଇଥାଏ ?

(କ) ମୁସଲମାନ (ଖ) ଜୈନ

(ଗ) ବୌଦ୍ଧ (ଘ) ସାନ୍ତାଳ

୧୨. ସଡକରୁ ଲେଖକଙ୍କ ଘର ଆଡକୁ କିଏ ଚଲି ଆସୁଥିବାର ଲେଖକ ଦେଖିଥିଲେ ?

(କ) ଗାଁର ମୁଖିଆ (ଖ) କାଠ ଚିରାଳି

(ଗ) ଫେରିବାଲା (ଘ) ଗାଦାମବାଲା

୧୩. କାଠ ଚିରାଳି କାଠ ଚରିବା ପାଇଁ କୁଇଣ୍ଟାଲ ପିଛା କେତେ ଟଙ୍କା କହିଥିଲା ?

(କ) ଦୁଇଟଙ୍କା ଆଠଅଣା (ଖ) ଦୁଇ ଟଙ୍କା

(ଗ) ତିନିଟଙ୍କା ବାରଅଣା (ଘ) ଚାରି ଟଙ୍କା

୧୪. ଗୁଦାମବାଲା ଗୁଦାମରେ ଚାବିଦେଇ କେଉଁ ଆଡେ ବୁଲି ଗଲା ?

(କ) ଜଙ୍ଗଲକୁ (ଖ) ନିଜ ଘରକୁ

(ଗ) ପାହାଡକୁ (ଘ) ବଜାରକୁ

୧୫. କିଏ ଦରଜା ପାଖରେ ଛିଡା ହୋଇ ଲେଖକ ଓ କାଠ ଚିରାଳିର ମୂଲଚାଲ ଶୁଣୁଥିଲା ?

(କ) ମୋତି (ଖ) ଚାକର

(ଗ) ଲେଖକଙ୍କ ସ୍ତ୍ରୀ (ଘ) କଲେଜ ପଢୁଆ ପୁଅ

୧୬. କାଠଚିରାଳି କ'ଣ ଦେହରେ ଘୋଡି ହୋଇଥିଲା ?

(କ) ରଙ୍ଗିନ ଚଦର (ଖ) ଓସାରିଆ କମ୍ବଳ

(ଗ) ଲମ୍ବା ଗାମୁଛା (ଘ) ନାଲିଧଡିର ଶାଢି

୧୭. ଅଳକ ଓସାର ନାଲି ଧଡିର ଶାଢିଟାକୁ ଦେହରୁ କାଢି ସେ କେଉଁ ଗଛ ଡାଳରେ ଲଟକାଇ ଦେଲା ।

(କ) ବେଗୁନିଆ ଗଛ (ଖ) ବାସଙ୍ଗ ଗଛ

(ଗ) ପିଜୁଳି ଗଛ (ଘ) ଆମ୍ବଗଛ

୧୮. କାଠକଟାଳିର ପରିବାର ପଣିଆ ଉପରେ ଲେଖକ କାହିଁକି ସନ୍ଦେହ କଲେ ?

(କ) ସେ ଅତି ଦୁର୍ବଳଥିଲା (ଖ) ପତଳା ଥିଲା

(ଗ) ବୟସ ଓ ଚେହେରା ଯୋଗୁଁ

(ଘ) ମୋଟାସୋଟା ଥିବାରୁ

୧୯. ଗୋଦାମରେ କାଠଟି କେତେ ବର୍ଷ ହେବ ପଡିଥିଲା ?

(କ) ଦୁଇବର୍ଷ (ଖ) ଚାରିବର୍ଷ

(ଗ) ତିନିବର୍ଷ (ଘ) ଏକ ବର୍ଷ

୨୦. ଏ କାଠକୁ ଯିଏ କାଟିବ ତାର କ'ଣ ହେବ ?

(କ) କୁରାଢି ଭାଙ୍ଗିଯିବ(ଖ) ହାଡ ଭାଙ୍ଗିଯିବ

(ଗ) କୁରାଢିର ବେଣ୍ଟ ଭାଙ୍ଗିଯିବ

(ଘ) ହାଡ ଫୁଟୁକାହୋଇ ଚମଡା ଛାଡିଯିବ ।

୨୧. କାଠୁରିଆର ଘର କେଉଁଠାରେ ?

(କ) ମୟୁରଭଞ୍ଜର ରାଇରଙ୍ଗପୁର ପାଖରେ

(ଖ) ମୟୁରଭଞ୍ଜର ବେତନଟୀ ପାଖରେ

(ଗ) ବାଲେଶ୍ୱରର ନୀଳଗିରି ପାଖରେ

(ଘ) ମୟୁରଭଞ୍ଜର ଉଦଳା ପାଖରେ

୨୨. 'ଯୁଦ୍ଧ ନାଗିଲା ବର୍ଷ କାଠୁରିଆ ତାର ପରିବାର ସହ କେଉଁଠିକୁ ପଳାଇ ଆସିଲା ?

(କ) ଚରମ୍ପା (ଖ) ରେମୁଣା

(ଗ) ବେତନଟୀ (ଘ) ମୟୁରଭଞ୍ଜ

୨୩. ସାନ୍ତାଳି ଭାଷାରେ ଡିର୍ଲାର ଅର୍ଥ କ'ଣ ?

(କ) ପୁଅ (ଖ) ଝିଅ

(ଗ) ସ୍ତ୍ରୀ (ଘ) ବଡଭାଇ

୨୪. କାଠୁରିଆର ଜମି ଜାଗାକୁ କେଉଁମାନେ ନେଇଗଲେ ?

(କ) ସରକାରୀ ବାବୁମାନେ (ଖ)ଗାଁ ଲୋକମାନେ

(ଗ) ହାଟୁଆମାନେ (ଘ) ନିଜର ଭାଇମାନେ

୨୫. କିଏ ଡେଇଁ ପଡି ଆଧୁନିକ କ୍ଲିଷ୍ଟ ଅବୋଧ କବିତାକୁ ତନ୍ନ ତନ୍ନ କରି ବିଶ୍ଲେଷଣ କରି ଅନ୍ତର୍ନିହିତ ସାରସତ୍ୱ ପ୍ରକଟ କରନ୍ତି।

(କ) ବିଶେଷଜ୍ଞମାନେ (ଖ) କବୀମାନେ

(ଗ) ପୋଖତ ସମାଲୋଚକମାନ

(ଘ) ଗାଁର ନେତାମାନେ

୨୬. କୁରାଢିର ଓଜନ କେତେ ଥିଲା ?

(କ) ତିନି କିଲୋ (ଖ)ଦେଢ କିଲୋ

(ଗ) ଚାରି କିଲୋ (ଘ) ଦୁଇ କିଲୋ

୨୭. କାଠୁରିଆ ସକାଳୁ କ'ଣ ଖାଇ ଆସିଥିଲା ?

(କ) ରୁଟି (ଖ)ଚାହା ଓ ମୁଢି

(ଗ) ଖାଲି କଂସାଏ ତୋରାଣି (ଘ)ବେଲେ ପଖାଳ

୨୮. ଲେଖକଙ୍କ ଘରେ କାମ କରୁଥିବା ଚାକର ପିଲାଟିର ନାମ କ'ଣ ?

(କ) ମୋତି (ଖ) ଚିନ୍ତା

(ଗ) ଚୈତନ୍ୟ (ଗ) ଆଲୁଆ

୨୯. କିଏ କହିଲା କାଠଚିରାଳିକୁ ରୁଟି ଦୁଇପଟ ଦେବା ?

(କ) ଲେଖକ

(ଖ) ଲେଖକଙ୍କ କଲେଜ ପଢୁଆ ପୁଅ

(ଗ) ଚୈତନ୍ୟ

(ଘ) ଲେଖକଙ୍କ ସ୍ତ୍ରୀ

୩୦. ରୁଟି ଦୁଇଖଣ୍ଡର ଦାମ କେତେ ବୋଲି ଲେଖକ କହିଥିଲେ ?

(କ) ଚାରଣା (ଖ) ଆଠଅଣା

(ଗ) ବାରଅଣା (ଘ) ପାଉଣା ଆଶାରେ

୩୧. ଲେଖକ ଘରେ ପୋଷିଥିବା କୁକୁରର ନାମ କ'ଣ ଥିଲା ?

(କ) ମୋତି (ଖ) ଟିପୁ

(ଗ) ଡନ୍ (ଘ) ଟାଇଗର

୩୨. କାହା ପାଦରେ ଚେନାଚେପେରା କାଠ ପଶିଯିବ ବୋଲି ଲେଖକ କାଠୁରିଆକୁ କହିଥିଲେ ?

(କ) ପୋଷା କୁକୁର ମୋତି

(ଖ) ଲେଖକଙ୍କ କଲେଜ ପଢୁଆ ପୁଅ

(ଗ) ଚୈତନ୍ୟ

(ଘ) ଲେଖକଙ୍କ ପାଦରେ

୩୩. କାଠ କାଟି ସାରି କାଠୁରିଆ ବେଗୁନିଆଁ ଗଛରୁ ଓଢଣି ଆଣି, କୁରାଢି କାନ୍ଧରେ ପକାଇ କେଉଁ ଆଶାରେ ଛିଡା ହେଲା ।

(କ) ଖାଇବା ଆଶାରେ

(ଖ) ଚେନା ଚେପରା କାଠ ବୋହିବା ଆଶାରେ

(ଗ) କାଠଗୋଲାକୁ ଯିବା ଆଶାରେ

(ଘ) ପାଉଣା ଆଶାରେ

୩୪. ଲେଖକ କାଠୁରିଆ ହାତକୁ ଦୁଇଖଣ୍ଡ ଦୁଇଟଙ୍କିଆ ନୋଟ ବଢାଇ ଦେଇ କେତେ ପଇସା ମାଗିଲେ ?

(କ) ଦୁଇ ଅଣା (ଖ) ଚାରଣା

(ଗ) ଆଠ ଅଣା (ଘ) ଦଶ ଅଣା

୩୫. ଚାରଣା ପଇସା ଫେରସ୍ତ ଦେବ ବୋଲି କାହା ଉପରେ ଲେଖକଙ୍କର ବିଶ୍ୱାସ ନଥିଲା

(କ) ଗୋଦାମ ବାଲା (ଖ) କାଠ ଚିରାଳି

(ଗ) ଚାକର ଚୈତନ୍ୟ (ଘ) ନିଜ ପୁଅ ଉପରେ

୩୬. କାଠୁରିଆ କାହିଁକି ଲେଖକଙ୍କୁ ଲାଲ୍ ଲାଲ୍ ଆଖିରେ ଚାହିଁଲା ?

(କ) ଖାଇବାକୁ ଦେଇ ନଥିବାରୁ

(ଖ) ନିଶା ଖାଇଥିବାରୁ

(ଗ) ତାର ପାଉଣା ନଦେବାରୁ

(ଘ) ଲେଖକଙ୍କ ତା ଉପରେ ବିଶ୍ୱାସ ନଥିବାରୁ

୩୭. କାଠୁରିଆର ରୁଦ୍ର ମୂର୍ତ୍ତି ଦେଖି ଲେଖକ କ'ଣ ଉପଲବ୍ଧି କଲେ ?

(କ) ବଡ ଭୁଲ କରିଛନ୍ତି (ଖ) ଠିକ୍ କରିଛନ୍ତି

(ଗ) ଲୋକଟା ମଦୁଆ (ଘ) ଲୋକଟା ରାଗୀ

୩୮. କାଠୁରିଆ ପ୍ରତି ଲେଖକଙ୍କର ଅଚରଣ ଓ ବ୍ୟବହାରରେ କ'ଣ ଥିଲା ?

(କ) ଆତ୍ମିୟତା (ଖ) ଆନ୍ତରିକତା

(ଗ) ଅନାବିଳ ସ୍ନେହ (ଘ) ସ୍ୱାର୍ଥ ଓ ପ୍ରତାରଣା

୩୯. ଲେଖକ କାହା ହାତରେ ନୋଟ ଦୁଇଟା କାଠୁରିଆକୁ ଦେବାପାଇଁ ପଠାଇ ଥିଲେ ?

(କ) ନିଜ ପୁଅ (ଖ) ସ୍ତ୍ରୀ ହାତରେ

(ଗ) ଚାକର ହାତରେ (ଘ)ଝିଅ ହାତରେ

୪୦. ଚୈତନ୍ୟ ହାତରେ ଟଙ୍କା ଦୁଇଟା ପଠାଇସାରି ଲେଖକ କାହିଁକି ତରବରରେ ଘର ଭିତରକୁ ପଶି ଆସି କବାଟ ବନ୍ଦ କରି ଦେଲେ ?

(କ) ସନ୍ଧ୍ୟା ହୋଇଯିବାରୁ

(ଖ) ଖାଇବା ସମୟ ଗଡିଯିବାରୁ

(ଗ) କଳ୍ପନାରେ ଆତଙ୍କିତ ହୋଇ

(ଘ) କାଠଚିରାଳି ଉପରେ ବିରକ୍ତି ହୋଇ

## ଉତ୍ତରମାଳା

**୧. (ଖ)୨. (ଘ)୩. (ଘ)୪. (କ) ୫. (ଗ)୬. (ଖ)୭. (ଗ)୮. (ଗ)୯. (କ)୧୦. (ଗ)**

**୧୧.(ଘ)୧୨. (ଖ)୧୩. (ଖ)୧୪. (ଗ)୧୫. (ଘ)୧୬.(ଘ)୧୭. (କ)୧୮.(ଗ)୧୯.(କ)୨୦. (ଘ)୨୧. (ଖ) ୨୨. (ଖ)୨୩. (ଗ)୨୪. (ଗ)୨୫. (ଗ)୨୬. (ଘ)୨୭. (ଗ)୨୮. (ଗ)୨୯. (ଗ)୩୦. (କ)୩୧. (କ)୩୨. (କ) ୩୩. (ଘ)୩୪. (ଖ) ୩୫. (ଖ)୩୬. (ଘ) ୩୭.(କ)୩୮. (ଘ)୩୯. (ଗ) ୪୦. (ଗ)**

# କାଳର କପୋଳ ତଳେ

୧. 'କାଳର କପୋଳତଳେ' ଗଳ୍ପର ଗାଳ୍ପିକ କିଏ ?

(କ) ସାରଳା ଦେବୀ

(ଖ) କାଳିନ୍ଦୀ ଚରଣ ପାଣିଗ୍ରାହୀ

(ଗ) ନନ୍ଦିନୀ ଶତପଥୀ (ଘ) ଉଷା ଦେବୀ

୨. ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ କିଏ ?

(କ) ସୁନନ୍ଦା ପଟ୍ଟନାୟକ

(ଖ) ନନ୍ଦିନୀ ଶତପଥୀ

(ଗ) କୁନ୍ତଳା କୁମାରୀ ସାବତ

(ଘ) ବୀଣା ଦେବୀ

୩. କେଉଁ ପୁସ୍ତକ ପାଇଁ ନଳିନୀ ଶତପଥୀ କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ ?

(କ) କେତୋଟି କଥା (ଖ) ସପ୍ତଦଶୀ

(ଗ) ଲଜ୍ଜା (ଘ)ଗାନ୍ଧି କଥାମୃତ

୪. କେଉଁ ନଦୀର ପାଣି ହଠାତ୍ ଫୁଲି ଉଠିଲା ?

(କ) ଦୟା (ଖ) ମହାନଦୀ

(ଗ) ରାଜୁଆ (ଘ) କୁଶଭଦ୍ରା

୫. ଅଙ୍ଗଦ ଚଉଧୁରୀଙ୍କ ଆଖି ଆଗରେ ଚାହୁଁ ଚାହୁଁ ପାଣି ରଙ୍ଗ ବଦଳି ଯାଇ କ'ଣ ହୋଇଗଲା ?

(କ) ନୀଳ (ଖ) ଲାଲ୍

(ଗ) ଧୂଷର (ଗ) କଳା

୬. କେଉଁ ପାହାଡର ପାଦଦେଶରେ, ବଡ ପଥର ମଣ୍ଡିଆ ଉପରେ ଅଙ୍ଗଦ ଚଉଧୁରୀ ବସି ରହିଥିଲେ ?

(କ) ବରୁଣେଇ (ଖ) ଖଣ୍ଡିଗିରି

(ଗ) ଗୋନାସିକା (ଗ) ଧଉଳି

୭. ଅଙ୍ଗଦ ଚଉଧୁରୀ କେଉଁ ବିଭାଗର ଛାତ୍ର ଥିଲେ ?

(କ) ପ୍ରତ୍ନତତ୍ତ୍ୱ (ଖ) ମନୋବିଜ୍ଞାନ

(ଗ) ରସାୟନ ବିଜ୍ଞାନ (ଘ) ଇତିହାସ

୮. ଅଙ୍ଗଦ ଚଉଧୁରୀ କେଉଁ ବିଶ୍ୱ ବିଦ୍ୟାଳୟରୁ ଗବେଷଣା କାର୍ଯ୍ୟରେ ଧଉଳି ପାହାଡ ନିକଟକୁ ଆସିଥିଲେ ?

(କ) ନାଳନ୍ଦା (ଖ) ମହେଞ୍ଜୋଦାର

(ଗ) ବିହାର (ଘ) ଉତ୍କଳ

୯. ଅଶୋକ କେଉଁ ରାଜ୍ୟର ସମ୍ରାଟ ଥିଲେ ?

(କ) କଳିଙ୍ଗ (ଖ) ମଗଧ

(ଗ) ନିଳଗିରୀ (ଘ) ମୟୁରଭଞ୍ଜ

୧୦. ଅଶୋକଙ୍କ ଶିଳାଲେଖରେ କେଉଁ ରାଜାଙ୍କ ବିଷୟରେ କିଛି ଲେଖା ହୋଇ ନଥିଲା ?

(କ) ମଗଧ (ଖ) ଯୋଧପୁର

(ଗ) କଳିଙ୍ଗ (ଗ) ବୀରଭୂମି

୧୧. ଅଶୋକଙ୍କ ଶିଳାଲେଖରେ କ'ଣ ଉଲ୍ଲେଖ ନଥିଲା ?

(କ) ଅହିଂସା, ଦୟା, କ୍ଷମା

(ଖ) ରାଜାଙ୍କ ରନ୍ଧନଶାଳାରେ କେତୋଟି ମୟୁର ମାଂସ ରନ୍ଧନ କରାଯାଇପାରିବ

(ଗ) ସାଧାରଣ ପ୍ରଜାର ରନ୍ଧନ ଶାଳାରେ କେତୋଟି ମୟୁର ମାଂସ ରନ୍ଧନ କରାଯାଇ ପାରିବ

(ଘ) କଳିଙ୍ଗ ରାଜାଙ୍କ ବିଷୟରେ

୧୨. ଅଙ୍ଗଦ ଚଉଧୁରୀ କାନ୍ଧ ଉପରେ କାହାର ସ୍ପର୍ଶରେ ଚମକି ପଡି ମୁଣ୍ଡଟେକି ଚାହିଁଲେ ?

(କ) ଦୀର୍ଘ ଦେହୀ ପୁରୁଷ

(ଖ) କଳିଙ୍ଗର ରାଜଜେମା

(ଗ) ମଗଧ ସମ୍ରାଟ ଅଶୋକ

(ଗ) କଳିଙ୍ଗର ସମ୍ରାଟ

୧୩. ଦୀର୍ଘଦେହୀ ପୁରୁଷଜଣକ ବେଶ ପୋଷାକରୁ କିପରି ମନେ ହେଉଥିଲେ ?

(କ) କଳିଙ୍ଗର ମହାମନ୍ତ୍ରୀ ପରି

(ଖ) ସେନାପତି ପରି

(ଗ) ଜଣେ ରାଜବଂଶର ଲୋକପରି

(ଘ) ସମ୍ଭ୍ରାନ୍ତ ବଂଶର ଲୋକପରି

୧୪. ଆପଣ କ'ଣ କଳିଙ୍ଗର ମହାରାଜା? ଏ ପ୍ରଶ୍ନଟି କାହାର ଥିଲା ?

(କ) ମଗଧ ମହାମନ୍ତ୍ରୀଙ୍କର (ଖ) ଅଶୋକଙ୍କର

(ଗ) ଅଙ୍ଗଦ ଚୌଧୁରୀଙ୍କର

(ଘ) କଳିଙ୍ଗ ରାଜଜେମାଙ୍କର

୧୫. ଦୀର୍ଘ ଦେହୀ ପୁରୁଷ ଜଣକ ନିମନ୍ତ୍ରଣ ନୁହେଁ, ଆଦେଶ ଦେବାଭଳି ଗମ୍ଭିର ସ୍ୱରରେ ଅଙ୍ଗଦ ଚୌଧୁରୀଙ୍କୁ କେଉଁଠାକୁ ନେଇଯିବା ପାଇଁ କହିଥିଲେ ?

(କ) କଳିଙ୍ଗ ରାଜଦରବାରକୁ

(ଖ) କଳିଙ୍ଗ ରାଜମାତାଙ୍କ ପାଖକୁ

(ଗ) ମଗଧ ସମ୍ରାଟ ଅଶୋକଙ୍କ ନିକଟକୁ

(ଘ) କଳିଙ୍ଗର ମହାରାଜାଙ୍କ ପାଖକୁ

୧୬. ଦୀର୍ଘ ଦେହୀ ପୁରୁଷଙ୍କ କଥାରେ ଅଙ୍ଗଦ କିପରି ତାଙ୍କୁ ଅନୁସରଣ କଲେ ?

(କ) ମନ୍ତ୍ର ଚାଳିତବତ୍ (ଖ) ଧିରେ ଧିରେ

(ଗ) ଭୃତ୍ୟ ପରି

(ଘ) ଜଣେ ରାଜ କର୍ମଚାରି ପରି

୧୭. ଦୀର୍ଘଦେହୀ ପୁରୁଷଙ୍କ ସହ ତାଳ ପକାଇ ଚାଲିବା ସହଜ ହେଉ ନଥିବାରୁ ଅଙ୍ଗଦ ମଝିରେ ମଝିରେ କ'ଣ କରୁଥିଲେ ?

(କ) ଭୟରେ ଥରି ଉଠୁଥିଲେ

(ଖ) ଅଟକି ଯାଉଥିଲେ

(ଗ) ଥକାମରି ବସି ଯାଉଥିଲେ

(ଘ) ଅନ୍ୟ ମନସ୍କ ହୋଇ ଯାଉଥିଲେ

୧୮. "ମୁଁ ତ ଦୁନିଆରେ ସବୁଠାରୁ ଶୀଘ ଚାଲେ", ମୂହୂର୍ତ୍ତକ ପାଇଁ ପଛକୁ ନଚାହିଁ ଏ କଥା କିଏ କହିଥିଲେ ?

(କ) କଳିଙ୍ଗର ମହାରାଜ (ଖ) କଳିଙ୍ଗ ରାଜଜେମା

(ଗ) ଅଙ୍ଗଦ ଚୌଧୁରୀ (ଘ) ଦୀର୍ଘଦେହୀ ପୁରୁଷ

୧୯. ଦୀର୍ଘଦେହୀ ପୁରୁଷଜଣକ ଅଙ୍ଗଦଙ୍କୁ କେଉଁଠାରେ ପହଞ୍ଚାଇ ଦେଇ ଚାଲିଗଲେ ?

(କ) କଳିଙ୍ଗ ରାଜ ପ୍ରସାଦରେ

(ଖ) କଳିଙ୍ଗର ମହାରାଣୀଙ୍କ ନିକଟରେ

(ଗ) କଳିଙ୍ଗ ରାଜ ପ୍ରସାଦର ଦ୍ୱାରଦେଶରେ

(ଘ) କଳିଙ୍ଗ ରାଜପ୍ରସାଦର ଦରବାର କକ୍ଷ ନିକଟରେ

୨୦. ପାହାଚ ପରେ ପାହାଚ ଅତିକ୍ରମ କରି କିଏ ଦରବାର କକ୍ଷକୁ ପ୍ରବେଶ କରୁଥିବାର ଅଙ୍ଗଦ ଦେଖିଥିଲେ ?

(କ) ମହାରାଣୀ କୁରୁବାକୀ

(ଖ) ରାଜଜେମା ରାଜେଶ୍ୱରୀ

(ଗ) କଳିଙ୍ଗର ମହାରାଜା

(ଗ) କଳିଙ୍ଗର ମହାମନ୍ତ୍ରୀ

୨୧. ମହାରାଣୀ କୁରୁବାକୀ ପାହାଚ ପରେ ପାହାଚ ଅତିକ୍ରମ କରୁଥିବା ସମୟରେ ଦୁଇପାର୍ଶ୍ୱରେ କେଉଁମାନେ ମୁଣ୍ଡ ନୁଆଁଇ ସମ୍ମାନ ଜଣାଉଥିଲେ ?

(କ) ରାଜ ପାରିଷଦ ବର୍ଗ

(ଖ) ଦାସ ଦାସୀମାନେ

(ଗ) ସେନା ନାୟକମାନେ

(ଗ) ପାତ୍ର ମନ୍ତ୍ରୀଗଣ

୨୨. କୁରୁବାକୀ ନିଜେ ଆସନ ଗ୍ରହଣ କରି ଅନ୍ୟମାନଙ୍କୁ କ'ଣ କରିବାକୁ ନିର୍ଦ୍ଦେଶ ଦେଲେ ?

(କ) ବସିବାକୁ (ଖ) କହିବାକୁ

(ଗ) ଚାଲିଯିବାକୁ (ଘ) ଶୁଣିବାକୁ

୨୩. 'ଆଜ୍ଞା କରନ୍ତୁ ମହାରାଣୀ, କଳିଙ୍ଗ ମହାରାଜାଙ୍କର ସମସ୍ତ ଆଦେଶ ଶିରୋଧାର୍ଯ୍ୟ, ଏ କଥା କିଏ କହିଥିଲେ ?

(କ) ରାଜଗୁରୁ (ଖ) ମହାମନ୍ତ୍ରୀ

(ଗ) ରାଜେଶ୍ୱରୀ (ଘ) ସେନାପତି

୨୪. ରାଜା ନିଜର ଉତ୍ତରାଧିକାରୀ ମନୋନୀତ କରିବେ- ଏହା କେଉଁ ଶାସନ ବ୍ୟବସ୍ଥାର ନିୟମ ?

(କ) ରାଜତନ୍ତ୍ର (ଖ) ଗଣତନ୍ତ୍ର

(ଗ) ସାମ୍ୟବାଦ (ଘ) ଏକଛତ୍ରବାଦ

୨୫. ପୁତ୍ର ଭଳି କନ୍ୟାକୁ ରାଜ ସିଂହାସନ ପ୍ରଦାନ କରିବାର ପରମ୍ପରା ସେତେବେଳେ କେଉଁ ରାଜ୍ୟରେ ଥିଲା ?

(କ) ମଗଧ (ଖ) କୋଶଳ

(ଗ) କଳିଙ୍ଗ (ଘ) ଇନ୍ଦ୍ରପ୍ରସ୍ଥ

୨୬. କେଉଁ ଗୁଣରେ ରାଜଜେମା ରାଜେଶ୍ୱରୀ କୌଣସି ରାଜପୁତ୍ରଙ୍କଠାରୁ କମ୍ ନୁହଁନ୍ତି ?

(କ) ସୌନ୍ଦର୍ଯ୍ୟରେ

(ଖ) ରାଜକାର୍ଯ୍ୟ ପରିଚାଳନାରେ

(ଗ) ବୁଦ୍ଧି ଓ ବୀରତ୍ୱରେ

(ଘ) ଯୁଦ୍ଧ କରିବାରେ

୨୭. ସମସ୍ତଙ୍କ ଅନୁରୋଧ କ୍ରମେ କିଏ ରାଜଦରବାର କକ୍ଷକୁ ଆସିଥିଲେ ?

(କ) ରାଜେଶ୍ୱରୀ (ଖ) ଅସୁସ୍ଥ ମହାରାଜା

(ଗ) କୁରୁବାକୀ (ଘ) ସ-ପତି ରାଜଜେମା

୨୮. ରାଜକାର୍ଯ୍ୟ ପରିଚାଳନା କରିବାରେ କାହାର ଅଭିଜ୍ଞତା ନଥିଲା ?

(କ) ରାଜେଶ୍ୱରୀ (ଖ) କୁରୁବାକୀ

(ଗ) କଳିଙ୍ଗ ମହାମନ୍ତ୍ରୀ (ଗ) ଅଙ୍ଗଦ ଚୌଧୁରୀ

୨୯. ରାଜେଶ୍ୱରୀ କେତେଜଣ ଯୋଦ୍ଧାଙ୍କୁ ଆଜି ହିଁ ସମ୍ମୁଖ ସମର ଯିବାପାଇଁ ପ୍ରସ୍ତୁତ ରହିବାପାଇଁ କହିଥିଲେ ?

(କ) ନଅ ଜଣ (ଖ) ପାଞ୍ଚ ଜଣ

(ଗ) ବାର ଜଣ (ଘ) ଦଶ ଜଣ

୩୦. ପ୍ରଥମରୁ କେତେଜଣ ରାଜେଶ୍ୱରୀଙ୍କ ନେତୃତ୍ୱ ଗ୍ରହଣ କରିବାକୁ କୁଣ୍ଠିତ ହୋଇଥିଲେ ?

(କ) ପାଞ୍ଚ ଜଣ (ଖ) ବାର ଜଣ

(ଗ) ସାତ ଜଣ (ଘ) ନଅ ଜଣ

୩୧. ମଗଧର ସେନାବାହିନୀକୁ ଯୁଦ୍ଧରେ ପରାସ୍ତ କରିବାକୁ ହେଲେ କ'ଣ କରିବାକୁ ପଡିବ ବୋଲି ରାଜେଶ୍ୱରୀ କହିଛନ୍ତି ?

(କ) ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ

(ଖ) ଲୁଚିଛପି ଯୁଦ୍ଧ ଚଳାଇବାକୁ

(ଗ) ସୈନ୍ୟ ସଂଖ୍ୟା ବୃଦ୍ଧି

(ଘ) ଦୀର୍ଘଦିନ ଧରି ଯୁଦ୍ଧ ଚଳାଇବାକୁ

୩୨. ଏ ଯୁଦ୍ଧରେ କେହିଜଣେ ସେନାପତି ନୁହଁନ୍ତି। ଏହା କାହାର ଉକ୍ତି।

(କ) କୁରୁବାକୀ (ଖ) କଳିଙ୍ଗ ସେନାପତି

(ଗ) ରାଜେଶ୍ୱରୀ (ଘ) ଦୀର୍ଘଦେହୀ ପୁରୁଷ

୩୩. 'ଏ ଥର ଚାଲ ଦେଖିବ ସେହି କଳିଙ୍ଗ ଯୁଦ୍ଧ ଏହା କାହାର ଉକ୍ତି ଥିଲା ?

(କ) ଅଙ୍ଗଦ ଚୌଧୁରୀ

(ଖ) ଦୀର୍ଘଦେହୀ ପୁରୁଷ

(ଗ) କଳିଙ୍ଗ ରାଜଜେମା

(ଘ) କଳିଙ୍ଗର ସେନାପତି

୩୪. ରାଜେଶ୍ୱରୀ କେତେଦିନ ମଗଧ ସେନା ବିରୁଦ୍ଧରେ ଯୁଦ୍ଧ ଚଳାଇଥିଲେ ?

(କ) ଚାରିବର୍ଷ (ଖ) ଚାରିମାସ

(ଗ) ଚାରିଦିନ (ଘ) ଚାରି ସପ୍ତାହ

୩୫. ମଗଧ ସମ୍ରାଟ ଅଶୋକ କ'ଣ ଶେଷ ହୋଇଗଲାଣି ବୋଲି ମହାମନ୍ତ୍ରୀଙ୍କୁ କହିଛନ୍ତି ?

(କ) ସୈନ୍ୟ (ଖ) ଖାଦ୍ୟ ଓ ବସ୍ତ୍ର

(ଗ) ଅର୍ଥ (ଘ) ରସଦ

୩୬. କେବଳ ସୈନ୍ୟ ନୁହଁନ୍ତି, କେଉଁମାନେ ହଜାର ହଜାର ସଂଖ୍ୟାରେ ମଗଧ ସୈନ୍ୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଆଗେଇ ଆସୁଛନ୍ତି ?

(କ) କଳିଙ୍ଗର ସାଧାରଣ ପ୍ରଜା

(ଖ) କଳିଙ୍ଗର ନାରୀ

(ଗ) କଳିଙ୍ଗର ସାଧୁ ପୁରୁଷମାନେ

(ଘ) କଳିଙ୍ଗର ଛୋଟ ଛୋଟ ପିଲାମାନେ

୩୭. କଳିଙ୍ଗ ଯୁଦ୍ଧର ବିଭୀଷିକା ଦେଖି କିଏ ମର୍ମାହତ ହୋଇଥିଲେ ?

(କ) ରାଜେଶ୍ୱରୀ (ଖ) କଳିଙ୍ଗ ସମ୍ରାଟ

(ଗ) ମଗଦ ସମ୍ରାଟ ଘ) ମଗଧର ମହାମନ୍ତ୍ରୀ

୩୮. ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧ ଶେଷ କରିବାପରେ କେଉଁ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ?

(କ) ଗାୟତ୍ରୀ (ଖ) ଦୟା

(ଗ) ବୁଦ୍ଧଙ୍କ ଅହିଂସା (ଘ) ମହାବୀରଙ୍କ କ୍ଷମା

୩୯. କଳିଙ୍ଗ ଯୁଦ୍ଧ ବନ୍ଦ ବେଳକୁ କଳିଙ୍ଗ ରାଜ୍ୟ ବକ୍ଷରେ କ'ଣ ପାଇଁ ସ୍ତବ୍ଧତା ନଇଁ ଆସିଥିଲା ?

(କ) ପୁରୁଷ ଶୂନ୍ୟ (ଖ) ନାରୀଶୂନ୍ୟ

(ଗ) ମଣିଷ ଶୂନ୍ୟ (ଘ) ରାଜେଶ୍ୱରୀଙ୍କ ମୃତ୍ୟୁ

୪୦. ଧଉଳିର ଜଙ୍ଗଲ ଭିତରେ କାହା ସହ ପ୍ରଚଣ୍ଡ ଯୁଦ୍ଧ କରି ରାଜେଶ୍ୱରୀ ମୃତ୍ୟୁ ବରଣ କରିଥିଲେ ?

(କ) ମଗଧ ସମ୍ରାଟ ଅଶୋକ

(ଖ) ମଗଧ ମହାମନ୍ତ୍ରୀ

(ଗ) ମଗଧ ସୈନ୍ୟବାହିନୀ

(ଘ) ମଗଧ ସେନାପତି

୪୧. କାହାର ନାଁ ନାହି ବୋଲି ଅଙ୍ଗଦ ସେହି ଦୀର୍ଘଦେହୀ ପୁରୁଷଙ୍କୁ ପ୍ରଶ୍ନ ପଚାରିଥିଲେ ?

(କ) କଳିଙ୍ଗ ଯୁଦ୍ଧର (ଖ)କଳିଙ୍ଗ ସମ୍ରାଟ

(ଗ) ରାଜେଶ୍ୱରୀ (ଘ) ମଗଧ ସମ୍ରାଟ

୪୨. ରାଜନୀତିର ବ୍ରହ୍ମାସ୍ତ୍ର କ'ଣ ଅଟେ ?

(କ) ଯୁଦ୍ଧ ଜୟ (ଖ) ଯୁଦ୍ଧ ନକରିବା

(ଗ) ସାଲିସ (ଘ) ଷଡଯନ୍ତ୍ର

୪୩. କ'ଣ କରି ନପାରିଲେ ଇତିହାସ ତୁମ ନାମ ଉଚ୍ଚ ସ୍ୱରରେ ପ୍ରଚାର କରି ପାରିବ ନାହିଁ ?

(କ) ସାମ୍ରାଜ୍ୟ ସ୍ଥାପନ

(ଖ) ପ୍ରସିଦ୍ଧ ଯୋଦ୍ଧା ହୋଇ ନପାରିଲେ

(ଗ) ଯୁଦ୍ଧ କରି ନପାରିଲେ

(ଘ) ଯୁଦ୍ଧରେ ବାରମ୍ବାର ପରାସ୍ତ

୪୪. ସାମ୍ରାଜ୍ୟ ସ୍ଥାପନ ନିମିତ୍ତ କଳିଙ୍ଗର ମହାରାଜା ଏବଂ ତାଙ୍କ କନ୍ୟା କ'ଣ କରିପାରି ନାହାଁନ୍ତି ?

(କ) କାହାର ରାଜ୍ୟ ଜୟ

(ଖ) କାହାର ବିରୋଧ

(ଗ) ଷଡଯନ୍ତ୍ରର ବ୍ରହ୍ମାସ୍ତ୍ର ବ୍ୟବହାର

(ଘ) କାହାକୁ ବିଶ୍ୱାସ

୪୫. ଅଙ୍ଗଦ ଚୌଧୁରୀ ଦୀର୍ଘଦେହୀ ପୁରୁଷଙ୍କୁ କ'ଣ କହିଥିଲେ ?

(କ) କଳିଙ୍ଗର ସମ୍ରାଟ

(ଖ) ଇତିହାସ ବିଭାଗର ଛାତ୍ର

(ଗ) କାଳପୁରୁଷ (ଘ) ଇତିହାସ ପୁରୁଷ

## ଉତ୍ତରମାଳା

| | | | | |
|---|---|---|---|---|
| **୧. (ଗ)** | **୨. (ଖ)** | **୩. (ଘ)** | **୪. (କ)** | **୫. (ଖ)** |
| **୬. (ଘ)** | **୭. (ଘ)** | **୮. (କ)** | **୯. (ଖ)** | **୧୦. (ଗ)** |
| **୧୧. (ଘ)** | **୧୨. (କ)** | **୧୩. (ଗ)** | **୧୪. (ଗ)** | **୧୫. (ଘ)** |

| | | | | |
|---|---|---|---|---|
| **୧୬. (କ)** | **୧୭. (ଖ)** | **୧୮. (ଘ)** | **୧୯. (ଘ)** | **୨୦. (କ)** |
| **୨୧. (ଖ)** | **୨୨. (କ)** | **୨୩. (ଖ)** | **୨୪. (ଖ)** | **୨୫. (ଗ)** |
| **୨୬. (ଗ)** | **୨୭. (ଘ)** | **୨୮. (କ)** | **୨୯. (ଗ)** | **୩୦. (କ)** |
| **୩୧. (ଘ)** | **୩୨. (ଗ)** | **୩୩. (ଖ)** | **୩୪. (ଖ)** | **୩୫. (ଘ)** |
| **୩୬. (କ)** | **୩୭. (ଗ)** | **୩୮. (ଗ)** | **୩୯. (କ)** | **୪୦. (ଘ)** |
| **୪୧. (ଗ)** | **୪୨. (ଘ)** | **୪୩. (କ)** | **୪୪. (ଗ)** | **୪୫. (ଘ)** |

**(ବସ୍ତୁନିଷ୍ଠ ପ୍ରଶ୍ନୋତ୍ତର)**

# ବେଲ ଅଶ୍ୱତ୍ଥ ଓ ବଟବୃକ୍ଷ

**୧ । ବେଲ ଅଶ୍ୱା ଓ ବଟବୃକ୍ଷଟି କେଉଁ ଗାଳ୍ପିକ ରଚନା କରିଛନ୍ତି ?**

(କ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (ଖ) ରବି ପଟ୍ଟନାୟକ (ଗ) ଅନନ୍ତ ପଟ୍ଟନାୟକ (ଘ) ଶରତ କୁମାର ମହାନ୍ତି

**୨ । ରବି ପଟ୍ଟନାୟକ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?**

(କ) ବାଲେଶ୍ୱର (ଖ) କଟକ

(ଗ) ମୟୁରଭଞ୍ଜ (ଘ) ଯାଜପୁର

**୩ । ଗାଳ୍ପିକ ରବି ପଟ୍ଟନାୟକ କେଉଁ ବିଭାଗରେ ଚାକିରି କରିଥିଲେ ?**

(କ) ସେନା ବିଭାଗ (ଖ) ଶିକ୍ଷା ବିଭାଗ (ଗ) ପ୍ରତ୍ନତତ୍ତ୍ୱବିତ୍ (ଘ) ଭୂତତ୍ତ୍ୱବିତ୍

**୪ । ଗାଳ୍ପିକଙ୍କୁ ମରଣୋତ୍ତର ଶାରଳା ପୁରସ୍କାର କେବେ ପ୍ରଦାନ କରାଯାଇଥିଲା ?**

(କ) ୧୯୯୧ ମସିହା (ଖ) ୧୯୯୦ ମସିହା (ଗ) ୧୯୯୨ ମସିହା (ଘ) ୧୯୯୩ ମସିହା

**୫ । ବେଲ ଅଶ୍ୱା ଓ ବଟବୃକ୍ଷ ଗଳ୍ପଟି କେବେ ଓ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?**

(କ) ୧୯୮୪ ବନ୍ଧ୍ୟା ଗାନ୍ଧାରୀ (ଖ) ନବରବି, ୧୯୨୪ (ଗ) ୧୯୭୫ ଅମିରଣ (ଘ) ରାଗଡୋଡ଼ି ୧୯୮୦

**୬ । ଗଳ୍ପରେ କେଉଁ ମହାନ୍ ଗୁଣ ପରିପ୍ରକାଶିତ ହୋଇଛି ?**

(କ) ଭାତୃପ୍ରେମ (ଖ) ମାତୃତ୍ୱ ଓ ବାତ୍ସଲ୍ୟ ପ୍ରେମ

(ଗ) ମାତୃପ୍ରେମ (ଘ) ସାଂସାରିକ ମୋହ

**୭ । "ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପ୍ରାଣୀହିତେ ଧନ୍ୟ ଜୀବନ ଧନ୍ୟ ତାର, ଦୁର୍ଲଭ କର୍ମ ଏ ବେଭାର ଏହା ମୁଁ ବୃକ୍ଷଙ୍କର ସ୍ଥାନେ । ଶିଖିଲି ପର୍ବତ ଗହଳେ ।" ଏହା କେଉଁ ପୁରାଣରୁ ଗଳ୍ପରେ ଉଦ୍ଧୃତ ।**

(କ) ମହାଭାରତ (ଖ) ରାମାୟଣ

(ଗ) ଭାଗବତ (ଘ) ଦାଣ୍ଡିରାମାୟଣ

**୮ । ଗାଳ୍ପିକ ବସ୍‌ଷ୍ଟାଣ୍ଡରେ ପହଂଚିଲା ବେଳକୁ କେତେଟା ସମୟ ବାଜିଥିଲା ?**

(କ) ଏଗାରଟା (ଖ) ବାରଟା(ଗ) ଦଶଟା (ଘ) ନଅଟା

**୯ । କାହାର ପ୍ରଭାବରେ ଗାଳ୍ପିକଙ୍କ ଆଖି ବୁଜି ହୋଇ ଆସୁଥିଲା ?**

(କ) ବର୍ଷା (ଖ) ଗୀତ (ଗ) ପବନ (ଘ) ଖରା

**୧୦ । ହରି ଗୁଡ଼ିଆ କେଉଁଠାରେ ଚା ଜଳଖିଆ ଦୋକାନ କରିଥିଲା ?**

(କ) ବସ୍‌ଷ୍ଟାଣ୍ଡ ପାଖରେ ଥିବା ଚାକୁଣ୍ଡାଗଛ

(ଖ) ବସ୍‌ଷ୍ଟାଣ୍ଡ ପାଖରେ ଥିବା କୃଷ୍ଣଚୂଡ଼ା ଗଛ

(ଗ) ବସ୍‌ଷ୍ଟାଣ୍ଡ ପାଖରେ ଥିବା ଆମ୍ବଗଛ

(ଘ) ବସ୍‌ଷ୍ଟାଣ୍ଡ ପାଖରେ ଥିବା ବଉଳଗଛ

**୧୧ । ସିଲଭର ଚଟୁ ଉପରେ ଚିନି ଶିରା ଲାଗି ଶୁଖି ଯାଇଥିବା ଜାଗାଟିରେ କେଉଁମାନେ ରାଜତ୍ୱ କରୁଥିବାର ନଟବର ବାବୁ ଦେଖିଲେ ?**

(କ) ମୂଷାମାନେ (ଖ) ପୋକମାନେ (ଗ) ମାଛିମାନେ (ଘ) ମଶାମାନେ

**୧୨ । ହରି ଗୁଡ଼ିଆ ପାଇଁ କାହା ଗଳାରେ ସ୍ୱର ପରିଚିତ ଥିଲା ?**

(କ) ମଧୁତିଆଡ଼ି (ଖ) ବ୍ରଜ ତ୍ରିପାଠୀ (ଗ) ନଟବର ବାବୁ (ଘ) ବିହାରୀ ଲାଲ୍

**୧୩ । ବାସନଧୁଆ ଟୋକାଟି କେଉଁଠାରେ ଶୋଇଥିଲା ?**

(କ) ତଳେ (ଖ) ଖଟରେ (ଗ) ବେ*ରେ

(ଘ) ଟେବୁଲ୍‌ରେ

**୧୪ । ଗାଁ ଗୁଡ଼ିଆ ଦୋକାନ ମାନଙ୍କରେ ବରା, ଗୁଲୁଗୁଲା ଓ ପକୁଡ଼ି ପ୍ରକୃତି କେଉଁଥିରେ ସଜା ହୋଇ ରଖାଯାଇଥାଏ ?**

(କ) ବାଉଁଶ ପାଛିଆରେ (ଖ) ଷ୍ଟିଲ୍ ଥାଳିରେ (ଗ) ପିତଳ ଥାଳିରେ (ଘ) ସିଲ୍‌ଭର ଥାଳିରେ

**୧୫ । ହରି ଗୁଡ଼ିଆ କେଉଁଠାରେ ଶୋଇଥିଲା ?**

(କ) ଖଟରେ (ଖ) ନୂଆ ସପରେ (ଗ) ଟେବୁଲ୍‌ରେ (ଘ) ଛିଣ୍ଡା ସପରେ

**୧୬ । ଗ୍ରାମମାନଙ୍କରେ ବର୍ଷା ଦିନେ ପାଦଚଲା ରାସ୍ତା କେଉଁଠାରେ ହୋଇଥାଏ ?**

(କ) ପଡ଼ିଆ ମଝିରେ (ଖ) ହିଡ଼ ଉପରେ (ଗ) ସଡ଼କରେ (ଘ) ବିଲ ମଝିରେ

**୧୭ । ଛିଛି ଛି - ଏ କାଳ କଥା ଆଉ ତୁଣ୍ଡରେ ଧର ନାହିଁ" - ଏକଥା କିଏ କହିଥିଲେ ?**

କ) ବନ୍ଧୁ ଷଡ଼ଙ୍ଗୀ (ଖ) ମଧୁ ତିଆଡ଼ି (ଗ) ରବି ଗୁଡ଼ିଆ (ଘ) ହରି ଗୁଡ଼ିଆ

**୧୮ । କିଏ ନଟବର ବାବୁଙ୍କୁ କେବେ କିଛି ମାଗି ନାହାନ୍ତି ?**

(କ) ତାଙ୍କ ବୋଉ (ଖ) ତାଙ୍କ ଝିଅ (ଗ) ତାଙ୍କ ସ୍ତ୍ରୀ (ଘ) ତାଙ୍କ ପୁଅ

**୧୯ । ନୂତନ ସୃଷ୍ଟି ନିମନ୍ତେ ଗଛ କାହାକୁ ସବୁବେଳେ ନିଜର ଭାବେ ରଖିବାକୁ ଚାହେଁ ନାହିଁ ?**

(କ) ଚେରକୁ (ଖ) ପୁରୁଣା ପତ୍ରକୁ (ଗ) ଡାଳକୁ (ଘ) ଗଣ୍ଡିକୁ

**୨୦ । ନଟବର ବାବୁ ସର୍ବଦା ପିଲାମାନଙ୍କ ମନରେ କେଉଁ ହୀନମାନ୍ୟତା ରଖିବାକୁ ଚେଷ୍ଟା କରିଆସିଛନ୍ତି ?**

(କ) ଗରିବ ବୋଲି (ଖ) ମୂର୍ଖ ବୋଲି (ଗ) ଅସହାୟ ବୋଲି (ଘ) ନୀଚ ଜାତି ବୋଲି

**୨୧ । ଗାଁ ମୁଣ୍ଡ ପୋଖରୀ ହୁଡ଼ାରେ କେଉଁମାନେ ବାବନାଭୂତ ପରି ଛିଡ଼ା ହୋଇଛନ୍ତି ବୋଲି ଗାଳ୍ପିକ କହିଛନ୍ତି ?**

(କ) ବେଲଗଛ (ଖ) ଖଜୁରୀ ଗଛ (ଗ) ତାଳଗଛ (ଘ) ନଡ଼ିଆଗଛ

**୨୨ । ଗାଁର ବେଲବଣ ମଝିରେ କେଉଁ ମନ୍ଦିର ରହିଛି ?**

(କ) ଶନି ମନ୍ଦିର (ଖ) କାଳୀ ମନ୍ଦିର (ଗ) ଶିବ ମନ୍ଦିର (ଘ) ତ୍ରିନାଥ ମନ୍ଦିର

**୨୩ । ଗାଁ ମୁଣ୍ଡରେ କାହାର ବାଉଁଶ ବାଡ଼ି ?**

(କ) ମଧୁ ତିଆଡ଼ି (ଖ) ସୁରଜ ମଲ୍ଲ (ଗ) ବନ୍ଧୁ ଷଡ଼ଙ୍ଗୀ (ଘ) ନଟବର ବାବୁ

**୨୪ । ନଡ଼ିଆ ବଣ ଭିତରେ କାହାର ଧଳା କୋଠା ଚକ୍‌ମକ୍ କରୁଥିଲା ?**

(କ) ନଟବର ବାବୁ (ଖ) ସୁରବୀଲ୍ଲ ମାରୁଆଡି (ଗ) ବନ୍ଧୁ ଷଡ଼ଙ୍ଗୀ (ଘ) ମଧୁ ତିଆଡ଼ି

**୨୫ । ମନ୍ଦିରରେ ପୂଜକ କିଏ ଥିଲେ ?**

(କ) ଗୋପୀ ମିଶ୍ର (ଖ) ମଧୁ ତିଆଡ଼ି (ଗ) ବନ୍ଧୁ ଷଡ଼ଙ୍ଗୀ (ଘ) ମଧୁ ମହାପାତ୍ର

**୨୬ । କେଉଁ ଗଛଟି ଛେଳି, ଗୋରୁ, ମାଙ୍କଡ଼, ଚଢ଼େଇ ମଣିଷ ସମସ୍ତଙ୍କୁ ଆଶ୍ରୟ ଦେଇଛି ?**

(କ) ଅଶ୍ୱତ୍ଥ (ଖ) ବର (ଗ) ବେଲ (ଘ) ବାଉଁଶ

**୨୭ । ଖରାଦିନେ କେଉଁ ଗଛର ଡାଳ ଗୁଡ଼ିକ କଙ୍କାଳର ହାଡ଼ ପରି ଧଳା ଦେଖାଯାଏ ?**

(କ) ବାଉଁଶ (ଖ) ବର (ଗ) ବେଲ (ଘ) ଅଶ୍ୱତ୍ଥ

୨୮ । "କି ଅଛି ଏଇ ଗଛରେ ? ନାଟିକିଏ ଛାଇ ନା ତା'ର କାଠ କିଛି କାମରେ ଆସୁଛି ?" ଏ କଥା ନଟବର କେଉଁ ଗଛକୁ ଲକ୍ଷ୍ୟ କରି କହିଛନ୍ତି ?

(କ) ବରଗଛ (ଖ) ବଉଳଗଛ (ଗ) ବେଲଗଛ (ଘ) ଅଶ୍ୱ ଗଛ

୨୯ । ଅଶ୍ୱ ଗଛ ମୂଳେ ବସି କିଏ ପରମ ଜ୍ଞାନ ଲାଭ କରିଥିଲେ ?

(କ) ଗାନ୍ଧିଜୀ (ଖ) ମହମ୍ମଦ (ଗ) ମହାବୀର (ଘ) ଭୀମ ଭୋଇ

୩୦ । ଗଳ୍ପରେ ବରଗଛର ପ୍ରତୀକ କିଏ ?

(କ) ନଟବର ବାବୁଙ୍କ ବୋଉ (ଖ) ନଟବର ବାବୁଙ୍କ ସ୍ତ୍ରୀ

(ଗ) ନଟବର ବାବୁଙ୍କ ଝିଅ (ଘ) ନଟବର ବାବୁଙ୍କ ପୁଅ

## ଉତ୍ତରମାଳା

୧. (ଖ) ୨. (ଗ) ୩. (ଗ) ୪. (କ) ୫. (ଖ) ୬. (ଖ) ୭. (ଗ) ୮. (କ) ୯. (ଘ) ୧୦. (କ) ୧୧. (ଗ) ୧୨. (ଗ) ୧୩. (ଗ) ୧୪. (କ) ୧୫. (ଘ) ୧୬. (ଖ) ୧୭. (ଘ) ୧୮. (କ) ୧୯. (ଖ) ୨୦. (କ) ୨୧. (ଗ) ୨୨. (ଗ) ୨୩. (ଗ) ୨୪. (ଖ) ୨୫. (ଖ) ୨୬. (ଖ) ୨୭. (ଗ) ୨୮. (ଘ) ୨୯. (ଗ) ୩୦. (କ)

# କୋଣାର୍କ

୧ । କୋଣାର୍କ ଏକାଙ୍କିକାର ନାଟ୍ୟକାରଙ୍କ ନାମ କ'ଣ ?

(କ) ଭଞ୍ଜକିଶୋର ପଟ୍ଟନାୟକ (ଖ) ରବି ପଟ୍ଟନାୟକ (ଗ) ମନୋରଞ୍ଜନ ଦାସ (ଘ) ବସନ୍ତ କୁମାର ଶତପଥୀ

୨ । 'ଜୟମାଲ୍ୟ' ନାଟକଟି କେଉଁ ନାଟ୍ୟକାରଙ୍କ ଦ୍ୱାରା ରଚିତ ?

(କ) ବସନ୍ତ କୁମାର ଶତପଥୀ (ଖ) ଭଞ୍ଜକିଶୋର ପଟ୍ଟନାୟକ

(ଗ) କାଳୀଚରଣ ପଟ୍ଟନାୟକ (ଘ) ନନ୍ଦିନୀ ଶତପଥୀ

୩ । 'କୋଣାର୍କ' ନାଟକର କେଉଁ ଶିଳ୍ପୀ କୂଳର କଳା କୁଶଳତା ଚିତ୍ରିତ ?

(କ) ମଗଧ ଶିଳ୍ପୀକୂଳ (ଖ) ଦ୍ରାବିଡ଼ ଶିଳ୍ପୀକୂଳ (ଗ) ଉତ୍କଳ ଶିଳ୍ପୀକୂଳ (ଘ) ସୌରାଷ୍ଟ୍ର ଶିଳ୍ପୀକୂଳ

୪ । 'କୋଣାର୍କ' ମନ୍ଦିରଟି କେଉଁଠାରେ ନିର୍ମିତ ହୋଇଥିଲା ?

(କ) କୁଶଭଦ୍ରା ତୀର (ଖ) ଗୋଦାବରୀ ତୀର (ଗ) ଚନ୍ଦ୍ରଭାଗା ତୀର (ଘ) ମହାନଦୀ ତୀର

୫ । 'କୋଣାର୍କ' ନାଟକରେ କେତୋଟି ଦୃଶ୍ୟ ଅଛି ?

(କ) ୧ଟି (ଖ) ୩ଟି (ଗ) ୫ଟି (ଘ) ୨ଟି

୬ । କୋଣାର୍କ ମନ୍ଦିର କେଉଁ ରାଜା ତିଆରି କରିଥିଲେ ?

(କ) ଦିବ୍ୟସିଂହ ଦେବ (ଖ) ପୁରୁଷୋତ୍ତମ ଦେବ (ଗ) କପିଳେନ୍ଦ୍ର ଦେବ (ଘ) ନରସିଂହ ଦେବ

୭ । ରାଜା ନରସିଂହ ଦେବଙ୍କ ମନ୍ତ୍ରୀଙ୍କ ନାମ କ'ଣ ଥିଲା ?

(କ) ଶିବେଇ ସାନ୍ତରା (ଖ) ଗୋକୁଳା ସାନ୍ତରା (ଗ) ମନ୍ଦର ସାନ୍ତରା (ଘ) ଚକରା ସାନ୍ତରା

୮ । ନରସିଂହ ଦେବ କେଉଁ ଦେବତାଙ୍କର ଉପାସକ ଥିଲେ ?

(କ) ଶିବ (ଖ) ବିଷ୍ଣୁ (ଗ) ସୂର୍ଯ୍ୟ (ଘ) ଗଣେଶ

୯ । ରାଜା ନରସିଂହ ଦେବ ନାଟକର ପ୍ରଥମ ଦୃଶ୍ୟରେ କାହା ସହିତ ବାର୍ତ୍ତାଳାପ କରୁଛନ୍ତି ?

(କ) ଦେହରକ୍ଷୀ (ଖ) ଶିବେଇ ସାନ୍ତରା (ଗ) ଅମାତ୍ୟ (ଘ) ବଢ଼େଇ କାରିଗର

୧୦ । ନାଟକରେ ରାଜା କାହାର ଉଦୟମାନ ଦୃଶ୍ୟରେ ବିମୋହିତ ହୋଇଛନ୍ତି ?

(କ) ଚନ୍ଦ୍ର (ଖ) ସୂର୍ଯ୍ୟ (ଗ) ଇନ୍ଦ୍ରଧନୁ (ଘ)କଳାଘନ ମେଘ

୧୧ । ସୂର୍ଯ୍ୟୋଦୟର ନରସିଂହ ଦେବ ସୂର୍ଯ୍ୟଙ୍କୁ ନମସ୍କାର କରୁଥିବା ବେଳେ ତାଙ୍କ ପାଖରେ କିଏ ଛିଡ଼ା ହୋଇଥିଲେ ?

(କ) ଛାୟା ମହାଦେବୀ (ଖ) ସୈନିକ

(ଗ) ଶିବେଇ ସାନ୍ତରା (ଘ) ମହାମନ୍ତ୍ରୀ

**୧୨ । କେଉଁ ଦୃଶ୍ୟକୁ ଏକ ଅପୂର୍ବ ଦୃଶ୍ୟ ବୋଲି ନରସିଂହ ଦେବ କହିଛନ୍ତି ?**

(କ) ଜନ୍ମଭୂମିର ଦୃଶ୍ୟ (ଖ) ସୂର୍ଯ୍ୟୋଦୟର ଦୃଶ୍ୟ (ଗ) ଆକାଶର ଦୃଶ୍ୟ (ଘ) ପରିବେଶର ଦୃଶ୍ୟ

**୧୩ । ନରସିଂହଦେବ କେଉଁ ସମୟରେ ସୂର୍ଯ୍ୟଙ୍କୁ ନମସ୍କାର କରୁଥିଲେ ?**

(କ) ମଧ୍ୟାହ୍ନରେ (ଖ) ଉଷାକାଳରେ (ଗ) ସୂର୍ଯ୍ୟାସ୍ତରେ (ଘ) ସୂର୍ଯ୍ୟୋଦୟରେ

**୧୪ । ସୂର୍ଯ୍ୟଦେବ କେଉଁଠାରୁ ଲମ୍ଫ ପ୍ରଦାନ କରି** ଉଦୟ ହେଉଛନ୍ତି ବୋଲି ନରସିଂହ ଦେବ କହିଛନ୍ତି ?

(କ) ଆକାଶରୁ (ଖ) ସମୁଦ୍ରରୁ (ଗ) ପୃଥିବୀରୁ (ଘ) ପାତାଳରୁ

**୧୫ । କେଉଁ ଦୃଶ୍ୟ ନରସିଂହଙ୍କ ଜୀବନରେ ଅପାସୋରା ହୋଇ ରହିଯିବ ବୋଲି ସେ କହିଛନ୍ତି ?**

(କ) ବନ ଭୂମିରେ (ଖ) ମନ୍ଦିରରେ (ଗ) ସୂର୍ଯ୍ୟାସ୍ତର (ଘ) ସୂର୍ଯ୍ୟୋଦୟର

**୧୬ । ଛାୟା ମହାଦେବୀଙ୍କର ଶେଷ ଇଚ୍ଛା କ'ଣ ଥିଲା ?**

(କ) ଉତ୍କଳରେ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା

(ଖ) କୋଣାର୍କରେ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା

ଗ) ଚନ୍ଦ୍ରଭାଗାରେ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା

(ଘ) ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା

**୧୭ । ପ୍ରଭାତ କାଳରେ ନରସିଂହଦେବଙ୍କର କେଉଁ କଥା ସ୍ମରଣ ହୋଇଥିଲା ?**

(କ) ମନ୍ଦିର ନିର୍ମାଣ (ଖ) ରାଜ୍ୟଶାସନ (ଗ) ମାଆଙ୍କ ଶେଷ ଇଚ୍ଛା (ଘ) ଯୁଦ୍ଧ ଆୟୋଜନ

**୧୮ । ଧରମା କିପରି ତା'ଘରକୁ ପ୍ରବେଶ କରିଥିଲା ?**

(କ) ଖେଳିଖେଳି (ଖ) ହସିହସି

(ଗ) ଛୋଟେଇ ଛୋଟେଇ (ଘ) କାନ୍ଦି କାନ୍ଦି

**୧୯ । "ମୁଁ ପଛେ ମରିଯାଏ, ଜୀଇଁ ବଞ୍ଚି ତୁ ଯୁଗ ରାଇଜ କର ।" ଏକଥା କିଏ କହିଛନ୍ତି ?**

(କ) ଛାୟା ମହାଦେବୀ (ଖ) ବିଶୁ

(ଗ) ଶିବେଇ (ଘ) ଧରମାର ମାଆ

**୨୦ । କେଉଁ ଠାକୁରଙ୍କୁ ଅନୁକୂଳ ବେଳେ ଡାକିବାକୁ ଧରମାର ମାଆ କହିଛନ୍ତି ?**

(କ) ଚନ୍ଦ୍ରଦେବ (ଖ) ଜଗନ୍ନାଥ

(ଗ) ସୂର୍ଯ୍ୟଦେବ (ଘ) ମଙ୍ଗଳାମୀ

**୨୧ । ଚନ୍ଦ୍ରଭାଗା ତୀରରେ କିଏ ଏକାକୀ ପଦଚାରଣା କରୁଥିଲେ ?**

(କ) ବିଶୁ ମହାରଣା (ଖ) ଶିବେଇ ସାନ୍ତରା (ଗ) ଧରମା (ଘ) ସୈନିକ

**୨୨ । ନିହାଣ ମୁନରେ ଓଡ଼ିଆ କାରିଗର ଯେପରି ପଥର ଦେହରେ ଜୀବନ ଦେଇଛି - ଏହା କିଏ କହିଛନ୍ତି ?**

(କ) ଧରମା (ଖ) ବିଶୁମହାରଣା (ଗ) ଶିବେଇ ସାନ୍ତରା (ଘ) ନରସିଂହ ଦେବ

**୨୩ । ବିଶୁ, ତୁ ହାରିଯାଇଛୁ ବୋଲି କିଏ ଉପହାସ କରି କହିଛନ୍ତି ?**

(କ) ରାଜା (ଖ) ଚୂଳହୀନ ମନ୍ଦିର (ଗ) ସୈନିକ (ଘ) ଶିଳ୍ପୀଗଣ

**୨୪ । ଯାହାର ମୁଣ୍ଡ ନାହିଁ, ତା ପିଣ୍ଡରେ ଜୀବନ ଆସିବ କୁଆଡୁ ? ଏହା କାହାର ଉକ୍ତି ?**

(କ) ନରସିଂହଦେବ (ଖ) ଶିବେଇ ସାନ୍ତରା (ଗ) ଧରମା (ଘ) ବିଶୁମହାରଣା

**୨୫ । କାରିଗର ଘରର ପିଲା ଧରମା ବେଳେବେଳେ କ'ଣ ଦେଖେ ବୋଲି କହିଥିଲା ?**

(କ) ନଥିପତ୍ର (ଖ) ବହିପତ୍ର

(ଗ) ପୋଥିପତ୍ର (ଘ) ଖାତାପତ୍ର

**୨୬ । ଧରମା କେଉଁ ସମ୍ବନ୍ଧରେ ଅଜ୍ଞ ଥିଲା ?**

(କ) କାରିଗରୀ ଶୈଳୀ (ଖ) ପିତାଙ୍କ

(ଗ) ଜେଜେଙ୍କ (ଘ) ବଂଶ ପରମ୍ପରା

**୨୭ । ଆଗନ୍ତୁକଙ୍କ ଠାରୁ ସମସ୍ତ ବାର୍ତ୍ତା ଶୁଣି ଧରମା କ'ଣ ଇଚ୍ଛା ପ୍ରକାଶ କରିଛି ?**

(କ) ବାପାଙ୍କ ସହ ସାକ୍ଷାତ

(ଖ) ମନ୍ଦିର ଦେଖିବା

ଗ) ଶିବେଇ ସାନ୍ତରଙ୍କ ସହ ସାକ୍ଷାତ

(ଘ) ବାରଶହ ବଢ଼େଇଙ୍କ ସହ ସାକ୍ଷାତ

**୨୮ । ଧରମାର ମା' ଧରମା ସହିତ କେଉଁ ସନ୍ତକ ଚିହ୍ନିବା ପାଇଁ ବିଶୁ ମହାରଣାଙ୍କ ଉଦ୍ଦେଶ୍ୟରେ ପଠାଇଥିଲେ ?**

(କ) ଦାଣ୍ଡଧୂଳି (ଖ) ବାଡ଼ିର କୋଳି

(ଗ) ବାଡ଼ିର କୋଳି ଓ ମୁଦି (ଘ) ମୁଦି

**୨୯ । ଧରମା କାହାର କାରୁକାର୍ଯ୍ୟ ଦେଖି ବିମୋହିତ ହୋଇଛି ?**

(କ) ପୁରୀ ମନ୍ଦିରର (ଖ) ମଙ୍ଗଳା ମନ୍ଦିରର

(ଗ) କୋଣାର୍କ ଚୂଳ ବିହୀନ ମନ୍ଦିର

(ଘ) କୋଣାର୍କ ମନ୍ଦିର

**୩୦ । ଧରମା, ବିଶୁ ମହାରଣାଙ୍କୁ ଦଧିନଉତି ନବସି ପାରିବାର କାରଣ କ'ଣ ଦର୍ଶାଇଛି ?**

(କ) ଦେଉଳର ଘନ କେନ୍ଦ୍ର ସହିତ ଦଧିନଉତି ଏକ ସରଳରେଖାରେ ନ ଥିବା

(ଖ) ଦେଉଳର ଘନ କେନ୍ଦ୍ର ନଥିବା

(ଗ) ଦେଉଳର ଦଧି ନଉତିରେ ଗଢ଼ଣ ଭୁଲ ହେବା

(ଘ) ମୁଖ୍ୟ ଦ୍ୱାର ସହ ଘନ କେନ୍ଦ୍ର ସମାନ୍ତରାଳ ନ ହେବା

**୩୧ । କିଏ କୋଣାର୍କ ମନ୍ଦିରର ଦଧିନଉତି ବସାଇଥିଲା ?**

(କ) ବିଶୁମହାରଣା (ଖ) ବାରଶହ ବଢ଼େଇ

(ଗ) ଧରମା (ଘ) ଶିବେଇ ସାନ୍ତରା

**୩୨ । 'ଏ ବାରଶହ ବଢ଼େଇର ଦାୟ ନା ପୁଅରେ ଦାୟ' - ଏହି ଉକ୍ତି କାହାର ?**

(କ) ଧରମା (ଖ) ବିଶୁମହାରଣା

(ଗ) ଶିଳ୍ପୀମାନଙ୍କର (ଘ) ଶିବେଇ ସାନ୍ତରା

**୩୩ । ନିଜର ଶିଳ୍ପୀ କୂଳ ପାଇଁ ଧରମା ଶେଷରେ କେଉଁ ପଦକ୍ଷେପ ନେଇଥିଲା ?**

(କ) ସମୁଦ୍ରରେ ଝାସ (ଖ) ସମୁଦ୍ରରେ ସ୍ନାନ

(ଗ) ଶିଳ୍ପୀମାନଙ୍କ ହତ୍ୟା (ଘ) ବିଶୁ ମହାରଣାଙ୍କ ହତ୍ୟା

## ଉତ୍ତରମାଳା

୧. (କ) ୨. (ଖ) ୩. (ଗ) ୪. (ଗ) ୫. (ଖ) ୬. (ଘ) ୭. (କ) ୮. (ଗ) ୯. (ଖ) ୧୦. (ଖ) ୧୧. (ଗ) ୧୨. (ଖ) ୧୩. (ଘ) ୧୪. (ଖ) ୧୫. (ଘ) ୧୬. (ଗ) ୧୭. (ଗ) ୧୮. (ଘ) ୧୯. (ଗ) ୨୦. (ଘ) ୨୧. (କ)୨୨.(କ) ୨୩. (ଖ) ୨୪. (ଘ) ୨୫. (ଗ) ୨୬. (ଖ) ୨୭. (କ) ୨୮. (ଗ) ୨୯. (ଗ) ୩୦. (କ) ୩୧.(ଗ) ୩୨.(ଗ) ୩୩. (କ)

# ଏକାଙ୍କିକା

# ଫଲଗୁ

୧) ଫଲଗୁ ଏକାଙ୍କିକାର ଲେଖକ କିଏ ?

କ) ମନୋଜ ଦାସ

ଖ) ରାଧାନାଥ ରାୟ

ଗ) ମନୋରଞ୍ଜନ ଦାସ

ଘ) ସାରଳା ଦାସ

୨) କେଉଁ ନାଟକଟି ପାଇଁ ମନୋରଞ୍ଜ ଦାସ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି ?

କ) ଫଲଗୁ

ଖ) ବନହଂସୀ

ଗ) କାଠଘୋଡ଼ା

ଘ) ଅରଣ୍ୟ ଫସଲ

୩) 'ଫଲଗୁ' ନାଟକଟି କେଉଁ ପରିବାରର ଚିତ୍ର ବହନ କରିଅଛି ?

କ) ମଧ୍ୟବିତ୍ତ

ଖ) ଗରିବ

ଗ) ସମ୍ଭ୍ରାନ୍ତ

ଘ) ଧନୀ

୪) ଡ୍ରଇଂ ରୁମରେ ଟେବୁଲ କ୍ଲଥ ପରିବର୍ତ୍ତେ କ'ଣ ପରାଯାଇଥିଲା ?

କ) ପୁରୁଣା ବେଡ଼ସିଟ୍

ଖ) ପୁରୁଣା ଲୁଗା

ଗ) ପୁରୁଣା ଖବରକାଗଜ

ଘ) ପୁରୁଣା ଜାମା

୫) ଡ୍ରଇଂ ରୁମରେ ଥିବା କେଉଁଥିରୁ ଦାରିଦ୍ରତାର ରୂପ ସ୍ପଷ୍ଟ ଭାବେ ବାରିହୋଇଯାଉଥିଲା ?

କ) ଭଙ୍ଗା ଟେବୁଲରୁ

ଖ) ବେଡ୍‌ସିଟ୍‌ରୁ

ଗ) ମଇଳା ଟେବୁଲ କ୍ଲଥରୁ

ଘ) ଦରଭଙ୍ଗା ଚୌକିରୁ

୬) କାହାର ସ୍ୱର ଶୁଣି ତନ୍ମୟ ହୋଇ ଠିଆ ହୋଇଛନ୍ତି ସୁବ୍ରତ ?

କ) ବଂଶୀ

ଖ) ବୀଣା

ଗ) ମୃଦଙ୍ଗ

ଘ) କେନ୍ଦରା

୭) ସୁବ୍ରତଙ୍କ ବୟସ ପାଖାପାଖି କେତେ ହେବ ?

କ) ୩୨

ଖ) ୩୬

ଗ) ୩୫

ଘ) ୪୦

୮) କାହାର ରାଗିଣୀ ବଂଶୀରେ ଭାସି ଆସୁଥିଲା ?

କ) ଗାନ୍ଧାରୀ

ଖ) କଲ୍ୟାଣୀ

ଗ) ପୂରବୀ

ଘ) ସ୍ବାତୀ

୯) ସୁବ୍ରତଙ୍କ ସ୍ତ୍ରୀଙ୍କ ନାମ କ'ଣ ?

କ) ପୂରବୀ

ଖ) ପ୍ରୀତି

ଗ) ଶାନ୍ତି

ଘ) ପ୍ରିୟତମା

୧୦) ପ୍ରୀତିର ବୟସ କେତେ ଥିଲା ?

କ) ପଚିଶ ପାଖାପାଖି

ଖ) ତେତିଶ ପାଖାପାଖି

ଗ) ବତିଶ ପାଖାପାଖି

ଘ) ତିରିଶ ପାଖାପାଖି

୧୧) ସୁବ୍ରତଙ୍କ ବୟସ ତୁଳନାରେ ପ୍ରୀତି ପାଖାପାଖି କେତେ ବର୍ଷ ଛୋଟ ଥିଲେ ?

କ) ଛଅବର୍ଷ

ଖ) ପାଞ୍ଚବର୍ଷ

ଗ) ଚାରିବର୍ଷ

ଘ) ତିନିବର୍ଷ

୧୨) ପ୍ରୀତିଙ୍କ ସ୍ୱାମୀ କେଉଁ ଚାକିରୀ କରିଥିଲେ ?

କ) ଅଧ୍ୟାପକ

ଖ) କିରାଣୀ

ଗ) ଡ଼ାକ୍ତର

ଘ) ଇଞ୍ଜିନିୟର

୧୩) କଲେଜକୁ ଗଲାବେଳେ ପ୍ରିତି କ'ଣ ନାହିଁ ବୋଲି ସୁବ୍ରତଙ୍କୁ କହିଥିଲେ ?

କ) ଚାଉଳ

ଖ) ଚିନି

ଗ) ପରିବା

ଘ) ଅଟା

୧୪) ପ୍ରୀତି ଓ ସୁବ୍ରତଙ୍କର ବିବାହିତ ଜୀବନ କେତେ ବର୍ଷର ହୋଇଥିଲା ?

କ) ସାତବର୍ଷ

ଖ) ଆଠବର୍ଷ

ଗ) ଦୁଇବର୍ଷ

ଘ) ଛଅବର୍ଷ

୧୫) ପ୍ରୀତି କେତୋଟି ପିଲାର ଜନନୀ ଥିଲେ ?

କ) ଗୋଟିଏ

ଖ) ତିନୋଟି

ଗ) ଦୁଇଟି

ଘ) ଚାରୋଟି

୧୬) ପ୍ରୀତିଙ୍କ କାନିରେ କ'ଣ ଥିଲା ?

କ) ମୁଢ଼ି

ଖ) ଚୁଡ଼ା

ଗ) ଚାଉଳ ଭଜା

ଘ) ବାଲି

୧୭) କି'ଏ ଦାଣ୍ଡର ବାରଣ୍ଡା ଉପରକୁ ଉଠି ଆସିଲେ ?

କ) କ୍ୟାପଟେନ ମହାପାତ୍ର

ଖ) ପ୍ରୀତିଙ୍କ ଭଉଣୀ

ଗ) ଘନଶ୍ୟାମ ବାବୁଙ୍କ ମଝିଆ ପୁଅ

ଘ) ଚିନୁ

୧୮) ମହାପାତ୍ର ବାବୁଙ୍କ ସ୍ତ୍ରୀଙ୍କ ନାମ କ'ଣ ଥିଲା ?

କ) ପ୍ରୀତି

ଖ) ପ୍ରୀତିଝରା

ଗ) ପରୀ

ଘ) ପୁରବୀ

୧୯) ପୁରବୀ ଓ ମହାପାତ୍ର ବାବୁଙ୍କ ଦାମ୍ପତ୍ୟ ଜୀବନ କେତେ ବର୍ଷ ହୋଇଥିଲା ?

କ) ଆଠ

ଖ) ଛଅ

ଗ) ପାଞ୍ଚ

ଘ) ବାର

୨୦) ଆଠଘଣ୍ଟା ଗାଡ଼ି ଚ଼ଲାଇ ମହାପାତ୍ର ବାବୁ ଏବଂ ତାଙ୍କ ପରିବାର କେଉଁଠାରୁ ସୁବ୍ରତଙ୍କ ଘରକୁ ଆସିଥିଲେ ?

କ) ମାଡ୍ରାସ

ଖ) ଭୁବନେଶ୍ୱର

ଗ) ବ୍ରହ୍ମବରଦା

ଘ) ଗୋପାଳପୁର

୨୧) କ୍ୟାପଟେନ ମହାପାତ୍ର ବାବୁ କାହାକୁ ନେଇ ସାଙ୍ଗରେ ରାଉରକେଲା ଯାଉଥିଲେ ?

କ) ସ୍ତ୍ରୀ ଓ ଝିଅ

ଖ) ଝିଅ ଓ ପିଉସୀ

ଗ) ସ୍ତ୍ରୀ ଓ ପୁଅ

ଘ) ପୂରବୀ

୨୨) କାର ଭିତରେ ଥିବା ପିଉସୀ ପାଇଁ କିଏ ସୁବ୍ରତ ବାବୁଙ୍କ ଘରୁ କଫି ନେଇ ଆସିଥିଲେ ?

କ) ପ୍ରୀତି

ଖ) ମହାପାତ୍ର ବାବୁ

ଗ) ବେବି

ଘ) ସୁବ୍ରତ ବାବୁ

୨୩) ଆଜି ଯଦି ମହାପାତ୍ର ବାବୁ ସୁବ୍ରତ ବାବୁଙ୍କ ଘରେ ମୁହଁ ନ ମାରି ଚ଼ାଲି ଯାଇଥାନ୍ତେ କାହା ପ୍ରତି ଅନ୍ୟାୟ ହୋଇଥାଆନ୍ତା ?

କ) ପୂରବୀ

ଖ) ପ୍ରୀତି

ଗ) ବେବି

ଘ) ପିଉସୀ

୨୪) ପୂରବୀଙ୍କ ଆଗରେ ଆପଣ ମଣିଷ ନୁହଁନ୍ତି ଦେବତା ଏହା କାହାର ଉକ୍ତି ?

କ) ସୁବ୍ରତ ବାବୁ

ଖ) ମହାପାତ୍ର ବାବୁ

ଗ) ପ୍ରୀତି

ଘ) ପ୍ରୀତିର ସ୍ୱାମୀ

୨୫) ସୁବ୍ରତ ବାବୁଙ୍କ ଲେଖାକୁ କିଏ ପଢ଼ନ୍ତି ?

କ) ପୂରବୀ

ଖ) ବେବି

ଗ) ମହାପାତ୍ର ବାବୁ

ଘ) ପିଉସୀ

୨୬) ବେବିକୁ ଆଣିଲେ, ପୂରବୀଙ୍କୁ ତ ଆଣିପାରିଥାଆନ୍ତେ ଏହା କାହାର ଉକ୍ତି ଥିଲା ?

କ) ମହାପାତ୍ର ବାବୁ

ଖ) ବେବି

ଗ) ପ୍ରୀତି

ଘ) ସୁବ୍ରତ

୨୭) କେତେ ବର୍ଷ ପୂର୍ବେ ଗୋଟେ କାର ଆକ୍ସିଡ଼େଣ୍ଟରେ ପୂରବୀଙ୍କର ମୃତ୍ୟୁ ହୋଇଥିଲା ?

କ) ଚ଼ାରି

ଖ) ଦୁଇ

ଗ) ତିନି

ଘ) ପାଞ୍ଚ

୨୮) କିଏ ପୂରବୀର ସହପାଠିନୀ ଥିଲେ ?

କ) ମହାପାତ୍ର ବାବୁ

ଖ) ପ୍ରୀତି

ଗ) ସଂଗ୍ରାମ

ଘ) ସୁବ୍ରତ

୨୯) ବିବାହ ପୂର୍ବରୁ ପୂରବୀ ସୁବ୍ରତଙ୍କ ପାଖକୁ ପ୍ୟାକେଟରେ କ'ଣ ପଠାଇଥିଲେ ?

କ) ଖଣ୍ଡେ ଚ଼ିଠି

ଖ) କିଛି ଟଙ୍କା ଓ ସୁନା ମୁଦି

ଗ) ଫଟୋ

ଘ) ଖଣ୍ଡେ ଚ଼ିଠି ଓ କଲମଟିଏ

୩୦) ପୂରବୀ କେଉଁ ରଙ୍ଗର କଲମ ପ୍ୟାକେଟ ଭିତରେ ସୁବ୍ରତଙ୍କ ନିକଟକୁ ପଠାଇଥିଲେ ?

କ) ଗାଢ଼ନେଳୀ

ଖ) ଗାଢ଼ବାଇଗେଣୀ

ଗ) ଇସତ୍ ଲାଲ

ଘ) ହଳଦିଆ

୩୧) ମୋର ଏ କଲମଟି ଧରି ତୁମେ ନୂତନ ସାହିତ୍ୟ ଲେଖିବ ଏ କଥା କିଏ ଲେଖିଥିଲେ ?

କ) ପ୍ରୀତି

ଖ) ମହାପାତ୍ର ବାବୁ

ଗ) ସୁବ୍ରତ ବାବୁ

ଘ) ପୂରବୀ

୩୨) ପୂରବୀଙ୍କର କେଉଁ ସ୍ମୃତି ସୁବ୍ରତଙ୍କ ପାଖରେ ଛାଡ଼ି ଯାଇଥିଲେ ?

କ) କାନର ରିଙ୍ଗ

ଖ) ଗାଢ଼ ନେଳି ରଙ୍ଗର କଲମ

ଗ) ହାତର ମୁଦି

ଘ) ଉପନ୍ୟାସ

୩୩) ଘନଶ୍ୟାମ ବାବୁଙ୍କ ସ୍ତ୍ରୀଙ୍କୁ କେତେ ଟଙ୍କାରେ କଲମଟିକୁ ପ୍ରୀତି ବିକ୍ରି କରିଦେଥିଲେ ?

କ) ଦଶଟଙ୍କା

ଖ) ତିରିଶଟଙ୍କା

ଗ) ପଚିଶଟଙ୍କା

ଘ) ଚାଳିଶଟଙ୍କା

୩୪) ସୁବ୍ରତ ବାବୁଙ୍କ କେଉଁ ଜିନିଷ ଉପରେ ଘନଶ୍ୟାମ ବାବୁଙ୍କ ମଝିଆ ପୁଅର ବହୁତ ଆଶା ଥିଲା ?

କ) ବଂଶୀ

ଖ) ସୁବ୍ରତବାବୁ ଲେଖିଥିବା ବହି

ଗ) ଗାଢ଼ ନେଳି କଲମ

ଘ) ପ୍ରୀତିର ସୁନାର ଚୁଡ଼ି

୩୫) କିଏ ସୁବ୍ରତ ବାବୁଙ୍କ ନୂତନ ସାହିତ୍ୟର ଉତ୍ସ ଥିଲେ ?

କ) ପ୍ରୀତି

ଖ) ମହାପାତ୍ର ବାବୁ

ଗ) ବେବି

ଘ) ପୂରବୀ

୩୬) ଫଲଗୁ ଏକାଙ୍କିକାଟି ପାଠକହୃଦୟ ରେ କେଉଁ ଭାବ ଉଦ୍ରେକ କରିଛି ?

କ) ହିଂସା

ଖ) ଘୃଣା

ଗ) କରୁଣ

ଘ) କ୍ରୋଧ

**ANSWER SHEET**

1. c 2. d 3. a 4. c 5. d 6. a 7.c 8. c 9. b 10. d
11. b 12. a 13. d 14. b 15. c 16. c 17. a 18. d 19. d 20. a
21. b 22. c 23. a 24. b 25. a 26. d 27. c 28. d 29. d 30. a
31. d 32. b 33. a 34. c 35. d 36. c

# ବ୍ୟାକରଣ ବିଭାଗ

# ବାକ୍ୟ ବିଚାର

୧. ବାକ୍ୟଟି ଯାହା ବିଷୟରେ କୁହାଯାଏ ତାହା–

(କ) କ୍ରିୟା (ଖ) କର୍ମ

(ଗ) କର୍ତ୍ତା (ଘ) ଅବ୍ୟୟ

୨. ନିମ୍ନୋକ୍ତ କେଉଁ ପଦଟି ବାକ୍ୟର ଶେଷରେ ରହେ ?

(କ) ଗୌଣ କର୍ମ (ଖ) କର୍ମ

(ଗ) କ୍ରିୟା (ଘ) କର୍ତ୍ତା

୩. ଛାତ୍ରମାନେ ଶୀଘ୍ର ଶ୍ରେଣୀକୁ ଆସ। ଏହି ବାକ୍ୟରେ କେଉଁ ପଦଟି ସମ୍ବୋଧନ ପଦ ?

(କ) ଆସ (ଖ) ଶ୍ରେଣୀକୁ

(ଗ) ଶୀଘ୍ର (ଘ) ଛାତ୍ରମାନେ

୪. ଭଙ୍ଗା ଚଉକିଟି ବାରଣ୍ଡାରେ ପଡିଛି। ଏହି ବାକ୍ୟରେ ବିଶେଷଣ ପଦ କିଏ ?

(କ) ଚଉକି (ଖ) ବାରଣ୍ଡା

(ଗ) ଭଙ୍ଗା (ଘ) ପଡିଛି

୫. ବାକ୍ୟରେ ପଦଗୁଡିକର ସମ୍ବନ୍ଧକୁ କଣ କୁହାଯାଏ ?

(କ) ଯୋଗ୍ୟତା (ଖ) ଆକାଂକ୍ଷା

(ଗ) ଆସତ୍ତି (ଘ) ଯୁଗ୍ମପଦ

୬. ଗୋଟିଏ ପଦ ଅନ୍ୟ ପଦ ଉପରେ ଅର୍ଥବୋଧ ପାଇଁ ଅପେକ୍ଷା କଲେ, ଏହାକୁ କଣ କୁହାଯାଏ ?

(କ) ଆସତ୍ତି (ଖ)ଆକାଂକ୍ଷା

(ଗ) ଆପେକ୍ଷିକ (ଘ) ଯୋଗ୍ୟତା

୭. ସୁଭାଷ ବୋଷଙ୍କୁ କିଏ ନ ଜାଣେ ? ଏହା କି ପ୍ରକାର ବାକ୍ୟ ?

(କ) ନାସ୍ତି (ଖ) ସମ୍ମତିସୂଚକ

(ଗ) ପ୍ରଶ୍ନସୂଚକ (ଘ) ବିସ୍ମୟସୂଚକ

୮. ତୁମେ କ'ଣ ଆସିବ ? ଏହା କି ପ୍ରକାର ବାକ୍ୟ ?

(କ) ପ୍ରଶ୍ନସୂଚକ (ଖ) ନାସ୍ତି ସୂଚକ

(ଗ) ଆଦେଶସୂଚକ (ଘ) ବିବୃତି ସୂଚକ

୯. ଆସତ୍ତିକୁ ଆଉ କ'ଣ ବୋଲି କୁହାଯାଏ ?

(କ) ଯୋଗ୍ୟତା (ଖ)ପଦବିନ୍ୟାସ

(ଗ) ବ୍ୟାସ ବାକ୍ୟ (ଘ) ଆକାଂକ୍ଷା

୧୦. ଯୌଗିକ ବାକ୍ୟରେ ଯୋଡିବାପାଇଁ କାହାର ସାହାଯ୍ୟ ନିଆଯାଏ ?

(କ) ବିଶେଷ୍ୟ (ଖ) ବିଶେଷଣ

(ଗ) ସର୍ବନାମ (ଘ) ଅବ୍ୟୟ

୧୧. ବାକ୍ୟରେ ବୁଝା ପଡୁଥିବା ନିର୍ଦ୍ଦିଷ୍ଟ ଅଂଶକୁ କଣ କୁହାଯାଏ ?

(କ) ବାକ୍ୟାଂଶ (ଖ) ଖଣ୍ଡପଦ

(ଗ) ଖଣ୍ଡବାକ୍ୟ (ଘ) ଆସତ୍ତି

୧୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଠନାତ୍ମକ ବାକ୍ୟର ଅଂଶ ନୁହେଁ ?

(କ) ଯୌଗିକ (ଖ) ନାସ୍ତି

(ଗ) ସରଳ (ଘ) ଜଟିଳ ବାକ୍ୟ

୧୩. ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ କଣ କୁହାଯାଏ ?

(କ) ମୌଳିକ ବାକ୍ୟ (ଖ) ବ୍ୟାସବାକ୍ୟ

(ଗ) ଖଣ୍ଡବାକ୍ୟ (ଘ) ମିଶ୍ରବାକ୍ୟ

୧୪. ଆଜ୍ଞା ! ଟିକେ ସାହାଯ୍ୟ କରନ୍ତୁ। ଏହା କି ପ୍ରକାର ବାକ୍ୟ ଅଟେ ?

(କ) ଅବଜ୍ଞାସୂଚକ (ଖ)ପ୍ରଶ୍ନସୂଚକ

(ଗ) ଅନୁରୋଧ ସୂଚକ (ଘ) ବିବୃତି ସୂଚକ)

୧୫. ବାକ୍ୟର ପ୍ରତ୍ୟେକ ଅଂଶକୁ କଣ କୁହାଯାଏ ?

(କ) ସର୍ବନାମ (ଖ) ପଦ

(ଗ) ବିଶେଷଣ (ଘ) ଅବ୍ୟୟ

୧୬. ଦୁଇ ବା ତତୋଧିକ ସାପେକ୍ଷ ଖଣ୍ଡବାକ୍ୟର ସମନ୍ୱୟରେ କେଉଁ ବାକ୍ୟ ଗଠିତ ହୋଇଥାଏ ?

(କ) ଜଟିଳ ବାକ୍ୟ (ଖ) ଖଣ୍ଡବାକ୍ୟ

(ଗ) ମିଶ୍ରବାକ୍ୟ (ଘ) ଯୌଗିକ ବାକ୍ୟ

୧୭. ରାମଚନ୍ଦ୍ର ପିତୃସତ୍ୟ ପାଳି ବନବାସ ଗଲେ। – ଏହା କି ପ୍ରକାର ବାକ୍ୟ ?

(କ) ବିବୃତିସୂଚକ (ଖ) ନାସ୍ତିସୂଚକ

(ଗ) ପ୍ରଶ୍ନସୂଚକ (ଘ) ଆଦେଶସୂଚକ

୧୮. ଫଳ ବିକୁଥିବା ଲୋକଟି ଖାଇବାକୁ ଗଲା – ଏହା ସଂକ୍ଷେପରେ କଣ ହେବ ?

(କ) ଫଳ ଯିଏ ବିକେ ସେ ଖାଇବାକୁ ଗଲା

(ଖ) ଫଳ ବିକାଳିଟି ଗଲା

(ଗ) ଖାଇବାକୁ ଯିବା ବ୍ୟକ୍ତି ଫଳ ବିକାଳୀ

(ଘ) ଯିଏ ଫଳ ବିକେ ସିଏ ଗଲା

୧୯. ଯେ କୌଣସି ବାକ୍ୟର ସମନ୍ୱିତ ରୂପକୁ କଣ କୁହାଯାଏ ?

(କ) ଜଟିଳ (ଖ) ମିଶ୍ର

(ଗ) ଯୌଗିକ (ଘ) ସରଳ ବାକ୍ୟ

୨୦. ଯାହା କରିବା ଉଚିତ୍ ତାହା କର। ଏହି ଉକ୍ତିକୁ ସଂକ୍ଷେପରେ କହିଲେ –

(କ) କରିବା କର (ଖ) କର୍ତ୍ତବ୍ୟ କର

(ଗ) ଯାହା ଉଚିତ୍ କର (ଘ) ଉଚିତ୍ କର୍ମ କର

## ଉତ୍ତରମାଳା

| | | | | |
|---|---|---|---|---|
| **୧. (ଗ)** | **୨. (ଗ)** | **୩. (ଘ)** | **୪. (ଗ)** | **୫. (କ)** |
| **୬. (ଖ)** | **୭. (ଗ)** | **୮. (କ)** | **୯. (ଖ)** | **୧୦. (ଘ)** |
| **୧୧. (ଗ)** | **୧୨. (ଖ)** | **୧୩. (ଗ)** | **୧୪. (ଗ)** | **୧୫. (ଖ)** |
| **୧୬. (ଗ)** | **୧୭. (କ)** | **୧୮. (ଖ)** | **୧୯. (ଖ)** | **୨୦. (କ)** |

# "ଣତ୍ୱ' ବିଧି ଓ 'ଷତ୍ୱ' ବିଧି

**ବିକଳ୍ପ ପ୍ରଶ୍ନୋତ୍ତର**

୧– ପଦ ମଧ୍ୟରେ କ'ଣ ହେବାକୁ 'ଣ ତ୍ୱ' ବିଧି କୁହାଯାଏ ?
କ)'ନ' ସ୍ଥାନରେ 'ଣ'
ଖ) 'ଣ' ସ୍ଥାନରେ 'ନ'
ଗ) 'ଣ' ସ୍ଥାନରେ 'ଣ',
ଘ) 'ତ୍ୱ' ସ୍ଥାନରେ 'ଣ'

୨– ବିଦୀର୍ଣ୍ଣ – କେଉଁ ବର୍ଣ୍ଣ ପରେ 'ଣ' ହୋଇଛି ।
କ) 'ଇ'କାର ପରେ
ଖ) 'ର' ପରେ
ଗ) 'ଷ' ପରେ
ଘ) 'ଏ' ପରେ

୩– ମାର୍ଗଣ – 'ର' ଓ 'ନ'ମଧ୍ୟରେ କଣ ବ୍ୟବଧାନ ଅଛି ?
କ) 'କ' ବର୍ଗର 'ଗ'
ଖ) 'ଆ' କାର
ଗ) 'ମ' ବର୍ଣ୍ଣ
ଘ) 'ର' ବର୍ଣ୍ଣ

୪– କେଉଁ ଶବ୍ଦରେ ସ୍ୱାଭାବିକ 'ଣ' ହୋଇଛି ?
କ) ଅନ୍ୱେଷଣ
ଖ) ଦର୍ପଣ
ଗ) ତୃଣ

ଘ) କଣିକା

୫– 'ନ' ସ୍ଥାନରେ 'ଣ' ହୋଇଥିବା ଶବ୍ଦଟି ବାଛ ?
କ) ମଣିମା
ଖ) ହଇରାଣ
ଗ) କରଣ
ଘ) ମଣିଷ

୬– କେଉଁ କେଉଁ ବର୍ଣ୍ଣ ପରେ 'ନ' ଥିଲେ 'ଣ' ହୁଏ ?
କ) ର, ର,ଷ
ଖ) 'କ' ଓ 'ପ' ବର୍ଗ
ଗ) 'ପ' ଓ 'ଚ଼' ବର୍ଗ
ଘ) 'କ' ବର୍ଗ
୭– 'ଅଣାକାର' ଶବ୍ଦରେ 'ଣ' ହୋଇଛି କାହିଁକି ?
କ) 'ର' ଥିବାରୁ
ଖ) 'ଅ' ପରେ ଥିବାରୁ
ଗ) 'କ' ପୂର୍ବରୁ
ଘ) ସ୍ୱାଭାବିକ
୮– ପ୍ରସୂନ ଶବ୍ଦରେ 'ଣ' ହୋଇନି କାହିଁକି ?
କ) 'ସ' ପରେ
ଖ) 'ଉ' ପରେ
ଗ) 'ର' ପରେ
ଘ) 'ସ' ପରେ
୯– 'ଦର୍ପଣ' ଶବ୍ଦରେ ର ଓ ନ ମଧ୍ୟରେ କଣ ବ୍ୟବଧାନ ଅଛି ?
କ) 'ଦ' ବର୍ଣ୍ଣ
ଖ) 'ପ' ବର୍ଣ୍ଣ
ଗ) 'ର୍' ବର୍ଣ୍ଣ
ଘ) 'ଅ' ବର୍ଣ୍ଣ
୧୦) କେଉଁ ପଦରେ 'ଣ' ତ୍ୱ ବିଧି ନାହିଁ ?
କ) ଦାରୁଣ
ଖ) ତୃଣ
ଗ) ଭାଷଣ
ଘ) ମଶାଣୀ
୧୧– ଆସ୍ତିକ ଶବ୍ଦରେ କେଉଁ ବର୍ଣ୍ଣ ପରେ 'ଓ' ଅଛି ?
କ) ଇ ପରେ
ଖ) ଆ ପରେ
ଗ) କ ପରେ
ଘ) ତ ପରେ
୧୨) ଶୁଶ୍ରୂଷା ଶବ୍ଦରେ କେଉଁ ବର୍ଣ୍ଣ ପରେ 'ଷ' ଅଛି ?
କ) ର ପରେ
ଖ) ଊ ପରେ
ଗ) ଶ ପରେ
ଘ) ଉ ପରେ
୧୩– କେଉଁ ପ୍ରତ୍ୟୟରେ ଷ ତ୍ୱ ବିଧି ହୁଏ ନାହିଁ ?
କ) ତ ପ୍ରତ୍ୟୟ
ଖ) ଅ ପ୍ରତ୍ୟୟ
ଗ) ସ୍ୟାତ ପ୍ରତ୍ୟୟ
ଘ) ଆଣି ପ୍ରତ୍ୟୟ
୧୪– କେଉଁ ଶବ୍ଦରେ 'ସ' ରେ 'ଷ' ହୁଏ ନାହିଁ ?
କ) ତତ୍ ସମରେ
ଖ) ଦେଶଜରେ
ଗ) ବୈଦେଶିକରେ
ଘ) ତଦ୍ ଭବରେ
୧୫– ନୋଟିସ ଶବ୍ଦରେ 'ଷ' ହୋଇନାହିଁ କାହିଁକି ?
କ) ଟ ପରେ ସ ଥିବାରୁ
ଖ) ଇ କାର ପରେ ଥିବାରୁ
ଗ) ଟ ପରେ ଇ ଥିବାରୁ
ଘ) ବୈଦେଶିକ ଶବ୍ଦ ହେତୁରୁ
୧୬– ନିଷ୍କଳ ଶବ୍ଦରେ କାହିଁକି 'ଷ' ହୋଇଛି ?
କ) ଇ ପରେ ସ ଥିବାରୁ
ଖ) ସାତ ପ୍ରତ୍ୟୟ
ଗ) ସ୍ୱାଭାବିକ ଭାବରେ
ଘ) ବିସର୍ଗ ସନ୍ଧି ଥିବାରୁ
୧୭– କେଉଁ ଶବ୍ଦରେ ଷ ତ୍ୱ ବିଧି ହୋଇନାହିଁ ?
କ) ଅବସାଦ
ଖ) ବିସ୍ତାର
ଗ) ଧୂଳିସାତ୍
ଘ) ପ୍ରସାଦ
୧୮– କେଉଁ ସନ୍ଧିଜାତ 'ସ' ର 'ଷ' ହୁଏ ?

କ) ସ୍ୱରସନ୍ଧି

ଖ) ବ୍ୟଞ୍ଜନସନ୍ଧି

ଗ) ବିସର୍ଗସନ୍ଧି

ଘ) ସବୁସନ୍ଧି

୧୯- ଅନୁସନ୍ଧାନ ଶବ୍ଦରେ 'ଷ' ହୋଇନାହିଁ କାହିଁକି ?

କ) ଉ କାର ଥିବାରୁ

ଖ) ନ ବର୍ଣ୍ଣ ଥିବାରୁ

ଗ) ଅନ ପ୍ରତ୍ୟୟ ଯୋଗୁଁ

ଘ) ଷତ୍ୱ ବିଧି ବ୍ୟତିକ୍ରମ ଯୋଗୁଁ

୨୦- କେଉଁଟି ବୈଦେଶିକ ଶବ୍ଦ ଚିହ୍ନାଅ ?

କ) କଳୁଷ

ଖ) ପ୍ରଦୋଷ

ଗ) ପୁଲିସ୍

ଘ) ଆଷାଢ

.

**ANSWER SHEET**

1. a 2. b 3. a 4. a 5. c 6. a 7.d 8. b 9. b 10. d

11. b 12.b 13. c 14. c 15. d 16. d 17. b 18. c 19. d 20. c

# ଛନ୍ଦ ଓ ଅଳଙ୍କାର

## ଛନ୍ଦ

**୧ । ପଦ୍ୟ ବା କବିତା ରଚନାରେ ଏକ ନିର୍ଦ୍ଦିଷ୍ଟ ନିୟମ ବା ଶୈଳୀକୁ କ'ଣ କୁହାଯାଏ ?**

(କ) ଛନ୍ଦ (ଖ) ଛାନ୍ଦ (ଗ) ପଦ (ଘ) ପଂକ୍ତି

**୨ । ଛନ୍ଦ କେତେ ଭାଗରେ ବିଭକ୍ତ ?**

(କ) ୩ (ଖ) ୪ (ଗ) ୨ (ଘ) ୫

**୩ । ଛନ୍ଦ କବିତାକୁ କ'ଣ କରାଏ ?**

(କ) ସ୍ଥିତିଶୀଳ (ଖ) ଗତିଶୀଳ

(ଗ) ପ୍ରଗତିଶୀଳ (ଘ) ଚଳନଶୀଳ

**୪ । ଛନ୍ଦକୁ କେଉଁ ରଚନାର ବୈଶିଷ୍ଟ୍ୟ ଭାବରେ ବିଚାର କରାଯାଏ ?**

(କ) ଗଳ୍ପ (ଖ) ପ୍ରବନ୍ଧ (ଗ) ପଦ୍ୟ (ଘ) ଏକାଙ୍କିକା

**୫ । ମିତ୍ରାକ୍ଷର ଛନ୍ଦକୁ କେତେ ଭାଗରେ ବିଭକ୍ତ କରାଯାଇଛି ?**

(କ) ୩ (ଖ) ୪

(ଗ) ୨ (ଘ) ୬

**୬ । କେଉଁ ଛନ୍ଦକୁ ୩ ଭାଗରେ ବିଭକ୍ତ କରାଯାଇଛି ?**

(କ) ଅମିତ୍ରାକ୍ଷର (ଖ) ଏକାକ୍ଷର

(ଗ) ମିତ୍ରାକ୍ଷର (ଘ) ଅପୂର୍ଣ୍ଣ ମିତ୍ରାକ୍ଷର

**୭ । ପଦର ପ୍ରତ୍ୟେକ ପଂକ୍ତିକୁ କ'ଣ କୁହନ୍ତି ?**

(କ) ପାଦ (ଖ) ଭାଗ (ଗ) ଯତି (ଘ) ଛନ୍ଦ

**୮ । ଯତିପାତ କାହା ଉପରେ ନିର୍ଭର କରେ ?**

(କ) ପଦ (ଖ) ପାଦ (ଗ) ଛନ୍ଦ (ଘ) ସ୍ୱର

**୯ ।** **କବି ଆବୃତ୍ତି କଲାବେଳେ ପ୍ରତ୍ୟେକ ପାଦର ନିର୍ଦ୍ଦିଷ୍ଟ ଅକ୍ଷର ଉପରେ ଯେଉଁ ବିଶ୍ରାମ ବା ଶ୍ୱାସଘାତ ନିଆଯାଏ, ତାହାକୁ କ'ଣ କୁହାଯାଏ ?**

(କ) ଯତି (ଖ) ପାଦ (ଗ) ପଦ (ଘ) ଛନ୍ଦ

**୧୦ ।** **କେଉଁ ଛନ୍ଦରେ ପ୍ରତ୍ୟେକ ପାଦର ଅକ୍ଷରସଂଖ୍ୟା ସମାନ ନୁହେଁ ?**

(କ) ବଙ୍ଗଳାଶ୍ରୀ (ଖ) ନଟବାଣୀ(ଗ) ଦାଣ୍ଡି (ଘ) ଗୁଜ୍ଜରୀ

**୧୧ ।** **ଦାଣ୍ଡି ବୃତ୍ତ ଛନ୍ଦରେ ଗୋଟିଏ ପଦରେ କେତୋଟି ପାଦ ଥାଏ ?**

(କ) ୨ (ଖ) ୩ (ଗ) ୪ (ଘ) ୫

**୧୨ ।** **ଦାଣ୍ଡି ରାମାୟଣ କେଉଁ ଛନ୍ଦରେ ରଚିତ ?**

(କ) ନଟବାଣୀ (ଖ) ଚୋଖି

(ଗ) ଦାଣ୍ଡିବୃତ୍ତ (ଘ) ବଙ୍ଗଳାଶ୍ରୀ

**୧୩ ।** **ଭାଗବତ ବାଣୀ ଛନ୍ଦର ପ୍ରତିପାଦର ଅକ୍ଷର ସଂଖ୍ୟା କେତେ ?**

(କ) ୯ (ଖ) ୧୦ (ଗ) ୧୨ (ଘ) ୮

**୧୪ ।** **ଗୁଜ୍ଜରୀ ଛନ୍ଦରେ ଗୋଟିଏ ପଦରେ କେତୋଟି ପାଦ ଥାଏ ?**

(କ) ୩ (ଖ) ୨ (ଗ) ୪ (ଘ) ୬

**୧୫ ।** **ଭାଗବତ ଗ୍ରନ୍ଥ କିଏ ରଚନା କରିଥିଲେ ?**

(କ) ଶାରଳା ଦାସ (ଖ) ବଳରାମ ଦାସ (ଗ) ଜଗନ୍ନାଥ ଦାସ (ଘ) କ

**୧୬ ।** **କେଉଁ ଛନ୍ଦରେ ପ୍ରତିପାଦରେ ଅକ୍ଷର ସଂଖ୍ୟା ୧୨ ?**

(କ) ନଟବାଣୀ (ଖ) ଗୁଜ୍ଜରୀ

(ଗ) ବଙ୍ଗଳାଶ୍ରୀ (ଘ) ଚୋଖି

**୧୭ ।** **ଗୁଜ୍ଜରୀ ଛନ୍ଦରେ ଗୋଟିଏ ପଦରେ କେତୋଟି ପାଦ ଥାଏ ?**

(କ) ୩ (ଖ) ୨ (ଗ) ୪ (ଘ) ୬

**୧୮ ।** **ପ୍ରତିପାଦର କେଉଁ କେଉଁ ଅକ୍ଷର ଉପରେ ଯତିପାଦ ହୁଏ ?**

(କ) ୩, ୬, ୯, ୧୨ (ଖ) ୨, ୪, ୬, ୮ (ଗ) ୪, ୮, ୧୨ (ଘ) ୨, ୬, ୧୦, ୧୨

**୧୯ ।** **ଚୋଖି ଛନ୍ଦରେ କେତୋଟି ପାଦରେ ଗୋଟିଏ ପଦ ହୁଏ ?**

(କ) ୨ (ଖ) ୪ (ଗ) ୬ (ଘ) ୮

**୨୦ ।** **ଚୋଖି ଛନ୍ଦର ପ୍ରଥମ ପାଦର ଅକ୍ଷର ସଂଖ୍ୟା କେତେ ?**

(କ) ୨୯ (ଖ) ୩୦ (ଗ) ୨୮ (ଘ) ୨୬

**୨୧ ।** **ଚୋଖି ଛନ୍ଦର କେଉଁ ପାଦରେ ୯ଟି ଅକ୍ଷର ରହିଛି ?**

(କ) ୧ମ (ଖ) ୨ୟ (ଗ) ୩ୟ (ଘ) ୪ର୍ଥ

**୨୨ ।** **ଚୋଖି ଛନ୍ଦରେ ଚତୁର୍ଥ ପାଦରେ କେତୋଟି ଅକ୍ଷର ରହିଛି ?**

(କ) ୧୩ (ଖ) ୧୨ (ଗ) ୧୪ (ଘ) ୧୧

**୨୩ ।** **ଚୋଖି ଛନ୍ଦର କେଉଁ ପାଦରେ ୬ଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ?**

(କ) ୧ମ (ଖ) ୩ୟ (ଗ) ୪ର୍ଥ (ଘ) ୨ୟ

**୨୪ ।** **ଚୋଖି ଛନ୍ଦର ଚତୁର୍ଥ ପାଦର କେଉଁ କେଉଁ ଅକ୍ଷର ଉପରେ ଯତିପାତ ହୁଏ ?**

(କ) ୬, ୮, ୧୨  (ଖ) ୫, ୭, ୧୪  (ଗ) ୬, ୮, ୧୩ (ଘ) ୮, ୧୦, ୧୩

**୨୫ । ଗୋଟିଏ ପଦରେ ଦୁଇଟି ପାଦ, ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କୋଡ଼ିଏ ଏହା କେଉଁ ଛନ୍ଦ ?**

(କ) ବଙ୍ଗଳାଶ୍ରୀ  (ଖ) ଚୋଖି

(ଗ) ଦାଣ୍ଡିବୃତ୍ତ  (ଘ) ନଟବାଣୀ

**୨୬ । ବଙ୍ଗଳାଶ୍ରୀ ଛନ୍ଦରେ ପ୍ରତିପାଦରେ ଅକ୍ଷର ସଂଖ୍ୟା କେତେ ?**

(କ) ୧୮ (ଖ) ୧୬  (ଗ) ୧୨  (ଘ) ୨୦

**୨୭ । ପ୍ରତିପାଦର କେଉଁ କେଉଁ ଅକ୍ଷର ଉପରେ ଯତିପାତ ହୁଏ ?**

(କ) ୬, ୧୨, ୧୮, ୨୦ (ଖ) ୮, ୧୨, ୧୮, ୨୦

(ଗ) ୬, ୧୦, ୧୮, ୨୦ (ଘ) ୬, ୧୨, ୧୬,୨୦

**୨୮ । ଚାରୋଟି ପାଦରେ ଗୋଟିଏ ପଦ, ଆଠଟି ଅକ୍ଷର ତୃତୀୟ ପାଦ, ଏହା କେଉଁ ଛନ୍ଦ ?**

(କ) ଶଙ୍କରା ଭରଣ  (ଖ) ଚୋଖି

(ଗ) ନଟବାଣୀ  (ଘ) ଗୁଜ୍ଜ

**୨୯ । ଶଙ୍କରା ଭରଣ ଛାନ୍ଦରେ କେତୋଟି ପାଦରେ ଗୋଟିଏ ପଦ ହୁଏ ?**

(କ) ୨  (ଖ) ୬

(ଗ) ୮  (ଘ) ୪

**୩୦ । ଶଙ୍କରା ଭରଣ ଛନ୍ଦର ତୃତୀୟ ପାଦରେ କେତୋଟି ଅକ୍ଷର ରହିଛି ?**

(କ) ୬  (ଖ) ୮  (ଗ) ୧୪  (ଘ) ୧୦

**୩୧ । ପ୍ରଥମ ପାଦର କେଉଁ କେଉଁ ଅକ୍ଷର ଉପରେ ଯତିପାତ ହୁଏ ?**

(କ) ୮, ୧୧, ୧୪  (ଖ) ୬, ୧୨, ୧୪  (ଗ) ୮, ୧୦, ୧୪  (ଘ) ୮, ୧୧, ୧୨

**୩୨ । ଦୁଇଟି ପାଦରେ ଗୋଟିଏ ପଦ**

**ଷୋହଳ ଅକ୍ଷର ପ୍ରତିଟି ପାଦ, ଏହା କେଉଁ ଛନ୍ଦ ?**

(କ) ଦାଣ୍ଡିବୃତ୍ତ  (ଖ) ଗୁଜ୍ଜରୀ

(ଗ) ନଟବାଣୀ  (ଘ) ରାମକେରୀ

**୩୩ । ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?**

(କ) ୨୦ (ଖ) ୧୨  (ଗ) ୧୬  (ଘ) ୯

**୩୪ । ରାମକେରୀ ଛନ୍ଦର ପ୍ରତି ପାଦର କେଉଁ କେଉଁ ଅକ୍ଷର ଉପରେ ଯତିପାତ ହୁଏ ?**

(କ) ୧୦, ୧୧, ୧୬  (ଖ) ୯, ୧୧, ୧୬  (ଗ) ୯, ୧୨, ୧୬  (ଘ) ୯, ୧୧, ୧୫

**୩୫ । ପ୍ରାଣୀର ଭଲ ମନ୍ଦବାଣୀ ।**

**ମରଣ କାଳେ ତାହାଜାଣି । ଏହା କେଉଁ ଛନ୍ଦରେ ରଚିତ ?**

(କ) ଦାଣ୍ଡିବୃତ୍ତ  (ଖ) ନଟବାଣୀ(ଗ) ଗୁଜ୍ଜରୀ  (ଘ) ଚୋଖି

**୩୬ । କେଉଁ ଛନ୍ଦର ଅନ୍ୟନାମ ନବାକ୍ଷରୀ ବୃତ୍ତ ?**

(କ) ଗୁଜ୍ଜରୀ  (ଖ) ଚୋଖି

(ଗ) ନଟବାଣୀ  (ଘ) ବଙ୍ଗଳାଶ୍ରୀ

## ଉତ୍ତରମାଳା

୧. (କ) ୨. (ଗ) ୩. (ଖ) ୪.(ଗ) ୫.(କ) ୬.(ଗ) ୭.(କ) ୮. (ଗ) ୯.(କ) ୧୦.(ଗ) ୧୧.(କ) ୧୨.(ଗ) ୧୩. (କ) ୧୪. (ଖ) ୧୫. (ଗ) ୧୬. (କ) ୧୭. (ଖ) ୧୮. (କ) ୧୯. (ଖ) ୨୦. (କ) ୨୧. (ଗ) ୨୨.(କ) ୨୩. (ଖ) ୨୪. (ଗ) ୨୫. (କ) ୨୬. (ଘ) ୨୭. (କ) ୨୮.(କ) ୨୯. (ଘ) ୩୦. (ଖ) ୩୧.(କ) ୩୨.(ଘ) ୩୩. (ଘ) ୩୪.(ଖ) ୩୫.(ଗ) ୩୬.(କ)

# ଅଳଙ୍କାର

**୧ । କିଏ ବାକ୍ୟର ଶୋଭା ବୃଦ୍ଧି କରେ ?**

(କ) ଅଳଙ୍କାର (ଖ) ଛନ୍ଦ (ଗ) ଛାନ୍ଦ (ଘ) ପଦ

**୨ । ଅଳଙ୍କାରର ଅନ୍ୟ ନାମ କ'ଣ ?**

(କ) ସୌନ୍ଦର୍ଯ୍ୟ (ଖ) ସୌନ୍ଦର୍ଯ୍ୟତତ୍ତ୍ୱ (ଗ) ରମଣୀୟ (ଘ) ସୁନ୍ଦର

**୩ । ସାହିତ୍ୟକୁ ସରସ, ସୁନ୍ଦର, ରମଣୀୟ କରିବାକୁ ଯେଉଁ ସୌନ୍ଦର୍ଯ୍ୟବର୍ଦ୍ଧକ ଉପାଦାନ ଆବଶ୍ୟକ ହୁଏ, ତାହାକୁ କ'ଣ କୁହାଯାଏ ?**

(କ) ଛନ୍ଦ (ଖ) ଛାନ୍ଦ (ଗ) ଯତିପାଦ (ଘ) ଅଳଙ୍କାର

**୪ । ଅଳଙ୍କାରକୁ କେତେ ଭାଗରେ ବିଭକ୍ତ କରାଯାଇଛି ?**

(କ) ୪ (ଖ) ୩ (ଗ) ୨(ଘ) ୫

**୫ । ଶବ୍ଦାଳଙ୍କାର ଦ୍ୱାରା କ'ଣ ସରସ ଓ ସୁନ୍ଦର ହୋଇଥାଏ ?**

(କ) ଶବ୍ଦ (ଖ) ଅର୍ଥ (ଗ) ପାଦ (ଘ) ପଂକ୍ତି

**୬ । ଯାହାଦ୍ୱାରା ଅର୍ଥ ରମଣୀୟ ଓ ଚିତ୍ତାକର୍ଷକ ହୁଏ ତାହାକୁ କ'ଣ କୁହାଯାଏ ?**

(କ) ଶବ୍ଦାଳଙ୍କାର (ଖ) ଅର୍ଥାଳଙ୍କାର (ଗ) ଅଳଙ୍କାର (ଘ) ଛନ୍ଦ

**୭ । ପଦ ମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ବାରମ୍ବାର ଉଚ୍ଚାରିତ ହେଲେ, ତାହାକୁ କେଉଁ ଅଳଙ୍କାର କୁହାଯାଏ ?**

(କ) ଯମକ (ଖ) ଶ୍ଳେଷ (ଗ) ଅନୁପ୍ରାସ (ଘ) ଉପମା

**୮ । ଅନୁପ୍ରାସ ଅଳଙ୍କାରରେ କେଉଁ ବର୍ଣ୍ଣର ବାରମ୍ବାର ଉଚ୍ଚାରଣ ହୁଏ ?**

(କ) ବ୍ୟଞ୍ଜନ ବର୍ଣ୍ଣ (ଖ) ସ୍ୱର

(ଗ) ଅବର୍ଗ୍ୟ (ଘ) ବର୍ଗ୍ୟ

**୯ । କେଉଁ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତି କରି ଯମକ ଅଳଙ୍କାର ହୁଏ ?**

(କ) ସମାର୍ଥବୋଧକ (ଖ) ବୀପରୀତାର୍ଥ ବୋଧକ (ଗ) ଭିନ୍ନାର୍ଥବୋଧକ(ଘ) ଯୁଗ୍ମ

**୧୦ । ଶବ୍ଦାଳଙ୍କାର କେତେ ପ୍ରକାର ?**

(କ) ୩ (ଖ) ୬ (ଗ) ୫ (ଘ) ୨

**୧୧ । ଯେଉଁଠାରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନାର୍ଥ ପ୍ରକାଶ କରେ, ତାହାକୁ କେଉଁ ଅଳଙ୍କାର କୁହାଯାଏ ?**

(କ) ଯମକ (ଖ) ଶ୍ଳେଷ

(ଗ) ଅନୁପ୍ରାସ (ଘ) ଅଳଙ୍କାର

**୧୨ । ଯେଉଁ ଶବ୍ଦ ଏକାଧିକ ଅର୍ଥ ପ୍ରକାଶ କରେ, ତାହାକୁ କେଉଁ ପଦ କୁହାଯାଏ ?**

(କ) ଶ୍ଳେଷ (ଖ) ଯତିପାତ

(ଗ) ଶ୍ଳିଷ୍ଟ (ଘ) କ

**୧୩ । ଶ୍ଳେଷ ଅଳଙ୍କାର କେତେ ପ୍ରକାରର ?**

(କ) ୨ (ଖ) ୩

(ଗ) ୪ (ଘ) ୫

**୧୪ । ଶବ୍ଦକୁ ନଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରାଗଲେ, ତାହା କେଉଁ ପ୍ରକାର ଶ୍ଳେଷ ଅଳଙ୍କାର ?**

(କ) ଭଙ୍ଗାଭଙ୍ଗ (ଖ) ସଭଙ୍ଗ (ଗ) ଅଭଙ୍ଗ (ଘ) ସଭଙ୍ଗାଭଙ୍ଗ

**୧୫ । କେଉଁଠାରେ ସଭଙ୍ଗାଭଙ୍ଗ ଶ୍ଳେଷ ହୁଏ ?**

(କ) ଅଭଙ୍ଗ (ଖ) ଅଭଙ୍ଗସଭଙ୍ଗ (ଗ) ଭଙ୍ଗାଭଙ୍ଗ (ଘ) ସଭଙ୍ଗଭଙ୍ଗ

**୧୬ । ଯାହାକୁ ତୁଳନା ଦିଆଯାଇଥାଏ, ତାହାକୁ କ'ଣ କୁହାଯାଏ ?**

(କ) ଉପମେୟ (ଖ) ଉପମା

(ଗ) ଉପମାନ (ଘ) ଉପମାବାଚକ

**୧୭ । ଉପମାବାଚକ ଶବ୍ଦଟି ଚିହ୍ନାଅ ।**

(କ) ଚ଼ିବା (ଖ) ବା (ଗ) ସିନା (ଘ) ଯଥା

**୧୮ । ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ଏଥିରେ ସାଧାରଣ ଧର୍ମ ଚିହ୍ନଟ କର ।**

(କ) ନୀଳ (ଖ) ସମୁଦ୍ର (ଗ) ଭାସଇ (ଘ) ବୋଇତ

**୧୯ । ମୁଖ ଚନ୍ଦ୍ର ପରି ଏଥିରେ ଉପମାନ କିଏ ?**

(କ) ଚନ୍ଦ୍ର (ଖ) ମୁଖ

(ଗ) ପରି (ଘ) ମୁଖଚନ୍ଦ୍ର

**୨୦ । ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା ବା ତର୍କଣା କରାଗଲେ ତାହାକୁ କେଉଁ ଅଳଙ୍କାର କୁହାଯାଏ ?**

(କ) ଉପମା (ଖ) ରୂପକ

(ଗ) ଉତ୍ପ୍ରେକ୍ଷା (ଘ) ଯମକ

**୨୧ । 'ଅବା' ଏହା କେଉଁ ଶବ୍ଦ ?**

(କ) ଉତ୍ପ୍ରେକ୍ଷା ବାଚକ (ଖ) ଉପମାବାଚକ (ଗ) ଉପମାନ (ଘ) ଉପମେୟ

**୨୨ । ଉପମେୟ ଓ ଉପମାନ ମଧ୍ୟରେ ଅଭେଦ କଳ୍ପିତ ହେଲେ କେଉଁ ଅଳଙ୍କାର ହୁଏ ?**

(କ) ରୂପକ (ଖ) ଉପମା

(ଗ) ଉତ୍ପ୍ରେକ୍ଷା (ଘ) ଯମକ

**୨୩ । କଲୁଷ ପଙ୍କେ ମୁହିଁ କେଡ଼େ ମଳିନ,**

**କେମନ୍ତେ ସରି ତୋର ହେବି ନଳିନ । ଏହି ପଦରେ କାହା କାହା ମଧ୍ୟରେ ଅଭେଦ କଳ୍ପନା କାଯାଇଛି ?**

(କ) ମଳିନ-ନଳିନ (ଖ) କଲୁଷ-ପଙ୍କ (ଗ) କଲୁଷ-କେମନ୍ତେ (ଘ) ପଙ୍କ-ମଳିନ

**୨୪ । ଶ୍ୱେତାଙ୍ଗ ଚଢ଼େଇ ଗୁହା ସମୁଦ୍‌ଗତ**

**ନୀର ଭେଦି ଉଠେ କିବା ଐରାବତ । ଏଠାରେ ଉତ୍ପ୍ରେକ୍ଷା ବାଚକ ଶବ୍ଦଟି ଚିହ୍ନାଅ ।**

(କ) ଶ୍ୱେତାଙ୍ଗ (ଖ) ଉଠେ

(ଗ) କିବା (ଘ) ଐରାବତ

**୨୫ । ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ**

**ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ । ଏଠାରେ ଉପମାନ କିଏ ?**

(କ) ବୋଇତ (ଖ) ଧଳାମେଘ (ଗ) ସୁନୀଳ ଅମ୍ବର (ଘ) ସମୁଦ୍ର

**ଉତ୍ତରମାଳା**

୧. (କ) ୨. (ଖ) ୩. (ଘ) ୪.(ଗ) ୫.(କ) ୬.(ଖ) ୭.(ଗ) ୮. (କ) ୯.(ଗ) ୧୦.(କ) ୧୧.(ଖ) ୧୨.(ଗ) ୧୩. (ଖ) ୧୪. (ଗ) ୧୫. (ଖ) ୧୬. (କ) ୧୭. (ଘ) ୧୮. (ଗ) ୧୯. (କ) ୨୦. (ଗ) ୨୧. (କ) ୨୨.(କ) ୨୩. (ଖ) ୨୪. (ଗ) ୨୫. (କ)

# ରୂଢ଼ି ଓ ଲୋକବାଣୀ

## ରୂଢ଼ି

**୧ । କୌଣସି ଶବ୍ଦ ନିଜସ୍ୱ ଅର୍ଥଛାଡ଼ି, ଅନ୍ୟ ଶବ୍ଦ ସହିତ ମିଶି ସ୍ୱତନ୍ତ୍ର ଅର୍ଥ ପ୍ରକାଶ କଲେ ଏହାକୁ କ'ଣ କୁହାଯାଏ ?**

(କ) ଲୋକବାଣୀ (ଖ) ରୂଢ଼ି

(ଗ) ଛନ୍ଦ (ଘ) ଅଳଙ୍କାର

**୨ । ରୂଢ଼ି କେତେ ପ୍ରକାରର ?**

(କ) ୨ ପ୍ରକାରର (ଖ) ୩ ପ୍ରକାରର (ଗ) ୪ ପ୍ରକାରର (ଘ) ୫ ପ୍ରକାରର

**୩ । ଯେଉଁ ଶବ୍ଦ ପ୍ରକୃତ ଅର୍ଥ ପ୍ରକାଶ ନ କରି ଭିନ୍ନାର୍ଥ ପ୍ରକାଶ କରେ ତାକୁ କି ଶବ୍ଦ କୁହାଯାଏ ?**

(କ) ଶ୍ଳିଷ୍ଟ ଶବ୍ଦ (ଖ) ମୌଳିକ ଶବ୍ଦ (ଗ) ରୂଢ଼ି ଶବ୍ଦ (ଘ) ବାସ୍ତବ ଶବ୍ଦ

**୪ । ଯେଉଁ ରୂଢ଼ିର ପଦସଂହିତରେ କ୍ରିୟାପଦ ନଥାଏ, ତାକୁ କି ରୂଢ଼ି କୁହାଯାଏ ?**

(କ) ତୁଳନାତ୍ମକ ରୂଢ଼ି (ଖ) କ୍ରିୟାହୀନ ରୂଢ଼ି (ଗ) କ୍ରିୟାଯୁକ୍ତ ରୂଢ଼ି (ଘ) ଲୋକବାଣୀ

**୫ । କ୍ରିୟାହୀନ ରୂଢ଼ିକୁ ବାଛ ।**

(କ) ଅନ୍ଧର ଲଉଡ଼ି (ଖ) ଘର ଡ଼ିଙ୍କି କୁମ୍ଭୀର (ଗ) ଅହଙ୍କା ରଖିବା (ଘ) ଏଣ୍ଡୁଅ ପରି ମୁଣ୍ଡ ଟୁଙ୍ଗାରିବା

**୬ । ଦେହଲଗା - ରୂଢ଼ିଟିର ଅର୍ଥ କ'ଣ ?**

(କ) ଅତି ବିଶ୍ୱାସୀ (ଖ) ଅତି ନିଜର (ଗ) ଅତି ବିଶ୍ୱସ୍ତ (ଘ) ଅତି ଆପଣାର

**୭ । କ୍ଷୀଣ ଆଶ୍ରୟ ଅର୍ଥକୁ ପରିପ୍ରକାଶ କରୁଥିବା ରୂଢ଼ିଟିକୁ ଚିହ୍ନଟ କର ।**

(କ) ଝାଳବୁହା ଧନ (ଖ) ବଣ ବିଛୁଆତି (ଗ) ହାତ ବାରିସି (ଘ) ବାଆକୁ ବତା

**୮ । "ହୁଙ୍କା ପିଟା" ରୂଢ଼ିର ଅର୍ଥ କ'ଣ ?**

(କ) ମୁରବିଙ୍କ ଅନୁପସ୍ଥିତିରେ ବିଶୃଙ୍ଖଳା ସୃଷ୍ଟି କରିବା

(ଖ) କିଛି ନ ବୁଝି ହଠାତ୍ କାମରେ ଲାଗିଯିବା

(ଗ) ବାଧ୍ୟ କରିବା

(ଘ) ମନ୍ଦ ଭାଗ୍ୟ

**୯ । ଉଷୁନା ଧାନ ଗଜା ହେବା - ରୂଢ଼ିର ଅର୍ଥ କ'ଣ ?**

(କ) କଷ୍ଟ ସହି କୌଣସି ମତେ ଚଳିବା

(ଖ) ପ୍ରସ୍ତୁତ ହୋଇ ରହିବା

(ଗ) ସର୍ବନାଶ ହେବା (ଘ) ଅସମ୍ଭବ ସମ୍ଭବ ହେବା

୧୦ । ସୁଅ ମୁହଁରେ ଯିବା - ରୂଢ଼ିର ଅର୍ଥ କ'ଣ ?

(କ) ପ୍ରଶ୍ରୟ ଦେବା (ଖ) ସୁବିଧା ଦେବା

(ଗ) ବୃଥାରେ ଧନ ଦଉଲତ ଉଜାଡ଼ି ଦେବା

(ଘ) କୌଶଳରେ ଆୟତ୍ତ କରିବା

୧୧ । ସିଂହ ପରି ଯୁଝିବା - ରୂଢ଼ିର ଅର୍ଥ କ'ଣ ?

(କ) କୌଶଳରେ ବୃତ୍ତିରୁ ଉଚ୍ଛେଦ କରିବା

(ଖ) ନିଜଠାରୁ ଅଧିକ ଶକ୍ତିଶାଳୀ ସହ ଲଢ଼ିବା ।

(ଗ) କଠିନ ପରିଶ୍ରମ କରି ପେଟ ପୋଷିବା

(ଘ) ଭୀଷଣ ଚିନ୍ତାରେ ପଡ଼ିଯିବା

୧୨ । ଏ ମଧ୍ୟରୁ ତୁଳନାତ୍ମକ ରୂଢ଼ିଟିକୁ ବାଛ ?

(କ) ଶୁଆପରି ଘୋଷିବା (ଖ) ହାତ କରିବା (ଗ) ଦାଉ ସାଧିବା (ଘ) ମନ ଘର ଧରିବା

୧୩ । ଛୁଞ୍ଚି ପରି ମୁହଁ କରିବା - ଅର୍ଥ କ'ଣ ?

(କ) ଘୃଣା ଚକ୍ଷୁ (ଖ) ଘୃଣା ପରି ମୁଖ (ଗ) ଘୃଣା ପରି ବ୍ୟବହାର (ଘ) ଘୃଣା କରିବା

୧୪ । ଆଖିରେ ଧୂଳି ଦେବାର - ଅର୍ଥ କ'ଣ ?

(କ) ଠକି ଦେବା (ଖ) ପସନ୍ଦ କରିବା (ଗ) ସର୍ବନାଶ ହେବା (ଘ) ବିପଦରେ ପକାଇବା

୧୫ । ଖିଅ କାଢ଼ିବା - ଅର୍ଥ

(କ) ଜୀବିକା ଛଡ଼ାଇ ନେବା

(ଖ) ଚିନ୍ତିତ ହେବା

(ଗ) ବିନମ୍ର ଗୁହାରି କରିବା

(ଘ) କଥାକୁ ଘାଣ୍ଟି ଦୋଷ ଖୋଜିବା

# ଲୋକବାଣୀ

୧ । ଲୋକ ମୁଖରେ ଯୁଗ ଯୁଗ ଧରି ଚଳି ଆସୁଥିବା ନବଂ ବିଭିନ୍ନ ପରିସ୍ଥିତିରେ ପ୍ରୟୋଗ କରାଯାଉଥିବା ବିଶେଷ ଉକ୍ତି ଗୁଡ଼ିକୁ କ'ଣ କୁହାଯାଏ ?

(କ) ରୂଢ଼ି (ଖ) ଲୋକବାଣୀ (ଗ) ଛନ୍ଦ (ଘ) ଅଳଙ୍କାର

୨ । ଆମ ଭାଷାରେ ଲୋକବାଣୀ ଗୁଡ଼ିକୁ କ'ଣ କୁହାଯାଏ ?

(କ) ପ୍ରବାଦ ଓ ପ୍ରବଚନ (ଖ) ରୂଢ଼ି

(ଗ) ଅଳଙ୍କାର (ଘ) ଛନ୍ଦ

୩ । ''Might is right'' - ଇଂରାଜୀର ଏହି ଉକ୍ତିଟି ଓଡ଼ିଆରେ ଏହାର ଅର୍ଥ କ'ଣ ?

(କ) ବାଆକୁ ବତା (ଖ) କାଠିକର ପାଠ

(ଗ) ଜୋର ଯାର ମୁଲକତାର (ଘ) କ୍ଷୀଣ ଆଶ୍ରୟ

୪ । ଅକାଳେ ନିୟମ ନାସ୍ତି - ର ଅର୍ଥ କ'ଣ ?

(କ) ବୁଦ୍ଧିବଣା ହେବା (ଖ) ଅସୁବିଧା ସମୟରେ ନିୟମ ମାନି ଚଳିବା ଅସମ୍ଭବ (ଗ) ନିୟମ ମାନି ଚଳିବା

(ଘ) ନିୟମକୁ ଭାଙ୍ଗିବା

୫ । ଓଟ ମୁହଁରେ ଜିରା - ଉକ୍ତିଟିର ଅର୍ଥ କ'ଣ ?

(କ) ଦୁର୍ଯୋଗ ଆସିବା (ଖ) ଦୃଢ଼ ବଚନ

(ଗ) ଅଧିକ ଆଶା କରୁଥିବାକୁ ଅଳ୍ପ ମିଳିବା

(ଘ) ଅତି ବୁଦ୍ଧିଆ

**୬ । "ଖୋଳ ପର୍ବତ ମାର ମୂଷା"ର ଅର୍ଥ କ'ଣ ?**

(କ) ଅତି ସାମାନ୍ୟ (ଖ) କ୍ଷୁଦ୍ର ମଧ୍ୟରେ ଭୟଙ୍କରତା

(ଗ) କଷ୍ଟେ ମଷ୍ଟେ ବଂ୍ଚି ରହିବା (ଘ) ସାମାନ୍ୟ କାମ ପାଇଁ ବହୁଶ୍ରମ ଓ ଚେଷ୍ଟା

**୭ । ଆଗତ ଚଢ଼େଇକି ବେସର ବଟା - ର ଅର୍ଥ ପ୍ରକାଶ କର ?**

(କ) ହାତକୁ ଜିନିଷ ଆସିବା ପୂର୍ବରୁ ଉପଯୋଗ ପାଇଁ ପ୍ରସ୍ତୁତି

(ଖ) ଅତି ବୁଦ୍ଧିଆ

(ଗ) ନିଜେ ସମର୍ଥ ହେବା

(ଘ) ଅସମ୍ଭବ କଥା କଳ୍ପନା କରିବା

**୮ । ବଢ଼େଇ ଦେଲା ବୁଦ୍ଧି, ମାଗି ଆଣିଲା ତିଅଣ ଲୋକବାଣୀଟିର ଅର୍ଥ କ'ଣ ?**

(କ) ଆଳସ୍ୟ ସର୍ବନାଶ କରେ

(ଖ) ଉଭୟ ଶୋଭାବର୍ଦ୍ଧକ

(ଗ) ଶତ୍ରୁର ସୁବିଧା ବିପଦର କାରଣ

(ଘ) ଉଭୟ କ୍ଷଣସ୍ଥାୟୀ

**୯ । ଧୀର କଥାରେ ବଇରି ବଶ - ଅର୍ଥ କ'ଣ ?**

(କ) ଗୁଣବଣା ମାରକୁ ପୁଅ (ଖ) ନମ୍ରତା ଦ୍ୱାରା ଅନ୍ୟକୁ ବଶ କରିବା (ଗ) ସ୍ୱାର୍ଥ ସାଧନ ପରେ ଆଗ୍ରହ କମିଯିବା (ଘ) ଗୁପ୍ତକଥା ପ୍ରଘଟ କରିବା କମିଯିବା

**୧୦ । ସଭାରେ ହାଣ୍ଡି ଭାଙ୍ଗିବା ?**

(କ) ଗୁଣ ଘେନି ଆଦର (ଖ) ଗୁପ୍ତ କଥା ପ୍ରଘଟ

(ଗ) କର୍ମକୁଣ୍ଠ ଲୋକ (ଘ) ଚକ୍ରାନ୍ତ କରିବା

**୧୧ । ବକର ବେକ ବଢ଼ିଲେ ମୀନର ବିପତ୍ତିର ଅର୍ଥ କ'ଣ ?**

(କ) ଶତ୍ରୁର ସୁବିଧା ବିପଦର କାରଣ

(ଖ) ଶତ୍ରୁର ଆତ୍ମଘାତୀ (ଗ) ଶତ୍ରୁ ଅହଙ୍କାରୀ (ଘ) ଶତ୍ରୁର ପରାଧୀନତା

**୧୨ । ହାତ ଅଳସେ ଜଣ ବଙ୍କା ?**

(କ) ଅଳସୁଆ ଆନନ୍ଦ ପାଏ (ଖ) ଅଳସୁଆ ସୁଖ ପାଏ (ଗ) ଅଳସୁଆ ଦୁଃଖ ପାଏ (ଘ) ଅଳସୁଆ ଧନପାଏ

**୧୩ । ଅତି ପରିଚୟେ ଗୌରବ ନଷ୍ଟ ଲୋକବାଣୀର ଅର୍ଥ ?**

(କ) ଅତିରୁ ଇତି (ଖ) ଅତି ହାନୀକାରୀ (ଗ) ଅତି ଖରାପ (ଘ) ଅଭାବରେ ସ୍ୱଭାବ ହାନୀ ଘଟିବା

**୧୪ । ସ୍ୱାର୍ଥ ସାଧନ ପରେ ଆଗ୍ରହ କମିଯିବା ଉକ୍ତିଟି କେଉଁ ଲୋକବାଣୀକୁ ଦର୍ଶାଏ ?**

(କ) ଯତ୍ନ କଲେ ରତ୍ନ ମିଳେ (ଖ) ସଭାରେ ହାଣ୍ଡି ଭାଙ୍ଗିବା

(ଗ) ବକର ବେକ ବଢ଼ିଲେ ମୀନର ବିପତ୍ତି

(ଘ) ବାହା ସରିଲେ ବେଦୀ ମୁହଁ ପୋଡ଼ା

**୧୫ । ଫୁଲ ଯୋଗୁଁ ଗଭା, ପଣ୍ଡିତ ଯୋଗୁଁ ସଭା - ର ଅର୍ଥ କ'ଣ ?**

(କ) ଉଭୟ ଶୋଭାବର୍ଦ୍ଧକ (ଖ) ଉଭୟ କ୍ଷଣସ୍ଥାୟୀ (ଗ) ବୃଥା ପରିଶ୍ରମ (ଘ) ଅସମ୍ଭବ କଥା କହିବା

## ରୁଢ଼ି ଉତ୍ତରମାଳା

୧. (ଖ)  ୨. (ଖ)  ୩. (ଗ)  ୪. (ଖ) ୫. (ମ) ୬. (କ)  ୭. (ଘ) ୮. (ଖ)  ୯. (ଘ)  ୧୦.  (ଗ)
୧୧. (ଖ) ୧୨. (କ)  ୧୩. (ଖ)  ୧୪. (କ)  ୧୫.(ଘ)

## ଲୋକବାଣୀ ଉତ୍ତରମାଳା

୧. (ଖ)  ୨. (କ)୩. (ଗ)  ୪. (ଖ)୫. (ଗ)
୬. (ଘ)୭. (କ) ୮. (ଘ) ୯. (ଖ)  ୧୦. (ଖ)
୧୧. (କ)  ୧୨. (କ)୧୩. (ଘ)୧୪. (ଘ)  ୧୫. (କ)

## ରଚନା

# ଆଦର୍ଶ ଛାତ୍ର ଜୀବନ

**ଛାତ୍ର କାହାକୁ କୁହନ୍ତି:-**

ସ୍କୁଲ କଲେଜରେ ବିଦ୍ୟାଧ୍ୟନରେ ରତ ଥିବା ପିଲାମାନଙ୍କୁ ଛାତ୍ର କୁହାଯାଏ । "ଛାତ୍ରପାଂ ଅଧ୍ୟୟନଃ ତପଃ" । ଗୁରୁଙ୍କର ଦୋଷକୁ ଯେ ଛାତ୍ର ଆକାରରେ ଘୋଡ଼ାଇ ଦିଏ ସେ ଛାତ୍ର । "ଆଚ୍ଛାୟତତି ଗୁରୁ ଦୋଷାନ୍ ଇତି ଛାତ୍ରଃ" ।

**ପ୍ରାଚ୍ୀନ ଭାରତର ଛାତ୍ର :-**

ପ୍ରାଚ୍ୀନ ଭାରତର ଛାତ୍ରମାନେ ନିଜ ନିଜର ଗୁରୁଙ୍କୁ ଚ୍ୟନ କରୁଥିଲେ । ନଚ୍ିକେତା ଯମରାଜଙ୍କୁ ନିଜର ଗୁରୁ ହେବା ପାଇଁ ନିବେଦନ କରିଥିଲେ । କର୍ଣ୍ଣ ପର୍ଶୁରାମଙ୍କୁ ଗୁରୁ ରୂପେ ପାଇବା ପାଇଁ ପର୍ଶୁରାମଙ୍କ ନିକଟକୁ ଯାଇଥିଲେ । ଏକଲବ୍ୟ ଦ୍ରେଣାଚ୍ର୍ଯ୍ୟଙ୍କ ନିକଟକୁ ବିଦ୍ୟାଧ୍ୟୟନ ଉଦ୍ଦେଶ୍ୟରେ ଯାଇଥିଲେ ସେଠାରୁ ନିରାଶ ହୋଇ ଫେରବା ପରେ ବାରୁଣାବନ୍ତରେ ଆଶ୍ରମ ନିର୍ମାଣ କରି ମୃଣ୍ମୟ ଦ୍ରୋଣା ସ୍ଥାପନ କରି ବିଦ୍ୟାଧ୍ୟୟନ କରିଥିଲା । ସେହିପରି ଆରୁପି, ଉପମନ୍ୟୁ ମଧ୍ୟ ନିଜର ଗୁରୁଙ୍କୁ ନିଜେ ବାଛିଥିଲା ଏବଂ ବିଦ୍ୟାଧ୍ୟୟନ ପୂର୍ବରୁ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ସେତେବେଳେ ଆଜି କାଲି ପରି ସ୍କୁଲ କିମ୍ବା କଲେଜ ନଥିଲା । ଛାତ୍ରମାନେ ଗୁରୁଙ୍କ ଆଶ୍ରମରେ ରହି ବିଦ୍ୟାଲାଭ କରୁଥିଲେ । ପ୍ରାଚ୍ୀନ କାଳରେ ୩ଟି ମାଧ୍ୟମ ନମ୍ରତା, ଜିଜ୍ଞାସା ଓ ସେବା ଦ୍ୱାରା ବିଦ୍ୟାଲାଭ କରାଯାଇଥିଲା ।

**ଆଦର୍ଶ ଛାତ୍ରର ଲକ୍ଷଣ :-**

"ବିଦ୍ୟା ଦଦାତି ବିନୟମ୍" । ଅର୍ଥାତ୍ ବିଦ୍ୟା ବିନୟୀ ହେବାକୁ ସାହାଯ୍ୟ କରେ । ନମ୍ରନ୍ତି ଫଳିନୋ ବୃକ୍ଷାଃ, ନମ୍ରନ୍ତି ଗୁଣିନୋ ଜନାଃ । ଅର୍ଥାତ୍ ଯେଉଁମାନେ ଆଦର୍ଶବାଦୀ ସେମାନେ ବିଦ୍ୟାରୂପୀ ମହାଧନରେ ବିଭୂଷିତ ହେଲେ ହେଁ ବିନୟୀ ହୁଅନ୍ତି । ତେଣୁ ବିନୟ ଆଦର୍ଶ ଛାତ୍ରର ଲକ୍ଷଣ । ଗୁରୁଙ୍କ ପ୍ରତି ଶ୍ରଦ୍ଧା, ବିଦ୍ୟା ପ୍ରତି ଅନୁରାଗ ନ ରହିଲେ, ଶିକ୍ଷା ଅସମ୍ପୂର୍ଣ୍ଣ ରହେ । ମାତା ପିତା ଓ ଗୁରୁଜନଙ୍କ ପ୍ରତି ଭକ୍ତି ନ ରହିଲେ ଯେତେ ଜ୍ଞାନୀ ହେଲେ ହେଁ ସେ ଆଦର୍ଶ ଛାତ୍ର ରୂପେ ଗଣ୍ୟ ହୁଏନାହିଁ । ସଂଯମ, ଏକାଗ୍ରତା ଓ ଶୃଙ୍ଖଳା ଜ୍ଞାନ ଛାତ୍ରକୁ ଆଦର୍ଶ ଛାତ୍ରରେ ପରିଣତ କରେ । ଆଦର୍ଶ ଛାତ୍ର ପରିଶ୍ରମୀ ଏବଂ ଆଳସ୍ୟ ରହିତ ହେବା ବାଞ୍ଚ୍ନୀୟ । କଷ୍ଟ ବିନା କୃଷ୍ଣ ଲାଭ ହୁଏ ନାହିଁ । ତେଣୁ ବିନା ପରିଶ୍ରମରେ ବିଦ୍ୟା ଲାଭ ସ୍ୱପ୍ନ ମାତ୍ର । ତେଣୁ ଛାତ୍ରମାନଙ୍କର ନିମ୍ନ ପଞ୍ଚ୍ନୀତି ଆଚ୍ରଣୀୟ ।

"କାକ ସ୍ନାନ ବକୋ ଧ୍ୟାନଂ

ଶ୍ୱାନନିଦ୍ରା ତଥୈବଚ୍
ଅଳ୍ପହାରୀ ଗୃହତ୍ୟାଗୀ
ବିଦ୍ୟାର୍ଥୀ ପଞ୍ଚଲକ୍ଷଣମ୍" ।

**ଦେଶ ଗଠନରେ ଛାତ୍ରର ଭୂମିକା :-**

ଆଜିର ଛାତ୍ର କାଲିର ନାଗରିକ । ତେଣୁ ଛାତ୍ରର ସ୍କନ୍ଧ ଉପରେ ବିରାଟ ଦେଶର ଗୁରୁ ଦାୟିତ୍ୱ ଆଧାରିତ । ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ଗଣତନ୍ତ୍ରର ପ୍ରତ୍ୟେକ ଗୁଣ ଅର୍ଥାତ୍ ସମତା, ସହନଶୀଳନତା, ଅନୁଶାସନ ପ୍ରିୟତା ଏବଂ ପାରସ୍ପରିକ ସହଯୋଗୀତା ପ୍ରତ୍ୟେକ ଛାତ୍ରର ଭୂଷଣ ହେବା ବାଞ୍ଛନୀୟ । ଛାତ୍ରର ପ୍ରଧାନ କାର୍ଯ୍ୟ ଶିକ୍ଷାଲାଭ । ତେଣୁ ବୃଥା ସମୟ ନଷ୍ଟ ନ କରି ଶିକ୍ଷା ଲାଭ କରି ନିଜର ତଥା ଦେଶର ଉନ୍ନତି ପାଇଁ ଆଗୁସାରେ ହେବା ପ୍ରତ୍ୟେକ ଛାତ୍ରର କର୍ତ୍ତବ୍ୟ ।

**ଉପସଂହାର :-**

ଅଧୁନା ଛାତ୍ର ସମାଜ କଳୁଷିତ । ଆଜିକାଲି ଛାତ୍ରମାନେ ରାଜନୀତିଜ୍ଞମାନଙ୍କର ହାତବାରିସି ହୋଇ ପଡୁଛନ୍ତି । ନୀତିବିହୀନ, ଭ୍ରଷ୍ଟ ଚ଼ରିତ୍ର ବିଶିଷ୍ଟ ବହୁ ଅସାମାଜିକ ଛାତ୍ର ସ୍କୁଲ, କଲେଜ ମଧ୍ୟରେ ପ୍ରବେଶ କରି ଶିକ୍ଷାନୁଷ୍ଠାନ ଗୁଡ଼ିକର ସୁନାମ ଓ ପବିତ୍ରତାରେ କଳଙ୍କ ଆଣୁଛନ୍ତି । ବିଦ୍ୟାଧ୍ୟୟନ ରୂପକ ମହାନ୍ ବ୍ରତକୁ ତ୍ୟାଗ କରି ରାଜନୀତିରେ ବ୍ୟାପୃତ ରହିବା ଫଳରେ ଛାତ୍ର ସମାଜ ଲକ୍ଷ୍ୟ ହାସଲ ପରିବର୍ତ୍ତେ ବହୁ ଜଟିଳ ସମସ୍ୟା ସୃଷ୍ଟି କରୁଛନ୍ତି । ଯଦ୍ୱାରା ସରକାର ବାଧ୍ୟ ହୋଇ ବହୁ ଶିକ୍ଷାନୁଷ୍ଠାନକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ବନ୍ଦ ରଖୁଛନ୍ତି । ଫଳରେ ବହୁ ନିରୀହ ଛାତ୍ରଙ୍କର ଜୀବନ ନଷ୍ଟ ହେଉଛି । ତେଣୁ ଛାତ୍ର ସମାଜ ନିଜର ଉଜ୍ୱଳ ଭବିଷ୍ୟତ ନଷ୍ଟ ନ କରି ଜନ୍ମ ଭୂମିର ମହତ୍ୱ ରକ୍ଷା ପାଇଁ ନିଜର କର୍ତ୍ତବ୍ୟକୁ ଯଥାଯଥ ପାଳନ କରିବା ଉଚ଼ିତ୍ ।

*****

# ମାତୃଭାଷା

**ଉପକ୍ରମ:-**

"ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନେ ରହିବେ କାହିଁ" ?

ମାତୃଭାଷାର ଗୌରବ ପ୍ରତିଷ୍ଠା କରିବାକୁ ଯାଇ ସ୍ୱଭାବ କବି ଗଙ୍ଗାଧର ମେହେର ଯେଉଁ ମନ୍ତବ୍ୟ ପ୍ରକାଶ କରିଛନ୍ତି ତାହା ସମସ୍ତଙ୍କର ପ୍ରଣୀଧାନର ବିଷୟ । ଯଦି ନିଜର ଉନ୍ନତି କରିବାକୁ ଚ଼ାହୁଁ ତେବେ ନିଜ ମାତୃଭାଷାକୁ ଉନ୍ନତି କରିବାକୁ ପଡ଼ିବ ।

**ମାତୃଭାଷାର ମହତ୍ୱ :-**

ଭାଷାରେ "ଉଚ୍ଚ ହେବା ପାଇଁ ଯେବେ କର ଆଶା, ଉଚ୍ଚ କର ତେବେ ନିଜ ମାତୃଭାଷା ।" ମାତୃଭାଷା ହିଁ ଭାବ ପ୍ରକାଶର ସହଜ, ସରଳ ଓ ବୋଧଗମ୍ୟ ମାଧ୍ୟମ । ଆମେ ଏହା ଦ୍ୱାରା ଘରେ, ବାହାରେ ଏବଂ ଦେଶ ବିଦେଶରେ ନିଜର ହୃଦୟର ଭାବନାକୁ ପ୍ରାଞ୍ଜଳ ଭାବରେ ପ୍ରକାଶ କରିପାରୁ । ମାତୃଭାଷାର ମହତ୍ୱ ବୁଝି ପାରି ପୂର୍ବକାଳରେ ଏହାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରାଯାଇଥିଲା । କାରଣ ନିଜକୁ ସହଜରେ ପ୍ରକାଶ କରିବାକୁ ଏହା ଏକ ମାତ୍ର ମାଧ୍ୟମ ।

**ଶିକ୍ଷା କ୍ଷେତ୍ରରେ ମାତୃଭାଷାର ପ୍ରୟୋଗ :-**

ଇଂରେଜୀ ଶିକ୍ଷାର ପ୍ରଚଳନ ଫଳରେ ଏହି ମାତୃଭାଷା ନିଜର ମହତ୍ୱ ହରାଇ ବସିଲା । ୧୮୩୫ ମସିହାରେ ମାକ୍‌ଲେ ଯେଉଁ ଶିକ୍ଷାନୀତି ପ୍ରଚଳନ କଲେ ସେଥିରେ ଉଦ୍ଦେଶ୍ୟ ଥିଲା, "we must do our best to form a class who may be interpreters between us and the millions whom we govern, a class of person indian in blood and colour but English in taste and opinion- " ଇଂରେଜୀ ଶିକ୍ଷା ଲାଭ କଲେ ଉଚ୍ଚ ସରକାରୀ ପଦପଦବୀ ମିଳିବାର ଆଶା ବହୁ ଲୋକଙ୍କୁ ଇଂରେଜୀ ଭାଷା ପ୍ରତି ଆକୃଷ୍ଟ କଲା । ତେଣୁ ଦେଶୀୟ ଭାଷା କ୍ରମେ ନିଜର ସତ୍ତା ହରାଇ ବସିଲା । କୋର୍ଟ କଚେରୀରେ ଇଂରେଜୀ ଭାଷାର ପ୍ରଚଳନ ଫଳରେ ସାଧାରଣ ଜନତା ବିଶେଷ ଅସୁବିଧା ଭୋଗ କଲେ । ଯେଉଁମାନେ ଏହି ନିରୀହ ଜନତାର ଭାଷାକୁ ଇଂରାଜୀରେ ଅନୁବାଦ କରି କହିଲେ, ସେମାନେ ସଚ୍ଚୋଟ ନଥିବାରୁ ଅର୍ଥ ଲାଳସାରେ କଦର୍ଥ ପ୍ରକାଶ କଲେ । ତେଣୁ ଅନ୍ୟାୟ, ଅତ୍ୟାଚାର, ଦୁର୍ନିତୀ ବଢ଼ି ଚାଲିଲା । ଇଂରେଜ ଶାସକ ପ୍ରକୃତ ବିଷୟ ଅବବୋଧ ହୋଇପାରିଲେ ନାହିଁ । ଏହା ଜଣାପଡ଼ିବା ପରେ ୧୮୮୪ରେ ଲର୍ଡ଼ ରିପନ୍ ଦେଶୀୟ ଭାଷାକୁ କୋର୍ଟ କଚେରୀ ଭାଷା ରୂପେ ଗ୍ରହଣ କଲେ । ତେଣୁ ଭାରତୀୟ ଓକିଲ ମାନେ କୋର୍ଟ କଚେରୀକୁ ମଣ୍ଡନ କଲେ ।

**ଉଚ୍ଚ ଶିକ୍ଷା ଓ ମାତୃଭାଷା:-**

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେତେବେଳେ ସ୍ୱଦେଶୀ ଆନ୍ଦୋଳନ ଚାଲିଲା ସେତେବେଳେ ଇଂରେଜୀ ଶିକ୍ଷା ପରିତ୍ୟାଗ କରି, ସ୍କୁଲ କଲେଜ ପରିତ୍ୟାଗ କରି ବହୁ ଦେଶପ୍ରାଣ ବ୍ୟକ୍ତି ମହାତ୍ମା ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କଲେ । "ମାତୃଭାଷା ମାଧ୍ୟମରେ ଶିକ୍ଷା ଦିଆଗଲେ ଲୋକମାନେ ଗୋଲାମ ମନୋବୃତ୍ତି ତ୍ୟାଗ କରିବେ" ଏହା ଥିଲା ମହାମା ଗାନ୍ଧୀଙ୍କ ପ୍ରଧାନ ଲକ୍ଷ୍ୟ । ତେଣୁ ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ମାତୃଭାଷା ହିଁ ପ୍ରଧାନ ଅବଲମ୍ବନ ଯାହା ମାଧ୍ୟମରେ ସେ ନିଜକୁ ପ୍ରକାଶ କରିପାରିବ ଏବଂ ଶିକ୍ଷା ଉତ୍ତମ ରୂପେ ଗ୍ରହଣ କରିପାରିବ । ସେ କହିଥିଲେ –Our emphasis should be open all these subjects which concern our own country, our people, our life and our physical and social environment.

**ସମାଜ ମଙ୍ଗଳ ପାଇଁ ମାତୃଭାଷା :-**

ମାନ୍ୟବର କୋଠାରୀ କମିଶନଙ୍କ ରିପୋର୍ଟରେ ମାତୃଭାଷା ପ୍ରଥମ ଭାଷାର ସମ୍ମାନ ଲାଭ କରିଛି । ଯାହା ଫଳରେ ଆଜିକାଲି ଇଂରେଜ ଶିକ୍ଷାକୁ ଗୌଣ ସ୍ଥାନ ପ୍ରଦାନ କରାଯାଇଛି । ଏବେ ସର୍ବୋଭାରତୀୟ ପରୀକ୍ଷାରେ ମାତୃଭାଷାକୁ ସ୍ଥାନ ଦିଆଯାଇପାରିଛି । ଅଧିକାଂଶ ମହାବିଦ୍ୟାଳୟରେ ମାତୃଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ଗ୍ରହଣ କରାଯାଇଛି । ଯେଉଁମାନେ ଇଂରେଜୀ ଭାଷାରେ ଦୁର୍ବଳ ଥିଲେ, ନିଜକୁ ପ୍ରକାଶ କରିବାରେ ଅକ୍ଷମ ହେଉଥିଲେ, ସେମାନେ ମାତୃଭାଷା ମାଧ୍ୟମରେ ବେଶ୍ ଉନ୍ନତି କରିପାରୁଛନ୍ତି । ଫଳରେ ସାଧାରଣ ଜନତା କୃତକାର୍ଯ୍ୟ ହେଉଛନ୍ତି ।

**ଉପସଂହାର :-**

ଓଡ଼ିଶାର ବହୁ ଲୋକ ନିରକ୍ଷର ଓ ଅର୍ଦ୍ଧଶିକ୍ଷିତ ହୋଇଥିବାରୁ ମାତୃଭାଷା ଓ ଅନ୍ୟ ଭାଷା ବୁଝିବା ଓ କହିବା ସେମାନଙ୍କ ପକ୍ଷରେ ଦୂରୁହ ବ୍ୟାପାର । ତେଣୁ ସମାଜର ମଙ୍ଗଳ ପାଇଁ, ସର୍ବସାଧାରଣଙ୍କ ଉନ୍ନତି ପାଇଁ ମାତୃଭାଷାକୁ ବିନିଯୋଗ କରାଗଲେ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ । ତେଣୁ ମାତୃଭାଷାର ପ୍ରଚଳନ କରିବା ଏବଂ ମାତୃଭାଷାର ଉନ୍ନତି ସାଧନା ପାଇଁ ଚେଷ୍ଟା କରିବା ପ୍ରତ୍ୟେକ ଶିକ୍ଷିତ ନାଗରିକର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ।

******

# ପରିବେଶ ସୁରକ୍ଷା

**ଉପକ୍ରମ :-**

ଆମର ପରିଦୃଶ୍ୟମାନ ବାହ୍ୟ ଜଗତକୁ ଆମର ପରିବେଶ କୁହାଯାଏ । ଏହା ଜଳ, ବାୟୁ, ଆକାଶ ତଥା ମୃତ୍‌ତିକାକୁ ବୁଝାଇଥାଏ । ଏହା ଆମର ଚ଼ତୁଃପାର୍ଶ୍ୱକୁ ଘେରି ରହିଥିବା ପରିବୃତ୍‌ତ ।

**ପରିବେଶର ବିଭାଗୀକରଣ :-**

ପରିବେଶକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ।

୧) ପ୍ରାକୃତିକ ପରିବେଶ

୨) କୃତିମ ପରିବେଶ ବା ମାନବୀୟ ପରିବେଶ

ପ୍ରକୃତି ଦ୍ୱାରା ପ୍ରଦତ୍‌ତ ଜଳ, ବାୟୁ, ମୃତ୍‌ତିକା ଓ ଆକାଶ ମଣ୍ଡଳକୁ ଆମେ ପ୍ରାକୃତିକ ପରିବେଶ ରୂପେ ଗ୍ରହଣ କରିଥାଉ । କିନ୍ତୁ ମନୁଷ୍ୟ ଦ୍ୱାରା ସୃଷ୍ଟ ପରିବେଶ ସାଂସ୍କୃତିକ ପରିବେଶ ବା କୃତ୍ରିମ ପରିବେଶ ରୂପେ ପ୍ରଖ୍ୟାତ । ଏହି କୃତ୍ରିମ ପରିବେଶ ମାନବ ଦ୍ୱାରା ସୃଷ୍ଟ ସଙ୍ଗୀତ, ନାଟକ, ଚ଼ଳଚ୍ଚିତ୍ର, ଯଜ୍ଞ, ପୂଜା, ହୋମ ଇତ୍ୟାଦିକୁ ବୁଝାଇଥାଏ ।

ପ୍ରାକୃତିକ ପରିବେଶ ମଧ୍ୟରୁ ଜଳ ହିଁ ପୃଥିବୀର ତିନି ଚ଼ତୁର୍ଥାଂଶ ବ୍ୟାପୀ ରହିଛି ।

**ପରିବେଶ ଦୂଷିତର କାରଣ :-**

ଜଳ ଦୂଷିତ ହେବା କାରଣରୁ ମାନବ ସମାଜ ଘୋର ସଂକଟ ଦେଖାଦେଇଛି । କଳକାରଖାନାରୁ ନିର୍ଗତ ଅମ୍ଳ ଓ ଧୂମ ତଥା ବାୟୁମଣ୍ଡଳକୁ ଦୂଷିତ କରୁଛି । ଜଳ ପରେ ବାୟୁ ମଧ୍ୟ ଏକ ଅସରନ୍ତି ଭଣ୍ଡାର କିନ୍ତୁ ସର୍ବାଧିକ ଦୂଷିତ ହୁଏ ବାୟୁମଣ୍ଡଳ । ଜଙ୍ଗଲ ନାସ ଫଳରେ ବାୟୁ ମଣ୍ଡଳରେ ଅଙ୍ଗାର-ଅମ୍ଳଜାନର ପ୍ରାବଲ୍ୟ ଦେଖାଯାଏ । ପୁଣି ବାୟୁମଣ୍ଡଳରେ ପରମାଣୁ ପରୀକ୍ଷା, କ୍ଷେପଣାସ୍ତ୍ରର ପ୍ରୟୋଗ, ପେଟ୍ରୋଲ କିମ୍ବା କୋଇଲା ଖଣିରେ ଅକସ୍ମାତ ଲାଗି ଯାଉଥିବା ନିଆଁ ଫଳରେ ନିର୍ଗତ ପ୍ରଚୁର ଧୂମ ବାୟୁମଣ୍ଡଳକୁ ଧୂଷିତ କରେ ।

ବାୟୁ ପରି ମୃତ୍‌ତିକା ମଧ୍ୟ ଏକ ପ୍ରାକୃତିକ ସମ୍ପଦ । ଏହା ନାନା କାରଣରୁ ନଷ୍ଟ ହୋଇଥାଏ । ବର୍ଷା, ନଦୀ ଓ ସୂର୍ଯ୍ୟ ତାପ ଦ୍ୱାରା ମୃତ୍‌ତିକା କ୍ଷୟ ହୁଏ । ଆଜିକାଲି ପ୍ଲାଷ୍ଟିକ ବ୍ୟାଗର ପ୍ରଚ଼ଳନ ଫଳରେ ଲୋକମାନେ ତାହାକୁ ଏଣେତେଣେ ନିକ୍ଷେପ କରୁଛନ୍ତି । ଯାହାକି ମୃତ୍‌ତିକା ସ୍ତର ଉପରେ ଏକ ଆସ୍ତରଣ ସୃଷ୍ଟି କରି ଉର୍ବରତା ନଷ୍ଟ କରିବା ସହ ବୃକ୍ଷଲତାଙ୍କ ଖାଦ୍ୟ ସଂଗ୍ରହରେ ବାଧକ ସୃଷ୍ଟି କରୁଛି । ଏହା ଦ୍ୱାରା ବୃକ୍ଷଲତା ବଢ଼ିବାରେ ଘୋର ସଂକଟ ସୃଷ୍ଟି ହେଉଛି । ଜଙ୍ଗଲ ହେଉଛି ଅନ୍ୟତମ ପ୍ରାକୃତିକ ପରିବେଶ । ସଭ୍ୟ ମାନବ ନିଜର ଗୃହ ନିର୍ମାଣ ତଥା ଆସବାବପତ୍ର କାଠ ଉପରେ ନିର୍ଭର କରୁଛି । ତେଣୁ ସେ ଜଙ୍ଗଲ ଧ୍ୱଂସ କରୁଛି । ଜଙ୍ଗଲ ନଷ୍ଟ ଫଳରେ ବର୍ଷା ଜଳ ମୃତ୍‌ତିକା – ସ୍ତର ଭେଦ କରି ନ ପାରି ପ୍ରବଳ ବେଗରେ ପ୍ରବାହିତ ହୋଇ ବନ୍ୟା ସୃଷ୍ଟି କରୁଛି । ବନ୍ୟା ଫଳରେ ମୃତ୍‌ତିକା କ୍ଷୟ ହୋଇ ପରିବେଶ ନଷ୍ଟ ହେଉଛି ।

ଏହିପରି ଅନେକ କାରଣରୁ ବାୟୁ, ଜଳ ଓ ମୃତ୍‌ତିକା ଦୂଷିତ ହୁଏ ।

**ପରିବେଶ ସୁରକ୍ଷାର ମାଧ୍ୟମ :-**

ଜଙ୍ଗଲର ବିନାଶ ନ କରି ବୃକ୍ଷ ଲଗାଇବା ଦ୍ୱାରା ବାୟୁ ଦୂଷିତ ହେବନାହିଁ । କୃତ୍ରିମ ଜଙ୍ଗଲର ସୃଷ୍ଟି ପାଇଁ ଆଜିକାଲି ବନମହୋତ୍ସବ ମାଧ୍ୟମରେ ଚ଼େଷ୍ଟା କରାଯାଉଛି । ବନ୍ୟଜନ୍ତୁଙ୍କ ସଂରକ୍ଷଣ (Wild life Preservation) ପାଇଁ ବହୁତ ଚ଼େଷ୍ଟା କରାଯାଉଛି । ସରକାର ଆଇନ ପ୍ରଣୟନ କରି ବନ୍ୟଜନ୍ତୁ ଶିକ୍ଷାର ନିଷିଦ୍ଧ କରିଛନ୍ତି । କଳକାରଖାନାରୁ ନିର୍ଗତ ବାୟୁ ଓ ଅମ୍ଳ

ଯେପରି ପରିବେଶ ଦୂଷିତ ନ କରେ ସେଥିପାଇଁ ସରକାର ଆଇନ କରିଛନ୍ତି ଓ କଳକାରଖାନାର ମାଲିକମାନଙ୍କୁ ସତର୍କ କରାଇ ଦିଆଯାଇଛି ।

**ଉପସଂହାର :-**

ଗୋଟିଏ ଗଛ କାଟିବା ପୂର୍ବରୁ ଦୁଇଟି ଗଛ ଲଗାଇବା ଆବଶ୍ୟକ । ଯାହା ଦ୍ୱାରା ଆମର ଆବଶ୍ୟକତା ମେଣ୍ଟିବା ସଙ୍ଗେ ସଙ୍ଗେ ଜଙ୍ଗଲ ସୃଷ୍ଟି ହୋଇ ପ୍ରାକୃତିକ ପରିବେଶକୁ ନିର୍ମଳ ରଖିବ ।

******

# ବସନ୍ତ ଋତୁ

**ବସନ୍ତ ଋତୁରେ ପ୍ରାକୃତିକ ଦୃଶ୍ୟ :-**

ଋତୁ ପର୍ଯ୍ୟାୟର ବିବର୍ତ୍ତନ ଫଳରେ ଶୀତଋତୁ ପରେ ବସନ୍ତ ଋତୁ ନୈସର୍ଗିକ ସମ୍ଭାର ନେଇ ଧରାଧାମରେ ଅବତୀର୍ଣ୍ଣ ହୁଏ । ଏହି ଋତୁରେ ଧରିତ୍ରୀ, ନବବସ୍ତ୍ର ପରିହିତା, ନବଯୌବନ, ହାସ୍ୟମୁଖରା, ସୁଗନ୍ଧଭରା, ପୁଷ୍ପବତ୍ତୀ ନାରୀ ରୂପେ ଶୋଭା ପାଏ । କୋକିଳର କୁହୁତାନ, ଭ୍ରମରର ମଧୁଗୁଞ୍ଜନ, ରଙ୍ଗ ବେରଙ୍ଗର ପ୍ରଜାପତିଙ୍କର ପୁଷ୍ପ ଉପରେ ମୃଦୁନର୍ତ୍ତନ ସଙ୍ଗେ ସଙ୍ଗେ ଚମ୍ପା, ନାଗେଶ୍ୱରୀ ମକରନ୍ଦର ଭୁରୁଭୁରୁ ଗନ୍ଧ ଅମରାବତୀର ଭ୍ରମ ସୃଷ୍ଟି କରେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏହି ବସନ୍ତର ଶୋଭାରେ ବିମୁଗ୍ଧ ହୋଇ ଗାଇଛନ୍ତି :-

"ଅତି ରସମୟ ବସନ୍ତ ସମୟ
        ବିଚିତ୍ର ପ୍ରମେୟ ତାହାର
ମିତ୍ର ଅନଙ୍ଗଙ୍କୁ ପ୍ରବଳ କରାଇ
        ଆଚରି ଚର୍ଚ୍ଚରୀ ବିହାର
ଆଗତେ, ଆରୋହିଲା ନାଗେଶ୍ୱରୀକୁ
        ଋତୁରାଜ ପଦୁଁ ସେ ରଜ ଘେନିଲା
ରହିଁ ପ୍ରଫୁଲ୍ଲ କେଶରକୁ ।"

ବିବିଧ ପୁଷ୍ପ ସମ୍ଭାର ଓ ମୃଦୁ ମଳୟର ମନ୍ଥର ଗତି ମଧ୍ୟରେ ପଶୁପକ୍ଷୀଙ୍କର କଳରବ ମାନବ ପ୍ରାଣରେ ନବ ଉନ୍ମାଦନା ସୃଷ୍ଟିକରେ । ପଞ୍ଚବାଣର ପଞ୍ଚସାୟକ ଅରବିନ୍ଦ, ଅଶୋକ, ଚୂତ, ନିଳୋତ୍ପଳ, ନବମଲ୍ଲୀକା ପ୍ରସ୍ଫୁଟିତ ହେବା ସଙ୍ଗେ ସଙ୍ଗେ ଯାଇ, ଯୁଇ, ମାଳତୀ, ମାଧବୀ, ପୁନାଗ, ବକୁଳ, କରବୀର ଆଦୀ ପୁଷ୍ପ ସମାରୋହ ବନ ଉପବନକୁ ନନ୍ଦନ ଙ୍ଗନନରେ ପରିପତି କରେ । ନୂତନ ପୁଷ୍ପାର ଡାଳେ ଡାଳେ ମୃଦୁ ଗୁଞ୍ଜନ କରି ମଧୁ ମକ୍ଷିକା ମଧୁ ସଂଗ୍ରହ କରେ । ଏ ସମସ୍ତ ଦୃଶ୍ୟ କବି, ଭାବୁକ ଓ ଦାର୍ଶନିକ ମନରେ ଅଚିନ୍ତ୍ୟ : ଅଦୃଶ୍ୟ : ଅନନ୍ତ ସ୍ରଷ୍ଟାଙ୍କ ପ୍ରତି ଭକ୍ତିର ସର ମନ୍ଦାକିନୀ ଧାରା ପ୍ରଭାହିତ କରେ ।

**ବସନ୍ତ ଋତୁର ପର୍ବପର୍ବାଣୀ :-**

ଏତଦ୍ ବ୍ୟତୀତ ବସନ୍ତଋତୁର ସୌନ୍ଦର୍ଯ୍ୟମୟୀ ପ୍ରାକୃତିକ ଦୃଶ୍ୟ ମଧ୍ୟରେ ନିଜକୁ ହଜାଇ ଦେଇ ଜଗତ୍‌ବାସୀ ବାତାଙ୍କର ଆବାହନ କରନ୍ତି । ଏହା ବସନ୍ତ-ପଞ୍ଚମୀ ରୂପେ ଅଭିହିତ ହୁଏ । ବିଦ୍ୟାଳୟ ମାନାଙ୍କରେ ତୁଷାର ଧବଳା ବାରଦେବୀଙ୍କର ଆରାଧନା କରି କୋମଳମତି କିଶୋର କିଶୋରୀମାନେ ଭକ୍ତିପୂଜ ହୃଦୟର ନୈବେଦ୍ୟ ପ୍ରଦାନ କରନ୍ତି । ଏହାର ଅଳ୍ପଦିନ ପରେ ଦୋଳ ଉତ୍ସବ ଜଗତବାଦୀଙ୍କ ମନରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରେ । ନାନା ଅଳଙ୍କାର ବିଭୂଷିତ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତିକୁ ବିମାନ ମଧ୍ୟରେ ସୁସଜ୍ଜିତ କରାଇ ଦ୍ୱାରେ ଦ୍ୱାରେ ପୂଜା କରାଯାଏ । ଦୋଳ ପୂର୍ଣ୍ଣମୀ ପରଦିନ ହୋଲି ଉତ୍ସବ ପାଳନ କରାଯାଏ । ଆବାଳ ବୃଦ୍ଧ ବନିତା ନାନାବିଧ ରଙ୍ଗକୁ ଗୋଳି ଚ଼ଇରୀ  ଖେଳରେ ମାତି ରହନ୍ତି । ଘଟ ଘଟା, ଝାଞ୍ଜ, ମୃଦଙ୍ଗର ତାଳେ ତାଳେ ଠାକୁରଙ୍କୁ ନଚାଇ ନଚାଇ ଧନୀ ଦରିଦ୍ର ନିର୍ବିଶେଷରେ ପିଚ଼କାରୀ ମାରି ମାରି ନରନାରୀ ଉନ୍ମାଦିତ ହୁଅନ୍ତି ।

ହୋଲିର ଅବ୍ୟବହିତ ପରେ ଫଂଚୁଦୋଳ, ଦଶଦୋଳ ଆଦି ଚୈତ୍ର ମାସରେ ଅନୁଷ୍ଠିତ ହୁଏ । ବିମାନ ବିଶୋଭିତ ଠାକୁର ବିଭିନ୍ନ ଗ୍ରାମରୁ ଆସି ଏକତ୍ର ହୁଅନ୍ତି । କବିଙ୍କ ଭାଷାରେ :-

"ଠାବେ ଠାବେ ଦୋଳ ଯାତରା ଫଗୁ ହୋଇବ ଖେଳ
ଦିଅ ବିଜେ ହେବେ ବିମାନେ ସର୍ବେ ହୋଇବେ ମେଳ ।"

ଏହି ଋତୁର ଅନ୍ୟାନ୍ୟ ପର୍ବ ଗୁଡ଼ିକ ମଧ୍ୟରେ ଅଗ୍ନି ଉତ୍ସବ, ସୁଦଶାବ୍ରତ, ଶିବରାତ୍ରୀ ଆଦି ପଲ୍ଲୀଜୀବନକୁ ସୁସଂଯତି ଓ ଉତ୍ସବ ମୁଖର କରିଥାଏ ।

**ଶେଷକଥା :-**

ଏହି ଋତୁରେ ଅନ୍ତଃ ସୌନ୍ଦର୍ଯ୍ୟ ସହିଦ ବହିଃ ସୌନ୍ଦର୍ଯ୍ୟର ଅପୂର୍ବ ସମ୍ମେଳନ ହୁଏ । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ହୃଦୟାବେଗ ସମ୍ମିଳତ ହୋଇ ନୀରସ ଶୁଷ୍କ ହୃଦୟରୁ କବିତାର ସ୍ଫୁରଣ ହୁଏ । ସମଗ୍ର ଜଗତବାସୀ ଏହି ବସନ୍ତ ଋତୁର ଆଗମନକୁ ଉତ୍କଣ୍ଠିତ ହୃଦୟରେ ଋହିଁ ରହିଥାନ୍ତି । ତେଣୁ ଏହାକୁ ଯଥାର୍ଥରେ "ଋତୁରାଜ" ନାମରେ ଅଭିହିତ କରାଯାଏ ।

******

# ବର୍ଷାକାଳୀନ ପଲ୍ଲୀର ଦୃଶ୍ୟ

**ବର୍ଷାଋତୁର ଆଗମନ :-**

ଭାରତରେ ଷଡ଼ଋତୁର କଳ୍ପନା କରାଯାଇଥିଲେ ହେଁ ମୁଖ୍ୟତଃ ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁ ଅନୁଭୂତ ହୁଏ । ତନ୍ମଧ୍ୟରୁ ବର୍ଷାଋତୁ ସୃଷ୍ଟିକୁ ପାଳିବାରେ ସହାୟକ ହୁଏ । ଏହି ବର୍ଷା ଋତୁର ପ୍ରାରମ୍ଭରେ ଆକାଶ ମେଘାଚ୍ଛନ୍ନ ରହେ ଓ ଅନବରତ ବୃଷ୍ଟି ଲାଗିରହେ । ଏହି ବର୍ଷାଋତୁର ଅନୁଭବ ପଲ୍ଲୀଭୂମିରେ ଅତୀବ ଚିତ୍ତାକର୍ଷକ ହୁଏ । ସୂର୍ଯ୍ୟଙ୍କର ରକ୍ତିମ ଆଭା କଳାମେଘ ମଧ୍ୟରେ ଲୁଚ଼ି ଯାଏ ଏବଂ ସାରା ପୃଥିବୀ ଅନ୍ଧକାରରେ ଆଚ୍ଛନ୍ନ ହେଲା ପରି ଦେଖାଯାଏ । ବର୍ଷାର ମନୋରମ ରୁମ୍‌ଝୁମ୍ ଶବ୍ଦ ସଙ୍ଗେ ବିଜୁଳିର ଚ଼ମକ ଓ ମେଘର ମନ୍ଦ୍ର ନିନାଦ ହୃଦୟ ମଧ୍ୟରେ କମ୍ପନ ସୃଷ୍ଟି କରେ । ବୃକ୍ଷଲତାରେ ଜ୍ୟୋତିରିଙ୍ଗ ତାଙ୍କର ସମାବେଶ ସମଗ୍ର ଗ୍ରାମକୁ ଲିଚୁ ଆଲୋକରେ ସାଇବା ପରି ମନେହୁଏ ।

**ବର୍ଷାଋତୁରେ ପଲ୍ଲୀର ଦୃଶ୍ୟ :-**

ବର୍ଷାଋତୁର ଆଗମନରେ ପଲ୍ଲୀପ୍ରାଣ ଚ଼ଳଚ଼ଞ୍ଚଳ ହୋଇ ଉଠେ । ପ୍ରଭାତରୁ ଉଠି କୃଷକମାନେ ହଳବଳଦ ସଙ୍ଗେ କ୍ଷେତ୍ରାଭିମୁଖେ ଗମନ କରନ୍ତି । ବର୍ଷା ଜଳ ପାଇ ଶସ୍ୟ କେଦାରଗୁଡ଼ିକ ସବୁଜଶ୍ରୀ ବିମଣ୍ଡିତ ହୁଅନ୍ତି । ବାରି ବଗିଚ଼ା ଗୁଡ଼ିକ

ନାନା ଜାତିର ଫୁଲ ଫଳରେ ପରିପୂର୍ଣ୍ଣ ହୁଏ । ଗାଁ ଗୁଡ଼ିକ ଜହ୍ନି, କାକୁଡ଼ି, ଭେଣ୍ଡି ଆଦି ଫଳ ଫୁଲରେ ସୁଶୋଭିତ ହୋଇଯାଏ । ବର୍ଷା ଦିନେ ଗ୍ରାମ ଗୁଡ଼ିକ ସନ୍ଧ୍ୟା ବେଳକୁ ଜନଶୂନ୍ୟ ହେଲା ପରି ମନେହୁଏ । ବର୍ଷା ଜଳ ପାଇ ଗାଁ ଦାଣ୍ଡରେ ଦୁବଘାସ କଅଁଳି ଉଠେ । ନାଲି ଗୁଲୁ ଗୁଲୁ ସାଧବବୋହୂ ଏହି ଘାସ ମଧ୍ୟରେ ବିଚ଼ରଣ କରନ୍ତି । ରାସ୍ତା ଗୁଡ଼ିକ କର୍ଦ୍ଦମାକ୍ତ ହୋଇ ଉଠେ । ବେଳେ ବେଳେ ପାଣି ଝରି ଦାଣ୍ଡ ଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଯାଏ । ବର୍ଷା ଜଳରେ ଗାଁ ଦାଣ୍ଡରେ ଛୋଟ ପିଲାମାନେ କାଗଜ ଡ଼ଙ୍ଗା ଭସାଇ ଗୀତ ଗାଆନ୍ତି । ଯାଇ, ଯୁଇ, ନିଆଳି, ମାଧବୀ, ତରାଟ, କଦମ୍ବ ଇତ୍ୟାଦି ଫୁଲରେ ପଲ୍ଲୀଭୂଇଁ ସୁଗନ୍ଧିତ ହୁଏ । ହୁଙ୍କା ମାନଙ୍କରେ ବାଲିଛତୁ ଫୁଟି ଅତି ମନୋହର ଦେକାଯାଏ । ସବୁଆଡ଼େ ବୃକ୍ଷଲତା କଅଁଳି ଉଠେ । ବିନା ଛତାରେ ଘରୁ ବାହାରି ହୁଏନାହିଁ । କୃଷକ ମାନେ ତଲାରୀ, ପଖିଆ କିମ୍ଵା ତାଳପତ୍ରରେ ଛତା ଧରି ବିଲବାଡ଼ିକୁ ଯାଆନ୍ତି । ବର୍ଷା ଦିନେ ପିଲାମାନେ ସ୍କୁଲକୁ ଯିବାକୁ ଇଚ୍ଛା କରନ୍ତି ନାହିଁ । ମୂଲିଆ ମାନେ ଏହି ଋତୁରେ ବିଲ ବାଡ଼ିରେ କାମରେ ଲାଗି ପଡ଼ନ୍ତି । କୃଷକମାନଙ୍କୁ ଏହି ସମୟରେ ସମୟର ଅଭାବ ହୋଇଥାଏ । ବିଲବାଡ଼ିରେ କାମ କରିବାରେ ସେମାନେ ଆନନ୍ଦ ଅନୁଭବ କରନ୍ତି ।

**ବର୍ଷାଋତୁର ପର୍ବପର୍ବାଣୀ :-**

ଏହି ଋତୁରେ ପଲ୍ଲୀବାସୀ ନାନା ଉତ୍ସବ ମଧ୍ୟରେ ଜୀବନକୁ ଉପଭୋଗ କରନ୍ତି । ସେଗୁଡ଼ିକ ମଧ୍ୟରେ ଶ୍ରୀଗୁଣ୍ଡିଚ଼ା, ବାହୁଡ଼ା ଯାତ୍ରା, ରାକ୍ଷୀ ବନ୍ଧନ ଓ ବଳଭଦ୍ର ଜନ୍ମ, ଖୁଦୁରୁକୁଣୀ ଓଷା, ଝୁଲଣ ଯାତ୍ରା, ଗଣେଶ ପୂଜା ଆଦି ପ୍ରଧାନ ଅଟେ । ଏହି ପର୍ବ ଗୁଡ଼ିକ ପଲ୍ଲୀ ପ୍ରାଣକୁ ସରସ ସୁନ୍ଦର କରିବା ସଙ୍ଗେ ସଙ୍ଗେ କୋମଳମତି ବାଳକ ବାଳିକା ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବଧାରା ଜାଗ୍ରତ କରାଏ ।

**ବର୍ଷାଋତୁର ଅପକାର :-**

ଏହି ସମୟରେ ସାଇଁ ସାଇଁ ପବନ ବହେ । ଜଳୀୟ ବାଷ୍ପ ପୂର୍ଣ୍ଣ ଶୀତଳ ବାୟୁ ହାତ ଥରାଇ ଦିଏ । ବେଳେ ବେଳେ ଝଡ଼ି ବର୍ଷା ଲାଗି ରହେ ଓ ସମ୍ପୂର୍ଣ୍ଣ ଯିବା ଆସିବା ବନ୍ଦ ହୋଇଯାଏ । ବର୍ଷା ଦିନର ଆଗମନ ଫଳରେ ଯାତ୍ରା ନିଷିଦ୍ଧ ହୁଏ ଏବଂ ଲୋକମାନେ ସ୍ଵଦେଶକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

**ଉପସଂହାର :-**

ସମସ୍ତ ଆନନ୍ଦ ମଧ୍ୟରେ ବର୍ଷାଋତୁ ବେଳେ ବେଳେ ପଲ୍ଲୀପ୍ରାଣରେ ଆଶଙ୍କା ଓ ଭୟ ସୃଷ୍ଟି କରେ । ପ୍ରବଳ ବର୍ଷା ଫଳରେ ନଦୀନାଳରେ ଘାଇ ହୋଇ ଗାଁ ଗଣ୍ଡା ଭସାଇ ଦିଏ । ବହୁ ଧନଜୀବନ କ୍ଷତି ଘଟାଇ ଏହି ଋତୁ ଲୋକମାନଙ୍କୁ ଭୟଭୀତ କରାଏ । ତଥାପି ବର୍ଷାଋତୁ ସମସ୍ତଙ୍କ କାମ୍ୟ । ବର୍ଷା ବିହୁନେ ଜୀବନ ଅସମ୍ଭବ । ତେଣୁ କବିଙ୍କ କଣ୍ଠରୁ ନିସୃତ ହୁଏ:-

"ବରଷା କାଳ ଅଟେ ମଙ୍ଗଳକାରୀ
ପାଳଇ ପରଜାଙ୍କୁ ବରଷିବାରି ।"

ବାସ୍ତବିକ୍ ପଲ୍ଲୀର ବର୍ଷାକାଳ ଅତୀବ ରମଣୀୟ । ଏହାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ।

******

# ଆଜିର ବିଜ୍ଞାନ

**ଉପକ୍ରମ :-**

ପ୍ରାଚୀନ କାଳରେ ସେ ପ୍ରାକୃତିକ ପରିସ୍ଥିତିର କ୍ରୀଡ଼ା ପୁତ୍ତଳିକା ଥିଲା । କ୍ରମେ ତାହାର ଜ୍ଞାନଚକ୍ଷୁ ଉନ୍ମୀଳିତ ହେଲା । ଫଳରେ ପ୍ରକୃତିର ଅନ୍ଧକାରାଚ୍ଛନ୍ନ ନିୟମଚୟକୁ ପରିପ୍ରକାଶ କରିବାକୁ ସେ କ୍ଷମ ହୋଇପାରିଲା, ଭୌତିକ ପୃଥିବୀର ବହୁ ପରିବର୍ତ୍ତନ ଓ ନିୟନ୍ତ୍ରଣର ସୂତ୍ରପାତ ହେଲା । ଶହ ଶହ ବର୍ଷର ଅଭିଜ୍ଞତା ଫଳରେ ସେ କେତେକ ସାଧାରଣ ଜ୍ଞାନର ଅଧିକାରୀ ହେଲା । ଜୀବନକୁ ସରସ, ସୁନ୍ଦର ଓ ସାବଲୀଳ କରିବା ପାଇଁ ସେ ଏହି ଜ୍ଞାନର ଆଶ୍ରୟ ନେଲା । ଯାହାର ଅନ୍ୟ ନାମ ହେଲା ବିଜ୍ଞାନ ।

**ବିଜ୍ଞାନର ଇତିହାସ :-**

କୋପର ନିବସଙ୍କ ଜ୍ୟୋତିର୍ବିଜ୍ଞାନ, ଗାଲିଲିଓଙ୍କ ଦୂରବୀକ୍ଷଣ ଯନ୍ତ୍ର, ନ୍ୟୁଟନଙ୍କ ମାଧ୍ୟାକର୍ଷଣ ଶକ୍ତି ଆଦିର ଆବିଷ୍କାର ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ନୂତନ ଆଲୋଡ଼ନ ସୃଷ୍ଟି କଲା । ସେହିପରି ଜେମସ୍ ୱାଟଙ୍କ ବାଷ୍ପୀୟ ଇଞ୍ଜିନ ଉଦ୍ଭାବିତ ହେଲା ପରେ ରେ, ମଟର, ଜାହାଜ ପ୍ରଭୃତି ନିର୍ମିତ ହେଲା । ରାଇଟ ଭ୍ରାତୃଦ୍ୱୟ ବ୍ୟୋମଜାନ ଉଦ୍ଭାବନ କଲେ । ଫଳରେ ମାନବ ନୀଳଗଗନର ବକ୍ଷଚିରି ଦିଗ୍‌ବଳୟାଭିମୁଖେ ଉଡ଼ି ଯିବାକୁ ୫ଢ଼ ହୋଇପାରିଲା । କାର୍ଟ ରାଇଟଙ୍କ ଫ୍ଲାଇଙ୍ଗ ସଟଲ, ହାଇପ୍ରିଭସଙ୍କ ସ୍ପିନିଂ ଜେନି ଏବଂ ମୁଦ୍ରା ଯନ୍ତ୍ରର ସୃଷ୍ଟି ବିଜ୍ଞାନର ମୂଳଭିତ୍ତି ପ୍ରତିଷ୍ଠା କରି ୟୁରୋପରେ ନବ ଜାଗରଣ ସୂତ୍ରପାତ କଲା । କାଗଜ ଓ ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଫଳରେ ଜ୍ଞାନ ପକ୍ଷୀ ବିଜ୍ଞାନ ପକ୍ଷୀ ବିଜ୍ଞାନ ଯନ୍ତ୍ରରେ ଆସୀନ ହୋଇ ଉଡ଼ି ଚାଲିଲା ଅନନ୍ତ ସାଗରର ବକ୍ଷଝରି, ମହାକାଶକୁ ଭେଦ କରି ଗ୍ରହରୁ ଗ୍ରହାନ୍ତର ଅଭିମୁଖେ ।

ବିଜ୍ଞାନର ଆବଶ୍ୟକତା :-

ମନୋରଞ୍ଜନ କ୍ଷେତ୍ରରେ ବିଜ୍ଞାନର ସ୍ଥାନ ସୁସ୍ପଷ୍ଟ । ଟେଲିଗ୍ରାଫ, ଟେଲିଫୋନ, ରେଡ଼ିଓ ଓ ଟେଲିଭିଜନ ପ୍ରଭୃତି ବିଜ୍ଞାନର ଅପୂର୍ବ ଅବଦାନ । ସମ୍ବାଦ ସରବରାହ ନିମିତ୍ତ ଟେଲିପ୍ରିଣ୍ଟର ଏକ ଉତ୍କୃଷ୍ଟ ସାଧନ । ଫଟୋଗ୍ରାଫି ଓ ଚଳଚ୍ଚିତ୍ର ବିଜ୍ଞାନ ଯୁଗର ଅଦ୍ଭୁତ ଦାନ । ସିନେମା ହଲ୍‌ର ରୂପେଲୀ ପରଦା ଉପରେ ବହୁ ଦୂର ଦୁରାନ୍ତରର ପ୍ରାକୃତିକ ଦୃଶ୍ୟ, ନଦ, ନଦୀ, ବନ ପ୍ରାନ୍ତରର ସଜୀବ ପ୍ରକାଶ ଆଦି ବାସ୍ତବ ରୂପେ ପରିଦୃଷ୍ଟହୋଇ ପାରୁଛି । ପୁନଶ୍ଚ ନାନା ନୃତ୍ୟ, ଗୀତ, ଅଭିନୟ ଓ ଶିକ୍ଷଣୀୟ ତଥା ସ୍ମରଣୀୟଘଟଣାବଳୀ ପ୍ରଦର୍ଶନ ଦ୍ୱାରା ଶିକ୍ଷାଲାଭ ସଙ୍ଗେ ସଙ୍ଗେ ଚିତ୍ତବିନୋଦ କରାଯାଇ ପାରୁଛି । କୃଷିକ୍ଷେତ୍ରରେ ବିଜ୍ଞାନର ସଫଳ ପ୍ରୟୋଗ ଫଳରେ ବହୁ ଆନିକଟ ନିର୍ମିତ ହୋଇ ଜଳସେଚନର ସୁବିଧା ହବା ସଙ୍ଗେ ସଙ୍ଗେ ବହୁମୁଖୀ ଲକ୍ଷ୍ୟ ସାଧନ କରାଯାଇ ପାରୁଛି । ବହୁ ନୂତନ ଶସ୍ୟର ଉଦ୍ଭାବନ ସଙ୍ଗେ ସଙ୍ଗେ ମେଣ୍ଡିନିକର ଉତ୍ପାଦନ, ରକ୍ଷଣାବେକ୍ଷଣ ଓ କୀଟନାଶକ ଆଦିର ବ୍ୟବସ୍ଥା ହୋଇପାରିଛି । ଯଦ୍ୱାରା ପରିବାରର ଅଭାବ ଅନଟନ ଦୂରୀଭୂତ ହେବା ସଙ୍ଗେ ସଙ୍ଗେ ଅଚିରେ ମାନବ ସମାଜର କଲ୍ୟାଣ ସାଧିତ ହେଉଛି ।

**ଅପକାର :-**

ବୈଜ୍ଞାନିକ ଯୁଗର ଯୁଦ୍ଧ ଭୟାନକ ରୂପ ଧାରଣ କରି ପ୍ରତିପଦରେ ମାନବକୁ ଶଙ୍କାକୁଳ କରି ରଖିଛି । ଶକ୍ତିଶାଳୀ ରାଷ୍ଟ୍ର ମାନଙ୍କର ନୂତନ ଯୁଦ୍ଧାସ୍ତ୍ର ଉଦ୍ଭାବନ ମାନବକୁ ଭୟଭୀତ ଓ ଜୀବନ ପ୍ରତି ମୋହଶୂନ୍ୟ କରି ଆତ୍ମ ପ୍ରତ୍ୟୟଶୂନ୍ୟ, ଅଥର୍ବ ଓ ପଙ୍ଗୁ ରୂପେ ପ୍ରତିପାଦିତ କରୁଛି । ପରମାଣୁ ଓ ଉଦ୍‌ଜାନ ବୋମାର ସୃଷ୍ଟି ପ୍ରତି ମୂହୁର୍ତ୍ତରେ ମାନବକୁ ଭୟଭୀତ କରି ରଖିଛି । ବିଜ୍ଞାନର କ୍ରମୋନ୍ନତି ଫଳରେ ମାନବ ନିଜକୁ ଯେତିକି ଗୌରବାନ୍ୱିତ ମନେ କରୁଛି, ବିଜ୍ଞାନ ସୃଷ୍ଟ ଅସ୍ତ୍ରଶସ୍ତ୍ର ଦ୍ୱାରା ତଦପେକ୍ଷା ଅଧିକ ଶଙ୍କିତ ହୋଇ ରହୁଛି ।

ସମସ୍ତ ଉନ୍ନତି ସତ୍ତ୍ୱେ ଈର୍ଯ୍ୟା, ଦ୍ୱେଷ, ପରଶ୍ରୀକାତରତାରେ ଦଗ୍ଧୀଭୂତ ଆଦି ମୃଣ୍ୟକାରୀ ମାନବ ପ୍ରତିବେଶୀର ଧ୍ୱଂସ ସାଧନ କରିବାକୁ ପଶ୍ଚାତ୍‌ପଦ ହେଉନାହିଁ । ବିଜ୍ଞାନ ପର୍ଦରେ ଦର୍ପିତ ମାନବ ଧାରାକୁ ସଭା ମନେ କରିବା ଫଳରେ ବହୁ ହତ୍ୟା, ଲୁଣ୍ଠନ ଓ ଯୁଦ୍ଧର ବିଭିଷିକା ମୁଣ୍ଡ ଟେକୁଛି । ଫଳରେ ବିଜ୍ଞାନର ଅପକାରିତାର ଶଂସୟ ମାନବ ଜୀବନର ମୂଲ୍ୟବୋଧକୁ ନ୍ୟୁକ୍ କରି ଦେଉଛି ।

**ଉପସଂହାର :-**

ତେଣୁ ବିଜ୍ଞାନର ଦାନକୁ ମାନବ ସଭ୍ୟତାର କଲ୍ୟାଣ ଦିଗରେ ବିନିଯୋଗ କଲେ ଯୁଗ ଯୁଗ ଧରି ବହୁ କଷ୍ଟରେ ଗଢ଼ି ଉଠିଥିବା ସଭ୍ୟତା ପଲକ ମଧ୍ୟରେ ଧ୍ୱଂସ ନ ହୋଇ ବିଜ୍ଞାନର ଜୟଗାନ କରିବ । ପରମାଣୁ ଶକ୍ତିକୁ ଧ୍ୱଂସ ଦିଗରେ ବିନିଯୋଗ ନ କରି ଶାନ୍ତି ମାର୍ଗରେ ବିନିଯୋଗ କଲେ ଏକ ସୁସ୍ଥ, ସବଳ ଓ ଚିରନ୍ତନ ସମାଜ ଗଢ଼ି ଉଠିବ । ବିଜ୍ଞାନର କେତେକ ଉଦ୍ଭାବନ ଜଳରେ ଅଶେଷ କ୍ଷତି ହୋଇଥିଲେ ମଧ୍ୟ ବିଭିନ୍ନ ସାମୟିକ ପଦାର୍ଥ ବଳରେ ବହୁରୋଗ ଓ ରୋଗର ଜୀବାଣୁ ନଷ୍ଟ କରାଯାଇ ବିଶ୍ୱ ହିତକର ଜନକଲ୍ୟାଣ କାର୍ଯ୍ୟ କରାଯାଇ ପାରୁଛି । ସୃଷ୍ଟିର ରହସ୍ୟ ଭେଦ କରିବା ନିମନ୍ତେ ବିଭିନ୍ନ ଶକ୍ତିର ସମ୍ପର୍କ ଜାଣିବା ପାଇଁ ନିରନ୍ତର ଅନୁସନ୍ଧାନ ଚାଲୁ ରହିଛି ।

ତେଣୁ ସଭ୍ୟତାର ପଥ ପ୍ରଦର୍ଶକ ହିସାବରେ ବିଜ୍ଞାନ ଆମକୁ ଅହରହ ମାର୍ଗ ଦେଖାଇ ଆସୁଛି । ତେଣୁ ବିଜ୍ଞାନକୁ ବାଦ୍ ଦେଇ ସଭ୍ୟତାକୁ ପାହୁଣ୍ଡଟିଏ ଗବେଷଣା, ଆଲୋଚନା - ପର୍ଯ୍ୟାଲୋଚନା ନିଶ୍ଚିତ ଆଗକୁ ମାନବକୁ ଅଲୌକିକ ଶକ୍ତିର ଅଧିକାରୀ କରି ପାରିବ । ଏହା ସ୍ୱୀକାର କରିବା ନିଶ୍ଚିତ । ******

# ଦରଖାସ୍ତ ଓ ପତ୍ରଲିଖନ

**ପତ୍ର ବା ଚିଠିର ସଂଜ୍ଞା (Definition) :**

ଚିଠି, ଚିଟାଉ ଓ ପତ୍ର ହେଉଛି ସମାର୍ଥ ବୋଧକଶବ୍ଦ ।

ଇଂରାଜୀରେ ଏହାକୁ ଲେଟର କୁହାଯାଏ । ଯାହାର ଅଭିଧାନିକ ଅର୍ଥ ହେଉଛି - ପ୍ରେରକର ପ୍ରାପକ ବ୍ୟକ୍ତି ଉଦ୍ଦେଶ୍ୟରେ ପ୍ରେରଣ କରିଥିବା ଏକ ଭାବ ବିନିମୟାତ୍ମକ ସମ୍ବାଦ, ପ୍ରତିଯୋଗାଯୋଗର ଏକ ମାଧ୍ୟମ, ପୁରାତନ ପ୍ରଚଳିତ ।

**ପତ୍ରର ମୌଳିକ ଉପାଦାନ (Basic Components) :**

୧. ସରଳତା - ଚିଠିର ବାକ୍ୟ ସରଳ ଓ ଛୋଟ ହେବା ଉଚିତ୍ ।

୨. ସଂକ୍ଷିପ୍ତତା - ସନ୍ଦେଶକୁ ଅଳ୍ପରେ ପ୍ରକାଶ କରାଯିବା ଉଚିତ୍ ।

୩. ଭାବ ସାନ୍ଦ୍ରତା - ପତ୍ର ଲେଖିଥିବା ବ୍ୟକ୍ତିର ଭାବଧାରା ଗଭୀର ଓ ସାନ୍ଦ୍ର ବା ନିବିଡ଼ ହେବା ବିଧେୟ ।

୪. ବିନମ୍ରତା - ନମ୍ରତା ଓ ଶାଳୀନତା ହେଉଛି ପ୍ରସଙ୍ଗ ଉପସ୍ଥାପନର ମାର୍ଜିତ ରୂପ । ଶିଷ୍ଟ ଭାଷା ହିଁ ପତ୍ରକୁ ମର୍ଯ୍ୟାଦାବନ୍ତ କରାଏ ।

**ପତ୍ରର ପ୍ରକାର ଭେଦ (Types of Letters) :**

୧. ଘରୋଇ ପତ୍ର / ବ୍ୟକ୍ତିଗତ ପତ୍ର

୨. ବାଣିଜ୍ୟିକ ପତ୍ର / କାରବାରୀ ପତ୍ର

୩. ସରକାରୀ ପତ୍ର ବା ପ୍ରଶାସନିକ ପତ୍ର

୪. ଦରଖାସ୍ତ

୫. ନିମନ୍ତ୍ରଣ ପତ୍ର

**ଘରୋଇ / ବ୍ୟକ୍ତିଗତ ପତ୍ରର ଲିଖନ ଶୈଳୀ ଓ ପ୍ରକାଶ ଭଙ୍ଗୀର ଦୃଷ୍ଟାନ୍ତ (Personal letters and its techniques) :**

ସ୍ଥାନ ଓ ଦିନାଙ୍କ (ପତ୍ରର ଦକ୍ଷିଣ ପାର୍ଶ୍ୱ ଶୀର୍ଷ ଦେଶରେ)

ସଂପର୍କାନୁସାରେ ସମ୍ବୋଧନ (ପତ୍ର ବାମ ପାର୍ଶ୍ୱରେ)

ପ୍ରସଙ୍ଗ ଅବତାରଣା ସହିତ କ୍ରମିକ ଗତିର ଇତିକରଣ

ସଂପର୍କ ସୂଚନା ସହିତ ସ୍ୱାକ୍ଷର

ଠିକଣା ପ୍ରେରକ ଓ ପ୍ରାପକ (ଡାକ ଟିକଟ)

## ବ୍ୟକ୍ତିଗତ ଓ ଘରୋଇ ପତ୍ରର ନମୁନା :

**ତୁମ ବିଦ୍ୟାଳୟରେ ଶିଶୁଦିବସ କିପରି ପାଳନ କଲ, ତାହା ବର୍ଣ୍ଣନା କରି ତୁମ ସାଙ୍ଗ ନିକଟକୁ ପତ୍ର ଲେଖ ।**

ସାଥୀ

ଶ୍ରୀକାନ୍ତ,

ମୋର ଶୁଭେଚ୍ଛା ନେବ । ତୁମ ଚିଠି ପାଇଲି । ଆମ ବିଦ୍ୟାଳୟରେ ଆମେ ଶିଶୁ ଦିବସ କିପରି ପାଳନ କଲୁ, ତାହା ତୁମେ ଜାଣିବାକୁ ଚାହିଁଛ । ଏହା ମୁଁ ତଳେ ବର୍ଣ୍ଣନା କରୁଛି ।

ଗତ ନଭେମ୍ବର ମାସ ୧୪ ତାରିଖରେ ଆମ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଥିଲା । ସେଦିନ ସକାଳବେଳା ଆମ ବିଦ୍ୟାଳୟରେ ଗୋଟିଏ ସଭା ବସିଥିଲା । ସେଠାକୁ ଆମେ ପିଲାମାନେ ଆସିଥିଲୁ । ବାହାରୁ କେତେଜଣ ଭଦ୍ରଲୋକ ଡ଼କା ହୋଇ ଆସିଥିଲେ । ଆମ ପ୍ରଧାନଶିକ୍ଷକ ଏହି ସଭାରେ ସଭାପତି ହୋଇଥିଲେ । ଶିଶୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ସହ ସେମାନଙ୍କର ଉନ୍ନତି ପାଇଁ ଲୋକମାନେ ନାନା କଥା କହିଲେ । ସଭାରେ ନେହେରୁଙ୍କ ଛବି ଫୁଲହାରରେ ସଜା ହୋଇ ଥୁଆ ହୋଇଥିଲା । ସେହି ଛବିରେ ଫୁଲ ଚନ୍ଦନ ଦିଆ ହୋଇଥିଲା । ଆଗରେ ଗୋଟିଏ ଦୀପ ଜଳୁଥିଲା ଶେଷରେ ସଭାପତି ଭାଷଣ ଦେଲେ । ସଭାଶେଷରେ ପିଲାମାନଙ୍କୁ ମିଠା ବ[ନ କରାଯାଇଥିଲା । ମିଠା ଖାଇ ଆମେ ସବୁ ମନ ଖୁସିରେ ଘରକୁ ଫେରିଲୁ । ଚିଠି ପାଇ ଚିଠି ଦେବୁ ।

"ଇତି"

ତୁମର ସାଥୀ

ସୁକାନ୍ତ

**ଠିକଣା**

| **ପ୍ରେରକ :** | **ଗ୍ରାହକ :** |
|---|---|
| ଶ୍ରୀ ସୁକାନ୍ତ ମହାପାତ୍ର | ଶ୍ରୀ ଶ୍ରୀକାନ୍ତ ପଟ୍ଟନାୟକ |
| ଶ୍ରେଣୀ : ୧୦ମ (କ) | ଶ୍ରେଣୀ : ୧୦ମ (କ) |
| ସ୍କୁଲ - ପଂାୟତ ହାଇସ୍କୁଲ, | ସ୍କୁଲ - କୋରେଇ ଉଚ୍ଚ ଆରିକମା ବିଦ୍ୟାଳୟ |
| ଜିଲ୍ଲା - ଖୋର୍ଦ୍ଧା | ଜିଲ୍ଲା - ଯାଜପୁର |
| ପିନ୍ - ୭୫୨୦୬୦ | ପିନ୍ - ୭୫୨୦୬୧ |

### ତୁମ ପାଇଁ କାର୍ଯ୍ୟ :

ତମାଖୁ ବର୍ଜନ ନିମନ୍ତେ ସଚେତନ ବାର୍ତ୍ତା ପ୍ରଦାନ କରି ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

## ସରକାରୀ ପତ୍ରର ଲିଖନ ଶୈଳୀ ଓ ପ୍ରକାଶ ଭଙ୍ଗୀର ଦୃଷ୍ଟାନ୍ତ (Official letters and its techniques) :

୧. କାର୍ଯ୍ୟାଳୟ ଓ ସ୍ଥାନ

୨. ପତ୍ରାଙ୍କ / ଚିଠି ସଂଖ୍ୟା ............. ତାରିଖ ........

୩. ପ୍ରେରକଙ୍କ ନାମ, ପଦବୀ, କାର୍ଯ୍ୟାଳୟ ଓ ସ୍ଥାନ

୪. ପ୍ରାପକଙ୍କ ନାମ / ପଦବୀ, କାର୍ଯ୍ୟାଳୟ ଓ ସ୍ଥାନ

୫. ବିଷୟ / ସୂଚନା

୬. ସହାୟକ / ସୂତ୍ର (ପ୍ରାପକଙ୍କ ପୂର୍ବ ପ୍ରେରିତ ପତ୍ରାଙ୍କ ଓ ତାରିଖ)

୭. ସମ୍ବୋଧନ (ମହାଶୟ / ମହାଶୟା) (ପ୍ରଥମ ଛେଦ ବା କମା ରହିବ)

୮. ବିଷୟବସ୍ତୁର ବର୍ଣ୍ଣନା ଓ ଉଦ୍ଦେଶ୍ୟ ଜ୍ଞାପନ

୯. ସଂପର୍କ ସୂଚନା ସହିତ ସ୍ୱାକ୍ଷର ଓ କାର୍ଯ୍ୟାଳୟ, ଠିକଣା (ଆପଣଙ୍କ ବିଶ୍ୱସ୍ତ / ଆପଣଙ୍କର)

୧୦. ଲଫାଫା ଉପରେ ନାମ ଠିକଣା (ପ୍ରେରକ ଓ ପ୍ରାପକ)

## ସରକାରୀ ପ୍ରଶାସନିକ ପତ୍ର

ବାତ୍ୟା ପ୍ରପୀଡ଼ିତ ଅଂଚଳର ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ଫର୍ମ ପୂରଣ ଦେୟ ଛାଡ଼ ନିମନ୍ତେ ସରକାର ନେଇଥିବା ନିଷ୍ପତ୍ତିକୁ ଜଣାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ।

**ପ୍ରେରକ**

ଯୁଗ୍ମ ସଚିବ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା, ଭୁବନେଶ୍ୱର

**ପ୍ରାପ୍ତେଷୁ**

ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର

**ବିଷୟ : ବାତ୍ୟା ପ୍ରପୀଡ଼ିତ ଅଂଚଳର ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାର ଫର୍ମ ପୂରଣ ଦେୟ ଛାଡ଼ ସମ୍ବନ୍ଧେ ।**

ମହାଶୟ / ମହାଶୟା,

ଆପଣଙ୍କୁ ଜଣାଇବାକୁ ମତେ ନିର୍ଦ୍ଦେଶ ଦିଆଯାଇଛି ଯେ, ଓଡ଼ିଶା ସରକାର କଟକ, ବାଲେଶ୍ୱର, କେନ୍ଦ୍ରପଡ଼ା, ଜଗତସିଂହପୁର, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ବାତ୍ୟା ପ୍ରପୀଡ଼ିତ ଅଂଚଳରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଫର୍ମ ପୂରଣ ଦେୟ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ ଆପଣଙ୍କୁ ଅନୁରୋଧ, ଆପଣ ସେହି ଅଂଚଳରେ ଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କୁ ଜଣାଇ ଦେବେ ଯେ, ସେମାନେ ୨୦୨୨ ମସିହା ବାର୍ଷିକ ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଫର୍ମ ପୂରଣ ଦେୟ ଆଦାୟ କରିବେ ନାହିଁ । ମାଧ୍ୟମିକ ଶିକ୍ଷା ପରିଷଦକୁ ସେ ବାବଦରେ ତା'ର ପାଉଣା ପୈଠ କରିବା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଆଶା, ଆପଣ ଦୟାପୂର୍ବକ ଓ ପତ୍ର ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ବୋଲି ବିବେଚନା କରି ଯଥାଶୀଘ୍ର ପଦକ୍ଷେପ ନେବେ ଓ ଆମକୁ ଉତ୍ତରଦେବେ ।

ଧନ୍ୟବାଦ ସହ

ଆପଣଙ୍କ ବିଶ୍ୱସ୍ତ

ଯୁଗ୍ମ ସଚିବ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାର

### ତୁମ ପାଇଁ କାର୍ଯ୍ୟ :

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କର ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ନିର୍ଦ୍ଦେଶ ପତ୍ର ।

## ଦରଖାସ୍ତ

ଜଣେ ବ୍ୟକ୍ତି, ବ୍ୟକ୍ତି ସମୂହ, ଗ୍ରାମ, ସଂଗଠନ ବା ଅନୁଷ୍ଠାନ ନିଜର ଆବଶ୍ୟକତା ପୂରଣ ପାଇଁ ଆବେଦନ, ନିବେଦନ, ଅଭିଯୋଗ ବା ପ୍ରତିବାଦ ସୂତ୍ରରେ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ପଠାଉଥିବା ପତ୍ରକୁ ଦରଖାସ୍ତ କୁହାଯାଏ ।

**ଲିଖନ ଶୈଳୀ :**

ଶୀର୍ଷ / ପ୍ରାପ୍ତେଷୁ

ବିଷୟ

ସମ୍ବୋଧନ

ପ୍ରସଙ୍ଗର ଅବତାରଣା ଓ ଉଦ୍ଦେଶ୍ୟଜ୍ଞାପନ

ସଂପର୍କ ସୂଚନା ସହିତ ପୂର୍ଣ୍ଣ ସ୍ୱାକ୍ଷର ଓ ଠିକଣା

ଲଫାଫା ଉପରେ ଠିକଣା (ପ୍ରେରକ ଓ ପ୍ରାପକ)

## ନମୁନା :

ଛୁଟି ମଞ୍ଜୁର କରିବା ପାଇଁ ପ୍ରଧାନଶିକ୍ଷକଙ୍କ ନିକଟକୁ ଦରଖାସ୍ତ ।

ମାନନୀୟ,

ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବାଘମାରୀ, ଖୋର୍ଦ୍ଧା ।

**ବିଷୟ : ଛୁଟି ମଞ୍ଜୁର ପାଇଁ ନିବେଦନ**

ମହାଶୟ,

ନିବେଦନର କାରଣ ଏହିକି ଯେ, ମୁଁ ଶ୍ରୀ କୁଞ୍ଜବିହାରୀ ପଣ୍ଡା, ଦଶମ ଶ୍ରେଣୀର ଛାତ୍ର ବିନୀତ ଭାବରେ ଜଣାଉଅଛି କି, ମୁଁ ଗତ ତା. ୧୯.୧୦.୨୦୨୨ରିଖରେ ଅସୁସ୍ଥ ହୋଇ ନିକଟସ୍ଥ ଡାକ୍ତରଖାନାରେ ଡାକ୍ତରଙ୍କ ପରାମର୍ଶ ନେଲି । ଡାକ୍ତରଙ୍କ ପରାମର୍ଶକ୍ରମେ ମୁଁ ତା. ୧୯.୧୦.୨୦୨୨ ରିଖରୁ ୨୧.୧୦.୨୦୨୨ ରିଖ ତିନି ଦିନ ଯାଏ ବିଦ୍ୟାଳୟକୁ ଆସିପାରି ନଥିଲି । କାରଣ ମୁଁ ଥଣ୍ଡା ଜ୍ୱରରେ ପୀଡ଼ିତ ଥିଲି । ଆଜି ତା. ୨୨.୧୦.୨୦୨୨ରିଖରେ ବିଦ୍ୟାଳୟରେ ଯୋଗଦାନ କରିଅଛି ।

ଏଣୁ ମୁଁ ପ୍ରାର୍ଥନା କରୁଛି କି, ମୋତେ ଉକ୍ତ ଦିବସ ଗୁଡ଼ିକ ଛୁଟି ମଞ୍ଜୁର କଲେ ମୁଁ ଆପଣଙ୍କ ନିକଟରେ ଚିରୋପକୃତ ହେବି ।

ଆପଣଙ୍କର ଆଜ୍ଞାଧୀନ ଛାତ୍ର

ପଳାଶୁଣି, ବାଙ୍କୀ, କଟକ ଶ୍ରୀ କୁଞ୍ଜବିହାରୀ ପଣ୍ଡା

ତା. ୨୨.୧୦.୨୨ ୧୦ମ ଶ୍ରେଣୀ (ଖ)

## ତୁମ ଅଞ୍ଚଳରେ ଏକ ଗ୍ରାମ୍ୟ ଡ଼ାକଘର ଖୋଲିବା ପାଇଁ ମହାଡ଼ାକପାଳଙ୍କ ନିକଟକୁ ପତ୍ର ଲେଖ

ମାନନୀୟ, ଶ୍ରୀଯୁକ୍ତ ମହାଡ଼ାକପାଳ, ଭୁବନେଶ୍ୱର, ଓଡ଼ିଶା

ମହୋଦୟ .........................ସମୀପେଷୁ

ବିଷୟ : ଗ୍ରାମ୍ୟ ଡ଼ାକଘର ଖୋଲିବା ନିମନ୍ତେ

ମହାଶୟ,

ବିନମ୍ର ସହିତ ଆମ୍ଭେ ମଲ୍ଲିପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀଗଣ ନିମ୍ନୋକ୍ତ ବିଷୟ ପ୍ରତି ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁଅଛୁ ।

ଆମ୍ଭ ମଲ୍ଲିପୁର ଗ୍ରାମ ପଞ୍ଚାୟତଟି ଖୋର୍ଦ୍ଧା ବ୍ଲକର ଉତ୍ତରରେ ଅବସ୍ଥିତ । ଆମ ପଞ୍ଚାୟତର ସମୁଦାୟ ଲୋକସଂଖ୍ୟା ୧୫୦୦୦ (ପନ୍ଦର ହଜାର)ରୁ ଅଧିକ ଅଟେ । ଦେଶ ସ୍ୱାଧୀନ ହେବାର ୭୬ (ଛଅସ୍ତରୀ) ବର୍ଷ ପରେ ମଧ୍ୟ ଆମ ଅଂଚଳରେ ଡ଼ାକସେବା ଅପହଂଚ । ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶ ବିଦେଶରେ ରହୁଥିବା ଗ୍ରାମର ଯୁବକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆମ ଅଞ୍ଚଳର ଲୋକମାନେ ଡ଼ାକ ସେବା ପାଇଁ ୧୦ (ଦଶ କି.ମି.) କି.ମି. ଦୂର ଖୋର୍ଦ୍ଧା ମୁଖ୍ୟ ଡ଼ାକଘର ଉପରେ ନିର୍ଭର କରନ୍ତି, ଯାହାକି ସମସ୍ତଙ୍କ ପକ୍ଷେ ପାଇବା ଅସମ୍ଭବ ଅଟେ ।

ଏଣୁ ବିନୀତ ଅନୁରୋଧ କରୁକି, ଆପଣ ଆମ ଅଞ୍ଚଳର ସମସ୍ୟା ସମ୍ପର୍କରେ ସତ୍ୟାସତ୍ୟ ଅନୁସନ୍ଧାନ କରି ଆମ ଅଞ୍ଚଳରେ ଏକ ଡ଼ାକଘର ଖୋଲିବା ପାଇଁ ଅନୁମତି ପ୍ରଦାନ କଲେ ଆମ୍ଭେ ଚିରୋପକୃତ ହେବୁ ।

ଆପଣଙ୍କର ବିଶ୍ୱସ୍ତ
ମଲ୍ଲିପୁର ଗ୍ରା.ପ.ର ଗ୍ରାମବାସୀବୃନ୍ଦ
୧- ରବି ବେହେରା
୨- ଶ୍ୟାମସୁନ୍ଦର ମିଶ୍ର
୩) ଚରଣ ବେହେରା
୪- ଚିନ୍ତାମଣି ଖୁଣ୍ଟିଆ

## ମହାମାରୀ କରୁଣା ବ୍ୟାପୁଥିବା ଦୃଷ୍ଟିରୁ ସତର୍କତା ଅବଲମ୍ବନ ପାଇଁ ଉପଦେଶ ଦେଇ ସାନ ଭଉଣୀଙ୍କ ନିକଟକୁ ପତ୍ର ଲେଖ ।

ବାଘମାରୀ, ଖୋର୍ଦ୍ଧା
ତା.୯।୮।୨୦୨୨

ସ୍ନେହର ଡ଼ଲି,

ତତେ ମୋର ଶୁଭ ଆଶୀର୍ବାଦ, ବାପା ବୋଉଙ୍କୁ ମୋର ଭୂମିଷ୍ଠ ପ୍ରଣାମ । ଆଶା କରେ ଭଗବାନଙ୍କ କୃପାରୁ ତୁ ସେଠାରେ ଭଲରେ ଥିବୁ । ମୁଁ ଏଠାରେ ବହୁତ ଭଲରେ ଅଛି । ତୁ ତ ଜାଣିଥିବୁ ଆଜକୁ ଦୁଇବର୍ଷ ହେବ ଅଜଣା ମହାମାରୀ କରୋନା କିପରି ଚୀନ ଦେଶରୁ ଜନ୍ମ ନେଇ ସାରା ପୃଥିବୀକୁ ପଙ୍ଗୁ କରିଦେଇଛି । ତାହା ବର୍ତ୍ତମାନ ମଣିଷ ସମାଜ ପାଇଁ ଚିନ୍ତାର କାରଣ । ଏହି ଭୂତାଣୁ ଠାରୁ ରକ୍ଷା ପାଇବା ପାଇଁ କିଭଳି ସତର୍କତା ଅବଲମ୍ବନ କରିବୁ ମୁଁ ସେ ବିଷୟରେ ଲେଖୁଛି ।

କରୋନା ଏକ ଭୂତାଣୁ ଯାହା ସଂକ୍ରମିତ ଲୋକଙ୍କ ଠାରୁ ସୁସ୍ଥ ଲୋକଙ୍କ ନିକଟକୁ ଖୁବ୍ ଶୀଘ୍ର ବ୍ୟାପି ଯାଇଥାଏ । ସାଧାରଣତଃ ଏହା କାଶ, ଛିଙ୍କ, କହିବା ବେଳେ ପାଟିରୁ ବାହାରୁଥିବା ଅଦୃଶ୍ୟ ଜଳକଣା ଆକାରରେ ତାହା ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ବ୍ୟାପି ଥାଏ । ତେଣୁ ତୁ କାଶ, ଥଣ୍ଡା ଜ୍ୱର ଠାରୁ ଦୂରରେ ରହିବୁ । ସବୁବେଳେ ମୁହଁରେ ପଟି (ମାସ୍କ) ବ୍ୟବହାର କରିବୁ । ଜନଗହଳି ସ୍ଥାନ ଯେପରିକି ହାଟ, ବଜାର, ସାଙ୍ଗସାଥି ମାନଙ୍କ ଘରକୁ ଯିବୁ ନାହିଁ କି କାହାକୁ ଘରକୁ ଡ଼ାକିବୁ ନାହିଁ । କରୋନା ଭୂତାଣୁର ଟୀକା ବାହାରିଥିଲେ ମଧ୍ୟ ପରିଷ୍କାର ପରିଚ୍ଛନ୍ନତା, ସଙ୍ଗରୋଧ, ସାମାଜିକ ଦୂରତା ହିଁ ଏହାଠାରୁ ରକ୍ଷା ପାଇବାର ଏକ ମାତ୍ର ଉପାୟ ଅଟେ ।

ପ୍ରତ୍ୟେକ ଦିନ ଦେଶ ବିଦେଶ ଓ ଆମ ରାଜ୍ୟରୁ ଶହ ଶହ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି, ସରକାର ଲୋକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ମୁଁ ଆଶା କରେ ତୁ ନିଶ୍ଚିତ ଭାବେ ସମସ୍ତ ସତର୍କତ ମୂଳକ ପଦକ୍ଷେପକୁ ମାନିନେବୁ । ତୋର ସାଙ୍ଗସାଥି ମାନଙ୍କୁ ଏ ବିଷୟରେ ଅବଗତ କରାଇବୁ । ଚିଠି ପାଇ ଚିଠି ଦେବୁ ।

ଇତି
ତୋର ଭାଇ, ଅବନୀ

**ଠିକଣା**

**ପ୍ରେରକ**

ଶ୍ରୀ ଅବିନାଶ କର
ଗ୍ରାମ –ବାଘମାରୀ
ପୋଷ୍ଟ– ବାଘମାରୀ
ଜିଲ୍ଲା–ଖୋର୍ଦ୍ଧା
ପିନ. ୭୫୨୦୬୧

**ଗ୍ରାହକ**

କୁମାରୀ ଲଳିତା କର
ପି. ରାମଚନ୍ଦ୍ର କର
ସା/ପୋ. ସାତପାଟଣା, ଦଶପଲ୍ଲା
ଜି.–ନୟାଗଡ଼
ପିନ.–୭୫୨୦୭୨

## ତୁମ ଜୀବନର ଲକ୍ଷ୍ୟ ବିଷୟରେ ବର୍ଣ୍ଣନା କରି ବଡ଼ଭାଇଙ୍କ ନିକଟକୁ ପତ୍ରଲେଖ

ଜନତା ବିଦ୍ୟାପୀଠ
ତା.୧୨।୯।୨୦୨୨

ପୂଜ୍ୟ ଭାଇ,

ମୋର ଭୂମିଷ୍ଠ ପ୍ରଣାମ ଗ୍ରହଣ କରିବେ, ବାପା ବୋଉଙ୍କୁ ମୋର ପ୍ରଣାମ, ଆଦରର ପ୍ରୀତିକୁ ମୋର ସ୍ନେହ ଜଣାଇଦେବ । ଗତକାଲି ମୁଁ ତୁମର ଚିଠିଟି ପାଇଲି । ପରୀକ୍ଷା ନିକଟ ହେବାରୁ ଆମ୍ଭର ପାଠପଢ଼ା ଜୋରସୋରରେ ଚାଲିଛି । ମୁଁ ଯେପରି ମୋର ଲକ୍ଷ୍ୟ ପୂରଣ କରିପାରିବି ସେଥିପାଇଁ ରାତିଦିନ ମୁଁ ଏକ କରିଦେଇଛି ।

ମୁଁ ପାଠ ପଢ଼ି ଜଣେ ଡ଼ାକ୍ତର ହେବି । ଡ଼ାକ୍ତରୀ ପାସ କଲା ପରେ ମୁଁ ଲୋକମାନଙ୍କର ସେବାରେ ନିଜକୁ ନିୟୋଜିତ କରି ମୋର ଲକ୍ଷ୍ୟ ପୂରଣ କରିବି । ଆମ ଅଞ୍ଚଳଟି ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରାଥମିକ ଚିକିତ୍ସାର ଅଭାବ ମୁଁ ନିଜେ ଅନୁଭବ କରିପାରୁଛି । ଗରିବ ଲୋକମାନଙ୍କର ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଆମ ଅଞ୍ଚଳରେ ଏକ ଦାତବ୍ୟ ଚିକିତ୍ସାଳୟ ଖୋଲିବା ପାଇଁ ମନସ୍ଥ କରିଅଛି । ତମେ ତ ଜାଣିଛ ଆମ ଅଞ୍ଚଳରେ ସରକାରୀ ଚିକିତ୍ସା ସାତ ସପନ । ଦାତବ୍ୟ ଚିକିତ୍ସାଳୟ ଖୋଲିବା ପାଇଁ ଅର୍ଥ ଆବଶ୍ୟକ । ଏଥିପାଇଁ ମୁଁ ମୋର ସାଙ୍ଗ ଓ ଶୁଭେଚ୍ଛୁମାନଙ୍କ ସହିତ ଯୋଗାଯୋଗ କରି ଅର୍ଥ ଯୋଗାଡ଼ କରିବି । ଆଶା କରୁଛି ତୁମେ ଏଥିପାଇଁ ନିଶ୍ଚୟ ମୋତେ ସହଯୋଗ କରିବ । ତୁମର ତଥା ବାପା ବୋଉଙ୍କ ଆଶୀର୍ବାଦ ଥିଲେ ମୁଁ ନିଶ୍ଚେ ମୋର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବି । ଚିଠି ପାଇ ଚିଠି ଦେବ ।

ଆପଣଙ୍କର ସ୍ନେହର
**ପିଣ୍ଟୁ**

**ଠିକଣା**

**ପ୍ରେରକ**

ଶ୍ରୀ ବିଜୟ କୁମାର ସାହୁ
ଜନତା ବିଦ୍ୟାପୀଠ, କଳିଙ୍ଗା
ଜିଲ୍ଲା– କନ୍ଧମାଳ
ପିନ. ୭୪୧୦୨୧

**ଗ୍ରାହକ**

ଶ୍ରୀ ଅଜୟ କୁମାର ସାହୁ
ସା.ପୋ–ତୁମୁଡ଼ିବନ୍ଧ
ଜିଲ୍ଲା– କନ୍ଧମାଳ
ପିନ.–୭୫୧୦୨୧

## ତୁମ ଗ୍ରାମର ପାନୀୟଜଳ ସଂକଟ ଦୂର ପାଇଁ
## ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ

ମାନନୀୟ,

ଶ୍ରୀଯୁକ୍ତ ବ୍ଲକ ଉନ୍ନୟନ ଅଧିକାରୀ
ଖୋର୍ଦ୍ଧା ବ୍ଲକ, ଖୋର୍ଦ୍ଧ, ଓଡ଼ିଶା

ମହୋଦୟ ........................ସମୀପେଷୁ
(ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ଜରିଆରେ)
ବିଷୟ : ପାନୀୟଜଳ ସଂକଟ ଦୂର ପାଇଁ ଆବେଦନ

ମହାଶୟ,

ନିବେଦନର ଅଭିପ୍ରାୟ ଏହି କି ଯେ, ଆମ୍ଭେ ହଳଦିଆ ଗ୍ରାମ ଗ୍ରାମବାସୀବୃନ୍ଦ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ ନିମିତ୍ତ ନିମ୍ନଲିଖିତ କେତୋଟି ଦାବି ଉପସ୍ଥାପନ କରୁଅଛୁ ।

ଆମ୍ଭ ହଳଦିଆ ଗ୍ରାମଟି ଖୋର୍ଦ୍ଧା ଜିଲ୍ଲାର ଉତ୍ତର ଦିଗର ଶେଷ ସୀମା ଗ୍ରାମ ଅଟେ । ଆମ୍ଭ ଗ୍ରାମରେ ପାଖାପାଖି ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି । ଆମ୍ଭ ଗ୍ରାମର ଅନତି ଦୂରରେ ମହାନଦୀର ଉପନଦୀ (ରଣନଦୀ) ପ୍ରବାହିତା । ପାହାଡ଼ର ପାଦଦେଶ ନଦୀର ନିକଟରେ ଅବସ୍ଥିତ ହୋଇଥିବାରୁ ଆମ୍ଭ ଗ୍ରାମରେ ଗ୍ରୀଷ୍ମ ଋତୁରେ ଘୋର ଜଳ ସଂକଟ ଦେଖାଯାଏ । ଦୁଇଟି ପୁଷ୍କରିଣୀ, ଚାରୋଟି କୂପ ଓ ପାଞ୍ଚଟି ନଳକୂପରୁ ଆମ୍ଭ ଗ୍ରାମର ଲୋକମାନେ ସେମାନଙ୍କର ପାନୀୟ ଜଳ ସଂଗ୍ରହ କରିଥାନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଗ୍ରୀଷ୍ମ ଋତୁରେ କିଛି ନଳକୂପକୁ ବାଦ ଦେଇ ଅନ୍ୟ ସମସ୍ତ କୂପ ଓ ପୁଷ୍କରିଣୀ ଜଳଶୂନ୍ୟ ହୋଇଯାଏ । ଗୃହପାଳିତ ପଶୁ ତଥା ଗ୍ରାମର ଲୋକମାନେ ପାନୀୟ ଜଳ ସଂକଟକୁ ଦୂର କରିବା ପାଇଁ ନୂତନ ଭାବେ ଦୁଇଟି ନଳକୂଳ ଖନନ କରିବା ପାଇଁ ଅନୁରୋଧ କରୁଅଛୁ ।

ଏଣୁ ବିନିତ ଅନୁରୋଧ କରୁକି ଆପଣ ଆମ ଦରଖାସ୍ତଟିକୁ ସହୃଦୟ ସହକାରେ ବିଚାର କରି ମଞ୍ଜୁର ପ୍ରଦାନ କରାଗଲେ, ଆମ୍ଭେମାନେ ଚିରୋପକୃତ ହେବୁ ।

ହଳଦିଆ
ତା୧୧.୧୦.୨୦୨୨

ଆପଣଙ୍କର ବିଶ୍ୱସ୍ତ
ହଳଦିଆ ଗ୍ରାମବାସୀବୃନ୍ଦ
ଶ୍ରୀ ଅଜୟ କୁମାର ଭଞ୍ଜ
ଶ୍ରୀ ଉମାକାନ୍ତ ଓଝା
ଶ୍ରୀ କରୁଣାକର ଭଞ୍ଜଦେଓ
ଶ୍ରୀ ନବୀନ କୁମାର ସାହୁ

## ତୁମ ବିଦ୍ୟାଳୟରେ ପାଳିତ ହେଉଥିବା ଗୁରୁଦିବସ ବିଷୟରେ ବର୍ଣ୍ଣନା କରି ସାନ ଭଉଣୀ ନିକଟକୁ ପତ୍ର ଲେଖ

ତୁଳସୀପୁର
ବାଙ୍କି
ତା. ୨।୧୦।୨୨

ସ୍ନେହର ବର୍ଷା,

ମୋର ଆଶୀର୍ବାଦ ନେବୁ, ବାପା ବୋଉ ଓ ଗୁରୁଜନମାନଙ୍କୁ ମୋର ପ୍ରଣାମ ଜଣାଇବୁ । ଆଶା କରେ ଭଗବାନଙ୍କ କୃପାରୁ ଭଲରେ ଥିବୁ । ଗତକାଲି ମୋତେ ତୋର ଚିଠିଟି ହସ୍ତଗତ ହେଲା । ଗତ ଚିଠିରେ ମୁଁ ତତେ ଅନେକ କଥା ତଥା ଉପଦେଶ ଦେଇଥିଲି । ଏଥର ଆମ ବିଦ୍ୟାଳୟରେ ଗୁରୁଦିବସ କିପରି ପାଳିତ ହୋଇଥିଲା ତାହାକୁ ନିମ୍ନମତେ ଲେଖୁଛି ।

ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଗୁରୁଦିବସ ସେପ୍ଟେମ୍ବର ମାସ ୫ (ପାଞ୍ଚ) ତାରିଖରେ ପାଳନ କରାଯାଇଥିଲା । ଏହି ଦିବସଟିକୁ ସରସ, ସୁନ୍ଦର କରିବାକୁ ଆମ୍ଭେମାନେ ବେଶ୍ ଯତ୍ନବାନ୍ ଥିଲୁ । ତେଣୁ ସବୁ ଶ୍ରେଣୀର ମନିଟରମାନେ ଏକାଠି କରି ଆଲୋଚନା କରିଥିଲୁ । ବିଭିନ୍ନ ଶ୍ରେଣୀକୁ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଥିଲା । ଆମ ଶ୍ରେଣୀ (ଦଶମର) ଦାୟିତ୍ୱ ଥିଲା ଗୁରୁମାନଙ୍କର ଚର୍ଚ୍ଚା କରିବା । ସେହିଦିନ ସକାଳ ସାତ (୭ଟା)ରେ ବିଧିମୁତାବକ ବିଦ୍ୟାଳୟର ସଭାଗୃହରେ ସଭାର ଆୟୋଜନ କରାଗଲା । ପୂର୍ବଦିନ ଠାରୁ ଆମ୍ଭେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗୁରୁଜୀ ଓ ଗୁରମା'ଙ୍କୁ ନିମନ୍ତ୍ରଣପତ୍ର ସହ ନିମନ୍ତ୍ରଣ କରିଥିଲୁ । ସଭାଗୃହରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା' ଉପସ୍ଥିତ ପରେ ସକାଳ ଆଠ (୮ଟା) ଘଟିକା ସମୟରେ କିଛି ଛାତ୍ରୀମାନଙ୍କ ଦ୍ୱାରା ଗୁରୁବନ୍ଦନା ଗାନ କରି ସଭାକାର୍ଯ୍ୟ ଆରମ୍ଭ କରାଗଲା । ଆମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହି ସଭାରେ ସଭାପତି ହୋଇଥିଲେ । ତା'ପରେ ଗୁରୁଜୀ ଓ ଗୁରୁମା'ଙ୍କୁ ଫୁଲ ଓ ଚନ୍ଦନ ଧୂପ ଦେଇ ପୂଜାର୍ଚ୍ଚନା କରାଗଲା । ପରେ ଗୁରଜୀ ଓ ଗୁରୁମା' ମାନେ ଏହି ଦିନର ମହତ୍ୱ ପ୍ରତିପାଦନ କଲେ । ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଭାରେ ଭାଷଣ ଦେବାର ସୁଯୋଗ ପାଇଥିଲେ । ସଭା ଶେଷରେ ଗୁରୁଜୀ ଓ ଗୁରୁମା'ଙ୍କୁ ମିଠା ଦ୍ୱାରା ଆପ୍ୟାୟିତ କରାଗଲା । ସୁଚାରୁ ଓ ଶୃଙ୍ଖଳିତ ଭାବେ ଗୁରୁଦିବସ ପାଳନ କରାଯାଇଥିବାରୁ ସମସ୍ତେ ଆମ୍ଭ ମାନଙ୍କୁ ବହୁତ ପ୍ରଶଂସା କଲେ ।

ପ୍ରଧାନଶିକ୍ଷକଙ୍କ ତରଫରୁ ଆମ୍ଭ ମାନଙ୍କୁ ମିଠା ଦିଆଯାଇଥିଲା । ସଭା ସମାପ୍ତ ପରେ ଆମ୍ଭେମାନେ ସମସ୍ତେ ଗୁରୁଜୀ ଓ ଗୁରୁମା'ଙ୍କୁ ପ୍ରଣାମ ଜଣାଇ ଘରକୁ ଫେରିଲୁ । ତୁମ ବିଦ୍ୟାଳୟରେ ଗୁରୁ ଦିବସ କିପରି ପାଳନ କଲ ଚିଠି ଦ୍ୱାରା ଜଣାଇବୁ । ଚିଠି ପାଇ ଚିଠି ଦେବୁ ।

ତୋର ବଡ଼ଭାଇ
ବିଶ୍ୱମ୍ଭର

**ଠିକଣା**

**ପ୍ରେରକ**
ଶ୍ରୀ ବିଶ୍ୱମ୍ଭର ପାତ୍ର
ଗ୍ରା./ପୋ.- ତୁଳସୀପୁର, ବାଙ୍କି
ଜିଲ୍ଲା- କଟକ

**ଗ୍ରାହକ**
ଶ୍ରୀ କମଳାକାନ୍ତ ଦାସ
ଗ୍ରା./ପୋ.- କେରଙ୍ଗ
ଜିଲ୍ଲା- ଖୋର୍ଦ୍ଧା

# ଅନୁଚ୍ଛେଦ ଲିଖନ

## ଅନୁଚ୍ଛେଦ – ୧

ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦରେ ହେବା ଆବଶ୍ୟକ ।

ପାଶ୍ଚାତ୍ୟ ଚଳଣୀରେ ପରିପୁଷ୍ଟ ଆଜିର ସମାଜ ଜୀବନରେ ଯେଉଁ ଅବକ୍ଷୟ ଦେଖାଦେଇଛି ସେ ନେଇ ବୁଦ୍ଧିଜୀବିମାନେ ମର୍ମାହତ ହେଉଛନ୍ତି । ମୂଲ୍ୟବୋଧର ଅବକ୍ଷୟ ସୁସ୍ଥ ସମାଜ ଜୀବନର ମୂଳରେ କୁଠାରଘାତ କରୁଛି । ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତିର ସାରା ଗ୍ରହଣ କରିନେଲେ କ୍ଷତି ନାହିଁ; କିନ୍ତୁ ଆଜିର ଉଦ୍‌ଭ୍ରାନ୍ତ ଯୁବ ସମାଜ ପାଶ୍ଚାତ୍ୟ ଚଳଣିର ବିକୃତ ଚିନ୍ତାଧାରାକୁ ଜୀବନର ଆଦର୍ଶ ଭାବେ ଧରି ନେଉଛନ୍ତି । ଭାରତୀୟ ସଂସ୍କୃତିର ଉଚ୍ଚ ନୈତିକ ମୂଲ୍ୟବୋଧ, ସୁସଂହତ ଚିନ୍ତାଧାରା, ସଂଯମ, ଆଚାର, ବ୍ୟବହାର ଆଜିର ଯୁବଗୋଷ୍ଠୀ ମଧ୍ୟରେ ବିସ୍ମୃତ ପ୍ରାୟ । ପରିଣାମରେ ଉଚ୍ଛୃଙ୍ଖଳତା ସର୍ବତ୍ର ବ୍ୟାପି ଯାଉଛି । ପାଶ୍ଚାତ୍ୟ ଶିକ୍ଷାଦୀକ୍ଷା, ଜ୍ଞାନବିଜ୍ଞାନ, ପ୍ରାଚ୍ୟର ନୀତିନିୟମ ଉପରେ ସ୍ଥାପିତ ହେଲେ ତାହା ସମାଜ ତଥା ରାଷ୍ଟ୍ରର କଲ୍ୟାଣକାମୀ ହେବ – ଏହା ନିଃସନ୍ଦେହ । ଦୈନନ୍ଦିନ ଜୀବନରେ ବ୍ୟଭିଚାରକୁ ପ୍ରଶ୍ରୟ ହେବା ଦ୍ୱାରା ଏହା ସମାଜର ଘୋର ଅନିଷ୍ଟ ସାଧନ କରୁଛି । ବ୍ୟକ୍ତିର ଆଚରଣ ଓ କ୍ରିୟାକଳାପକୁ ନେଇ ସମାଜ ସମୃଦ୍ଧ ହୁଏ । ସମାଜ ସମୃଦ୍ଧ ହେଲେ ରାଜ୍ୟ ଓ ଦେଶ ସମୃଦ୍ଧ ହେବ । ଔଦ୍ଧତ୍ୟ, ବ୍ୟଭିଚାର, ଉଚ୍ଛୃଙ୍ଖଳତା ସୀମାଲଙ୍ଘନ କରିବା ହେତୁ ନାନା ସାମାଜିକ ସମସ୍ୟା ମୁଣ୍ଡ ଟେକୁଛି । ସମାଜକୁ ସୁସ୍ଥ, ସୁନ୍ଦର, ସମୃଦ୍ଧ କରିବାକୁ ହେଲେ ସତ୍ ଶିକ୍ଷା ଏକାନ୍ତ ପ୍ରୟୋଜନ । ଏହି ସତ୍ ଶିକ୍ଷାର ମୂଳ ବିନ୍ଦୁ ହେଲା ପରିବାର । ପରିବାରର ସଦାଚାର ଶିକ୍ଷା ସହ ବ୍ୟକ୍ତିଗତ ଜୀବନରେ ଶିଷ୍ଟାଚାର, ନମ୍ରତା, ସାଧୁତା ପ୍ରକଟିତ ହେଲେ ସମାଜ ଜୀବନ ଛାଏଁ ଛାଏଁ କଳୁଷ ମୁକ୍ତ ହୋଇଯିବ । ଅନ୍ୟଥା ପାଶ୍ଚାତ୍ୟ ଶିକ୍ଷା, ଦୀକ୍ଷା, ସଂସ୍କୃତି ଚଳଣିର ମୋହରେ ପଡ଼ି ଉଦ୍‌ଭ୍ରାନ୍ତ ପଥିକ ଭଳି ଧାଇଁଲେ ଜଳ ସ୍ରୋତରେ ଅସହାୟ କାଠିକୁଟା ଭଳି ଭାସିଯିବା ହିଁ ସାର ହେବ ।

**ପ୍ରଶ୍ନାବଳୀ :**

(କ) ବୁଦ୍ଧିଜୀବୀ ମାନେ ମର୍ମାହତ ହେବାର କାରଣ କ'ଣ ?

(ଖ) ଆଜିର ଯୁବ ସମାଜ କାହାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରୁଛନ୍ତି ?

(ଗ) ପାଶ୍ଚାତ୍ୟ ଶିକ୍ଷା କିପରି ଆମର କଲ୍ୟାଣ କରିପାରିବ ?

(ଘ) ସମାଜ ଜୀବନ କଳୁଷମୁକ୍ତ ହେବା ପାଇଁ କ'ଣ ଆବଶ୍ୟକ ?

(ଙ) ଆଜିର ଯୁବଗୋଷ୍ଠୀ ମଧ୍ୟରେ କ'ଣ ବିସ୍ମୃତ ପ୍ରାୟ ପରିଲକ୍ଷିତ ହୋଇଛି ?

## ଅନୁଚ୍ଛେଦ – ୨

ଶାନ୍ତି ଶୃଙ୍ଖଳା ଏବଂ ସୁସ୍ଥ ପରିବେଶ ଭିତରେ ଯେକୌଣସି ଅନୁଷ୍ଠାନରେ କାର୍ଯ୍ୟ କରିବାକୁ ହେଲେ ମଣିଷ ମଣିଷ ଭିତରେ ସମ୍ପର୍କକୁ ଆତ୍ମୀୟତାର ଭାବରେ ସୁଦୃଢ଼ କରିବା ସର୍ବାଦୌ କର୍ତ୍ତବ୍ୟ । ପରସ୍ପର ମଧ୍ୟରେ ବୁଝାମଣା, ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଓ ସୁସମ୍ପର୍କ ରହିଲେ ପରିବାର ସୁଖ ଶାନ୍ତିଭରା ଆଦର୍ଶ ପରିବାର ହୋଇଥାଏ । ସେହିପରି ଅନୁଷ୍ଠାନ ମଧ୍ୟ ଏକ ପରିବାର ସଦୃଶ । ପରସ୍ପର ପ୍ରତି ବିଶ୍ୱାସ ରହିଲେ ସାଧାରଣତଃ ଅନୁରାଗ, ସ୍ନେହ ଓ ଆତ୍ମୀୟତା ବଢ଼ିଥାଏ । ଅବିଶ୍ୱାସ ଅପରପକ୍ଷରେ ବିଦ୍ୱେଶଭାବ ବାଧକ ହୋଇ ଠିଆ ହୁଏ । ଏଥିରେ ପରିବାରର ମୁଖ୍ୟଙ୍କ ଦାୟିତ୍ୱ ସର୍ବାଧିକ । ସେ ଯଦି ନିଃସ୍ୱାର୍ଥପର ହେବେ । ଆନ୍ତରିକ ସ୍ନେହ ଶ୍ରଦ୍ଧାର ସହ ସମସ୍ତଙ୍କ ସୁଖ ସୁବିଧାକୁ ଦେଖିବା ନିମନ୍ତେ ଅଗ୍ରାଧିକାର ଦେବେ ଓ ସମସ୍ତଙ୍କ ସହ ଭଲ ସଂପର୍କ ରଖିବେ ତେବେ ଏହା ଅନ୍ୟମାନଙ୍କ ମଧ୍ୟରେ ସୁସଂପର୍କ ଗଢ଼ିବା ପାଇଁ ମନୋଭାବ ସୃଷ୍ଟି କରିବ । ସଂପର୍କ ଦୃଢ଼ ହେଲେ ଏକାଠି କାମ କରିବାରେ ଆନନ୍ଦ ମିଳେ । ଖଣ୍ଡିଏ କାଠକୁ ଜଣେ ଭାଙ୍ଗି ଦେଇପାରେ; କିନ୍ତୁ କାଠ ବିଡ଼ାଟିକୁ ଭାଙ୍ଗିଦେବା ସହଜ ନୁହେଁ । ପରିବାରରେ ତଥା ଅନୁଷ୍ଠାନରେ ଏକତା, ସ୍ନେହ, ପ୍ରୀତି, ସୁସଂପର୍କ ଉପରେ ନିର୍ଭର କରେ । ବ୍ୟକ୍ତିଗତ ସଂପର୍କ ପେସାଗତ ସଂପର୍କକୁ ସୁଦୃଢ଼ କରିଥାଏ । ସମନ୍ୱୟ ସହ ପ୍ରତି ଏତତ୍‌ଦ୍ୱାରା ସମ୍ଭବ ହୁଏ । ପ୍ରତ୍ୟେକ

ବ୍ୟକ୍ତିର କର୍ମ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟେକର ଅବଦାନ ସମୃଦ୍ଧି ପାଇଁ ଦାୟୀ । ଏହି ସହଜ ସତ୍ୟଟି ନିର୍ମଳ ମନରେ ସ୍ୱୀକାର କରି ନେଲେ ସୁସଂପର୍କର ଡୋରିରେ ସମସ୍ତେ ବାନ୍ଧି ହୋଇଯାଆନ୍ତି ।

**ପ୍ରଶ୍ନାବଳୀ :**

(କ) ପରିବାରର ସୁଖଶାନ୍ତି ପାଇଁ କ'ଣ ଆବଶ୍ୟକ ?

(ଖ) ପରିବାରର ସମୃଦ୍ଧି ପଥରେ କ'ଣ ବାଧକ ହୋଇଥାଏ ?

(ଗ) ପରିବାରର ଏକତା କାହା ଉପରେ ନିର୍ଭର କରେ ?

(ଘ) କେଉଁ ସତ୍ୟଟିକୁ ସ୍ୱୀକାର କଲେ ସୁସମ୍ପର୍କ ପ୍ରତିଷ୍ଠା ସମ୍ଭବ ହୋଇଥାଏ ?

(ଙ) ପରିବାରର ମୁଖ୍ୟ କିପରି ହେବା ଉଚିତ୍ ?

## ଅନୁଚ୍ଛେଦ – ୩

ମଣିଷକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରିବାରେ ଯେଉଁସବୁ ମହନୀୟ ଗୁଣ ରହିଛି ତନ୍ମଧ୍ୟରେ ସହନଶୀଳତା ଅନ୍ୟତମ । ଆମେ ସମସ୍ତେ ଅନ୍ୟ ପ୍ରାଣୀମାନଙ୍କ ପରି ରକ୍ତମାଂସର ଦେହ ଧାରଣ କରିଛୁ । ସେମାନଙ୍କର ଅନେକ କ୍ରିୟା ପ୍ରକ୍ରିୟା ଆମ ସହିତ ସମାନ, କିନ୍ତୁ ସହନଶକ୍ତି ମଣିଷଠାରେ ଯେତେ ପରିମାଣରେ ରହିଛି, ପଶୁପକ୍ଷୀଙ୍କ ଠାରେ ସେତେ ନାହିଁ । ମଣିଷ ପ୍ରକୃତିର ଖରାବର୍ଷା, ଶୀତ କାକର, ବନ୍ୟା, ବାତ୍ୟା, ପ୍ରଭୃତି ଦାଉକୁ ସହ୍ୟ କରେ । ସଂପର୍କୀୟ ମାନଙ୍କର ଅକାଳ ବିୟୋଗ ଓ ବିପତ୍ତିକୁ ପଥର ପରି ତାକୁ ସହିବାକୁ ପଡ଼େ । କେତେ ଅସମ୍ଭବ ଘଟଣାର ମୁକାବିଲା କରେ । ଏହା ସତ୍ତ୍ୱେ ଅନେକ ମଣିଷ ଅଛନ୍ତି ଯେଉଁମାନଙ୍କ ଠାରେ ସହିଷ୍ଣୁତାର ମାତ୍ରା ଖୁବ୍ କମ୍ । ସାମାନ୍ୟ ଆଘାତ ପାଇଲେ ବା ସ୍ୱାର୍ଥରେ ଆଘାତ ଆସିଲେ ସେମାନେ ଭୟଙ୍କର ହୋଇ ଉଠନ୍ତି । ସେମାନଙ୍କ ମୁଖ ମଣ୍ଡଳ ରକ୍ତବର୍ଣ୍ଣ ହୋଇଯାଏ । ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ କ'ଣ ଯେ, କରିପକାନ୍ତି ତାହା ନିଜେ ଜାଣିପାରନ୍ତି ନାହିଁ । ଏହା ହୁଏତ ସହଜାତ ପ୍ରକୃତି ମଧ୍ୟରୁ ଗୋଟିଏ ହୋଇପାରେ । କିନ୍ତୁ ସଂଯମତା ତଥା ବିନୟ ଆଦି ପ୍ରବୃତ୍ତିଗୁଡ଼ିକୁ ଉଜ୍ଜୀବିତ କରିଦେଲେ ଏପରି ଅଭାବନୀୟ ପରିସ୍ଥିତି ଉପୁଜିପାରେ ନାହିଁ । ତରୁର ସହନଶୀଳତା, ତୃଣର ସହିଷ୍ଣୁତା କଥା ଆମେ କେବେ ଚିନ୍ତା କରୁନାହିଁ । କେତେ ମହାନ୍ ସେମାନେ ! ଯେତେ ପଣ୍ଡିତ ରହିଲେ ତୁମକୁ କେହି ଭଲ କହିବେ ନାହିଁ । ପ୍ରତ୍ୟେକ ପ୍ରତିକ୍ରିୟାତ୍ମକ ପରିସ୍ଥିତିରେ ନୀରବ ରହିଯାଇ ଈଶ୍ୱରଙ୍କୁ ବାରମ୍ବାର ସ୍ମରଣ କଲେ ସହନଶୀଳତାର ଉଦ୍ରେକ ହେବ । ଅନ୍ୟମାନଙ୍କୁ ନିଜ ପରି ବିଚାରକଲେ କିଛି କ୍ଷତି ହେବ ନାହିଁ । ଗାନ୍ଧିଜୀ କହିଥିଲେ – 'ଯିଏ ତୁମକୁ ଅବଜ୍ଞା କରୁଛି ତାକୁ ତୁମେ ଦୟା ପ୍ରଦର୍ଶନ କର । ତାହା ହେବ ତା'ପାଇଁ ଉପଯୁକ୍ତ ଶାସ୍ତି ।' ସହନଶୀଳ ନ ହେଲେ ତୁମେ ଗୋଟିଏ ପାଦ ଆଗେଇପାରିବ ନାହିଁ । ବାରମ୍ବାର ଅଭ୍ୟାସ ରଖିଲେ ବହୁ ଅସହ୍ୟ ମନେ ହେଉଥିବା କଥା ସହି ହୋଇଯିବ ।

**ପ୍ରଶ୍ନାବଳୀ :**

(କ) ମଣିଷ କେଉଁ ଗୁଣରେ ପଶୁପକ୍ଷୀଙ୍କ ଠାରୁ ଭିନ୍ନ ?

(ଖ) ଯେଉଁମାନଙ୍କ ଠାରେ ସହିଷ୍ଣୁତାର ମାତ୍ରା କମ୍ ସେମାନେ କିଭଳି ଆଚରଣ କରନ୍ତି ?

(ଗ) ସହନଶୀଳତା କିପରି ଉଦ୍ରେକ ହୁଏ ?

(ଘ) ଗାନ୍ଧିଜୀ କ'ଣ କହିଥିଲେ ?

(ଙ) ମଣିଷକୁ କ'ଣ ସହିବାକୁ ପଡ଼େ ?

## ଅଭ୍ୟାସ ପ୍ରଶ୍ନ

## set-1

୧. ସଂକ୍ଷେପରେ ଉତ୍ତର ଦିଅ ।

କ) ଉତ୍କଳର ଆକାଶ କାହାର କଳରବରେ ମୁଖରିତ ହୁଏ ?

ଖ) ସମୁଦ୍ରକୂଳ କେଉଁ କେଉଁ ବୃକ୍ଷ ଦ୍ୱାରା ସୁଶୋଭିତ ?

ଗ) ଭାରତୀୟ ସଭ୍ୟତାର ଆଦର୍ଶ କଣ ?

ଘ) କେଉଁ ଦୃଶ୍ୟକୁ କବି ପାରଦ ଧୌତ ବୋଲି କହିଛନ୍ତି ?

ଙ) ପାଣ୍ଡବ ସୁନ୍ଦର ଭୀମ ଧ୍ୟାନ କରିବାରୁ କାହାର ଆସନ କମ୍ପି ଉଠିଲା ?

୨. ଗୋଟିଏ ଶବ୍ଦ / ପଦରେ ଉତ୍ତର ଲେଖ ।

କ) କେଉଁମାନଙ୍କ ସମବେତ ଯତ୍ନରେ ଧରଣୀ ଶସ୍ୟମାଳା ହୋଇ ଉଠେ ।

ଖ) କେଉଁଥିରେ କାଠୁରିଆ କୁରାଢ଼ିର ମୁନକୁ ପଜାଉଥିଲଶ ?

ଗ) କାହାର ଅନ୍ୟନାମ ଶୂଳଧର ?

ଘ) ଛାୟା ମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ କାହା ରୂପ ସହିତ ତୁଳନା କରାଯାଇଛି ?

ଙ) ର୍ବମାନର ପୃଥିବୀରେ ସଭ୍ୟତାର ଆଦର୍ଶଟି କ’ଣ ?

୩. ଶୂନ୍ୟ ସ୍ଥାନ ପୂରଣ କର ।

କ) ତାଳ ____________ ସୁଶୋଭିତ ତୀରା ।

ଖ) ଏଣ୍ଟ୍ରାନ୍ସ ପଢ଼ିବା ବେଳେ ____________ ଲକ୍ଷ୍ମୀକାନ୍ତଙ୍କ ଅଭିଭାବକ ଦାୟିତ୍ୱ ବହନ କରିଥିଲେ ।

ଗ) ଗାନ୍ଧିକ____________ କାଠ ଗୋଦାମରୁ କାଠ କଣ ଥିଲେ ।

ଘ) ହେମନ୍ତରେ ଗ୍ରାମଭୂମି ____________ରେ ପରିପୂର୍ଣ୍ଣ ହୋଇଯାଏ ।

ଙ) ବାକ୍ୟର ଗଠନାତ୍ମକ ରୂପ ____________ଭାଗରେ ବିଭକ୍ତ ।

୪. ସପ୍ରସଙ୍ଗ ସରଳାର୍ଥ ଲେଖ ।

ଏହା ମଧ୍ୟ ତାଙ୍କ କୃତକର୍ମର ପରିଣାମ ।

କିମ୍ବା

କଳି ଉପଦ୍ରବେ ତ୍ୟଜି ଲୋକାଳୟ

ଶାନ୍ତି କିଏ ସ୍ଥଳେ ଉଜିଲେ ଆଶ୍ରୟ ।

୫. ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ ।

ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ଉଦ୍ଧାର କରିବା ନିମନ୍ତେ ରାମଚ଼ନ୍ଦ୍ରଙ୍କ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚ଼ନା କର ।

କିମ୍ବା

ଶିକ୍ଷିତ ସମାଜ କିପରି ପୂଜ୍ୟ ନମସ୍ୟ ହୋଇପାରିବେ ତାହାକୁ ଜନ୍ମଭୂମି ପ୍ରବନ୍ଧ ଆଧାରରେ ଆଲୋଚ଼ନା କର ।

## set-2

୧. ସଂକ୍ଷେପରେ ଉତ୍ତର ଦିଅ ।

କ) ଜୀବ ବିଜ୍ଞାନରୁ ଜୀବନ୍ତର ଶରୀର ସମ୍ପର୍କରେ କି ଧାରଣା ମିଳେ ?

ଖ) ଗଲାଣି ତ ଗଲା କଥରେ ସଙ୍ଗାତର ଅର୍ଥ କ'ଣ ?

ଗ) ରାବଣର ବାର୍ତ୍ତା ଶୁଣି ଅଙ୍ଗଦ କି ପ୍ରତିକ୍ରିୟା ପ୍ରକାଶ କଲେ ?

ଙ) କବି କାହାକୁ ଉତ୍କଳ ଭୂବନରେ ମୃତ୍ୟୁଞ୍ଜୟ ବୋଲି କହିଛନ୍ତି ?

ଘ) ଶ୍ରୀକୃଷ୍ଣ କେଉଁମାନଙ୍କୁ ପ୍ରବଞ୍ଚନା କରି ଗୋପପୁର ଛାଡ଼ି ଆସିଲେ ?

୨. ଗୋଟିଏ ଶବ୍ଦ / ପଦରେ ଉତ୍ତର ଲେଖ ।

କ) ଜନ୍ମଭୂମି ପ୍ରବନ୍ଧଟି କେଉଁ ଭାବନାରେ ପରିପୁଷ୍ଟ ।

ଖ) ଗୋବିନ୍ଦ ଭାଇ କାହାକୁ ଦୁର୍ଗ କରି ସମଗ୍ର ବିଶ୍ୱ ବିରୋଧରେ ବିଦ୍ରୋହ ଘୋଷଣା କରୁଥିଲା ?

ଗ) ଦକ୍ଷିଣ ଆଫ୍ରିକାର ଆଦିମ କଳାଜାତିର ମଣିଷଙ୍କୁ କ'ଣ କୁହାଯାଏ ?

ଘ) ଈଶ୍ୱର ସର୍ବତ୍ର ବିଦ୍ୟମାନ ଓ ତାଙ୍କଠାରେ ବିଶ୍ୱାସ ସ୍ଥାପ କର୍ତ୍ତବ୍ୟ – ଏହା କେଉଁମାନେ କହନ୍ତି ?

ଙ) ଦୀର୍ଘଦେହୀ ପୁରୁଷଙ୍କ ଆଖି ଦୁଇଟିରେ ଅଙ୍ଗଦ କଣ ଦେଖିବାକୁ ପାଇଥିଲେ ?

୩. ଶୂନ୍ୟ ସ୍ଥାନ ପୂରଣ କର

କ) ନନ୍ଦିନୀ ଶତପଥୀ ____________ସମ୍ମାନ ଦ୍ୱାରା ସମ୍ମାନିତ ହୋଇଥିଲେ ।

ଖ) ଆରେ ଆରେ ଦ୍ରିଯୋଧନ ଅପାର ____________ଯେ କଲୁ ।

ଗ) 'ବନ୍ଦେ ଉତ୍କଳ ଜନନୀ ____________ର ଏକ ମନୋଜ୍ଞ କୃତି ।

ଘ) କବିବର ରାଧାନାଥ ରାୟ ଆଧୁନିକ ଓଡ଼ିଆ କାବ୍ୟ ଧାରାର ____________ ଥିଲେ ।

ଙ) ସୃଷ୍ଟି ରହସ୍ୟ ଭେଦ କରିବା ____________ପଦବାଚ୍ୟ ।

୪. ସପ୍ରସଙ୍ଗ ସରଳାର୍ଥ ଲେଖ ।

ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।

କିମ୍ବା

ବାଜି ଥିଲେ ଚୂର୍ଣ୍ଣ ବା ପାତାଳେ ଉଜିଥିବ ।
ବିନ୍ଧ୍ୟ ଭାନୁ ତୋଷି ହେଲେ ବଞ୍ଚାଇ ଦଇବ ଯେ ।

୫. ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତର ଲେଖ ।

"ବନ୍ଦେ ଉତ୍କଳ ଜନନୀ" ଏକ ଜାତୀୟତା ବାଦୀ କବିତା- ବିଚାର କର ।

କିମ୍ବା

ଲକ୍ଷ୍ମୀ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ନିଜ ଭାଷାରେ ପ୍ରକାଶ କର ।

# ODIA SAMPLE PAPER

## SET -1

## PART – I (MCQ)

## ଆଦର୍ଶ ନମୂନା ପ୍ରଶ୍ନୋତ୍ତର

Time- 1 hour **(ବହୁ ବିକଳ୍ପ ପ୍ରଶ୍ନ)** F.M. - 50

୧) "ବନ୍ଦେ ଉତ୍କଳ ଜନନୀ" ଗୀତିକାଟି ଓଡ଼ିଶା ସରକାରଙ୍କ ଦ୍ୱାରା କେବେ ରାଜ୍ୟ ସଙ୍ଗୀତ ମାନ୍ୟତା ଲାଭ କରିଛି ?

କ) ୨୦୨୨

ଖ) ୨୦୨୧

ଗ) ୨୦୨୦

ଘ) ୨୦୨୨

୨) କବି ଉତ୍କଳ ଜନନୀଙ୍କୁ ଉକ୍ତ ପଦ୍ୟରେ କେଉଁ ଭାବରେ ସମ୍ମାନ ଜଣାଇଛନ୍ତି ?

କ) ବର୍ଣ୍ଣନା କରି

ଖ) ନମନ କରି

ଗ) ଅର୍ଚ୍ଚନା କରି

ଘ) ବନ୍ଦନା କରି

୩) ଉତ୍କଳ ଜନନୀଙ୍କ ବେଶ କେଉଁଥିରେ ଶୋଭା ପାଉଛି ?

କ) ଚାରୁକଳା

ଖ) ଶସ୍ୟକ୍ଷେତ୍ର

ଗ) ନଦୀର ସ୍ୱଚ୍ଛଜଳ

ଘ) ପର୍ବତମାଳା

୪) ଉତ୍କଳ ମାତାଙ୍କ ଅଙ୍ଗରେ କ'ଣ ଶୋଭା ପାଉଛି ?

କ) ଚାରଣଭୂମି

ଖ) ବନଭୂମି

ଗ) ରଣଭୂମି

ଘ) କର୍ମଭୂମି

୫) ପଣ୍ଡୁଙ୍କ ପୁତ୍ର ____________

କ) ପଣ୍ଡୁକ

ଖ) ପାଣ୍ଡବ

ଗ) କୌନ୍ତେୟ

ଘ) ଧୃତରାଷ୍ଟ୍ର

୬) ଉକ୍ତ ପଦ୍ୟରେ ପଠିତ ଶିବଙ୍କର ଗୋଟିଏ ପ୍ରତିଶବ୍ଦ ବାଛି ଲେଖ ?

କ) ମୁରାରୀ

ଖ) ଦୈତାରି

ଗ) ତ୍ରିପୁରାରି

ଘ) ଦୋଳଗୋବିନ୍ଦ

୭) କିଏ ଦୁର୍ଯ୍ୟୋଧନଙ୍କୁ ପାମର କହିଲେ ?

କ) ଶ୍ରୀକୃଷ୍ଣ

ଖ) ଶିବ

ଗ) ମହାଲକ୍ଷ୍ମୀ

ଘ) ପାର୍ବତୀ

୮) ଭୀମ ଶିବଙ୍କ ଠାରୁ ବରପ୍ରାପ୍ତି ହେବାର କାରଣ କଣ ?

କ) ଶିବଙ୍କୁ ଯୁଦ୍ଧରେ ହରାଇଥିବାରୁ

ଖ) ଶିବଙ୍କ ବାହନକୁ ରକ୍ଷା କରିଥିବାରୁ

ଗ) କୈଳାସ ଉଦ୍ଧାର କରିଥିବାରୁ

ଘ) ପାର୍ବତୀଙ୍କୁ ରକ୍ଷା କରିଥିବାରୁ

୯) ଉପେନ୍ଦ୍ର ଭଞ୍ଜଙ୍କ ରଚ଼ିତ ନିମ୍ନୋକ୍ତ କେଉଁଟି କାବ୍ୟ ଅଟେ ?

କ) କାବେରୀ

ଖ) ଚ଼ନ୍ଦ୍ରଭାଗା

ଗ) କେଦାରଗୌରୀ

ଘ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

୧୦) ରାମଚ଼ନ୍ଦ୍ର କାହାକୁ ସନ୍ତୁଷ୍ଟ କରିବାକୁ କୁଚ୍ଛ୍ର ସାଧନା କରିଥିଲେ ?

କ) ଇନ୍ଦ୍ର

ଖ) ଚ଼ନ୍ଦ୍ର

ଗ) ବରୁଣ

ଘ) ଅଗ୍ନୀ

୧୧) ଜ୍ୟେଷ୍ଟଭ୍ରାତା କାହା ସହିତ ସମାନ ବୋଲି ରାବଣ ଶୁକସାରଣ ମାଧ୍ୟମରେ କହିଛି ?

କ) ପିତା

ଖ) ପିତୃବ୍ୟ

ଗ) ପିତାମହ

ଘ) ଦାତା

୧୨) ଅଙ୍ଗଦ କାହାର ପୁତ୍ର ଥିଲେ ?

କ) ବାଳୀ

ଖ) ସୁଗ୍ରୀବ

ଗ) ଜଟାୟୁ

ଘ) ଜାମ୍ବବାନ

୧୩) ଆଧୁନିକ ଓଡ଼ିଆ କାବ୍ୟ ଧାରାର ଭିତ୍ତି ସଂସ୍ଥାପକ ବୋଲି କାହାକୁ କୁହାଯାଏ ?

କ) କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

ଖ) କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ଗ) କବିବର ରାଧାନାଥ ରାୟ

ଘ) ଆଦିକବି ସାରଳା ଦାସ

୧୪) ମୀନଜୀବି ମାନେ କାହା ଶିଖରରେ ସନ୍ଧ୍ୟାତାରା ଦେଖିଲେ ?

କ) ବିନ୍ଧ୍ୟ ପର୍ବତ

ଖ) ଭାଲେରୀ

ଗ) ପାରିକୁଦ

ଘ) ମାଲୁଦ

୧୫) କବିବର କାହାକୁ ଉତ୍କଳ ଭୁବନରେ ମୃତ୍ୟୁଞ୍ଜୟ ବୋଲି କହିଛନ୍ତି ?

କ) କବିସୂର୍ଯ୍ୟଙ୍କୁ

ଖ) କବିବରଙ୍କୁ

ଗ) ପଲ୍ଲୀକବିଙ୍କୁ

ଘ) ବ୍ୟାସକବିଙ୍କୁ

୧୬) ଗଣିତଶାସ୍ତ୍ର ବିଜ୍ଞାନର କେଉଁ ବିଭାଗର ଅନ୍ତର୍ଗତ ?

କ) ଜୀବବିଜ୍ଞାନ

ଖ) ଉଦ୍ଭିଦ ବିଜ୍ଞାନ

ଗ) ସମାଜ ବିଜ୍ଞାନ

ଘ) ପଦାର୍ଥ ବିଜ୍ଞାନ

୧୭) ସାଧାରଣ ଲୋକେ କାହାକୁ ବିଜ୍ଞାନ ବୋଲି ଭାବି ନଥାଆନ୍ତି ?

କ) ଗଣିତକୁ

ଖ) କଳାବିଦ୍ୟାକୁ

ଗ) ପଦାଥବିଜ୍ଞାନକୁ

ଘ) ଶରୀରଜ୍ଞାନକୁ

୧୮) ନିମ୍ନୋକ୍ତ କେଉଁ ପଦାର୍ଥଟି ପଞ୍ଚଭୂତରେ ନାହିଁ ?

କ) କ୍ଷିତି

ଖ) ବ୍ୟୋମ

ଗ) ଉଦ୍ଭିଦ

ଘ) ତେଜ

୧୯) ଆଧୁନି ସଭ୍ୟତାରେ ସର୍ବତ୍ର କାହାର ଅଭାବ ପରିଲକ୍ଷିତ ହେଉଛି ?

କ) ଜ୍ଞାନର

ଖ) ବିଜ୍ଞାନର

ଗ) ଶିକ୍ଷାର

ଘ) ସଂଯମ

୨୦) ଲକ୍ଷ୍ମୀକାନ୍ତ କେଉଁ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କଲେ ?

କ) ଭଦ୍ରକ ହାଇସ୍କୁଲ

ଖ) ପ୍ୟାରୀମୋହନ ଏକାଡ଼େମୀ

ଗ) ବାଲେଶ୍ୱର ଜିଲ୍ଲା ସ୍କୁଲ

ଘ) କଟକ କଲିଜିଏଟ ସ୍କୁଲ

୨୧) କାନ୍ତକବିଙ୍କ "ଜାତୀୟ ସଂଗୀତ" ସଂକଳନରେ କେଉଁ କବିତା ସ୍ଥାନ ପାଇଛି ?

କ) ସାଜରେ ସାଜରେ

ଖ) କୋଟି କୋଟି କଣ୍ଠେ ଆଜି

ଗ) ଉଡ଼ାଇ ନିଶାଣ ବଜାଇ ଭେରୀ

ଘ) ଏହି ସବୁ ସଂକଳନ

୨୨) ଲକ୍ଷ୍ମୀକାନ୍ତ କେଉଁ କବି ଭାବରେ ଓଡ଼ିଆ ସାହିତ୍ୟରେ ପରିଚ଼ିତ ?

କ) କବିମଞ୍ଜୁଳ

ଖ) ପଲ୍ଲୀକବି

ଗ) ସ୍ୱଭାବକବି

ଘ) କାନ୍ତକବି

୨୩) ପ୍ରାବନ୍ଧିକଙ୍କୁ ସାର ମାଉସୀ ଦେଖିବା ମାତ୍ରେ ଆଜିକାଲି କ'ଣ କହେ ?

କ) କେବେ ଆସିଲ ବାବୁ ?

ଖ) ଆଜ୍ଞା ଭଲ ଅଛନ୍ତି ?

ଗ) ଭଲ ଅଛୁ ବାପା ?

ଘ) ଆପଣଙ୍କ ଖବର କ'ଣ ?

୨୪) ଜନ୍ମଭୂମିକୁ ଫେରି ଯିବା ପାଇଁ ଲେଖକଙ୍କର କ'ଣ ଅଭାବ ରହିଛି ?

କ) ଉତ୍କଣ୍ଠା

ଖ) ମାନସିକ ବଳ

ଗ) ନୈତିକ ସାହସ

ଘ) ପାରିବାରିକ ସହଯୋଗ

୨୫) "ଜନ୍ମଭୂମି" ପ୍ରବନ୍ଧଟି କେଉଁ ଅନ୍ତଃଭାବନାରେ ପରିପୁଷ୍ଟ ଅଟେ ?

କ) ବିଶ୍ୱଭ୍ରାତୃତ୍ୱ

ଖ) ପାରିବାରିକ ମୋହ

ଗ) ବସୁଧୈବ କୁଟୁମ୍ବକମ୍

ଘ) ଦେଶଭକ୍ତି

୨୬) ଲେଖକଙ୍କ ଗ୍ୱକର ପିଲାଟିର ନାମ କ'ଣ ?

କ) ବାଇନ

ଖ) ଚ଼ଇତା

ଗ) ଚୈ଼ତନ

ଘ) ଗଗନ

୨୭) ସାନ୍ତାଳଙ୍କ ପର୍ବରେ କ'ଣ ସବୁ ହୋଇଥାଏ

କ) ହାଣ୍ଡିଆ ଖିଆ

ଖ) କୁକୁଡ଼ା ଲଢ଼େଇ

ଗ) ଧୂମ୍ସା ମାଦଳ

ଘ) ଏ ସମସ୍ତ ହୋଇଥାଏ ।

୨୮) ଯେ କୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ କ'ଣ କୁହାଯାଏ ?

କ) ଜଟିଳ ବାକ୍ୟ

ଖ) ମିଶ୍ରବାକ୍ୟ

ଗ) ଯୌଗିକ ବାକ୍ୟ

ଘ) ସରଳବାକ୍ୟ

୨୯) ବାକ୍ୟର କେଉଁଠାରେ ସମ୍ବୋଧନ ପଦ ଲାଗିଥାଏ ?

କ) କର୍ମପୂର୍ବରୁ

ଖ) କ୍ରିୟା ପରେ

ଗ) କର୍ମ ପରେ

ଘ) ଆରମ୍ଭ ବା ଶେଷରେ

୩୦) ଆଜି କି ଟାଣ ଖରା ! ଏହା କି ପ୍ରକାର ବାକ୍ୟ ?

କ) ବିସ୍ମୟସୂଚକ

ଖ) ବିବୃତି ସୂଚକ

ଗ) ପ୍ରଶ୍ନ ସୂଚକ

ଘ) ନାସ୍ତି ସୂଚକ

୩୧) ରାଜେଶଙ୍କ ବିନା ଏକାମ ହୋଇପାରିବ ନାହିଁ ?

– ଏବାକ୍ୟରେ 'ବିନା' କେଉଁ ପଦବାଚ୍ୟ ଅଟେ ?

କ) କ୍ରିୟା

ଖ) ଅବ୍ୟୟ

ଗ) ବିଶେଷ୍ୟ

ଘ) ବିଶେଷଣ

୩୨) ଅଙ୍ଗଦ ହଠାତ୍ କାହାର ସ୍ପର୍ଶରେ ଚମକି ପଡ଼ିଲେ ?

କ) ଦୀର୍ଘକାୟ ଜୀବ

ଖ) ଅଦ୍ଭୁତ ମଣିଷ

ଗ) ଛାୟାକାର ମଣିଷ

ଘ) ଦୀର୍ଘଦେହୀ ପୁରୁଷ

୩୩) "ଏ ଯୁଦ୍ଧରେ କେହି ଜଣେ ସେନାପତି ନୁହଁନ୍ତି । ଆପଣମାନେ ପ୍ରତ୍ୟେକ ଜଣେ ଜଣେ ସେନାପତି ବୋଲି ମନେ ରଖିବେ ।"

କ) ସମ୍ରାଟ ଅଶୋକ

ଖ) କୁରୁବାକୀ

ଗ) ସମ୍ରାଟ ଅଶୋକ

ଘ) ମହାରାଷ୍ଟ୍ର

୩୪) କିଏ ସୁବ୍ରତଙ୍କୁ ଦେବତା ସଦୃଶ ମନେ କରନ୍ତି ?

କ) ପ୍ରୀତି

ଖ) କ୍ୟାପଟେନ ମହାପାତ୍ର

ଗ) ସୁରଭି
ଘ) ପୂରବି

୩୫) କ୍ୟାପଟେନ ମହାପାତ୍ର କେଉଁଠାରୁ କାର୍ ଡ୍ରାଇଭିଂ କରି ଆସିଥିଲେ ?
କ) ବମ୍ବେ
ଖ) କଲିକତା
ଗ) ମାଡ୍ରାସ
ଘ) ଦିଲ୍ଲୀ

୩୬) ନିମ୍ନୋକ୍ତ କେଉଁ ପଦଟି ବାକ୍ୟର ଶେଷରେ ବସେ ?
କ) ଗୌଣ କର୍ମ
ଖ) କର୍ମ
ଗ) କ୍ରିୟା
ଘ) କର୍ତ୍ତା

୩୬) ଆସତ୍ତିକୁ ଆଉ କ'ଣ ବୋଲି କୁହାଯାଏ ?
କ) ଯୋଗ୍ୟତା
ଖ) ପଦବିନ୍ୟାସ
ଗ) ବ୍ୟାସବାକ୍ୟ
ଘ) ଆକାଂକ୍ଷା

୩୮) ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଠନାତ୍ମକ ବାକ୍ୟର ଅଂଶ ନୁହେଁ ?
କ) ଯୌଗିକ
ଖ) ନାସ୍ତି
ଗ) ସରଳ
ଘ) ଜଟଇଳ

୩୯) ଆଜ୍ଞାଟିକେ ସାହାଯ୍ୟ କରନ୍ତୁ । ଏହା କି ପ୍ରକାର ବାକ୍ୟ ଅଟେ ।
କ) ଅବଜ୍ଞା ସୂଚ଼କ
ଖ) ପ୍ରଶ୍ନ ସୂଚ଼କ
ଗ) ଅନୁରୋଧ ସୂଚ଼କ
ଘ) ବିବୃତି ସୂଚ଼କ

୪୦) ପଦ ମଧ୍ୟରେ କ'ଣ ହେବାକୁ 'ଣ' ତ୍ୱ ବିଧି କୁହାଯାଏ ?
କ)'ନ' ସ୍ଥାନରେ 'ଣ' ହେବାକୁ

ଖ) 'ଣ' ସ୍ଥାନରେ 'ନ' ହେବାକୁ

ଗ) 'ଣ' ସ୍ଥାନରେ 'ଣ' ହେବାକୁ

ଘ) 'ଞ୍ଜ' ସ୍ଥାନରେ 'ଣ' ହେବାକୁ

୪୧) କେଉଁ ଶବ୍ଦରେ ସ୍ୱାଭାବିକ 'ଣ' ହୋଇଛି ?

କ) ଅନ୍ୱେଷଣ

ଖ) ଦର୍ପଣ

ଗ) ତୃଣ

ଘ) କଣିକା

୪୨) କେଉଁ କେଉଁ ବର୍ଣ୍ଣ ପରେ 'ନ' ଥିଲେ 'ଣ' ହୁଏ ?

କ) ରେ ର ଓ, ପରେ ଥିଲେ

ଖ) 'କ' ଓ 'ପ' ବର୍ଗ

ଗ) 'ଫ' ଓ "ଚ୍' ବର୍ଗ

ଘ) କ ବର୍ଗ ପରେ ଥିଲେ

୪୩) କେଉଁ ପ୍ରତ୍ୟୟରେ କ୍ଷତ୍ୱ ବିଧି ହୁଏ ନାହିଁ ।

କ) 'ତ' ପ୍ରତ୍ୟୟ

ଖ) ଅ ପ୍ରତ୍ୟୟ

ଗ) ସ୍ୟାତ୍ ପ୍ରତ୍ୟୟ

ଘ) ଆଶି ପ୍ରତ୍ୟୟ

୪୪) ନୋଟିସ ଶବ୍ଦରେ 'ଷ' ହୋଇନାହିଁ କାହିଁକି ?

କ) ଟ ପରେ ଓ ଥିବାରୁ

ଖ) ଇକାର ପରେ ଥିବାରୁ

ଗ) ଟ ପରେ ଇ ଥିବାରୁ

ଘ) ବୈଦେଶିକ ଶବ୍ଦ ହୋଇଥିବାରୁ

୪୫) କେଉଁ ଶବ୍ଦରେ ଷତ୍ୱ ବିଧି ହୋଇନାହିଁ ?

କ) ପୁନର୍ଜନ୍ମ ଶବ୍ଦ ପାଇଁ ନିମ୍ନଲିଖିତ ସନ୍ଧିରୁ ଠିକ୍ ସନ୍ଧିଟି ବାଛି ଲେଖ ?

କ) ପୁନର +ଜନ୍ମ

ଖ) ପୁନ + ଜନ୍ମ

ଗ) ପୁନ+ ଜନ୍ମ

ଘ) ପୁନଃ +ଜନ୍ମ

୪୭) ପ୍ରଶଂସାର ବିପରୀତାର୍ଥବୋଧକ ଶବ୍ଦ ଲେଖ ?

କ) ନିଶଂସା

ଖ) ନିନ୍ଦା

ଗ) ଅବଶଂସା

ଘ) ଅପ୍ରଶଂସା

୪୮) ନିମ୍ନଲିଖିତ ଶବ୍ଦ ମଧ୍ୟରୁ କେଉଁଟି ରାତ୍ରିର ପ୍ରତିଶବ୍ଦ ନୁହେଁ ?

କ) ରଜନୀ

ଖ) ନିଶୀଥିନୀ

ଗ) ବିଭାବରୀ

ଘ) ଅବନୀ

୪୯) 'ବିଂଶତି କର' ପଦଟିର ବ୍ୟାସ ବାକ୍ୟ କ'ଣ ହେବ ?

କ) ବିଂଶତି କିରଣ ଯାହାର

ଖ) ବିଂଶ ଯାର କିରଣରେ ପ୍ରତିଭାତି

ଗ) ବିଂଶତି ଅଟେ କର

ଗ) ବିଂଶତି କର ଯାହାର

୫୦) ଶୂନ୍ୟ ସ୍ଥାନ ପୂରଣ କର ? (କବିତାରୁ ପଠିତ ପଦର ଅଂଶ)

ଶୁଭ୍ର _______କୂଳ_______ ଶୀକାର

କ) ନିର୍ଝରିକା

ଖ) ତରଙ୍ଗିଣୀ

ଗ) ତଟିନୀ

ଘ) ସ୍ରୋତ ସ୍ୱିନୀ

# SUBJECTIVE

# PART-II

### ଦ୍ୱିତୀୟ ବିଭାଗ

## ଗଦ୍ୟ ବିଭାଗ

Time- 1 hour F.M. -30

**ଦୀର୍ଘ ଉତ୍ତର ମୂଳକ (ଗଦ୍ୟ ବିଭାଗ)** 1x5 = 5

୧-କ)

"ସଭ୍ୟତାର ବିକାଶରେ ବିଜ୍ଞାନର ଅବଦାନ" ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚ୍ନା କର !

କିମ୍ବା

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସାହିତ୍ୟକୃତି ବିଷୟରେ ଏକ ବିବରଣୀ ପ୍ରସ୍ତୁତ କର ।

ଖ) **ଦୀର୍ଘ ଉତ୍ତର ମୂଳକ (ପଦ୍ୟ ବିଭାଗ)** 1x5 = 5

ପଠିତ କବିତା ଅବଲମ୍ବନରେ ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର ?

କିମ୍ବା

ପଠିତ କବିତାରୁ ରାବଣର କୂଟନୀତି ସମ୍ପର୍କରେ ଆଲୋଚନା କର ?

୨- ସପ୍ରସଙ୍ଗ ସରଳାର୍ଥ ଲେଖ (ଗଦ୍ୟ ବିଭାଗରୁ) 1x5 = 5

କ) ସମୟ-ସ୍ରୋତରେ ନିଃସହାୟ ଶୁଷ୍କତୃଣ ପରି ମୁଁ ଭାସି ଚାଲିଛି

କିମ୍ବା

ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା

ସପ୍ରସଙ୍ଗ ସରଳାର୍ଥ ଲେଖ (ପଦ୍ୟ ବିଭାଗରୁ) 1x5 = 5

ଖ) ଘନ ଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ

କିମ୍ବା

ନଳିନୀ ପତ୍ରରେ ଯେହ୍ନେ ପଡ଼ନ୍ତେଣ ପାଣି
ପୃଥିବୀ ଦଳ ଦଳିତ କମ୍ପଇ ମେଦିନୀ

୩- ପ୍ରାୟ ୨୫୦ ଗୋଟି ଶବ୍ଦ ମଧ୍ୟରେ ଯେ କୌଣସି ଗୋଟିଏ ପ୍ରସଙ୍ଗରେ ପ୍ରବନ୍ଧ ଲେଖ । 1x10 = 10

କ) ତୁମର ପ୍ରିୟ ଖେଳ :- ଉପକ୍ରମ – ଖେଳର ନୀୟମାବଳୀ – ଖେଳ ଯୋଗୁଁ ଜୀବନରେ ପ୍ରଭାବ – ସମାଜ ପାଇଁ ଖେଳର ମହତ୍ତ୍ୱ – ଶେଷ କଥା ।

ଖ) ଆଦର୍ଶ ଛାତ୍ର :- ଉପକ୍ରମ – ଛାତ୍ରତ୍ୱର ସଜ୍ଞା- ଛାତ୍ରର କର୍ତ୍ତବ୍ୟ – ଛାତ୍ର ହିଁ ସମାଜର ଭବିଷ୍ୟତ - ଆଦର୍ଶ ଛାତ୍ରର ପ୍ରଭାବ – ଉପସଂହାର ।

ଗ) ମହାମାରୀ କରୋନା :- ଉପକ୍ରମ – କରୋନାର ଉତ୍ପତ୍ତି ଓ ବ୍ୟାପ୍ତି- କରୋନା ନିରାକରଣ ଉପାୟ – କରୋନାର କୁପ୍ରଭାବ – ଉପସଂହାର ।

# ODIA SAMPLE PAPER

# SET -2

# PART – I (MCQ)

**F.M. -50**

୧. ଉତ୍କଳ ଜନନୀଙ୍କ ଆକାଶ କାହାର କଳ କଳ ରାବରେ ମୁଖରିତ ହୋଇଥାଏ ?

କ) ପକ୍ଷୀମାନଙ୍କର

ଖ) ସମୁଦ୍ର ଢ଼େଉମାନଙ୍କର

ଗ) ନିର୍ଝରିଣୀର

ଘ) ପ୍ରସ୍ରବଣର

୨. ଉତ୍କଳ ମାତାଙ୍କ ଚ଼କ୍ଷୁ କେଉଁ ଆଲୋକରେ ଉଜ୍ୱଳ ଅଟେ ?

କ) ଚ଼ନ୍ଦ୍ରାଲୋକ

ଖ) ସୂର୍ଯ୍ୟାଲୋକ

ଗ) ଜ୍ଞାନବିଜ୍ଞାନ

ଘ) ଦିବ୍ୟାଲୋକ

୩. ଉତ୍କଳ ମାତାଙ୍କ ଶରୀର କାହା ରକ୍ତରେ ରଞ୍ଜିତ ?

କ) ଶତ୍ରୁ

ଖ) ମୁନିଋଷି

ଗ) ପଶୁପକ୍ଷୀ

ଘ) ସୈନ୍ୟ ସାମନ୍ତ

୪. ଉତ୍କଳ ଭୂମିର "ଶୂରବର" ବୋଲି କାହାକୁ ଆଖ୍ୟା ଦିଆଯାଇଛି ।

କ) ବିଦ୍ୱାନ

ଖ) ଶ୍ରେଷ୍ଠକବି

ଗ) ଶ୍ରେଷ୍ଠଯୋଦ୍ଧା

ଘ) ବିଜ୍ଞାନୀ

୫. ପବନର ସ୍ତୁତି କାହାଠାରୁ ସିଂଘନାଦ ମାଗିବାର ଉପଦେଶ ପ୍ରାପ୍ତ ହୋଇଥିଲେ ?

କ) ସହଦେବ

ଖ) ଅର୍ଜ୍ଜୁନ

ଗ) କୃଷ୍ଣ

ଘ) ନକୁଳ

୬. ଭୀମଙ୍କୁ ବରଦେବା ପାଇଁ ଈଶ୍ୱର କାହାର ପରାମର୍ଶ ଲୋଡ଼ିଥିଲେ ?

କ) କାଳୀ

ଖ) ଲକ୍ଷ୍ମୀ

ଗ) ପାର୍ବତୀ

ଘ) ସରସ୍ୱତୀ

୭. ଭୀମଙ୍କର ପ୍ରଥମ ସିଘନାଦ ରଡ଼ିରେ କ'ଣ କମ୍ପିତ ହୋଇଥିଲା ?

କ) ଆକାଶ

ଖ) ମହୀମଣ୍ଡଳ

ଗ) ବାୟୁ

ଘ) ଜଳ

୯/ କବିତ;ା 'ଏଛୀ' ପଦ କାହା ଉଦ୍ଦେଶ୍ୟରେ ବର୍ଣ୍ଣିତ ?

କ) ସରସ୍ୱତୀ

ଖ) ପାର୍ବତୀ

ଗ) ଉମା

ଘ) ଲକ୍ଷ୍ମୀ

୯. ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜଙ୍କୁ କେଉଁ କବି ଭାବେ ସମସ୍ତେ ଜାଣିଛନ୍ତି ?

କ) କବି ମଞ୍ଜୁଳ

ଖ) ଖବିବର

ଗ) କବି ସମ୍ରାଟ

ଘ) କବିରାଜ

୧୦. ରାବଣ କାହାକୁ ଦୂତ କରି ପଠାଇଥିଲଶ ?

କ) ନର ଓ ନାରଣ

ଖ) ନଳ ଓ ନୀଳ

ଗ) ଶୁକ ଓ ସାରଣ

ଘ) ବନ ଓ ବାନର

୧୧. ରାମଚନ୍ଦ୍ର କେଉଁ ଉପାୟ ଅବଲମ୍ବନ କରି ସୀତାଙ୍କୁ ଆଣିବା ପାଇଁ ବାହାରିଲେ ?

କ) ସିନ୍ଧୁକୁ ଶୁଖାଇ

ଖ) ସିନ୍ଧୁକୁ ପୋତି

ଗ) ସିନ୍ଧୁକୁ ଅତିକ୍ରମ କରି

ଘ) ସିନ୍ଧୁକୁ ପହଁରି

୧୨. ବିଭୁତିକୁ କିଏ ଭୁଞ୍ଜୁଥିଲା ବୋଲି ଉକ୍ତ କବିତାରେ କୁହାଯାଇଛି ?

କ) ରାବଣ

ଖ) କୁମ୍ଭକର୍ଣ୍ଣ

ଗ) ଅଙ୍ଗଦ

ବିଭୀଷଣ

୧୩. 'ଚିଲିକା' ପୁସ୍ତକ କବିଙ୍କର କେଉଁ ପ୍ରକାର କାବ୍ୟ ଅଟେ ।

କ) କାବ୍ୟ

ଖ) ଚଉପଦୀ

ଗ) ଚଉତିଶା

ଘ) ଖଣ୍ଡବାକ୍ୟ

୧୪. ଚିଲିକାର ପୂର୍ବ ଦିଗରେ କ'ଣ ଦୃଶ୍ୟମାନ ହେଉଥିଲା ?

କ) ନୌକାମାନ

ଖ) ଜାହାଜମାନ

ଗ) ସୂର୍ଯ୍ୟାସ୍ତ

ଘ) ପଟିକାମାନ

୧୫. କବିସୂର୍ଯ୍ୟଙ୍କ ଗୀତତାନକୁ କାହା ସହ ତୁଳନା କରାଯାଇଛି ?

କ) ଉଲ୍ଲାସର ଆତ୍ମା

ଖ) ଦୁଃଖର ଆତ୍ମା

ଗ) ଆନନ୍ଦର ଆତ୍ମା

ଘ) ବିଷାଦର ଆତ୍ମା

୧୬. ମୀନମାନେ କେଉଁ ଠାକ ଡ଼େଇଁ ପ୍ରାଣଦେବେ ବୋଲି କବି କହିଛନ୍ତି ?

କ) ତିରୀଗର୍ଭକୁ

ଖ) ପାପଗର୍ଭକୁ

ଗଗ) ଚିଲିକା ଗର୍ଭକୁ

ଘ) ଜାଲକୁ

୧୭. କାନ୍ତକବି ଆଇ.ଏ. ପାସ ପରେ ବି.ଏ ପଢ଼ିବାକୁ ସେ କେଉଁଠାରେ ପ୍ରଥମେ ନାମ ଲେଖାଇଥିଲେ ?

କ) ପ୍ରେସିଡ଼େନ୍ସି କଲେଜ

ଖ) କଲିକତାର ରିପ୍ କଲେଜ

ଗ) ରେଭେନ୍ସା କଲେଜ

ଘ) ଭଦ୍ରକ କଲେଜ

୧୮. ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନକାଳରେ ସେ କେଉଁ ନାଟକରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ ?

କ) ଅଭିଯାନ

ଖ) ଜୀବନ୍ତ ମରଣ

ଗ) ରୋଗ ଶଯ୍ୟା

ଘ) କାଞ୍ଚିକାବେରୀ

୧୯. ସେତେବେଳେ "ମୁକୁର" ପତ୍ରିକାର ସମ୍ପାଦକ କିଏ ଥିଲେ ?

କ) ଉମାଚରଣ ଦାସ

ଖ) ବିଶ୍ୱନାଥ କର

ଗ) ବ୍ରଜସୁନ୍ଦର ଦାସ

ଘ) ଗୋପବନ୍ଧୁ ଦାସ

୨୦. "ଗୋପୀନାଥ ସଙ୍ଗୀତ ସମାଜ" କେଉଁ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ଥିଲା ?

କ) ରାସଲୀଳା

ଖ) ନାଟକ ଅଭିନୟ

ଗ) ସଂକୀର୍ତ୍ତନ ପରିବେଷଣ

ଘ) ପାଲା ପରିବେଷଣ

୨୧. ଲେଖକଙ୍କର ଶିଶୁପ୍ରାଣକୁ କିଏ ପରିପୁଷ୍ଟ କଲା ?

କ) ସହର

ଖ) ଗ୍ରାମ୍ୟ ପରିବେଶ

ଗ) ପ୍ରକୃତି

ଘ) ପଲ୍ଲୀଭୂମି

୨୨. ପ୍ରାବନ୍ଧିକ ଆୟୁକୁ କାହା ସହିତ ତୁଳନା କରିଛନ୍ତି ?

କ) ସୂର୍ଯ୍ୟଙ୍କ ସହ

ଖ) ଚନ୍ଦ୍ରଙ୍କ ସହ

ଗ) ଶିବଙ୍କ ସହ

ଗ) ବୃହସ୍ପତିଙ୍କ ସହ

୨୩. ଗୋବିନ୍ଦା ଭାଇ ଲେଖକଙ୍କ ପାଖାର କ'ଣ ବ୍ୟାଖ୍ୟା କରୁଥିଲା ?

କ) ଭାଗବତ

ଖ) ମନବୋଧ ଚଉତିଶା

ଗ) ଗୀତା

ଘ) ପୁରାଣ

୨୪. ଗ୍ରାମଟି ଯାକ କେଉଁଥିରେ ପରିପୂର୍ଣ୍ଣ ହୋଇଗଲାଣି ବୋଲି ପ୍ରାବନ୍ଧିକ କହିଛନ୍ତି ?

କ) ସ୍ୱର୍ଣ୍ଣଶୀର୍ଷ ଧାନ୍ୟରେ

ଖ) ନବାଗତ ଅତିଥିରେ

ଗ) ବୃକ୍ଷରାଜିରେ

ଘ) ବିଭବରେ

୨୫. କେବାର ଯୁବକ କେଉଁଠାରେ ଦେଖନ୍ତି ଆରବର ବହ୍ନି ?

କ) ପଳାଶ ବନରେ

ଖ) କୃଷ୍ଣ ଚୂଡ଼ାରେ

ଗ) ଗୋଲାପ ବନରେ

ଘ) ସ୍ଥଳ ପଦ୍ମରେ

୨୬. ଏଟଲାସ୍ ________ଦେବତା ଅଟନ୍ତି

କ) ଭାରତୀୟ

ଖ) ମିଶରୀୟ

ଗ) ଗ୍ରୀସୀୟ

ଘ) ଇଉରୋପୀୟ

୨୭. ହିନ୍ଦୁମାନେ ଶାରୀରିକ ଓ ମାନସିକ ଉନ୍ନତି କିପରି ସମ୍ଭବ ବୋଲି ଭାବିଥାନ୍ତି ?

କ) ଶିକ୍ଷା, ସଂଯମ ଓ ବ୍ରହ୍ମଚର୍ଯ୍ୟା ଦ୍ୱାରା

ଖ) ଯୋଗାସନ ଦ୍ୱାରା

ଗ) ଆହାର ନିର୍ଭର ଦ୍ୱାରା

ଘ) କ୍ରୀଡ଼ା ଦ୍ୱାରା

୨୮. ଉତ୍ତାପ କେଉଁ ଶକ୍ତିର ଏକ ଅବସ୍ଥା ଅଟେ ?

କ) ବିରାଟ ଶକ୍ତିର

ଖ) ପ୍ରଚ୍ଛନ୍ନ ଶକ୍ତିର

ଗ) ପ୍ରବହମାନ ଶକ୍ତିର

ଘ) ନୂତନ ଶକ୍ତିର

୨୯) ଯାହାକୁ ଲଙ୍ଘନ କରିବା କଷ୍ଟକର ।

କ) ଅଲଂଘ୍ୟ

ଖ) ସୁଲଂଘ୍ୟ

ଗ) ଦୁର୍ଲ୍ଲଭ

ଘ) ଦୁଲଂଘ୍ୟ

୩୦. ଭାରତୀୟ ସଭ୍ୟତା କାହାକୁ ବିପଦର ହେତୁ ମନେ କରୁଥିଲେ ?

କ)ବୈଷୟିକ ଜଞ୍ଜାଳକୁ

ଖ) ପାର୍ଥିବ ଜଞ୍ଜାଳକୁ

ଗ) ଆଧ୍ୟାତ୍ମିକତାବାଦ

ଘ) ସାଂସାରିକ ଜଞ୍ଜାଳ

୩୧. "ଜଙ୍ଗଲ ରାଜ୍ୟର ମୁଁ ଜାଣିଛି କେଉଁ କାଠ କେମିତି ଜଳେ", ଏହା କାହାର ଉକ୍ତି ?

କ) କାଠୁରିଆ

ଖ) ଗୋଦାମବାଲା

ଗ) ଗାଳ୍ପିକ

ଘ) ଠେଲାଗାଡ଼ିବାଲା

୩୨. କାଠୁରିଆ ସକାଳୁ କ'ଣ ଖାଇ ଆସିଥିଲା ?

କ) ରୁଟି

ଖ) ଚୂହା ଓ ମୁଢ଼ି

ଗ) ଖାଲି କଂସାଏ

ଘ) ବେଲେ ପଖାଳ

୩୩. କାଠୁରିଆର ରୁଦ୍ର ମୂର୍ତ୍ତି ଦେଖି ଲେଖକ କ'ଣ ଉପଲବ୍ଧ କଲେ ?

କ) ବଡ଼ ଭୁଲ କରିଛନ୍ତି

ଖ) ଠିକ୍ କରିଛନ୍ତି

ଗ) ଲୋକଟା ମଦୁଆ

ଘ) ଲୋକଟା ରାଗୀ

୩୪. କେଉଁ ରଙ୍ଗର କଲମରେ ସୁବ୍ରତ ଲେଖୁଥିଲେ ?

କ) କାଳୀ

ଖ) ନେଳୀ

ଗ) ନାଲୀ

ଘ) ନାରଙ୍ଗୀ

୩୫. 'ଫଲଗୁ' ଏକାଙ୍କିକାର ଗାଳ୍ପିକ କିଏ ?

କ) ମନୋରଞ୍ଜନ ଦାସ

ଖ) ମନୋଜ ଦାସ

ଗ) ଦିବ୍ୟରଞ୍ଜନ ଦାସ

ଘ) ପୁଷ୍କରଞ୍ଜନ ଦାସ

୩୬. "ଭାରି କ୍ଷଣରାଗି ! ଠିକ ତା ବୋଉ ପରି" ଏ କଥା କାହାର ଉକ୍ତି ଅଟେ ?

କ) ମହାପାତ୍ର ବାବୁ

ଖ) ସୁବ୍ରତ ବାବୁ

ଗ) ପ୍ରୀତି

ଘ) ପୂରବୀ

୩୭. ଦର୍ପିତର ବିପରୀତାର୍ଥବୋଧକ ଶବ୍ଦ କ'ଣ ଅଟେ ?

କ) ଗର୍ବିତ

ଖ) ଲଜ୍ଜିତ

ଗ) ନିନ୍ଦିତ

ଘ) ସ୍ତିମିତ

୩୮. ନିମ୍ନୋକତ ମଧ୍ୟରୁ କେଉଁଟି ଶୂଳଧରର ପ୍ରତିଶବ୍ଦ ଅଟେ ?

କ) ବିରୁପାକ୍ଷ

ଖ) ଅନନ୍ତ

ଗ) ସହସ୍ରାକ୍ଷ

ଘ) ପଶୁପତି

୩୯. ପୁତ୍ର ଭଳି କନ୍ୟାକୁ ରାଜସିଂହାସନ ପ୍ରଦାନ କରିବାର ପରମ୍ପରା ସେତେବେଳେ କେଉଁ ରାଜ୍ୟରେ ଥିଲା ?

କ) ମଗଧ

ଖ) କୋଶଳ

ଗ) କଳିଙ୍ଗଘ) ଇନ୍ଦ୍ରପ୍ରସ୍ଥ

୪୦) ରାଜେଶ୍ୱରୀ କେତେଦିନ ମଗଧ ସେନା ବିରୁଦ୍ଧରେ ଯୁଦ୍ଧଚଳାଇଥିଲେ ?

କ) ଚାରିବର୍ଷ

ଖ) ଚାରିମାସ

ଗ) ଚାରିଦିନ

ଘ) ଚାରି ସପ୍ତାହ

୪୧. ଦୁଇ ବା ତତୋଽଧିକ ସାପେକ୍ଷ ଖଣ୍ଡବାକ୍ୟର ସମନ୍ୱୟରେ କେଉଁ ବାକ୍ୟ ଗଠିତ ହୋଇଥାଏ ?

କ) ଜଟିଳ ବାକ୍ୟ

ଖ) ଖଣ୍ଡବାକ୍ୟ

ଗ) ମିଶ୍ର ବାକ୍ୟ

ଘ) ଯୌଗିକ ବାକ୍ୟ

୪୨. ରାମଚନ୍ଦ୍ର ପିତୃସତ୍ୟ ପାଳି ବନବାସ ଗଲେ – ଏହା କି ପ୍ରକାର ବାକ୍ୟ ?

କ) ବିବୃତିସୂଚକ

ଖ) ନାସ୍ତି ସୂଚକ

ଗ) ପ୍ରଶ୍ନ ସୂଚକ

ଘ) ଆଦେଶ ସୂଚକ

୪୩. ବାକ୍ୟରେ ପଦ ଗୁଡ଼ିକର ସମ୍ବନ୍ଧକୁ କ'ଣ କୁହାଯାଏ ?

କ) ଯୋଗ୍ୟତା

ଖ) ଆକାଂକ୍ଷା

ଗ) ଆସରି

ଘ) ଯୁଗ୍ମପଦ

୪୪. ବାକ୍ୟଟି ଯାହା ବିଷୟରେ କୁହାଯାଏ ତାହା –

କ) କ୍ରିୟା

ଖ) କର୍ମ

ଗ) କର୍ତ୍ତା

ଘ) ଅବ୍ୟୟ

୪୫. ଯାହା କରିବା ଉଚିତ୍ ତାହା କର । ଏହି ଉକ୍ତିଟିକୁ ସଂକ୍ଷେପରେ କହିଲେ ।

କ) କରିବା କର

ଖ) କର୍ମ ପରାୟଣ କର

ଗ) କର୍ତ୍ତବ୍ୟ କର

ଘ) ଉଚିତ୍ କର୍ମ କର

୪୬. "ଶାକାର" ଶବ୍ଦରେ 'ଣ' ହେଉଛି କାହିଁକି ?

କ) 'ଶ' ଥିବାରୁ

ଖ) 'ଅ' ପରେ ଥିବାରୁ

ଗ) 'କ) ପୂର୍ବରୁ

ଘ) ସ୍ୱାଭାବିକ

୪୭. କେଉଁ ପଦରେ 'ଣ' ତ୍ୱ ବିଧି ନାହିଁ ?

କ) ଦାରୁଣ

ଖ) ତୃଣ

ଗ) ଭୀଷଣ

ଘ) ମଶାଣି

୪୮. କେଉଁ ସନ୍ଧିଜାତ 'ସ'ର 'ଷ' ହୁଏ ?

୪୮. କେଉଁ ସନ୍ଧି ଜାତ 'ସ'ର 'ଷ' ହୁଏ ?

କ) ସ୍ୱର ସନ୍ଧି

ଖ) ବ୍ୟଞ୍ଜନ ସନ୍ଧି

ଗ) ବିସର୍ଗ ସନ୍ଧି

ଘ) ସମସ୍ତ ସନ୍ଧି

୪୯. କେଉଁଠାରେ ଲିଙ୍ଗଗତ ଅଶୁଦ୍ଧି ରହିଛି ?

କ) ଜନତା ମାନଙ୍କର

ଖ) ସୁକେଶିନୀ

ଗ) ଉତ୍କର୍ଷିତା

ଘ) ପୂର୍ବାହ୍ନ

୫୦. ନିମ୍ନୋକ୍ତ ଅଶୁଦ୍ଧ ବାକ୍ୟଟିରେ ରେଖାଙ୍କିତ ଅଂଶଟିକୁ ଶୁଦ୍ଧ କର ।

ଶିକ୍ଷୟତ୍ରୀ ପ୍ରତ୍ୟେକ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିଲେ ?

କ) ଶିକ୍ଷୟିତ୍ରୀ

ଖ) ଶିକ୍ଷାୟତ୍ରୀ

ଗ) ଶିକ୍ଷୟାତ୍ରୀ

ଘ) ଶିକ୍ଷୟିତ୍ରି

# SUBJECTIVE

# PART-II

F.M. -30

**୧. କ) ଦୀର୍ଘ ଉତ୍ତର ମୂଳକ (ଗଦ୍ୟ ବିଭାଗରୁ)** 1x5 = 5

ଶିକ୍ଷିତ ସମାଜ କିପରି ପୂଜ୍ୟ ନମସ୍ୟ ହୋଇପାରିବେ, ତାହାକୁ "ଜନ୍ମଭୂମି" ପ୍ରବନ୍ଧ ଆଧାରରେ ଆଲୋଚ଼ନା କର ?

କିମ୍ୱା

ସଭ୍ୟତା ଓ ବିଜ୍ଞାନ ପରିସ୍ପର ନିର୍ଭରଶୀଳ ଏବଂ ସମାଜ ପାଇଁ ଉଭୟଙ୍କ ଗୁରୁତ୍ୱ ରହିଛି, ପ୍ରବୋନ୍ଧରୁ ପ୍ରତିପାଦନ କର ।

**ଖ. ଦୀର୍ଘ ଉତ୍ତର ମୂଳକ (ପଦ୍ୟ ବିଭାଗରୁ)** 1x5 = 5

ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ଉଦ୍ଧାର କରିବା ନିମନ୍ତେ ରାମଚ଼ନ୍ଦ୍ରଙ୍କ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚ଼ନା କର ।

କିମ୍ୱା

ଲକ୍ଷ୍ମୀ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ନିଜ ଭାଷାରେ ପ୍ରକାଶ କର ।

**୨. କ) ସପ୍ରସଙ୍ଗ ସରଳାର୍ଥ (ଗଦ୍ୟ ବିଭାଗରୁ)** 1x5 = 5

ଏଭଳି ସମୟରେ ସାହିତ୍ୟ, ସଙ୍ଗୀତ, ସଂକୀର୍ତ୍ତନ ଚ଼ର୍ଚ୍ଚା, ଇଷ୍ଟ ପୂଜା, ଗୁରୁବାଣୀ ପାଳନ ଥିଲା ତାଙ୍କ ପାଇଁ ସାନ୍ତ୍ୱନାର ଔଷଧୀ ।

କିମ୍ୱା

ବିରାଟ ସାଗର ଆଜି ଦୁର୍ଲ୍ଲଙ୍ଘ୍ୟ ହୋଇନାହିଁ କି ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ ।

**ଖ) ସପ୍ରସଙ୍ଗ ସରଳାର୍ଥ (ପଦ୍ୟ ବିଭାଗରୁ)** 1x5 = 5

ଉତ୍କଳ ଶୂରବର - ଦର୍ପିତ ଗେହା
ଅରିକୁଳ – ଶୁଣିତ – ଚ଼ର୍ଚ୍ଚିତ ଦେହା ।

କିମ୍ୱା

କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କିଏ ସ୍ଥଳେ ଉଜିଲେ ଆଶ୍ରୟ

**୩. ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ତିନିଟିରୁ ଯେ କୌଣସି ଗୋଟିଏ ପ୍ରବନ୍ଧ ଲେଖ ।**

କ) **ବସନ୍ତ ଋତୁ :-** ଉପକ୍ରମ - ବସନ୍ତ ଋତୁରେ ପ୍ରାକୃତିକ ଦୃଶ୍ୟ – ବସନ୍ତ ଋତୁରେ ପର୍ବପର୍ବାଣୀ - ବସନ୍ତ ଋତୁରେ ସାମାଜିକ ଜୀବନ ଉପରେ ପ୍ରଭାବ – ଉପସଂହାର

ଖ) **ଆଜିର ବିଜ୍ଞାନ :-** ଉପକ୍ରମ – ବିଜ୍ଞାନର ଇତିହାସ – ବିଜ୍ଞାନ ଆବଶ୍ୟକତା – ଉପକାର ଓ ଅପକାର – ଉପସଂହାର

ଗ) **ତୁମେ ଦେଖିଥିବା ଏକ ଦର୍ଶନୀୟ ସ୍ଥାନ :-** ଉପକ୍ରମ – ସ୍ଥାନଟିର ମହତ୍ତ୍ୱ – ସ୍ଥାନର ଅନୁଭୂତି – ଉପସଂହାର

## ବୋଧ ଜ୍ଞାନ ପରିମାପକ ପ୍ରଶ୍ନାବଳୀ

୧) ସାରଳା ଦାସଙ୍କ ସମ୍ବନ୍ଧରେ କେଉଁ ଉକ୍ତିଟି ପ୍ରଯୁଜ୍ୟ ନୁହେଁ ।

କ) ଉଦ୍ର ଜାତୀୟତା ବୋଧର ପ୍ରଥମ ରୂପକାର

ଖ) ଓଡିଆ ଭାଷାରେ ମହାଭାରତ ଲେଖିଥିଲେ

ଗ) କପିଳେନ୍ଦ୍ରଦେବ ତାଙ୍କୁ "ଆଦି କବି" ଆଖ୍ୟା ଦେଇଥିଲେ

ଘ) ସାରଳା ଚଣ୍ଡିଙ୍କ ଉପାସକ ଥିଲେ

୨) ଭୀମଙ୍କ ସିଂଘନାଦ ରଡି କବିତାରେ ପବନ ସୂତ କିଏ ?

କ) ହନୁମାନ

ଖ) ଭୀମ

ଗ) ଦୁର୍ଯ୍ୟୋଧନ

ଘ) ସହଦେବ

୩) କିଏ ଇଶ୍ୱରଙ୍କୁ ସିଂଘନାଦ ମାଗିବା ପାଇଁ ପ୍ରଥମେ କହିଲେ ?

କ) ଜଗନ୍ନାଥ

ଖ) ଦୁର୍ଯ୍ୟୋଧନ

ଗ) ମହାଦେବ

ଘ) ସହଦେବ

୪) ପାଣ୍ଡବ ସୁନ୍ଦର କିଏ ?

କ) ଯୁଧିଷ୍ଠିର

ଖ) ଭୀମ

ଗ) ଅର୍ଜୁନ

ଘ) ସହଦେବ

୫) ସିଂଘନାଦ ବାଦ୍ୟ କେଉଁଥିରେ ନିର୍ମିତ ?

କ) ସିଂହ ମୁଖରେ

ଖ) ବ୍ୟାଘ୍ର ମୁଖରେ

ଗ) ଗଣ୍ଡା ସିଂହରେ

ଘ) ମଇଁଷି ସିଂହରେ

୬) ଭୀମଙ୍କ ସିଂଘନାଦ ରଡି କବିତାରେ ବର୍ଣ୍ଣିତ ଉମା କିଏ ?

କ) ଲକ୍ଷ୍ମୀ

ଖ)ସରସ୍ୱତୀ

ଗ) ପାର୍ବତୀ

ଘ) ଦୂର୍ଗା

୭) ସିଂଘନାଦର ତେଜକୁ କାହା ସହିତ ତୁଳନା କରାଯାଇଛି ?

କ) ଚନ୍ଦ୍ର

ଖ) ନକ୍ଷତ୍ର

ଗ) ସୂର୍ଯ୍ୟ

ଘ) ଅଗ୍ନି

୮) କେଉଁ ପୁରାଣରେ ନବଦ୍ୱୀପ କଥା କୁହାଯାଇଛି ?

କ) ସ୍କନ୍ଦ

ଖ) ପଦ୍ମ

ଗ) ସୂର୍ଯ୍ୟ

ଘ) ବ୍ରହ୍ମ

୯) କେଉଁଟି ସପ୍ତ ସାଗରର ଅନ୍ତର୍ଭୁକ୍ତ ନୁହେଁ ?

କ) ଲବଣ

ଖ) ସୁରା

ଗ) ମଧୁ

ଘ) ଦୁଗ୍ଧ

୧୦) ସାରଳାଙ୍କ ଦୃଷ୍ଟିରେ ଦୁର୍ଯ୍ୟୋଧନ କି ପ୍ରକାର ଯୋଦ୍ଧା ?

କ) ବହୁପିଆ

ଖ) ମହାଭୂକାଂକ୍ଷୀ

ଗ) ଡରକୁରା

ଘ) ବୃଥା

୧୧) ଉପେନ୍ଦ୍ର ଭଞ୍ଜ  କେଉଁ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ ?

କ) ମୟୂରଭଞ୍ଜ

ଖ) ବାଲେଶ୍ୱର

ଗ) କଟକ

ଘ) ଗଞ୍ଜାମ

୧୨) ବିଚାରିଲେ ସିନ୍ଧୁ ପୋତି ଯିବା ପର୍ବତରେ <u>ଯେ</u> – ରେଖାଙ୍କିତ ପଦଟି କି ପଦ ?

କ) ସର୍ବନାସ

ଖ) ଅବ୍ୟୟ

ଗ) ବିଶେଷଣ

ଘ) କ୍ରିୟା

୧୩) ରାଘବଙ୍କ ଲଙ୍କାଯାତ୍ରାନୁ କୂଳ କବିତାର କେଉଁଟି ଲକ୍ଷ୍ୟଣୀୟ ବୈଶିଷ୍ଟ୍ୟ ନୁହେଁ

କ) ଶବ୍ଦ ସଂଯୋଜନ

ଖ) ଅଳଙ୍କାର

ଗ) ସମାଜ ପ୍ରତି ନୀତିନିଷ୍ଠ ବାର୍ତ୍ତା

ଘ) ପ୍ରକୃତିକୁ ଜୀବନ୍ତ ସଭାରେ ରୂପାୟିତ

୧୪) ବିନ୍ଧ୍ୟପର୍ବତ ଚୂର୍ଣ୍ଣ ହୋଇଥିଲେ ସୂର୍ଯ୍ୟ କାହିଁକି ସନ୍ତୁଷ୍ଟ ହୋଇଥାନ୍ତେ ?

କ) ପୂର୍ବରୁ ସୂର୍ଯ୍ୟ କ୍ରୋଧିତ ଥିଲେ

ଖ) ଗତିପଥରେ ବାଧା ସୃଷ୍ଟି କରୁଥିବାରୁ

ଗ) ସୂର୍ଯ୍ୟ ବିନ୍ଧ୍ୟକୁ ଘୃଣା କରୁଥିଲେ

ଘ) ସୂର୍ଯ୍ୟ ପ୍ରତିଶୋଧ ନେଇଥିବାରୁ

୧୫) ହୀନ ପରାକ୍ରମ ବୋଲି କାହାକୁ କୁହାଯାଇଛି ?

କ) ରାମ

ଖ) ରାବଣ

ଗ) ଶୁକସାରଣ

ଘ) ବିଭୀଷଣ

୧୬) ଅନ୍ୟ ପ୍ରସଙ୍ଗ କହିଲେ କ'ଣ ବୁଝ ?

କ) ରାମ ପ୍ରସଙ୍ଗ

ଖ) ରାବଣ ପ୍ରସଙ୍ଗ

ଗ) ବିଭୀଷଣ ପ୍ରସଙ୍ଗ

ଘ) ସୁଗ୍ରୀବ ପ୍ରସଙ୍ଗ

୧୭) ପିତୃବ୍ୟ କିଏ ?

କ) ବାଳୀ

ଖ) ଶ୍ରୀରାମ

ଗ) ସୁଗ୍ରୀବ

ଘ) ହନୁମାନ

୧୮) କେଉଁ ରଚନାଟି ଉପେନ୍ଦ୍ର ଭଞ୍ଜଙ୍କ ଅଳଙ୍କାର ପ୍ରିୟତାର ପରିଚୟ ଦିଏ ?

କ) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ

ଖ) ଲାବଣ୍ୟବତୀ

ଗ) ସୁଭଦ୍ରା ପରିଚୟ

ଘ) ରସ ପଞ୍ଚକ

୧୯) ଖଣ୍ଡକାବ୍ୟର ଧାରା କ'ଣ ?

(କ) ନାୟକ ବିହୀନ

(ଖ) ନାୟିକା ବିହୀନ

(ଗ) ନାୟକ ବା ନାୟିକା ବିହୀନ

(ଘ) ନାୟକ ନାୟିକା ଯୁକ୍ତ

୨୦) କେଉଁଟି ବାୟୁର ପ୍ରତିଶବ୍ଦ ନୁହେଁ ?

(କ) ମାରୁତ

(ଖ) ଅନୀଳ

(ଗ) ଅନିଳ

(ଘ) ଗନ୍ଧବହ

୨୧) ଚିଲିକାରେ ସାୟନ୍ତନ ଦୃଶ୍ୟ କବିତାରେ କବି କେଉଁ ଭାବଧାରାର ଅବତାରଣା କରିଛନ୍ତି ?

(କ) ଆତ୍ମତୃପ୍ତି ଭାବ

(ଖ) ମାନବଜୀବନ ଦର୍ଶନ ଭାବ

(ଗ) ମାନନୀୟ ଭାବ

(ଘ)ଆତ୍ମିକଭାବ

୨୨) କବିସୂର୍ଯ୍ୟଙ୍କ କବିତାରେ କହାର ଭାବାନ୍ତର ସୃଷ୍ଟି ହୋଇଛି ?

(କ) କବି

(ଖ)ମୀନଜୀବୀ

(ଗ) ଚିଲିକା କୂଳରଲୋକ

(ଘ) ବଳଦେବ ରଥ

୨୩) ଅତୀନ୍ଦ୍ରୀୟ ଦେଶ ସହିତ କେଉଁ ଶବ୍ଦଟି ବିଶେଷ ଭାବରେ ଜଡିତ?

(କ)ମନ

(ଖ) ସଙ୍ଗୀତ

(ଗ)ଦିଗଙ୍ଗନା

(ଘ) ମୀନଜୀବୀ

୨୪) ଧନ୍ୟ <u>ସେହି</u> ଯାର ଆଜ୍ଞା ଶିରେ ଧରି - ରେଖାଙ୍କିତ ପଦଟି କାହା ଉଦ୍ଦେଶ୍ୟରେ ପ୍ରୟୋଗ ହୋଇଛି ?

(କ) ପରମାତ୍ମା

(ଖ) କବି

(ଗ)ମନ

(ଘ) ଭାରତୀ

୨୫) ନିମ୍ନୋକ୍ତ କେଉଁ ଶବ୍ଦଟି ବାଗୀଶ୍ୱରୀ ସହିତ ସଂପୃକ୍ତ ନୁହେଁ ?

(କ) ଭାରତୀ

(ଖ)ଭାଷା

(ଗ) ସାବିତ୍ରୀ

(ଘ) ବାଣୀ

୨୬) କିଏ ପାପମୂର୍ତ୍ତି ପରି ଠିଆ ହୋଇଛି?

(କ) ମଶାଲ

(ଖ) ପୋତା

(ଗ) ମୀନ

(ଘ) ଶ୍ମଶାନ

୨୭) ଅଜ୍ଞାନ ସହିତ କାହାକୁ ତୁଳନା କରାଯାଇଛି?

(କ) ମୀନଜୀବୀ

(ଖ) ମୀନ

(ଗ) ପୋତପାଳ

(ଘ) ଭାବ

୨୮) ପାପଗର୍ଭ କାହାକୁ କୁହାଯାଇଛି ?

(କ) ମଶାଲ

(ଖ)ପୋତପାଳ

(ଗ)ନାବ

(ଘ) ଚିଲିକା

୨୯) କିଏ ପାଦରେ ଧୋଇହେବାପରି ଦେଖାଯାଉଛି?

(କ)ଚିଲିକା

(ଖ) ଶିଖା

(ଗ) ବିଶ୍ୱ

(ଘ) ବୋଇତ

୩୦) ଚନ୍ଦ୍ରକିରଣ କାହା ଉପରେ ପ୍ରତିଫଳିତ ହେଉଥିଲା?

(କ)ଗିରି

(ଖ)ବନ

(ଘ)ହ୍ରଦ

(ଗ)ବାଲିଗରଡା

୩୧) ପ୍ରଶାନ୍ତି ଶବ୍ଦରେ ବ୍ୟବହୃତ ଉପସର୍ଗଟି କ'ଣ ?

(କ)ପର

(ଖ)ପ୍ର

(ଗ) ପରା

(ଘ) ପରି

୩୨) 'କଳି'ର ପ୍ରତିପକ୍ଷ କିଏ?

(କ)ଲୋକାଳୟ

(ଗ)ଶାନ୍ତି

(ଖ) ନିଶିଥିନୀ

(ଘ) ଝିଙ୍କାରୀ

୩୩) "ମଙ୍ଗଳେ ଅଇଲା ଉଷା" ଫଳରେ ମଙ୍ଗଳ ଶବ୍ଦର ବ୍ୟବହାର କାହିଁକି ହୋଇଅଛି ?

କ) ଉଷା ସମୟ ମଙ୍ଗଳ ସମୟ        ଖ) ଉଷାଙ୍କର ମାଙ୍ଗଳିକ କାର୍ଯ୍ୟ

ଗ) ଉଷା ମଙ୍ଗଳ ଦାୟିନୀ        ଘ) ଉଷା ମଙ୍ଗଳ ବାରରେ ଆସିଛନ୍ତି

୩୪) "ଦୃଶା" କେଉଁ ଅର୍ଥ ପ୍ରକାଶ କରୁଛି ?

କ) ଯାହା ଦୃଶ୍ୟମାନ ହୁଏ        ଖ) ଯାହାଦ୍ୱାରା ଦୃଶ୍ୟମାନ ହୁଏ

ଗ) ଯାହାକୁ ଦୃଶ୍ୟ ହୁଏ        ଘ) ଯିଏ ଦୃଶ୍ୟ ହୁଏ

୩୫) କର ପଲ୍ଲବର ବ୍ୟାସକାବ୍ୟ କ'ଣ ?

କ) କର ରୂପକ ପଲ୍ଲବ        ଖ) ପଲ୍ଲବ ରୂପକ କର

ଗ) ପଲ୍ଲବର କର        ଘ) କର ପରି ପଲ୍ଲବ

୩୬) "ପଞ୍ଚମ ସ୍ୱର" କାହାର ସ୍ୱର ?

କ) ମୟୂର        ଖ) ଛାଗ

ଗ) କୋକିଳ        ଘ) ଘୋଟକ

୩୭) "ଉଷା" କାହାର ପ୍ରତୀକ ?

କ) ଯୋଗ        ଖ) ବିଶ୍ୱାସ

ଗ) ରୂପ        ଘ) ଜୀବନ

୩୮) ପ୍ରଭାତ ସମୟରେ ଉଷା କାହାକୁ ସଙ୍ଗୀତ ଗାନ କରିବାକୁ କହିଛନ୍ତି ?

କ) ଷ୍ଟପଦ	ଖ) ସୁରଭି

ଗ) ସମୀରଣ	ଘ) କଳିଙ୍ଗ

୩୯) "କଳିଙ୍ଗ" ଗୋଟିଏ କ'ଣ ?

କ) ଦେଶ	ଖ) ନଗର

ଗ) ପଶୁ	ଘ) ପକ୍ଷୀ

୪୦) ଲଳିତ ମଧୁର ସ୍ୱର କାହାର ?

କ) କଳିଙ୍ଗ	ଖ) କୁମ୍ଭାଟୁଆ

ଗ) କୋଇଲି	ଘ) ସୁରଭି

୪୧) "ଉଠ ସତୀ – ରାଜା – ରାଣୀ" କିଏ କାହାକୁ କହିଛନ୍ତି ?

କ) ଉଷା ସୀତାଙ୍କୁ	ଖ) କଜଳପାତି ସୀତାଙ୍କୁ

ଗ) ସୀତା ଉଷାଙ୍କୁ	ଘ) କୁମ୍ଭାଟୁଆ ସୀତାଙ୍କୁ

୪୨) କବିତାରେ "ଶୃତିର" ଅର୍ଥ କ'ଣ ?

କ) ବେଦ	ଖ) ଧ୍ୱନୀ

ଗ) କର୍ଣ୍ଣ	ଘ) ଶ୍ରବଣ

୪୩) ନିମ୍ନ ଲିଖିତ ମଧ୍ୟରୁ କେଉଁ ଶବ୍ଦଟି ସରସ୍ୱତୀଙ୍କର ନାମ ନୁହେଁ ?

କ) ଭାରତୀ	ଖ) ଭାଷା

ଗ) ବ୍ରାହ୍ମୀ	ଘ) ବିଷ୍ଣୁର

୪୪) ଆଶ୍ରମରେ ବ୍ରହ୍ମଚାରିଣୀ ଅନୁବାହକ ସହିତ ସିତାଙ୍କର ସମ୍ପର୍କ କ'ଣ ?

କ) ମାଆ ଝିଅ	ଖ) ଝିଅ ମାଆ

ଗ) ଗୁରୁଶିକ୍ଷା	ଘ) ଦୁଇ ବାନ୍ଧବୀ

୪୫) କବିତାରେ ମୁକୁମାରୀ ନହୋଇ ସୁକୁମାର କାହିଁକି ହୋଇଛନ୍ତି ?

କ) ଦେହର ବିତୀଷଣ ହେତୁ	ଖ) ଣକାମୁଳ ଅର୍ଥ

ଗ) ଉଷାଙ୍କ ସହ ସମ୍ପର୍କ ହେତୁ	ଘ) ସୁଶକର ପ୍ରୟୋଗ ହେତୁ

୪୬) ନିମ୍ନ ଲିଖିତ କେଉଁ ପଂକ୍ତିଟି ସୀତାଙ୍କର ପ୍ରତି ଉକ୍ତିର ସୂଚନା ଦେଉଛି ?

କ) ପ୍ରତିବିମ୍ବ ପରି, ବୀର ରାମ ମୂରତି   ଖ) ପଦ୍ମିନୀ ମୃଦ ଶିଶିର

ଗ) ବିନ୍ଦୁରେ ଖର ରଶ୍ମୀର   ଘ) ଶୋକ ଜର୍ଜରିତ

୪୭) ଆଶ୍ରମରେ ତମସା ସୀତାଙ୍କ ସଜିଆ ଲାଭକରି କେଉଁ ସୁଖ ଅନୁଭବ କରିଛନ୍ତି ?

କ) ମାତୃ ସୁଖ   ଖ) କନ୍ୟା ସୁଖ

ଗ) ଭଗ୍ନୀ ସୁଖ   ଘ) ବାନ୍ଧବୀ ସୁଖ

୪୮) କେଉଁ କବିତାରେ କବି ସାମନ୍ତବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି?

କ) ସର୍ବସହା ମାଟି   ଖ) ଜାଗବନ୍ଧନ ହରା

ଗ) ବନ୍ଦେ ଉତ୍କଳ ଜନନୀ   ଘ) ରାଘବଙ୍କ ଲଙ୍କା ଯାତ୍ରାନୁକୂଳ

୪୯) କବି ତରୁଣ ମାନଙ୍କୁ କିପ୍ରକାର ଆହ୍ୱାନ ଦେଇଛନ୍ତି ?

କ) ଉତ୍ସର୍ଗୀକୃତ ଜୀବନ   ଖ) ସୁଖ ଶାନ୍ତିର ଜୀବନ

ଗ) ଆନନ୍ଦୀୟ ଜୀବନ   ଘ) ଭୋଗବିଳାସର ଜୀବନ

୫୦)କେଉଁ ମାନଙ୍କର ଦୁଃଖଜ୍ୱଳା ପ୍ରଶମିତ ହେବା କଥା କହିଛନ୍ତି ?

କ) ଶୋଷଣ କରୁଥିବା ଲୋକମଙ୍କର   ଖ) ଶ୍ରେଣୀହୀନ ମାନଙ୍କର

ଗ) ଦଳିତ ନିଷ୍ପେସିତ ମାନଙ୍କର   ଘ) ମହାମାନବ ମାନଙ୍କର

୫୧) "ମରଣ ଦୁଆରେ ଚରଣ ଅରଘି" ପଂକ୍ତିଟି କେଉଁ ମାନଙ୍କ ପାଇଁ ଏକ ଆହ୍ୱାନ ?

କ) ଯୁବଗୋଷ୍ଠୀ   ଖ) ଦେଶବାସୀ

ଗ) ଶାସକ ଗୋଷ୍ଠୀ   ଘ) ଦଳିତ ଗୋଷ୍ଠୀ

୫୨) କାଠ ଗଳ୍ପର ଗାଳ୍ପିକ ବସନ୍ତ କୁମାର ଶତପଥୀ ଓଡିଶାର କେଉଁ ଜିଲ୍ଲାର ବାସିନ୍ଦା ଅଟନ୍ତି ?

କ) ବାଲେଶ୍ୱର ଖ) କେନ୍ଦୁଝର  ଗ) ମୟୂରଭଞ୍ଜ ଘ) ସୁନ୍ଦରଗଡ

୫୩) ଆଣ୍ଟି ରୋମାଣ୍ଟିକ ଗଳ୍ପ ସଂକଳନ ପାଇଁ କେଉଁ ଗାଳ୍ପିକ ଓଡିଆ ସାହିତ୍ୟ ଏକାଡେମି ପୁରସ୍କାର ପାଇଥିଲେ ?

କ) ବିଦ୍ୟୁତପ୍ରଭା ଦେବୀ   ଖ) ବସନ୍ତ କୁମାର ଶତପଥୀ

ଗ) ଶରତଚନ୍ଦ୍ର ପଟ୍ଟନାୟକ   ଘ) କୁନ୍ତଳା କୁମାରୀ ସାବତ

୫୪) ଆଧୁନିକ ମଣିଷର ସ୍ୱାର୍ଥ ଓ ଶଠତା, ସମାଜର ନିମ୍ନ ବର୍ଗର ଲୋକଙ୍କର ସରଳତା ଓ ସ୍ୱାଭିମାନର ସ୍ୱରୂପ ଗାଳ୍ପିକ ବସନ୍ତ କୁମାର ଶତପଥୀଙ୍କ କେଉଁ ଗଳ୍ପରେ ପରିପ୍ରକାଶ କରିଛନ୍ତି ?

କ) ଆକାଶ ଫୁଲ ଖ) ଅଜଣା ଘା ଗ) ଗରିବୀ ହଟାଓ ଘ) କାଠ

୫୫) କାଠ ଗଳ୍ପରେ ଗାଳ୍ପିକ ଗୋଦାମରୁ କେଉଁ କାଠ କିଣି ଆଣିଲେ ଲାଭ ଜନକ ହେବ ବୋଲି ନିଷ୍ପତି ନେଇଛନ୍ତି?

କ) ଚିରା କାଠ ଖ) ଧଅ କାଠ ଗ) ଗଡ଼ ବ ମୁଣ୍ଡା କାଠ ଘ) ଛେଲି କାଠ

୫୬) କାଠ ଗଳ୍ପରେ ଗାଳ୍ପିକ କାହାକୁ ଜଙ୍ଗଲ ରାଜ୍ୟର ଲୋକ ବୋଲି କହିଛନ୍ତି ?

କ) ସାନ୍ତାଳି ଖ) ଲେଖକ ଗ) କାଠ ଚିରାଳି ଘ) ଆଦିବାସୀ

୫୭) କାହାଙ୍କ ପର୍ବରେ ହାଣ୍ଡିଆ ଖିଆ, କୁକୁଡ଼ା ଲଢେଇ ଓ ଧୁମୁଷା ମାଦଳ ବାଦ୍ୟର ବ୍ୟବହାର ହୋଇଥାଏ ?

କ) କନ୍ଧ ଖ) କୋହ୍ଲ ଗ) ଶବର ଘ) ସାନ୍ତାଳ

୫୮) କାହାର ଗଳାସ୍ୱରକୁ ଅନୁକରଣ କରି ଗାଳ୍ପିକ କାଠ କବିତା ପାଇଁ ସମ୍ମତି ପ୍ରକାଶ କଲେ ?

କ) ବୁଢା କାଠ ଚିରାଳି ଖ) ଦରବୁଢା କାଠ ଚିରାଳି ଗ) ଅଶିକ୍ଷିତ କାଠ ଚିରାଳି ଘ) ଯୁବ କାଠ ଚିରାଳି

୫୯) ଜଙ୍ଗଲ ରାଜ୍ୟର ଲୋକ ମୁଁ ଏହା କାହାର ଉକ୍ତି ଥିଲା ?

କ) ଗାଳ୍ପିକ ଖ) ସାନ୍ତାଳ ଗ) କାଠ ଚିରାଳି ଘ) ମଜୁରିଆ

୬୦) ଚାରଣା ଆଠଣା ପାଇଁ କାଠ ଗଳ୍ପରେ କିଏ ଆମ ସାଙ୍ଗରେ ଝଗଡା କରିବୁ ବୋଲି କହିଛନ୍ତି ?

କ) ଗାଳ୍ପିକ ଖ) କାଠ ଚିରାଳି ଗ) ଗୋଦାମ ବାଲା ଘ) ଠେଲାଗାଡି ବାଲା

୬୧) କାଠ ଚିରିବା ପାଇଁ ଚାରଣା ଅଧିକ ନେବୁ ଏ କଥା କିଏ କହିଛନ୍ତି ?

କ) ଲେଖକ ଖ) ସାନ୍ତାଳ ଗ) କାଠ ଚିରାଳି ଘ) କଲେଜ ପଢୁଆ ପୁଅ

୬୨) ନାଲି ଧଡିର ଶାଢୀକୁ କାଠ ଚିରାଳି କେଉଁ ଗଛ ଡାଳରେ ଲଟକାଇ ଦେଲା ?

କ) ତେନ୍ତୁଳି ଖ) ବେଗୁନିଆଁ ଗ) ବରଗଛ ଘ) ଶାଳ ଗଛ

୬୩) କେଉଁଠାରୁ ବାହାର କରି, କଳରେ ଜାକି କାଠ ଚିରାଳି କୁରାଢି ଧରି କାଠ ଚିରିବା ପାଇଁ ପ୍ରସ୍ତୁତ ହେଲା ?

କ) ପକେଟରୁ ଖ) ଗାମୁଛାରୁ ଗ) ନାଲି ଧଡିର ଶାଢୀରୁ ଘ) କାନିର ଗଣ୍ଠି ପକାଇ

୬୪) ଧଅ କାଠକୁ ଚିରିବାରେ କାଠ ଚିରାଳିର କଣ ସମସ୍ୟା ଥିଲା ?

କ) ଚେମଡ ଖ) ଶୁଖିଲା ଗ) ନରମ ଘ) ଅଣଓସାରିଆ

୬୫) ଯୁଦ୍ଧ ଲାଗିଲା ବର୍ଷ କାଠ ଚିରାଳି ମୟୂରଭଞ୍ଜର ବେତନଟୀରୁ କେଉଁ ସ୍ଥାନକୁ ଚାଲିଆସିଥିଲା ?

କ) ବଣେଇ ଖ) ବାରିପଦା ଗ) ରେମୁଣା ଘ) ରତ୍ନଗିରି

୬୬) ସାନ୍ତାଳ ଜାତିରରେ ବିବାହିତ ପୁରୁଷମାନଙ୍କର ସ୍ତ୍ରୀ କୁ କ'ଣ କହନ୍ତି ?

କ) ଡଗର ଖ) କୁଆ ଗ) ମାଗୋ ଘ) ତିର୍ଲା

୬୭) କେଉଁ କାଠକୁ ଚିରି କାଠୁରିଆ ତାର ମଞ୍ଜ ବାହାର କରି ଦେଉଛି ?

କ) ଶୁଖିଲା ଖ) ମୋଟା ଗ) ଗ୍ରନ୍ଥିଳଶିରାଳ ଘ) ନିଦା

୬୮) କୁରାଢି ମୁଁ ପଜାଇବା ପାଇଁ କାଠୁରିଆ କ'ଣ ବ୍ୟବହାର କରୁଥିଲା ?

କ) ଢିମା ପଥର ଖ) କଳାମୁଗୁନି ପଥର ଗ) ଲୁହା ପଥର ଘ) ଧାରୁଆ ପଥର

୬୯) କ'ଣ ସମ୍ବୋଧନ କରି ଚାକର ପିଲା ଚୈତନ୍ୟ କାଠ କଟାଳିକୁ ରୁଟି ଦୁଇଟା ଦବା ପାଇଁ ଗାଳ୍ପିକ ପ୍ରସ୍ତାବ ଦେଲା ?

କ) ବାବୁ ଖ) ସାର୍ ଗ) ବାପା ଘ) ସାହେବ

୭୦) କାଠ ଚିରିବା ବେଳେ କାଠୁରିଆ ସହ ଗାଳ୍ପିକର ବାର୍ତ୍ତାଳାପରେ କ'ଣ ପରିପ୍ରକାଶ ପାଉଥିଲା ?

କ) ସ୍ୱାର୍ଥ ଓ ପ୍ରତାରଣା ଖ) ସ୍ନେହ ଓ ଶ୍ରଦ୍ଧା ଗ) ଦୟା ଓ ପରୋପକାର ଘ) ଅର୍ଥ ରୋଜଗାର

୭୧) ଗାଳ୍ପିକ ନିଜ ଚାକର ହାତରେ କେତେ ଟଙ୍କା ପଠେଇ ଦେଇ ଭୟରେ ଘରେ କବାଟ କିଳି ପଶି ଗଲେ ?

କ) ଦୁଇ ଟଙ୍କା ଖ) ଗୋଟେ ନୋଟ ଗ) ଦୁଇଟି ନୋଟ ଘ) ତିନିଟଙ୍କା ଆଠଅଣା

୭୨) ଚାରଣା ଏକ ଟଙ୍କାର କେତେ ଭାଗରୁ ଭାଗେ ଅଟେ ?

କ) ଦୁଇଭାଗରୁ ଭାଗେ

ଖ) ଚାରିଭାଗରୁ ଭାଗେ

ଗ) ତିନିଭାଗରୁ ଭାଗେ

ଘ) ଏକଭାଗରୁ ଦୁଇ ଭାଗ

୭୩) କାଠୁରିଆ ଗ୍ରନ୍ଥିଳ ଶିରାଳ କାଠକୁ ଛିନ୍ନ ଛିନ୍ନ କରି ମଞ୍ଜ ବାହାର କରିବାର ଶୈଳିକୁ ଲେଖକ କାହା ସହିତ ତୁଳନା କରିଛନ୍ତି ?

କ) ପୋଖତ ସମାଲୋଚକ

ଖ) ଅତ୍ୟଧିକ ବଳ ପ୍ରୟୋଗ

ଗ) କାଠ କାଟିବା ଶୈଳି

ଘ) ଗାଳ୍ପିକଙ୍କ ବ୍ୟବହାର

୭୪) କାଠ ଗଳ୍ପର ନାମ କରଣର ଯଥାର୍ଥତା କ'ଣ ଥିଲା ?

କ) ଜଙ୍ଗଲ ସହ ଗଛର

ଖ) ଜଙ୍ଗଲ ସହ

ଗ) ଜଙ୍ଗଲ ସହ କାଠର

ଘ) ଜଙ୍ଗଲ ସହ ଗାଳ୍ପିକାର

୭୫) 'ଲୋଟା' ଶବ୍ଦର ଓଡିଆ ଅର୍ଥ କ'ଣ ଅଟେ ?

କ) ମାଠିଆ

ଖ) ଗରା

ଗ) ଢାଳ

ଘ) ହାଣ୍ଡି

୭୬) ମୁଢି ଓ କଷା ମାଂସ ଖାଇବା ଓଡିଶାର କେଉଁ ଜିଲ୍ଲାର ଲୋକଙ୍କର ପସନ୍ଦର ଖାଦ୍ୟ ଅଟେ ?

କ) ମୟୂରଭଞ୍ଜ

ଖ) କଟକ

ଗ) କେନ୍ଦ୍ରାପଡା

ଘ) ଯାଜପୁର

୭୭) ନନ୍ଦିନୀ ଶତପଥୀଙ୍କ ଜନ୍ମ ଏକ ସୁପ୍ରତିଷ୍ଠିତ ___ ପରିବାରରେ ହୋଇଥିଲା ?

କ) ରାଜନୈତିକ ଖ) ସାହିତ୍ୟିକ

ଗ) ରାଜ ପରିବାର ଘ) ଶିକ୍ଷିତ

୭୮) ଗାନ୍ଧୀ କଥାମୃତ ପାଇଁ ନନ୍ଦିନୀ ଶତପଥୀ କେଉଁ ପୁରସ୍କାର ପାଇଥିଲେ ?

କ) କେନ୍ଦ୍ର ସାହିତ୍ୟ ଏକାଡେମି  ଖ) ଓଡିଆ ସାହିତ୍ୟ ଏକାଡେମି

ଗ) ବିଷୁବ ପୁରସ୍କାର  ଘ) ଶାରଳା ପୁରସ୍କାର

୭୯) ଦୟାନଦୀ କେଉଁ ସହର ନିକଟ ଦେଇ ପ୍ରବାହିତ ହୋଇଅଛି ?

କ) କଟକ  ଖ) ପୁରୀ

ଗ) ଭୁବନେଶ୍ୱର  ଘ) ବାଲେଶ୍ୱର

୮୦) କାହାର ଆଖି ଆଗରେ ଦୟାନଦୀ ପାଣିର ରଙ୍ଗ ବଦଳିଯାଇ ଲାଲ ହୋଇଗଲା ?

କ) ଅଶୋକ  ଖ) କୁରୁବାକି

ଗ) ଅଙ୍ଗଦ ଚୌଧୁରୀ  ଘ) ରାଜଜେମା

୮୧) ଭାରତର ସର୍ବ ପୁରାତନ ବିଶ୍ୱବିଦ୍ୟାଳୟର ନାମ କ'ଣ ଅଟେ ?

କ) ବନାରସ ହିନ୍ଦୁ  ଖ) ଉତ୍କଳ

ଗ) ମଗଧ  ଘ) ନାଳନ୍ଦା

୮୨) ନାଳନ୍ଦା ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?

କ) ବିହାର  ଖ) ଝାଡ଼ଖଣ୍ଡ

ଗ) ଛତିଶଗଡ  ଘ) ଓଡିଶା

୮୩) ଅଶୋକଙ୍କ ଶିଳା ଲେଖାରେ କାହା ବିଷୟରେ କିଛି ଉଲ୍ଲେଖ ନଥିଲା ?

କ) ମଗଧ  ଖ) କଳିଙ୍ଗ

ଗ) କଳିଙ୍ଗ ରାଜଜେମା  ଘ) କଳିଙ୍ଗ ରାଜା

୮୪) ହ୍ରେଷାରବର ଅର୍ଥ କ'ଣ ?

କ) ଘୋଡାର ହସ  ଖ) ଘୋଡା ଦୌଡ

ଗ) ଘୋଡା ନାଚ  ଘ) ଘୋଡା ଟାପୁ

୮୫) ଦୀର୍ଘ ଦେହୀ ପୁରୁଷ ଅଙ୍ଗଦ ଚୌଧୁରୀଙ୍କ କେଉଁ ଅଙ୍ଗକୁ ସ୍ପର୍ଶ କରିବାରୁ ଅଙ୍ଗଦ ଚମକି ଉଠି ମୁଣ୍ଡ ଟେକି ତାଙ୍କୁ ଚାହିଁ ରହିଲେ ?

କ) ମୁଣ୍ଡକୁ  ଖ) ହାତକୁ

ଗ) କାନ୍ଧକୁ ଘ) ଗୋଡ଼ ଦୁଇଟିକୁ

୮୬) ଆପଣ କ'ଣ କଳିଙ୍ଗର ମହାରାଜା, ଏହା କାହାର ଉକ୍ତି ଥିଲା ?

କ) ଅଙ୍ଗଦ ଖ) ଅଶୋକ

ଗ) ଦୀର୍ଘ ଦେହୀ ପୁରୁଷ ଘ) ମଗଧ ମହାମନ୍ତ୍ରୀ

୮୭) ପ୍ରାବନ୍ଧିକ ଆୟୁକୁ କାହା ସହ ତୁଳନା କରିଛନ୍ତି ?

କ) ଜଳ ଖ) ମାଟି ଗ) ସୂର୍ଯ୍ୟ ଘ) ଚନ୍ଦ୍ର

୮୮) ସମୟ ସ୍ରୋତରେ ପ୍ରାବନ୍ଧିକ କିପରି ଭାସି ଚାଲିଛନ୍ତି ?

କ)ଶୁଷ୍କତୃଣ ଖ) ପତ୍ର ଗ) ସୂତାଖିଅ ଘ) ଗଛ

୮୯)ପ୍ରାବନ୍ଧିକ ଜନ୍ମ ଭୂମିର ରୂପକୁ କେବଳ କାହାପରି ସ୍ମରଣ କରନ୍ତି ?

କ) ବିଦ୍ୱାନ ଖ) ଜାତିସ୍ମର ଗ) ମହାପୁରୁଷ ଘ) ଶିକ୍ଷାର୍ଥୀ

୯୦) ଯେଉଁ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ନବଯୁବକ ମାନେ ଚାକିରି ନପାଇ ଜନ୍ମଭୂମି ଛାଡିନାହାନ୍ତି ସେମାନେ କାହାର ଆଶ୍ରୟ ନେଇଛନ୍ତି ?

କ) କୃଷି ଖ) ବ୍ୟବସାୟ ଗ) ରାଜନୀତି ଘ) ଧର୍ମ ପ୍ରଚାର

୯୧) ଶିକ୍ଷିତ ଯୁବକ ମାନଙ୍କ ଛଳନା, ପ୍ରତାରଣାକୁ କେଉଁ ପ୍ରୋରାଣିକ ଗାଥା ସହ ତୁଳନା କରାଯାଇଛି ?

କ) ରାମଙ୍କ ଖ) କୃଷ୍ଣଙ୍କ ଗ) ନାରାୟଣଙ୍କ ଘ) ଶିବଙ୍କ

୯୨) "ଅରଣ୍ୟ ଫସଲ" ନାଟକ ପାଇଁ କେଉଁ ନାଟ୍ୟକାର କେନ୍ଦ୍ର ସାହିତ୍ୟ ଏକାଡେମି ଦ୍ୱାରା ପୁରସ୍କୃତ ହୋଇଥିଲେ ?
କ) ଅନନ୍ତ ପଟ୍ଟନାୟକ ଖ) ଭକ୍ତ କିଶୋର ଦାସ
ଗ) ମନୋଜ ଦାସ ଘ) ମନୋରଞ୍ଜନ ଦାସ
୯୩) ଏକାଙ୍କିକା 'ଫଲଗୁ' ରେ କେଉଁ ପରିବାରର ଚିତ୍ର ଗାଳ୍ପିକ/ନାଟ୍ୟକାର ଉପସ୍ଥାପନ କରିଛନ୍ତି ?
କ) ନିମ୍ନ ମଧ୍ୟବିତ୍ତ ଖ) ମଧ୍ୟବିତ୍ତ
ଗ) ସମ୍ଭ୍ରାନ୍ତ ଘ) ଗରିବ
୯୪) ସୁବ୍ରତ ବାବୁ ନିଜ ଘରର ବାମ ପାଖରେ ଥିବା ଝରକାର ଅନତି ଦୂରରୁ କାହାର ସ୍ୱର ଶୁଣି ଏକ ଧ୍ୟାନରେ ଛିଡା ହୋଇଛନ୍ତି ?
କ) କେନ୍ଦେରା ଖ) ମୃଦଙ୍ଗ
ଗ) ତୁରୀ ଘ) ବଂଶୀ
୯୫) ବଂଶୀର କେଉଁ ସ୍ୱର ସୁବ୍ରତ ବାବୁଙ୍କ ମନକୁ ଆନ୍ଦୋଳିତ/ନିମଗ୍ନ କରିଦେଇଛି?
କ) ପୂରବୀର ରାଗିଣୀ ଖ) ପ୍ରୀତିର ରାଗିଣୀ

ଗ) ବଂଶୀର ତାନ ଘ)ବଂଶୀ ବାଦକର ଚମତ୍କାରିତା

୯୬) ସୁବ୍ରତ ବାବୁ କଲେଜକୁ ଗଲାବେଳେ ପ୍ରୀତି ଘରେ କ'ଣ ନଥିବାର ମନେପକାଇ ଦେଇଥିଲା ?

କ) ଚାଉଳ ଖ) ଗହମ

ଗ) ସୁଜି ଘ) ଅଟା

୯୭) ଚିନୁ ପାଇଁ ଗଉଡ କ୍ଷୀର ଦେଇନଥିବାରୁ ସୁବ୍ରତ ବାବୁ ପ୍ରୀତିକୁ କ'ଣ ଖାଇବା ପାଇଁ ଦେବାକୁ କହିଥିଲେ ?

କ) ବାର୍ଲି ଖ) ପାଲୁଅ

ଗ) ଶାଗୁ ଘ) ପାଉଁରୁଟି

୯୮) କାହାର ବଂଶୀ ସ୍ୱରରେ ଭାସି ଆସୁଥିଲା ପୂରବୀର ମୂର୍ଚ୍ଛନା ?

କ) ସୁବ୍ରତ ବାବୁ ଖ) ଚିନୁ

ଗ) ଘନଶ୍ୟାମ ବାବୁଙ୍କ ବଡପୁଅ ଘ) ଘନଶ୍ୟାମ ବାବୁଙ୍କ ମଝିଆପୁଅ

୯୯) ପ୍ରୀତି କାନିରେ ସୁବ୍ରତଙ୍କ ପାଇଁ କ'ଣ ଆଣିଛି ?

କ) ମୁଢି ଖ) ଚୁଡାଭଜା

ଗ) ଚାଉଳଭଜା ଘ) ବାର୍ଲି

୧୦୦) ବେବିର ପିଉସୀ, ମହାପାତ୍ର ବାବୁଙ୍କର କ'ଣ ହେବେ ?

କ) ଭରିଜା ଖ) ଭଉଣୀ

ଗ) ଶାଳୀ ଘ) ମାଉସୀ

୧୦୧) କ୍ୟାପଟେନ ଚାକିରିରୁ ଅବସର ନେଲାପରେ ମହାପାତ୍ର ବାବୁ କ'ଣ କରୁଥିଲେ?

କ) ବହି ଲେଖିବା ଖ) ବ୍ୟବସାୟ କରିବା

ଗ) କଣ୍ଟ୍ରାକ୍ଟର ଘ) ଏ ସବୁ ମଧ୍ୟରୁ କିଛି ନୁହେଁ

୧୦୨) ପିଉସୀଙ୍କ ପାଇଁ କ'ଣ କରିବାକୁ ମହାପାତ୍ର ବାବୁ ବେବିକୁ କହିଲେ ?

କ) କଫି ଖ) ଚା

ଗ) ଫଳରସ ଘ) ଅଣ୍ଡା ଆମଲେଟ

୧୦୩) ସୁବ୍ରତଙ୍କ ଘରେ ଦେଖାନକରି ମହାପାତ୍ରବାବୁ, ବେବି ଓ ତାଙ୍କ ଭଉଣୀ ଚାଲିଯାଇଥାନ୍ତେ ତାହା କାହା ପ୍ରତି ଅନ୍ୟାୟ ହୋଇଥାନ୍ତା ବୋଲି ମହାପାତ୍ରବାବୁ ପ୍ରକାଶ କଲେ ?

କ) ପ୍ରୀତି ଖ) ସୁବ୍ରତ

ଗ) ପୂରବୀ ଘ) ବେବି

୧୦୪) ସୁବ୍ରତ ବାବୁ କାହା ପାଇଁ ମଣିଷ ନୁହନ୍ତି, ଦେବତା ଥିଲେ ?

କ) ପୂରବୀ ଖ) ମହାପାତ୍ର ବାବୁ

ଗ) ପ୍ରୀତି ଘ) ଚିନୁ

୧୦୫) ଉଚ୍ଚ ସଭ୍ରାନ୍ତ ବ୍ୟକ୍ତି ବୋଲି ସୁବ୍ରତ ବାବୁଙ୍କୁ କିଏ ଦେଖେଇ ଦେଇଥିଲେ ?

କ) ମହାପାତ୍ର ବାବୁ ଖ) ବେବି

ଗ) ବେବିର ପିଉସୀ ଘ) ପ୍ରୀତି

୧୦୬) ବିବାହ ପୂର୍ବରୁ ଦେଇଥିବା ପ୍ୟାକେଟଟିକୁ ସେ ଯେପରି ଅସମ୍ମାନ ନକରନ୍ତି ... ଏହା କାହାର ଉକ୍ତି ଥିଲା ?

କ) ପୂରବୀ ଖ) ମହାପାତ୍ର ବାବୁ

ଗ) ସୁବ୍ରତ ବାବୁ ଘ) ପ୍ରୀତି

୧୦୭) କିଏ ସୁବ୍ରତ ବାବୁଙ୍କର ସଂଗିନୀ, ମାନସୀ, ବାନ୍ଧବୀ ଥିଲେ ?

କ) ପ୍ରୀତି ଖ) ପୂରବୀ

ଗ) ପଲ୍ଲବୀ ଘ) ପରି

୧୦୮) କିଏ ଜୀବନର ବାସ୍ତବତାକୁ ସ୍ୱପ୍ନର ଆବେଗକୁ ମିଶାଇ ଦ୍ୱନ୍ଦ ସୃଷ୍ଟି କରିବାକୁ ଚାହିଁନଥିଲେ ?

କ) ପୂରବୀ ଖ) ମହାପାତ୍ର ବାବୁ

ଗ) ସୁବ୍ରତ ବାବୁ ଘ) ପ୍ରୀତି

୧୦୯) ଭଲ ପାଇବା ଗୌରବର ବିଷୟ ହୋଇନପାରେ, କିନ୍ତୁ ପାପ ତ ନୁହେଁ ।ଏହା କାହାର ଅନ୍ତରର କଥାଥିଲା ?

କ) ପୂରବୀ ଖ) ପ୍ରୀତି

ଗ) ସୁବ୍ରତ ବାବୁ ଘ) ମହାପାତ୍ର ବାବୁ

୧୧୦) ସୁବ୍ରତ ବାବୁଙ୍କୁ ସାହିତ୍ୟରେ ସ୍ରଷ୍ଟା କରିବା ପାଇଁ କାହା ମନରେ ପ୍ରବଳ ଆଗ୍ରହ ଥିଲା ?

କ) ପ୍ରୀତି ଖ) ପୂରବୀ

ଗ) ମହାପାତ୍ର ବାବୁ ଘ) ବେବି

# MODEL QUESTIONS
# SET-1
## (OBJECTIVE)

୧. ଏଣ୍ଟ୍ରାସ୍ ପଢ଼ିବା ସମୟରେ ଲକ୍ଷ୍ମୀକାନ୍ତ ମହାପାତ୍ର କାହାର ଶ୍ରଦ୍ଧା ଭାଜନ ହୋଇଥିଲେ ।
କ) ଫକୀରମୋହନ ସେନାପତି
ଖ) ଗୋପବନ୍ଧୁ ଦାସ
ଗ) ନୀଳକଣ୍ଠ ଦାସ
ଘ) ମଧୁସୂଦନ ଦାସ

୨. ଜନ୍ମଭୂମିକୁ ଫେରିଯିବା ପାଇଁ ଲେଖକଙ୍କର କଣ ଅଭାବକ ରହିଛି ?
କ) ଉତ୍କଣ୍ଠା ଖ) ନୈତିକ ସାହସ
ଗ) ମାନସିକ ବଳ ଘ)ପାରିବାରିକ ସହଯୋଗ

୩. ଜଡ଼ ବିଜ୍ଞାନ ମୂଳରେ ଆମର କେଉଁ ଶାସ୍ତ୍ର ନିହିତ ?
କ) ଇତିହାସ ଖ) ଭୂଗୋଳ
ଗ) ଦର୍ଶନ ଘ) ଗଣିତ

୪. ଗାନ୍ଧିଜୀ ମାତୃଭାଷାକୁ କେଉଁ ପରି ମନେ କରୁଥିଲେ ?
କ) ଅମୃତ ଖ) ମକରନ୍ଦ
ଗ) ମାତୃସ୍ତନ୍ୟ ଘ) ମଧୁର ଜଳ

୫. କେଉଁ ସ୍ଥାନରେ ବିବେକାନନ୍ଦଙ୍କର ବିଶେଷ ପ୍ରଭାବ ଅନୁଭୂତ ହୋଇଥିଲା ?
କ) ମହାରାଷ୍ଟ୍ର ଖ) ଦିଲ୍ଲୀ
ଗ) ମୁମ୍ବାଇ ଘ) ମାଡ୍ରାସ୍

୬. ଅନେକ ରାଜା ମହାରାଜା କାହାକୁ ଦିନକ ପାଇଁ ଅତିଥି ରୂପେ ପାଇ ଆପଣାକୁ କୃତାର୍ଥ ମନେ କରୁଥିଲେ ?
କ) ଶ୍ରୀରାମକୃଷ୍ଣ ପରମହଂସ
ଖ) ବିବେକାନନ୍ଦ
ଗ) ବାବୁରାମ
ଘ) ଶରତ ଚନ୍ଦ୍ର ଗୁପ୍ତ

୭. 'ଅରଣ୍ୟ ଫସଲ' ନାଟକର ରଚୟିତା କିଏ ?
କ) ମନୋଜ ଦାସ
ଖ) ମନୋରମା ମହାପାତ୍ର
ଗ) ମହାପାତ୍ର ନୀଳମଣି ସାହୁ
ଘ) ମନୋରଞ୍ଜନ ଦାସ

୮. ଓଡ଼ିଆ ସାହିତ୍ୟର ପ୍ରଥମ ନାଟ୍ୟକାରଙ୍କ ନାମ କ'ଣ ?
କ) ଅଶ୍ୱିନୀ କୁମାର ଘୋଷ
ଖ) ରାମଚନ୍ଦ୍ର ବେହେରା
ଗ) ଜଗନ୍ମୋହନ ଲାଲ୍
ଘ) ଗୋପାଳ ଛୋଟରାୟ

୯. 'କନକଲତା' ଉପନ୍ୟାସର ରଚୟିତା କିଏ ?
କ) କୁନ୍ତଳାକୁମାରୀ ସାବତ
ଖ) ନନ୍ଦକିଶୋର ବଳ
ଗ) କାମପାଳ ମିଶ୍ର
ଘ) ରବି ସିଂ

୧୦. ପ୍ରଥମ କ୍ଷୁଦ୍ରଗଳ୍ପ 'ରେବତୀ' କିଏ ରଚନା କରିଥିଲେ ?
କ) ରାଧାନାଥ ରାୟ
ଖ) ଫକୀରମୋହନ ସେନାପତି
ଗ) ପଦ୍ମନାରାୟଣ ଦେବ
ଘ) ପ୍ରାଣବନ୍ଧୁ କର

୧୧. ଉତ୍କଳର କ୍ଷେତ୍ର କେଉଁମାନଙ୍କର 'ଗେହ' ଅଟେ ?
କ) ଯୋଦ୍ଧା ଓ ବୀରପୁତ୍ର
ଖ) ମୁନି ଋଷି
ଗ) ସନ୍ଥ
ଘ) ଦାନବ

୧୨. କେଉଁ ପତ୍ର ପରି ପୃଥିବୀ କମ୍ପିବାକୁ ଲାଗିଲା ?
କ) କଦଳୀପତ୍ର ଖ) ନଳିନୀପତ୍ର
ଗ) ସାଗୁପତ୍ର ଘ) କଦମ୍ବପତ୍ର

୧୩. 'ବୈଦେହୀଶ ବିଳାସ' କେଉଁ ଧରଣର କାବ୍ୟ ଅଟେ ?
କ) କୃଷ୍ଣ କାବ୍ୟ ଖ) ବୈରାଗ୍ୟ କାବ୍ୟ
ଗ) ରାମକାବ୍ୟ ଘ) ପ୍ରାଚୀନ କାବ୍ୟ

୧୪. ପଠିତ 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାରେ କେଉଁ ବାର୍ତ୍ତା ପ୍ରଦାନ କରାଯାଇଛି ?
କ) ସମାଜ ପ୍ରତି ନୀତିନିଷ୍ଠ ଖ) ଶାଶ୍ୱତ ବାର୍ତ୍ତା
ଗ) ସୌନ୍ଦର୍ଯ୍ୟ ମିଶ୍ରିତ ଘ) ଜ୍ଞାନଭକ୍ତି

୧୫. ଆଦିତ୍ୟଙ୍କର କେତେ ଗୁଣ ତେଜ ସିଂଘନାଦ ବାଦ୍ୟର ତେଜ ବିକଶିତ ହେଉଥିଲା ?

କ) ଶତଗୁଣ ଖ) ସହସ୍ରଗୁଣ
ଗ) ଦଶଗୁଣ ଘ) ପାଞ୍ଚଗୁଣ

୧୬. କାହାର ହସ ଓ ଭାଷା ସୁନ୍ଦର ?
କ) ଭାରତଜନନୀ ଖ) ଉତ୍କଳ ଜନନୀ
ଗ) ମାଟି ମାଆ ଘ) ଜନନୀ

୧୭. 'ଚିଲିକା' କେଉଁ ଧରଣର କାବ୍ୟ ଅଟେ ?
କ) ଖଣ୍ଡକାବ୍ୟ ଖ) ପୌରାଣିକ
ଗ) ଐତିହାସିକ ଘ) କଥା

୧୮. ଉଷାଙ୍କର କର ଭାବରେ କବି କାହାକୁ କଳ୍ପନା କରିଛନ୍ତି ?
କ) ତରଙ୍ଗ ଖ) ବୃକ୍ଷର ଶାଖା
ଗ) ପଦ୍ମଫୁଲ ଘ) କଅଁଳିଆ ପତ୍ର

୧୯. ସର୍ବହରା ଜନତା ମରୁପଥର କିଭଳି ଯାତ୍ରା କରିବେ ବୋଲି କି ବର୍ଣ୍ଣନା କରିଛନ୍ତି ?
କ) ଠେଙ୍ଗାବାଡ଼ି ଖ) ଝରଣା ସୃଷ୍ଟି କରି
ଗ) ପାଦରେ ଚାଲିଚାଲି ଘ) ଦଳଦଳ ହୋଇ

୨୦. କବି କାହାକୁ ମାଆ ବୋଲି ସମ୍ବୋଧନ କରିଛନ୍ତି ?
କ) ନିଜ ମାଆକୁ ଖ) ଭାରତ ମାତାଙ୍କୁ
ଗ) ନିଜ ଗାଁ ମାଟି ଘ) ଉତ୍କଳ ମାଟି

୨୧. କାଠୁରିଆ ଲେଖକଙ୍କୁ କେଉଁ ମହାରାଜଙ୍କ ବିଷୟରେ କହୁଥିଲା ?
କ) ଢେଙ୍କାନାଳ ଖ) ମୟୁରଭଞ୍ଜ
ଗ) ନୀଳଗିରି ଘ) କେନ୍ଦୁଝର

୨୨. କାଠୁରିଆ କୁରାଢ଼ିଟି କେତେ କିଲୋ ଲୁହାରେ ତିଆରି ହୋଇଥିଲା ?
କ) ତିନି ଖ) ପାଞ୍ଚ
ଗ) ଚାରି ଘ) ଦୁଇ

୨୩. କଳିଙ୍ଗ ଯୁଦ୍ଧ କେଉଁ ନଦୀକୂଳରେ ହୋଇଥିଲା ?
କ) ମହାନଦୀ ଖ) ଦୟା
ଗ) ଗଙ୍ଗା ଘ) ଗୋଦାବରୀ

୨୪. 'କାଳର କପୋଳତଳେ' ଗଳ୍ପଟି କେଉଁ ଉପରେ ଆଧାରିତ ଏକ ଗଳ୍ପ ?
କ) ସ୍ୱାଧୀନତା ସଂଗ୍ରାମ ଖ) କିମ୍ବଦନ୍ତୀ ଓ ଇତିହାସ
ଗ) ଆଧ୍ୟାତ୍ମିକବାଦ ଘ) ଦର୍ଶନଶାସ୍ତ୍ର

୨୫. ପଠିତ ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ ଗଳ୍ପଟି କେଉଁ ଋତୁର ଘଟଣା ଅଟେ ?
କ) ଶରତ ଖ) ଗ୍ରୀଷ୍ମ
ଗ) ବର୍ଷା ଘ) ଶୀତ

୨୬. କିଏ ଜୀବନର ବାସ୍ତବତାକୁ ସମ୍ମୁଖୀନ ହେବାକୁ ଆଗଭର ହୋଇ ପାରିନଥିଲେ ?
କ) ପୂରବୀ ଖ) ପ୍ରୀତି
ଗ) ସୁବ୍ରତ ଘ) କ୍ୟାପ୍‌ଟେନ୍ ମହାପାତ୍ର

୨୭. କ୍ଷୁଦ୍ର ନାଟିକା 'ଫଲ୍‌ଗୁ' କେଉଁ ପ୍ରକାର ପରିବାରର ଚିତ୍ର ବହନ କରିଛି ?
କ) ଧନୀ ପରିବାର ଖ) ଉଚ୍ଚ ମଧ୍ୟବିତ୍ତ
ଗ) ମଧ୍ୟବିତ୍ତ ଘ) ଦରିଦ୍ର

୨୮. ଶାମ୍ବ କାହାର ପୁତ୍ର ?
କ) ରାମଚନ୍ଦ୍ର ଖ) କୃଷ୍ଣ
ଗ) ନାରଦମୁନି ଘ) ଅର୍ଜୁନ

୨୯. ଧରମା ତା'ର ବାପାଙ୍କ ପାଖରେ ପହଞ୍ଚି ତାଙ୍କୁ କ'ଣ ମାଗିଛି ?
କ) ପାଦଧୂଳି ଖ) ଅଧିକାର
ଗ) ନିଜର ଦାବି ଘ) ନିହାଣ

୩୦. ସୂର୍ଯ୍ୟଦେବଙ୍କ କ'ଣ ବୋଲି ସମ୍ବୋଧନ କରାଯାଇଛି ?
କ) ଦିନନାଥ ଖ) ନାରାୟଣ
ଗ) ବିଶ୍ୱକର୍ତ୍ତା ଘ) ବିଶ୍ୱମଣି

୩୧. 'ମାଆଙ୍କର ରନ୍ଧା ଚାଲିଛି' – ଏହି ବାକ୍ୟଟି କେଉଁ ବାଚ୍ୟରେ ଲିଖିତ ?
କ) କର୍ମବାଚ୍ୟ ଖ) କର୍ତ୍ତୃବାଚ୍ୟ
ଗ) ଭାବବାଚ୍ୟ ଘ) କ୍ରିୟାବାଚ୍ୟ

୩୨. ତାଙ୍କର ନିୟମ ମୁଁ ପାଳି ପାରିବି ନାହିଁ, ଏହା ଏକ କି ପ୍ରକାରର ବାକ୍ୟ
କ) ବିବୃତିସୂଚକ ଖ) ନାସ୍ତିସୂଚକ
ଗ) ସମ୍ଭାବନା ସୂଚକ ଘ) ପ୍ରଶ୍ନସୂଚକ

୩୩. ବାକ୍ୟକୁ ସମାପ୍ତି କରାଯାଉଥିବା କ୍ରିୟାକୁ କ'ଣ କୁହାଯାଏ ?
କ) ମିଶ୍ରକ୍ରିୟା ଖ) ସମାପିକା କ୍ରିୟା
ଗ) ଭଗ୍ନକ୍ରିୟା ଘ) ସମାପ୍ତି କ୍ରିୟା

୩୪. 'ଯାହା କରିବା ଉଚିତ ତାହା କର' – ଏହି ଉକ୍ତିର ସଂକ୍ଷିପ୍ତ ରୂପ ହେଉଛି – 'କର୍ତ୍ତବ୍ୟ କର' ଏହି ସଂକ୍ଷେପଣ କାହାର ସହାୟତାରେ ହୋଇଛି ?

କ) ସନ୍ଧି ଖ) ତଦ୍ଧିତ

ଗ) କୃଦନ୍ତ ଘ) ସମାସ

୩୫. 'ହରି ବିନା ମୁଁ ଭୁବନେଶ୍ୱର ଯାଇ ପାରିବି ନାହିଁ'। ଏହି ବାକ୍ୟରେ 'ବିନା' କେଉଁପଦ ?

କ) ବିଶେଷଣ ଖ) ଅବ୍ୟୟ

ଗ) ସର୍ବନାମ ଘ) କୃଦନ୍ତ

୩୬. ଚତୁଷ୍ପଦ ଶବ୍ଦରେ 'ସ' ସ୍ଥାନରେ 'ଷ' କ'ଣ ପାଇଁ ହୋଇଛି ?

କ) ବିସର୍ଗ ସନ୍ଧିଜାତ ଖ) 'ସ' ପରେ 'ଉ'

ଗ) 'ଉ' ପରେ ସ ଗ) ସ୍ୱତନ୍ତ୍ର ନିୟମ

୩୭. 'ର ଆ ବ୍ ଅ ନ୍ ଅ' – ଏହି ବର୍ଣ୍ଣ ରୂପର ଶବ୍ଦ ରୂପ କ'ଣ ?

କ) ରାବଣା ଖ) ରାବଣ

ଗ) ରୁବଣ ଘ) ରାବଣୀ

୩୮. 'ପାଲିସ୍' ଏହା କେଉଁ ପ୍ରକାରର ଶବ୍ଦ ?

କ) ଦେଶୀୟ ଖ) ସଂସ୍କୃତ

ଗ) ବୈଦେଶିକ ଘ) କଥିତ

୩୯. କେଉଁଟି ଶବ୍ଦାଳଙ୍କାର ନୁହେଁ ?

କ) ଯମକ ଖ) ଶ୍ଳେଷ

ଗ) ଅନୁପ୍ରାସ ଘ) ରୂପକ

୪୦. ଯେକୌଣସି କବିତାର ପ୍ରତ୍ୟେକ ଅଂଶକୁ କ'ଣ କୁହାଯାଏ ?

କ) ପଦ ଖ) ଚୋଖି

ଗ) ଯତି ଘ) ଅଳଙ୍କାର

୪୧. ଗୁଜରୀ ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

କ) ଚାରି ଖ) ପାଞ୍ଚ

ଗ) ଦୁଇ ଘ) ନଅ

୪୨. କବିତାରେ ଭିନାର୍ଥବୋଧକ ଏକ ପ୍ରକାର ଶବ୍ଦର ବାରମ୍ବାର ଆବୃତ୍ତିକୁ କ'ଣ କୁହାଯାଏ ?

କ) ଯମକ ଖ) ଅନୁପ୍ରାସ

ଗ) ଶ୍ଳେଷ ଘ) ଉତ୍ପ୍ରେକ୍ଷା

୪୩. କବିତା ମଧ୍ୟରେ ଯାହାକୁ ତୁଳନା ଦିଆଯାଇଥାଏ ତାହାକୁ କଣ କୁହାଯାଏ ?

କ) ଉପମା ଖ) ଯମକ

ଗ) ଉପମେୟ ଘ) ଅଭଙ୍ଗ ଶ୍ଳେଷ

୪୪. ଉତ୍କଳ–କମଳା–ବିଳାସ–ଦୀର୍ଘିକା ମରାଳ–ମାଳିନୀ–ନୀଳାମ୍ବୁ–ଚିଲିକା ଏହା କେଉଁ ଛନ୍ଦରେ ରଚିତ।

କ) ଭାଗବତ ବାଣୀ ଖ) ନଟବାଣୀ

ଗ) ଚୋଖି ଘ) ରାମକେରୀ

୪୫. କେଉଁଟି ତୁଳନାତ୍ମକ ରୂଢ଼ି

କ) ପବନ ପରି ଧାଇଁବା ଖ) କାଠିକର ପାଠ

ଗ) ଗାଲରେ ହାତଦେବା ଘ) କୁହୁଡ଼ି ପହଁରିବା

୪୬. 'ନାକ ଟେକିବା' – ଏହି ରୂଢ଼ିଟି କେଉଁ ଅର୍ଥରେ ବ୍ୟବହାର କରାଯାଏ ?

କ) ଅଥୟ କରିବା ଖ) ମଳିନ ପଡ଼ିଯିବା

ଗ) ଘୃଣା କରିବା ଘ) ଅସ୍ତବ୍ୟସ୍ତ ହେବା

୪୭. 'ଖୋଳ ପର୍ବତ ମାର ମୂଷା' – ଏହି ଲୋକବାଣୀଟିର ଅର୍ଥ କ'ଣ ?

କ) ସାମାନ୍ୟ ଘଟଣା ଖ) ମୂଲ୍ୟହୀନ ତଦନ୍ତ

ଗ) ସାମାନ୍ୟ କାର୍ଯ୍ୟ ପାଇଁ ବହୁ ଶ୍ରମ

ଘ) ଅତି ବୁଦ୍ଧିମାନ

୪୮. 'ଅତି ପୁରୁଣା' – ଏହିଭଳି ଅର୍ଥ ବୁଝାଉଥିବା ରୂଢ଼ିଟି କେଉଁଟି ?

କ) ଆବୁଡ଼ି ପଡ଼ିବା ଖ) ଆଖି ପାଇବା

ଗ) ଅସିଆକାଳର ମସିଆ ଘ) କଳାକାଠ ପଡ଼ିବା

୪୯. ଥରେ ଭୁଲ୍ ହେଲେ ତାକୁ ସୁଧାରି ହୁଏ ନାହିଁ – ଏହି ଅର୍ଥ ବୁଝାଉଥିବା ଲୋକବାଣୀଟି କ'ଣ ?

କ) ଟେକା ହାତରୁ ଖସିଲେ ଅଣ ବାହୁଡ଼ା

ଖ) ଅଳପ ଧନ ବିକଳ ମନ

ଗ) ଓଧ ସାଙ୍ଗେ ବଣଭୁଆ ବାଇ

ଘ) ଖାଇବା ପତରରେ ଧୂଳିଦେବା

୫୦. 'ହାତ ଅଳସେ ନିଶବଙ୍କା' – ଏହି ଲୋକ ବାଣୀଟିର ଅର୍ଥ କଣ ?
କ) ଅଳସୁଆ ଦୁଃଖପାଏ
ଖ) ସମ୍ମାନ ଓ ଇଜ୍ଜତ ଜୀବନଠାରୁ ବଡ଼
ଗ) ଦୃଢ଼ ବଚନ
ଘ) କାହାର ସୌନ୍ଦର୍ଯ୍ୟ

## ------------- (SUBJECTIVE) -----------

୧. ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ । (୫)

(କ) 'ବନ୍ଦେ ଉତ୍କଳ ଜନନୀ' ଏକ ଜାତୀୟବାଦୀ କବିତା ବିଚାର କର ।

କିମ୍ବା, ପଠିତ କବିତାକୁ ଅବଲମ୍ବନ କରି ରାବଣର କୂଟନୀତି ସମ୍ପର୍କରେ ଆଲୋଚନା କର ।

(ଖ) ପଲ୍ଲୀର ଶିକ୍ଷିତ ସମାଜ ସମ୍ପ୍ରଦାୟ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ତୁଳନା କେତେ ଦୂର ଯୁକ୍ତିଯୁକ୍ତ, ପଠିତ ପ୍ରବନ୍ଧକୁ ଅନୁସରଣ କରି ଆଲୋଚନା କର । (୫)

କିମ୍ବା, ଭାରତୀୟ ସଭ୍ୟତା ଓ ବାହ୍ୟ ସଭ୍ୟତା ସମ୍ପର୍କରେ ଲେଖକଙ୍କ ଦୃଷ୍ଟିଭଙ୍ଗୀ ପ୍ରତିପାଦନ କର ।

୨. ପ୍ରାୟ ୫୦ଟି ଶବ୍ଦରେ ସପ୍ରସଙ୍ଗ ସରଳାର୍ଥ ଲେଖ ।

(କ) ନଳିନୀ ପତ୍ରରେ ଯେହ୍ନେ ଝଡ଼ନ୍ତେଣ ପାଣି (୫)
ପୃଥିବୀ ଦଳଦଳିତ କମ୍ପଇ ମେଦିନୀ

କିମ୍ବା, କଳି ଉପଦ୍ରବ ଦ୍ୟଜି ଲୋକାଳୟ
ଶାନ୍ତି କି ଏ ଘରେ ଭଜିଲେ ଆଶ୍ରୟ ?

(ଖ) ଗାନ୍ଧୀ ଆଦର୍ଶ ଓ ବାଣୀ ପ୍ରତି ସେ ଅନୁରାଗୀ ହୋଇ ସେ ସମ୍ପର୍କରେ ଅନେକ କବିତା ରଚନା କରିଥିଲେ ।
(୫)

କିମ୍ବା, ସମସ୍ତ ଶିକ୍ଷିତ କାୟ-କ୍ଲେଶ ସହିବାକୁ ଅକ୍ଷମ ନୁହନ୍ତି, କିନ୍ତୁ ସମସ୍ତ ଶିକ୍ଷିତ ଅଭିଜାତ ଶ୍ରେଣୀର ଅନ୍ତର୍ଭୁକ୍ତ ।

୩. ପ୍ରାୟ ୨୦୦ଟି ଶବ୍ଦରେ ଯେକୌଣସି ଗୋଟିଏ ପ୍ରସଙ୍ଗରେ ପ୍ରବନ୍ଧ ଲେଖ । (୧୦)
(କ) ଉତ୍କଳର ପର୍ବପର୍ବାଣି
(ଖ) ବେକାରୀ ସମସ୍ୟା
(ଗ) ବିଜ୍ଞାନର ଉପକାରିତା

୪. ପ୍ରାୟ ୧୦୦ଟି ଶବ୍ଦରେ ଉତ୍ତର ଲେଖ ।

(କ) ତୁମ ଜୀବନର ଲକ୍ଷ୍ୟ ସମ୍ପର୍କରେ ବର୍ଣ୍ଣନା କରି ମା'ଙ୍କ ନିକଟକୁ ପତ୍ର । (୫)

କିମ୍ବା, ତୁମର ଗୃହ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପାଇଁ ଅନୁରୋଧ କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

(ଖ) ତୁମ ଅଞ୍ଚଳରେ ଥିବା ପୁଷ୍କରିଣୀର ପଙ୍କୋଦ୍ଧାର ନିମିତ୍ତ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତ ଲେଖ । (୫)

କିମ୍ବା, ତୁମ ଗ୍ରାମରେ ରାସ୍ତା ତିଆରି ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

୫. ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର ପ୍ରାୟ ୨୫ଟି ଶବ୍ଦ ହେବା ଆବଶ୍ୟକ । [ ୨ × ୫ = ୧୦

ଆଜି ସମଗ୍ର ବିଶ୍ୱରେ ଅର୍ଥନୈତିକ ପ୍ରଗତିପାଇଁ ପ୍ରତିଦ୍ୱନ୍ଦିତା ଚାଲିଛି । ଏହି ପ୍ରତିଦ୍ୱନ୍ଦିତାରେ କୃଷିକୁ ପଛରେ ପକାଇ ଶିଳ୍ପାନୁଷ୍ଠାନଗୁଡ଼ିକ ଆମକୁ ମାଡ଼ି ଚାଲିଛନ୍ତି । ଅବଶ୍ୟ ଏ କଥା ସତ୍ୟ ଯେ, ଦେଶର ଅର୍ଥନୀତି ଉପରେ ତା'ର ପ୍ରଗତି ନିର୍ଭର କରେ । ସାମ୍ପ୍ରତିକ ସମୟରେ କୃଷି ଓ ଶିଳ୍ପ ଉଭୟକୁ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ତେବେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକ ପୁଞ୍ଜି ଓ ଭୂମି ତଥା କଞ୍ଚାମାଲ୍ ଆବଶ୍ୟକ ହେଉଥିବାରୁ ଭାରତ ପରି ଏକ ବିକାଶଶୀଳ ରାଷ୍ଟ୍ରରେ କ୍ଷୁଦ୍ର ଶିଳ୍ପ ବା କୁଟୀର ଶିଳ୍ପ ପ୍ରତିଷ୍ଠାକୁ ପ୍ରାଧାନ୍ୟ ହେବା ପାଇଁ ମହାତ୍ମାଗାନ୍ଧୀ କହୁଥିଲେ । ଏହାଦ୍ୱାରା ପଲ୍ଲୀ ତଥା ପଲ୍ଲୀବାସୀଙ୍କ ଉନ୍ନତି ସଙ୍ଗେ ସଙ୍ଗେ ସମଗ୍ର ଦେଶର ଅର୍ଥନୈତିକ ପ୍ରଗତି ସମ୍ଭବ ହେବ । ବର୍ତ୍ତମାନ ଦେଶରେ ଯେଉଁ ଉତ୍କଟ ବେକାର ସମସ୍ୟା ସୃଷ୍ଟି ହୋଇଛି । ତା'ର ସମାଧାନ ସହଜ ହେବ । ଶିକ୍ଷିତ ବେକାର ମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ପଲ୍ଲୀର ଯୁବଶକ୍ତି ସହର ଆଡ଼କୁ ଧାଉଁଛି । ଗ୍ରାମମାନଙ୍କରେ ଶିଳ୍ପ ପ୍ରତିଷ୍ଠା ହେଲେ ଜନସାଧାରଣଙ୍କ ଦୃଷ୍ଟି ସହରରୁ ପୁଣି ଗ୍ରାମ ଆଡ଼କୁ ଫେରିଯିବ । ଅଧିକାଂଶ ଲୋକ କର୍ମ ସଂସ୍ଥାନ ପାଇପାରିବେ । ସମବାୟ ଭିତ୍ତିରେ ପ୍ରତିଷ୍ଠିତ ଏହି ଶିଳ୍ପାନୁଷ୍ଠାନ ଗୁଡ଼ିକରେ କୃଷିଜାତ ଦ୍ରବ୍ୟର ଉପଯୋଗ ହେବା ଫଳରେ ଗ୍ରାମର କୃଷକମାନେ ମଧ୍ୟ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ । ତେବେ ଏସବୁର ସଫଳତା ଉପରେ ନିର୍ଭର କରେ ।

ପ୍ରଶ୍ନାବଳୀ :

(କ) ଦେଶର ପ୍ରଗତି କାହା ଉପରେ ନିର୍ଭର କରେ ?

(ଖ) ବୃହତ୍ ଶିଳ୍ପ ପ୍ରତିଷ୍ଠା ଭାରତରେ ଗ୍ରହଣୀୟ ନୁହେଁ କାହିଁକି ?

(ଗ) ବେକାର ସମସ୍ୟାର ସମାଧାନ ସହଜ ହେବ କିପରି ?

(ଘ) କୃଷକମାନଙ୍କର ଉନ୍ନତି କେଉଁ ଉପାୟରେ ସମ୍ଭବ ହେବ ?

(ଙ) ସବୁ ଯୋଜନାର ସଫଳତା କାହା ଉପରେ ନିର୍ଭର କରେ ?

# SET-2

## (OBJECTIVE)

୧. ଛାତ୍ରାବସ୍ଥାରେ କିଏ ଲକ୍ଷ୍ମୀକାନ୍ତଙ୍କ ଅଭିଭାବକ ଦାୟିତ୍ୱ ତୁଲାଇଥିଲେ ?

କ) ହେମଚନ୍ଦ୍ର ସରକାର ଖ) ଉମାରେଶ ଦାସ

ଗ) ବ୍ରଜସୁନ୍ଦର ଦାସ ଘ) ବିଶ୍ୱନାଥ କର

୨. ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ କାହାକୁ ନିଜର ଜନ୍ମଭୂମି ବୋଲି ସ୍ୱୀକାର କରିଛନ୍ତି ?

କ) ବିଶାଳ ଭାରତବର୍ଷ ଖ) ପଲ୍ଲୀମାଟି

ଗ) ସମଗ୍ର ଓଡ଼ିଶା ଘ) ଏସିଆ ମହାଦେଶ

୩. ଭାରତର ବୈଶିଷ୍ଟ୍ୟ କ'ଣ ?

କ) ସଂସ୍କୃତ ଖ) ପର୍ବପର୍ବାଣି

ଗ) ଆଧ୍ୟାତ୍ମିକତା ଘ) ଆନ୍ତରିକତା ଭାବ

୪. ଜନତାର ସାମୂହିକ ଶିକ୍ଷା ପାଇଁ କେଉଁ ଭାଷା ପ୍ରକୃତ ମାଧ୍ୟମ :

କ) ହିନ୍ଦୀ ଖ) ଇଂରାଜୀ

ଗ) ସଂସ୍କୃତ ଘ) ମାତୃଭାଷା

୫. ସନ୍ନ୍ୟାସୀର କେଉଁ ଧର୍ମକୁ ବିବେକାନନ୍ଦ ବାଛି ନେଇଥିଲେ ?

କ) ଦୟାଭାବ ଖ) ତ୍ୟାଗ

ଗ) ସେବା ଘ) ସହନଶୀଳତା

୬. କ'ଣ ଦେଖି ବିବେକାନନ୍ଦଙ୍କ ହୃଦୟ ବିଗଳିତ ହୋଇଥିଲା ?

କ) ସମାଜ ଖ) ସୁନ୍ଦର ବସ୍ତୁ

ଗ) ରାଜପ୍ରାସାଦ

ଘ) ଦୁଃଖି ତଥା ଭୋକିଲା ଲୋକର ଦୁଃଖ

୭. ଓଡ଼ିଆ ସାହିତ୍ୟରେ ଚତୁର୍ଦ୍ଦଶପଦୀ ବା ସନେଟ୍ – ଭୋକିଲା ଲୋକର ଦୁଃଖ ରଚନାରେ କିଏ ଦକ୍ଷ ଥିଲେ ?

କ) ମଧୁସୂଦନ ଦାସ ଖ) ଗୋପବନ୍ଧୁ ଦାସ

ଗ) ମଧୁସୂଦନ ରାଓ ଘ) ମନମୋହନ ମହାପାତ୍ର

୮. 'ପଲ୍ଲୀକବି' ଉପାଧି କିଏ ପ୍ରାପ୍ତ କରିଥିଲେ ?

କ) ରାଧାନାଥ ରାୟ ଖ) ଗଙ୍ଗାଧର ମେହେର

ଗ) ନନ୍ଦକିଶୋର ବଳ ଘ) କୃଷ୍ଣପ୍ରସାଦ ବସୁ

୯. 'ମହାଯାତ୍ରା' କେଉଁ ଛନ୍ଦରେ ରଚିତ ହୋଇଥିଲା ?

କ) ମିତ୍ରାକ୍ଷର ଖ) ଅମିତ୍ରାକ୍ଷର

ଗ) ଚୋଖି ଘ) ବଙ୍ଗଳାଶ୍ରୀ

୧୦. ଫକୀରମୋହନ ସେନାପତିଙ୍କୁ ବାମଣ୍ଡାର ରାଜସଭାରେ କେଉଁ ସମ୍ମାନରେ ଭୂଷିତ କରାଯାଇଥିଲା ?

କ) ଉତ୍କଳର ରତ୍ନ ଖ) ଉତ୍କଳ ଘଣ୍ଟ

ଗ) ସରସ୍ୱତୀ ଘ) ଉତ୍କଳ ମଣି

୧୧. ନୀଳ ପର୍ବତମାଳା କେଉଁ ପରି ଉତ୍କଳ ଭୂମିରେ ଶୋଭା ପାଉଛନ୍ତି ?

କ) ମୁକୁଟ ଖ) ସୁରକ୍ଷାକର୍ମୀ

ଗ) ରତ୍ନ ଘ) ତରଙ୍ଗ

୧୨. ସିଂଘନାଦ କେଉଁଥିରେ ନିର୍ମିତ ?

କ) ମଇଁଷି ସିଂଘ ଖ) ଗାଈ ସିଂଘ

ଗ) ଗଣ୍ଡା ସିଂଘ ଘ) ବଳଦ ସିଂଘ

୧୩. 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାଟି କେଉଁ ଆଦ୍ୟ ବର୍ଣ୍ଣ ନିୟମରେ ରଚିତ ?

କ) 'ବ' ଖ) 'ସ'

ଗ) 'ଚ' ଘ) 'ଟ'

୧୪. 'ବିଭୂତି ଭୂଷଣ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?

କ) ରାମଚନ୍ଦ୍ର ଖ) ବିଭୀଷଣ

ଗ) କୃଷ୍ଣ ଘ) ରାବଣ

୧୫. ଶିବ କେଉଁ ରୂପ ଧାରଣ କରି ସିଂଘନାଦ କଲେ ପୃଥିବୀରେ ପ୍ରଳୟ ହୁଏ ?

କ) ଭୈରବ ଖ) କାଳ

ଗ) ଭୀମ ଘ) ଅତି ରୁଦ୍ର ରୂପ

୧୬. 'ବନ୍ଦେ ଉତ୍କଳ ଜନନୀ' କବିତାଟି କେଉଁ ସଂଗୀତର ମାନ୍ୟତା ପାଇଛି ?

କ) ରାଜ୍ୟ ଖ) ସମ୍ବୋଧନ

ଗ) ଦେଶାତ୍ମବୋଧକ ଘ) ଜାତୀୟ

୧୯. କବିଙ୍କ ବର୍ଣ୍ଣାନୁଯାୟୀ 'ବନ୍ଦକ ହରା' କ'ଣ କଲେ ତା'ର କ୍ରନ୍ଦନ ଶେଷ ହେବ ?

କ) ବନ୍ଧନ ଛିନ୍ନ କଲେ

ଖ) ଅନ୍ୟକୁ ଶୋଷଣ କଲେ

ଗ) ନ୍ୟାୟରେ ଥିଲେ

ଘ) ଅନ୍ୟକୁ ସହାୟତା କଲେ

୨୦. ଜଗତର ମଙ୍ଗଳ ପାଇଁ କବି ମାଟି ମାଆଠୁ କେଉଁ ଗୁଣକୁ ମାଗିଛନ୍ତି ?

କ) ସହନଶୀଳତା ଖ) ଅମାପ ଧୈର୍ଯ୍ୟ

ଗ) ଦୟା ଘ) ବିନମ୍ରତା

୨୧. କମ୍ ଦାମରେ ମିଳୁଥିବା ଶାଳକାଠ ବିଷୟରେ ଗୋଦାମ ବାଲା କ'ଣ କହିଲା ?

କ) କଞ୍ଚା ପଡ଼ିବ ଖ) ଛେଲି ରହିଛି

ଗ) ଧୂଆଁ ହେବ ଘ) ସବୁଗୁଡ଼ିକ

୨୨. ସାନ୍ତାଳଙ୍କ ପର୍ବରେ କ'ଣ ସବୁ ହୋଇଥାଏ ?

କ) ହାଣ୍ଡିଆ ଖିଆ ଖ) କୁକୁଡ଼ା ଲଢ଼େଇ

ଗ) ଧୁମ୍‌ଷାମାଦଳ ଘ) ସବୁଗୁଡ଼ିକ

୨୩. କଳିଙ୍ଗର ଯୁଦ୍ଧ କେଉଁ ନଦୀ କୂଳରେ ହୋଇଥିଲା ?

କ) ମହାନଦୀ ଖ) ଦୟା

ଗ) ଗଙ୍ଗା ଘ) ଗୋଦାବରୀ

୨୪. ମୁଁ ତ ଦୁନିଆରେ ସବୁଠାରୁ ଶୀଘ୍ର ଚାଲେ– ଏକଥା କାହାର ଉକ୍ତି ?

କ) ମହାମନ୍ତ୍ରୀ ଖ) ରାଜା

ଗ) ଦୀର୍ଘ ଦେହୀ ପୁରୁଷ ଘ) ଅଙ୍ଗଦ ଚୌଧୁରୀ

୨୫. ମନ୍ଦିର ଚଉରୋ ଭିତର ପାଖ କଣକୁ ବଉଳଗଛ ଛାଇରେ ମଧୁ ଠିଆଡ଼ୀ କ'ର ପଢୁଥିଲେ ?

କ) ଭାଗବତ ଖ) ନୃସିଂହପୁରାଣ

ଗ) ଲକ୍ଷ୍ମୀପୁରାଣ ଘ) ହରିବଂଶ

୨୬. 'ପୂରବୀ ମୋ ସହ ପାଠିନୀ'– ଏହା କାହାର ଉକ୍ତି ?

କ) ପ୍ରୀତିଙ୍କର ଖ) ସୁବ୍ରତଙ୍କର

ଗ) ମହାପାତ୍ରଙ୍କଙ୍କର ଘ) ଦେବୀଙ୍କର

୨୭. ସୁବ୍ରତ ଓ ପ୍ରୀତି କେତେ ବର୍ଷ ହେଲା ବିବାହ ହେଲାଣି ?

କ) ଆଠ ବର୍ଷ ଖ) ଦଶବର୍ଷ

ଗ) ପନ୍ଦର ବର୍ଷ ଘ) ପାଞ୍ଚବର୍ଷ

୨୮. କାହାକୁ ସୁମରଣା କରି ଅନୁକୂଳ କରି ଯିବାକୁ ଧରମାର ମା' ଧରମାକୁ ଉପଦେଶ ଦେଇଥିଲେ ?

କ) ଜଗନ୍ନାଥ ଖ) ମଙ୍ଗଳା

ଗ) ଶିବ ଘ) ଦୁର୍ଗା

୨୯. ନରସିଂହ ଦେବ କେଉଁଠି ଉଦିତ ସୂର୍ଯ୍ୟକୁ ନମସ୍କାର କଲେ ?

କ) ଚନ୍ଦ୍ରଭାଗା ତୀରରେ ଖ) ରାଜଉଦ୍ୟାନରେ

ଗ) ବେଳାଭୂମିରେ ଘ) ରାଜପ୍ରାସାଦରେ

୩୦. ରାଜା ନରସିଂହ କେଉଁ ବଂଶର ଦାୟାଦ ଥିଲେ ?

କ) ଦ୍ରାବିଡ଼ ଖ) ସୂର୍ଯ୍ୟ

ଗ) ରଘୁ ଘ) ମରହଟ୍ଟା

୩୧. ଉପଯୁକ୍ତ ଅର୍ଥବୋଧକ ପଦ ସଂହତିର ଉପଯୁକ୍ତ ସମାହାରକୁ କ'ଣ କୁହାଯାଏ ?

କ) ପଦ ଖ) ଖଣ୍ଡବାକ୍ୟ

ଗ) ବାକ୍ୟ ଘ) ବାକ୍ୟାଂଶ

୩୨. ବାକ୍ୟରେ କେଉଁଠାରେ ସମ୍ବୋଧନ ପଦ ଲାଗିଥାଏ ?

କ) କର୍ମ ପୂର୍ବରୁ ଖ) କ୍ରିୟା ପରେ

ଗ) କର୍ମ ପରେ ଘ) ଆରମ୍ଭ ବା ଶେଷରେ

୩୩. ଜୀବନ ପ୍ରଭାର ଦେହ ଭଲ ନାହିଁ । ଏହା ଏକ କେଉଁ ପ୍ରକାରର ବାକ୍ୟ ?

କ) ବିବୃତି ସୂଚକ ଖ) ନାସ୍ତିସୂଚକ

ଗ) ବିସ୍ମୟସୂଚକ ଘ) ଆଦେଶାତ୍ମକ

୩୪. 'ରାଧାଶ୍ୟାମଙ୍କ' ଦ୍ୱାରା ଭାଷଣ ଭଲ ହୁଏ । – ଏହା କେଉଁ ପ୍ରକାରର ବାକ୍ୟ ?

କ) କର୍ତ୍ତୃବାଚ୍ୟ ଖ) କର୍ମ ବାଚ୍ୟ

ଗ) ଭାବବାଚ୍ୟ ଘ) କର୍ମ ଓ ଭାବ ବାଚ୍ୟ

୩୫. ଗଠନ କଳା ଦୃଷ୍ଟିକୋଣରୁ ବାକ୍ୟ କେତେ ପ୍ରକାରର ?

କ) ଚାରି ଖ) ପାଞ୍ଚ

ଗ) ଛଅ ଘ) ଆଠ

୩୬. ଏକ ପଦ ମଧ୍ୟରେ 'ର', 'ର', 'ଷ' ପରେ 'ନ' ଥିଲେ ତାହା କ'ଣ ହୁଏ ?

କ) ନ ଖ) ଣ

ଗ) ପ ଘ) ଟ

୩୭. 'ଅଗ୍ନିସାତ୍'– ଏହି ଶବ୍ଦର 'ସ' ସ୍ଥାନରେ 'ଷ' ନ ହେବାର କାରଣ କ'ଣ ?

କ) ବୈଦେହିକ ଶବ୍ଦ ଖ) ସ୍ୱାଭାବିକ

ଗ) ସାତ୍ ପ୍ରତ୍ୟୟଯୁକ୍ତ ଘ) ଚାରୋଟି

୩୮. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅଶୁଦ୍ଧ ଶବ୍ଦ ଅଟେ ?

କ) ପ୍ରମାଦ ଖ) ହିତୈଷଣା

ଗ) ଆସ୍ତିକ ଘ) ନିଷ୍ପାପ

୩୯. ସାହିତ୍ୟରେ ବ୍ୟବହାର କରାଯାଉଥିବା ଅଳଙ୍କାରକୁ କ'ଣ କୁହାଯାଏ ?

କ) ସାହିତ୍ୟର ଅଂଶ ଖ) ସାହିତ୍ୟର ଶବ୍ଦ

ଗ) ସାହିତ୍ୟର ବୈଶିଷ୍ଟ୍ୟ ଘ) ସାହିତ୍ୟ ସନ୍ଦର୍ଭ

୪୦. କାବ୍ୟର ଅଳଙ୍କାରକୁ ମୁଖ୍ୟତଃ କେତେ ଭାଗରେ ବିଭକ୍ତ କରାଯାଇଛି ?

୪୧. ସନ୍ତାନର ଭକ୍ତି କବିତାଟିର ସ୍ରଷ୍ଟା କିଏ ?

କ) ଜଗନ୍ନାଥ ଦାସ ଖ) ମଦୁସୂଦନ ରାଓ

ଗ) ମଧୁସୂଦନ ଦାସ ଘ) ଗୋପବନ୍ଧୁ ଦାସ

୪୨. 'ରାମକେରୀ' ଛନ୍ଦରେ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

କ) ଆଠ ଖ) ଦଶ

ଗ) ବାର ଘ) ଷୋହଳ

୪୩. ଚୋଖି ଛନ୍ଦର ୩ୟ ପାଦରେ କେତୋଟି ଅକ୍ଷର ଥାଏ ?

କ) ନଅ ଖ) ଆଠ

ଗ) ଛଅ ଘ) ଚାରି

୪୪. "ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର ଜଞ୍ଜାଳ ଜଳଦ ଦଳେ ଆବିଳ ଉଦର– ଏହି ପଦରେ କେଉଁ ଅଳଙ୍କାର ଦୃଶ୍ୟମାନ ହୁଏ ?

କ) ଉତ୍ପ୍ରେକ୍ଷା ଖ) ରୂପକ

ଗ) ଯମକ ଘ) ଉପମା

୪୫. 'ଜପାମାଳି' – ଏହି ରୂଢ଼ିଟିର ଅର୍ଥ କ'ଣ ?

କ) ଏକାନ୍ତ ଏକାଗ୍ରତା ଖ) ନିଜ ଲୋକ ଶତ୍ରୁ

ଗ) ଅତି ନିକଟ ଘ) ଅତିପ୍ରିୟ

୪୬. 'ନିଜ ଲୋକ ଶତ୍ରୁ' – ଏହି ଅର୍ଥ ବୁଝାଉଥିବା ରୂଢ଼ିଟି କ'ଣ ?

କ) ଆକ୍ ପକାଇବା ଖ) ଘର ଢ଼ିଙ୍କି କୁମ୍ଭୀର

ଗ) ଯେସାକୁ ତେସା

ଘ) ଚୋର ଯା'ର ମୂଳକ ତାର

୪୭. 'ଉଷୁନା ଧାନ ଗଜା ହେବା'– ଏହି ରୂଢ଼ିଟି କେଉଁ ଅର୍ଥରେ ବ୍ୟବହାର କରାଯାଏ ?

କ) ବିନମ୍ର ଗୁହାରି କରିବା

ଖ) ଅସମ୍ଭବ ସମ୍ଭବ ହେବା

ଗ) ସବୁ ଶେଷ କରିଦେବା

ଘ) କାତର ହେବା

୪୮. 'ଧରାକୁ ସରା ମଣିବା'– ଏହି ଲୋକବାଣୀଟିର ଅର୍ଥ କ'ଣ ?

କ) ଅତି ଗର୍ବ ଭାବ ଖ) ପାପ ବା ଅନ୍ୟାୟ

ଗ) ଖାପ ଖୁଆଇ ଚଳିବା

ଘ) ନିଜ ସମ୍ମାନ ନିଜ ହାତରେ

୪୯. କେଉଁଟି 'ଅନୁସୂୟା' ଶବ୍ଦଟିର ଶୁଦ୍ଧ ରୂପ ?

କ) ଅନସୁୟା ଖ) ଅନସୂୟା

ଗ) ଅନୁସୟା ଘ) ଅନୁସୁୟା

୫୦. 'ଦାଶରଥୀ' ଶବ୍ଦରେ କେଉଁ ପ୍ରକାର ଅଶୁଦ୍ଧି ରହିଛି ?

କ) ତଦ୍ଧିତଗତ ଖ) କୃଦନ୍ତଗତ

ଗ) ବନାନଗତ ଘ) ସମାସଗତ

## (SUBJECTIVE)

୧. ପ୍ରାୟ ୧୨୦ଟି ଶବ୍ଦରେ ଉତ୍ତର ଲେଖ । (୫)

(କ) ଶଂସିତ କବିତା ଆଧାରରେ ମୀନଜୀବୀ ମାନଙ୍କର ଭାବାବେଗ ବର୍ଣ୍ଣନା କର ।

କିମ୍ବା, ଲଙ୍କା ଯାତ୍ରା ନିମିତ୍ତ ରାଘବଙ୍କର ପ୍ରସ୍ତୁତି ବର୍ଣ୍ଣନା କର ।

(ଖ) ସଭ୍ୟତାର ବିକାଶରେ ବିଜ୍ଞାନର ଥିବା ଅବଦାନ ପଠିତ ପ୍ରବନ୍ଧ ଅନୁସାରେ ଆଲୋଚନା କର । (୫)

କିମ୍ବା, ଗ୍ରାମରେ ଦେଖାଯାଉଥିବା ଏକପରିବାରତ୍ୱ ପରମ୍ପରା ସମ୍ପର୍କରେ ପଠିତ ପ୍ରବନ୍ଧକୁ ଭିତ୍ତିକରି ବର୍ଣ୍ଣନା କର ।

୨. ସପ୍ରସଙ୍ଗ ସରଳାର୍ଥ ଲେଖ । (ପ୍ରାୟ ୫୦ଟି ଶବ୍ଦରେ)

(କ) ଜ୍ଞାନ ବିଜ୍ଞାନ – ପ୍ରଦର୍ଶିତ –ନେତ୍ରା (୫)
ଯୋଗୀଋଷିଗଣ – ଭଟଜ – ପବିତ୍ରା

କିମ୍ବା, ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ ।

(ଖ) ବିରାଟ ସାଗର ଆଜି ଦୁର୍ଲଙ୍ଘ୍ୟ ହୋଇନାହିଁ, କି ତୁଙ୍ଗ ହିମାଳୟ ଦୁରୁହ ହୋଇ ରହି ନାହିଁ । (୫)

କିମ୍ବା, ଏହିଭଳି ସମୟରେ ସାହିତ୍ୟ, ସଙ୍ଗୀତ ସଂକୀର୍ତ୍ତନ ଚର୍ଚ୍ଚା, ଇଷ୍ଟପୂଜା, ଗୁରୁବାଣୀ ପାଳନ ଥିଲା ତାଙ୍କ ପାଇଁ ସାନ୍ତ୍ୱନାର ଔଷଧୀ ।

୩. ପ୍ରାୟ ୨୦୦ଟି ଶବ୍ଦରେ ଯେକୌଣସି ଗୋଟିଏ ପ୍ରସଙ୍ଗରେ ପ୍ରବନ୍ଧ ଲେଖ । (୧୦)
(କ) ଯୌତୁକ ପ୍ରଥା
(ଖ) ଜୀବନର ଲକ୍ଷ୍ୟ
(ଗ) ତୁମର ପ୍ରିୟ ଖେଳାଳି

୪. ପ୍ରାୟ ୧୦୦ଟି ଶବ୍ଦରେ ଉତ୍ତର ଲେଖ ।

(କ) ତୁମ ଅଞ୍ଚଳରେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନିକଟକୁ ଦରଖାସ୍ତ । (୫)

କିମ୍ବା, ତୁମ ଅଞ୍ଚଳରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିକଟକୁ ଏକ ଦରଖାସ୍ତ ।

(ଖ) ଖେଳିବା ସହିତ ପାଠପଢ଼ାରେ ମନ ଦେବାକୁ ସାନ ଭାଇ ନିକଟକୁ ପତ୍ର । (୫)

କିମ୍ବା, କୌଣସି ମହାପୁରୁଷଙ୍କର ଜୀବନର ଆଦର୍ଶ ବିଷୟରେ ବର୍ଣ୍ଣନା କରି ତୁମ ସାନ ଭାଇ ନିକଟକୁ ପତ୍ର ।

୫. ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । ପ୍ରତ୍ୟେକ ଉତ୍ତର ପ୍ରାୟ ୨୫ଟି ଶବ୍ଦ ହେବା ଆବଶ୍ୟକ । [ ୨ × ୫ = ୧୦

ଅନ୍ୟ ଦିଗରୁ ଦେଖିଲେ, ଆମର ଜନସଂଖ୍ୟା ଯେପରି ଦ୍ରୁତଗତିରେ ବଢ଼ିଚାଲିଛି, ସେପରି ଅବସ୍ଥାରେ ବେକାର ସମସ୍ୟା ଯୋଜନାର ଏକ ପ୍ରଧାନ ସମସ୍ୟା ହେବା ସ୍ୱାଭାବିକ । ଜନସଂଖ୍ୟା ନିୟନ୍ତ୍ରଣ କରିବାକୁ ଯେତେ ଉଦ୍ୟମ କଲେ ମଧ୍ୟ ସେ ସବୁ ଉଦ୍ୟମ ନିକଟ ଭବିଷ୍ୟତରେ କାର୍ଯ୍ୟକାରୀ ହେବାର ବିଶେଷ ସମ୍ଭାବନା ନାହିଁ । ତେଣୁ ଜନସଂଖ୍ୟାର ନିୟନ୍ତ୍ରଣ ସଙ୍ଗେ ସଙ୍ଗେ ବଳକା ଜନଶକ୍ତିର ଉପଯୁକ୍ତ ଉପଯୋଗ କରି ଯୋଜନାର ପ୍ରଗତି ପାଇଁ ଦୃଷ୍ଟି ଦେବାକୁ ପଡିବ । ଏବେ ଯେଉଁସବୁ ହିସାବ ପ୍ରକାଶ ପାଉଛି, ସେଥିରୁ ଜଣାପଡୁଛିଯେ ବେକାର ଓ ଅର୍ଦ୍ଧବେକାର ମିଶି ଆମ ଦେଶରେ ପ୍ରାୟ ତିନିକୋଟିରୁ ଅଧିକ ଲୋକ ଅଛନ୍ତି । ବିଶେଷତଃ କୃଷିଜୀବୀମାନଙ୍କ ମଧ୍ୟରେ ଅର୍ଦ୍ଧବେକାର ସଂଖ୍ୟା ଅଧିକ । ଏହିବେକାର ଓ ଅର୍ଦ୍ଧବେକାର ଲୋକଙ୍କର ଶ୍ରମର ଉପଯୁକ୍ତ ବିନିଯୋଗ ଭାରତର ଅର୍ଥନୀତିକ ପ୍ରଗତିର ମେରୁଦଣ୍ଡ । ତେଣୁ କର୍ମସଂସ୍ଥାନକୁ ଆୟ ବୃଦ୍ଧିର ବିରୋଧୀ ବୋଲି ବିଚାର ନ କରି ଆୟବୃଦ୍ଧି ପାଇଁ ଶ୍ରମ ସଞ୍ଚୟନକୁ ବ୍ୟବହାର କରିବା ଉଚିତ୍ ।

ପ୍ରଶ୍ନାବଳୀ :
(କ) ଆୟବୃଦ୍ଧି ନିମିତ୍ତ ଆମକୁ କ'ଣ କରିବାକୁ ପଡିବ ?
(ଖ) ଯୋଜନାର ପ୍ରଗତି ନିମିତ୍ତ କ'ଣ କରିବାକୁ ହେବ ?
(ଗ) କାହା ସମ୍ପର୍କରେ ବିଶେଷ ସମ୍ଭାବନା ନାହିଁ ?
(ଘ) ଯୋଜନାର ସାଧନ ସମସ୍ୟାଟି କ'ଣ ?
(ଙ) ଭାରତୀୟ ଆର୍ଥନୀତିକ ପ୍ରଗତିର ମେରୁଦଣ୍ଡଟି କ'ଣ ?

# SET-3

## (OBJECTIVE)

୧. ଲକ୍ଷ୍ମୀକାନ୍ତଙ୍କ ପୈତୃକ ଗ୍ରାମର ନାମ କ'ଣ ?
କ) ତାଳପଦା ଖ) ରଥପଦା
ଗ) ମଙ୍ଗଳପଦ ଘ) ବରୁଆଁପଦା

୨. କିଏ ଆଜୀବନ ଅକର୍ମା ଓ ଅବିବାହିତ ରହିଥିଲା ?
କ) ଗୋବିନ୍ଦା ଭାଇ ଖ) ସାର ମାଉସୀ
ଗ) ସୀତା ଅପା ଘ) ହରିଭାଇ

୩. ତ୍ୟାଗ ଓ ଆତ୍ମସଂଯମ କେଉଁ ସଭ୍ୟତାର ଆଦର୍ଶ ଥିଲା ?
କ) ମିଶରୀୟ ଖ) ରୋମୀୟ
ଗ) ଭାରତୀୟ ଘ) ମହେଞ୍ଜୋଦାର

୪. ଦେଶୀ ସରକାର କାହା ବଳରେ ଲୋକଙ୍କୁ ଦୂରେଇ ରଖିଛନ୍ତି ?

କ) ଗୋପବନ୍ଧୁ ଖ) ଶ୍ରୀରାମକୃଷ୍ଣ

ଗ) କ୍ଷମତା ଘ) ଇଂରେଜି

୫. 'ଭୋକିଲା ପେଟରେ ଧର୍ମ ଅନାବଶ୍ୟକ' – ଏହି ଉକ୍ତିଟି ବିବେକାନନ୍ଦ କାହାଠାରୁ ଶୁଣିଥିଲେ ?

କ) ଗୋପବନ୍ଧୁ ଖ)ଶ୍ରୀରାମକୃଷ୍ଣ ପରମହଂସ

ଗ) ସନ୍ନ୍ୟାସୀ ଘ) ଗୁରୁଭ୍ରାତା

୬. 'ନରେନ୍ଦ୍ରରୁ ବିବେକାନନ୍ଦ' ପ୍ରବନ୍ଧଟି ପ୍ରାବନ୍ଧିକଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?

କ) ପ୍ରବନ୍ଧ ମାନସ ଖ) ଚିତ୍ର ଗ୍ରୀବ

ଗ) ଛତ୍ରପତି ବିବେକାନନ୍ଦ ଘ) ଅରଣ୍ୟ ଫସଲ

୭. ରାଧାନାଥ ରାୟଙ୍କ ରଚିତ ପ୍ରଥମ ପ୍ରବନ୍ଧର ନାମ କ'ଣ ?

କ) ପ୍ରବନ୍ଧସାର ଖ) ଅଦୃଷ୍ଟବାଦ

ଗ) ବାରବାଟୀ ଘ) ବିବେକୀ

୮. 'ଭୂମାଭୂୟାଁ' ଉପନ୍ୟାସର ଔପନ୍ୟାସିକଙ୍କ ନାମ କ'ଣ ?

କ) ଗୋପୀନାଥ ମହାନ୍ତି ଖ) ସୁରେନ୍ଦ୍ର ମହାନ୍ତି

ଗ) ଗୋପାଳବଲ୍ଲଭ ଦାସ ଘ) ପ୍ରତିଭାରାୟ

୯. 'ସ୍ୱର୍ଗରେ ଇମରଜେନ୍ସି' ଗଳ୍ପର ରଚୟିତା କିଏ ?

କ) ଭୁବନେଶ୍ୱର ବେହେରା ଖ) ହରେକୃଷ୍ଣ ମହତାବ

ଗ) ମନୋଜ ଦାସ ଘ) ଚନ୍ଦ୍ରଶେଖର ରଥ

୧୦. ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ କ'ଣ ?

କ) ଶିଳାପଦ୍ମ ଖ) ଛମାଣ ଆଠଗୁଣ୍ଠ

ଗ) ପଦ୍ମମାଳୀ ଘ) ମାମୁଁ

୧୧. କେଉଁ ମାନଙ୍କ କୁଟୀର ଦ୍ୱାରା ଉତ୍କଳ ପବିତ୍ର ହୋଇଛି ?

କ) ଯୋଗୀ ଋଷିଗଣ ଖ) ମନୁଷ୍ୟ

ଗ) ବୀର ଘ) ରାଜା

୧୨. 'ଭୀମଙ୍କ ସିଂଘନାଦ ରଡି' କବିତାରେ 'ପବନର ସୁତ' କିଏ ?

କ) ହନୁମାନ ଖ) ଭୀମ

ଗ) ଦୁର୍ଯ୍ୟୋଧନ ଘ) ରାବଣ

୧୩. 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାଟି କେଉଁ ରାଗରେ ରଚିତ ?

କ) ଆଶାବରୀ ଖ) ଚୋଖି

ଗ) ବଙ୍ଗଳାଶ୍ରୀ ଘ) ରାମକେରୀ

୧୪. ଅଙ୍ଗଦଙ୍କର ପିତୃବ୍ୟଙ୍କ ନାମ କ'ଣ ?

କ) ସୁଗ୍ରୀବ ଖ) ବାଳୀ

ଗ) ହନୁମାନ ଘ) ଗୁହକ

୧୫. ମହାଦେବ ଶିବ ସିଂଘନାଦ ବାଦ୍ୟକୁ କେତେ ଡର ଭୀମ ରଡ଼ି ସହିବାକୁ ଆଜ୍ଞା ଦେଇଥିଲେ ?

କ) ତିନିଥର ଖ) ଚାରିଥର

ଗ) ପାଞ୍ଚଥର ଘ) ଛଅଥର

୧୬. କାନ୍ତକବି ଉପାଧି କିଏ ପ୍ରାପ୍ତ କରିଥିଲେ ?

କ) ଲକ୍ଷ୍ମୀକାନ୍ତ ମହାପାତ୍ର ଖ) ଗୋପବନ୍ଧୁ ଦାସ

ଗ) ଫକୀରମୋହନ ସେନାପତି

ଘ) ଗୋଦାବରୀଶ ମିଶ୍ର

୧୭. କାହାର ଦେହକୁ ଶ୍ମଶାନ ଗ୍ରାସ କରିଛି ?

କ) କବି ସୂର୍ଯ୍ୟ ବଳଦେବ ରଥ

ଖ) ରାଧାନାଥ ରାୟ

ଗ) ଉତ୍କଳମଣି ଗୋପବନ୍ଧୁ ଦାସ

ଘ) ଗୋଦାବରୀଶ ମିଶ୍ର

୧୯. କେଉଁମାନଙ୍କ ସନ୍ଧାନ ପଥରେ କଣ୍ଟକ ମଥା ଟେକେ ?

କ) ନବୀନ ଯୁଗର ତରୁଣ ଯୁବକ

ଖ) ପୁଞ୍ଜିପତି

ଗ) ଶ୍ରେଣୀ ଦ୍ରୋହୀ ଘ) ସତ୍ୟାଗ୍ରହୀ

୨୦. କବି କେଉଁ ଚାବିକାଠି ଖୋଜି ଦେବା ପାଇଁ ମାଟିକୁ ନିବେଦନ କରିଛନ୍ତି ?

କ) ଜ୍ଞାନର ଖ) ଭାବନାର

ଗ) ସପନର ଘ) ଚେତନାର

୨୧. ଲେଖକ କିଣିଥିବା କାଠର ନାମ କ'ଣ ଥିଲା ?

କ) ଧଅ କାଠ ଖ) ଆମ୍ବ କାଠ

ଗ) ଫାଶୀ କାଠ ଘ) ବଉଳ କାଠ

୨୨. କାହା ପାଦରେ ଚେନାଚେପାରା କାଠ ସବୁ ଫୁଟିଯିବ ବୋଲି ଲେଖକ କହିଲେ ?

କ) କୁକୁରମୋଡି ଖ) ଛେଳି

ଗ) ଚୈନେ ଘ) ଲେଖକଙ୍କ ପୁଅ

୨୩. ଅଶୋକଙ୍କ ଶିଳାଲେଖରେ କେଉଁ ସମ୍ପର୍କରେ କେଉଁଠି କିଛି ଲେଖା ନଥିଲା ?

କ) ପୁରୀ ସହର ଖ) କଳିଙ୍ଗ ରାଜା

ଗ) ମୁସ୍‌ଲିମ୍ ରାଜା ଘ) ଗଡ଼ଜାତ ଅଞ୍ଚଳ

୨୪. ରାଜେଶ୍ବରୀ ଦରବାର କକ୍ଷକୁ କାହା ସହିତ ଆସିଥିଲେ ?

କ) ମହାମନ୍ତ୍ରୀ ଖ) ତାଙ୍କ ପତି

ଗ) କଟୁଆଳ ଘ) ମହାରାଜା

୨୫. ନଟବର କାହାକୁ ତତଲା ଲୁହା କରେଇ ସହ ତୁଳନା କରିଛନ୍ତି ?

କ) ଜୀବନ ଖ) ସଂସାର

ଗ) ନିଜକୁ ଘ) ବାସନ ଧୁଆ ଗୋକା

୨୬. 'ଭାରି ଖଣ ରାଜା' ଠିକ୍ ତା ବୋଉ ପରି'– ଏକଥା କିଏ କହିଛନ୍ତି ?

କ) ଘନଶ୍ୟାମବାବୁ ଖ) ମହାପାତ୍ର

ଗ) ସୁବ୍ରତ ଘ) ପ୍ରୀତି

୨୭. କ୍ୟାପ୍‌ଟେନ୍ ମହାପାତ୍ର କେଉଁଠାରୁ କାର୍ ଡ୍ରାଇଭିଂ କରି ଆସିଥିଲେ ?

କ) ବମ୍ବେ ଖ) କଲିକତା

ଗ) ମାଡ୍ରାସ୍ ଘ) ଦିଲ୍ଲୀ

୨୮. ଚନ୍ଦ୍ରଭାଗାତୀରରେ ରାଜା ନରସିଂହ ଦେବ କାହାକୁ ପ୍ରଣାମ କରୁଥିଲେ ?

କ) ଇଷ୍ଟ ଦେବତା ଖ) ବରୁଣ ଦେବତା

ଗ) ସୂର୍ଯ୍ୟଦେବତା ଘ) ଶନି ଦେବତା

୨୯. ଶେଷରେ ପୋଡ଼ା ଭାଗ୍ୟରେ ଏଇଆ ଥିଲା–ଏହା କାହାର ଉକ୍ତି ?

କ) ଧରମା ଖ) ଶିବେଇ

ଗ) ଧରମା'ର ମାଆ ଘ) ଆଗନ୍ତୁକ

୩୦. ନିଜ ଘରେ ବିଶୁ ମହାରଣା କେତେ ବର୍ଷ ଧରି ଉପସ୍ଥିତ ନଥିଲେ ?

କ) ଚଉଦ ଖ) ପନ୍ଦର

ଗ) ବାର ଘ) ବାଇଶି

୩୧. ''ଖାଇବାର ଦୀର୍ଘତମ ଗିରିପଥ ଅଟେ''– ଏହାର ସଂକ୍ଷେପଣ କାହାର ସାହାଯ୍ୟ ନିଆଯାଇଛି ?

କ) ସମାସ ଖ) ସନ୍ଧି

ଗ) ଉପସର୍ଗ ଘ) ତଦ୍ଧିତ

୩୨. ''ନରହରି ବାବୁ ଭଲ ଭାଷଣ ଦେଇ ପାରନ୍ତି''– ଏହା କି ପ୍ରକାରର ବାକ୍ୟ ?

କ) କର୍ମବାଚ୍ୟ ଖ) କର୍ତ୍ତୃବାଚ୍ୟ

ଗ) ଭାବବାଚ୍ୟ ଘ) ଅର୍ଦ୍ଧ କର୍ମବାଚ୍ୟ

୩୩. ବାକ୍ୟରେ ଥିବା ପଦ ଯୋଜନାକୁ କ'ଣ କୁହାଯାଏ ?

କ) ଅବ୍ୟୟ ଖ) ସର୍ବନାମ

ଗ) ଆସତ୍ତି ଘ) ଯୋଗ୍ୟତା

୩୪. ବାକ୍ୟରେ ଦ୍ଵିକର୍ମଙ୍କ କ୍ରିୟାର ମୁଖ୍ୟ କର୍ମ କେଉଁଠାରେ ବ୍ୟବହାର କରାଯାଏ ?

କ) ମୁଖ୍ୟ କ୍ରିୟା ପରେ ଖ) ଗୌଣ କ୍ରିୟା ପରେ

ଗ) ଗୌଣ କର୍ମ ପରେ ଘ) ଗୌଣ କ୍ରିୟା ପୂର୍ବରୁ

୩୫. ଆଜି କି ଟାଣ ଖରା !– ଏହା କି ପ୍ରକାରର ବାକ୍ୟ ?

କ) ବିବୃତି ସୂଚକ ଖ) ବିସ୍ମୟ ସୂଚକ

ଗ) ନାସ୍ତି ସୂଚକ ଘ) ସମ୍ମତି ସୂଚକ

୩୬. ନିମ୍ନୋକ୍ତ ମଧ୍ୟରୁ କେଉଁ ଶବ୍ଦରେ 'ଣତ୍ୱ' ବିଧି ନିୟମର ଉଲ୍ଲଙ୍ଘନ ଘଟିଛି ?

କ) ମଣାଣି ଖ) କଷଣ

ଗ) ମସୃଣ ଘ) ରସନା

୩୭. ଦେଶଜ ଓ ବୈଦେଶିକ ଶବ୍ଦରେ 'ସ୍' କ'ଣ ହୁଏ ?

କ) 'ଶ' ଖ) 'ଷ'

ଗ) 'ସ' ଘ) 'ଣ'

୩୮. 'ପୁଲିସ୍' – ଏହା ଏକ କି ପ୍ରକାର ଶବ୍ଦ ?

କ) ଦେଶୀୟ ଖ) ସଂସ୍କୃତ

ଗ) ବୈଦେଶିକ ଘ) କଥିତ

୩୯. ଛନ୍ଦ ସାଧାରଣତଃ କେତେ ପ୍ରକାରର ?

କ) ତିନି ଖ) ଚାରି

ଗ) ଦୁଇ ଘ) ଛଅ

୪୦. ଦାଣ୍ଡିବୃତ୍ତର ନିୟମାନୁସାରେ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

କ) ଚାରି ଖ) ବାର

ଗ) ଚଉଦ ଘ) ସମାନ ନୁହେଁ

୪୧. ଚୋଖି ଛାନ୍ଦରେ ଉଚିତ ପଦ୍ୟରେ କେତୋଟି ପାଦରେ ଗୋଟିଏ ପଦ ହୁଏ ?

କ) ଦୁଇ  ଖ) ଚାରି

ଗ) ଛଅ  ଘ) ନଅ

୪୨. ଅନୁପ୍ରାସ ଅଳଙ୍କାରକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

କ) ଦୁଇ  ଖ) ତିନି

ଗ) ଚାରି  ଘ) ପାଞ୍ଚ

୪୩. 'ଶ୍ୱେତାଙ୍ଗ ତମେଇ ଗୁହା ସମୁଦ୍‌ଗତ ନୀର ଭେଦି କିବା ଉଠେ ଐରାବତ''- ଏହା କେଉଁ ଅଳଙ୍କାର ଅନ୍ତର୍ଗତ ?

କ) ରୂପକ  ଖ) ଉପମା

ଗ) ଉତ୍ପ୍ରେକ୍ଷା  ଘ) ଯମକ

୪୪. ନଟବାଣୀ ଛନ୍ଦରେ ରଚିତ କବିତାର ପ୍ରତିପାଦରେ କେତୋଟି ଅକ୍ଷର ଥାଏ ?

କ) ଦଶ  ଖ) ବାର

ଗ) ଆଠ  ଘ) ଚଉଦ

୪୫. କାବ୍ୟରେ ଯାହା ଦ୍ୱାରା ଶବ୍ଦ,, ସରସ ସୁନ୍ଦର ଓ ଶ୍ରୁତି ମଧୁର ହୁଏ ତାହାକୁ କ'ଣ କୁହାଯାଏ ?

କ) ଅର୍ଥାଳଙ୍କାର  ଖ) ଶବ୍ଦାଳଙ୍କାର

ଗ) ଯମକ  ଘ) ଉତ୍ପ୍ରେକ୍ଷା

୪୬. 'ଫଟା କପାଳ' ରୂଢ଼ିର ଅର୍ଥ କ'ଣ ?

କ) ଅଲଣା କଥା  ଖ) ଘୋଷା ବଳଦ

ଗ) ଲୋକ ମୁହଁରେ ଲୁଣ  ଘ) ମନ୍ଦଭାଗ୍ୟ

୪୭. ଅଦା ବେପାରୀର ଜାହାଜ ମୂଲ'- ଏହି ଲୋକବାଣୀଟି କେଉଁ ଅର୍ଥରେ ବ୍ୟବହାର କରାଯାଏ ?

କ) ବିପଦକୁ ଡାକିବା  ଖ) ଅନାଧିକାର ଚର୍ଚ୍ଚା

ଗ) ଅସମ୍ଭବ ସମ୍ଭବ ହେବା

ଘ) ମୋଟାମୋଟି ଦେଖିବା

୪୮. 'ଆ ବଳଦ ମୋତେ ବିନ୍ଧ'- ଏହି ରୂଢ଼ିର ଅର୍ଥ କ'ଣ ?

କ) ବିପଦକୁ ଡାକି ଆଣିବା ଖ) ସର୍ବନାଶ କରିବା

ଗ) ନିବିଡ଼ ସମ୍ପର୍କ  ଘ) ଅରଣ୍ୟ ରୋଦନ କରିବା

୪୯. ଏକା ମାଘକେ ଶୀତ ଯାଏ ନାହିଁ- ଏହି ଲୋକବାଣୀଟି କେଉଁ ଅର୍ଥ ବୁଝାଏ ?

କ) ଅସମ୍ଭବ କଥା କଳନା

ଖ) ଦୁର୍ଯୋଗ କେବଳ ଥରେ ଆସେ ନାହିଁ

ଗ) କ୍ଷୁଦ୍ର ମଧ୍ୟରେ ଭୟଙ୍କରତା

ଘ) ସାମାନ୍ୟ କାମ ପାଇଁ ବହୁ ଶ୍ରମ

୫୦. କେଉଁ ଗାଈର ଗୋବର- ଏହି ଲୋକବାଣୀଟିର ଅର୍ଥ କ'ଣ ?

କ) ଅତି ସାମାନ୍ୟ ବା ତୁଚ୍ଛ

ଖ) କଷ୍ଟେ ମଷ୍ଟେ ବଞ୍ଚି ରହିବା

ଗ) ବିଧି ନିର୍ଦ୍ଦେଶରେ ପରିଚାଳିତ

ଘ) ଜନ୍ମରୁ ଚତୁର

## (SUBJECTIVE)

୧. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଦେଶାନୁସାରେ ଦିଅ । (୫)

(କ) ବିଜ୍ଞାନର ପରିଭାଷା କ'ଣ ? ପଠିତ ପ୍ରବନ୍ଧାନୁସାରେ ବୁଝାଅ ।

କିମ୍ବା, ବିଦେଶୀ ଭାଷାରେ ଶିକ୍ଷା ଦେବାରେ ଅସୁବିଧା ଗୁଡିକ ବର୍ଣ୍ଣନା କର ।

(ଖ) ମନୁଷ୍ୟର ଅତ୍ୟଧିକ ଅହମିକା ଓ କ୍ରୋଧ ହିଁ ପରିଶେଷରେ ତା'ର ବିନାଶର କାରଣ ହୋଇଥାଏ- ପଠିତ କବିତା ଅନୁସାରେ ଲେଖ । (୫)

କିମ୍ବା, କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ପ୍ରକୃତି ମାନବ ଭଳି ସମ୍ବେଦନଶୀଳ- ପଠିତ କବିତାକୁ ଭିତ୍ତି କରି ଆଲୋଚନା କର ।

୨. ସପ୍ରସଙ୍ଗ ସରଳାର୍ଥ ଲେଖ ।

(କ) ''ପ୍ରତିବିମ୍ବ ରାଜି ଦ୍ୱୀପ-ଶୈଳ-ତଳେ (୫)
ସ୍ୱଚ୍ଛାକାରର ମୋତେ ହ୍ରଦ- ଅନ୍ତସ୍ଥଳେ

କିମ୍ବା, ''ଚିରି ଅତୀତର ଜୀର୍ଣ୍ଣ ଜୀବନ
ଦାଗ ଆହେ ଭବିଷ୍ୟତ
ଚୂର୍ଣ୍ଣ କାରରେ ସ୍ପନ୍ଦନ ତବ
ପୀଡନର ଯଉବତ ।''

(ଖ) ''ତିଅଣରେ ଲୁଣ ଭଳି ସାହିତ୍ୟରେ ହାସ୍ୟରସ ଏକାନ୍ତ ଆବଶ୍ୟକ ବୋଲି ସେ ବିଚାରି ଥିଲେ ? (୫)

କିମ୍ବା, ଚିଲ, ଶାଗୁଣା ଖୁବ୍ ଉଚ୍ଚରେ ଉଡନ୍ତି, କିନ୍ତୁ ସେମାନଙ୍କର ଦୃଷ୍ଟି ଥାଏ ତଳେ ଗୋରୁ ମଢ଼ ଉପରେ ।''

୩. ପ୍ରାୟ ୨୦୦ ଶବ୍ଦରେ ଯେକୌଣସି ଗୋଟିଏ ପ୍ରସଙ୍ଗରେ ପ୍ରବନ୍ଧ ଲେଖ । (୧୦)

(କ) ରକ୍ଷାବନ୍ଧନ (ଉପକ୍ରମ–ମୂଳଲକ୍ଷ୍ୟ– ବୈଶିଷ୍ଟ୍ୟ– ଆକର୍ଷଣ–ଉପସଂହାର)

(ଖ) ସଡ଼କ ସୁରକ୍ଷା (ଉପକ୍ରମ–ସଡ଼କର ସାମ୍ପ୍ରତିକ ସ୍ଥିତି– ସଡ଼କ ସୁରକ୍ଷାର ମାର୍ଗ– ଉପସଂହାର)

(ଗ) ତୁମ ଜୀବନର ଲକ୍ଷ୍ୟ (ଉପକ୍ରମ–ନିର୍ଦ୍ଦିଷ୍ଟ ଲକ୍ଷ୍ୟ– ପାରିବାରିକ ପ୍ରଭାବ– ଲକ୍ଷ୍ୟ ସାଧନ ପ୍ରଚେଷ୍ଟା– ଉପସଂହାର)

୪. ଦରଖାସ୍ତ । (୫)

(କ) ତୁମ ଅଞ୍ଚଳର ରାସ୍ତାଘାଟ ମରାମତି ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ । (୫)

କିମ୍ବା, ତୁମ ଅଞ୍ଚଳରେ ନଳକୂପ ବସାଇବା ପାଇଁ ବି.ଡି.ଓଙ୍କ ନିକଟକୁ ଦରଖାସ୍ତ

(ଖ) ପତ୍ର ଲିଖନ । (୫)

କୌଣସି ଦର୍ଶନୀୟ ସ୍ଥାନର ଅନୁଭୂତି ବର୍ଣ୍ଣନା କରି ଦୂରରେ ଥିବା ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

କିମ୍ବା, ମେଟ୍ରିକ୍ ପରୀକ୍ଷା ନିମନ୍ତେ କିପରି ପ୍ରସ୍ତୁତ ହେଉଛି ବର୍ଣ୍ଣନା କରି ପିତାଙ୍କ ନିକଟକୁ ପତ୍ର ଲେଖ ।

୫. ଅନୁଚ୍ଛେଦ ପଢ଼ି ତଳେ ଦିଆଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ଲେଖ ।

[ ୫ × ୨ = ୧୦

ପଲ୍ଲୀ ପରିବେଶରେ ଶିଶୁ ଜୀବନ ଧୂଳିଖେଳ ଠାରୁ ଆରମ୍ଭ ହୁଏ, ସମୟକ୍ରମେ ପଲ୍ଲୀ ବାଳିକା ଶିଶୁ ଜୀବନ ଅତିକ୍ରମ କରି କିଶୋରୀ ଜୀବନରେ ପଦାର୍ପଣ କରେ । ସାଥୀ ମେଳରେ ଅନେକ ମଧୁମୟ ମୁହୂର୍ତ୍ତ ବିତାଇ ସେ ବିବାହଯୋଗ୍ୟ ହୁଏ । ବିବାହର ଆନନ୍ଦମୁଖର ଉତ୍ସବ ଶେଷରେ ତାକୁ ଶାଶୁଘରକୁ ଯିବାକୁ ପଡେ । ଅତି ଆପଣାର ସାଙ୍ଗସାଥୀ, ଆତ୍ମୀୟସ୍ୱଜନ ଓ ନିଜର ଜନ୍ମଦାତ୍ରୀ ମାଆ ପାଖରୁ ସେ ବିଦାୟ ନିଏ । ଏହି ବିଦାୟ ବେଳର ଅଶ୍ରୁସଜଳ କରୁଣଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ । ଝିଅର ଆଖି ଲୁହରେ ମାଆର ପଣତକାନି ଭିଜିଯାଏ ଯେତେ ବୁଝାଇଲେ ବି ଝିଅର ମନ ମାନେନା । ଅମାନିଆ ଆଖି ଲୁହରେ ବନ୍ୟା ସୃଷ୍ଟି ହୁଏ । ବିଧାତାଙ୍କର ଏହା ଏକ ନିଷ୍ଠୁର ବିଧାନ ।

ପ୍ରଶ୍ନାବଳୀ :

(କ) ପଲ୍ଲୀ ବାଳିକା ଶିଶୁ ଜୀବନ ଅତିକ୍ରମ ପରେ ଓ କେଉଁ ଜୀବନରେ ପଦାର୍ପଣ କରେ ?

(ଖ) ପଲ୍ଲୀ ପରିବେଶରେ ଶିଶୁ ଜୀବନ କେଉଁ ଖେଳରୁ ଆରମ୍ଭ ହୁଏ ?

(ଗ) ବନ୍ୟା କିପରି ସୃଷ୍ଟି ହୁଏ ବୋଲି ପ୍ରସଙ୍ଗରେ ବର୍ଣ୍ଣିତ ?

(ଘ) ଝିଅଟି କେଉଁଠୁ ବିଦାୟ ନେଇ ଶାଶୁଘର ଯାଏ ?

(ଙ) ବିବାହ କାହାଙ୍କଦ୍ୱାର ଏକ ନିଷ୍ଠୁର ବିଧାନ ?

# ଓଡିଆ ଗଦ୍ୟ/ପଦ୍ୟ/ଅତିରିକ୍ତ ସାହିତ୍ୟରେ ଶତ ପ୍ରତିଶତ ନମ୍ବର ରଖିବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ବିଶେଷ ସୂଚନା

----------------------------------------x----------------------------------

୧- ପ୍ରଥମେ ପ୍ରସଙ୍ଗଟିକୁ ଭଲ ଭାବରେ ପାଠ କରିବା ।

୨- ପାଠ କରି ସାରିବା ପରେ ପ୍ରସଙ୍ଗଟିକୁ ଲେଖିବା ।

୩- ଲେଖିବା ସମୟରେ ଗାରପକା ଖାତା ବ୍ୟବହାର କରିବା ।

୪- ଲେଖିବା ସମୟରେ ମାତ୍ରା, ଫଳା, ଯୁକ୍ତାକ୍ଷର, ବ୍ୟାକରଣଗତ ଶବ୍ଦକୁ ଠିକକରି ଲେଖିବା ।

୫- ଲେଖି ସାରିବା ପରେ ପେନସିଲ ଦ୍ୱାରା କଷ୍ଟ ଶବ୍ଦ, କ୍ଲିଷ୍ଟ ବିନ୍ଦୁ, ଅଜଣା ତଥ୍ୟ, ବ୍ୟବହାରିକ ବ୍ୟାକରଣ ଗୁଡିକୁ ଚିହ୍ନଟ କରି ଖାତାରେ ଲେଖିବା ।

୬- କ୍ଲିଷ୍ଟ ଅଂଶକୁ ଶିକ୍ଷକ/ଶିକ୍ଷୟିତ୍ରୀ, କିମ୍ବା ଯେ କୌଣସି ମାଧମରେ ସମାଧାନ କରିବା ।

୭- ପ୍ରସଙ୍ଗ ଆଧାରିତ ପ୍ରଶ୍ନ ପ୍ରସ୍ତୁତ କରିବା (ଯଥା- ଜ୍ଞାନ-ବୋଧ-ପ୍ରୟୋଗ-କୌଶଳ) ।

୮- ସରଳାର୍ଥ ହେଉଛି ପ୍ରସଙ୍ଗରେ ନିଜସ୍ୱ ସେଥିରେ ବାହ୍ୟ ସୂଚନା ରହିବା ନାହିଁ ।

୯- ଦୀର୍ଘ ଉତ୍ତର ମୂଳ ପ୍ରଶ୍ନ ଲେଖିବା ସମୟରେ ପ୍ରସଙ୍ଗ ସମ୍ପର୍କିତ ବାହ୍ୟତଥ୍ୟ ପ୍ରଦାନ କରିପାରିବା । ଅଳଙ୍କାରିକ ଲେଖା ଗୁଡିକ ସାହିତ୍ୟ ପାଇଁ ସୁନ୍ଦର ।

୧୦- ଲେଖକଙ୍କ ସମ୍ବନ୍ଧରେ ଜାଣିବା ଏବଂ ଅନ୍ୟାନ୍ୟ ଲେଖାକୁ ସଂଗ୍ରହ କରିବା ।

୧୧- ପ୍ରସଙ୍ଗ ଭିତରେ ଥିବା ଅଳଙ୍କାରିକ ଲେଖାକୁ ପ୍ରଶ୍ନୋତ୍ତର ସମୟରେ ସ୍ଥାନ,କାଳ,ପାତ୍ରକୁ ଦୃଷ୍ଟିରେରଖି ବ୍ୟବହାର କରିବା ।

ବି.ଦ୍ର - ଅଧିକ କିଛି କୌଶଳ ଆବଶ୍ୟକ ଥିଲେ ଶିକ୍ଷକ/ଛାତ୍ର ପ୍ରସଙ୍ଗ ଏବଂ ସମୟାନୁସାରେ ପ୍ରୟୋଗ କରି ପାରିବେ ।

---o---

ASHOK DAS
FOUNDATION

# ଅଶୋକ ଦାସ ଫାଉଣ୍ଡେସନ୍

ଜହ୍ନବଗିର୍ଭ, ଯାଜପୁର
E-mail : ashokdasfoundation0990@gmail.com
Ph. No.- 8249185453